# ଗଙ୍ଗାଧର :
# କବିତା ଓ କବି-ଆତ୍ମା

odia.org

ଦେବେନ୍ଦ୍ର କୁମାର ଦାଶ

# ଗଙ୍ଗାଧର :
# କବିତା ଓ କବି-ଆତ୍ମା

ଦେବେନ୍ଦ୍ର କୁମାର ଦାଶ

ପ୍ରଗତି ଉତ୍କଳ ସଂଘ
ରାଉରକେଲା

**Gangadhar : Kavita O Kavi-Atma** (Criticism)

Author : Debendra Kumar Dash

Publisher : **Pragati Utkal Sangha,**
B/9, Secter-7; Rourkela-769003

Printed at : **Optima (offset) Prints,**
Sutahat, Cuttack-753001

Distributor : **Grantha Mandir,**
Binod Behari, Cuttack-753002

First Edition: 1995

Price : Rs. 95/-

**ଗଙ୍ଗାଧର : କବିତା ଓ କବି-ଆତ୍ମା**

ଲେଖକ : ଦେବେନ୍ଦ୍ର କୁମାର ଦାଶ

ପ୍ରକାଶକ : ପ୍ରଗତି ଉତ୍କଳ ସଂଘ,
ବି/୯, ପଞ୍ଜାବ ମୋହନ ନଗର (ସେକ୍ଟର-୭),
ରାଉରକେଲା-୭୬୯୦୦୩

ମୁଦ୍ରଣ : ଅପ୍ଟିମା (ଅଫ୍‌ସେଟ୍‌) ପ୍ରିଣ୍ଟସ୍‌,
ସୁତାହାଟ, କଟକ-୭୫୩୦୦୧

ପରିବେଷକ : ଗ୍ରନ୍ଥମନ୍ଦିର,
ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ : ୧୯୯୫

ମୂଲ୍ୟ : ଟ୯୫/-

# ସୂଚୀପତ୍ର

## ପ୍ରଥମ ଭାଗ : ଗଙ୍ଗାଧର ଗ୍ରନ୍ଥାବଳୀରେ ଅସଂଗୃହୀତ ରଚନାବଳୀ


୧ । ପ୍ରସ୍ତାବନା ୧-୨୦
୨ । ରସରତ୍ନାକର ୨୧-୪୭
୩ । ବଳରାମ ଦେବ ୪୮-୬୨
୪ । ଦାକ୍ଷିଣାତ୍ୟ ଭ୍ରମଣର ସମାଲୋଚନା ୬୩-୬୪
୫ । ସୁଖସ୍ୱପ୍ନ ୬୫-୬୬
୬ । ପୁଷ୍କରିଣୀ ୬୭-୭୦
୭ । ଚରୁବର ୭୧-୭୨
୮ । ନିଦାଘ ଷଟ୍କ ୭୩-୭୫
୯ । ଚନ୍ଦ୍ର ଶରୀରରେ ଏହା ନୁହେଁ କଳଙ୍କ ୭୬
୧୦ । ଶ୍ରୀରାମଚନ୍ଦ୍ରଙ୍କ ବନପ୍ରସ୍ଥାନ ୭୭-୭୮
୧୧ । କବିତା କଲ୍ଲୋଳର ପରିତ୍ୟକ୍ତ 'ଭୂମିକା' ଓ 'ଉପକ୍ରମଣିକା' ୭୯-୮୦
୧୨ । ଖଣ୍ଡିଏ ପତ୍ରର ଅଂଶ ବିଶେଷ ୮୧
୧୩ । ଉତ୍କଳ ଭାଷାର ଗୌରବ ୮୨
୧୪ । ଶ୍ରାଦ୍ଧପତ୍ର ୮୩
୧୫ । ଟୁଙ୍ଗିଆ ୮୪-୮୬
୧୬ । ଈଶ୍ୱର ସ୍ତୋତ୍ର ୮୭-୮୯


## ଦ୍ୱିତୀୟ ଭାଗ : ଗଙ୍ଗାଧରଙ୍କ କବି-ଆତ୍ମାର ସ୍ୱରୂପ-ସନ୍ଧାନ


୧ । ଭୂମିକା ୯୩-୯୫
୨ । ଭୁଲିଲେ କି ତୁମ୍ଭେ କବି ବଳଦେବ ରଥ ୯୬-୧୨୦
୩ । ଖଣ୍ଡିଏ ପତ୍ରର ବିଶ୍ଳେଷଣ ୧୨୧-୧୩୬
୪ । ଖଣ୍ଡିଏ ଆବେଦନ ପତ୍ର ଓ ତା'ର କ୍ରିୟା-ପ୍ରତିକ୍ରିୟା ୧୩୭-୧୬୩
୫ । ମହାପ୍ରୟାଣ ପରର ଶ୍ରଦ୍ଧାଞ୍ଜଳି ୧୬୪-୧୯୧
୬ । ଗଙ୍ଗାଧର ରଚନାବଳୀ : ସମକାଳୀନ ମୂଲ୍ୟାୟନ ୧୯୨-୨୧୫
୭ । ସମୀକ୍ଷା-ଦର୍ପଣରେ ଗଙ୍ଗାଧର : ସମାଲୋଚନାରେ ଭ୍ରାନ୍ତିମତ । ୨୧୬-୨୩୮
୮ । ଉପସଂହାର ୨୩୯-୨୪୩
୯ । ପରିଶିଷ୍ଟ — ରାଧାନାଥଙ୍କ ଉକ୍ତି : ରାଧାନାଥ ଓ ଗଙ୍ଗାଧର ୨୪୪-୨୬୧
ନିର୍ବାଚିତ ଗ୍ରନ୍ଥପଞ୍ଜୀ ୨୬୨-୨୭୭

# କୃତଜ୍ଞତା ଜ୍ଞାପନ

ଗଙ୍ଗାଧର ଓଡ଼ିଆ ସାହିତ୍ୟର ସର୍ବାଧିକ-ଆଲୋଚିତ ସ୍ରଷ୍ଟାମାନଙ୍କ ମଧ୍ୟରୁ ଅନ୍ୟତମ । ବିଶେଷତଃ, ଗତ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଏଭଳି ଆଲୋଚନା-ପୁସ୍ତକ ବହୁ ସଂଖ୍ୟାରେ ପ୍ରକାଶିତ । 'ଗଙ୍ଗାଧର : କବିତା ଓ କବି-ଆତ୍ମା' ସେହି ଧରଣର ଏକ ସମୀକ୍ଷା-ଗ୍ରନ୍ଥ ନୁହେଁ । ଗଙ୍ଗାଧର ସାହିତ୍ୟର ବ୍ୟାଖ୍ୟା ତଥା ଗଙ୍ଗାଧର ଜୀବନୀର ପୁନଃନିର୍ମାଣ ପାଇଁ ଏହା ଏକ ଭିତ୍ତିଗ୍ରନ୍ଥ । ଗଙ୍ଗାଧରଙ୍କ ଜୀବନ ଓ ସାହିତ୍ୟର ସମୀକ୍ଷକମାନେ ଯେଉଁ କେତେକ ଉପାଦାନକୁ ବିଚାର-ପରିସରକୁ ନେଇନାହାନ୍ତି, ସେଇ ସମସ୍ତ ଉପାଦାନର ସଂଗ୍ରହ, ସଂପାଦନା ଓ ପ୍ରେକ୍ଷିତ-ବିଶ୍ଳେଷଣ ଏହି ପୁସ୍ତକର ଉଦ୍ଦେଶ୍ୟ ।

ଗଙ୍ଗାଧର କେବଳ ଜଣେ କବି ନ ଥିଲେ; ପଶ୍ଚିମ ଓଡ଼ିଶାର ସାହିତ୍ୟିକ ଜାଗରଣ କ୍ଷେତ୍ରରେ ସେ ଥିଲେ ଅଗ୍ରପଥିକ । ଏହି ଭାଷାଗତ ଓ ସାହିତ୍ୟିକ ଜାଗରଣ ହେତୁ ପଶ୍ଚିମ ଓଡ଼ିଶା ଆପଣାକୁ ଓଡ଼ିଆ ସଂସ୍କୃତିର ଅଙ୍ଗ ଭାବରେ ଅନୁଭବ କରିପାରିଥିଲା । ଗଙ୍ଗାଧର କେବଳ ଓଡ଼ିଆ କାବ୍ୟକୁ ସୌନ୍ଦର୍ଯ୍ୟରେ ବିଭୂଷିତ କରିନଥିଲେ; ସାଂସ୍କୃତିକ କ୍ଷେତ୍ରରେ ପ୍ରାକୃତିକ ଓଡ଼ିଶାର ଏକତ୍ୱକୁ ପ୍ରତିଷ୍ଠା ମଧ୍ୟ କରିଥିଲେ । ଗଙ୍ଗାଧରଙ୍କ ଏହି ଭୂମିକାର ବିଶ୍ଳେଷଣ ପୁସ୍ତକଟିରେ ନ ଥିଲେ ବି ତାହାର ଇଂଗିତ ରହିଛି । ସେଥିପାଇଁ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ସଂଭାବନା ଥିବାସତ୍ତ୍ୱେ ରାଉରକେଲାର ପ୍ରଗତି ଉତ୍କଳ ସଂଘ ଏହି ପୁସ୍ତକକୁ ଲୋକଲୋଚନକୁ ଆଣିଛି । ଭିନ୍ନ ଭିନ୍ନ ସମୟରେ ରାଉରକେଲାର ଏହି ସାଂସ୍କୃତିକ ଅନୁଷ୍ଠାନ, ଓଡ଼ିଆ ଜାତୀୟତାର ବିଭିନ୍ନ ଗ୍ରନ୍ଥ ଓ ବ୍ୟକ୍ତିତ୍ୱର ପୁନଃ-ମୂଲ୍ୟାୟନ କରି ପୁନଃ-ନିର୍ମାଣ କରିବାକୁ ଚେଷ୍ଟା କରିଛି । Madhusudan : The Legislator, ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ ତଥା ସତ୍ୟବାଦୀର ନାୟକ : ଗୌରୀଶଙ୍କର ଆଦି ଗ୍ରନ୍ଥର ସଂକଳନ ଓ ପ୍ରକାଶ ଏଭଳି ଉଦ୍ୟମର ଫଳଶ୍ରୁତି । ଏହି ଅବସରରେ ପ୍ରଗତି ଉତ୍କଳ ସଂଘର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର କୃତଜ୍ଞତା ଜଣାଉଛି ।

ଏଭଳି ଏକ ପୁସ୍ତକ ସଂକଳନ ଓ ରଚନାର କାରଣ ହେଉଛନ୍ତି ମୋର ଅନ୍ତରଙ୍ଗ ବନ୍ଧୁ ଓ ପ୍ରଗତି ଉତ୍କଳ ସଂଘର ଉପସଭାପତି ବନ୍ଧୁବର ଶ୍ରୀଚରଣ ମହାନ୍ତି । ପୁସ୍ତକର ରଚନା ଓ ପ୍ରକାଶନ ସହ ମୂଳରୁ ଶେଷ ପର୍ଯ୍ୟନ୍ତ ସେ ସଂପୃକ୍ତ । ସେଥିପାଇଁ କେବଳ ତାଙ୍କୁ ଶ୍ରଦ୍ଧା ବା କୃତଜ୍ଞତା ଜଣାଇଲେ ଅନ୍ୟାୟ ହେବ । ମୋର ଶିକ୍ଷାଗୁରୁ ଓ ଗଙ୍ଗାଧର ସାହିତ୍ୟର ବିଦଗ୍ଧ ସମାଲୋଚକ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ମୋତେ କେବଳ ଉତ୍ସାହ ଗ

ପରାମର୍ଶ ଦେଇଥାନ୍ତି, ଏହି ପୁସ୍ତକ ରଚନା ପାଇଁ କେତେକ ଆବଶ୍ୟକୀୟ ଉପାଦାନ ଆନନ୍ଦର ସହ ଯୋଗାଇ ଦେଇଛନ୍ତି । ତାଙ୍କ ସହ ପୁସ୍ତକରେ ଉପସ୍ଥାପିତ ବିଭିନ୍ନ ସମସ୍ୟା ଆଲୋଚନା କରି ଉପକୃତ ହୋଇଛି । ଗୁରୁପ୍ରତିମ ଓ ସୁସମାଲୋଚକ ଡକ୍ଟର କୃଷ୍ଣଚରଣ ବେହେରା ଏହାର ଦ୍ୱିତୀୟଭାଗ ପାଣ୍ଡୁଲିପି ଅବସ୍ଥାରେ ପାଠକରି ପରାମର୍ଶମାନ ଦେଇଛନ୍ତି । ଏହି ଅବସରରେ ଉଭୟ — ଅଧ୍ୟାପକ ଉଦ୍‌ଗାତା ଓ ଡକ୍ଟର ବେହେରା–ଙ୍କୁ ମୋର ପ୍ରଣାମ । ଡକ୍ଟର ଭାବଗ୍ରାହୀ ମିଶ୍ର, ଡକ୍ଟର ଦାଶରଥି ଦାସ, ପ୍ରଫେସର ରବିଶଙ୍କର ମିଶ୍ର, ଡକ୍ଟର ମହେନ୍ଦ୍ର କୁମାର ମିଶ୍ର, ଡକ୍ଟର ମଣୀନ୍ଦ୍ର କୁମାର ମେହେର, ଶ୍ରୀ ସୁଧୀର କୁମାର ବେହୁରା ଓ କବି ଶ୍ରୀ ଶୈଳେନ୍ଦ୍ର ରବି ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି, ପରାମର୍ଶଦେଇଛନ୍ତି । ଏଥିରେ ବ୍ୟବହୃତ ଅଧିକାଂଶ ଉପାଦାନ ରାଜ୍ୟ ଅଭିଲେଖାଗାର, ରାଜ୍ୟ ସଂଗ୍ରହାଳୟ, ମଧୁସୂଦନ ପାଠାଗାର (ଉତ୍କଳ ସାହିତ୍ୟ ସମାଜ) ଓ ବିଶ୍ୱଭାରତୀ ଗ୍ରନ୍ଥାଗାର (ଶାନ୍ତି ନିକେତନ)ରୁ ସଂଗୃହୀତ । ଏହାର ମୁଦ୍ରଣ କାର୍ଯ୍ୟରେ ବିଶିଷ୍ଟ ପ୍ରକାଶକ ଶ୍ରୀଯୁକ୍ତ ଅଭିରାମ ମହାପାତ୍ର ଓ ଅପଟିମା ପ୍ରିଣ୍ଟର୍ସର ପରିଚାଳକ ଶ୍ରୀମାନ୍ ତପନ କୁମାର ମହାପାତ୍ର ସହଯୋଗ କରିଛନ୍ତି । ସମସ୍ତଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା, ସମ୍ମାନ ଓ କୃତଜ୍ଞତା ଜଣାଉଛି ।

ପୁସ୍ତକର ପାଣ୍ଡୁଲିପି-ପ୍ରସ୍ତୁତିଠାରୁ ଆରମ୍ଭକରି ସମସ୍ତ କାର୍ଯ୍ୟରେ ସହଯୋଗ କରିଛନ୍ତି ମୋର ସ୍ତ୍ରୀ ଶ୍ରୀମତୀ ଗୀତାଞ୍ଜଳି । ତାଙ୍କୁ ବା କି ଧନ୍ୟବାଦ ଦେବି ?

ଏହି ପୁସ୍ତକର ପ୍ରଥମ ଭାଗ ଏକ ନିର୍ଦ୍ଦିଷ୍ଟ ଆବଶ୍ୟକତା ହେତୁ ଅତି ତରବରରେ ମାର୍ଚ୍ଚ, ୧୯୯୪ ମଧ୍ୟରେ ଛପା ହୋଇଥିଲା । ସେଥିପାଇଁ ପ୍ରଥମ ଭାଗରେ ସଂଯୋଜିତ ପ୍ରସ୍ତାବନାରେ କେତେକ ଛୋଟ ଛୋଟ ଭୁଲ୍ ରହିଯାଇଛି । ଯେଉଁଭଳି ଷୋହଳ ପୃଷ୍ଠାରେ ଉଲ୍ଲେଖ ଅଛି ଯେ 'ଅହଲ୍ୟାସ୍ତବ' ୧୮୯୩ରେ ମୁଦ୍ରିତ । ଏହା ୧୮୯୨ ହେବ । ରାଉରକେଲାରେ ରହି କଟକରେ ମୁଦ୍ରଣ କାର୍ଯ୍ୟ ଯଥାଯଥଭାବେ ତଦାରଖ କରିବା ସମ୍ଭବ ହୋଇନାହିଁ । ସେଥିପାଇଁ କେତେକ ବନାନ ଅଶୁଦ୍ଧି ରହିଛି । ଆଲୋଚନା କ୍ରମରେ ଗୁରୁତ୍ୱପ୍ରଦାନ ପାଇଁ କେତେକ ବିଷୟ ବାରମ୍ବାର ଉତ୍‌ଥାପିତ ହୋଇଛି । ପୁନରାବୃତ୍ତି ହେତୁ ସେହି ଅଂଶଗୁଡ଼ିକ ବିରକ୍ତିକର ମନେହୋଇପାରେ । ଅନୁରାଗୀ ପାଠକମାନେ ଏଭଳି ତ୍ରୁଟିକୁ ଉଦାରଭାବରେ ଗ୍ରହଣ କରିବେ ବୋଲି ଆଶା ।

ଶେଷରେ ଗଙ୍ଗାଧର ଜୀବନୀ ଓ ସାହିତ୍ୟର ଏହି ଅପାରଂପରିକ ବିଶ୍ଳେଷଣ ଯଦି କୌଣସି ଆଲୋଚକ/ପାଠକଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି କରିପାରିଲା, ତେବେ ନିଜକୁ ମୁଁ ଗୌରବାନ୍ୱିତ ମନେ କରିବି ।

ଅକ୍ଷୟ ତୃତୀୟା, ୧୪୦୨ — ଦେବେନ୍ଦ୍ର କୁମାର ଦାଶ

# ପ୍ରଥମ ଭାଗ

## ଗଙ୍ଗାଧର ଗ୍ରନ୍ଥାବଳୀରେ ଅସଂଗୃହୀତ ରଚନାବଳୀ

# ପ୍ରସ୍ତାବନା

## ॥ ଏକ ॥

ଗଙ୍ଗାଧରଙ୍କ ସାହିତ୍ୟ—ଅଧ୍ୟୟନ ପାଇଁ ଆକର ଗ୍ରନ୍ଥ ହେଲା 'ଗଙ୍ଗାଧର ଗ୍ରନ୍ଥାବଳୀ'। ବିକ୍ଷିପ୍ତ ଆକାରରେ ପ୍ରକାଶିତ କାବ୍ୟ, କବିତା-ସଂଗ୍ରହ ଓ କ୍ଷୁଦ୍ରକବିତା ଭିତରେ କୌଣସି ଶୃଙ୍ଖଳିତ କୃତି-କଳନା ଅସାଧ୍ୟ। କୌଣସି ଲେଖକଙ୍କର ରଚନାର ଅଖଣ୍ଡ ରୂପ ଓ ତା'ର ଐତିହାସିକ ପୃଷ୍ଠଭୂମି ସଂପର୍କରେ ସଚେତନ ନହେଲେ, ତାଙ୍କ ସାହିତ୍ୟର ବିଶ୍ଳେଷଣ କଲେ; ସେହି ବିଶ୍ଳେଷଣ ଭ୍ରମପରିପୁଷ୍ଟ ହେବାକୁ ବାଧ୍ୟ। ରାଧାନାଥ ଓ ମଧୁସୂଦନଙ୍କ ଗ୍ରନ୍ଥାବଳୀର ପ୍ରକାଶନ ଏହି ଶତକର ପ୍ରଥମ ଦୁଇ ଦଶକ ମଧ୍ୟରେ ସମ୍ଭବପର ହୋଇଥିଲା। କିନ୍ତୁ ଗଙ୍ଗାଧର ରଚନାବଳୀର ଏକ ସାମଗ୍ରିକ ସଂକଳନ ୧୯୫୧ ମସିହା ପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନଥିଲା। କବିଙ୍କର ଜୀବଦ୍ଦଶାରେ ଓ 'ତପସ୍ୱିନୀ', 'ପ୍ରଣୟ ବଲ୍ଲରୀ' ପ୍ରଭୃତି ପ୍ରମୁଖ କାବ୍ୟ ପ୍ରକାଶିତ ହେବା ପୂର୍ବରୁ, ତାଙ୍କର ଅନ୍ୟତମ ଉତ୍ସାହଦାତା ସ୍ୱର୍ଗତଃ ବ୍ରଜମୋହନ ପଣ୍ଡା 'ଗଙ୍ଗାଧର ଗ୍ରନ୍ଥାବଳୀ' ସଂକଳନ ସମ୍ପର୍କରେ ଏକ ଆବେଦନ ପତ୍ର ତା. ୨୭।୧।୧୯୧୨ରିଖ ସମ୍ବଲପୁର ହିତୈଷିଣୀରେ ପ୍ରକାଶ କରି ଲେଖିଥିଲେ— "କବି ଗଙ୍ଗାଧରଙ୍କ ରଚିତ କାବ୍ୟ, ଖଣ୍ଡକାବ୍ୟ ଓ ଅନ୍ୟାନ୍ୟ କବିତାମାନଙ୍କରୁ କେତୋଟି ମାତ୍ର ପୁସ୍ତିକାକାରରେ ପ୍ରକାଶିତ ହୋଇଅଛି। ଅବଶିଷ୍ଟ ପ୍ରକାଶ କରିବା ଯେ ଏକାନ୍ତ କର୍ତ୍ତବ୍ୟ ତାହା ତାଙ୍କର କାବ୍ୟ ପାଠକେ ଉତ୍ତମ ରୂପେ ଜାଣି ପାରୁଥିବେ। ଆଜି ପର୍ଯ୍ୟନ୍ତ ତାହାଙ୍କ ରଚିତ ସମସ୍ତ କବିତା ପ୍ରାୟ ୬୦୦୦ ପଂକ୍ତିରୁ ନ୍ୟୂନ ନୁହେଁ, ସେସବୁ ଯଦି ଏକାକାରରେ ପ୍ରକାଶିତ ହୁଅନ୍ତା, ତା'ହେଲେ ଗୋଟିଏ ସୁନ୍ଦର ଗ୍ରନ୍ଥାବଳୀ ହୁଅନ୍ତା ଏବଂ ଅପରପକ୍ଷରେ ଉତ୍କଳ ଭାରତୀଙ୍କର ଗୋଟିଏ ଅମୂଲ୍ୟ ରତ୍ନ ପେଟିକା ମଧ୍ୟ ହୁଅନ୍ତା।" (୨୩।୧୫, ପୃ. ୫୮) ହିତୈଷିଣୀର ସଂପାଦକ ଏଭଳି ପ୍ରସ୍ତାବକୁ ସମର୍ଥନ କଲେ ମଧ୍ୟ ନୀଳମଣି ବିଦ୍ୟାରତ୍ନ ଗ୍ରନ୍ଥାବଳୀ ପ୍ରକାଶ ପ୍ରସ୍ତାବକୁ ନାପସନ୍ଦ କରି ଲେଖିଥିଲେ— "ଗଙ୍ଗାଧର 'ଗ୍ରନ୍ଥାବଳୀ' ଏବେ ପ୍ରକାଶ କରିବାର ଚେଷ୍ଟା କାହିଁକି? ସେ କି ପରେ ଆଉ କିଛି ରଚନା କରିବେ ନାହିଁ? ସେତେବେଳେ କ'ଣ 'ଗ୍ରନ୍ଥାବଳୀ ଦ୍ୱିତୀୟ ଭାଗ' ବୋଲି ପ୍ରକାଶ କରିବାକୁ ହେବ? ମୋ ମତରେ ସମସ୍ତ ପୁସ୍ତକ ଏକ ଖଣ୍ଡରେ ପ୍ରକାଶ କଲେ ମୂଲ୍ୟାଧିକ

ହେତୁ ପ୍ରଚାରରେ ବାଧା ଘଟିବ, ... ଏଣୁ ଆମ୍ଭ ମତରେ ବର୍ତ୍ତମାନ ଗଙ୍ଗାଧର ବାବୁଙ୍କ କାବ୍ୟମାନ ସେହିପରି ଖଣ୍ଡ ଖଣ୍ଡ ହୋଇ ମୁଦ୍ରିତ ହେବା ଉଚିତ।'' (ସମ୍ବଲପୁର ହିତୈଷିଣୀ ୨୩।୧୯, ପୃ. ୬୫) ଏଭଳି ବାଦ-ବିସମ୍ବାଦ ମଧ୍ୟରେ ସ୍ୱର୍ଗତ ପଣ୍ଡାଙ୍କ ପ୍ରସ୍ତାବ, ପ୍ରସ୍ତାବ ମାତ୍ର ହୋଇରହିଗଲା।

ଅନୁରୂପ ଭାବରେ ଗଙ୍ଗାଧର ସାହିତ୍ୟ ଓ ଜୀବନୀ ସଂପର୍କରେ ସମୀକ୍ଷାମୂଳକ ଆଲୋଚନା ଥିଲା ସ୍ୱଳ୍ପ। ଏହି ସ୍ୱଳ୍ପ ପରିମାଣ ଆଲୋଚନା ଭିତରେ ନୀଳମଣି ବିଦ୍ୟାରତ୍ନଙ୍କ ଗଙ୍ଗାଧର ପ୍ରସଙ୍ଗ (ଉତ୍କଳ ସାହିତ୍ୟ ୨୮।୧), ପଣ୍ଡିତ ରାଘବ ମିଶ୍ରଙ୍କ ମେହେର କବି (ଉତ୍କଳ ସାହିତ୍ୟ ପ୍ରେସ୍, ୧୯୨୫), ହରିଶ୍ଚନ୍ଦ୍ର ବଡ଼ାଳଙ୍କ ତପସ୍ୱିନୀ କାବ୍ୟରେ ପ୍ରକୃତିର ଭୂମିକା ସଂପର୍କରେ ଲିଖିତ ପ୍ରବନ୍ଧ 'ସମାଲୋଚନାରେ କୃତ୍ରିମତା' (ସହକାର ୧୪।୮) ଓ ଡକ୍ଟର ମାୟାଧର ମାନସିଂହଙ୍କ ମେହେରଙ୍କ ମହତ୍ତ୍ୱ (ପ୍ରଥମେ ଶଙ୍ଖ ୨।୧ରେ ପ୍ରକାଶିତ) ଇତ୍ୟାଦି ଆଲୋଚନାକୁ ସ୍ମରଣ କରାଯାଇପାରେ। ଏ ସମସ୍ତ ପ୍ରବନ୍ଧ ମଧ୍ୟରେ ଡକ୍ଟର ମାନସିଂହଙ୍କ 'ମେହେରଙ୍କ ମହତ୍ତ୍ୱ' ଗଙ୍ଗାଧର ସାହିତ୍ୟ-ଆଲୋଚନାରେ ଏକ ମାଇଲ ଖୁଣ୍ଟ। ଗଙ୍ଗାଧରଙ୍କ ଜୀବନକାଳ ମଧ୍ୟରେ ଉପଯୁକ୍ତ ପୃଷ୍ଠପୋଷକ ଓ ପ୍ରକାଶକର ଅଭାବ ତାଙ୍କ ରଚନାବଳୀର ପ୍ରକାଶନ-କ୍ଷେତ୍ରରେ ଯେଭଳି ସମସ୍ୟା ସୃଷ୍ଟି କରିଥିଲା, ତାଙ୍କ ମୃତ୍ୟୁ ପରେ ମଧ୍ୟ ସେହି ଅଭାବ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ପ୍ରକାଶକୁ ବିଳମ୍ବିତ କରିଥିଲା।

କବିଙ୍କ ମୃତ୍ୟୁର ଛବିଶ ବର୍ଷ ପରେ ୧୯୫୧ ମସିହାରେ ତାଙ୍କର ପୁତ୍ର ସ୍ୱର୍ଗତ ଭଗବାନ ମେହେର କବିଙ୍କର ରଚନାବଳୀକୁ ଏକତ୍ର ସଂକଳନ କରି 'ଗଙ୍ଗାଧର ଗ୍ରନ୍ଥାବଳୀ' ରୂପରେ ପ୍ରକାଶ କରିଥିଲେ। ଏହାର ଭୂମିକାରେ ସେ ଲେଖିଥିଲେ— ''ଏହା [ଗ୍ରନ୍ଥାବଳୀର ପ୍ରକାଶକାର] ମୋ ପରି ଅକ୍ଷମ ବ୍ୟକ୍ତି ପକ୍ଷରେ ଅବଶ୍ୟ ଦୁରୂହ ବ୍ୟାପାର ବୋଲିବାକୁ ହେବ। ତଥାପି ପିତୃ-ପ୍ରସାଦରେ ତାଙ୍କ ଦତ୍ତ ଦାୟିତ୍ୱ ତୁଲାଇବାକୁ ଯଥାସାଧ୍ୟ ଯତ୍ନ କରିଅଛି।'' (ଗ୍ରନ୍ଥାବଳୀ-ପ୍ରଥମ ସଂସ୍କରଣର ଭୂମିକା) ସ୍ୱାଭାବିକ ଭାବରେ ଜଣେ ପିତୃ-ଭକ୍ତ ପୁତ୍ରର ଭକ୍ତି ଓ ସମ୍ମାନ ବୋଧ ତଥା ପିତୃ-ପ୍ରସାଦରୁ ଲାଭ କରିଥିବା ସାହିତ୍ୟ-ବୋଧ 'ଗଙ୍ଗାଧର ଗ୍ରନ୍ଥାବଳୀ'ରେ ଯେଭଳି ଭାବେ ପ୍ରକାଶିତ— ସେହି ପରିମାଣରେ ଗଙ୍ଗାଧରଙ୍କ ସମଗ୍ର ରଚନାବଳୀର ସଂକଳନ ଓ ସଂପାଦନା ପାଇଁ ଆବଶ୍ୟକ ବୈଜ୍ଞାନିକ ଦୃଷ୍ଟିକୋଣର ଅଭାବ ଏହାର ସଜ୍ଜୀକରଣ ଓ ଉପସ୍ଥାପନରେ ପରିଦୃଷ୍ଟ। କବିଙ୍କର ରଚନାଗୁଡ଼ିକ ତ କାଳାନୁକ୍ରମିକ ସଜ୍ଜିତ ହୋଇ ନଥିଲା; ତା' ସହିତ ଗୋଟିଏ ନିର୍ଦ୍ଦିଷ୍ଟ ରଚନାର କେଉଁ ସଂସ୍କରଣର ପାଠକୁ ସେ ଗ୍ରହଣ କରିଛନ୍ତି ଓ କାହିଁକି— ତାହାର ସୂଚନା ମଧ୍ୟ ଗ୍ରନ୍ଥାବଳୀରେ ଦିଆଯାଇ ନଥିଲା। କାବ୍ୟଗୁଡ଼ିକ ଭଗବାନ ବାବୁଙ୍କ ଦୃଷ୍ଟିକୋଣରୁ ଯେଉଁ ଆପେକ୍ଷିକ ମୂଲ୍ୟର ଅଧିକାରୀ, ସେହି ଅନୁସାରେ ସଜ୍ଜିତ ହୋଇଥିଲା— ତାହାର ସୂଚନା ମଧ୍ୟ ସେ ଦେଇ ନଥିଲେ। 'କବିତା କଲ୍ଲୋଳ'ର ମୁଖବନ୍ଧ ରୂପେ ପ୍ରକାଶିତ ନନ୍ଦକିଶୋରଙ୍କ

ପତ୍ରକୁ ସେ ବାଦ ଦେଇଥିଲେ। କବି-ପୁତ୍ରଙ୍କର ଯଥାସାଧ୍ୟ ଉଦ୍ୟମ ଓ ଯତ୍ନ ସତ୍ତ୍ୱେ କବିଙ୍କର କେତେକ ରଚନା ଗଙ୍ଗାଧର ଗ୍ରନ୍ଥାବଳୀରେ ସ୍ଥାନିତ ହୋଇ ପାରିନଥିଲା। ତାଙ୍କ ପାଇଁ ଗଙ୍ଗାଧରଙ୍କର ଯେଉଁସବୁ ରଚନା ସୁଲଭ ଥିଲା ଓ ଯେଉଁସବୁ ରଚନାକୁ ଗଙ୍ଗାଧରଙ୍କ କବି ପ୍ରତିଭାର ଉପଯୁକ୍ତ ବୋଲି ସେ ମଣିଥିଲେ, ସେଗୁଡ଼ିକୁ ସେ ଗ୍ରନ୍ଥାବଳୀରେ ସଂଯୋଜିତ କରିଥିଲେ। ଓଡ଼ିଆ ସାହିତ୍ୟର ପ୍ରକାଶନ-ଇତିହାସରେ ସଂପାଦନାର ଉପଯୁକ୍ତ ଆଦର୍ଶର ଅଭାବ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ଏଭଳି ଅସଂପୂର୍ଣ୍ଣ ଓ ଅବୈଜ୍ଞାନିକ ସଂକଳନର କାରଣ ଥିଲା। ଭଗବାନ ବାବୁଙ୍କର ସୀମିତ ଯୋଗ୍ୟତା ଓ ଆଦର୍ଶର ଅଭାବ ହେତୁ 'ଗଙ୍ଗାଧର ଗ୍ରନ୍ଥାବଳୀ' ଅସଂପୂର୍ଣ୍ଣ ଆକାରରେ ପ୍ରକାଶିତ ହୋଇଥିଲା। ଏହି ଅସଂପୂର୍ଣ୍ଣ ଗ୍ରନ୍ଥାବଳୀକୁ ଆଶ୍ରୟ କରି ଶ୍ରୀଯୁକ୍ତ କେଶବ ଚନ୍ଦ୍ର ମେହେର ପ୍ରମୁଖ ମେହେର ସାହିତ୍ୟର ଯେଉଁ ଅଧ୍ୟୟନ ଆରମ୍ଭ କଲେ, ସେହି ଅଧ୍ୟୟନ ଅନେକାଂଶରେ ଏକ ପାର୍ଶ୍ୱିକ ହେବାକୁ ବାଧ୍ୟ ହୋଇଥିଲା।

୧୯୫୧ରେ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ପ୍ରକାଶ ପରେ ତଥା ସମକାଳରେ ଗଙ୍ଗାଧରଙ୍କ କାବ୍ୟ କବିତା ସ୍କୁଲ କଲେଜର ପାଠ୍ୟ-ପୁସ୍ତକ ତାଲିକାରେ ସ୍ଥାନ ପାଇବା ଫଳରେ ଗଙ୍ଗାଧରଙ୍କ କବି ମାନସ ଅଧ୍ୟୟନର ବ୍ୟାପକ ପ୍ରଚେଷ୍ଟା ପରିଲକ୍ଷିତ ହେଲା। କୌଣସି କବି-ବ୍ୟକ୍ତିତ୍ୱ ଅଧ୍ୟୟନରେ ପ୍ରଥମ ଉପାଦାନ ହେଲା— ତାଙ୍କର ଡାଏରୀ, ଚିଠିପତ୍ର, ଆତ୍ମଜୀବନୀ ଇତ୍ୟାଦି। ୧୯୫୫ ମସିହାରେ ଐତିହାସିକ ଶିବପ୍ରସାଦ ଦାଶ, ଗଙ୍ଗାଧର ତାଙ୍କର ଅନୁଜ ପ୍ରତିମ ଓ ଉତ୍ସାହ-ଦାତା ବ୍ରଜମୋହନ ପଣ୍ଡାଙ୍କ ନିକଟକୁ ୧୯୦୯ ମସିହାରୁ ୧୯୧୬ ମସିହା ମଧ୍ୟରେ ଲେଖିଥିବା ପତ୍ରାବଳୀ, 'ଗଙ୍ଗାଧର ପତ୍ରାବଳୀ' ଶୀର୍ଷକରେ ପ୍ରକାଶ କଲେ। ଏହି 'ଗଙ୍ଗାଧର ପତ୍ରାବଳୀ' ତା'ର ଅଜସ୍ର ଦୁର୍ବଳତା ଓ ଅସଂପୂର୍ଣ୍ଣତା ସତ୍ତ୍ୱେ ଗଙ୍ଗାଧର ସାହିତ୍ୟ-ଅଧ୍ୟୟନରେ ଦିଗନ୍ତକୁ ବହୁ ପ୍ରସାରିତ କଲା। ଐତିହାସିକ ଦାଶ ଏଥିରେ ସଂଯୋଜିତ କରିଥିବା ଭୂମିକାଟି ବହୁ ଭ୍ରମ-ପ୍ରମାଦପୂର୍ଣ୍ଣ ହେଲେ ବି ପରବର୍ତ୍ତୀ ଆଲୋଚକମାନଙ୍କ ଅବଶ୍ୟ ପଠନୀୟ ହୋଇ ରହିଛି। କିନ୍ତୁ ଏହି ପତ୍ରାବଳୀର ସଂପାଦନା, ପ୍ରତ୍ୟେକ ଚିଠି ପଛଆଡ଼େ ଥିବା ପୃଷ୍ଠଭୂମି ଓ ସେଗୁଡ଼ିକର ତାତ୍ପର୍ଯ୍ୟ-ବିଶ୍ଳେଷଣ ପ୍ରତି ଦାଶ ମହାଶୟ ଉପଯୁକ୍ତ ଦୃଷ୍ଟି ଦେଇ ନାହାନ୍ତି। ତେଣୁ ଗଙ୍ଗାଧର ରଚନାବଳୀର ଏକାଂଶ, ପତ୍ରାବଳୀର, ସଂଗ୍ରହ ଓ ସଂପାଦନା କାର୍ଯ୍ୟ ମଧ୍ୟ 'ଗଙ୍ଗାଧର ଗ୍ରନ୍ଥାବଳୀ' ଭଳି ଅପୂର୍ଣ୍ଣ ଓ ଅବୈଜ୍ଞାନିକ କାର୍ଯ୍ୟ ହୋଇ ରହିଛି। ଐତିହାସିକ ଦାଶଙ୍କୁ ବିହିତ ସମାଲୋଚନା କରି ଶ୍ରୀ ନନ୍ଦ କିଶୋର ପଟେଲ୍ ଏ ପ୍ରସଙ୍ଗରେ ଯାହା ଲେଖିଛନ୍ତି, ତାହା ସୂଚନାଯୋଗ୍ୟ—

"...ଶିବବାବୁ ସେ ସବୁ (କବିଙ୍କର ଅନ୍ୟାନ୍ୟ ପତ୍ର) ସଂଗ୍ରହ କରିବାର ଦୁରୂହ ଆଶାପୋଷଣ ନକରି ବା ଆୟାସ ସହ୍ୟ କରି ନପାରି ପୁଷ୍ଟରେ ସୁଟରେ ଯେତିକି ହୋଇପାରିଲା ସେତିକି ମାତ୍ର ସମୟ ବ୍ୟୟ କରି ବୋଧହୁଏ ଅଯଥା ନିବୃତ୍ତି ପାଇ ଯାଇଛନ୍ତି।" (ଗଙ୍ଗାଧରୀୟ ପତ୍ରାବଳୀ— ଗଙ୍ଗାଧର ସ୍ମରଣିକା, ୧୯୬୨,

ପୃ. ୪୨) ଏଭଳି ଅବୈଜ୍ଞାନିକ ସଂପାଦନା ଫଳରେ 'ଗଙ୍ଗାଧର ଗ୍ରନ୍ଥାବଳୀ' ଗଙ୍ଗାଧର ସାହିତ୍ୟ ଅଧ୍ୟୟନ ଅପେକ୍ଷା ବ୍ରଜମୋହନ ପଣ୍ଡାଙ୍କର ଗୌରବ ବୃଦ୍ଧିରେ ଅଧିକ ସହାୟକ ହୋଇଛି— ଗଙ୍ଗାଧରଙ୍କ ସଂପର୍କରେ ନାନା ବିଭ୍ରାନ୍ତି-ସୃଷ୍ଟିର କାରଣ ହୋଇଛି।

ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟତମ ଗବେଷକ ଓ ସମାଲୋଚକ ଡକ୍ଟର ନଟବର ସାମନ୍ତରାୟ ଗଙ୍ଗାଧର ସାହିତ୍ୟର ଐତିହାସିକ ଅନୁଶୀଳନ ଓ ଗଙ୍ଗାଧରଙ୍କ କବି-ବ୍ୟକ୍ତିତ୍ୱର ବିକାଶଧାରା ପ୍ରଦର୍ଶନ ପାଇଁ, ତାଙ୍କର ଅଧ୍ୟୟନକୁ 'ଗଙ୍ଗାଧର ଗ୍ରନ୍ଥାବଳୀ'ରେ ସୀମାବଦ୍ଧ ରଖିନଥିଲେ। ସାମୟିକ ପତ୍ର ପତ୍ରିକାରେ ପ୍ରକାଶିତ ଗଙ୍ଗାଧରଙ୍କ ରଚନାବଳୀକୁ ଗ୍ରନ୍ଥାବଳୀ ସହ ସମନ୍ୱିତ କରି ଅଧ୍ୟୟନ କଲାବେଳେ, ଗ୍ରନ୍ଥାବଳୀରେ ସଂଗୃହୀତ / ସଂକଳିତ ହୋଇ ନଥିବା କେତୋଟି ରଚନାର ସେ ସନ୍ଧାନ ପାଇଥିଲେ। ଗଙ୍ଗାଧରଙ୍କ ବହୁ ଶାସ୍ତ୍ର-ଦର୍ଶିତା, ପାଣ୍ଡିତ୍ୟ ଓ ଜାତୀୟ-ଆନ୍ଦୋଳନରେ ସେ ଗ୍ରହଣ କରିଥିବା ଭୂମିକାର ପରିଚୟ ପାଇଁ ଏହି ଅସଂକଳିତ ରଚନାଗୁଡ଼ିକର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ସେଥିମଧ୍ୟରୁ ବ୍ୟାକରଣ ସଂପର୍କିତ ଗଙ୍ଗାଧରଙ୍କ ଦୁଇଟି ଗଦ୍ୟ ରଚନା— 'ଚ' ଭେଦ ତଥା 'ଶ ଓ ରୁ' ଭେଦ''— ଡକ୍ଟର ସାମନ୍ତରାୟଙ୍କ ଦ୍ୱାରା 'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରୁ ସଂଗୃହୀତ ହୋଇ ନଗର ପତ୍ରିକାରେ ପୁନର୍ମୁଦ୍ରିତ ହୁଏ। (ଜାନୁଆରୀ, ୧୯୫୭)। ଦୁଇବର୍ଷ ପରେ ସେହି 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ ଦୁଇଟି କବିତା— 'ଭାରତୀ ରୋଦନ' ଓ 'ଉତ୍କଳ ଭାରତୀଙ୍କ ନିବେଦନ'—କୁ ସଂଗ୍ରହ କରି ଡକ୍ଟର ସାମନ୍ତରାୟ 'କିଶଳୟ' ପତ୍ରିକାରେ (ସେପ୍ଟେମ୍ବର, ୫୯) ରେ ପୁନଃ-ପ୍ରକାଶ କରିଥିଲେ। ସମ୍ବଲପୁରରେ ହିନ୍ଦୀ ଭାଷା ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନରେ ଗଙ୍ଗାଧର ଗ୍ରହଣ କରିଥିବା ଭୂମିକା, ଏହି କବିତା ଦୁଇଟିରୁ ସ୍ପଷ୍ଟ। ଗଙ୍ଗାଧରଙ୍କର ବହୁ ଲେଖା ଯେ ଗ୍ରନ୍ଥାବଳୀ ବାହାରେ ପୁରୁଣା ପତ୍ରିକା ପୃଷ୍ଠାରେ ରହିଯାଇଛି, ଅଧ୍ୟାପକ ସାମନ୍ତରାୟଙ୍କ ସଂଗ୍ରହ-ଉଦ୍ୟମରୁ ତାହା ସ୍ପଷ୍ଟ।

ଡକ୍ଟର ସାମନ୍ତରାୟଙ୍କ ଗବେଷଣା-କାର୍ଯ୍ୟର ସମକାଳରେ ଡକ୍ଟର ଅସିତ କବିଙ୍କର 'ଓଡ଼ିଆ ସାହିତ୍ୟରେ ଗଙ୍ଗାଧର' ପୁସ୍ତକ ପ୍ରକାଶ ପାଏ। (୧୯୫୯ ମସିହା) ଏହି ପୁସ୍ତକରେ ଅଧ୍ୟାପକ କବି ଗଙ୍ଗାଧରଙ୍କୁ ଜଣେ ଭକ୍ତର ଦୃଷ୍ଟିନେଇ ଦେଖିଛନ୍ତି ଓ ଗଙ୍ଗାଧର ସାହିତ୍ୟର ପ୍ରସାର ପାଇଁ ନିସକାରୀ ମନୋବୃତ୍ତି ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀଯୁକ୍ତ କେଶବ ଚନ୍ଦ୍ର ମେହେର ଓ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା ଆରମ୍ଭ କରିଥିବା ମେହେର ସାହିତ୍ୟର ବ୍ୟାଖ୍ୟାତ୍ମକ ଓ ଉପାସନାତ୍ମକ ଅନୁଶୀଳନ ଏଥିରେ ଅବ୍ୟାହତ ରହିଛି। ତା' ସହିତ ଅଧ୍ୟାପକ କବି ଗଙ୍ଗାଧର ସାହିତ୍ୟର ସଂଗ୍ରହ ଓ ସଂପାଦନା କ୍ଷେତ୍ରରେ ଥିବା ଅସଂପୂର୍ଣ୍ଣତା ପ୍ରତି, ଏହି ପୁସ୍ତକରେ, ଦୃଷ୍ଟିପାତ କରିଛନ୍ତି। 'ଗ୍ରନ୍ଥାବଳୀରେ ଅପ୍ରକାଶିତ କେତୋଟି କୃତି' ଅଧ୍ୟାୟରେ ସେ କବି-ପୁତ୍ରଙ୍କ ଦ୍ୱାରା ସଂପାଦିତ ଓ ପ୍ରକାଶିତ 'ଗ୍ରନ୍ଥାବଳୀ'ର ଅପୂର୍ଣ୍ଣତାର ସୂଚନା ଦେଇ ଲେଖିଛନ୍ତି— ''ଅତ୍ୟନ୍ତ ପରିତାପର ବିଷୟ 'ଗଙ୍ଗାଧର ଗ୍ରନ୍ଥାବଳୀ'ରେ କବି ଗଙ୍ଗାଧରଙ୍କ ଲିଖିତ

ସମସ୍ତ କବିତା ପ୍ରକାଶିତ ହୋଇନାହିଁ। ତେଣୁ କବିଙ୍କର କୃତି ସଂପର୍କରେ ପାଠକ ପାଠିକା ତଥା ଗବେଷକମାନଙ୍କୁ ଏକ ପୂର୍ଣ୍ଣାଙ୍ଗ ଧାରଣା ଦେବାର 'ଗ୍ରନ୍ଥାବଳୀ'ର ଯେଉଁ ଦାୟିତ୍ୱ ରହିଛି ତାହା ପୂର୍ଣ୍ଣ ଭାବରେ ସମ୍ପାଦିତ ହୋଇ ପାରିନାହିଁ। × × 'ଗଙ୍ଗାଧର ଗ୍ରନ୍ଥାବଳୀ'ରେ ଗଙ୍ଗାଧରଙ୍କ ଲିଖିତ 'ରସ ରତ୍ନାକର' ଏବଂ ଶାର୍ଦ୍ଦୁଳ ବିକ୍ରୀଡ଼ିତ ଛନ୍ଦରେ ଲିଖିତ ଅହଲ୍ୟାସ୍ତବ ପ୍ରକାଶିତ ହୋଇନାହିଁ।" (ଓଡ଼ିଆ ସାହିତ୍ୟରେ ଗଙ୍ଗାଧର, ପୃ. ୧୩୮) ଏଭଳି ବକ୍ତବ୍ୟ ଦେଇ ସାରିଲା ପରେ ମେହେର ସାହିତ୍ୟର ଆଲୋଚନା କ୍ଷେତ୍ରରେ ମାର୍ଗ ନିର୍ଦ୍ଦେଶ ପାଇଁ 'ପ୍ରଜାଶକ୍ତି' ପତ୍ରିକାର ଗଙ୍ଗାଧର ବିଶେଷାଙ୍କରେ ପ୍ରକାଶିତ 'ରସ ରତ୍ନାକର'ର ଖଣ୍ଡିତାଂଶରୁ ଦ୍ୱିତୀୟ ଛାନ୍ଦର କେତେକ ପଦ ଓ ଶାର୍ଦ୍ଦୁଳ ବିକ୍ରୀଡ଼ିତ ଛନ୍ଦରେ ଲିଖିତ ପ୍ରଥମ ସଂସ୍କରଣ 'ଅହଲ୍ୟାସ୍ତବ'ର ପ୍ରଥମ ଦୁଇପଦ ସେ ଉଦ୍ଧାର କରିଛନ୍ତି। ତାଙ୍କର ନୂତନ ସଂଗ୍ରହ ଗଙ୍ଗାଧର-ସମୀକ୍ଷା କ୍ଷେତ୍ରରେ କିଛି ନୂତନତା ନଆଣିଲେ ମଧ୍ୟ ଗଙ୍ଗାଧର ସାହିତ୍ୟ ସଂପର୍କରେ ବୃହତ୍ତର ପାଠକ ଗୋଷ୍ଠୀକୁ ସଚେତନ କରେ।। ୧ ।

ମେହେରଙ୍କ ରଚନାବଳୀର ଏକ କାଳାନୁକ୍ରମିକ ରଚନାପଞ୍ଜି ପ୍ରସ୍ତୁତ ହୋଇ ନଥିବାରୁ ୧୯୬୦ ମସିହା ପର୍ଯ୍ୟନ୍ତ ମେହେର ସାହିତ୍ୟର ସମସ୍ତ ଆଲୋଚନା ବିଶେଷ କାବ୍ୟ-ଭିତ୍ତିକ ଅଥବା ପ୍ରତ୍ୟୟ-ମୂଳକ ଥିଲା— ତାହାର ଐତିହାସିକ ଓ ବୈଜ୍ଞାନିକ ଅନୁଶୀଳନ ସମ୍ଭବ ହୋଇନଥିଲା। ବିଶେଷ ଦେଶ ଓ କାଳର ପରିସୀମା ମଧ୍ୟରେ ଗଙ୍ଗାଧରଙ୍କ କବି-ବ୍ୟକ୍ତିତ୍ୱର ଅଭ୍ୟୁଦୟ ଓ ବିକାଶ କିଭଳି ସମ୍ଭବ ହୋଇଥିଲା— ତାହା ମଧ୍ୟ ଅନାଲୋଚିତ ଥିଲା। ମେହେର ସାହିତ୍ୟର ଏଭଳି ଐତିହାସିକ-ଆଲୋଚନା କ୍ଷେତ୍ରରେ ଡକ୍ଟର ନଟବର ସାମନ୍ତରାୟଙ୍କ 'ଗଙ୍ଗାଧର-ସାହିତ୍ୟ ସମୀକ୍ଷା' ପୁସ୍ତକ ବିଶିଷ୍ଟତମ ସଂଯୋଜନ। ଏହି ପୁସ୍ତକର 'ପରିଶିଷ୍ଟ' ଆକାରରେ ଗଙ୍ଗାଧରଙ୍କ ରଚନାବଳୀର ଏକ କାଳାନୁକ୍ରମିକ ତାଲିକା ସଂଯୋଜିତ। ଏହି ତାଲିକାରେ ଡକ୍ଟର ସାମନ୍ତରାୟ ତାଙ୍କ ଦ୍ୱାରା ସଂଗୃହୀତ ପୂର୍ବୋକ୍ତ ଚାରିଗୋଟି ରଚନା ବ୍ୟତୀତ ଆଉ ଗୋଟିଏ ରଚନାର ସନ୍ଧାନ ଦେଇଛନ୍ତି, ତାହା ହେଲା 'ଶାନ୍ତି ସଙ୍ଗୀତ'। ପରବର୍ତ୍ତୀ କାଳରେ ମେହେର ସାହିତ୍ୟର ପ୍ରତ୍ୟେକ ଆଲୋଚକଙ୍କ ପାଇଁ ଓ ତାଙ୍କର ଜୀବନୀ-ଲେଖକମାନଙ୍କ ପାଇଁ ଡକ୍ଟର ସାମନ୍ତରାୟଙ୍କ ଏହି ପୁସ୍ତକ ଅତ୍ୟାବଶ୍ୟକୀୟ ଭିତ୍ତି ହୋଇପଡ଼ିଛି। ଗଙ୍ଗାଧର ସାହିତ୍ୟର ଆଲୋଚନା କଲାବେଳେ ଡକ୍ଟର ସାମନ୍ତରାୟ ନୃପରାଜ ସିଂହଙ୍କ ନାମରେ ପ୍ରକାଶିତ କବିତାବଳୀର ପିତୃତ୍ୱକୁ ସନ୍ଦେହ କରିନାହାନ୍ତି। ଡକ୍ଟର ସାମନ୍ତରାୟ ତାଙ୍କର 'ଓଡ଼ିଆ ସାହିତ୍ୟ ଇତିହାସ'ରେ ସେଥିପାଇଁ ଅନ୍ୟତମ ଗୌଣକବି ଭାବରେ ନୃପରାଜ ସିଂହଙ୍କ ନାମୋଲ୍ଲେଖ କରିଛନ୍ତି। (ପୃ. ୫୭୨) ଫଳସ୍ୱରୂପ ଗଙ୍ଗାଧରଙ୍କ କବି ଜୀବନର ଆଦି-ପର୍ଯ୍ୟାୟରେ ରଚିତ କେତେକ କବିତା ଏହି ତାଲିକାରୁ ବାଦ ପଡ଼ିଛି। ଡକ୍ଟର ସାମନ୍ତରାୟଙ୍କ ଗବେଷଣାର କ୍ଷେତ୍ର ବିସ୍ତୃତ। ଏହି ବିସ୍ତୃତି ହେତୁ ତାଙ୍କର ମେହେର-ସାହିତ୍ୟ ସଂପର୍କିତ ଅଧ୍ୟୟନ, ଅନନ୍ୟ ହେଲେ ବି ଅନେକାଂଶରେ

ଅପୂର୍ଣ୍ଣ । ଏହି ଅପୂର୍ଣ୍ଣତାର ଭିତ୍ତି ଉପରେ ପରବର୍ତ୍ତୀ କାଳର ମେହେର ସାହିତ୍ୟର ଗବେଷଣା ଓ ଐତିହାସିକ ବିଶ୍ଲେଷଣ ଦଣ୍ଡାୟମାନ ।

'ଗଙ୍ଗାଧର ଗ୍ରନ୍ଥାବଳୀ'ର ଅପୂର୍ଣ୍ଣତା ଓ ଅଭାବକୁ ନେଇ ଆଲୋଚନା ଚାଲିଥିଲାବେଳେ ୧୯୬୧ ମସିହାରେ କବି-ପୁତ୍ର ଭଗବାନ ମେହେର ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରନ୍ତି । ଅଧ୍ୟାପକ କବି ଓ ଅଧ୍ୟାପକ ସାମନ୍ତରାୟ ନର୍ଦ୍ଦେଶ କରିଥିବା ଅଭାବ ପ୍ରତି ଦୃଷ୍ଟି-ନିକ୍ଷେପ ନକରି ସେ ଗଙ୍ଗାଧରଙ୍କ ଅନ୍ୟ କେତୋଟି ରଚନା ସଂଯୁକ୍ତ କରନ୍ତି । ଏହି ନୂତନ ରଚନା ଗୁଡ଼ିକ ହେଲା — ବିରହ ବ୍ୟଥିତ ରାମ (ଅସଂପୂର୍ଣ୍ଣ), ସ୍ତବାରମ୍ଭ (ପ୍ରଥମ ସଂସ୍କରଣ ଅହଲ୍ୟାସ୍ତବର ଏକାଂଶ) ଓ ହିତବାଦିନୀର ନବବର୍ଷୋପଲକ୍ଷେ ଲିଖିତ କବିତା । କାହିଁକି କେଜାଣି 'ରସ ରତ୍ନାକର' ଓ ଡକ୍ଟର ସାମନ୍ତରାୟଙ୍କ ସଂଗୃହୀତ ରଚନାଗୁଡ଼ିକ ସ୍ୱର୍ଗତ ମେହେର ଗ୍ରନ୍ଥାବଳୀର ଅନ୍ତର୍ଭୁକ୍ତ କରି ନାହାନ୍ତି । ପରେ ଏ ସଂପର୍କରେ କୈଫିୟତ୍ ଦେଇ ସେ ଲେଖିଛନ୍ତି : "ଗଙ୍ଗାଧର ଗ୍ରନ୍ଥାବଳୀ ପ୍ରକାଶିତ ହେବା ସମୟରେ ଏହି ରଚନାଗୁଡ଼ିକ [ଭାରତୀ ରୋଦନ, ଉତ୍କଳ ଭାରତୀଙ୍କ ନିବେଦନ, 'ବ' ଭେଦ ଓ 'ର ଓ ଲ' ଭେଦ] ମୋ ନିକଟରେ ନଥିବାରୁ ଗ୍ରନ୍ଥାବଳୀରେ ଦିଆଯାଇ ପାରିନଥିଲା । ବହୁ ଅନୁସଂଧାନ ପରେ ସେଗୁଡ଼ିକ ଡକ୍ଟର ନଟବର ସାମନ୍ତରାୟଙ୍କ ଆନୁକୂଲ୍ୟରେ ଅଳ୍ପ କେତେକ ଦିନ ପୂର୍ବେ ପ୍ରାପ୍ତ ହୋଇଥିଲା ।" (ପିତୃ ପ୍ରସଙ୍ଗ, ପୃ. ୧୬୭) ଏହି ସ୍ୱୀକାରୋକ୍ତି ଗ୍ରନ୍ଥାବଳୀ ସଂପାଦନା କରିବାରେ କବିପୁତ୍ରଙ୍କ ସୀମାବଦ୍ଧ କ୍ଷମତାର ସଂକେତ ଦିଏ ।

୧୯୬୧ରେ ଭାରତ-ବ୍ୟାପୀ ପାଳିତ ରବୀନ୍ଦ୍ର ଶତବାର୍ଷିକୀକୁ ଅନୁକରଣ କରି ୧୯୬୨ରେ ଓଡ଼ିଶା-ବ୍ୟାପୀ ଗଙ୍ଗାଧର ଶତବାର୍ଷିକୀ ପାଳନ କରାଗଲା । ଏହି ଶତବାର୍ଷିକୀ ପାଳନ ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଉଦ୍ୟମ ସହଯୋଗରେ ଗଙ୍ଗାଧର ସାହିତ୍ୟ ଓ ଜୀବନ ସଂପର୍କିତ ଆଖିଦୃଶିଆ ଆଲୋଚନାମାନ ପ୍ରକାଶିତ ହେଲା । ଏହି ସମସ୍ତ ଆଲୋଚନା / ସଂକଳନ ଭିତରୁ ଅଧ୍ୟାପକ ଅସିତ କବିଙ୍କ 'ଗଙ୍ଗାଧର ଜୀବନୀ' (ପ୍ରଥମ ଭାଗ) ଅନ୍ୟତମ । ଗଙ୍ଗାଧରଙ୍କ ଜୀବନ ଇତିହାସର ପ୍ରଥମ ପର୍ଯ୍ୟାୟକୁ ଏହି ପୁସ୍ତକରେ କେବଳ ବିଚାର କରାଗଲା ନାହିଁ— ତାଙ୍କର ଦୁଷ୍ପ୍ରାପ୍ୟ ରଚନାବଳୀକୁ ମଧ୍ୟ ଅଧ୍ୟାପକ କବି ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କଲେ । 'ଓଡ଼ିଆ ସାହିତ୍ୟରେ ଗଙ୍ଗାଧର' ପୁସ୍ତକରେ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ଅପୂର୍ଣ୍ଣତା ନେଇ ସେ ଯେଉଁ ପ୍ରଶ୍ନାବଳୀ ତୋଳିଥିଲେ, ତାହାର ଉତ୍ତର ଏହି ପୁସ୍ତକରେ ଦିଆଯାଇଛି । 'ରସ ରତ୍ନାକର'ର ରଚନାକାଳ ନେଇ ଡକ୍ଟର ସାମନ୍ତରାୟଙ୍କ ଠାରୁ ଭିନ୍ନ ମତ ପୋଷଣ ଗ୍ରହଣ କରୁଥିବାରୁ ବୃହତ୍ତର ଆଲୋଚକ-ଗୋଷ୍ଠୀର ବିଚାରାର୍ଥେ ତାହାର ଉପଲବ୍ଧ ଅଂଶକୁ ସେ ଏଥିରେ ସଂଯୋଜିତ କରିଦେଲେ । ତା' ସହିତ ନୃପରାଜ ସିଂହଦେବଙ୍କ ନାମରେ 'ଉତ୍କଳ ସାହିତ୍ୟ' ପୃଷ୍ଠାରେ (୧ । ୫)

ଓ ପୁସ୍ତିକାକାରରେ ପ୍ରକାଶିତ ତଥା ରାଧାନାଥ ଓ ଗଙ୍ଗାଧରଙ୍କ ଦ୍ୱାରା ପ୍ରଶଂସିତ 'ଆମୋଦ' କବିତାକୁ ଗଙ୍ଗାଧରଙ୍କର ଅନ୍ୟତମ କବିତା କହି ସଂପୃକ୍ତ ଜୀବନୀରେ ସେ ପୁନଃ-ପ୍ରକାଶ କଲେ। 'ଆମୋଦ' ସଂପର୍କରେ ଡକ୍ଟର କବିଙ୍କ ବକ୍ତବ୍ୟ ହେଲା— "'ଅ'ରୁ 'କ୍ଷ' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣକୁ ଆଦ୍ୟରେ ରଖି ଗୋଟାଏ ଲେଖାଏଁ ସାହିତ୍ୟ-ସୃଷ୍ଟିର ନାମକରଣ କରିବାର ବାସନା ଗଙ୍ଗାଧରଙ୍କର ଥିଲା। 'ଅ' ଆଦ୍ୟରେ ରଖି ଗୋଟିଏ କୃତିର ନାମ ଦେଲେ 'ଅହଲ୍ୟାସ୍ତବ', 'ଆ'ରେ 'ଆମୋଦ', 'ଇ'ରେ 'ଇନ୍ଦୁମତୀ', 'ଉ'ରେ 'ଉତ୍କଳ ଲକ୍ଷ୍ମୀ' ଓ 'କ'ରେ 'କୀଚକ ବଧ'। ତାଙ୍କର ଆମୋଦ କବିତା ସହିତ ଅନେକ ପରିଚିତ ନୁହନ୍ତି। ଗ୍ରନ୍ଥାବଳୀରେ ମଧ୍ୟ ତାହା ସନ୍ନିବେଶିତ ହୋଇ ନାହିଁ। ନିମ୍ନରେ ତାହା ପ୍ରଦତ୍ତ ହେଲା।" (ପୃ. ୧୪୫) ଆମୋଦ କବିତା କେଉଁ ସୂତ୍ରରୁ ସେ ଉଦ୍ଧାର କଲେ ଓ କେଉଁ ଯୁକ୍ତିରେ ତାହାର ପିତୃତ୍ୱ ଗଙ୍ଗାଧରଙ୍କ ଉପରେ ସେ ଆରୋପ କଲେ— ଏସବୁ ପ୍ରଶ୍ନର କୌଣସି ଉତ୍ତର ବା ସୂଚନା ଅଧ୍ୟାପକ କବିଙ୍କ ଆଲୋଚନାରୁ ମିଳେ ନାହିଁ। ଏହା ଗଙ୍ଗାଧରଙ୍କର କେଉଁ ସମୟର ରଚନା ତାହା ମଧ୍ୟ ଡକ୍ଟର କବି ଜଣେଇ ନାହାନ୍ତି। 'ଉତ୍କଳ ସାହିତ୍ୟ' ପୃଷ୍ଠାରେ ତଥା ସ୍ୱତନ୍ତ୍ର ପୁସ୍ତିକା ଆକାରରେ ଆମୋଦ କବିତା ପ୍ରକାଶିତ ହୋଇଥିଲା। 'ଆମୋଦ'ର କେଉଁ ପାଠକୁ ସେ ଗ୍ରହଣ କରିଛନ୍ତି, ତାହାର ଇଙ୍ଗିତ ମଧ୍ୟ ଅଧ୍ୟାପକ କବି ଦେଇନାହାନ୍ତି। 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ 'ଆମୋଦ'ରେ ବୃତ୍ତ (ରାମକେରୀ ବୃତ୍ତ) ନିର୍ଦ୍ଦେଶ ଥିଲା। ସେହିପରି 'ମୂକର ସଙ୍କେତ ପ୍ରକାରେ ସେହି ଅଚିନ୍ତ୍ୟ ଛବି' ଏହି ପାଦର ଟିପ୍ପଣୀରେ କୁହାଯାଇଥିଲା— "ମୂକ କଥା କହି ନପାରି ଯେପରି ସଙ୍କେତ ଦ୍ୱାରା ମନର ଭାବ ପ୍ରକାଶ କରିଥାଏ, ସେହିପରି ଏଠାରେ କବି ଯାହା ବର୍ଣ୍ଣନା କରୁଅଛି ତାହା ପ୍ରକୃତ ଶୋଭାର ସଙ୍କେତ ତୁଲ୍ୟ।" (ଉତ୍କଳ ସାହିତ୍ୟ ୧।୫)। ଅଧ୍ୟାପକ କବି ଆମୋଦକୁ ପୁନଃ ପ୍ରକାଶ କଲାବେଳେ ଏସବୁକୁ ବାଦ ଦେଇଛନ୍ତି। ଅଧ୍ୟାପକ କବିଙ୍କୁ ଅନୁସରଣ କରି ଗଙ୍ଗାଧର ଗ୍ରନ୍ଥାବଳୀର ପରବର୍ତ୍ତୀ ସଂସ୍କରଣର ଜଣେ ସଂପାଦକ ଓ ମେହେର ସାହିତ୍ୟର ଆଲୋଚକ ବୃନ୍ଦ 'ଆମୋଦ'କୁ ଗଙ୍ଗାଧରଙ୍କ ଅନ୍ୟତମ ରଚନା ହିସାବରେ ନିର୍ବିବାଦରେ ଗ୍ରହଣ କରି ନେଇଛନ୍ତି।

ସେହି ୧୯୬୨ ମସିହାରେ 'ଗଙ୍ଗାଧର ଶତବାର୍ଷିକୀ ଉତ୍ସବ କମିଟି', ସମ୍ବଲପୁର ଦ୍ୱାରା ପ୍ରକାଶିତ 'ଗଙ୍ଗାଧର ସ୍ମରଣିକା'ରେ 'ଗଙ୍ଗାଧରୀୟ ପତ୍ରାବଳୀ' ଶୀର୍ଷକରେ ନନ୍ଦକିଶୋର ପଟେଲ ଗଙ୍ଗାଧରଙ୍କର ଚାରିଖଣ୍ଡି ଚିଠି ଆଲୋଚନା ସହ ପ୍ରକାଶ କରନ୍ତି। ବରପାଲିର ଶିକ୍ଷକ ଓ ଗଙ୍ଗାଧରଙ୍କର ଅନ୍ତରଙ୍ଗ, ମଦନ ମୋହନ ପ୍ରଧାନଙ୍କ ନିକଟକୁ ଲିଖିତ ଗଙ୍ଗାଧରଙ୍କର ଚାରିଗୋଟି ଚିଠି ଏଥିରେ ପ୍ରକାଶିତ। ଗଙ୍ଗାଧରଙ୍କ କବିତ୍ୱ ଅପେକ୍ଷା ତାଙ୍କ ବ୍ୟକ୍ତିତ୍ୱ ଆକଳନରେ ଉପରୋକ୍ତ ପତ୍ରଗୁଡ଼ିକ ସାହାଯ୍ୟ କରେ।

ଗଙ୍ଗାଧର ସାହିତ୍ୟର ଐତିହାସିକ-ଅଧ୍ୟୟନ କ୍ଷେତ୍ରରେ ବର୍ତ୍ତମାନ କାଳରେ ପ୍ରକାଶିତ ଅଧ୍ୟାପକ ଚିନ୍ତାମଣି ବେହେରାଙ୍କର 'ଗଙ୍ଗାଧରଙ୍କ ରସ ରତ୍ନାକର ଓ କବି ମାନସ' ଶୀର୍ଷକ ଆଲୋଚନାମୂଳକ ପ୍ରବନ୍ଧଟି ଉଲ୍ଲେଖଯୋଗ୍ୟ (ଝଙ୍କାର ୧୪ । ୫)। ଅଧ୍ୟାପକ ବେହେରା ତାଙ୍କର ଜଣେ ଛାତ୍ରଙ୍କ ଠାରୁ ପାଇଥିବା 'ରସ-ରତ୍ନାକର' ବା 'ଉଷାନିରୁଦ୍ଧ-ପରିଣୟ' ପାଣ୍ଡୁଲିପି ଅବଲମ୍ବନ କରି ଏହି ପ୍ରବନ୍ଧଟି ପ୍ରସ୍ତୁତ କରିଛନ୍ତି। ସେ ଏହାର ରଚନାକାଳ ଓ ପ୍ରେରଣା-ସ୍ରୋତ ସଂପର୍କରେ ଡକ୍ଟର ସାମନ୍ତରାୟ ଦେଇଥିବା ମତାମତକୁ ଖଣ୍ଡନ କରିଛନ୍ତି। 'ରସ-ରତ୍ନାକର'କୁ ପ୍ରକାଶ କରିବାରେ ଗଙ୍ଗାଧରଙ୍କ କୁଣ୍ଠାର କାରଣ ଦେଇ ସେ ଲେଖିଛନ୍ତି— "ଏହାର ଜନ୍ମ ଗଙ୍ଗାଧରଙ୍କ କବି ପ୍ରତିଭାର ସ୍ୱାଭାବିକ ଉତ୍ସରୁ ଏବଂ ଗଙ୍ଗାଧରଙ୍କ ବିକଶିତ କବି-ମାନସ ପରବର୍ତ୍ତୀ ଜୀବନରେ ଏହା ପ୍ରତି ଅବହେଳା ପ୍ରକାଶିତ କରିଥିବା ଅସ୍ୱାଭାବିକ ନୁହେଁ।" (ବେହେରା, ଚିନ୍ତାମଣି— କାବ୍ୟ ଓ କଳାକାର, ପୃ. ୫୬)

ଶତବାର୍ଷିକୀର ଉତ୍ସବ ଚାଲିଥିଲା ପରେ ମେହେର ସାହିତ୍ୟର ଐତିହାସିକ-ସମାଲୋଚନା କ୍ଷେତ୍ରରେ ଯେଉଁ ସ୍ଥାଣୁତ୍ୱ ଦେଖାଦେଇଛି, ସେହି ସ୍ଥାଣୁତ୍ୱରୁ ତାଙ୍କ ଅଜ୍ଞାତ ଓ ଅଖ୍ୟାତ ରଚନାବଳୀର ସଂଗ୍ରହ ଓ ଗ୍ରନ୍ଥାବଳୀର ସଂପାଦନା ମୁକ୍ତି ଲାଭ କରିନାହିଁ। ଓଡ଼ିଆ ସାହିତ୍ୟର ଗବେଷଣା କ୍ଷେତ୍ରରେ ଅଧ୍ୟାପକ / ଅଧ୍ୟାପିକାମାନଙ୍କ ବୃତ୍ତିଗତ କାରଣରୁ ଉତ୍ସାହ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା, ଓଡ଼ିଆ ଭାଷା ଓ ସାହିତ୍ୟରେ ସ୍ନାତକ ତଥା ସ୍ନାତକୋତ୍ତର ଶିକ୍ଷାଦାନର ସଂପ୍ରସାରଣ ଫଳରେ ମେହେର ସାହିତ୍ୟର ବ୍ୟବସାୟିକ-ମୂଲ୍ୟ ବୃଦ୍ଧି ଘଟିଛି। କିନ୍ତୁ ଏହି ବ୍ୟବସାୟିକତା ଭିତରେ ଆବଦ୍ଧ ରହିଥିବା ଫଳରେ ମେହେର ସାହିତ୍ୟର ଉଲ୍ଲେଖଯୋଗ୍ୟ ସଂଗ୍ରହ, ସଂକଳନ, ଗବେଷଣା ଓ ସମୀକ୍ଷା ହୋଇ ପାରିନାହିଁ। ମେହେର-ସାହିତ୍ୟ ସମାଲୋଚନାର ବିପୁଳ ଅଂଶ ତାଙ୍କର ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀର ଆଲୋଚନା ଉପରେ ହିଁ ପର୍ଯ୍ୟବସିତ। ଗଙ୍ଗାଧରଙ୍କ କାବ୍ୟର ବହୁ ଦିଗ ଏବେ ବି ଯଥାଯଥ ଭାବେ ଆଲୋଚିତ ହୋଇ ପାରିନାହିଁ। ତଥାପି ଅତୀତରେ ଅଧ୍ୟାପକ ଦାଶରଥି ଦାଶ ଓ ଅଳ୍ପ କେତେ ବର୍ଷ ଭିତରେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଡକ୍ଟର ପ୍ରଫୁଲ୍ଲ କୁମାର ପତି, ଶ୍ରୀ ଚିର ରଞ୍ଜନ ଦାସ ଓ ଡକ୍ଟର ମଧୁସୂଦନ ପତି ପ୍ରମୁଖ ଗଙ୍ଗାଧରଙ୍କ କାବ୍ୟ-କୃତିର ଯେଉଁ ମନୋଜ୍ଞ ବିଶ୍ଳେଷଣ କରିଛନ୍ତି, ତାହା ସଂଭ୍ରମ ଓ ସମ୍ମାନର ସହିତ ଉଲ୍ଲେଖ କରାଯାଇପାରେ।

୧୯୭୧ ମସିହାରେ ଶ୍ରୀ କେଶବ ଚନ୍ଦ୍ର ମେହେରଙ୍କ ଗଙ୍ଗାଧର ସାହିତ୍ୟ-ସମୀକ୍ଷା ସଂପର୍କିତ ଦ୍ୱିତୀୟ ପୁସ୍ତକ 'ଜୀବନ ଓ ପ୍ରତିଭା' ପ୍ରକାଶିତ ହୁଏ। ସେ ଏଥିରେ ନୃପରାଜ ସିଂହଙ୍କ ସହିତ ଗଙ୍ଗାଧରଙ୍କ ସଂପର୍କ ଆଲୋଚନା କରିବା ଅବସରରେ ଲେଖିଥିଲେ— "...ତତ୍‌କାଳୀନ ବରପାଲି ଜମିଦାର ସ୍ୱର୍ଗତ ନୃପରାଜ ସିଂହଙ୍କର ଖ୍ୟାତି ଓ ପ୍ରତିପତ୍ତିର ଅଭିବୃଦ୍ଧି ସକାଶେ ତାଙ୍କ ନାମରେ କେତେକ କ୍ଷୁଦ୍ର ପୁସ୍ତକ

କବି ଗଙ୍ଗାଧର ନିଜେ ଲେଖି ଦେଇଥିଲେ। ସେ ସବୁ ଜମିଦାର ୰ନୃପରାଜ ସିଂହଙ୍କ ନାମରେ ପ୍ରକାଶିତ ହୋଇଥିଲା। ଏ ସବୁ ପାଠ କରି ମୟୂରଭଞ୍ଜ ଓ ବାମଣ୍ଡାର ମହାରାଜା ଦ୍ୱୟ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଓ ବରପାଲି ସହିତ ସଂପର୍କ ସ୍ଥାପନ କରିବାକୁ ଇଚ୍ଛା କରିଥିଲେ (ଜୀବନ ଓ ପ୍ରତିଭା, ପୃ. ୨୭)। ଏଭଳି ବକ୍ତବ୍ୟର ପ୍ରତିଧ୍ୱନି କରି ଶ୍ରୀ ମେହେର 'ଅଙ୍କ ଓ ଅଙ୍କୁର'ରେ ଲେଖିଛନ୍ତି– "ଜମିଦାରଙ୍କ ଖ୍ୟାତି ବର୍ଦ୍ଧନ ପାଇଁ ଗଙ୍ଗାଧର କେତେକ କବିତା ଜମିଦାରଙ୍କ ନାମରେ ଲେଖି ଦେଇଥିବାରୁ ସେ (ନୃପରାଜ ସିଂହ) ତତ୍କାଳୀନ ସାହିତ୍ୟିକ ସମାଜରେ ପରିଚିତ ଥିଲେ।" (ଅଙ୍କ ଓ ଅଙ୍କୁର ପୃ. ୧୨୩) ଶ୍ରୀ ମେହେରଙ୍କ ପ୍ରଥମ ବକ୍ତବ୍ୟରେ କିଛିଟା ଅତିରଞ୍ଜନ ଓ ଅସତ୍ୟ ଭାଷଣ ଥିଲେ ବି ନୃପରାଜ ସିଂହଙ୍କ ନାମରେ ପ୍ରକାଶିତ କବିତାର ପ୍ରକୃତ ଲେଖକ ହେଉଛନ୍ତି ଗଙ୍ଗାଧର– ଏହା ସ୍ପଷ୍ଟ ଭାବରେ ଶ୍ରୀ ମେହେର କହିଛନ୍ତି। ପରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି କବିଙ୍କର ପୁତ୍ର ସ୍ୱର୍ଗତ ଭଗବାନ ମେହେର।

ଗଙ୍ଗାଧରଙ୍କ ମୃତ୍ୟୁର ପଚାଶ ବର୍ଷ ଅତିକ୍ରାନ୍ତ ହେଲା ପରେ ଓଡ଼ିଶାର ଦୁଇଟି ପ୍ରକାଶନ ସଂସ୍ଥା ପ୍ରତିଯୋଗିତା କଲାଭଳି 'ଗଙ୍ଗାଧର ଗ୍ରନ୍ଥାବଳୀ'ର ଦୁଇଟି ଅଲଗା ଅଲଗା ସଂସ୍କରଣ ଓଡ଼ିଆ ଭାଷା ଓ ସାହିତ୍ୟର ଦୁଇଜଣ ପ୍ରତିଷ୍ଠିତ ଅଧ୍ୟାପକ ଓ ସମୀକ୍ଷକଙ୍କ ସଂପାଦକତ୍ୱରେ ପ୍ରକାଶ କରିଛନ୍ତି। କିନ୍ତୁ ଭଗବାନ ବାବୁ ଆପଣାର ଶିକ୍ଷାଗତ ଓ ଅବସ୍ଥାନଗତ ସୀମାବଦ୍ଧତା ହେତୁ ଯେଉଁ ଅବୈଜ୍ଞାନିକ ରୀତି ଅନୁସରଣ କରିଥିଲେ– ଏହି ଦୁଇଜଣ ପ୍ରତିଷ୍ଠିତ ସମାଲୋଚକ ଓ ଗବେଷକ ସେଥିରୁ ମୁକ୍ତି ପାଇନାହାନ୍ତି। ତେଣୁ ଏହି 'ଗ୍ରନ୍ଥାବଳୀ' ସବୁରେ ବ୍ୟବସାୟଗତ ପ୍ରତିଷ୍ଠା ପାଇଁ, ହୁଏତ, କିଛିଟା ପ୍ରତିଶ୍ରୁତି ଥାଇପାରେ କିନ୍ତୁ ମେହେର ସାହିତ୍ୟର ସଂପାଦନା ଓ ଗବେଷଣା କ୍ଷେତ୍ରରେ ଏଗୁଡ଼ିକ କୌଣସି ନୂତନ ଭୂମିର ସନ୍ଧାନ ଦିଏନାହିଁ। ଏହି ଦୁଇ ଗ୍ରନ୍ଥାବଳୀ ଭିତରେ ପୁସ୍ତକ ଭଣ୍ଡାର (ବ୍ରହ୍ମପୁର) ଦ୍ୱାରା ପ୍ରକାଶିତ ଓ ଡକ୍ଟର ହେମନ୍ତ କୁମାର ଦାସଙ୍କ ଦ୍ୱାରା ସଂପାଦିତ ଗ୍ରନ୍ଥାବଳୀ ଅପେକ୍ଷାକୃତ ଅଧିକ ସୁ-ସଂପାଦିତ। ଡକ୍ଟର ନଟବର ସାମନ୍ତରାୟଙ୍କୁ ଅନୁସରଣ କରି ଡକ୍ଟର ଦାସ ଗଙ୍ଗାଧର ରଚନାବଳୀକୁ କାଳାନୁକ୍ରମିକ ସଜ୍ଜିତ କରିଛନ୍ତି ଓ ପ୍ରତ୍ୟେକ ରଚନାର ଶେଷରେ ତାହାର ରଚନା ଓ ପ୍ରକାଶ ସମୟ ଦେଇଛନ୍ତି। କିନ୍ତୁ ଅଧିକ ଭିତରକୁ ନଯିବା ଫଳରେ ଏଭଳି ଉଦ୍ୟମର ଗୁରୁତ୍ୱ ରକ୍ଷିତ ହୋଇ ପାରି ନାହିଁ। ଦୃଷ୍ଟାନ୍ତ ସ୍ୱରୂପ 'ଅହଲ୍ୟାସ୍ତବ' ପ୍ରସଙ୍ଗ ଅବତାରଣା କରାଯାଇପାରେ। ୧୮୯୨ ମସିହାରେ 'ଶାର୍ଦ୍ଦୂଳ ବିକ୍ରୀଡ଼ିତ' ଛନ୍ଦରେ ଗଙ୍ଗାଧର ଅହଲ୍ୟାସ୍ତବ ରଚନା ଓ ପ୍ରକାଶ କରିଥିଲେ। ପରେ ରାଧାନାଥଙ୍କ ଉପଦେଶ ଅନୁସାରେ ସେ ତାହାକୁ ବଂଶକାଣ୍ଡୀ ଛନ୍ଦରେ ରଚନା କରିଥିଲେ। ଦ୍ୱିତୀୟ ସଂସ୍କରଣ 'ଅହଲ୍ୟାସ୍ତବ'ର ପ୍ରକାଶ କାଳ ସଂପର୍କରେ ଅଜ୍ଞତା ହେତୁ ଦ୍ୱିତୀୟ ସଂସ୍କରଣ 'ଅହଲ୍ୟାସ୍ତବ' ଉପରେ ସମସ୍ତ ଆଲୋଚକ ଅଧିକ ଗୁରୁତ୍ୱ ଦେଇ ଆସିଛନ୍ତି।

ଠିକ୍ ସେହିଭଳି ଗଙ୍ଗାଧରଙ୍କ ଆଦି ପର୍ଯ୍ୟାୟର ରଚନାବଳୀ 'କୁମାର ଉତ୍ସବ', 'ଭକ୍ତି ଉପହାର' ଓ 'ଆମୋଦ'କୁ ଗ୍ରନ୍ଥାବଳୀର ଶେଷଆଡ଼କୁ ସଂଯୋଜିତ କରାଯାଇଛି। 'ଗ୍ରନ୍ଥାବଳୀ' ସଂପାଦନାରେ ଆପଣା କୃତିତ୍ୱ ସଂପର୍କରେ ଅଧ୍ୟାପକ ଦାସ କହନ୍ତି – ''ପୂର୍ବ ଗ୍ରନ୍ଥାବଳୀରେ ଅପ୍ରକାଶିତ 'ରସ ରତ୍ନାକର' (ସଂକଳିତ ଅଂଶ), ଭାରତୀ ରୋଦନ, ଉତ୍କଳ ଭାରତୀଙ୍କ ନିବେଦନ, ଶାନ୍ତି ସଙ୍ଗୀତ ପ୍ରଭୃତି ପଦ୍ୟ ତଥା 'ବ' ଭେଦ ଓ 'ଣ' ଓ 'ନ' ଭେଦ ପ୍ରଭୃତି ଗଦ୍ୟ ଏଥିରେ ନୂତନ କରି ସଂଯୋଜିତ ହୋଇଛି। × × ଏଥିରେ ସଂଯୁକ୍ତ ହୋଇଥିବା ନୂତନ ରଚନାଗୁଡ଼ିକୁ ସଂଗ୍ରହ କରିବାକୁ ଯାଇ ମୁଁ ଅନେକ ବ୍ୟର୍ଥତା ଓ ତିକ୍ତତାର ସମ୍ମୁଖୀନ ହୋଇଛି। ସେ ସମସ୍ତ ମୋର ବ୍ୟକ୍ତିଗତ ଅନୁଭବ। ଏହା କୌଣସି ଦିନ କାହାରି ନିକଟରେ ପ୍ରକାଶିତ ହେବ ନାହିଁ। (ଗଙ୍ଗାଧର ଗ୍ରନ୍ଥାବଳୀ, ୧୯୭୭, ପୃ. । /) ଡକ୍ଟର ଦାସଙ୍କର ସମସ୍ତ ଯୌକ୍ତି କିଭଳି ଅସାର ଓ ଭିତ୍ତିହୀନ, ତାଙ୍କର ବକ୍ତବ୍ୟକୁ ପ୍ରସଙ୍ଗ ସହ ଆଲୋଚନା କଲେ ତାହା ସ୍ପଷ୍ଟ ହୁଏ। ତାଙ୍କ ଦ୍ୱାରା ନୂତନ ଭାବରେ ସଂକଳିତ ହୋଇଥିବା ରଚନାବଳୀ ପୂର୍ବରୁ ଡକ୍ଟର ସାମନ୍ତରାୟଙ୍କ ଆଖିରେ ପଡ଼ିଥିଲା ଓ ସେଥିରୁ ସେ ବାରୋଟି ପୁନଃ-ମୁଦ୍ରଣ କରାଇଥିଲେ। ପୁନଶ୍ଚ ଅଧ୍ୟାପକ ଅସିତ କବିଙ୍କର 'ଗଙ୍ଗାଧର ଜୀବନୀ'ରେ ସଂକଳିତ 'ରସ ରତ୍ନାକର'ର ଅଂଶ ବିଶେଷ ଓ 'ଆମୋଦ' କବିତା ଅବିକଳ ଭାବେ ଡକ୍ଟର ଦାସଙ୍କ ଦ୍ୱାରା ସଂପାଦିତ ଗ୍ରନ୍ଥାବଳୀରେ ସ୍ଥାନିତ। ତୃତୀୟତଃ, ତାଙ୍କରି କଥାନୁସାରେ 'ଶାନ୍ତି ସଙ୍ଗୀତ' ଡକ୍ଟର ସାମନ୍ତରାୟ ତାଙ୍କୁ 'ସାନନ୍ଦ ଚିତ୍ତରେ ନିଜ ହାତରେ ଲେଖି ଦେଇଛନ୍ତି'। ଏଥିରେ ବେଦନା -ଆସିଲା କେଉଁଠୁ ? ଏସବୁ ସତ୍ତ୍ୱେ ସ୍ୱୀକାର କରିବାକୁ ହେବ ଯେ ଡକ୍ଟର ଦାସଙ୍କ ଦ୍ୱାରା ସଂପାଦିତ ଗ୍ରନ୍ଥାବଳୀ ଏ ପର୍ଯ୍ୟନ୍ତ ପ୍ରକାଶିତ ଗ୍ରନ୍ଥାବଳୀ ମଧ୍ୟରେ ଅପେକ୍ଷାକୃତ ସୁସଂପାଦିତ। ସଂପୃକ୍ତ ଆଲୋଚନାରେ 'ଅସଂଗୃହୀତ ରଚନାବଳୀ' କହିଲେ ଡକ୍ଟର ଦାସଙ୍କ ସଂପାଦିତ 'ଗ୍ରନ୍ଥାବଳୀ'ରେ ସ୍ଥାନ ପାଇନଥିବା ରଚନାବଳୀକୁ ବୁଝାଏ। ୧୯୬୮ ମସିହାରେ ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ ଓ ଡକ୍ଟର ନରେନ୍ଦ୍ର ନାଥ ପ୍ରଧାନଙ୍କ ଦ୍ୱାରା ସଂକଳିତ 'ଗଙ୍ଗାଧର ଗ୍ରନ୍ଥାବଳୀ' ଆଲୋଚନା କଲାଭଳି କୌଣସି ନୂତନତ୍ୱର ଅଧିକାରୀ ନୁହେଁ ଓ ତାହା ସେଭଳି କୌଣସି ଦାବୀ ଉପସ୍ଥାପନ ମଧ୍ୟ କରି ନାହିଁ।

'ଗଙ୍ଗାଧର ଗ୍ରନ୍ଥାବଳୀ'ର ପ୍ରଥମ ଦୁଇ ସଂସ୍କରଣର ପ୍ରକାଶକ 'ଦାସ ବ୍ରଦର୍ସ' ପ୍ରକାଶନ ସଂସ୍ଥା ବିଲୟ ଘଟିବାରୁ ଓ ଅନ୍ୟ କୌଣସି ପ୍ରକାଶକ ତାଙ୍କର ସାହାଯ୍ୟ ନେଇ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ପ୍ରକାଶ ପାଇଁ ଆଗେଇ ନଆସିବାରୁ ସ୍ୱର୍ଗତ ମେହେର ତାଙ୍କ ନିକଟରେ ଥିବା ଗଙ୍ଗାଧର-ସଂପର୍କିତ ସମସ୍ତ ତଥ୍ୟକୁ ଏକ ପୁସ୍ତକ ରୂପରେ ଉପସ୍ଥାପନା କରିଛନ୍ତି। ୧୯୭୭ ମସିହାରେ ପ୍ରକାଶିତ 'ପିତୃ ପ୍ରସଙ୍ଗ' ପୁସ୍ତକରେ ଯୁକ୍ତି, ତଥ୍ୟ ସନ୍ନିବେଶ ଓ ଉପସ୍ଥାପନା ଦୃଷ୍ଟିରୁ ଯାହା ଦୁର୍ବଳତା ଥାଉ ନା କାହିଁକି, ଗଙ୍ଗାଧର ସାହିତ୍ୟ-ସମୀକ୍ଷା ପାଇଁ ଏହା ଯେ ଏକ ଭିତ୍ତି-ଗ୍ରନ୍ଥ– ଏକଥା

ମତାମତକୁ ଅସ୍ୱୀକାର କରାଯାଇ ପାରେନା। କେବଳ 'ଆମୋଦ' ନୁହେଁ, ନୃପରାଜ ସିଂହଦେବଙ୍କ ନାମରେ ପ୍ରକାଶିତ ସମସ୍ତ କବିତାର ସ୍ରଷ୍ଟା ଯେ ଗଙ୍ଗାଧର– ଏଭଳି ମତାମତ କାରଣ ସହ ଏଥିରେ ଉପସ୍ଥାପିତ। ସେହି ପ୍ରସଙ୍ଗରେ ରକ୍ମିଣୀ (ବଳରାମ ଦେବ) ଓ 'ତରୁବର' କବିତାକୁ ସେ ଆଲୋଚନା କରିଛନ୍ତି। ସଂପୃକ୍ତ ପୁସ୍ତକର ପରିଶିଷ୍ଟ ଆକାରରେ ଗଙ୍ଗାଧରଙ୍କ ନିକଟକୁ ତାଙ୍କର ସମସାମୟିକ ମାନଙ୍କର ପତ୍ର, ଗଙ୍ଗାଧରଙ୍କର କେତେକ ପତ୍ର ଓ ଦୁର୍ଲ୍ଲଭ ରଚନାବଳୀ ଭାବରେ ଦକ୍ଷର ସାମନ୍ତରାୟ ଦ୍ୱାରା ସଂଗୃହୀତ ଚାରୋଟି ରଚନା ସହ ଶ୍ରୀରାମ ଚନ୍ଦ୍ରଙ୍କ ବନ ପ୍ରସ୍ଥାନ, ଈଶ୍ୱର ଦ୍ରୋହୀ ଓ ଟୁସୁଲିଆ ସ୍ଥାନିତ। ଏତଦ୍ ବ୍ୟତୀତ 'ଭବ ରତ୍ନାକର' ସଂପୂର୍ଣ୍ଣ ଭାବରେ ପ୍ରଥମ ଥର ପାଇଁ ଏହି ପରିଶିଷ୍ଟରେ ସଂଯୋଜିତ। ୧୯୫୧ ମସିହାରେ 'ଗଙ୍ଗାଧର ଗ୍ରନ୍ଥାବଳୀ' ସଂପାଦନା ଓ ପ୍ରକାଶ କରି ଗଙ୍ଗାଧର ସାହିତ୍ୟର ଅଧ୍ୟୟନ ପାଇଁ ସ୍ୱର୍ଗତ ମେହେର ଯେଉଁ ପଥ ଉନ୍ମୁକ୍ତ କରିଥିଲେ, ପିତୃ ପ୍ରସଙ୍ଗରେ ତାହା ପରିଣତି ଲାଭ କରିଛି।

ଆଲୋଚିତ ଚଉଠ-ଶତାବ୍ଦୀ ସମୟସୀମା ମଧ୍ୟରେ ଗଙ୍ଗାଧର ସାହିତ୍ୟର ସଂଗ୍ରହ, ସଂପାଦନା ଓ ଐତିହାସିକ ଆଲୋଚନା କ୍ଷେତ୍ରରେ ଚାରିଜଣଙ୍କ କୃତିତ୍ୱ ସ୍ମରଣଯୋଗ୍ୟ – ଭଗବାନ ମେହେର, ଶିବପ୍ରସାଦ ଦାଶ, ନଟବର ସାମନ୍ତରାୟ ଓ ଅସିତ କବି। ଏମାନଙ୍କ ବ୍ୟତୀତ ଆଉ କେହି ଏଭଳି ଦୁର୍ଗମ ପଥରେ ଯାଇ ଉଲ୍ଲେଖଯୋଗ୍ୟ ନୂତନତାର ସଂଧାନ ଦେଇନାହାନ୍ତି।

## ॥ ଦୁଇ ॥

ଏହି 'ପ୍ରସ୍ତାବନା'ର ଲେଖକ ଗଙ୍ଗାଧର ସାହିତ୍ୟର ଜଣେ ଏକନିଷ୍ଠ ଗବେଷକ ନୁହେଁ। କିନ୍ତୁ ଶ୍ରଦ୍ଧା ଓ ଅନୁସନ୍ଧିତ୍ସା ନେଇ ପୁରୁଣା ପତ୍ର ପତ୍ରିକା ଓ ପୁସ୍ତକ ସବୁ ଅଧ୍ୟୟନ କଲାବେଳେ ଗଙ୍ଗାଧରଙ୍କର ଯେଉଁ ଅଳ୍ପ କେତୋଟି ଅସଂଗୃହୀତ ରଚନା ତା' ଆଖିରେ ପଡ଼ିଥିଲା; ସେଗୁଡ଼ିକ ହେଲା– (କ) ବଳରାମ ଦେବ (ସମ୍ବଲପୁର ହିତୈଷିଣୀ ୭।୩୦, ୭।୩୧ ଓ ୭।୩୧, ୧୮୯୫-୯୬), (ଖ) 'ଦାକ୍ଷିଣାତ୍ୟ ଭ୍ରମଣ'ର ସମାଲୋଚନା (୮।୨୮, ୧୮୯୬), (ଗ) ସୁଖସ୍ୱପ୍ନ (ଉତ୍କଳ ସାହିତ୍ୟ ୧।୯, ୧୮୯୭), (ଘ) ପୁଷ୍କରିଣୀ (ଉତ୍କଳ ସାହିତ୍ୟ ୧।୧୦, ୧୮୯୭), (ଙ) ତରୁବର (ଉତ୍କଳ ସାହିତ୍ୟ ୨।୨, ୧୮୯୮), (ଚ) ନିଦାଘ ରାଜତ୍ୱ (୨।୬, ୧୮୯୮), ଓ (ଛ) ସଂପାଦକଙ୍କୁ ପତ୍ର (୨୪।୪୫, ୧୯୧୩) ଏଥିମଧ୍ୟରୁ ଚାରୋଟି ପଦ୍ୟ ନୃପରାଜ ସିଂହଦେବଙ୍କ ନାମରେ ପ୍ରକାଶିତ– ଯାହାକୁ 'ଦତ୍ତକାବ୍ୟ' ବୋଲି କୁହାଯାଇପାରେ। ଶେଷୋକ୍ତ ପତ୍ରଟି ସମ୍ବଲପୁର ହିତୈଷିଣୀର

ସଂପାଦକ ଦୀନବନ୍ଧୁ ପଟ୍ଟନାୟକଙ୍କ ନିକଟକୁ ଲିଖିତ— ପଟ୍ଟନାୟକଙ୍କର ତିନୋଟି ବହି ଉପରେ ମନ୍ତବ୍ୟ। ହୁଏତ ବ୍ୟକ୍ତିଗତ ପତ୍ର ଆକାରରେ ଏହା ଲିଖିତ ହୋଇଥିଲା। ପଟ୍ଟନାୟକ ମହାଶୟ ଚିଠିର ଗୁରୁତ୍ୱ ଅନୁଭବ କରି, ଆପଣା ପୁସ୍ତକର ପ୍ରସାର ପାଇଁ ଏହାକୁ ସମ୍ବାଦ ପତ୍ର ପୃଷ୍ଠାରେ ପ୍ରକାଶ କରିଥିଲେ। ଏହି ସାତୋଟି ରଚନା ମଧ୍ୟରୁ ତିନୋଟି ସଂପର୍କରେ ସୂଚନା କବି-ପୁତ୍ର ଭଗବାନ ମେହେର ଦେଇଥିଲେ। ଏହି ସଂଗ୍ରାହକ ସୁଖସ୍ୱପ୍ନ ଓ ପୁଷ୍କରଣୀକୁ ଭୂମିକା ସହ ସପ୍ତର୍ଷିରେ (୧।୯) ଓ 'ବଳରାମ ଦେବ'କୁ ଭୂମିକା ସହ ଏଷଣା-୧୪ରେ ପୁନଃ-ପ୍ରକାଶ କରିଥିଲା। ଗଙ୍ଗାଧରଙ୍କ ସ୍ରଷ୍ଟାଜୀବନର ପ୍ରଥମ ପର୍ଯ୍ୟାୟରେ ପ୍ରଥମ ଛଅଗୋଟି ରଚନା ପ୍ରକାଶିତ ହୋଇଥିବାରୁ, ଏଗୁଡ଼ିକର ଐତିହାସିକ ତାତ୍ପର୍ଯ୍ୟ ରହିଛି।

ସଂଗୃହୀତ ସାତୋଟି ରଚନାରେ ଖଣ୍ଡକାବ୍ୟର କବି ଓ ଗୀତିକବି ଗଙ୍ଗାଧରଙ୍କର ସାକ୍ଷାତ ମିଳେ। ଐତିହାସିକ କାବ୍ୟ ରଚନା କ୍ଷେତ୍ରରେ ଗଙ୍ଗାଧର ପରବର୍ତ୍ତୀ କାଳରେ ଅସମ୍ପୂର୍ଣ୍ଣ 'ପଦ୍ମିନୀ'ରେ ଯେଉଁ ପ୍ରଚେଷ୍ଟା କରିଥିଲେ ଓ ମାନସିକ-ଦ୍ୱନ୍ଦ୍ୱରୁ ଯେଉଁ ଅସମ୍ପୂର୍ଣ୍ଣତାର ସମ୍ମୁଖୀନ ହୋଇଥିଲେ— 'ବଳରାମ ଦେବ'।୨। ମଧ୍ୟ ସେଭଳି ଅପୂର୍ଣ୍ଣତାର ସୂଚନା ଦିଏ। ଗଙ୍ଗାଧରଙ୍କ ସ୍ରଷ୍ଟାମାନସର ବିବିଧ ବର୍ଣ୍ଣଚ୍ଛଟା ଓ ବିକାଶର ସୂତ୍ର ଜାଣିବା ଦୃଷ୍ଟିରୁ ପ୍ରଥମ ଛଅଗୋଟି ରଚନା ଗୁରୁତ୍ୱପୂର୍ଣ୍ଣ। ସମ୍ବଲପୁରର ଇତିହାସ ଓ କିମ୍ବଦନ୍ତୀ ପ୍ରତି ଗଙ୍ଗାଧରଙ୍କର ଥିବା ଶ୍ରଦ୍ଧା, 'ବଳରାମ ଦେବ'ରେ ପ୍ରକାଶିତ।

ଅତୀତ କାଳରେ କବିମାନଙ୍କ ମନରେ ବିଜ୍ଞାନ ପ୍ରତି ଏକ ଅହେତୁକ ବିକର୍ଷଣ ନଥିଲା— କବିଙ୍କର କବିତା ଥିଲା ତାଙ୍କର ପ୍ରଜ୍ଞା-ମାନସ ଓ ଆବେଗ-ଭାବର ଏକ ସଂଶ୍ଳେଷ। ଇଂରେଜୀ ରୋମାଣ୍ଟିକ୍ କାବ୍ୟାଦର୍ଶର ସମର୍ଥନରେ ଆସି ବୁଦ୍ଧି ଓ ବିଜ୍ଞାନର ବିଷୟବସ୍ତୁକୁ ଅକାବ୍ୟିକ ଭାବରେ ଗ୍ରହଣ କରାଗଲା। ରାଧାନାଥ ଓ ମଧୁସୂଦନ ପ୍ରମୁଖ ରୋମାଣ୍ଟିକ୍ ଭାବାଦର୍ଶରେ ଅଭିମଣ୍ଡିତ କବିଗଣଙ୍କ କବିତାରେ, ସେଥିପାଇଁ ସମକାଳୀନ ବୈଜ୍ଞାନିକ-ଆବିଷ୍କାର ସଂପର୍କରେ ସଚେତନତା ଓ ବୈଜ୍ଞାନିକ-ପ୍ରତ୍ୟୟ ପ୍ରତି ଅନାସ୍ଥା ସ୍ପଷ୍ଟ। ଗଙ୍ଗାଧରଙ୍କର ଆନୁଷ୍ଠାନିକ ଶିକ୍ଷା ସ୍ୱଳ୍ପ ହୋଇଥିବାରୁ ଓ ଇଂରେଜୀ ରୋମାଣ୍ଟିକ୍ କବିମାନଙ୍କର ଭାବବଳୟ ଭିତରେ ନିଜର ସାହିତ୍ୟାଦର୍ଶକୁ ସେ ବନ୍ଦୀ କରି ନଥିବାରୁ, ତାଙ୍କ କବିତାରେ ବିଜ୍ଞାନ ପ୍ରତି ସ୍ପର୍ଶ-କାତରତା ନାହିଁ। ବାସ୍ତବ ଓ ନବ-ପ୍ରତିଷ୍ଠିତ ବୈଜ୍ଞାନିକ ଧାରଣାର ସ୍ପର୍ଶରେ ତାଙ୍କ କବିତା ଲାଜକୁଳୀ ଲତା ଭଳି ଝାଉଁଳି ପଡ଼େନାହିଁ। ତପସ୍ୱିନୀ ଭଳି କାବ୍ୟରେ ଠାଏ ଠାଏ ଏଭଳି ବିଜ୍ଞାନ ସଚେତନତା ପ୍ରକାଶିତ ହୋଇଥିଲେ ହେଁ, ଗୀତି-କବିତା ଗୁଡ଼ିକରେ ଗଙ୍ଗାଧରଙ୍କ ବିଜ୍ଞାନ-ସଚେତନତା ସ୍ପଷ୍ଟତର। ମହିମା, ତରୁଚର, ପୁଷ୍କରଣୀ ଓ ନିଦାଘ— ରାଜତ୍ୱ ଆଦି କବିତା ତାଙ୍କ ବିଜ୍ଞାନ-ସଚେତନତାର ପ୍ରକାଶ। ଆଜିର 'ପରିବେଶ-ବିଜ୍ଞାନୀ'ମାନଙ୍କ ମତାମତକୁ ଯେଭଳି ଗଙ୍ଗାଧର ବହୁପୂର୍ବରୁ 'ତରୁଚର' କବିତାରେ ଉପସ୍ଥାପିତ କରିଛନ୍ତି—

'ଜନପ୍ରାଣ ଅପକାର ଯେଉଁ ବାଷ୍ପେ
ତାହା ତୁ ଭକ୍ଷଣ କରିନେଉ ଆପେ।
ରାତ୍ରିକାଳେ ଯେଣୁ ହୁଅଇ ନିର୍ଜନ,
ସେ କାଳେ କରୁ ସେ ବାଷ୍ପ ବିସର୍ଜନ।
ସେ ବାଷ୍ପ ସତେଜ କରେ ଜନ୍ତୁ ପ୍ରାଣ
× × × ×
ଗୋପନେ କରୁ ଏ ମହା ଉପକାର,
ଏହା ସିନା ମହାଜନଙ୍କ ବେଭାର।'

ସେହିଭଳି 'ସୁଖସ୍ୱପ୍ନ' କବିତାରେ ସମକାଳୀନ ମନୋବୈଜ୍ଞାନିକ ସିଦ୍ଧାନ୍ତସବୁକୁ ପଦ୍ୟ-ଆକାରରେ ପରିବେଷଣ କରାଯାଇଛି। ଓଡ଼ିଆ କବିମାନେ ଫ୍ରଏଡ଼ଙ୍କ ନାଁ ଶୁଣିବା ପୂର୍ବରୁ ଫ୍ରଏଡ଼ଙ୍କ ସ୍ୱପ୍ନତତ୍ତ୍ୱକୁ ଗଙ୍ଗାଧର ଚମତ୍କାର ଭାବରେ ଉପସ୍ଥାପିତ କରିଛନ୍ତି —

'କଳ୍ପଦ୍ରୁମ ଆଉ    କାହାକୁ କହନ୍ତି
ବୁଝି ପାରୁନାହିଁ ମୁହିଁ,
ଆଶୁ କଳ୍ପିତ    ଫଳ ପ୍ରଦାୟକ -
କଳ୍ପଦ୍ରୁମ ଏକା ତୁହିଁ।'

ଗଙ୍ଗାଧରଙ୍କର ଏହି ଦୁଷ୍ପ୍ରାପ୍ୟ କବିତା ଗୁଡ଼ିକରେ, ବିଜ୍ଞାନ-ସଚେତନତା ସହିତ ଓତଃପ୍ରୋତ ତାଙ୍କର ପ୍ରକୃତି-ପ୍ରୀତି। ଗଙ୍ଗାଧରଙ୍କ ପ୍ରକୃତି-ଧାରଣାରେ ପ୍ରକୃତି ମଣିଷର ବିକ୍ଷିପ୍ତ-ଘଡ଼ି ପାଇଁ ଶାନ୍ତିର ଏକ ଆଳୟ ମାତ୍ର ନୁହେଁ— ତା'ର ଏକମାତ୍ର ଆଶ୍ରୟ। ପ୍ରକୃତି ବକ୍ଷରେ ଥିବା ମଣିଷ ପରିପୂର୍ଣ୍ଣ ମଣିଷ। ସେଥିପାଇଁ ଅନ୍ୟମାନଙ୍କ ପାଇଁ ନିର୍ଜୀବ-ପ୍ରକୃତି ତାଙ୍କ ନିକଟରେ ସଜୀବ— ପ୍ରକୃତି ସହ ମଣିଷର ଆତ୍ମୀୟତା ଅଚ୍ଛେଦ୍ୟ ଓ ବନ୍ଧନ ନୈତିକ। ପୁଷ୍କରିଣୀ, ଟଗରେର ଓ ନିଦାଘ ଚାନ୍ଦ୍ର ଆଦି କବିତାରେ ପ୍ରକୃତି ମଣିଷ ଭଳି ବ୍ୟବହାର କରିଛି। ଦୈନନ୍ଦିନ ଚାଲିଚଳଣ ଦୃଷ୍ଟିରୁ ମଣିଷ ଓ ପ୍ରକୃତି ମଧ୍ୟରେ ଅପୂର୍ବ ସାମ୍ୟ ସେ ଆବିଷ୍କାର କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ତାଙ୍କର ବିଜ୍ଞାନ ସଚେତନତା ହେତୁ ପ୍ରକୃତି ତାଙ୍କ ନିକଟରେ ସ୍ୱାଭାବିକ— କେବେ ଏକ ଅତୀନ୍ଦ୍ରିୟ ଓ ରହସ୍ୟମୟ ସତ୍ତା ବିଶେଷ ନୁହେଁ। ପରବର୍ତ୍ତୀ କାଳରେ, ପ୍ରକୃତି ଓ ବିଜ୍ଞାନ, ଉଭୟ-ପ୍ରୀତିରୁ ସେ ରଚନା କରିଥିଲେ କୃଷକ-ସଂଗୀତ।

ଗଙ୍ଗାଧରଙ୍କ ଗଦ୍ୟ-ରଚନାର ପରିମାଣ ସ୍ୱଳ୍ପ। ଏହି ଅଳ୍ପ-ସଂଖ୍ୟକ ଗଦ୍ୟ-ରଚନା ମଧ୍ୟରେ ସାହିତ୍ୟ-ଆଲୋଚନାମୂଳକ ରଚନା ପ୍ରାୟତଃ ନାହିଁ। ଅବଶ୍ୟ ନିଜର ବିଭିନ୍ନ କାବ୍ୟର ମୁଖବନ୍ଧରେ ତଥା ପତ୍ରାବଳୀରେ ତାଙ୍କ ସାହିତ୍ୟ-ଚିନ୍ତାର ଅଭିବ୍ୟକ୍ତ ରହିଛି। ଲେଖକ ଜୀବନର ପ୍ରଥମ-ପର୍ଯ୍ୟାୟରେ କିନ୍ତୁ ସେ ପୁସ୍ତକ-ସମାଲୋଚନାରେ ହାତ ଦେଇଛନ୍ତି— 'ଦାକ୍ଷିଣାତ୍ୟ ଭ୍ରମଣ'ର ସମାଲୋଚନା ତାହାର ଦୃଷ୍ଟାନ୍ତ। 'ଦାକ୍ଷିଣାତ୍ୟ

ଭ୍ରମଣ' ଓଡ଼ିଆ ସାହିତ୍ୟର ପ୍ରଥମ ଭ୍ରମଣ-କାହାଣୀ ପୁସ୍ତକ। ଏହାର ଲେଖକ ଶଶୀଭୂଷଣ ରାୟଙ୍କ ବର୍ଣ୍ଣନା-ନୈପୁଣ୍ୟ ଉପରେ ଗଙ୍ଗାଧର ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। ପ୍ରକୃତି-ଦର୍ଶନ ଓ ବର୍ଣ୍ଣନରେ ଶଶୀଭୂଷଣ ଯେ ରାଧାନାଥଙ୍କର ଯୋଗ୍ୟ ଉତ୍ତରାଧିକାରୀ, ଏହା ଗଙ୍ଗାଧର ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି। ଗଙ୍ଗାଧର କାବ୍ୟ-କବିତାର ମୁଗ୍ଧ-ସମୀକ୍ଷକ ଡକ୍ଟର ଅସିତ କବି, ଏହି 'ଦାକ୍ଷିଣାତ୍ୟ ଭ୍ରମଣର ସମାଲୋଚନା' ସଂପର୍କରେ ତାଙ୍କର ସଦ୍ୟ-ପ୍ରକାଶିତ 'ଓଡ଼ିଆ ସାହିତ୍ୟ ସମାଲୋଚନାର ଇତିହାସ'ରେ ଲେଖିଛନ୍ତି— 'ଊନବିଂଶ ଶତାବ୍ଦୀରେ ଏକାଧିକ କବିଙ୍କୁ ସମାଲୋଚକ ରୂପେ ମଧ୍ୟ ଦେଖିବାକୁ ମିଳିଥିଲା, ଏ କ୍ଷେତ୍ରରେ କେବଳ ରାଧାନାଥ ଓ ମଧୁସୂଦନ ଯେ ସିଦ୍ଧ ହସ୍ତତାର ପରିଚୟ ଦେଇଥିଲେ ତା ନୁହେଁ, ଅଧିକନ୍ତୁ କବି ଗଙ୍ଗାଧର ମେହେର ମଧ୍ୟ ନିଜର ଅନୁଶୀଳନ ଓ ଅନୁଧ୍ୟାନ ରୀତିର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରି ପାରିଥିଲେ। ଅବଶ୍ୟ ଏ କ୍ଷେତ୍ରରେ ତାଙ୍କର ସାଧନା ବ୍ୟାପକ ନୁହେଁ। କାରଣ ମୁଖ୍ୟତଃ ତାଙ୍କର ସାଧନା ଉଦ୍ଦିଷ୍ଟ ହୋଇଥିଲା ଅଭିନବ ଅନୁପମ କାବ୍ୟ-ରଚନା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ସୁସମୃଦ୍ଧ କରିବାରେ। ତଥାପି ଜଣେ ସମାଲୋଚକର ବାଞ୍ଛିତ ତୃତୀୟ ନୟନ ତାଙ୍କର ଯେ ଥିଲା, 'ସମ୍ବଲପୁର ହିତୈଷିଣୀ'ରେ ଶଶିଭୂଷଣଙ୍କ 'ଦାକ୍ଷିଣାତ୍ୟ ଭ୍ରମଣ'ର ସମାଲୋଚନାରୁ ତାହା ସହଜରେ ଉପଲବ୍ଧି ହୋଇଥାଏ। (ପୃ. ୧୧୨) ଗଙ୍ଗାଧରଙ୍କ ତୃତୀୟ-ନୟନ 'ଦାକ୍ଷିଣାତ୍ୟ-ଭ୍ରମଣ'କୁ କିଭଳି ଅବଲୋକନ କରିଛି, ତାହାର କୌଣସି ସୂଚନା ଡକ୍ଟର କବି ଦେଇ ନାହାନ୍ତି।

## ॥ ତିନି ॥

ଗଙ୍ଗାଧରଙ୍କର ପ୍ରଥମ ପରିଚୟ, ସେ କବି। ତାଙ୍କର ରଚନାବଳୀ ହେଉଛି ତାଙ୍କ ପ୍ରତିଭା ମୂଲ୍ୟାୟନରେ ମୌଳିକ-ଭିତ୍ତି। ଜଣେ ଲେଖକଙ୍କର ପ୍ରତିଭା-ମୂଲ୍ୟାୟନ କଲାବେଳେ ଓ କବିତ୍ୱ-ବିକାଶର କାହାଣୀ ଉପସ୍ଥାପନ କଲାବେଳେ, ତାଙ୍କର ପ୍ରତ୍ୟେକ ରଚନାର ସ୍ୱରୂପ, ସମୟ ଓ ବିବର୍ତ୍ତନ ସଂପର୍କରେ ସ୍ପଷ୍ଟ-ଅବବୋଧ ଆବଶ୍ୟକ। ଗୋଟିଏ ରଚନା କବି-ଜୀବନର ଆଦି-ପର୍ଯ୍ୟାୟରେ ରଚିତ ହୋଇଥିଲେ ଯେତିକି ଗୁରୁତ୍ୱ ପାଇବା ଆବଶ୍ୟକ, ସେହି ରଚନାଟି କବିଙ୍କ ଜୀବନର ମଧ୍ୟ ବା ଶେଷ-ପର୍ଯ୍ୟାୟରେ ରଚିତ ହୋଇଥିଲେ, ସେଭଳି ଗୁରୁତ୍ୱ ଲାଭ ନକରିବା ସ୍ୱାଭାବିକ। ଦୃଷ୍ଟାନ୍ତ ସ୍ୱରୂପ, କବି ନନ୍ଦକିଶୋରଙ୍କ 'ପ୍ରଶ୍ନ' କବିତାକୁ ନିଆଯାଇପାରେ। କବିଙ୍କର ଏହା ପ୍ରଥମ ପ୍ରକାଶିତ କବିତା ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ, ଅନ୍ୟଥା ଏହା ଏକ ଅତି ସାଧାରଣ କଞ୍ଚାହାତର ଲେଖା ମାତ୍ର। ରସ ରତ୍ନାକର, କୁମାର ଜନ୍ମୋତ୍ସବ, ସୁଖସ୍ୱପ୍ନ, ତରୁବର, ଆମୋଦ ବା ଭକ୍ତି-ଉପହାର ଆଦି ରଚନାର ରଚନାକାଳ ସଂପର୍କରେ

ନଥିବାରୁ ଗଙ୍ଗାଧର ସାହିତ୍ୟର ସମୀକ୍ଷକମାନେ, ଏଗୁଡ଼ିକୁ ସାଧାରଣ ସ୍ତାବକତା ବା ପୌରାଣିକ କାହାଣୀର ପଦ୍ୟାୟନ ଭାବରେ ଗ୍ରହଣ କରି, ଉପେକ୍ଷା ପ୍ରଦର୍ଶନ କରିଛନ୍ତି। ଗଙ୍ଗାଧର ପୃଷ୍ଠପୋଷକତା ପାଇଁ ସାହିତ୍ୟକୁ କିପରି ବିନିଯୋଗ କରିଥିଲେ– ସେ ଇତିହାସ ପ୍ରାୟତଃ ଅଜ୍ଞାତ ରହିଯାଇଛି। ସେଥିପାଇଁ ସ୍ୱର୍ଗତ ଭଗବାନ ମେହେର ବା ଡକ୍ଟର ନରେନ୍ଦ୍ରନାଥ ପ୍ରଧାନଙ୍କ ଦ୍ୱାରା ସଂପାଦିତ ଗ୍ରନ୍ଥାବଳୀ, ବୈଜ୍ଞାନିକ-ରୀତିରେ ସଂପାଦିତ ଗ୍ରନ୍ଥାବଳୀ ଭାବରେ ବ୍ୟର୍ଥ। ଡକ୍ଟର ହେମନ୍ତ କୁମାର ଦାସ, ଡକ୍ଟର ସାମନ୍ତରାୟଙ୍କୁ ଅନୁସରଣ କରି, ଗଙ୍ଗାଧରଙ୍କ ରଚନାବଳୀକୁ ଅନ୍ତତଃ କାଳାନୁକ୍ରମିକ ସଜ୍ଜିତ କରି ଏ ଦିଗରେ ଶୁଭ-ପ୍ରୟାସ କରିଛନ୍ତି। କିନ୍ତୁ ଗ୍ର[illegible]ଳୀ ସଂପାଦନା ପାଇଁ ଆବଶ୍ୟକ ପ୍ରଶିକ୍ଷଣ, ଅଧ୍ୟବସାୟ ଓ ନିଷ୍ଠାର ଅଭାବ, ଏହି ପ୍ରୟାସକୁ ଇପ୍ସିତ ପରିଣତି ଦେଇ ପାରିନାହିଁ। ଫଳରେ ଗଙ୍ଗାଧରଙ୍କ ସାହିତ୍ୟ-ସୃଷ୍ଟି ସଂପର୍କରେ ନାନା ବିଭ୍ରାନ୍ତି ସୃଷ୍ଟି ହୋଇଛି।

ଗଙ୍ଗାଧରଙ୍କ ସାହିତ୍ୟର ଆଲୋଚନା କଲାବେଳେ [illegible]କ ଆଲୋଚକ, ୧୮୯୪ରୁ ୧୯୦୨/୧୯୦୩ ପର୍ଯ୍ୟନ୍ତ ଗଙ୍ଗାଧର କିଛି ରଚନା କରିନଥିବା କହିଥାନ୍ତି। ସେଥିପାଇଁ ସେମାନେ ନାନା କଳ୍ପିତ ଓ ଉଦ୍ଭଟ ସିଦ୍ଧାନ୍ତରେ ପହଞ୍ଚିଥାନ୍ତି। ଏହି ବିଷୟରେ ଡକ୍ଟର ହେମନ୍ତ କୁମାର ଦାସଙ୍କ ମତାମତକୁ ଦୃଷ୍ଟାନ୍ତ ହିସାବରେ ଉପସ୍ଥାପିତ କରାଯାଇପାରେ— "ଅସଂପୂର୍ଣ୍ଣ 'ଉତ୍କଳ ଲକ୍ଷ୍ମୀ' ୧୮୯୪ ମସିହାରେ ସର୍ବପ୍ରଥମେ ଶ୍ରୀ ସୂର୍ଯ୍ୟ କୁମାର ମିତ୍ରଙ୍କ ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା ଏବଂ ୧୮୯୬ ମସିହାରେ ମୃଦୁ ଭାବରେ ସମାଲୋଚିତ ହୋଇ ଗଙ୍ଗାଧରଙ୍କ ମନ ଭାଙ୍ଗି ଦେଇଥିଲା। ଅଭିମାନରେ ତେଣୁ କବି ୧୯୦୩ ମସିହା ପର୍ଯ୍ୟନ୍ତ ଉଲ୍ଲେଖଯୋଗ୍ୟ କିଛି ଲେଖି ପାରିନଥିଲେ।" (କବି ଚରିତ, ପୃ.୩୦) ପୁଣିଥରେ ଏଭଳି ବକ୍ତବ୍ୟର ପ୍ରତିଧ୍ୱନି କରି, ସେ ଲେଖିଛନ୍ତି: "ସୁଦୀର୍ଘ ଆଠବର୍ଷ କବି ନିଜକୁ ସାରସ୍ୱତ ଜଗତଠାରୁ ଦୂରେଇ ନେଇଛନ୍ତି, ସୃଷ୍ଟିର ଯନ୍ତ୍ରଣାରେ ବ୍ୟାକୁଳିତ ହୋଇଛନ୍ତି। ଏକ ଅକୃତଜ୍ଞ ଜାତିର ନିଷ୍ଠୁରତା ବିରୁଦ୍ଧରେ ଅଭିମାନାହତ କବିଚିତ୍ତ ନୀରବରେ ପ୍ରତିବାଦ ଜଣାଇଛି।" (କବି ଚରିତ, ପୃ.୩୭) ବାସ୍ତବ ପରିସ୍ଥିତି ଓ ତଥ୍ୟ ସଂପର୍କରେ ଅଜ୍ଞତା ଏଭଳି ଉଦାଡମ୍ବର-ପୂର୍ଣ୍ଣ, ଭିତ୍ତିହୀନ ସିଦ୍ଧାନ୍ତର ଭିତ୍ତି। ଡକ୍ଟର ଦାସ କେବଳ ନୁହନ୍ତି, ବହୁ ସମୀକ୍ଷକ ଏଭଳି ଭିତ୍ତିହୀନ ଯୁକ୍ତି କରିଥାନ୍ତି। ଡକ୍ଟର ସାମନ୍ତରାୟ ଗଙ୍ଗାଧରଙ୍କ ରଚନାବଳୀ ସଂପର୍କରେ ପ୍ରସ୍ତୁତ କରିଥିବା ଗ୍ରନ୍ଥପଞ୍ଜିକୁ ସର୍ବ-ପ୍ରାମାଣ୍ୟ ଭାବରେ ମାନିନେବା ଓ ଗଙ୍ଗାଧରଙ୍କ ପ୍ରତ୍ୟେକ ରଚନାର ଐତିହାସିକ ପୃଷ୍ଠଭୂମି ସଂପର୍କରେ ଅବହିତ ନରହିବା, ଏହାର କାରଣ।

ଡକ୍ଟର ସାମନ୍ତରାୟ ଗଙ୍ଗାଧରଙ୍କ ରଚନାର ପ୍ରକାଶ ସମୟ ନିର୍ଦ୍ଦେଶ କଲାବେଳେ କୀଚକବଧ ରଚନାପୂର୍ବରୁ ଗଙ୍ଗାଧରଙ୍କର ଏଗାରଟି ରଚନା ରଚିତ/ପ୍ରକାଶିତ ହୋଇଥିବାର ଉଲ୍ଲେଖ କରିଛନ୍ତି। ସେଗୁଡ଼ିକ ହେଲା– ରସ ରତ୍ନାକର, ଅହଲ୍ୟାସ୍ତବ, ଇନ୍ଦୁମତୀ, ଉତ୍କଳଲକ୍ଷ୍ମୀ, ଭାରତୀ ଭୋଦନ, ଉତ୍କଳ ଭାରତୀଙ୍କ ନିବେଦନ, ମହିମା,

'ବ' ଭେଦ, 'ଗ' ଓ 'ଗୁ' ଭେଦ, ଏହା କି ପୃଥିବୀର ଶବ୍ଦ ଓ ବର୍ଣ୍ଣଚିତ୍ର। କିନ୍ତୁ ସଂପୃକ୍ତ କାଳରେ ଗଙ୍ଗାଧରଙ୍କର ଯାଉଣିଟି ରଚନା ପ୍ରକାଶିତ ହୋଇଥିବାର ଏ ପର୍ଯ୍ୟନ୍ତ ଜଣାଯାଇଛି—

(୧) ରସ ରତ୍ନାକର, ରଚନାକାଳ ୧୮୮୨ରୁ ୧୮୮୫ ମଧ୍ୟରେ। ଏହାର କେତେକାଂଶ ପ୍ରଥମେ ପଣ୍ଡିତ ରାଘବ ମିଶ୍ରଙ୍କ 'ମୋହେର କବି'ରେ ଉଦ୍ଧୃତ ହୋଇଥିଲା।

(୨) ଅହଲ୍ୟାସ୍ତବ (ଶାର୍ଦ୍ଦୁଳ ବିକ୍ରୀଡ଼ିତ ଛନ୍ଦରେ) ୧୮୯୩ରେ ପୁସ୍ତିକା ଆକାରରେ ପ୍ରକାଶିତ। ୧୯୧୦/୧୧ରେ ବଙ୍ଗଳାଶ୍ରୀ ଛନ୍ଦରେ ପୁନଃ-ଲିଖିତ। (ଗଙ୍ଗାଧର ପତ୍ରାବଳୀ, ପୃ. ୬୪)। ୧୯୧୪ ମସିହାରେ ନୂତନ ଅହଲ୍ୟାସ୍ତବ ମୁଦ୍ରିତ।

(୩) ବିରହ ବ୍ୟଥିତ ରାମ (ଅସମ୍ପୂର୍ଣ୍ଣ)— ୧୯୬୧ରେ ପ୍ରଥମ ଥର ପାଇଁ ଝଙ୍କାରରେ ପ୍ରକାଶିତ।

(୪) କୁମାର ଜନ୍ମୋତ୍ସବ (୪।୪।୧୮୯୪) ସମ୍ବଲପୁର ହିତୈଷିଣୀ ୫।୪୪।

(୫) ଇନ୍ଦୁମତୀ— ରଚନାକାଳ ୧୮୯୩ ମସିହା ଅକ୍ଟୋବର। ଉତ୍କଳ ପ୍ରଭା ୩।୧୧ ଓ ୪।୧ରେ ପ୍ରକାଶିତ। ଉତ୍କଳପ୍ରଭା ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ପ୍ରକାଶିତ ହେଉଥିବାରୁ ପ୍ରଥମ କିସ୍ତିଟି, ପ୍ରକୃତରେ ଏପ୍ରିଲ୍ ୧୮୯୪ ପରେ ପ୍ରକାଶିତ। ପୁସ୍ତକାକାରରେ ୧୮୯୪ ମସିହା ଶେଷଆଡ଼କୁ ପ୍ରକାଶିତ।

(୬) ଉତ୍କଳ ଲକ୍ଷ୍ମୀ— ରଚନାକାଳ ୧୮୯୪ ମସିହା ଜୁଲାଇ-ଅଗଷ୍ଟ। ୧୮୯୫ ମସିହା ସେପ୍ଟେମ୍ବର ମାସରେ ଅସଂପୂର୍ଣ୍ଣ ଭାବରେ ପ୍ରକାଶିତ। ଏହାର ପ୍ରକାଶକ ଭାବରେ ସୂର୍ଯ୍ୟକୁମାର ମିଶ୍ରଙ୍କ ନାମ ରହିଛି। ୧୯୧୪ ମସିହାରେ ପୂର୍ଣ୍ଣାଙ୍ଗ 'ଉତ୍କଳ ଲକ୍ଷ୍ମୀ' ପ୍ରକାଶିତ।

(୭) ଭାରତୀ ରୋଦନ (୩।୧୦।୧୮୯୪) ସମ୍ବଲପୁର ହିତୈଷିଣୀ ୬।୧୮।

(୮) ଉତ୍କଳ ଭାରତୀଙ୍କ ନିବେଦନ— (୬।୩।୧୮୯୫) ସମ୍ବଲପୁର ହିତୈଷିଣୀ ୬।୪୦।

(୯) ବଳରାମ ଦେବ— (୨୫।୧୨।୧୮୯୫, ୦୧।୦୧।୧୮୯୬, ୦୮।୦୧।୯୬)। ସମ୍ବଲପୁର ହିତୈଷିଣୀ ୭।୩୦, ୭।୩୧, ୭।୩୨। ଏହା ୧୮୯୬ ମସିହାରେ ପୁସ୍ତିକା ଆକାରରେ ମଧ୍ୟ ପ୍ରକାଶିତ। ମାର୍ଚ୍ଚ ୧୮୯୫ ମସିହା ପୂର୍ବରୁ ଏହା ରଚିତ।

(୧୦) ଦାକ୍ଷିଣାତ୍ୟ ଭ୍ରମଣର ସମାଲୋଚନା (୯।୧୨।୧୮୯୬) ସମ୍ବଲପୁର ହିତୈଷିଣୀ ୮।୨୮।

(୧୧) ମହିମା (ଜାନୁଆରୀ, ୧୮୯୭) ଉତ୍କଳ ସାହିତ୍ୟ ୧।୧ ଅଗଷ୍ଟ ୧୮୯୭ରେ ପୁସ୍ତକ ଆକାରରେ ପ୍ରକାଶିତ। ପ୍ରକାଶକ ସ୍ୱୟଂ 'ଗଙ୍ଗାଧର'।

(୧୨) 'ବ' ଭେଦ (୧୭।୩।୧୮୯୭) ସମ୍ବଲପୁର ହିତୈଷିଣୀ ୮।୪୨।

(୧୩) ଆମୋଦ (ମେ, ୧୮୯୭) ଉତ୍କଳ ସାହିତ୍ୟ ୧।୫। ସମକାଳରେ ପୁସ୍ତକ ଆକାରରେ ମଧ୍ୟ ପ୍ରକାଶିତ।

(୧୪) ସୁଖସ୍ୱପ୍ନ (ସେପ୍ଟେମ୍ବର, ୧୮୯୭) ଉତ୍କଳ ସାହିତ୍ୟ, ୧ । ୯ ।
(୧୫) ପୁଷ୍କରିଣୀ (ଅକ୍ଟୋବର, ୧୮୯୭) ଉତ୍କଳ ସାହିତ୍ୟ, ୧ । ୧୦ ।
(୧୬) ତରୁବର (ଫେବୃୟାରୀ, ୧୮୯୮) ଉତ୍କଳ ସାହିତ୍ୟ, ୨ । ୨ ।
(୧୭) ନିଦାଘ ରାଜତ୍ୱ (ଜୁନ, ୧୮୯୮) ଉତ୍କଳ ସାହିତ୍ୟ, ୨ । ୬ ।
(୧୮) 'ର' ଓ 'ଲ' ଭେଦ (୩୧।୮।୧୮୯୮) ସମ୍ବଲପୁର ହିତୈଷିଣୀ, ୧୦।୧୬।
(୧୯) ଭକ୍ତି ଉପହାର— ଅଗଷ୍ଟ, ୧୮୯୯ ପୂର୍ବରୁ ପୁସ୍ତିକା ଆକାରରେ ଗଙ୍ଗାଧରଙ୍କ ଦ୍ୱାରା ପ୍ରକାଶିତ।
(୨୦) ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ (ଜାନୁଆରୀ, ୧୯୦୦) ଉତ୍କଳ ସାହିତ୍ୟ, ୪।୧।
(୨୧) ଏହା କି ପୃଥିବୀର ଶବ? (ଜୁଲାଇ, ୧୯୦୦) ଉତ୍କଳ ସାହିତ୍ୟ ୪।୭।
(୨୨) ବର୍ଷାଚିତ୍ର (ଜୁନ, ୧୯୦୨) ଉତ୍କଳ ସାହିତ୍ୟ ୬।୩।

ରଚନାବଳୀ ସଂପର୍କିତ ଏହି ଅଜ୍ଞତା ସହିତ ସମକାଳୀନ ପରିସ୍ଥିତିର ଅନବବୋଧ ଉପରେ ଉପରୋକ୍ତ ଧାରଣା ପ୍ରତିଷ୍ଠିତ। ୧୮୯୪ ମସିହାରେ 'ଇନ୍ଦୁମତୀ' ପ୍ରକାଶିତ ହୁଏ ଓ 'ଉତ୍କଳ ଲକ୍ଷ୍ମୀ'ର ରଚନା ସଂପୂର୍ଣ୍ଣ ହୁଏ। ପ୍ରଥମେ ପ୍ରକାଶ ଉଦ୍ଦେଶ୍ୟରେ ଗଙ୍ଗାଧର 'ଉତ୍କଳ ଲକ୍ଷ୍ମୀ'କୁ 'ଉତ୍କଳ ପ୍ରଭା'କୁ ପ୍ରେରଣ କରନ୍ତି। କିନ୍ତୁ ମନୋନୀତ ହେଲେ ବି (କବିଲିପି ପୃ. ୭୧) ତାହା 'ଉତ୍କଳ ପ୍ରଭା'ରେ ପ୍ରକାଶିତ ହୁଏନାହିଁ। ଗଙ୍ଗାଧରଙ୍କର, ବୋଧହୁଏ ଆଶାଥିଲା ପ୍ରକୃତି ବର୍ଣ୍ଣନାତ୍ମକ ଓ ଜାତୀୟଭାବୋଦ୍ଦୀପନ ରଚନା ହୋଇଥିବାରୁ 'ଉତ୍କଳ ଲକ୍ଷ୍ମୀ' ପାଇଁ ପ୍ରଭାର ପୁରସ୍କାର ପରିମାଣ ନିଶ୍ଚିତ ଅଧିକ ହେବ, ଯାହାଫଳରେ ସ୍ୱଚ୍ଛନ୍ଦରେ ସେ ତାହାକୁ ପୁସ୍ତକାକାରରେ ପ୍ରକାଶ କରିପାରିବେ। ମାତ୍ର ତାଙ୍କର ସେ ଆଶା ଫଳବତୀ ହେଲାନାହିଁ। ତା'ପରେ 'ଉତ୍କଳ ଲକ୍ଷ୍ମୀ' ସମ୍ବଲପୁର ହିତୈଷିଣୀକୁ ପ୍ରେରିତ ହୋଇଥିବା, ରାଧାନାଥଙ୍କ ଚିଠିରୁ ଅନୁମେୟ। (କବିଲିପି ପୃ. ୭୧-୭୨)। 'ହିତୈଷିଣୀ'ରେ ପ୍ରକାଶିତ ନହେବା ଫଳରେ ଗଙ୍ଗାଧର ଶେଷରେ ତାହାକୁ ପୁସ୍ତିକାଆକାରରେ ମୁଦ୍ରିତ କରାଇଥିଲେ। ବିଦ୍ୟାରତ୍ନ ମହାଶୟଙ୍କ ମନକୁ କାହିଁକି କେଜାଣି 'ଉତ୍କଳ ଲକ୍ଷ୍ମୀ' ପାଇ ନଥିଲା ଓ ସେ ଏଭଳି ରଚନାକୁ ଗଙ୍ଗାଧାରୀ-ପ୍ରତିଭାର ଉପଯୁକ୍ତ ବୋଲି ମଣିନଥିଲେ। (ସମ୍ବଲପୁର ହିତୈଷିଣୀ, ୭।୩୧, ପୃ. ୧୨୧। ପ୍ରଥମ ବାକ୍ୟରୁ ଗୋଟିଏ ଅଂଶ ବାଦଦେଇ ଏହି ସଂକ୍ଷିପ୍ତ ପୁସ୍ତକ ସମୀକ୍ଷାକୁ ଡକ୍ଟର ସାମନ୍ତରାୟ ତାଙ୍କ ପୁସ୍ତକରେ ଉଦ୍ଧାର କରିଛନ୍ତି। ଗଙ୍ଗାଧର ସାହିତ୍ୟ ସମୀକ୍ଷା ପୃ. ୩୯) 'ଉତ୍କଳ ଲକ୍ଷ୍ମୀ'ର ଅସଂପୂର୍ଣ୍ଣତା ଓ ୧୮୯୪ ମସିହା ପରେ ରାଧାନାଥଙ୍କ ପ୍ରତି ବିଦ୍ୟାରତ୍ନ ମହାଶୟଙ୍କ ପରିବର୍ତ୍ତିତ ଦୃଷ୍ଟିକୋଣ ଏଭଳି ମତାମତର କାରଣ ମଧ୍ୟ ହୋଇପାରେ। କିନ୍ତୁ ତା'ବୋଲି 'ଉତ୍କଳ ଲକ୍ଷ୍ମୀ' ପରେ ଗଙ୍ଗାଧରଙ୍କ ଲେଖନୀ କେବେ ନୀରବ ନଥିଲା। 'ଉତ୍କଳ ଲକ୍ଷ୍ମୀ' ରଚନା ପରେ ଓ 'କୀଚକ ବଧ' ରଚନା ପୂର୍ବରୁ, ଏହି ଆଠ/ନଅ ବର୍ଷ ସମୟସୀମା ଭିତରେ ଗଙ୍ଗାଧରଙ୍କର ଛୋଟବଡ଼ ଗଦ୍ୟ-ପଦ୍ୟ ମିଶି ଷୋହଳ ଗୋଟି ରଚନା ପ୍ରକାଶିତ—

କେତେବେଳେ ନିଜ ନାମରେ ତ ଅନ୍ୟ କେତେବେଳେ ନୃପରାଜ ସିଂହଙ୍କ ନାମରେ। ସେଥିମଧ୍ୟରୁ 'ବଳରାମ ଦେବ', 'ମହିମା', 'ଆମୋଦ' ଓ 'ଭକ୍ତି ଉପହାର' ଉଲ୍ଲେଖଯୋଗ୍ୟ। ସଂଖ୍ୟା ଓ ବୈଚିତ୍ର୍ୟ ଦୃଷ୍ଟିରୁ ସଂପୃକ୍ତ ଆଠବର୍ଷ ଗଙ୍ଗାଧରଙ୍କ ସାହିତ୍ୟିକ-ଜୀବନରେ ସବୁଠାରୁ ବର୍ଣ୍ଣୋଜ୍ଜ୍ୱଳ-ଅଧ୍ୟାୟ। ଗଦ୍ୟ ଓ ପଦ୍ୟ, କ୍ଷୁଦ୍ରକାବ୍ୟ, ବର୍ଣ୍ଣନାତ୍ମକ କବିତା, ବ୍ୟାକରଣ, ବିଜ୍ଞାନ-ଶିକ୍ଷା-ଭିତ୍ତିକ ପ୍ରବନ୍ଧ ତଥା ପୁସ୍ତକ-ସମୀକ୍ଷା ଭିତର ଦେଇ ମେହେର-ପ୍ରତିଭା ଏହି ଆଠବର୍ଷ ମଧ୍ୟରେ ପ୍ରକାଶିତ ହୋଇଛି। ତେଣୁ ଡକ୍ଟର ସାମନ୍ତରାୟଙ୍କ ଉକ୍ତି– "ଏ କଠୋର ସମାଲୋଚନା ବୋଧହୁଏ, ମେହେରଙ୍କୁ ବହୁ ପରିମାଣରେ ନିରୁତ୍ସାହିତ କରି ଦେଇଥିଲା। ସେହେତୁ ବୋଧହୁଏ ସେ ଦୀର୍ଘ ଆଠବର୍ଷ କାଳ ଅନ୍ୟ କାବ୍ୟରେ ଆଉ ହାତ ଦେଇ ନଥିଲେ"– (ଗଙ୍ଗାଧର ସାହିତ୍ୟ ସମୀକ୍ଷା, ପୃ. ୩୯) ମିଥ୍ୟା ଧାରଣା ଉପରେ ପ୍ରତିଷ୍ଠିତ। ଅଭିମାନରେ କବି ସାରସ୍ୱତ ସାଧନାଠାରୁ ଦୂରେଇ ଯିବା ଆଦି ଯାହା କୁହାଯାଇଛି, ତାହା ଆଲୋଚକମାନଙ୍କ ଅଜ୍ଞତା ପ୍ରସୂତ। ସଂପୃକ୍ତ କାଳରେ, କେଉଁ ସାହିତ୍ୟ-ରୂପ ମାଧ୍ୟମରେ ଯଥାର୍ଥ ଭାବରେ ନିଜେ ଆତ୍ମ-ପ୍ରକାଶ କରି ପାରିବେ, ସେଥିନେଇ ଗଙ୍ଗାଧର ଏକ ମାନସିକ ଦ୍ୱନ୍ଦ୍ୱର ଆବର୍ତ୍ତ ଭିତରେ ପଡ଼ିଥିଲେ। ସମକାଳୀନ ସାହିତ୍ୟ-ରୁଚି ତାହାର ଅନ୍ୟତମ କାରଣ ଥିଲା। 'ଉତ୍କଳ ଲକ୍ଷ୍ମୀ' ଭଳି କାବ୍ୟ ଅନୁକୂଳ ସମାଲୋଚନାରୁ ବଂଚିତ ହୋଇଥିଲାବେଳେ ତାଙ୍କର 'ମହିମା' ଭଳି ନୀତି ଉପଦେଶ-ପୂର୍ଣ୍ଣ ପଦ୍ୟ ପ୍ରଶଂସିତ ହୋଇଥିଲା। 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ 'ମହିମା'ର ସମୀକ୍ଷା ଏହାର ଦୃଷ୍ଟାନ୍ତ–

"ମହିମା– ଶ୍ରୀ ଗଙ୍ଗାଧର ମେହେରଙ୍କ କର୍ତ୍ତୃକ ପ୍ରଣୀତ ଓ ପ୍ରକାଶିତ। ଯେଉଁ ସୁମଧୁର କବିତାଟିକୁ ଆମ୍ଭେମାନେ ପରମାଦରରେ 'ଉତ୍କଳ ସାହିତ୍ୟ'ର ପ୍ରଥମ ସଂଖ୍ୟାରେ ସ୍ଥାନ ଦେଇଥିଲୁ, ଆଜି ତାହା ପୁସ୍ତକାକାରରେ ଆମ୍ଭମାନଙ୍କର ହସ୍ତଗତ ହୋଇଥିବାର ଦେଖି ଆମ୍ଭେମାନେ ଯଥେଷ୍ଟ ଆନନ୍ଦ ଲାଭ କରିଅଛୁଁ। ଏ ସମ୍ବନ୍ଧରେ ଆମ୍ଭେମାନେ ଅଧିକ କିଛି କହିବୁ ନାହିଁ। 'ମହିମା'ର କୌଣସି ଅଂଶ ଯେ ଆମ୍ଭମାନଙ୍କ ହୃଦୟରେ ଏ ପର୍ଯ୍ୟନ୍ତ ଲାଗି ରହିଛି, ଏକ କଥାଟି ନକହିଲେ ନିତାନ୍ତ ଅକୃତଜ୍ଞତାର କାର୍ଯ୍ୟ ହେବ। ଗଙ୍ଗାଧରବାବୁ ମାତୃଭକ୍ତ ସୁକବି। ସେ ଦୀର୍ଘଜୀବୀ ହୋଇ ସୁନ୍ଦର କବିତା ପ୍ରସୂନ ଦ୍ୱାରା ମାତୃପୂଜାର ପବିତ୍ର ବ୍ରତ ପାଳନ କରୁଥାନ୍ତୁ, ଏହାହିଁ ଆନ୍ତରିକ କାମନା। ଦୁଃଖ ଏତିକି ଯେ ଏ ଦେଶରେ ପ୍ରକୃତ ଗୁଣଜ୍ଞ ଗ୍ରାହକଙ୍କ ସଂଖ୍ୟା ଅତି ଅଳ୍ପ।" (ଉତ୍କଳ ସାହିତ୍ୟ ୧।୨, ପୃ. ୩୧୦-୧୧)

କେବଳ 'ଉତ୍କଳ ସାହିତ୍ୟ' ନୁହେଁ, 'ସମ୍ବଲପୁର ହିତୈଷିଣୀ'ରେ ମଧ୍ୟ ଅନୁରୂପ ଏକ ସମୀକ୍ଷା ସମକାଳରେ ପ୍ରକାଶିତ ହୋଇଥିଲା। (ସମ୍ବଲପୁର ହିତୈଷିଣୀ, ୯।୨୯, ପୃ. ୧୧୩) ଗଙ୍ଗାଧର, ସଂପୃକ୍ତ କାଳରେ, ବିଭିନ୍ନ ସ୍ତରର ପାଠକଙ୍କ ପାଇଁ ଭିନ୍ନ ଭିନ୍ନ ଧରଣର ଲେଖା ଲେଖୁଥିଲେ। ଫଳରେ ଦୀର୍ଘ କାବ୍ୟ ରଚନାରେ ମନୋନିବେଶ କରିପାରି ନଥିଲେ।

ଗ୍ରନ୍ଥାବଳୀ ସଂପାଦନାର ପ୍ରଥମ ଉପକରଣ ହେଲା ଗଙ୍ଗାଧରଙ୍କ ସମସ୍ତ ରଚନାର ସଂଗ୍ରହ ଓ କାଳକ୍ରମିକ ସଜ୍ଜୀକରଣ। ତା'ପରେ ପ୍ରତ୍ୟେକ ରଚନାର ବିବିଧ ସଂସ୍କରଣ ଭିତ୍ତିରେ ପାଠାଲୋଚନା ଓ ଗ୍ରନ୍ଥାବଳୀ ପାଇଁ ପାଠ-ନିର୍ଣ୍ଣୟ। କୌଣସି ପୁସ୍ତକର ବିଭିନ୍ନ ସଂସ୍କରଣ ମଧ୍ୟରେ ଥିବା ପାଠଭେଦ ଓ ବିଶେଷତ୍ୱ ସଂପାଦକଙ୍କ ଦ୍ୱାରା ପ୍ରଦର୍ଶିତ ହେବା ଉଚିତ। ଏସବୁ କରିବା ପାଇଁ ଅତ୍ୟାବଶ୍ୟକ ହେଉଛି ସଂପାଦକଙ୍କର ନିଷ୍ଠା ଓ ନିର୍ଲିପ୍ତ ଗବେଷଣା। ଏସବୁକୁ ଆଗେଇ ନେବାପାଇଁ ଦରକାର ସମସ୍ତ ପ୍ରକାର ଆନୁଷ୍ଠାନିକ-ସହଯୋଗ। ହଠାତ୍ ଫଳଲାଭର ଆକାଂକ୍ଷା ଓ ପ୍ରତିଷ୍ଠାନିକ-ଅସହଯୋଗ ବର୍ତ୍ତମାନର ଓଡ଼ିଆ-ସାହିତ୍ୟ-ଗବେଷଣାକୁ କେବଳ ବିଡ଼ମ୍ବିତ କରିନାହିଁ, ଏଭଳି ବୌଦ୍ଧିକ-କର୍ତ୍ତବ୍ୟ-ସଂପାଦନା ପାଇଁ ନିରୁତ୍ସାହର ବାତାବରଣ ସୃଷ୍ଟି କରିଛି। ଫଳସ୍ୱରୂପ, ଗଙ୍ଗାଧରଙ୍କ ସଂପର୍କରେ ଚର୍ଚ୍ଚା-ନିବନ୍ଧର ସ୍ତୂପ ବଢ଼ିଯାଉଛି କିନ୍ତୁ ଗଙ୍ଗାଧର ଗ୍ରନ୍ଥାବଳୀର ଯେଉଁ ପ୍ରାମାଣିକ ସଂସ୍କରଣ ଉପରେ ଏହି ଚର୍ଚ୍ଚା-ନିବନ୍ଧ ପ୍ରସ୍ତୁତ ହେବା କଥା – ଗ୍ରନ୍ଥାବଳୀର ସେଭଳି ପ୍ରାମାଣିକ ସଂସ୍କରଣ ପ୍ରସ୍ତୁତ ହୋଇପାରି ନାହିଁ। ଫ୍ରେଡସନ୍ ବାଓ୍ୱରସଙ୍କୁ ଅନୁସରଣ କରି କୁହାଯାଇପାରେ ଯେ, ଗଂଗାଧର ସାହିତ୍ୟର ଅବବୋଧ ପାଇଁ ତାଙ୍କ ଗ୍ରନ୍ଥାବଳୀ ଭିତରେ ଥିବା ବିବିଧ ଉପାଦାନକୁ ଓ ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ପାଇଁ ତାଙ୍କ ରଚନାବଳୀର ବିବିଧ-ସଂସ୍କରଣ ମଧ୍ୟରେ ଥିବା ବିଭିନ୍ନ ସୂଚନାକୁ, ତାଙ୍କର ସମାଲୋଚକମାନେ ଅବହେଳା କରିଥିବାରୁ, ତାଙ୍କର ସାହିତ୍ୟ ଓ ପ୍ରତିଭାର ମୂଲ୍ୟାୟନ ଏକ-ପାର୍ଶ୍ୱିକ ହୋଇଛି। (Textual and Literary Criticism, P. 15)।

ଗଙ୍ଗାଧର ସାହିତ୍ୟର ରସଗ୍ରାହୀ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଓ ଭବିଷ୍ୟତର ଗବେଷକମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ କବିଙ୍କ ଗ୍ରନ୍ଥାବଳୀରେ ସଂଗୃହୀତ ହୋଇନଥିବା ରଚନାବଳୀ ଏହି ସଂକଳନରେ ପୁନଃ-ମୁଦ୍ରିତ। ଡକ୍ଟର ହେମନ୍ତ କୁମାର ଦାସଙ୍କ ସଂପାଦିତ ଗ୍ରନ୍ଥାବଳୀରେ ସ୍ଥାନ ପାଇନଥିବା ରଚନାବଳୀ ଏଠାରେ 'ଅସଂଗୃହୀତ ରଚନାବଳୀ' ଭାବରେ ଅଭିହିତ। ଏହି ପ୍ରସ୍ତାବନା ଲେଖକ ଦ୍ୱାରା ସଂଗୃହୀତ ସାତୋଟି ରଚନା ସହିତ ପିତୃ-ପ୍ରସଙ୍ଗରେ ସ୍ଥାନିତ ଓ ତୃତୀୟ ପାଠ (୧୯୦୪)ରୁ ଗୃହୀତ 'ଶ୍ରୀ ରାମଚନ୍ଦ୍ରଙ୍କ ବନ-ପ୍ରସ୍ଥାନ', 'ଈଶ୍ୱର ଦ୍ରୋହୀ' ଓ 'ଚୁଲୁଲିଆ' ଏଠାରେ ପୁନଃ-ମୁଦ୍ରିତ। ଏହାଦ୍ୱାରା ସଂପୂର୍ଣ୍ଣ ସଂଗ୍ରହ 'ଗ୍ରନ୍ଥାବଳୀ'ର ପରିଶିଷ୍ଟ ଭାବରେ ବ୍ୟବହୃତ ହୋଇପାରିବ। 'ଗ୍ରନ୍ଥାବଳୀ' ଗୁଡ଼ିକରେ ଥିବା 'ରସ ରତ୍ନାକର' ଅସଂପୂର୍ଣ୍ଣ। ଡକ୍ଟର ଅସିତ କବିଙ୍କ ଗଙ୍ଗାଧର ଜୀବନୀର ପାଠ ଉପରେ ସେଗୁଡ଼ିକ ପର୍ଯ୍ୟବସିତ। ପୁଣି 'ପିତୃ-ପ୍ରସଙ୍ଗ'ରେ ଥିବା 'ରସ-ଗଙ୍ଗାଧର' ଠାରୁ ଅଧ୍ୟାପକ କବିଙ୍କ ଦ୍ୱାରା ସଂଗୃହୀତ 'ରସ-ରତ୍ନାକର'ର ପାଠଭେଦ ଅନେକ। ତେଣୁ ପ୍ରଶ୍ନ ହୁଏ, 'ରସ ରତ୍ନାକର'ର କେଉଁ ପାଠଟି ଅଧିକ ପ୍ରାମାଣିକ? ଅଧ୍ୟାପକ ଚିନ୍ତାମଣି ବେହେରା ବ୍ୟବହାର କରିଥିବା 'ରସ-ରତ୍ନାକର'ର ପାଣ୍ଡୁଲିପି-ପାଠ ସହିତ ପିତୃ ପ୍ରସଙ୍ଗରେ ମୁଦ୍ରିତ 'ରସ ରତ୍ନାକର'ର ସାମ୍ୟ ରହିଛି। ପ୍ରସ୍ତୁତ ସଙ୍କଳନରେ

ତେଣୁ 'ରସ ରତ୍ନାକର' ପାଠାନ୍ତର ସହିତ ସ୍ଥାପିତ। ଗଙ୍ଗାଧର ଗ୍ରନ୍ଥାବଳୀର ଏକ ପ୍ରାମାଣିକ ସଂସ୍କରଣ ପ୍ରସ୍ତୁତ କରିବା କ୍ଷେତ୍ରରେ ଏହା ଭବିଷ୍ୟତର ସଂପାଦକ ଓ ଗବେଷକମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା।

□ □ □

୧। ଗଙ୍ଗାଧର ସାହିତ୍ୟର ସଂଗ୍ରହ ଓ ସମୀକ୍ଷା କ୍ଷେତ୍ରରେ 'ପ୍ରଜାଶକ୍ତି'ର ଗଙ୍ଗାଧର ବିଶେଷାଙ୍କ ଓ 'ମେହେର ପ୍ରଦୀପ' ଗଙ୍ଗାଧର ବିଶେଷାଙ୍କର ଭୂମିକା ରହିଛି। ଏହି ପ୍ରସ୍ତାବନା ପ୍ରସ୍ତୁତି ସମୟରେ ଲେଖକ ନିକଟରେ ତାହା ନଥିବାରୁ, ତାହାକୁ ଆଲୋଚନା ଭିତରକୁ ଅଣା ଯାଇ ନାହିଁ।

୨। 'ବଳରାମ ଦେବ' କାବ୍ୟର ବିକଳ୍ପ ନାମ ଭାବରେ ଭଗବାନ ବାବୁ 'ରୁକ୍ମିଣୀ' ନାମର ଅବତାରଣା କରିଛନ୍ତି। ସଂପୃକ୍ତ କ୍ଷୁଦ୍ରକାବ୍ୟରେ ବଳରାମ ଦେବଙ୍କ ମାତା ରୁକ୍ମିଣୀଙ୍କର କୌଣସି ଭୂମିକା ନାହିଁ। ତେଣୁ ଆଲୋଚିତ କାବ୍ୟର ଶୀର୍ଷକ 'ରୁକ୍ମିଣୀ' ହେବାର କୌଣସି ଯୁକ୍ତି ନାହିଁ। 'ସମ୍ବଲପୁର ହିତୈଷିଣୀ'ର ପୃଷ୍ଠାରେ ଓ ପୁସ୍ତିକା ଆକାରରେ ପ୍ରକାଶିତ କାବ୍ୟର ନାମ 'ବଳରାମ ଦେବ'— ସେହି 'ବଳରାମ ଦେବ'ଙ୍କୁ କବିପୁତ୍ର ପିତୃ-ପ୍ରସଙ୍ଗରେ ଉଦ୍ଧୃତି ଦେଇଛନ୍ତି। (ପୃ. ୧୫୭-୧୫୯)। 'ବଳରାମ ଦେବ' ସମ୍ପର୍କରେ ଚିଠିରେ ଆଲୋଚନା ଚାଲିଥିବା ସମୟରେ ରାଧାନାଥ 'ରୁକ୍ମିଣୀ' କାବ୍ୟ ପ୍ରସଙ୍ଗ ଆଣିଛନ୍ତି: 'ରୁକ୍ମିଣୀ କାବ୍ୟ ମୁଁ ପ୍ରତିପ୍ରେରଣ କରିଅଛି'। (କବିଲିପି, ପୃ. ୭୨) ରାଧାନାଥଙ୍କର ପତ୍ର ଭଗବାନବାବୁଙ୍କ ମନରେ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ସମ୍ଭବ। ତେବେ 'ରୁକ୍ମିଣୀ' କ'ଣ ଗଙ୍ଗାଧରଙ୍କର ଅନ୍ୟ ଏକ କାବ୍ୟ ?

# ରସ-ରତ୍ନାକର

[ ରସ ରତ୍ନାକରର ଏହି ପାଠ-ନିର୍ଣ୍ଣୟ, ମୁଖ୍ୟତଃ, 'ପିତୃ-ପ୍ରସଙ୍ଗ'ରେ ଅନ୍ତର୍ଭୁକ୍ତ 'ରସ ରତ୍ନାକର' ଭିତ୍ତିରେ ପ୍ରସ୍ତୁତ। ଯେଉଁଠାରେ 'ପିତୃ-ପ୍ରସଙ୍ଗ'ର ପାଠକୁ ଗ୍ରହଣ କରାଯାଇନାହିଁ, ତାହାକୁ ପାଠାନ୍ତରରେ (କ-ପାଠ) ଆକାରରେ ଦିଆଯାଇଛି। ଯେଉଁଠାରେ ଡକ୍ଟର ଅର୍ପିତ କବିଙ୍କ 'ଗଙ୍ଗାଧର ଜୀବନୀ'ର ପାଠ ଗୃହୀତ— ତାହା ପାଠାନ୍ତରରେ ସୂଚୀତ। ଡକ୍ଟର କବିଙ୍କ ଦ୍ୱାରା ସଂଗୃହୀତ 'ରସ ରତ୍ନାକର' 'ଖ-ପାଠ' ବୋଲି ସୂଚୀତ ଓ ଏହି 'ଖ'-ପାଠ ପାଠାନ୍ତର ରୂପରେ ଗୃହୀତ। ଅନ୍ୟଥା ସୂଚିତ ନହେଲେ ସମସ୍ତ ପାଠାନ୍ତର 'ଖ'-ପାଠର ବୋଲି ଗ୍ରହଣ କରିବାକୁ ହେବ। ]

## ପ୍ରଥମ ଛାନ୍ଦ

### ରାଗ-କଳସା

ରଘୁନାଥ ରାଜୀବଲୋଚନ* ମନୋହର,
ରମାସୁତା-ହୃଦୟ-ଚକୋର-** ସୁଧାକର। ୧।
ରତିପତି-ଜିତ ଛବି ଶ୍ୟାମଳ ସୁନ୍ଦର,
ରମଣୀୟ ଦିଶେ ବେନି ଭୁଜେ ଚାପଶର। ୨।
ରାକ୍ଷକୁଳ ନିର୍ମୂଳ-କାରଣେ* ଅବତାର
ରକ୍ଷାକଲ ବିଭୀଷଣେ ଦେଇ ଲଙ୍କେଶ୍ୱର** । ୩।
ରଜ ଲଭି ଯାହିଁରୁ ଅହଲ୍ୟା ଶାପୁ ପାର,*
ରଞ୍ଜନ ଶ୍ରୀଚରଣେ ବନ୍ଦେ** ନିରନ୍ତର। ୪।
ରଚିବାକୁ ଗୀତ ଚିତ୍ତ ବଳିଅଛି ମୋର,

---

।୧। * ରାଜୀବର ନେତ୍ର, ** ହୃଦ-ଚୀବଞ୍ଜିବ
।୩। * ସଂହାରଣେ ତବ, ** ରକ୍ଷିଣେ ବିଭୀଷଣଙ୍କୁ କରି ଲଙ୍କେଶ୍ୱର।
।୪। * ଯହିଁ ଋଷି-ରମଣୀ ଉଦ୍ଧାର, ** ସେ ଶ୍ରୀଚରଣେ ବନ୍ଦେ।

ରମେଶ କରୁଣା କରି* ବାଞ୍ଛା ପୂର୍ଣ୍ଣ କର ।୫।
ରଚିବି ପ୍ରବନ୍ଧ ଉଷା ଅନିରୁଦ୍ଧଙ୍କର
ରସିକ-ହୃଦ-କୁମୁଦେ ହେଉ ଶଶଧର ।୬।
ର-ଆଦି ଆଦ୍ୟ ପ୍ରାନ୍ତରେ ଭାବ ସୁମଧୁର
ରସଯୁତ ପଦ ହେଉ ବୁଧ-ଚିତ୍ତହର ।୭।
ରତ୍ନାକର ଉତ୍ତଂସ* ବାଣ ମହାବୀର,
ରସାମଣ୍ଡଳେ ତା ବୀରପଣ ସୁପ୍ରଚାର ।୮।
ରତିପତି-ପତ୍ର-ପରଶରେ ପାଇ ବର,
ରବି ସଙ୍ଗେ ଉପମିତ* ବଳ ଶତ କର ।୯।
ରତ୍ନପୁର ରାଜଧାନୀ ପ୍ରସିଦ୍ଧ ନଗର,
ରତ୍ନସାନୁ ସହ* ରାଜପୁର ପଟାନ୍ତର ।୧୦।
ରଣ ପାଇଁ ଦିଗ୍‌ବିଜୟ* କରି ମହାବୀର,
ରସ ରସାତଳ ନାକ** କଲା ସେ ବିହାର ।୧୧।
ରକ୍ଷରାଜେ ଜରିବାକୁ ସମ୍ମୁଖ* ସମର,
ରଥୀ କେହି ଧନୁ ଧରି ନ ହେଲେ ବାହାର ।୧୨।
ରହିତ କରିବା ପାଇଁ ଭୁଜବ୍ୟଥା ତା'ର,
ରସାଧରେ ପ୍ରହାରନ୍ତେ ହୋଇଯାନ୍ତି ଚୂର ।୧୩।
ରଣରଙ୍ଗୀ ବ୍ରହ୍ମାଣ୍ଡେ ନ ପାଇ ସମ ବୀର,*
ରତୀଶ-ପର ନିକଟ ଗମିଲା ସତ୍ୱର ।୧୪।
ରହସ୍ୟ ଗୀରେ ବୋଇଲା, 'ଶୁଣ ଶୂଳଧର,*
ରଙ୍ଗେ ମୋ ସହସ୍ର କର ଲଭି** ତୁମ ବର ।୧୫।
ରଣ କରିବାକୁ କାହିଁ ନ ପାଇଲା* ଶୂର,
ରହିଲା ତ ବ୍ୟଥା ଭୁଜେ, ହେଉ ନାହିଁ ଦୂର ।୧୬।

---

।୫। * ବହି
।୮। * ଉତଂଶ
।୯। * ରବିକି ନିନ୍ଦଇ ତା'ର
।୧୦। * ରତ୍ନସାନୁ-ବାସୀ
।୧୧। * ଦିକ୍-ବିଜୟ କରି ବାରମ୍ବାର, ** ଯାଇ
।୧୨। * ସମ୍ମୁଖେ
।୧୪। * ରଣ ରଙ୍ଗ ନ ପାଇଣ ସୁଯୋଗ୍ୟ-ପ୍ରବୀର
।୧୫। * ରଚିଲା ବଚନ, ନାଥ ଶୁଣ ସ୍ମର ହର [କ-ପାଠ], ** ପାଇ [କ-ପାଠ]
।୧୬। * ପାଇଲି [କ-ପାଠ]

ରହିଛ ତୁମେ କେବଳ କରନ୍ତୁ ସମର,*
ରହସ ଭୁଜ-ବେଦନା** ହେଉ ମୋ ଅନ୍ତର । ୧୭ ।
ରଜତ ଗିରି ନାୟକ କହିଲେ ଉତ୍ତର,*
ରହ କିଛି ଦିନ ରିପୁ** ଲଭିବୁ ପାମର । ୧୮ ।
ରଥେ ତୋର ଅଛି ଯେଉଁ ତିରୀଙ୍କ ଶେଖର*
ରସାରେ ପଡ଼ିବ ଛିନ୍ନ** ହୋଇ ସେ ବାସର । ୧୯ ।
ରକ୍ଷି ନ ପାରିବୁ ଏହି ସଦର୍ପ ଆଚାର,*
ରହିବୁ ଧ୍ରୁବ ପରାୟେ ଛେଦ ହେବ କର** । ୨୦ ।
ରକ୍ଷପତି ଶୁଣି ପ୍ରତ୍ୟାଗତ* ନିଜପୁର,
ରହିଲା ପ୍ରତୀକ୍ଷା କରି ଆସିବାକୁ ପର । ୨୧ ।

## ଦ୍ୱିତୀୟ ଛାନ୍ଦ

(ରାଗ— ଚୋଖି)

ରସିକ ବୁଧ ନିକର    ରସେ ଦିଅ ଦୀନ କର
ଉଷା ନାମେ ସୁତା ଥିଲା ବଳିସୁତର ।
ରମଣୀ-କୁଳ ରତନ    ଲଭି ନବ ଯଉବନ
ହୋଇଲା ଜନ-ନୟନ-ଚନ୍ଦ୍ରୀ*-ମନ୍ଦିର ।
ରସବତୀ ଶୋଭାସାଗର
ରଙ୍ଗେ ମଛି ଦେଲାଣି କୁଞ୍ଚ** କୁମର । ୧ ।
ରତ୍ନକୁଟ ପୟୋଧର    ତହିଁ ବେଣୀ କାକୋଦର
ମଞ୍ଜନ ହରେ ହେଲେଣି କ୍ରମେ ବାହାର,

---

। ୧୭ । * ଏକା ଆପଣ, କରିବି ସମର [କ-ପାଠ], ** ରହସ ବାହୁ-ବେଦନା
। ୧୮ । * ରଜତ-ପର୍ବତ-ପତି କଲେ ପ୍ରତ୍ୟୁତ୍ତର, ** ଅରି
। ୧୯ । * କେତକ ଅମ୍ବର, ** ଲୋଟିବ ଛିନ୍ନ
। ୨୦ । * ଉଦର୍ପ ତୋହର, ** ତୁ ଛିନ୍ନ କରେ ସ୍ଥାଣୁ ପରକାର
। ୨୧ । * ଏହା ଯାଇ
ଦ୍ୱିତୀୟ ଛାନ୍ଦ
। ୧ । * ରତି ['କ'-ପାଠ], ** କୁନ୍ତ

ରଜନୀକର ସୁହାସ — ପାରିଜାତଙ୍କ* ସୁବାସ
ରମନ ଅଭ୍ରମୁକ୍ତଣ ପୀୟୂଷଭାର
ରମା, ରୁଚି ଅତି ରୁଚିର
ରହିଛି ଲଣ ଲବଧେ** ବିରହ ତା'ର***।୨।
ରଙ୍ଗ ରାଜୀବ ଅଧରା — ରମନ କରନ୍ତେ ଧରା —
ମଣ୍ଡଳକୁ ମଣ୍ଡିଦିଏ ତାଙ୍କି ପସର,
ରତୀଶ କମାଣ ଭୂରୁ — ସୁବାଚନ — ଦନ୍ତରୁରୁ
ଲୟଦ* ଅଞ୍ଜନାଞ୍ଚିତ ନୟନ ଶର।
ରକ୍ତାଞ୍ଚିତ ଓଷ୍ଠ ତାହାର,
ରତ୍ନାସ୍ତ୍ୟକ ହେବ ଚାହିଁ ଯୋଷିତ ବର।୩।
ରଦନାବଳି ମୋତି ପଙ୍କ୍ତି — ପରାୟେ ଶୋଭା ଦିଶନ୍ତି
ଭୁଜ-ବଲ୍ଲୀ ହେମ-ପୁଷ୍ପମାଳା* ପ୍ରକାର,
ରମଣୀୟ ପଦତଳ — ପ୍ରବାଳ ସମ ମଞ୍ଜୁଳ
ପଞ୍ଚାନନ ପ୍ରାୟେ କ୍ଷୀଣ କଟି ସୁନ୍ଦର;
ରସନିଧି ରମଣୀବର
ରବଅଳିତ** ବଚନ ମୃଦୁ ମଧୁର।୪।
ରଥକୂଳ ମହୀପତି — ସୁତାଙ୍କୁ ଯୌବନବତୀ
ଚାହିଁ ରଖାଇଲା ଅତି ଅଗମ୍ୟ ପୁର,
ରକ୍ଷାଙ୍କ ପ୍ରହରୀଗଣ — ପ୍ରଚଣ୍ଡ ବୋଲେ ବଚନ
ଥିବ ସଦା ସାବଧାନ କେମା ଉପର;
ରକ୍ଷ ଯକ୍ଷ ନର କିନ୍ନର
ରଣବାସକୁ ନ ଯିବେ ହେଲେ ଈଶ୍ୱର।୫।
ରଧାଳକୀ ନାନା ରଙ୍ଗେ — ସହଚରୀ ଗଣ ସଙ୍ଗେ
ଅନ୍ତଃପୁର ମଧ୍ୟେ ରହି କରେ ବିହାର,
ରବା ବଂଶୀ ସମର୍ଦ୍ଦଳ* — ବଜାଇ ବାଦ୍ୟ ମଞ୍ଜୁଳ
କେତେବେଳେ ଅକ୍ଷ ଖେଳେ ହୋଇ ତତ୍ପର,
ରସାଭୂଷା ଯୋଷା ଶେଖର,
ରଙ୍ଗେ କରନ୍ତେ ହରେ ନିଶା ବାସର।୬।

।୨। * ପାରିଜାତର, ** ଲଗଲ ବଧେ, *** ଭର ['କ' ଓ 'ଖ' ପାଠ]
।୩। * ଉଦୟ
।୪। * ହେବ ପୁଷ୍ପମାଳା, ** ରଅବଚିତ
।୬। * ରବାବଂଶୀ ମୃଦଙ୍ଗ

ରମ୍ୟ କୁବେର କାନନ      ଜିଣି ବାଣ ଉପବନ
ନନ୍ଦନବନକୁ ନିତି କରେ* ଧିକ୍କାର,
ରସାଳ କ୍ରମୁକ** ତାଳ      ନାରୀକେଳ ଯେ ତମାଳ
ରାଜି ରାଜି ବିରାଜିତ ବିଟପି-ବର;
ରମ୍ଭାହଳି ପ୍ରିୟ କେଶର,
ରମେ ଚିତ୍ର ଚନ୍ଦନ କୌଶିକ କର୍ପୂର ।୭।
ରଙ୍ଗଣୀ ନବ ମାଳିକା      ମଲ୍ଲୀ ମାଧବୀ ଯୂଥିକା
ବିବିଧ କୁସୁମବତୀ ବଲ୍ଲୀ ସୁନ୍ଦର,
ରସଗ୍ରାହୀ ମଧୁକର      ବସିଣ ପୁଷ୍ପ ଉପର
ଗୁଣୁ ଗୁଣୁ* ସ୍ୱନ କରେ ଅତି ମଧୁର।
ରସାଳ ଫଳରେ ସୁଭାର,
ରହନ୍ତି ପାଦପେ ନମ୍ରେ କି ବୁଧ ନର ।୮।
ରଚିକର କର ଜାଳ      ନ ଛୁଏଁ ଧରଣୀ ତଳ
ଘନ କିଶଳୟାବୃତ ଶାଖୀ* ନିକର,
ରମ୍ୟ କୁଞ୍ଜ ନିକେତନ      ସ୍ଥାନେ ସ୍ଥାନେ ବିଦ୍ୟମାନ
ଶୁକ ଶାରୀ** ତହିଁ ଭାଷୁ ଅଛି ସୁସ୍ୱର;***
ରହେ ମଧ୍ୟେ ସରସୀବର,
ରସାଦେବୀ ଦରପଣ କି ସେ ରୁଚିର ।୯।
ରଞ୍ଜନ ସୁଧା ସୋପାନ      ଚାରି ଦିଗେ ବିଦ୍ୟମାନ
ପରିପୂର୍ଣ୍ଣ ହୋଇଅଛି ବିମଳ ନୀର,
ରକ୍ତ କମଳ ମାଳ      ପ୍ରଫୁଲ୍ଲ ହୋଇ ମଞ୍ଜୁଳ
ଫୁଟିଛି ଅମିତ ଇନ୍ଦୀବର କହ୍ଲାର;
ରୟ ହରି ବାସ ତାଙ୍କର,
ରଜ ସାରଥି କଲୁଷେ କରେ ପ୍ରଚାର ।୧୦।
ରମ୍ଭୋରୁ ତହିଁ ବିହରେ      ସରୋବରେ ସ୍ନାନକରେ
ନନ୍ଦନେ କିନ୍ନରୀ ପରି ଶୋଭା ସଞ୍ଚାର,
ରକ୍ଷିପାଏ ସୁରଙ୍ଗିନୀ      ସଙ୍ଗେ ସଚିବ ନନ୍ଦିନୀ
ଚିତ୍ରଲେଖା ନାମେ ଖ୍ୟାତ ଚତୁରୀ ବର;
ରଙ୍ଗେ ଜାଣେ ବିଦ୍ୟା ଅପାର
ରଭସେ* ବିଚରି ପାରେ ସାରା ସଂସାର ।୧୧।

---

।୭। * କରେ ନିତି, ** ଚିତ୍ରୁକ
।୮। * ଗୁଣ ଗୁଣ ['କ'-ପାଠ]
।୯। * ଶାଖି ['କ'-ପାଠ], ** ସାରୀ ['କ'-ପାଠ], *** ସୁସ୍ୱର
।୧୧। * ରଭସ ['କ'-ପାଠ]

## ତୃତୀୟ ଛାନ୍ଦ

### ରାଗ-ରାମକେରୀ

ରସବତୀ ଦିନେ ସଙ୍ଗତେ
ଘେନି ସଙ୍ଗିନୀବାର
ରଙ୍ଗେ ଗଲା ବାମା ଆରାମେ*
କରିବାକୁ ବିହାର । ୧ ।
ରସାଳ ମୂଳରେ ମାଧବୀ
ଲତା ମଣ୍ଡପ ସାର,
ରମଣୀ ରତନ ବସିଲା
ଯାଇ ତହିଁ ଉପର* । ୨ ।
ରଚିଦେଲେ ସଖୀଏ ବିବିଧ
ଫୁଲେ ବେଶ ବାମାର*,
ରତି* * ରହିବ ଅପସରି
ଚାହିଁ ସେ ଶୋଭା ତାର* * * । ୩ ।
ରଚି କେ ଦିଶେ ମଲ୍ଲୀମାଳ
ଉରେ ଦେଲା ବାମାର,*
ରମ୍ୟ କି ସେ କୁଚ ଶମ୍ଭୁରେ
ସ୍ୱଚ୍ଛ ଜାହ୍ନବୀ ଧାର* * । ୪ ।
ରଖିଲା* କେ ବେଣୀ କେତକୀ
. ଯୋଷା ଖୋଷା ଉପର,
ରସିକାମଣିର ସେ ଶୋଭା
ଚାହିଁ* * ହୁଏ ବିଚାର । ୫ ।
ରସନା* ପ୍ରସାରି ଆସେ କି
ରଭ-ରିପୁ-କୁମାର,

---

ତୃତୀୟ ଛାନ୍ଦ
। ୧ । * ରାମା ଆରାମ [‘କ’-ପାଠ]
। ୨ । * ଭିତର [‘ଖ’-ପାଠ]
। ୩ । * ସୁନୀଳ ବେଶ ସୁମନୋହର, ** ରତି, *** ଶୋଭା ଚାହିଁ ବାଳାର
। ୪ । * ମଣ୍ଡି କିଅବା ଉର, ** ରମ୍ୟ ଦିଶିଲା ଶମ୍ଭୁ ଶିରେ ଯେସନେ ଜାହ୍ନବୀ ଧାର।
। ୫ । * ରଖିଲା, ** ରସିକାମଣି ରମ୍ୟଶୋଭା ଦେଖି

ରଭସ କରିବାକୁ ତ୍ରାସ
　　　　ମୁଖ ଅମୃତ କର* *। ୬।
ରହି କିଛିକ୍ଷଣ ସେଠାରୁ*
　　　　ବାଳା ହେଲା ବାହାର
ରଥ୍ୟା ମଣ୍ଡି ଦେଇ ଚଳିଲା
　　　　ଚାରୁପଦ ସଞ୍ଚାର। ୭।
ରଣ ଝଣ ଶବ୍ଦ ଧିକ୍କାରି
　　　　କ୍ୱଣ* କଲା ନୂପୁର,
ରତି ପତି ରଥ ମଦନ
　　　　କି ସେ ହେଲା ପ୍ରଚାର* *। ୮।
ରକ୍ଷି ପାଶେ ଚିତ୍ରଲେଖାକୁ
　　　　ଦେଇ ତା ଅଙ୍ଗେ କର*
ରଚି ଗର୍ବାଳସୀ ବରଟା—
　　　　ଗତି ଅତି ସୁନ୍ଦର। ୯।
ରକ୍ତ ନେତ୍ରୀ ଉପବନରେ
　　　　ଭାବେ କଲା* ବିହାର
ରମ୍ଭା ଉର୍ବଶୀର ଶୋଭାକୁ
　　　　ହେଲେ ସେ ପଟାନ୍ତର* *। ୧୦।
ରସ ରଙ୍ଗେ* କରୁଁ ବିହାର
　　　　ଆସି ଏକ ଭ୍ରମର,
ରମଣୀ ମୁଖରେ* * ବସନ୍ତେ
　　　　ଛାଡ଼ି ଭାଷିଲା ଧୀର। ୧୧।
ରଜଃପୂର୍ଣ୍ଣ-ଫୁଲ୍ଲ-ସରୋଜ*
　　　　ମୁଁ ତ ନୁହେଁ ଭ୍ରମର,
ରସ ଲୋଭେ ମତେ* * କିଅର୍ଥେ
　　　　କିପାଁ କରୁ ଆତୁର। ୧୨।

---

।୬। * ବଦନ, ** ଉଭୟ-ରାଶି ଦେବାକୁ ବଦନ ସୁଧାକର।
।୭। * ଉଦ୍ୟାନେ
।୮। * ରଣ ଝଣ ହୋଇ ଶବଦ ତହିଁ ['କ'-ପାଠ], ** ରଣ ରଣ ରଥ ରଥାଙ୍ଗ କି ସେ କରେ ଘର୍ଘର ?
।୯। * ରସବତୀ ଚିତ୍ରଲେଖାର ଅଙ୍ଗେ ସ୍ପର୍ଶ କରି;
।୧୦। * ରକ୍ତ ନେତ୍ର ଯଥା କୁସୁମ ବନେ କଲା, ** ମିଳନ ଶୋଭା କଲା ଧିକ୍କାର।
।୧୧। * ରସାଳରେ ['କ'-ପାଠ], ** ଅଧରେ
।୧୨। * ରଜପୂର୍ଣ୍ଣ ଫୁଲ୍ଲ କୁସୁମ ['କ'-ପାଠ], ** ମୋତେ

ରହସ୍ୟ* ସଖୀଏ ବୋଇଲେ
ତୁ ତ ପଦ୍ମିନୀ ସାର,
ରସାସ୍ୱାଦୀ ଯେବେ** ଚୁମ୍ବିଲା
ତହିଁ କି ଦୋଷ ତା'ର । ୧୩ ।
ରହିଥିଲା ଆନ* ସଜନୀ
ପୁଣି କହିଲା ଗୀର,**
ରମ୍ୟ ପୁଷ୍ପବତୀ ସୁବର୍ଣ୍ଣ—
ବଲ୍ଲୀ ସଖୀ ଆମ୍ଭର*** । ୧୪ ।
ରଙ୍ଗେ କୌତୁକ କୁହାକୁହି
ଗଲେ ତଡାଗ ତୀର,
ରଙ୍ଗ ରାଜୀବ ଘେନି ଶୋଭା
ଦିଶେ ବିମଳ ନୀର* । ୧୫ ।
ରତି-ପତିର କି ପ୍ରତି—
ମୂର୍ତ୍ତି ସେ ସରୋବର
ରହିଅଛି ଯେଣୁ ତାପରେ,
ନୀରେ କୁସୁମ-ଶର* । ୧୬ ।
ରହିଣ ସଲୀଳେ ଖେଳିଲେ
ଜାନ ଚାଡି କିଷ୍ଟିର,*
ରବନ୍ତି ଆନନ୍ଦେ** ଦମ୍ପତି—
ପ୍ରେମେ ହୋଇ ବିଭୋର*** । ୧୭ ।
ରକ୍ଷରାଜ ସୁତା ତା ଦେଖି
ହେଲା ଚିତ୍ତ ବିକାର,

।୧୩। * ରସିକ ['କ'-ପାଠ], ** ପ୍ରତି
।୧୪। * ଅନ୍ୟ ['କ'-ପାଠ], ** ଦେଖା ପ୍ରତି ରଖିକ—, *** ବାହାବୀ ବର ['କ'-ପାଠ]
।୧୫। * ରଙ୍ଗ ପ୍ରବନ୍ଧ ଏପରି
ରାଶି ଥରକୁ ଥର
ରସିକିନୀ ବୃନ୍ଦ ମଣ୍ଡିଲେ
ଯାଇ ତଡାଗ ତୀର ।
।୧୬। * ['କ'-ପାଠରେ ନାହିଁ]
।୧୭। * ବିହର ['କ'-ପାଠ], ** ସୁସ୍ୱର ['କ'-ପାଠ], *** ହରଷ ଭର ['ଖ'-ପାଠ]

ରତି ପତି ଶର ସହିଲା
ପାଇ ସୁ ଅବସର* ।୧୮।
ରହି ନ ପାରି ତହିଁ ବାଳା
ବାହୁଡ଼ିଲା ମନ୍ଦିର,
ରବି ଏହି କାଳେ ଗମିଲେ
ଅସ୍ତ-ନଗ* ଶିଖର ।୧୯।
ରଜନୀ ପ୍ରବେଶେ ଉଦିତ
ହେଲେ ରଜନୀ-କର,
ଉଷାଦେବୀ ଉରେ ପକାଇ
ଶୁଭ୍ର* ଅମୃତ କର ।୨୦।
ରଣ ରଣ ଯେ ବାଛି ବାଣ
ବାଣ-ସୁତା ଉପର,
ରଙ୍ଗ କାମୋଡ଼ି ଯୋଖି ଯୋଖି
ବିନ୍ଧିଲା ବାଣପାନ୍ତି* ।୨୧।
ରମଣୀମଣି ପଞ୍ଜର
ଶରଘାତେ ଅଧିର,
ରହିଲା ଦୁଃଖ* ହରହର
କମ୍ପିଲା ଥରଥର ।୨୨।
ରଖି ନିକଟେ* ଚିତ୍ରଲେଖା* *
ଚିତ୍ର-ଯୋଗିନୀବର,
ରତୀ-ଭବନେ ପଲ୍ୟଙ୍କରେ
ନିଦ୍ରା ଗଲା ସତ୍ୱର* * * ।୨୩।

---

।୧୮। * ଉଷା ବେଶେ କାମ ଅବଶେ ହୃଦ ହେଲା ଜର୍ଜର
।୧୯। * ଅସ୍ତ ନଗ ['କ'-ପାଠ]
।୨୦। * ଉଷା ମଣ୍ଡଳେ ବିସ୍ତାରିଲେ ନିଜ ['କ'-ପାଠ]
।୨୧। * ଉଷା-ବେଶ-ଭୂଷା-ବିହୀନା
ଅଙ୍ଗେ ସୁମନ-ଶର,
ରତନ କାମୋଡ଼ି ଭେଦନ
କଲା ସୁମନ-ଶର ।
।୨୨। * ରହିଲା ଦୁଃଖେ
।୨୩। * ପାଶ୍ଚେ, * * ଚିତ୍ରରେଖା ['କ'-ପାଠ], * * * ତତ୍ପର ['କ'-ପାଠ]

## ଚତୁର୍ଥ ଛାନ୍ଦ

### ରାଗ-କୌଶିକ

ରତ୍ନାକରେ ରତ୍ନାକର ସୁତାପରି
ଯେସେ* ଶୋଭିତ ଯୋଷାବର,
ରଜନୀର ଅର୍ଦ୍ଧ ସମୟେ** ଧନୀର
ହୋଇଲା ସ୍ୱପନ*** ସଞ୍ଚାର,
ରସ ନିଧାନୀ, ଦେଖିଲା ଅପୂର୍ବ ବ୍ୟାପାର,
ରତିପତି ଜିତ**** ଛବି ମନୋହର
ଆସି ଏକ ନବ କିଶୋର । ୧ ।
ରଞ୍ଜନ ଶାଣ ଶୋଧିତ ମରକତ
ଯେ କଳେବର ତାହାର,
ରଙ୍ଗେ ଆସି ରାମା ପଲ୍ୟଙ୍କରେ ବସି
କୁଚ ଉପରେ ଦେଲା କର
ରସ ନିଧିର, ତରଳାଇ ଦେଲା ଶରୀର,
ରସେ ରସାଇ ତାକୁ ହେମ କଣ୍ଠରେ
ବିହିଲା ତୁମ୍ଭ ସୁକୁମାର । ୨ ।
ରତବାସକୁ ପାୟୁଷ ଦୂର କରି*
ଗାଢ଼େ ଭିଡ଼ି ଦେଲା ଚତୁର,
ରସବତୀର ସୁଷୁପ୍ତି ଭଙ୍ଗ ହେଲା
ଦେଖେ ପାଶେ ନାହିଁ ନାଗର !
ରସନିଧାନୀ, ଖୋଜେ ହୋଇ ଅତି ଆତୁର,**
ରସିକ ଶେଖର ହା ହା ପ୍ରାଣେଶ୍ୱର
ବୋଲି ମୁଞ୍ଚିଲା ନେତ୍ର ନୀର । ୩ ।
ରମଣୀ ପୁଣି ଉଚ୍ଚେ କାନ୍ଦି ବୋଲଇ
ବଡ଼ ନିଷ୍ଠୁର* କୁଶଧର,
ରଙ୍କ ହାତେ ପଡ଼ିଥିଲା କୋଟି ନିଧି
ତତ୍‌କ୍ଷଣେ** କଲା ଅନ୍ତର

---

ଚତୁର୍ଥ ଛାନ୍ଦ

। ୧ । * ସେ ଯେ, ** ରଜନୀ ଅର୍ଦ୍ଧ ସମୟରେ ['କ'-ପାଠ], *** ସପନ, **** ରସିକ ନାଗର

। ୩ । * ରତବାସକୁ ପାୟୁଷ ଦୂର କରି ; ** ଖୋଜେ ଅତି କାତର

ରହିଥିଲା ଯେ, ଚିରକାଳର କ୍ଷୁଧାତୁର
ରଭସ ସୁଧା ପରଶି ଦେଇ ତାଙ୍କୁ
ଖାଇଁ ପକାଇଲା*** ଭିଦୁର ।୪।
ରମଣ ଯେମନ୍ତ* ଭିଡ଼ି ଧରିଥିଲେ
ମୋର ବୁଦ୍ଧି ହେଲା ସୁଥିର**
ରଖିଥିଲେ ଭୁଜ ପାଶେ ବାନ୍ଧିକରି
କେମନ୍ତେ ହୁଅନ୍ତେ ଅତର।***
ରସନିଧିର, ଶୁଣନ୍ତେ ବିକପିତ ଗାତ୍ର,
ରହିଥିଲା ପାଶେ ସଚିବ-ନନ୍ଦିନୀ
ବୋଇଲା**** ଏ କି ଚମତ୍କାର।।୫।
ରଙ୍ଗିମାଧରିରେ* ନିରୋଧ ମନ୍ଦିରେ
କାହିଁ ପାଇଲୁ** ଜୀବେଶ୍ୱର,
ରହିଛନ୍ତି ପାଶେ*** ପ୍ରହରୀମାନେତ
ସେ ଜାଣିଲେ ହେବ ଅସାର।****
ରକ୍ଷ ରାଜନେ, ଜଣାଇବେ ଯେବେ ସତ୍ୱର,
ରଖିବ କି ଆମ୍ଭ ପରାଣ ତୋହୋର
ତାତ ଶୁଣିଲେ ଏ ବେଭାର*****।୬।
ରତ୍ନନିଧି ଦୃଶି, ସ୍ୱପନ ହେଲା କି
କାହିଁକି ହୋଇଲୁ ଅଧୀର,
ରହସ୍ୟରେ କହୁ ପଚାରୁଛି ତୋତେ
ଆଶୁ କହ* ସତ୍ୟ ଭରର।
ରସନିଧିର,** ତନୁ କମ୍ପଇ ଥର ଥର,
ଭୟ ସେ ସଜନୀ ଆଗରେ ସ୍ୱପନ
କଥା କରିଦେଲା ପ୍ରଚାର***।୭।

---

।୪। * ମଣି କୁହକ ସ୍ୱରେ ନିଧେ ନିଷ୍ଠୁର ମଦ, ** ରକ୍ତଶୀର ଭାଗ୍ୟ ଲବ୍ଧ କୋଟିନିଧି ମୁଣ୍ଡପିଟି, *** ତା' ଆଗେ କ୍ଷୁଧା ଥୋଇ ପୁଣି ବସେ କଟାକ୍ଷିଲା ଭିଦୁର।
।୫। * ଯେମନ୍ତେ, ** ଅସାର, *** ସେ ଦୂର, **** ରହିଲା
।୬। * ରଙ୍ଗ ଅଧରୀ, ** ପାଇଲେ, *** ଜଗି, **** ହୋଇଣ ଅସ୍ୱସ୍ଥ କର, ***** ପ୍ରାଣ ତୋର ତାତ ଶୁଣିଲେ ଏ ଜାତି ଖବର।
।୭। * କାନ୍ତ, ** ରସବତୀର, *** ଭୟ ସେ ସଜନୀ ଆଗେ ପ୍ରକାଶିଲା ସର୍ବ ବିଷୟ ସ୍ୱପନର

ରଣମତ୍ତା-ସୁତା ଭାଷିଲା* ବାଣୀ
ହେଉଛି ବାଳିଶ ପ୍ରକାର,
ରଜ-ସାରଥିଙ୍କୁ ପାଶେ ବାନ୍ଧିବାକୁ
'କରିଅଛୁ କି ତୁ* * ବିଚାର,
ରଜନୀକର, ଧରିବୁ କି ଆଣି* * * ସ୍ୱକର
ରଖିବୁ ବିଶ୍ୱାସ ସ୍ୱପନ କଥାକୁ* * * *
ସେ ସବୁ ଅଳୀକ ମାତର । ୮ ।
ଭଜୁ ମରୀଚିକା* ଆଶା କଳାପରି
ବିଅର୍ଥେ ନ ହୁଅ ଆତୁର,
ରସିକା ବୋଇଲା ଏମନ୍ତ ହୋଇଲେ
ଦିଶୁନାହିଁ ତ ଉପଚାର,* *
ରବି-କୁମାର-ପୁର ଯିବ ଜୀବ ନିକର,
ରସିକ ରତନ ବିରହେ ଜୀବନ* * *
ରହିବ କି ଭବ ମାତର । ୯ ।
ଲକ୍ଷରାଜ-ସୁତା ଏମନ୍ତ କହତେ
ଚିତ୍ରଲେଖା* କରେ ଉତ୍ତର,
ରଙ୍ଗେ ମୁଁ ଜାଣଇ ସିଦ୍ଧ ବିଦ୍ୟା ଲବେ* *
ବୁଲି ପାରଇ ତିନିପୁର ।
ରସନିଧିରେ, ରହିତୁ ନ ହୁଅ ଆତୁର,* * *
ରଙ୍ଗାବାବ ପରି ବିନ୍ଦୁରି* * * * କହିବୁ
ଆଣି ଦେବି କେଉଁ ନାଗର । ୧୦ ।
ରଙ୍ଗେ ଚିତ୍ରିବି* ଅମର ପୁରବାସୀ
ବାସବାଦି* * ଦେବ କିନ୍ନର
ରବି ତଳେ ଯେତେ ମହୀପତି ଥିଲେ,
ତାଙ୍କୁ ଚିତ୍ରି ଦେଖା* * * ସତ୍ୱର ।

---

।୮। * ରସିକା ସେ ଭାଷ ଶୁଣନ୍ତେ ['ଖ'-ପାଠ], ରସ ସଖୀବ ଯା ଭାଷିଲା; * * କିମ୍ବା, * * * ରଜନୀ କର, ଧରି ନାଶିବୁ କି ସ୍ୱକର ?, * * * * କହୁକେ

।୯। * ମରିଚିକା, * * ଭାଷିଲା ଏମନ୍ତ ହେଲେ ତ ଆଉ କି ଅଛୁ ପ୍ରତିକାର, * * * ବିରହରେ ଆଉ ['ଖ'-ପାଠ]

।୧୦। * ଚିତ୍ରରେଖା ['ଖ'-ପାଠ], * * ଲବେ ['ଖ'-ପାଠ], * * * କାତର, * * * * ଦେଖୁଛି ['ଖ'-ପାଠ]

ରସନିଧିର, କେହି ନ ହେଲେ ବିରହର,
ରତ୍ନମୁଖ୍ୟ ହରାଇଲା ଲୋକ କାହିଁ
ବୋଧ ହେବ ପାଇଁ* * * ପଥର । ୧୧ ।
ରସମନ୍ତ୍ରୀ ସୁତା ତଦନ୍ତେ ଲେଖିଲା
ବସୁଦେବ ନନ୍ଦ କୁମାର,
ରଖିଲା ତହିଁ ନିକଟରେ ଜଗତ
ବିଜୟୀ ମନମଥ ବୀର ।
ରସନିଧାନୀ, ତାହିଁ ହୋଇଲା ଲଜ୍ଜାଭର,
ରତନ-ବତୀକି ବଦନ ନିବେଶି
ଜବେ ଆଚ୍ଛାଦିଲା ଅମ୍ବର । ୧୨ ।
ରଜନୀପତି ଉଦୟ ହୋଇଥିଲା
ଯୋଡ଼ାଇଲାକି ଜଳଧର,*
ରଜନୀଚର-ସଚିବସୁତା ତାହିଁ
କାର୍ଯ୍ୟ ହେବ କରି ବିଚାର* *
ରତି କୁମାର, ସୁନ୍ଦର ଅନିରୁଦ୍ଧ ବୀର,
ରଚି ଦେଲା ତାଙ୍କ ପ୍ରତିରୂପ କରି
ମର୍କତ ଜିତ କଳେବର । ୧୩ ।
ରସିକା ତାହିଁ ସେ ନବକିଶୋରଙ୍କୁ*
ମାନସେ କଲା ନମସ୍କାର
ରଜସାନୁଦୟ ଚାତକ ଚାହିଁଲା
ପଦ୍ମ ଚାହିଁଲାକି ଭାସ୍କର
ରସ-ଉଦୟା, ଚିତ୍ରଲେଖାଙ୍କୁ କହେ ଗାର,
ରସିକ-କୁଳ-ମୁକୁଟମଣି ଏହି
କେବଳ ମୋର ଚିତ୍ତ-ଚୋର ।* * । ୧୪ ।

---

।୧୧। * ଲେଖିଲା [‘ଜ’-ପାଠ], ** ମଧବାଦି [‘ଜ’-ପାଠ], *** ଲେଖି ଦେଲା [‘ଜ’-ପାଠ], **** ରତନ ହରାଇ ମନ ତୋଷିବ କେ ଧରାଇ ଖପର

।୧୩। * ରଜନୀଶ-ମୁଖି ଘନ ଆଣି ଲଜ୍ୟା ବଢ଼ିଲା ଉଭୟ ଭଲର, ** ଦେଖି ଶୁଣି ଆଣି କି କି ବିଚାର

।୧୪। * ସେ ନବକିଶୋରଙ୍କୁ ଚାହିଁ, ** ଉଜସାନୁ ଦେଖି ଚାତକିନୀ ଯେପରି ଆନନ୍ଦେ ଭୁଲଇ ଅଧୀର; ରସବିହ୍ୱଳା, ତେମନେ ହୋଇ ପ୍ରେମାତୁର ଉଦେ ପ୍ରକାଶିଲା ଏ ରସିକବର କେବଳ ମୋର ହୃଦହାର ।

ରମ୍ୟ ଛବିକି ପୁନଃ ପୁନଃ ଅନାଇଁ
ନୟନୁ ବହେ ପ୍ରେମ ନୀର,*
ରଜନୀଶ-ଶିଳା ଦ୍ରବିତ ଯେସନ
ଲଭିଲେ ରଜନୀଶ କର।**
ରତି ରମଣ,*** ଚିହ୍ନିଲା ତାଙ୍କ ଫୁଲ ଶର,
ରକ୍ଷ ପ୍ରାଣପତି ବୋଲି ଗୁଣବତୀ
ଆଲିଙ୍ଗିଲା ଚିତ୍ର-କାଗଜ****।୧୫।
ରସାଇ ସେ ବୋଇଲାରେ ଧନୀ!
ଭାସୁଅଛୁ କାମ ସାଗର,
ରହିଥାଉ ତୋର ଭରସ ଉଡୁପ
ତହିଁକି ଅଛି କେଉଁ ଡର।
ରସ ନିଧିରେ, ଆଣି ଯାଉଛି କର୍ଣ୍ଣଧାର
ରଜନୀ ନ ପାହୁଁ ଆଣି ଦେବି ତୋର
ଛାମୁକୁ ହୋଇବୁ ତୁ ପାର।୧୬।

## ପଞ୍ଚମ ଛାନ୍ଦ

### ରାଗ-ବଙ୍ଗଳାଶ୍ରୀ

ରଙ୍ଗେ ବିଦ୍ୟାବତୀ ବହି ବ୍ୟୋମଗତି
ମିଳିଲା* ଦ୍ୱାରକାପୁର,
ରଭସ ପ୍ରବେଶ କଲା** ଯାଇ ଅନି-
ରୁଦ୍ଧ ଶୟନ ମନ୍ଦିର।୧।
ଦନ୍ତୀ-ରଦନ ପଲ୍ୟଙ୍କେ କୁମର
ଦିଶଇ ଅତି ସୁନ୍ଦର,*

---

।୧୫। * ବିଲୋକି ନୟନୁ ବହାଇଲା ନୀର, ** ରଜନୀକର ମଣି ଯଥା ଉଦୟ ଚାହିଁଲେ ରଜନୀପତିର, *** ରତିରମଣ ସେ, **** ରତ୍ନାକର ବୋଲି ସଖୀଙ୍କି କହିଲା କମ୍ପିତ ହେଲା କଳେବର।

ପଞ୍ଚମ ଛାନ୍ଦ

।୧। * ରକ୍ଷସୁତା ବିହି ଅମ୍ବର ଗତିକି ଗମିଲା ['କ'-ପାଠ], ** ହେଲା ['କ'-ପାଠ]

।୨। * ଗଜରାଜ-ରଦ-ପଲ୍ୟଙ୍କେ ଶୋଭିତ ଉତ୍ତାନଶାୟୀ ନାଗର, ** ମୋହିତ ଚାକ୍ଷ୍ୟ ଯାହାର ['କ'-ପାଠ]

ରବି ତଳେ ତାକୁ ଉପମା ଦେବାକୁ
କି ଶକ୍ତି ଅଛ କବିର ? * * ।୨।
ରଞ୍ଜନ ତାସବ ନୀଳମଣି କି ତା
ଛବି କରନ୍ତ ଧିକ୍କାର,
ରତି ମଦନର କୁମର ବୋଲନ୍ତେ*
କଥା ହୋଇଗଲା ପାର ।୩।
ରମଣୀୟ ଥାଏ ବଲ୍ଲରୀ ପାଦପ
କୁସୁମ ତହୁଁ ସୁନ୍ଦର,
ରସିକ ବୁଧଜନ ରଣ ଏଥିକି
ସେହି ପ୍ରକାର ବିଚାର ।୪।
ରଙ୍ଗେ ବିଦ୍ୟାବତୀ ଧରିଣ ଯେବଡି
ପଲ୍ୟଙ୍କ ସହ କିଶୋର*
ରଙ୍ଗେ ବିହାୟସ ପଥେ ଉଡ଼ିଯାଇ* *
ପ୍ରବେଶ ସୁନ୍ଦରୀ ପୁର ।୫।
ରଖି ଦେଲା ନେଇ ସୁକୁମାରୀ ପାଶେଁ*
ଭେଟି ବସିଲା କୁମର,
ରହି ବିଚାରଇ କାହିଁ ମୁଁ ଅଇଲି
ଏହିଟି କାହା ମନ୍ଦିର* * ।୬।
ରମଣୀମଣି ସେ କାହାର ନନ୍ଦିନୀ
ଲାବଣ୍ୟ ଅପଚାନ୍ତର,*
ରସାଦି ତ୍ରିପୁରେ ସୁନ୍ଦରୀର ଦୁନେ
ନ ଥିବେ ରୂପସାଗର* * ।୭।
ରସାଣିଲା ହେମ ପରି ସଂହନନ
ନେତ୍ର ଶତଦଳାକାର,
ରକ୍ତିମାଧରକୁ ସମାନ ନ ହେବେ
ଅରୁଣ ବିମ୍ବ ମନ୍ଦାର ।୮।

---

।୩। * ସୁତ ବୋଲନ୍ତେ ତ

।୫। * ରମଣୀ ଧରିଣ ପଲଙ୍କ ସହିତ ସେ ନବ କିଶୋର ବର ['କ'-ପାଠ], ** ବିହାୟସେ ମାର୍ଗେ ଗତିକରି।

।୬। * କୁମାରୀ ନିକଟେ ['କ'-ପାଠ], * * ଏ ପୁରୀ ଅଟେ କାହାର।

।୭। * ରମଣୀ-ମଣିଟି କାହା ସୁତା ପୁଣି ଅଛି କି ନା ଏହା ତତ, * * ରହି ନ ଥିବେ ଏହା-ସମ ଯୁବତୀ ଖୋଜିଲେ ଏ ତିନିପୁର ['କ'-ପାଠ]।

ରସନିଧି ଚାହିଁ ତରୁଣ ତରଙ୍ଗ
ଭାସେ ଆନନ୍ଦ ସାଗର,
ରବି ଉଦୟ କି ଚାହିଁଲା ନଳିନୀ
ଶିଖୀ ଦେଖିଲା ମୁଦିର । ୯ ।
ରହିଲା ପଲ୍ଲଙ୍କେ ମନ୍ଦ ମନ୍ଦ ହସି
ଅଧୋମୁଖୀ ଚାମୀକର,
ରଜନୀକର ମଣ୍ଡଳରୁ ଖସିଛି
ପଡ଼ଇ ଅମୃତଧାର । ୧୦ ।
ରସିକ ମୁଖକୁ କଟାକ୍ଷେ ଅନାଇଁ
କଣ୍ଟକିତ କଳେବର,
ଋଦ୍ଧିନିଧି ଦୃଷ୍ଟୀ ଭାବକୁ ଅନାଇଁ
ନାଗର କାମେ କାତର । ୧୧ ।
ରସିକା ରସିକ ମାନସକୁ ବୁଝି
ସଚିତସ୍ପୃହା ଅନ୍ତର,
ରଙ୍ଗେ ଭୋଗ କର ନାଗର ହେ ବୋଲେ
କବାଟ କିଳି ସତ୍ୱର । ୧୨ ।
ରତିସୁତ ଆଣି ଶିରୀଷ-ଦେହୀକୁ
ବସାଇ ଜାନୁ ଉପର,
ରତି ଚାଟୁବାଣୀ ହେମରୁଚି- ଗଣ୍ଡେ
ଦିହିଲା ଚୁମ୍ବନ ସାର । ୧୩ ।
ରଦ-ଛଦକୁ ଅମୃତ ପାନ କରି
ଚାଲି ଦେଲା ସୁଧାକର,
ରମଣୀ ସେ ନବ ପଲ୍ଲବ ଲତା
ଧୀରା ହୋଇଲା ଅଧୀର । ୧୪ ।
ରହି ଚନ୍ଦ୍ରାତପ ଉପରେ ପୁଷ୍ପିତ
ନାଳ ନାଳ ପୁଷ୍ପଜାତ,
ରଞ୍ଜିତ ହୋଇଛି କନକ ପ୍ରଦୀପ
ଉଦିତ କି ଦିବାକର । ୧୫ ।
ରତ୍ନମୟ ଆସ୍ତ- ରଣ ପଡ଼ି ତଳ—
ଭାଗ ଅତି ମନୋହର,
ରଦୀ-ଚନ୍ଦନ ପଲ୍ୟଙ୍କ ତହିଁ ଥାଇ
ନାନା କୁସୁମେ ରୁଚିର । ୧୬ ।

ରସିକା ରସିକ ମଦନ ବାଣରେ
ହୋଇଣ ଅତି ଆତୁର,
ରଚିଲେ ସେ ଦିବ୍ୟ ପଲ୍ୟଙ୍କ ଉପରେ
ନାନାରଙ୍ଗେ ରତିସାର ।୧୭।
ରଜନୀ ସାରିଲେ ବିବିଧ କେଳିରେ
ଅସ୍ତଗତ ଚନ୍ଦ୍ରାକର,
ରଡ଼ିଲା କୁକ୍କୁଟ ହଗାର ମୁକୁଟ
ଉଦିତ ହେଲେ ଭାସ୍କର ।୧୮।
ରହି ଗୋପନରେ ରାମାମଣି ପୁରେ
କାଳ ହରିଲେ କୁମାର,
ରସ କଉତୁକେ ବିବିଧ କେଳିରେ
ବିଳସି ବାମା ସଙ୍ଗର ।୧୯।
ରଙ୍ଗେ କେତେଦିନ ଅତୀତ ହୁଅନ୍ତେ
ହୋଇଗଲା ପରଚାର,
ରମଣୀର କାମ କେଳି ଚିହ୍ନ ଚାହିଁ
ଭୀତ ପ୍ରହରୀ ନିକର ।୨୦।
ରାଜପତି ଆଗେ ଜଣାଇଲେ ବେଗେ
'ଶୁଣ ରଜ୍ଜ ପୁରେଶ୍ୱର',*
ରହିଅଛୁଁ ଆମ୍ଭେ ତୋମା ମଣିମାଙ୍କୁ**
କରି ଯାମିନୀ*** ଖପର ।୨୧।
ରହସ୍ୟ ଜେ ଆସି ତେମାରେ ବିଳସେ
ଦେଖିଲୁ ଚିହ୍ନ ନିକର,
ରଖିଲା* ଜେ ଜନ ବିଷଧର ମୁଖେ
ଛାଣି** ତାକୁ ଦଣ୍ଡକର ।୨୨।
ରଷ୍ଟ ନୃପତିର ସ୍ୱଭାବ ଅଟଇ
ପରଚଣ୍ଡ ବୈଶ୍ୱାନରେ,
ରକ୍ଷକମାନଙ୍କ ବାଣୀ ହେଲା ତହିଁ
ହବିର୍ଦାନ ପରକାର ।୨୩।

---

।୨୧। * ରଜାର ଆଗରେ ଶୁଣାଇ ଦେଲେ ସେ ଶୁଣିମା ରାଜ ଈଶ୍ୱର ['କ'-ପାଠ],
** ରାଜ ଦୁହିତାଙ୍କୁ ['କ'-ପାଠ], *** ରଜନୀ ['କ'-ପାଠ]
।୨୨। * ରଖିଛି, ** ଦେଖି ['କ'-ପାଠ]

ରହି ନ ପାରି ସେ     ଅପମାନ ସହି
ରମିଲା କୁମାରୀ ପୁର,
ରଙ୍ଗେ ଅଛେ ରତ     ତରୁଣୀତରୁଣ
ଦେଖି ହେଲା ଚମତ୍କାର ।୨୪।
ରଦନ କାମୋଡ଼ି     ଗରଜି ବୋଇଲା
ଆରେ ରେ ଦୁଷ୍ଟ ପାମର,
ରକ୍ତ କ୍ଷାର ହୋଇ     କେଶରୀ ମନ୍ଦିରେ
ନୃତ୍ୟ ତ ହେଲା ତୋହର ।।୨୫।
ରକ୍ଷୁ ରକ୍ଷୁ ତୋର     ଇଷ୍ଟଦେବ ସୁର
ବୋଲି କୋପେ ଥର ଥର,
ରଭସ ବେଢ଼ାଇ     ଦେଲା ଚାରିଦିରେ
ଅସୁର ଦଳ ଅପାର ।୨୬।
ରଙ୍ଗେ ସେ କୁମାର     ଉଭା ହେଲା ଆସି
କୁମାରୀ ମନ୍ଦିର ଦ୍ୱାର,
ରକ୍ଷ ସେନା ପରେ     ପରିଘ ପ୍ରହାରି
କରିଦେଲା କ୍ଷାର ଖାର ।୨୭।
ରଣ ବିଶାରଦ     କୁମାରଙ୍କୁ ଚାହିଁ
କୁପିତ ବଳି କୁମର,
ରକ୍ଷିଲା ନାଗ-     ପାଶରେ ବନ୍ଦୀକରି
ବାମ ତାକୁ କୁଶଧର ।୨୮।

## ଷଷ୍ଠ ଛାନ୍ଦ

### ରାଗ-କଳହଂସ କେଦାର

ରମଣ ନାଗପାଶେ* ବନ୍ଦୀ ହେବାର,
ରସିକା ଚାହିଁ କାନ୍ଦେ ହୋଇ ଆତୁର,**
ରସିକ ବର ଆହା ପ୍ରାଣ-ଈଶ୍ୱର,***
ରହିଲ ବନ୍ଦୀ ହୋଇ ଦୈତ୍ୟ ମନ୍ଦିର ହେ**** ।୧।

।୧। * ନାଗପାଶେ, ** କାତର, *** ଶିରୋମଣି ହୃଦୟେଶ୍ୱର,
**** [ ପଦ ଶେଷରେ ଏହି 'ହେ' ପ୍ରୟୋଗ 'ଖ'-ପାଠରେ ନାହିଁ ]

ରଜନୀକର ଜିତ* କୋମଳତର,
ରମଣୀୟ ଶ୍ରୀଅଙ୍ଗ କି ସୁକୁମାର,
ରଥାଙ୍ଗପାଣି** ପିତାମହ ଯାହାର,
ରହିଲେ ବଶୀ ହୋଇ*** ସେହି ସୁନ୍ଦର ହେ । ୨ ।
ରହି ମୋ ସ୍ନେହେ ଦୁଃଖେ ହେଲା ତୁମ୍ଭର,
ରଖିବି ନାହିଁ ପ୍ରାଣ ଜାଣ ନିକର,
ରସା ମଣ୍ଡନ ନାଥ* ମାର କୁମାର
ରଖିଲି ତୁମ୍ଭଙ୍କୁ ମୁଁ ରମଣୀ ଛାର** ହେ । ୩ ।
ରଖି ନଳିନୀ* ଠାରେ ପ୍ରୀତି ଅପାର,
ରଜନୀ ହେଲେ ଯଥା ବନ୍ଦୀ ଭ୍ରମର,
ରଖନ୍ତୁ ଦୀନବନ୍ଧୁ କରି ଉଦ୍ଧାର,
ରଚିଲା ବିନୟରେ ସ୍ତୁତି ଅପାର ହେ** । ୪ ।
ରଜୀନଚର କୁଳ ଗରବ ହର,
ରହେ ବିନତା ସୁତ ଆଗେ ତୁମ୍ଭର,
ରକ୍ଷକ ଅରକ୍ଷର କୃପା ସାଗର,
ରକ୍ଷକ ହୁଅ ବାରେ ପ୍ରାଣନାଥର ହେ* । ୫ ।
ରମଣ ଦୁଃଖେ ଦୁଃଖୀ ରମଣୀବର,
ରହିତ ନିଦ୍ରେ ନେଲା ନିଶା ବାସର,
ରଜନୀ ଶେଷ ଏଣେ ଦ୍ୱାରକାପୁର,
ରବି ଉଦିତ ବିନାଶିତ ତିମିର ଯେ । ୬ ।
ରଥଚରଣପାଣି ମଦନ ବୀର,
ରତି ରୁକ୍ମିଣୀ ଆଦି ଉଠି ସତ୍ୱର,

---

।୨। * ରଜନୀ କର ଜନା, ** ରଥାଙ୍ଗ-ପାଦେ, *** ଥାହା

।୩। * ତଥା, ** ରଖାଇଲା ଏ ଦୁଃଖେ ଯୁବତୀ ଛାର।

।୪। * ନଳିନୀ ଠାରେ [ଏହି ଚତୁର୍ଥ ପଦର ପ୍ରଥମ ଦୁଇପାଦ, 'ଖ'-ପାଠରେ ତୃତୀୟ ପଦର ପ୍ରଥମ ଦୁଇପାଦ ରୂପେ ଗୃହୀତ]; ** ['ଖ'-ପାଠରେ ଏହା ଚତୁର୍ଥ ପଦର ପ୍ରଥମ ଦୁଇପାଦ ଓ ଏହାର ପାଠ ସମ୍ପୂର୍ଣ୍ଣ ଭିନ୍ନ]: ରମଣ-ଦୁଃଖାତୁରୀ ରମଣୀବର, / ରଚିଲା ସ୍ତୁତି ..., ପ୍ରଭୋ ଦୟାସାଗର।

।୫। * [ପଞ୍ଚମ ପଦର ଶେଷ ଦୁଇ ପାଦର 'ଖ'-ପାଠରେ ଚତୁର୍ଥ ପଦର ଶେଷ ଦୁଇ ପାଦ ସହ କିଛିଟା ସାମ୍ୟ ରହିଛି। ସେଠାରେ କିନ୍ତୁ ଶିବ-ବନ୍ଦନା କରାଯାଇଛି]: ରକ୍ଷ-ଅଭି ପରକ୍ଷ ସଙ୍କଟ ହର, ରକ୍ଷକ ହୁଅ ବାରେ ଜୀବେ ଶଙ୍କର।

ରଙ୍ଗେ ଦେଖିଲେ ଅନିରୁଦ୍ଧ କୁମର
ରହିତ ହୋଇଅଛି ଦ୍ୱାରକାପୁର ଯେ ।୭।
ରଣତାପରେ ଶୁଣି ନାୟିକାବାର,
ରତି ଛାଡ଼ିଲେ ବୋଲି ଆହା କୁମର,
ରତି ପତିବେଦନ ହେଲା ଅପର,
ରହିଲେ ଦୁଃଖେ ମତି ନିଶାବାସର ଯେ ।୮।
ରସ ଘଟନ କେତେ କାଳ ଅନ୍ତର,
ରଙ୍ଗେ ଦ୍ୱାରକାଗତ ବିଧି-କୁମର
ରଚିଲେ ବାଣୀ ଶୁଣ ଶାରଙ୍ଗଧର*
ରହିଲେ ଅନିରୁଦ୍ଧ ବାଣ ମନ୍ଦିର** ଯେ ।୯।
ରଖିଛି ନାଗପାଶେ* ବାନ୍ଧି ଅସୁର,
ରହିଛ ସୁଖେ ତୁମ୍ଭେ ଆପଣା ଘର,**
ରଙ୍ଗ ନୟନ ଶୁଣି ନନ୍ଦଧର,
ରଚିଲେ ଆଜ୍ଞା ସୈନ୍ୟ ସାଜ ସତ୍ୱର ହେ ।୧୦।
ରକୁ ଶାଳଶାବଙ୍କୁ ବଞ୍ଚକ ଛାର,
ରଖିଛି ବନ୍ଦୀରେ କି ସାହସ ତାର,
ରମାଧବ ଅଗ୍ରଜ ଶୁଣି ଏ ଭାର
ରଦ କାମୋଡ଼ି ଦେଲେ ନିଶରେ କର ହେ ।୧୧।
ରତୀଶ ଶାମ୍ବ ରଦ ସାତ୍ୟକି ବୀର,
ରଭସ ଧନୁ ଧରି ହେଲେ ବାହାର,
ରହାତ ଉଗ୍ରସେନ କଂସ ପିଅର,
ରଚିଲେ ଆଜ୍ଞା ବେଢ଼ର ଛନ ସମର ହେ ।୧୨।
ରଥୀ ପଦାତି ଆଜି ସେନା ଅପାର,
ରସା କମ୍ପାଇ ଗତି କଲେ ପ୍ରଖର,
ରଥାଙ୍ଗ-ପାଣି ଘେନି ଅସଂଖ୍ୟ ବୀର,
ରକ୍ତପୁରେ ଉପନୀତ ସତ୍ୱର ଯେ ।୧୩।
ରଥ ପତାକା ଦେଖେ ଚକ୍ରି ସୁତେ,
ରସାରେ ପଡ଼ିଗଲା ଛିଡ଼ି ସତ୍ୱର,
ରକ୍ଷ ନୃପତି ତାହିଁ ହେଲା କାତର,
ରସନାୟକ ଆଗେ ଭଲା ରୋଦନ ଯେ ।୧୪।

---

।୯। * ଶାରଙ୍ଗଧର ['କ'-ପାଠ], ** ରହିଲା ଅନିରୁଦ୍ଧ ରକ୍ତପୁର।
।୧୦। * ନାଗପାଶ, ** ନିଶ୍ଚିନ୍ତରେ ଆପଣାପୁର।

ରଖ ମୋ ନାଥ, ମୁଁ ତ ଦାସ ତୁମର,
ରଣକୁ ଆସିଛନ୍ତି ନନ୍ଦ କୁମର,
ରଜନୀଚର ଛଳେ* ଆସିଲେ ହର,
ରହି ସଙ୍ଗତେ ରୁଦ୍ର ସୈନ୍ୟ** ଅପାର ଯେ । ୧୫ ।
ରଦୀବଦନ ପୁଣି ଷାଣମାତୁର,
ରଣ କରିବା ପାଇଁ ହେଲେ ବାହାର,
ରକ୍ଷ ସୈନ୍ୟ ସାଜିଲା ବଳି କୁମର,
ରଚନା କରି ନୁହେ ଅମିତ ବୀର ଯେ । ୧୬ ।
ରହିଲେ ସର୍ବେ ଆସି ଶୋଣିତ ପୁର,
ରଚିବା ପାଇଁ ଘୋରତର ସମର,
ରସା କମ୍ପିଲା ପଦ ଭରେ ତାଙ୍କର,
ରଜ ରାଶିରେ ହେଲା ନଭ ଅନ୍ଧାର ଯେ । ୧୭ ।

## ସପ୍ତମ ଛାନ୍ଦ

### ରାଗ-ପାହାଡ଼ିଆ କେଦାର

ରଚିଲେ ରଣ ଅତି ଭୀଷଣ    ହର ସହିତ କଂସ-ଦୂଷଣ
କୁମ୍ଭାଣ୍ଡ ସଙ୍ଗେ ଶଙ୍କରଷଣ ଘୋର ସମର ।
ରଙ୍ଗରେ ହେଲା ବାଣ ବର୍ଷଣ    ସାତ୍ୟକି ସଙ୍ଗେ ଯୁଝିଲା ବାଣ
ଗରଜି କହେ ବଚନ ବାଣ ରାକ୍ଷସ ବୀର
ରତି-ନାୟକ ସଙ୍ଗେ ଶକତି ଧର,
ରଚିଲେ ମହା ଯୁଦ୍ଧ ଦିଗ ଅନ୍ଧାର ।
ରଥୀ ସହିତ ଯୁଝିଲେ ରଥୀ    ପଦାତି ପତ୍ତି ସଙ୍ଗେ ପଦାତି
ତୁରଙ୍ଗ-ପତି ତୁରଙ୍ଗ-ପତି ରଣ ଅପାର ଯେ । ୧ ।
ରଡ଼ି କେ ଛାଡ଼ି ଆସେ ଦଉଡ଼ି    ମୁଣ୍ଡରେ ମୁଣ୍ଡ କେହି କଚାଡ଼ି
କେ ଗଡ଼ାଗଡ଼ି ଭୂମିରେ ପଡ଼ି ଧୂଳି ଧୂସର,
ରଦ କାମୋଡ଼ି କେ ନିଶମୋଡ଼ି    ରିପୁ ଉପରେ ପଡ଼ଇ ମାଡ଼ି
କେ ତଡ଼ାତଡ଼ି କେହୁ ଘଉଡ଼ି ବୋଲେ ମୁଁ ବୀର;
ରଣ ଭୂମି ଦିଶିଲା କି ଭୟଙ୍କର,

।୧୪। * ଛଦେ, ** ନିଜ ବଳ ['କ'-ପାଠ]

ରକ୍ଷ ପିଶାଚ ଭୂତ ନର ସମର;
ରଙ୍ଗେ କେ ବାଢ଼ି ନିଏ ଉପାଡ଼ି     କା ମୁଣ୍ଡ କ୍ଷିତି ପଡ଼ଇ ଝଡ଼ି
ଚଳନ୍ତି ବାଣେ ଧାଡ଼ିକି ଧାଡ଼ି ବିଷଧର ଯେ । ୨ ।
ରଦନ କଟେ କେ କଟମଟ     ଜିଭ ଲମ୍ବାଇ କେତେ ଉକୁଟ
କାହା ବଦନ ଅତି ବିକଟ ଏକୁଁ ଅସୁର,
ରଥୀ କେ ଜଗି ବଳ ପ୍ରକଟ     ବିନ୍ଧଇ ବାଣ ହୋଇ ମୁରାଟ
କେ କରେ ଚୋଟ ପରେ ଚଟାଚ ପୁରା ସତ୍ୱର;
ରଙ୍ଗ ନୟନେ କେହୁ କରେ ହୁଙ୍କାର
ରଥା କମ୍ପିଲା ପାଇ ଶମନ ଭାର,
ରହେ କା ଗ୍ରୀବ କଣ୍ଠ ନିକଟ     କେହୁ ବୋଇଲା ହେଲା ସଙ୍କଟ
କାହିଁ କରନ୍ତି କବନ୍ଧ ନାଟ ବହେ ରୁଧିର ଯେ । ୩ ।
ରଥାଙ୍ଗଧର ଉପରେ ଶର     ବରଷାଧାର ପରାୟେ ହର
ବିନ୍ଧନ୍ତେ ଛେଦି ଦେଲେ ସତ୍ୱର ଶାରଙ୍ଗଧର*
ରଣେ କୁପିତ ହୋଇ ଈଶ୍ୱର     ପେଷିଲେ ପାଶୁପତ ପ୍ରଖର**
ଚକ୍ର ପ୍ରହାରେ ମୁରଲୀଧର କଲେ ନିବାର,***
ରମା ରମଣ ହୋଇ କ୍ରୋଧ ଜର୍ଜର
ରଭସ ନିକ୍ଷେପିଲେ ମୋହନ ଶର,
ରଙ୍ଗେ ପ୍ରଚଣ୍ଡ**** ଆଶୁଗ-ବର     ପଡ଼ିଲା ଶୂଳଧର ଉପର
ମୋହେ ବୃଷରୁ ପଡ଼ିଲେ ହର କ୍ଷିତି ଉପର***** ଯେ । ୪ ।
ରଣ ଲାଗିଲା ପ୍ରଳୟପର     ସଙ୍ଗେ ସଚିବ କୁଭାଣ୍ଡ ବୀର
ପକାଏ ପାଇ ଅତି ପ୍ରଖର ଗଦା ପ୍ରହାର,
ରତି-ପତିର ସଙ୍ଗେ କୁମାର     କରିଣ ଅତି ଘୋର ସମର
ଦୁଃସହ ବାଣେ ଧୋଇ ଲୋତର ହେଲେ ଅତର,
ରକ୍ଷ ନାୟକ ସଙ୍ଗେ ସାତ୍ୟକି ବୀର,
ରଣ କରନ୍ତି ବିନ୍ଧି ବିବିଧ ଶର;
ରଥାଙ୍ଗ-ଧର ଯାଇ ସତ୍ୱର     ନାଶିଲେ ରକ୍ଷ-ଦଳ ନିକର
ବିଧି ସହିତ ଆସି ଅସୁର କଲା ସମର ଯେ । ୫ ।
ରଥ ସହିତ ସାରଥି ତାର     ବିଧୁ ବାଣୀରେ ହୋଇଲେ ଦୂର
ବିରଥୀ ହୋଇ ଉଷାମାତର ଗର୍ଜିଲା ଘୋର

---

।୪। * ବିନ୍ଧନ୍ତି ଯାହା ଶାରଙ୍ଗ ଧର, ** ବିନ୍ଧିଲେ ପାଶୁପତ ସେ ଶର, *** ରଥାଙ୍ଗ ପେଷି ନନ୍ଦକଧର, କଲେ ନିବାର, **** ପ୍ରଖର, ***** ଧରଣୀପର
।୬। * କରକୁ ['କ'-ପାଠ]

ରହି ରଥରେ ଜନନୀ ତାର ଛାଡ଼ିଲା ପଦ୍ମଯୋନୀ କୁମର
ଧାଇଁଲା ଶିବ ଯୋଗିନୀ ବର ହୋଇ ଆତୁର
ରହିତ ବାସ ଅଙ୍ଗେ କୃଷ୍ଣ ଆଗର
ରହିଲା ମୁକୁଳାଇ କୁଚକୁ* ତାର;
ରହିଲେ ଦୃଷ୍ଟି ଧରଣୀତଳ ତାକୁ ନ ଚାହିଁ ହରିତାମ୍ବର
ପଳାଏ ପାଇ ଏ ଅବସର ବାଣ ଅସୁର ଯେ ।୬।
ରଥୀ ହୋଇ ସେ ଆସିଲା ଜବ ମୋହ ଛାଡ଼ିଲେ ଅମ୍ବିକାଧବ
ଦୁହେଁ ଯୁଝିଲେ କୋପେ ମାଧବ ସଙ୍ଗେ ଅପାର,
ଗର୍ଜନ୍ତି ବୋଲି ଆରେ ଗରୁଡ଼ ଆଜି ପରାଣ ଆଶକୁ ଛାଡ଼
ନିଶ୍ଚୟ ତୋର ଭାଙ୍ଗିବି ହାଡ଼ ବାହୁଡ଼ ଘର ।
ରଚିତ ଶିଖି ପରି ପେଷିଲେ* ଶର,
ରଡ଼ି ଦେଇ ଧାଇଁଲା ଆଶୁ ତ୍ରିଶିର,
ରମାବିଳାସୀ ହୋଇଣ ରୋଷୀ ଦେଲେ ଆପଣା ଶରକୁ** ପେଷି
ଚଳିଲା ତେଜ ରାଶି ପ୍ରକାଶି ଅତି ପ୍ରଖର ଯେ ।୭।
ରତୀଶ-ଦ୍ବିଷ ଶର* ଦହନ ହାରିଣ ତହୁଁ ପଳାଏ ଘନ
ରଣ ଜଗତେ ପଶେ ଶରଣ କ୍ଷମ କାହାର
ରକ୍ଷିବ ହରି-ବିଦ୍ରୋହୀ-ଜନ ତିନି ଭୁବନେ କେ ମହାଜନ
ଚାହିଁ ସେ ନିଜ ଦଶା ଭୀଷଣ ହେଲା କାତର,
ରାଜୀ ନୟନେ ପଡ଼େ ପଢ଼େ ତାହାର,
ରହିଅଛି ରୋଦ୍ରୀର ଶ୍ରୀପତି ଶର**,
ରକ୍ଷ ମୋ ପ୍ରାଣ ନନ୍ଦନନ୍ଦନ, ବୋଲି ଶରଣ ଗଲା ଚରଣ—
ତଳେ, ବିବିଧ ସ୍ତୁତି ବଚନ କଲା ତ୍ରିଶିର ଯେ ।୮।
ରକ୍ଷକ ଯେହୁ ଶରଣାଗତ- ଜନମାନଙ୍କ ଦରିଦ୍ର ମିତ
ରଖିଲେ ତାକୁ କୃପାସରିତ ପତି ଠାକୁର,
ରଣେ କୁପିତ କମଳ ହାତ ସୁଦରଶନ ପେଷି ତ୍ବରିତ
ଛେଦିଲେ ପଞ୍ଚ ଦ୍ବିଗୁଣଶତ ହାତ ଦାଣବ,
ରମ୍ଭା ବୃକ୍ଷରୁ ଯଥା ପଡ଼େ ପତର,
ରଙ୍ଗେ ପଡ଼ିଲେ ତାର କର ନିକର,
ରକ୍ଷ ପତିର ଦୁର୍ଦ୍ଦଶା ଚାହିଁ ବୋଇଲେ ଶିବ ହେ ଭାବଗ୍ରାହୀ
ବାରେକ ମୋର ସେବକ ଦ୍ରୋହି ଆପଣ କର ଯେ ।୯।

।୭। * ତ୍ବିର, ** ଖରକୁ
।୮। * ତ୍ବର, ** ଖର

ରକ୍ଷି ନ ପାରେ ତୋହର ଦ୍ରୋହୀ ତୁ ନାଥ ଅଟୁ ଭକତ ସ୍ନେହୀ
ରଖ ଏ ଦୀନେ ଜୀବନ ଦେଇ କରୁଣାକର,
ରକ୍ଷା ଉତ୍ପତ୍ତି ନାଶ କାରକ ତୁ ଏକା ପ୍ରାଣୀ ଅଘହାରକ
ଆମ୍ଭେ ତୋହର ପରିଚାରକ ଅନାଦୀଶ୍ୱର,
ରମାପତି ତୁଷ୍ଟ ବାକ୍ୟେ ଶଙ୍କର, *
ରଖିଲୁଁ ବୋଲି କହେ ପ୍ରତି ** ଉତ୍ତର,
ରକ୍ଷ-କୁଳଜ ପ୍ରହ୍ଲାଦ ବୀର ସେ ମୋର ଭକ୍ତ ଦେଇଛି ବର
ନାଶିବି ନାହିଁ ତା ବଂଶଧର ସତ୍ୟ ମୋହର ଯେ ।୧୦।
ରମାଧରଙ୍କା-ରମଣ ଶୁଣି ସନ୍ତୋଷ ହେଲେ ଡମରୁ ପାଣି
ବାଣ ବହିଲା କୌସ୍ତୁଭ-ମଣି-ଧର ପୟର,
ରଭସ ଧାଇ ନାରେ ପିତାଙ୍କ ମାର କୁମାରେ ହୋଇ ବିଜୟୀ
ସୁତାକୁ ବିଭୂଷିତା କରାଇ ରାକ୍ଷସ ବୀର,
ରମେଶ ପାଶେ ଦେଲା କନ୍ୟା କୁମାର,
ରହି ଅଳା ଯୋଡ଼ିଲା ଦୁଇଟି କର,
ରଚିଲା ସ୍ତବ, ଶୁଣି ମାଧବ ଆଦର ତହିଁ ରେବତୀ ଧବ
ସାତ୍ୟକି ଆଦି ମାର ଯାଦବ ପ୍ରମୋଦ ଭର ଯେ ।୧୧।
ରଣେ ଶ୍ରୀହରି ବିଜୟ କରି ବିଜୟ ପାଇଁ ଦ୍ୱାରକା ପୁରୀ
ଉଷାନିରୁଦ୍ଧ ସଙ୍ଗତେ ଧରି ହେଲେ ବାହାର,
ରହିଲା ବଳିସୁତ ନିଜ ମନ୍ଦିର,
ରହିତ କରି ବାହୁ ବାହୁଲ୍ୟ ଭାର,
ରଚିଲା ଗୀତ ରାମ ବିମଳ— ଶ୍ରୀଶତଦଳ-ପଦ-ଯୁଗଳ
ତଳରେ କରି ମତି ନିଶ୍ଚଳ ଦୀନ ପାମର ଯେ ।୧୨।

---

।୧୦। * ରତୀଶ ତାତ ତୋଷ ବାକ୍ୟେ ତାଙ୍କର [‘କ’-ପାଠ], ** ବିହିତେଲେ [‘କ’-ପାଠ]

# ଅଷ୍ଟମ ଛାନ୍ଦ

ରାଗ-ଶଙ୍କରାଭରଣ

ରଙ୍ଗେ ବିଜେ କଲ ହରି ଦ୍ୱାରାବତୀ ପୁର,
ରଥରେ ବସାଇ ସଙ୍ଗେ ଘେନି କନ୍ୟାବର,
ରଥୀ ପଦାତି ଅପାର,
ରଦୀ ତୁରଗ ଚହଳେ ଧରା ଥର ଥର ।୧।
ରଜ ରାଶି ଉଡ଼ି ଦିଗ ଦିଶିଲା ଅନ୍ଧାର,
ରଥ ଘରଘର ଘନ ଘୋଷ ପରକାର,
ରଥ୍ୟା କରିଣ ସୁନ୍ଦର
ରମେଶ ପ୍ରବେଶ ହେଲେ ଆପଣା ନଗର ।୨।
ରତ୍ନାକର ତୀର — ପୁରବାସୀ ଯେତେ ନର,
ରମଣୀ ଅର୍ଭକ ସର୍ବେ ହୋଇଲେ ବାହାର,
ରମଣୀୟ କନ୍ୟାବର,
ରଙ୍ଗେ ଦର୍ଶନ ଲାଳସେ ହୋଇ ତରତର ।୩।
ରମଣୀ କେ ଲଗାଇଲା କରରେ ନୂପୁର,
ରଞ୍ଜିଲା କଜ୍ଜଳ ଭ୍ରମେ ନୟନେ ସିନ୍ଦୁର *,
ରଙ୍ଗାଧରୀ ରାମାବର
ରଙ୍ଗେ କେ ଘେନିଲା କଟିତଟେ ମୋତିହାର ।୪।
ରଶନା କେ ଲମ୍ବାଇଲା ହୃଦୟ ଉପର,
ରମୋରୁ ମୁକୁଳ କଚେ ଧାଇଁଲା ସତ୍ୱର,
ରକ୍ଷିକେ ନିଜ ବ୍ୟାପାର
ରୟ ବନ୍ଧୁତରେ ଚଳେ ଦୀର୍ଘ ପୟୋଧର ।୫।
ରତି ଦେଖିଣ ବରକନ୍ୟା* ରୂପସାର,
ରମଣଙ୍କୁ ରମଣୀତ ହୋଇଛି ସୁନ୍ଦର, * *
ରଖିଥିଲା କୁସୁଧର,
ରସିକା ରସିକ ବାଛି ସଂସାର ଭିତର ।୬।

---

।୪। * ନେତ୍ରେ କେ
।୬। * ବରବଧୂ, * * ରମଣୀଏ ହୋଇଛା ରୁଚିର [‘କ’-ପାଠ]

ରସଧରେ ସୌଦାମିନୀ ଯଥା ଶୋଭାକର,
ରଞ୍ଜନୀୟ ଯଥା ନୀଳମଣି ଚାମୀକର
ରମ୍ୟବର ଯୋଷାବର,
ରଚିଲେତ ଆନେ ହେଉ ନାହିଁ ପଟାନ୍ତର ।୭।
ରଥ ପରବେଶ ହେଲା ବିଧୁପୁର ଦ୍ୱାର,
ରମଣୀଏ ଆସି ଘେନି ଗଲେ କନ୍ୟାପୁର
ରତ୍ନମୟ ବେଦୀପର
ରଙ୍ଗେ ବସି ଶୋଭା ହେଲେ କୁମାରୀ କୁମାର ।୮।
ରମଣୀ ପରାଏ ବେଦୀ ଦିଶଇ ସୁନ୍ଦର
ରସପୂର୍ଣ୍ଣ କୁମ୍ଭକୁଚ ଘେନି ମନୋହର
ରମ୍ଭାଉରୁ ଦିବ୍ୟାକାର
ରଞ୍ଜିତ ବେଣ ଚୂତ ପତ୍ର ତୋରଣ ଚିକୁର ।୯।
ରଜତ ଥାଳୀରେ ଧରି ଅର୍ଘ୍ୟ ଉପହାର,
ରମା ଆଦି ବିଧୁନାରୀ ହୋଇଲେ ବାହାର
ରଚା କରିଣ ସୁନ୍ଦର,
ରଇବତ ସୁତା ଆଦି ଯୁବତୀ ଅପାର ।୧୦।
ରତି ଦେବୀହିଁ ଅଇଲେ ହୋଇ ଅର୍ଘ୍ୟ କର,
ରଙ୍ଗେ ବନ୍ଦାପନା ବିଧି କଲେ ବଧୂବର,
ରଚି ମଙ୍ଗଳ ଆଚାର,
ରସାପୁର ମାନେ କଲେ ସକଳ ବେଭାର ।୧୧।
ରମଣୀ ରତନ ଲଭି ମଦନ କୁମାର,
ରସ ମହୋତ୍ସବେ ନେଲେ ଗତୁ ସମସ୍ତ
ରମ୍ୟ ହରମ୍ୟ ଉପର,
ରସମୟ ସମୟରେ ବିଳସେ ଚତୁର ।୧୨।
ରଜନୀଶ ରଜନୀରେ ଚୋରି ରତ୍ନସାର
ରସାଳ ବସାଇ ଅଙ୍ଗେ କୁଚେ ଦୋଳେ ହାର
ରସେ ଭାଷେ ସୁମଧୁର
ରସିକାରେ ଶଙ୍କର ସେବୁଛି ଦେବେ ବର ।୧୩।
ରଖିଦେବି କି ସଜନୀ ଅର୍ଦ୍ଧ-କଳାକାର,
ରହନ୍ତି ସେ ବିଷ୍ଣୁପଦେ ବୋଲେ ରାମାବର,
ରସେ ଭାଷନ୍ତି ନାଗର,
ରଖିଛିଁ ଏଣୀ ନୟନା ଆଣି ମୋର କର ।୧୪।

ରସାଳସୀ ତୋରେ କି ଆସ୍ତୁର ପାଶେ ଧର,
ରସିକ ବୋଲଇ ସେ ଦୃଶୀରେ ଅଛି ମୋର,
ରଣେ ବିହ୍ନି ଧରି କର,
ରଙ୍ଗେ ସେ ବୋଇଲା ନାଥ ହେଲି ନିରୁଭର । ୧୫ ।
ରମ୍ୟ ଉପବନେ କଦା କରନ୍ତି ବିହାର,
ରସିକା ରସିକ ଯଥା ଶଚୀ ପୁରନ୍ଦର,
ରବି ଛାୟା ପରକାର
ରହି ନ ପାରନ୍ତି କ୍ଷଣେ ହୋଇଣ ଅନ୍ତର ।୧୬।
ରସ ସମ୍ଭୋଗ ହିଁ ଭୋବ ସଂସାରର ସାର,
ରସମୟ ବିଶ୍ୱ ଏକ ଅଛି ନାମାନ୍ତର,
'ରସ' ଆଦି ନାରାନର
ରଚାଉ ଅବ୍ବାରୁ ଏହି 'ରସ ରତ୍ନାକର' * ।୧୭।

# ବଳରାମ ଦେବ

(ରାଗ-ବଙ୍ଗଳାଶ୍ରୀ)

ଦିନକରେ ନବ- କମଳିନୀ ସଙ୍ଗେ
ଭ୍ରମର ବିହାର ଚାହିଁ,
ରାଗଯୁକ୍ତ ହୋଇ ଅସ୍ତାଚଳ କୋଳେ
ପହୁଡ଼ିଲେ ଦିନ ସାଇଁ।
କୁମୁଦିନୀ ପ୍ରେମ ପରୀକ୍ଷା ମାନସେ
ଆସି ଆସି ଗୋପନରେ,
ଆକର୍ଷିତେ ବିଧୁ ପରକାଶ ହୋଇ-
ଲେ ମଧ୍ୟ ଗଗନରେ।
କୁମୁଦିନୀ କାନ୍ତ- ବିରହ ବିଧୁରେ
ହୋଇଥିଲା ମ୍ଳାନ ମୁଖୀ,
କାନ୍ତ ଦରଶନେ ପ୍ରସନ୍ନ ବଦନେ
ବିକଶିଲା ହୋଇ ସୁଖୀ।
ପତି ପରାୟଣା ପ୍ରଣୟେ ସୁଧାଂଶୁ
ହୋଇ ଆହ୍ଲାଦିତ ମନ,
ପ୍ରେମ ଗଦଗଦେ ଶୀତଳ କୋମଳ
କରେ କଲେ ଆଲିଙ୍ଗନ।
ମର୍ତ୍ତ୍ୟ ନିବାସିନୀ ପ୍ରେମେ ବଶ ଚନ୍ଦ୍ର
ଦେଖିବାକୁ ତାରାମାନେ,
ଲଜ୍ଜାରେ ମୁଖ ଦେଖାଇ ନପାରି
ଲୁଚିଗଲେ ଅପମାନେ।
ବିପଦ ସମ୍ପଦ ଚିରସ୍ଥାୟୀ ନୁହେଁ
ଘୂର୍ଣ୍ଣମାନ ଭବଚକ୍ରେ,
କ୍ଷଣକେ ବିପଦ କ୍ଷଣକେ ସମ୍ପଦ
ବିପଦ ପୁଣି ଦଣ୍ଡକେ।

ସୁଧାକର କ୍ଷଣେ    କୁମୁଦିନୀ ନେତ୍ରେ
ଲଗାଇ ଅମୃତାଞ୍ଜନ,
କ୍ଷଣକରେ ପୁଣି    ଛାଡ଼ିଗଲେ ଦେଇ
ସେ ନେତ୍ରେ ନୀହାର କଣା।
ନିଶୀଥରେ ଯାଇ    ବାରୁଣୀ ମନ୍ଦିରେ
ଶୋଇଲେ ତାରକା ପତି,
କୁମୁଦିନୀ ଦୁଃଖ—    ଦଶା ଦେଖି ହସି
ଉଠିଲେ ତାରକା ପନ୍ତି।
ନିବିଡ଼ ତିମିର—    ବେଶ ଆଚ୍ଛାଦିଲା
କ୍ଷଣିକେ ଅବନୀ ଗାତ୍ରେ,
ପ୍ରକୃତି ଭବନେ    ଭାଗ୍ୟ ଦୀପ କି ସେ
ଲିଭିଗଲା ଅକସ୍ମାତେ ?
ସୌଭାଗ୍ୟ ସମୟେ    ସ୍ପର୍ଶ କଲେ ଲୋକେ
ଚୂନା ପାଲଟଇ ସୁନା;
ଅଭାଗ୍ୟ ସମୟ    ଉପଗତ ହେଲେ
ସୁନା ହୋଇଯାଏ ଚୂନା।
ହେଉଥିଲା ଯାହା    ମନୋମୁଗ୍ଧକର
ନୟନ ପ୍ରୀତିକର,
ଏବେ ହେଲା ତାହା    କ୍ଷଣିକ ଭିତରେ
ଅତିଶୟ ଭୟଙ୍କର।
ଗୁଳ୍ମ ବୃକ୍ଷ ବ୍ୟାଘ୍ର—    ଭଲ୍ଲୁକ ପରାଏ
ନୟନକୁ ହେଲେ ପ୍ରତେ,
ଘୋର ବିଭୀଷିକା    ମୂର୍ତ୍ତି ମନେ ପଡ଼େ
ସେ କାଳେ ନୟନାଗ୍ରତେ।
ବାତ୍ରିଶତ ଝିଣ୍ଟି-    ଗଣେ ରାବ କଲେ
ଭୀଷଣ ବିକଟ ସ୍ୱନେ,
ଯା ଶୁଣିଲେ    ଭୂତ-ପ୍ରେତାଦି ଅଳୀକ
ଶଙ୍କା ଉପୁଜଇ ମନେ।
ହେଲା ଏ ସମୟେ    ଅତି ଭୟାନକ
ଚିତ୍ରୋତ୍ପଳା ତୀରବନ,
ତିମିର ଗର୍ଭରେ    ହୋଇଗଲା ସ୍ଥିତି
ବଦନ ଅଭେଦ୍ୟ ଘନ।

ନୀରବ ଅବନୀ          ସାଇଁ ସାଇଁ ସ୍ୱନ
ଶ୍ରବଣ କଣ୍ଟକ ହେଲା,
ଉଲୂକ ଶବଦ          ଥରେ ଥରେ କରୁ
ହୃଦୟ କମ୍ପାଇ ଦେଲା ।
ଯେତେବେଳେ ଶୁଭେ          ଶାର୍ଦ୍ଦୂଳ ତ୍ରାସିତ
ମାତଙ୍ଗ ଆରତ ସ୍ୱନ,
କାନନ କମ୍ପାଇ          କିଏ କେତେବେଳେ
ଶାର୍ଦ୍ଦୂଳ ଘୋର ଗର୍ଜନ ।
ସର୍ବ ନର ନାରୀ          ନିଦ୍ରା ଅଭିଭୂତ
ଏକାଳ ବାଉଁର ପୁରେ,
ମୂଷାମାନେ କେଳି          କରୁଥିଲେ ଭୟ
ହୃଦୟରୁ ଥୋଇ ଦୂରେ ।
ପଲ୍ଲିକି ମୁଖର          କରୁଥିଲା ସୁପ୍ତ-
ମାନବ ନାସିକା-ଧ୍ୱନ,
ତାଳ କ୍ରମେ ପଡ଼ି          ଉଠୁଥିଲା କି ତା
ସୁଷୁପ୍ତି ସଙ୍ଗୀତମାନ ।
ସମସ୍ତ ପଲ୍ଲିଟି          ଅନ୍ଧକାରମୟ
ଆଲୁଅ କରିଛି କିଏ,
ଗୋଟିଏ ମାତର          କୁଟୀରେ ଜଳୁଛି
କ୍ଷୀଣାଲୋକ ଦୀପଟିଏ ।
ପଲ୍ଲବ ଆସନେ          ନିଃଶଙ୍କ ହୃଦୟେ
ତହିଁ ମଧ୍ୟେ ଯୁବା ଜଣେ
କଦେବ କେଶରୀ          ପ୍ରାଏ ଦେଖି କିସ
ଭାବୁଛନ୍ତି ମନେ ମନେ ।
ପାଶେ ପଡ଼ିଅଛି          ପ୍ରକାଣ୍ଡ ଧନୁକ
ଉଜ୍ଜ୍ୱଳ ଶାଣିତ ଶର,
ଫଣୀ ଚୂଡ଼ ଶୋଭା          ମଣିପ୍ରାଏ ତାହା
ପ୍ରଦୀପାଲୋକେ ଭାସ୍ୱର ।
ଅପର ପାର୍ଶ୍ୱରେ          ଝଟକେ କଟାର
ତୀକ୍ଷ୍ଣଧାର ତରବାର,
ଶମନ ଦେବତା          ଭୟେ ପଳାଇବ
ଦୀପ୍ତିକି ଚାହିଁଲେ ଯା'ର ।

ଏ ଘୋର ତାମସୀ ରଜନୀରେ ଏକା
ଜଗିଛନ୍ତି କେଉଁ ବୀର ?
ସୁଗଭୀର ଚିନ୍ତା ସାଗରେ ମଗନ
ପରାଏ ମାନସ ଧୀର,
ଦେଖି ମନେ ହୁଏ ଗୋଦାବରୀ ତୀର-
କୁଟୀର-ବାସୀ ଲକ୍ଷ୍ମଣ;
ଅଗ୍ରଜ ସେବାରେ ସମସ୍ତ ନିଶି କି
କରୁଛନ୍ତି ଜାଗରଣ ?
କିବା ବୀରବୃନ୍ଦ ମୁକୁଟ ରତନ
ସବ୍ୟସାଚୀ ଧନଞ୍ଜୟ
ଆଚରନ୍ତି ତପ ଇନ୍ଦ୍ରନୀଳ-ଶୈଳ-
କନ୍ଦରେ ହୋଇ ନିର୍ଭୟ ।
ପାଠକ !
ଯେତେବେଳେ ହେଲା କୌରବ ପାଣ୍ଡବେ
ମହା ଭୟଙ୍କର ରଣ;
ସେ ରଣ ତୀର୍ଥରେ ଝାସି ସ୍ୱର୍ଗେ ଗଲେ
ଭାରତର ବୀରଗଣ ।
ବ୍ରହ୍ମ ଶାପାନଳେ ଭାରତ ଗୌରବ-
ଯଦୁବଂଶ ହେଲା ନାଶ;
କେଶବ ବିରହେ ପାଣ୍ଡୁ ସୁତମାନେ
ଛାଡ଼ିଲେ ସଂସାର ଆଶ ।
କେତେ କାଳ ପରେ ପାପିଷ୍ଠ ଦାନବେ
ଅବୀରା ଦେଖି ଧରଣୀ;
ଉଦ୍‌ଘାଟନ କଲେ ଅବାଧେ ତାଙ୍କର
ମନୋମତ କୁସରଣି ।
ନାନା ପରକାର ଅତ୍ୟାଚାର କଲେ
ଆର୍ଯ୍ୟ ଦ୍ୱିଜଗଣ ପ୍ରତି;
ଭୟେ ବିପ୍ରବୃନ୍ଦ ଅର୍ବୁଦ ଶିଖରୀ
ଶିଖରେ କଲେ ବସତି ।
ସେଠାରେ ନ ହେଲା ଅଦମ୍ୟ ଦାନବ
ଅତ୍ୟାଚାର ନିବାରିତ,
ପୁଷ୍ଟ କରି ତାହା ବ୍ରାହ୍ମଣ ମଣ୍ଡଳ
ଯଜ୍ଞେ ନିବେଶିଲେ ଚିତ୍ତ ।

ଯଜ୍ଞ କୁଣ୍ଡ ମଧ୍ୟୁଁ ବାହାରିବ ଶକ୍ତି
କରିବେ ଦାନବ ନାଶ;
ଦାନବୋତ୍ପୀଡ଼ିତ ଦ୍ୱିଜ ମାନବର
ଏହିମାତ୍ର ଅଭିଳାଷ।
ଦୀପ୍ତିହୋତ୍ର କୁଣ୍ଡ ଚଉପାଶେ ବସି
ସମସ୍ତେ ମଣ୍ଡଳାକାରେ,
ଆଶୁତୋଷ ତୋଷ କଲେ ଅବିଶ୍ରାନ୍ତ
ମନ୍ତ୍ର ପୂତ ଘୃତ ଧାରେ।
ଯଜ୍ଞ ଅବସାନେ ଅନଳ କୁଣ୍ଡରେ
ଜନ୍ମେ ବୀର ତିନିଜଣ,
ଜନମିଲେ କିନ୍ତୁ ନ ପାରିଲେ କରି
ଦାନବଙ୍କୁ ଧରଷଣ।
ତା ଦେଖି ବଶିଷ୍ଠ ବଦ୍ଧ ପଦ୍ମାସନେ
ସମାସୀନ ହୋଇ ଥାଏ,
ମନ୍ତ୍ରପାଠ କରି ଅମରଗଣଙ୍କୁ
ଆହୁତି ଦେଲେ ଅମାପେ।
ଦେଖୁଁ ଦେଖୁଁ ସେହି ଯଜ୍ଞ ଅନଳରୁ
ଚତୁର୍ଭୁଜ ବୀର ଜଣେ;
ବାହାରିଲେ, ଚାରି କର ଶୋଭେ ଚକ୍ର
ଗଦା ଖଡ୍ଗ ଶରାସନେ।
ସୁଲୋହିତ ତନୁ ପ୍ରଶସ୍ତ ଲଲାଟ
ବର୍ମାବୃତ କଳେବର;
ପୃଷ୍ଠଭାଗେ ଯେଉଁ ତୂଣୀର ଲମ୍ବିଛି
ପୂର୍ଣ୍ଣ ହୋଇଅଛି ଶର।
ସେହି ଚତୁର୍ଭୁଜ ଚୌହାନ ନାମରେ
ଅଭିହିତ ବୀରୋତ୍ତମ,
ନାଶିଲେ ଦୁର୍ଜୟ ଦୈତ୍ୟକୁଳ କରେ
ରବି କରେ ଯଥା ତମ।
ଅକ୍ଷୟ କୀରତି- ମାନ ଅର୍ଜିଲେ
ତାଙ୍କ ବଂଶଧର ଗଣ;
ଅକ୍ଷୁର୍ଣ୍ଣ ଭାବରେ କଲେ ବହୁକାଳ
ଭାରତରେ ରାଜପଣ।

ଆର୍ଯ୍ୟ ଗଉରବ ଲୋପିଲି ତପନ
ପୃଥ୍ଵୀ ହେଲେ ଦିଲ୍ଲୀଶ୍ଵର,
ଇତିହାସେ ଅଛି ଅକ୍ଷୟ ଅକ୍ଷରେ
କୀର୍ତ୍ତିରାଜି 'ଯାହାଙ୍କର।
ଆର୍ଯ୍ୟମାନଙ୍କର ଭାଗ୍ୟ ଚକ୍ର ତାଳ—
କ୍ରମେ ହେଲା ଆବର୍ତ୍ତିତ,
ଭାରତ ଜନନୀ ଭାଗ୍ୟେ ଲେଖା ଥିଲା
ତା' ପତି ହେଲେ ଯବନ।
ପରାଧୀନ ଠାରୁ ମୃତ୍ୟୁ ଶ୍ରେୟଃ ଜାଣି
ଚୌହାନ ପୁଙ୍ଗବ ଗଣେ,
ସ୍ଵାଧୀନତା ରତ୍ନ ରକ୍ଷଣ ଲାଗିଣେ
ପ୍ରାଣ ଦେଲେ ରଣାଙ୍ଗଣେ।
ରମାଇ ନାମରେ ଶିଶୁ ଜଣେ ତାଙ୍କ
ଛାଡ଼ି ନିଜ ରାଜ୍ୟ ଆଶ,
ପାଟଣାକୁ ଆସି ବ୍ରାହ୍ମଣ ମନ୍ଦିରେ
ସ୍ଵଚ୍ଛନ୍ଦରେ କଲେ ବାସ।
ଏ କାଳେ ପାଟଣା ରାଜ ସିଂହାସନେ
ଥିଲେ ନାହିଁ ନରପତି;
ଆଠଜଣ ପ୍ରଜା ଦିନେ ଦିନେ ବସି
ରାଜ କାର୍ଯ୍ୟ ବିଚାରନ୍ତି।
ଲେମ୍ବୁଟିଏ ମାତ୍ର ଅଧିଷ୍ଠିତ ଥାଏ
ରାଜ ସିଂହାସନ ପରେ;
ଯାହା ପାଳି ପଡେ ରାଜପଣ କରେ
ଲେମ୍ବୁଟିକୁ ଧରି କରେ।
ସେହି ଅଷ୍ଟଜଣ ମଲ୍ଲିକ ନାମରେ
ହେଉଥିଲେ ଅଭିହିତ,
'ଆଠମଲ୍ଲିକରେ ଲେମ୍ବୁ ରାଜା' ବୋଲି
ଅଦ୍ୟାପି ହୁଏ କଥିତ।
ସିଂହାସନେ ବସି ଲେମ୍ବୁ ଧରିଥିଲେ
କିବା ବଡ କିବା ସାନ;
ଯାହାକୁ ଯେମନ୍ତ ଆଜ୍ଞା ଦିଅନ୍ତି ତା'
କଦାପି ନହୁଏ ଆନ।

ଏହି ରୂପେ ହେଉ— ଥାଏ ପାତଶାହ
ରାଜକାର୍ଯ୍ୟ ସମାଧିତ
ସମସ୍ତ କ୍ରମରେ ବୃଦ୍ଧ ବିପ୍ରଙ୍କର
ପାଳି ହେଲା ଉପସ୍ଥିତ।
ପାଟିତ ଥିବାରୁ ଶିଶୁ ରମାଇଙ୍କୁ
ପଠାଇ ଦେଲେ ସ୍ଥବିର,
ସିଂହାସନେ ବସି ବିଚିତ୍ର ରାଜତ୍ୱ
କଲେ ସେ ରମାଇ ବୀର।
ପ୍ରଥମେ ଅପର ସପ୍ତ ମଲ୍ଲିକର
ମସ୍ତକ ଖଡ୍‌ଗେ ଛେଦି,
ସେ ସପ୍ତ ମସ୍ତକେ— ପରେ ବନାଇଲେ
ରାଜ ସିଂହାସନ ବେଦୀ।
ଅଦ୍ଭୁତ କର୍ମ ଦରଶନେ ସେହି
ସପ୍ତ ବର୍ଷ ବାଳକର,
ରାଜଲକ୍ଷ୍ମୀ ସହ ଭାଗ୍ୟଲକ୍ଷ୍ମୀ ଆସି
ଯୋଡ଼ିଲେ କର ପତର।
ସେହି ଦିନୁ ବୀର ସିଂହାସନେ ବସି
ଏକା କଲେ ରାଜପଣ;
ଭକ୍ତି ସହକାରେ ବିପ୍ର ପ୍ରାୟେ ତାଙ୍କୁ
ପୂଜିଲେ ପରଜାଗଣ।
ନରସିଂହ ଦେବ ବଳରାମ ଦେବ
ନାମେ ବେନି ସହୋଦର;
ସେ ଚୌହାନ କୁଳ ପ୍ରଦୀପ ରମାଇ—
ଦେବଙ୍କର ବଂଶଧର।
ଅଙ୍ଗ ତରଙ୍ଗିଣୀ ଦକ୍ଷିଣ ଭୂଖଣ୍ଡେ
ନରସିଂହ ଅଧୀଶ୍ୱର;
ଉତ୍ତର ଅବନୀ ପଡ଼ିଲା ଭାଗ୍ୟରେ
ବଳରାମ ଦେବଙ୍କର।
ଏହିଟି ଅଟନ୍ତି ସେହି ବଳରାମ
ବସି ଭାବୁଛନ୍ତି ମନେ;
କି ଉପାୟେ ରାଜ୍ୟ ସ୍ଥାପନ କରିବେ
ନିବିଡ଼ ନିର୍ଜନ ବନେ।

ଯାଉଥିଲେ ପଥ          ଆଖେଟକୁ ଆଜି
ମହାନଦୀ ହୋଇ ପାରି;
ଶ୍ୱାନଙ୍କୁ ଶଶକ          ଆକ୍ରମଣ କଲା
ଦେଖି ହେଲେ ଚମତ୍କାର।
ସେଦିନି ବେଳରୁ          ଭାବି ଭାବି ବୀର
ପାଉ ନାହାନ୍ତି ତା କୂଳ,
ଭାଗ୍ୟ ଦେବୀ ତାଙ୍କୁ          ଅନୁକୂଳ କିମ୍ବା
ହୋଇଛନ୍ତି ପ୍ରତିକୂଳ।
ନିଶି ଆସି ହେଲା          ଚତୁର୍ଥ ପ୍ରହର
ବିରଳ ହୋଇଲା ଧ୍ୱାନ୍ତ;
ସଧୀରେ ବହିଲା          ଚିତ୍ରୋତ୍ପଳା ନୀର
ଆଲିଙ୍ଗି ଶୀତଳ ବାତ।
ବସି ବସି ବୀର          ବିଶାଳ ନୟନ
ନିମୀଳିତ ହେଲା ଲୋଳେ;
ସନ୍ତାପ ନାଶିନୀ          ନିଦ୍ରା ମହାଦେବେ
ଧଇଲେ କୋମଳ କୋଳେ।
ଏକାଳେ ସ୍ୱପନ          ରାଜ୍ୟେ ବିଚରିଲେ
ମୃଗୟା ବିନୋଦୀ ବୀର;
ମୃଗ ଅନ୍ୱେଷଣେ          ଭ୍ରମୁ ଭ୍ରମୁ ଗଲେ
ଚିତ୍ରୋତ୍ପଳା ନଦୀ ତୀର।
ମୃଗ ଲାଳସରେ          ଇତସ୍ତତଃ ଚାହିଁ
ପଡ଼ିଗଲା ବୀର ଲକ୍ଷ୍ୟ;
ପଥର ଉପରେ          ଜଳୁଅଛି ଏକ
ପଦୀପ ଉଜ୍ଜଳୀ ବକ୍ଷେ।
ପ୍ରଦୀପ ନିକଟେ          ପରିଦୃଶ୍ୟ ହେଲା
ସୀମନ୍ତିନୀ ପରି ଜଣେ,
ହରିତ ଅମ୍ବର          ପିନ୍ଧି ବସିଥିଲା
ଉତ୍ତରାସ୍ୟେ ପଦ୍ମାସନେ।
ମସ୍ତକରେ କିସ          ଝଟକଇ ତା'ର
ପାହାନ୍ତିଆ ତାରା ପରି;
ଆଲୋକିତ କରି —          ଅଛି ଚଉପାଶେ
ଆଲୋକ ତାର ପ୍ରସାରି।

ଦେଖି ବଳରାମ        ପୁଲକିତ ଗାତ୍ର
ଅନିମେଷ ହେଲା ନେତ୍ର,
ବିସ୍ମୟ ତରଙ୍ଗେ        ପରିପ୍ଳୁତ ହେଲା
ପ୍ରଶସ୍ତ ହୃଦୟ କ୍ଷେତ୍ର।
ଏ କି ଚମତ୍କାର !        ବୋଲି କେତେ ଅବା
ଚିନ୍ତା କଲେ ମନେ ମନେ;
କେଉଁ ଦେବତା ଏ        କାହିଁକି ବସିଛି ?
ନଦୀରଙ୍କେ ନିକାଞ୍ଚନେ।
ଅଳଙ୍କାର ହୀନ        କରି ଆସିଛି କି
ସ୍ୱର୍ଗଲକ୍ଷ୍ମୀ ପୁରଧାନ ?
କିବା ଜଳଦେବୀ        ଚିତ୍ରେ କରିଛନ୍ତି
'ଚିତ୍ରୋତ୍ପଳା' ଏହା ନାମ ?
ଚିତ୍ରୋତ୍ପଳା-ସ୍ୱଚ୍ଛ        ପବିତ୍ର ସଲିଳେ
ଅବଗାହନେ କି ଭଗା ?
ଆସିଅଛି ଅବା        ଅଳଙ୍କୃତା ହୋଇ
କାବ୍ୟତାରା ଶିରୋଭୂଷା ?
ଅବା କୃଷ୍ଣପ୍ରିୟା        ଶକ୍ରାଜିତ ସୁତା
ଶିରେ ସ୍ୟମନ୍ତକ ମଣି;
ମୋ ନେତ୍ର ପବିତ୍ର        କଲେ ଦେଖା ଦେଇ
ସୁନ୍ଦରୀବୃନ୍ଦ ଅଗ୍ରଣୀ।
ଯେ ହେଉ ସେ ହେଉ        ସମୀପକୁ ଯାଇ
ତୋଷିବି ନୟନ ଦ୍ୱୟ;
ଦେବୀ ହେଲେ ପାଦେ        ପୂଜିବି ଆନନ୍ଦେ
ହେଲେ ନେବି ପରିଚୟ ॥
ନିର୍ଭୟ ଭାବରେ        ବୀରୋଚିତ ହୃଦେ
ଏତେ ଭାବି ବୀରବର;
ତଟିନୀ ଗର୍ଭକୁ        ଉତୁରି ସୁନ୍ଦରୀ—
ଦିଗେ ହେଲେ ଅଗ୍ରସର ॥
ପାର ହୋଇଯାଇ        ଅବିଳମ୍ବେ ଶୁଭ୍ର
ଶିଶିର-ସିକ୍ତ-ପୁଳିନ;
ଦେଖିଲେ ଉଭାର        ନୀଳ ଜଳରାଶି
ହୋଇଅଛି ସମ୍ମୁଖୀନ।

ଅତି ଭୟାନକ ଅହୋରାତ୍ର ଯାହା
ନକ୍ରକୁଳ ସଙ୍ଘଟଣେ
ସ୍ନାନ ଦେଇ ତୀର ଅକୁତୋ-ଭୟରେ
ପାର ହେଲେ ସନ୍ତରଣେ ॥
ଜଳ କର୍ଷିତ କଳେବରେ ଯାଇ
ସୁନ୍ଦରୀ ଆଗରେ ଠିଆ;
ହୋଇ ପଚାରିଲେ କହ ତୁ କିଂ ସେ
ନାରୀର କି ଏତେ ହିଆ ?
ନୋହୁ ତୁ ମାନବୀ ଦାନବୀ କିନ୍ନରୀ
କିଏ ହୋଇଥିବୁ ଦେବୀ,
ତୋତେ ଦେଖି ଆଜ ଚରିତାର୍ଥ ହେଲି
ତୋ ପୂଜାକୁ ମୁଁ କି ଦେବି ?
ସ୍ୱର୍ଗ ବିଳାସିନି ! ନନ୍ଦନ ବିହାର
ଛାଡ଼ି କହ କେଉଁ ମନେ ?
ନଦୀ ତଟେ ଆସି ପାଷାଣେ ବସିଛୁ
ନିର୍ଜନ ବେତସ ବନେ ?
ବଳରାମ ବାକ୍ୟେ ପ୍ରସନ୍ନା ସୁନ୍ଦରୀ
କହିଲେ ଅଳପ ହସି,
ଅକଳଙ୍କ ଚନ୍ଦ୍ର ମଣ୍ଡଳରୁ କି ସେ
ପୀୟୂଷ ପଡ଼ିଲା ଖସି ?
"ଆଦ୍ୟୋପାନ୍ତ ସବୁ ବର୍ଣ୍ଣନା କରୁଛି
ଶୁଣ ସବୁ ବଳରାମ,
"ଜଗତର ଆଦି— ଜନନୀ ମୁହିଁଟି
ସମଲାଈ ମୋର ନାମ !"
"କୈତବ ରୂପରେ ଚହୁକାକୁ ଗଙ୍ଗା
ଚିତ୍ରୋତ୍ପଳା ନାମ ବହି;
"ପୂର୍ବ ପୟୋଧିରେ ମିଶୁଛନ୍ତି ଏହି
ମହେନ୍ଦ୍ର କାନ୍ତାରେ ବହି !
"ସ୍ୱଚ୍ଛ ସୁମଧୁର ସଲିଳ ଏହାର
ପାପ ତାପ କରେ ନାଶ,
"ଏହାର ପବିତ୍ର କୋଳରେ ବହୁତ
କାଳରୁ କରିଛି ବାସ !

''ଏହାର ପବିତ୍ର ନିର୍ମଳ ସଲିଳେ
ବନବାସ କାଳେ ସ୍ନାନ;
''କରିବା ମାନସେ ଜାୟାନୁଜ ସଙ୍ଗେ
ଆସିଥିଲେ ରଘୁମଣି।
''ନର ଅବତାର — ନାରାୟଣଙ୍କର
ଚରଣେ କରି ଅର୍ଚ୍ଚନା,
''ପାଦଚିହ୍ନ ଏଥି ଦେଇଯିବା ପାଇଁ
ବିନୟେ କଲେ ପ୍ରାର୍ଥନା।
''ପରସନ୍ନ ହୋଇ ପଦଚିହ୍ନ ଦେଇ
ଭାବଗ୍ରାହୀ ରଘୁବୀର,
''ଏଠାରୁ ଶବରୀ — ନାରାୟଣ ଦେଇ
ଗଲେ ଗୋଦାବରୀ ତୀର।
''ଅଭୟା ଶ୍ରୀରାମ — ଦଣ୍ଡୀ ରକ୍ଷକରେ
ପଥେ ଭବ ନଦୀ କୂଳେ,
''ଅଭୟ ଦାୟିନୀ ହୁଅନ୍ତି ସେ ଘୋର
ବିପଦେ କ୍ଷତ୍ରିୟ କୁଳେ।
''ସେଦିନୁ ପ୍ରତ୍ୟହ ନିଶା ଅବସାନେ
ଅବଗାହି ଏହି ପାଦ;
''ବିବିଧ କାନନ କୁସୁମରେ ପୂତ (ପୂଜା)
ଗ୍ରହଣ କରେଁ ପ୍ରସାଦ॥
''ଆଜି ହୋଇଥିଲା ଶ୍ରୀରାମ ନବମୀ
ରାଘବ ଜନ୍ମ ବାସର,
''ଶ୍ରୀପଦ ଅର୍ଚ୍ଚନା ପଛ ସମୟରେ
ଆସିଅଛୁ ବୀରବର।''
ଏତେ କହି 'ଦେଖ' ବୋଲି ପଦଚିହ୍ନ
ଦେଖାଇ ଦେଲେ ସାଦରେ,
ଦେଖି ବଳରାମ ସାଷ୍ଟାଙ୍ଗ ପ୍ରଣାମ
କଲେ ଅତି ଭକ୍ତି ଭରେ।
ପୁଣି ସେହି ରୂପେ ପ୍ରଣିପାତ କରି
ଦେବୀଙ୍କ ଚରଣ ତଳେ;
ଆଣ୍ଠୁ ମାଡ଼ି ବସି କୃତାଞ୍ଜଳି ପୁଟେ
ସବିନୟେ ସ୍ତୁତି କଲେ॥

"ଜୟ ଚରାଚର ଜଗତ ଜନନୀ
ଜୟ ରାଜ ରାଜେଶ୍ୱରୀ;
"ଆରତୀ ଆରତ ଘୋର ତରଙ୍ଗିଣୀ
ତରଣେ ତୋ ପଦ ତରୀ।
"ଅମଳ କମଳ ଚରଣ ଯୁଗଳେ
ଶରଣ ଲଭି ଆକୁଳେ
"ଶରଣ ରକ୍ଷିଣି ଲଭାଅ ତନୟ
ସଙ୍କଟ-ସାଗର କୂଳେ।
"ବିପନ୍ନ ବିପଦ— ଦାବାଗ୍ନି ନାଶିନୀ
ତୋହୋ କୃପା କାଦମ୍ବିନୀ,
"କୃପାକର ମୋତେ ଅଧ ମରଣିକି
ଅଭୟ ବର-ଦାୟିନି।
"ଭାଗ୍ୟବଳେ ଆଜ ଦର୍ଶନ କରି ତୋ
ଅଭୟ-ଚରଣ ଦ୍ୱୟ,
"ଭାନୁକରେ ତମ— ସଂପ୍ରତି ପ୍ରାୟେ ମୋ
ପାପରାଶି ହେଲା କ୍ଷୟ।
"ନିଶ୍ଚୟ ଜାଣିଲି ଆଜି ହେଲା ମୋର
ପୂର୍ବ ପୁଣ୍ୟ ଫଳୋଦୟ;
"ଏତେ କାଳେ ଯାହା ପାଇଲି ଜନନୀ
ତୋହୋ ଶ୍ରୀଚରଣାଶ୍ରୟ ॥
"ଉଦ୍ୟାନରେ ମୋର କଳପ ପାଦପ
ଯୋଗ ଦେଇଅଛି ବିଧି,
"ତୋହୋ କୃପା ହେଲେ ଶରଣ ବତ୍ସଳେ
ଲୋଡ଼ା ଆଉ କେଉଁ ସିଦ୍ଧି।
"ପାହିଲା ମୋହୋର ଦୁଃଖ ବିଭାବରୀ
ଆସିଲା ସୁଖ ପ୍ରଭାତ,
"ତୋ କୃପା ମିହିର ଉଦୟ ହେଉ ମୋ
ଭାଗ୍ୟାକାଶେ ଜଗନ୍ମାତ।
"ଚୌହାନ ବଂଶଜ ନୃପ ନନ୍ଦନ ମୁଁ
ଏଣୁ ଯୋଡ଼ି କର ପତ୍ର
"ଛାମୁରେ ଜଣାଏ ଶ୍ରୀ ଛାମୁରୁ ମୋତେ
ଆଜ୍ଞା ହେଉ ରାଜଛତ୍ର।

“ପ୍ରତିଦିନ ତୋର    ଶ୍ରୀପଦ ପଙ୍କଜ
କରୁଥିବି ଦରଶନ
“ଯହିଁ ଥିଲେ ତୋର    ପଦପ୍ରସାଦ ବିନା
କରିବି ନାହିଁ ଭୋଜନ।
“ଏହି ନିୟମରେ    ଚଳିବେ ଥାଟେ
ଯେତେ ମୋର ବଂଶଧର,
“ଚିର ସ୍ଥାୟିନୀ ତୋ    କୃପା ହେଉ ମୋର
ବଂଶେ ଦିଅ ଏହି ବର।”
ପରସନ୍ନ ଦେବୀ    ସହାସ୍ୟେ ଭାଷିଲେ,
ଜାଣିଅଛି ତୋର ମନ,
“ରାଜ କୁମାର ତୁ    ରାତ୍ର ଦିନରେ
କରିଅଛୁ ଆଚମନ।
“ମୋ ପ୍ରିୟ କାନନେ    ମୃଗୟା କଲୁ ତୁ
ମୋହୋ ଆରାଧନା ବିନା,
“ପୋଷିତ ଶଶକ    ତୋହୋ କୁକୁରକୁ
ତେଣୁ ଆକ୍ରମିଲା ସିନା,
“ଦେଖି ତୋ ସାହସ    ପରସନ୍ନ ହେଲି
ମୋତେ ସେବି ରାଜ୍ୟ କର,
“ସତ୍ୟ ନ୍ୟାୟ ଧର୍ମ    ସର୍ବତ୍ର ଜଗତ
ହୃଦେ ଲେଖ ଚଦଶତ।
“ଏହା ବଳେ ରାମ    ତ୍ରିପୁର ବିଜୟୀ
ରାବଣଙ୍କୁ କଲେ ଧ୍ୱଂସ;
“ଭାରତ ଭାଷଣ    ସମରେ ପାଣ୍ଡବେ
ନାଶ କଲେ କୁରୁ ବଂଶ।
“ରାଜା ବୋଲି ଅହଂ-    କାର ନ କରିବୁ
ନ ହରିବୁ ପରଦାର,
“ନିରୀହ ସାଧବ    ପରଜାଙ୍କ ପ୍ରତି
ନ କରିବୁ ଅତ୍ୟାଚାର।
“ଏ ଘୋର କାନନ    ପରିଣତ ହେଉ
ମନୋହର ରାଜ୍ୟ ରୂପେ,
“ମହାରାଜା ହୋଇ    ପୂଜିତ ହୁଅ ତୁ
ଚତୁର୍ଦ୍ଦିଗ ଚାରି ଭୂପେ।

"ଶ୍ରୀରାମ ପ୍ରସାଦ ଧର ବସ ତୋତେ
ବିଧି ହେଉ ଅନୁକୂଳ ।"
ବୋଲି ବଳରାମ ହସ୍ତେ ଦେଲେ ଦେବୀ
ସୁବାସ ଧବଳ ଫୁଲ ।
ଏ କାଳେ ବାଉଁଶ- ପୁରେ ଭୂତାଙ୍କୁରା
ଦେଖା ଦେଇଥିଲା ଯେବେ,
ସୁସ୍ମୃତି ଭଣ୍ଡାର ଖୋଲିଲା ତାହା
ପଡ଼ିବାରୁ ତାର କର୍ଣ୍ଣେ ।
ଉଠି କରି ତାର ଦୌହିତ୍ରେ ଚାହିଁଲା
ନେତ୍ର ଉନ୍ମୀଳନ କରି;
ପଲ୍ଲବ ଆସନେ ଆସୀନ ଆପଣେ
ତାହିଁ ସେ ଶୁଭ୍ର ସୁନ୍ଦରୀ ।
ଶଯ୍ୟା ଦେଖି ତାର ଉଚ୍ଚରବେ କରି
ପ୍ରାଚୀନ କୁତ୍ସ ସମାଚାର,
ସ୍ୱଜନ ସହିତ ଧ୍ୱନେ ସ୍ତୁତିବନ୍ଦିରେ
କଲି ନାଦ ଆନନ୍ଦିତ ।
ଦୌହିତ୍ର ତଣାର ପ୍ରାଣୀଙ୍କ ସଙ୍ଗିଲ
ହେଉଥିଲି ପ୍ରଫୁଲ୍ଲିତ,
ମଧ୍ୟରେ ପ୍ରସ୍ତର- ଖଣ୍ଡ ହୋଇଥିଲି
ମାନବ ପଦଲାଞ୍ଛିତ ।
ପ୍ରବାହେ କମ୍ପିତ ଶୈବାଳ ବଲ୍ଲରୀ
ସମାକୀର୍ଣ୍ଣ ଜଳଦାୟେ,
ଚିତ୍ରୋପମା ଜିବ୍ରା ନାନାର ତାଳକ
ପଦାଙ୍କରେ ସ୍ତୁତୋଲ୍ଲାସେ ।
ତାହିଁ ବଳରାମ ବସିଲେ ସପତ-
ବାର ହରି ପ୍ରଦକ୍ଷିଣ,
ସେହିଠିକୁ ଯାଇ ନାନା ଉପହାରେ
ପୂଜା କଲେ ସୁନିଶ୍ଚିତ ।

[ ଭିନ୍ନ ଛନ୍ଦରେ ଲିଖିତ ]

ଲୋହିତ ବସନା ରମ୍ଭା ଉଜ୍ଜଳ ବରନା,
ଶୋଭିଏ ଉଦ୍ୟାନ ରମ୍ଭ କୁସୁମ ଶୋଭନା ।

ଶୁଭେ ପଦ ପକାଇଲା ଅବନୀ ଉପରେ;
ଜଗତରୁ ପଳାଇଲା ତମ ଡରଡରେ।
ପ୍ରକୃତି ଯେ ଅନର୍ଥକ ତିମିର ଗରଭେ
ଘାରି ହୋଇ ପଡ଼ିଥିଲା ଅବନୀ ମଣ୍ଡଳେ।
ବିହଙ୍ଗମ ସ୍ୱନ ମନ୍ତ୍ରେ ଉଷା କି ଝାଡ଼ିଲା
ଚେତନେ ଚଳିଲା ସିଦ୍ଧି ସ୍ନେହେ ଉଠାଇଲା।
ଚିତ୍ରଭାନୁ ପୂଜିବାକୁ ବେନି ସହଚରୀ
ତୋଳିଲେ ବିବିଧ ଫୁଲ ବିପିନେ ବିଚରି।
କାଲି ଭୃଙ୍ଗ-ବିନୋଦିନୀ ନଳିନୀ ବଦନ
ଚାହିଁ ରାଗେ ଯାଉଥିଲେ ଦେବ ବିକର୍ତ୍ତନ।
ସେହି ଭାବ ଦୃଷ୍ଟି ଆଜ ନଳିନୀ ଉପରେ,
ବାଢ଼େ ଯା ନଳିନୀ ଥରେ ଭୟେ ସିନା ଥରେ।
ଲମ୍ପଟ ଷଟ୍‌ପଦ ଯାହା ସରୋଜିନୀ ଅଙ୍କେ,
ବନ୍ଦୀଭାବେ ପଶିଥିଲା ପଡ଼ିଲା ଆତଙ୍କେ।
ବାନ୍ଧି ରଖିଥିଲା ତାକୁ ଚତୁରୀ ପଦ୍ମିନୀ;
କାନ୍ତ ଆଗେ ହୁଡ଼ି ହେଲା ବିରହ ମାନିନୀ।
ତା ଦେଖି ତରଣି ଭାବ ଭାବ ଦେଖି ଖେଦେ,
ଶିଶିର ଲୋତକ ତା'ର ପୋଛିଲେ ସ୍ୱକରେ।
ସ୍ୱକରେ * ତରଙ୍ଗ ବିମ୍ବେ ରତନ ନୂପୁର,
ଗଢ଼ି ତା' ପୟରେ ମଣି ମାନ କଲେ ଦୂର।
ଦେବୀ ବରେ ଉତ୍ସାହିତ ବୀର ବଳରାମ
ଚିତ୍ରୋତ୍ପଳା ଉତ୍ତର କୂଳରେ କଲେ ଧାମ।
ଆଦ୍ୟେ ସମଲାଇ ମୂର୍ତ୍ତି କରି ପ୍ରତିଷ୍ଠାନ,
ପୂଜା କଲେ ମାନି ସ୍ୱପ୍ନ ପ୍ରତିଜ୍ଞା ବିଧାନ।
ନଗର ବସତି କଲେ କଟାଇ କାନନ,
ଦୂର ଦୂର ଦେଶୁ କରି ପ୍ରଜା ଆନୟନ।
ଆପଣା ହସ୍ତରୁ ଦେଇ ପରଜାଙ୍କୁ ଧନ,
ପୁତ୍ର ସମେ ସ୍ନେହ କରି ତୋଷୁଥାନ୍ତି ମନ।
ବଳରାମ ଦେବଙ୍କର ଭୁଜ ପରାକ୍ରମେ,
ଚତୁର୍ଦ୍ଦିଗେ ରାଜ୍ୟସୀମା ବୃଦ୍ଧି ହେଲା କ୍ରମେ।

— ସମାପ୍ତ —

* ପ୍ରଭାତରେ ସୂର୍ଯ୍ୟକିରଣ ପଡ଼ି ଜଳ ଭିତରେ ତରଙ୍ଗ ପ୍ରତିବିମ୍ବରେ ଇନ୍ଦ୍ରଧନୁର ତୁଲ୍ୟ ଦେଖାଯାଏ।

# ଦାକ୍ଷିଣାତ୍ୟ ଭ୍ରମଣର ସମାଲୋଚନା

ଶ୍ରୀଯୁକ୍ତ ବାବୁ ଶଶିଭୂଷଣ ରାୟଙ୍କ ପ୍ରଣୀତ ଓ ପ୍ରକାଶିତ 'ଦାକ୍ଷିଣାତ୍ୟ ଭ୍ରମଣ' ପୁସ୍ତକ ଖଣ୍ଡିଏ ଅନୁଗ୍ରହ ଉପହାର ପାଇ ସକୃତଜ୍ଞ ଚିତ୍ତରେ ଗ୍ରହଣ କଲି। ଶଶିଭୂଷଣ ବାବୁଙ୍କର ଦାକ୍ଷିଣାତ୍ୟ ଭ୍ରମଣରୁ ପ୍ରତ୍ୟାବର୍ତ୍ତନ ବାର୍ତ୍ତା ଅନେକ ଦିନରୁ ଅବଗତ ହୋଇ ଭ୍ରମଣ ବୃତ୍ତାନ୍ତ ସମ୍ବାଦପତ୍ରରେ ପାଠ କରିବାକୁ ଅତ୍ୟନ୍ତ ଉତ୍ସୁକ ଥିଲି। ତାହା ଏକାବେଳକେ ପୁସ୍ତକାକାରରେ ପାଇ ଅପରିମେୟ ଆନନ୍ଦ ଲାଭ କଲି। ପୁସ୍ତକର ଆଦି ପୃଷ୍ଠା ଦେଖି ଶେଷ ପର୍ଯ୍ୟନ୍ତ ପାଠ ନକରି କୌତୂହଳ ସମ୍ବରଣ କରିପାରିଲି ନାହିଁ। ପୁସ୍ତକର ରଚନା ଯେପରି ମନୋହାରିଣୀ ହୋଇଅଛି, କାଗଜ ଓ ଛାପା ତଦନୁରୂପ ସୁନ୍ଦର ହୋଇଅଛି। ଛାପାରେ ଯଦିଓ ଅତ୍ୟଳ୍ପ ଭ୍ରମ ହୋଇଥିଲା ଶୁଦ୍ଧିପତ୍ର ଦ୍ୱାରା ତାହା ନିରାକୃତ ହୋଇଅଛି, ଯଦ୍ୟପି ଏଇ ଦୁଇସ୍ଥାନରେ ଅଶୁଦ୍ଧି ରହିଯାଇଛି ତାହା ଶୁଦ୍ଧିରୂପେ ପଢ଼ିବାକୁ ପାଠକମାନଙ୍କୁ କିଛି ଆୟାସ ଲାଗିବନାହିଁ। ବାବୁ ମହାଶୟ କଟକରୁ ଯାତ୍ରା କରି ଭାରତର ଦକ୍ଷିଣ ପ୍ରାନ୍ତ କୁମାରୀକା ଅନ୍ତରୀପ ପର୍ଯ୍ୟନ୍ତ ଯାଇଥିଲେ। ମାର୍ଗରେ ମାନ୍ଦ୍ରାଜ ପ୍ରଭୃତି ଯେଉଁସବୁ ପ୍ରଧାନ ପ୍ରଧାନ ସହର ଓ ନାନାବିଧ ଦୃଶ୍ୟ ଦେଖିଅଛନ୍ତି, ତାହା ସବୁ ସୁନ୍ଦର ଓ ବିଶଦ ରୂପେ ବର୍ଣ୍ଣିତ ହୋଇଅଛି। ଲେଖାରୁ କବିତା ଛଟା ସ୍ପଷ୍ଟରୂପେ ପ୍ରକାଶ ପାଉଅଛି। ପୃଥିବୀରେ ସମସ୍ତେ ଦେଖି ଜାଣନ୍ତି ନାହିଁ, ଚର୍ମଚକ୍ଷୁର ଦର୍ଶନ ଅପେକ୍ଷା ଜ୍ଞାନଚକ୍ଷୁର ଦର୍ଶନ ଭିନ୍ନ ଧରଣର। ଚର୍ମଚକ୍ଷୁ ଓ ଜ୍ଞାନଚକ୍ଷୁର ଏକତାରେ ଯେଉଁମାନେ ଦେଖିପାରନ୍ତି ସେମାନଙ୍କ ମଧ୍ୟରୁ ଅନେକେ ତାହା ଦେଖେଇ ପାରନ୍ତି ନାହିଁ। ଶଶିଭୂଷଣବାବୁ ଆପେ ଯାହା ଦେଖିଛନ୍ତି ତାହା ଅନ୍ୟକୁ ଦେଖାଇବା ନିମନ୍ତେ ଅସାଧାରଣ ନୈପୁଣ୍ୟ ପ୍ରକାଶ କରିଅଛନ୍ତି। ପୁସ୍ତକ ପାଠକଲେ କବିଙ୍କ ବର୍ଣ୍ଣିତ ସ୍ଥାନସବୁ ଦେଖିଲା ପରି ବୋଧହୁଏ, ଆଉ ଏକପ୍ରକାର ଆନନ୍ଦ ଅନୁଭବ ହୁଏ। ଆଉ ଗୋଟିଏ କଥା ଅଛି ଯେ ସମସ୍ତଙ୍କ ଲେଖାରେ ସମାନ ମାଧୁର୍ଯ୍ୟ ଥାଏନାହିଁ। ଏହି ପୁସ୍ତକର ଲେଖା କବିବର ରାଧାନାଥ ରାୟଙ୍କର ସଂଶୋଧନ ବଳରୁ ହେଉ ଅବା ଶଶିଭୂଷଣ ବାବୁଙ୍କର ସ୍ୱକୀୟ ଲେଖିବା ଚାତୁରୀରୁ ହେଉ ଶ୍ରୁତିମଧୁର ଓ ମନୋମୁଗ୍ଧକର ହୋଇଅଛି। ଦେଶାଟନରୁ ଯାହା ଯାହା ଜାଣିବାର ଆବଶ୍ୟକ ପ୍ରାୟ ତାହା ସବୁ ପୁସ୍ତକ ପାଠରୁ ଜଣାଯାଇଅଛି। ରେଲ ମାର୍ଗରେ ଯାତାୟାତ କରିଥିବାରୁ ସେ ସକଳସ୍ଥାନ

ଦେଖିପାରିନାହାନ୍ତି। ଯେଉଁ ଯେଉଁ ସ୍ଥାନ ସେ ଦେଖିପାରିନାହାନ୍ତି ଏପରି ଅନେକ ସ୍ଥାନର ଉଲ୍ଲେଖଯୋଗ୍ୟ ବିବରଣ ବିବୃତ କରିବାରେ ତ୍ରୁଟି କରିନାହାନ୍ତି। ଚକ୍ଷୁଦର୍ଶୀ ବିଜ୍ଞମାନଙ୍କର କଥା କହିନପାରେ, ମୋହୋର ସମଶ୍ରେଣୀର ପାଠକମାନେ ଏହା ପାଠକଲେ କେତେଗୁଡ଼ିଏ ଶିକ୍ଷାଲାଭ କରିପାରିବେ। ରାୟବଂଶୀୟଙ୍କର ରଚନାରେ ଗୋଟିଏ ବିଶେଷତ୍ୱ ଅଛି। ସେମାନେ ଯେତେ ରଚନା କରୁଅଛନ୍ତି ତହିଁରେ ନୂତନ ନୂତନ ଶବ୍ଦରୂପ ଅଳଙ୍କାର ଦାନରେ ଉତ୍କଳ-ଭାରତୀଙ୍କ ଶୋଭାବର୍ଦ୍ଧନ କରୁଅଛନ୍ତି।

ପୁସ୍ତକ ମଧ୍ୟରେ ଇଂରେଜୀ ବର୍ଣ୍ଣାନଭିଜ୍ଞ ପାଠକମାନଙ୍କ ପକ୍ଷେ ଗୋଟିଏ ଅସୁବିଧା ଦେଖିଲି କି କେତେକ ଇଂରେଜୀ ଶବ୍ଦ ଇଂରେଜୀ ଅକ୍ଷରରେ ଲେଖାହୋଇଅଛି, ତାହା ଆଉ ଓଡ଼ିଆ ଅକ୍ଷରରେ ଲେଖା ହୋଇନାହିଁ, ଯଥା ୫୨ପୃଷ୍ଠାରେ "ରାଓ ମହୋଦୟ ଆଗାମୀ କଲ୍ୟ ମୋତେ ଗୋଦାବରୀର Anicut ଏବଂ ଧବଳେଶ୍ୱର ମହାଦେବଙ୍କର ମନ୍ଦିର ଏବଂ କ୍ଷୁଦ୍ର ସହର ଦେଖିଯିବାକୁ ପରାମର୍ଶ ଦେଲେ", ଏଠାରେ 'ଗୋଦାବରୀର' ପାଠ କରି ଅଟକି ରହିବେ କିମ୍ବା ଗୋଦାବରୀର ଏବଂ ଧବଳେଶ୍ୱର ପଢ଼ିଲେ ଠିକ୍ ହେବନାହିଁ। 'ଗୋଦାବରୀର ଏନିକଟ୍ (Anicut) ଏବଂ ଧବଳେଶ୍ୱର' ଏମନ୍ତି ଲେଖାହୋଇଥିଲେ ଉକ୍ତ ଅସୁବିଧା ରହନ୍ତା ନାହିଁ, ଏପରି ସ୍ଥଳମାନଙ୍କରେ ଇଂରେଜୀ ବର୍ଣ୍ଣାନଭିଜ୍ଞ ପାଠକମାନେ ତହିଁରେ ଭାବଗ୍ରହଣରୁ ବଞ୍ଚିତ ହେବାର ସମ୍ଭାବନା।

ଯେଉଁ ପୁସ୍ତକ ଉତ୍କଳ ଗୌରବ ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ମହୋଦୟଙ୍କ ଦ୍ୱାରା ସଂଶୋଧିତ ହୋଇଅଛି, ତହିଁରେ ମୋର ଏପରି କହିବାର ନିଜର ନିର୍ବୋଧତାର ପରିଚାୟକ ହୋଇପାରେ।

॥ ଇତି ॥

# ସୁଖସ୍ୱପ୍ନ

ଧନ୍ୟରେ ସ୍ୱପନ ଧନ୍ୟ ତୋ ମହିମା
ଶକ୍ତିମତ୍ତା ତୋର ଧନ୍ୟ,
ବିଧାତା ଶକ୍ତିକି ବଳି ନ କରୁକି
ଅଦ୍ଭୁତ କର୍ମ ସାଧନ ?
ଦୂରସ୍ଥ ବନ୍ଧୁର ଦରଶନ ପାଇଁ
ବ୍ୟାକୁଳିତ ହୁଏ ମନ,
ଶତ ଶତ କ୍ରୋଶ ଗମନ ନ କଲେ
ନ ମିଳଇ ଦରଶନ,
ନିମିଷେ ମଧ୍ୟରେ ସେ ପ୍ରିୟ ବନ୍ଧୁର
ସଂଗେ କରି ସମାଗମ,
ଦେଉ ଯେଉଁ ସୁଖ, ଏ ବିଶ୍ୱ ମଧ୍ୟରେ
କେଉଁ ସୁଖ ତା'ର ସମ ?
ପର ଲୋକବାସୀ ପ୍ରିୟଜନଙ୍କର
ଦରଶନ ଦୂରେ ଥାଉ,
ଭାବିଲେ ସେ ରୂପ ସମ୍ପୂର୍ଣ୍ଣ ପ୍ରକାରେ
ଭାବନାୟ ନୁହେଁ ଆଉ ।
ତୋହ ପ୍ରସାଦରେ ପ୍ରାପତି ହୁଅଇ
ସଜୀବ ଶରୀରେ ତା'ର,
ଏମନ୍ତ ଶକତି ଦେଖୁ ନାହିଁତ ମୁଁ
ବିଶ୍ୱ ସ୍ରଷ୍ଟା ବିଧାତାର ।
ପରଲୋକୀ ପ୍ରିୟ ବନ୍ଧୁର ପ୍ରସନ୍ନ
ଶ୍ରୀମୁଖ ସାକ୍ଷାତ୍କାର,
ରାଜ ସୁଖ ଛାଡ଼ି ଇନ୍ଦ୍ର ସମ୍ପତ୍ତିକୁ
କରଇ ଶତଧିକ୍କାର ।
ବିରହି କି ଦେଉ ସମାଗମ ସୁଖ

ଚତାଇ ପାରୁ ଆନନ୍ଦ,
ଦେଇ ପାରୁ ମହା ଦରିଦ୍ରେ କ୍ଷଣିକେ
ରାଜ ରାଜେଶ୍ୱର ପଦ।
କଳ୍ପଦ୍ରୁମ ଆଉ କାହାକୁ କହନ୍ତି
ବୁଝିପାରୁ ନାହିଁ ମୁହିଁ,
ଆଶୁ ଇପ୍‌ସିତ ଫଳ ପ୍ରଦାୟକ
କଳ୍ପଦ୍ରୁମ ଏକା ତୁହି।
ମନ ସହିତରେ ଗତି କରିବାକୁ
କେ ଅଛି ଶକ୍ତି ସଂପନ୍ନ,
ଦେଖୁ ଅଛି ଏକା ନେଇପାରୁ ତୁହି
ପ୍ରାଣୀମାନଙ୍କ ସ୍ୱପନ।
ଜୀବନରେ ଦୀର୍ଘ- ସାଧନାରେ ଲବ୍ଧ
ହୋଇ ନ ପାଏ ଯେ ସୁଖ,
ସେ ଅମୂଲ୍ୟ ସୁଖ ଦେଉ ତୁ ଦେଖାଇ
ମୃତ ପ୍ରିୟବନ୍ଧୁ ମୁଖ।
ଯେ ବୋଲିବ ତାହା ସ୍ୱପ୍ନ କଥା ମିନା
ନିଦ୍ରା ସହ ଭଙ୍ଗଣୀକା,
ଅଭକ୍ତର ତା'ର ଅବଶ କି ଏହି
ସୁଖମୟ ଭବଲୀଳା ?
ଏବେ ଯେଉଁ ସୁଖ ଦେଉଥାଉ ପୁଣି
ଦେଇପାରୁ ଆଉ ଏବେ,
ସେହି ସୁଖ ଲାଗି ଶୋକାଗାର ପରି
ରହିଯାଏ ହୃଦୟରେ।
ଭବ-ସୁଖ ସବୁ ସାଙ୍ଗ ହେଲେ ଅନ୍ୟ
ଜନ୍ମେ ନ ପଡ଼ଇ ମନେ,
ଭବ ସୁଖାପେକ୍ଷା ତୋ ଦତ୍ତ ସୁଖକୁ
ଏଣୁ ମୁହିଁ ଶ୍ରେଷ୍ଠ ମଣେ।।

# ପୁଷ୍କରିଣୀ

ଧନ୍ୟ ଧନ୍ୟ ପୁଷ୍କରଣୀ ସୌନ୍ଦର୍ଯ୍ୟ ଶାଳିନୀ,
ଭାବୁକ-ଜନ-ହୃଦୟ-ଆହ୍ଲାଦ ଦାୟିନୀ ।
ଦେଖାଉ ତୁ ଭିନ୍ନ ଭିନ୍ନ ଶୋଭା କ୍ଷଣେ କ୍ଷଣେ,
ଆହା କେତେ ପ୍ରୀତି ଦେଉ ଜୀବଙ୍କ ନୟନେ ।
ଏକା ନ ଦେଖାଉ ତାହା ସୌନ୍ଦର୍ଯ୍ୟ ବିଶେଷ,
ପ୍ରତ୍ୟେକ ଶୋଭାରେ ଥାଏ ହିତ ଉପଦେଶ ।
ମୂକବତ୍ ରୂପେ କରି ଦେଖାଉ ସଂକେତ,
ବାକ୍ୟାର ବୋଲୁଅଛୁ ଶିଖି ଜନେ ଚେତ ।
ରୂପ ଗୁଣ କ୍ୱଚିଦ୍ଦୃଷ୍ଟ ହୁଏ ଏକାଧାରେ,
ନାନାରୂପ ନାନାଗୁଣ ଦେଖୁଛି ତୋ ଠାରେ,
ତୋର ରୂପ ଗୁଣ କିଛି କରୁଛି ପ୍ରକାଶ,
ଯେତେବେଳେ ଯାହା ଦେଖି ଲଭିଛି ଉଲ୍ଲାସ ।
ଘନ ନିପତିତ ଜଳେ ପୂରାଉ ଉଦର,
ଭୂମି ପ୍ରବାହରେ ତୋର ନଥାଏ ଆଦର ।
ସଞ୍ଚୟ କରନ୍ତି ନିଜ ଉପାର୍ଜିତ ଧନ,
ନ କରନ୍ତି ଲୋଭ ପରଦ୍ରବ୍ୟେ ସାଧୁଜନ ।
ସ୍ୱଚ୍ଛଭାବେ ରଖିଥାଉ ଆପଣା ଜୀବନ,
ବୋଲୁନାହିଁ କି ତା, ଏହିପରି କର ଜନ ।
ବାଷ୍ପରୂପେ ଜଳଦକୁ କରୁ ଜଳଦାନ,
ଗୋପନେ କରନ୍ତି ଦାନ ଉତ୍ତମ ବଦାନ୍ୟ ।
ତାରା ଚନ୍ଦ୍ର ବିଷ୍ଣୁପଦ ହେଲେ ସୁଶୋଭିତ,
ନିଜ ହୃଦେ କରୁ ସେହି ସୁଦୃଶ୍ୟ ଚିତ୍ରିତ ।
ଯେତେବେଳେ ହୁଏ ନଭ ଜଳଦେ ଆଚ୍ଛନ୍ନ,
ସେ ଦୃଶ୍ୟ ହିଁ ଅକାତରେ କରୁ ତୁ ଗ୍ରହଣ ।
ସଜ୍ଜନ ଯେଉଁପରି ପରସୁଖେ ସୁଖୀ,

ସେହିପରି ହୋଇଥାନ୍ତି ପରଦୁଃଖେ ଦୁଃଖୀ ।
ଲକ୍ଷ ଲକ୍ଷ ଜୀବ ତୋଠୁ ଲଭେ ସୁଜୀବନ,
ଏଥୁ ବଳି ଜଗତରେ ଅଛି କି ସୌଜନ୍ୟ !
ବିକଶଇ ତୋ ନିର୍ମଳ ଜଳେ ପଦ୍ମବନ,
ସୁଜନର ଯଶ ଭବେ ଦେଖ ନିଦର୍ଶନ ।
ପଦ୍ମଗନ୍ଧେ ଚଉଦିଗ ହୁଏ ଆମୋଦିତ,
ଯଶଃ ପ୍ରକଟରେ ହୁଏ ଭୁବନ ମୋଦିତ ।
ତୋ ଅଙ୍ଗରେ ବିଚରନ୍ତି ଆସି ଅଳିଗଣ,
ସଜ୍ଜନ ପାଶକୁ ନିତ୍ୟେ ଆସନ୍ତି ସଜ୍ଜନ ।
ଆନନ୍ଦେ କରନ୍ତି ଅଳି ସୁମଧୁର ସ୍ୱନ,
କଟୁ କେବେ ହେବ ନାହିଁ ସାଧୁଙ୍କ ବଚନ ।
ପଦ୍ମିନୀ ଶ୍ୟାମଳ ସ୍ନିଗ୍ଧ ପଲାଶ ନିଚୟ
ଶୋଭା ପ୍ରକାଶଇ ମଣ୍ଡି ତୋହର ବିଗ୍ରହ ।
ଯଥା ସ୍ୱଚ୍ଛ ନଭେ ଶ୍ୟାମଘନର ଉଦୟ,
କିମ୍ବା ସ୍ନେହପୂର୍ଣ୍ଣ ଯଥା ସଜ୍ଜନ ହୃଦୟ ।
ଆନନ୍ଦେ ଖେଳନ୍ତି ତୋର ଜଳେ ମୀନଗଣ,
ସୁରାଜ୍ୟରେ ବିଳସନ୍ତି ଆନନ୍ଦେ ସୁଜନ ।
ଝସ ନୃତ୍ୟ ସମୁତ୍ଥିତ ଶୀକର ନିକର,
ନଳିନୀ ଦଳରେ ପଡ଼ି ଦିଶେ ମନୋହର ।
କେତେ ଜଳବିନ୍ଦୁ ଜଳେ ହୁଅନ୍ତି ମିଳିତ,
କେତେ ଅବା ନବବିନ୍ଦୁ ହୁଅନ୍ତି ରଚିତ ।
ସେହିଁରାଜ୍ୟେ ବୁଧଗଣ ବିହରନ୍ତି ତୋଷେ,
ସଞ୍ଚିତ ହୁଅଇ ନାନା ରତ୍ନ ରାଜକୋଷେ ।
ହେଉଥାଏ ସଂଗୃହୀତ ରତ୍ନ ବିତରିତ,
ରାଜ୍ୟ ଧନ ରାଜ୍ୟେ ବ୍ୟୟ ହୋଇ ସାଧେ ହିତ ।
ନବୋଦିତ ବିଭାବସୁ ହେମ-ପ୍ରଭାକର,
ପତନରେ ଜଳବିନ୍ଦୁ ଅଧିକ ସୁନ୍ଦର ।
କେ କରଇ ପଦ୍ମରାଗ ,ମଣିକି ଧିକ୍କାର,
ଜାହା କାନ୍ତି ବୃନ୍ଦଜାତି ହୀରକ ପ୍ରକାର ।
ଭବେ ତୋର ପଦ୍ମବନ ମଧ୍ୟେ ହଂସଗଣ,
ଶ୍ରେଣୀବଦ୍ଧ ହୋଇ କରୁଥାନ୍ତି ସନ୍ତରଣ ।
କୂଟ ବନ୍ଧୁରିତ ଭରେ ନବ ପୋତିତର,

ମୋତି ମାଳ ପରି ଦିଶୁଥାନ୍ତି ମନୋହର ।
ଉଦିତ ଯଥା ନରେଶ ସୁରମ୍ୟ ରାଜ୍ୟରେ,
ବୁଧେ ବିଳସନ୍ତି ଏହିପରି ପ୍ରମୋଦରେ ।
ହଂସରାଳୀ ଚକ୍ରବାକ ସହ କାରଣ୍ଡବ,
ଆନନ୍ଦରେ କରୁଥାନ୍ତି ତୋ ଜଳେ ତାଣ୍ଡବ ।
ବଣିକମଣ୍ଡଳ ଲାଭେ ଉଲ୍ଲସାଇ ଛାତି,
ବିପଣି ମଧ୍ୟରେ ଯଥା ପଣ୍ୟେଥାନ୍ତି ମାତି ।
ଉପରେ ଉପରେ ସ୍ୱାର୍ଥେ ବୁଲୁଥାଏ ବକ,
ସ୍ୱଭାବତଃ ଏହିପରି ବିଦେଶୀୟ ଠକ ।
ପ୍ରତ୍ୟହ ସକାଳ ତିନି ଘଡିକା ସମୟ
ତୋ ପବିତ୍ର କୂଳ ହୋଇଯାଏ ନାରୀମୟ ।
ମାଜି ମୃଦୁତନୁ ନାନା କେଳି କୌତୁକରେ,
କରନ୍ତି ଆନନ୍ଦେ ସ୍ନାନ ତୋ ପୂତ ଜଳରେ ।
ହରିଦ୍ରା ଲେପିତତନୁ ପୁରବଧୂ କୁଳ,
ସ୍ନାନ ଶେଷେ ଉଭା ହୋଇ ମଣ୍ଡନ୍ତି ତୋ କୂଳ ।
ପଡିଲେ ଏ ଚାରୁ ଦୃଶ୍ୟ ନୟନ ପଥରେ,
ଉଦିତ ହୁଏ ଏମନ୍ତ ଭାବ ହୃଦୟରେ ।
ତ୍ରିଦିବର ଅଳଂକାର ସୁରବଧୂଗଣ,
ସ୍ୱର୍ଣ୍ଣଦୀରେ କରୁଛନ୍ତି କି ଅବଗାହନ !
ନିର୍ମଳ ଗଗନେ କିମ୍ବା ତାରକା ମଣ୍ଡଳ,
ଉଦେ ହୋଇ କରୁଛନ୍ତି କକୁଭ ଉଜ୍ଜ୍ୱଳ ।
ଚମ୍ପା ଫୁଲ ସବୁ କିବା ଚମ୍ପା ତରୁ ଡାଳେ,
ଦ୍ୟୁତିତରେ ବିକସିତ ହେଲେ ଏକକାଳେ ।
ବାମାଃ ହେମଗୌରଗଣ୍ଡେ ରବି ହେମକର,
ଲାଗିବାରୁ ଦିଶୁଥାଏ ଅତି ମନୋହର ।
ଏହିରୂପେ ସଜ୍ଜନ ପବିତ୍ର ହୃଦ ମଧ୍ୟେ,
ଦୟା କ୍ଷମା ତିତିକ୍ଷାଦି କ୍ରୀଡନ୍ତି ଆନନ୍ଦେ ।
ପୁଣ୍ୟ ଆଲୋକରେ ତାଙ୍କ କାନ୍ତି ଝଟକଇ,
ସେ କାନ୍ତି ମାଧୁରୀ ବିଶ୍ୱ ମାନସ ରଞ୍ଜଇ ।
ଏହି ପରି ଯେତେ ଅଛି ଶୋଭା ଗୁଣ ତୋର,
ତାହା ସବୁ ବର୍ଣ୍ଣିବାକୁ ଶକ୍ତି ନାହିଁ ମୋର ।
ହୋଇନାହିଁ ମୋର ଜ୍ଞାନ ନେତ୍ର ବିକଶିତ,

ତା'ସବୁ ଦର୍ଶନେ ଏଣୁ ହୋଇଛି ବଞ୍ଚିତ ।
ଯାହା ଦେଖେ ତାହା ପୁଣି କହିବା ଶକତି,
ପ୍ରଦାନି ନାହାନ୍ତି ମୋତେ ଭକ୍ତଙ୍କ ଭାରତୀ ।
ନ ଜାଣଇ ଭାରତୀଙ୍କୁ ପୂଜନ୍ତି କି ମତେ,
ଦୁର୍ଲ୍ଲଭ ପ୍ରସାଦ ତାଙ୍କ ଲଭିବି କେମନ୍ତେ ।
ସୁଦୃଶ୍ୟକୁ ନ ଜାଣିଲେ ଚିତ୍ରି ଚିତ୍ରକର,
ଶୋଭା ତା'ର ନଷ୍ଟ ହୋଇ ଦିଶେ ଅସୁନ୍ଦର ।
ସାଧାରଣ ଦୃଶ୍ୟ ଯଦି ପଡ଼ିଯାଏ ଥରେ,
ଚିତ୍ର ବିଶାରଦ ରଙ୍ଗାଜୀବର ହାତରେ ।
ମୂଳ ଦୃଶ୍ୟ ପ୍ରତି ପଛେ ନଥାଏ ଆଦର,
ଚିତ୍ତ ଆକର୍ଷଇ ସେହି ଚିତ୍ର ଛନକାର ।
ଶୋଭାର ଭଣ୍ଡାର ତୁହି ଗୁଣର ଆଧାର,
ଚିତ୍ର ତୋର ହୋଇଥାନ୍ତା ଅତି ଚମତ୍କାର ।
ଅଭାଗ୍ୟେ ପଡ଼ିଲୁ ଅଜ୍ଞ ଚିତ୍ରକର କରେ,
ଚିତ୍ରେ ଆସିନାହିଁ ମୂଳ ଦୃଶ୍ୟ ଶତାଂଶରେ ।
ଦେଖୁଛନ୍ତି ପ୍ରତିଦିନ ତୋତେ ସର୍ବଜନ,
ଅଧିକ ଅଚଳ ସିନା ମୋହର ବର୍ଣ୍ଣନ ।

# ତରୁବର

ସାଧୁ ତରୁବର, ଧର୍ମ ତୋର ସାଧୁ,
ନିରନ୍ତର ପର ଉପକାର ସାଧୁ ।
ଜନପ୍ରାଣ ଅପକାର ଯେଉଁ ବାଷ୍ପେ (୧)
ତାହା ତୁ ଭକ୍ଷଣ କରିନେଉ ଆପେ ।
ରାତ୍ରିକାଳ ଯେଣୁ ହୁଅଇ ନିର୍ଜ୍ଜନ,
ସେ କାଳେ କରୁ ସେ ବାଷ୍ପ ବିସର୍ଜ୍ଜନ ।
ଯେ ବାଷ୍ପ (୨) ସତେଜ କରେ ଜନ୍ତୁ ପ୍ରାଣ,
ଉଦୟରୁ ଅସ୍ତ ଯାଏ କରୁ ଦାନ ।
ଗୋପନେ କରୁ ଏ ମହା ଉପକାର,
ଏହା ବିନା ମହାଜନଙ୍କ ବେଭାର ।
ବାଳଭାନୁକର ହେମ ଦ୍ୟୁତିକର
ହୁଏ ବୋଲି ଜୀବ ପ୍ରାଣ ସୁଖକର ।
ତୋଷିବା ନିମନ୍ତେ ବିଶ୍ୱଜନପ୍ରାଣ,
ସ୍ୱମୁଣ୍ଡେ ଆଦରେ ଦେଉ ତାକୁ ସ୍ଥାନ ।
ହେଉଥାଏ ତାହା ଯେତିକି ପ୍ରଖର,
କରୁଥାଉ ତାକୁ ସେତିକି ଆଦର ।
ମଧ୍ୟଦିନ ରବି ପ୍ରଚଣ୍ଡ କିରଣ
ଆଦରରେ କରି ମସ୍ତକେ ଧାରଣ
ଛାୟାବୃତ କରି ରଖୁ ନିଜ ତଳ,
ଦେବାପାଇଁ ଜନେ ଛାୟା ସୁଶୀତଳ ।
ଶୀତେ ମଧ୍ୟାହ୍ନରେ ତିଗ୍ମ ଭାନୁକର
କାହାକୁ ସୁଖଦ କା'ର ଦୁଃଖ କର ।
ଏଣୁ ଛାଡ଼ି ରଖି ତଳ ଅର୍ଦ୍ଧଧରା,
ଅପର ଅର୍ଦ୍ଧରେ ରଖିଥାଉ ଖରା ।
ଜଗତକୁ ଯେଉଁ ପଦାର୍ଥ ଅସାର, (୩)

ନିଜ ପ୍ରାଣ ତୋଷୁ କରି ତା ଆହାର।
ସ୍ୱାଦୁ ଫଳ ଦେଇ ତୋଷୁ ପର ପ୍ରାଣ,
ରୋପଣେ ଛେଦନେ ନାହିଁ ଭେଦ ଜ୍ଞାନ।
କେହି ଯଦି ତୋତେ କରେ ବିଚଳିତ,
ଫଳ ପୁଷ୍ପ ଦାନେ ତୋଷୁ ତାର ଚିତ୍ତ।
ବୃହତ୍କାୟ ହୋଇ ଅତି କ୍ଷୁଦ୍ରାସନ,
ଜନ୍ତୁ ଜନ୍ତୁ ବାସ ତୋର ଅପଘନ।
ପ୍ରତି ଉପକାରେ ନୋହି ସ୍ପୃହାବାନ,
ପର ଉପକାରେ କରୁ ତନୁ ଦାନ।
ସ୍ଥାବର ହୋଇ ତୁ ଭାଗବତ ଧର୍ମ
ଅବଲମ୍ବନରେ କରୁ ପୁଣ୍ୟକର୍ମ।
ତୋ ଧର୍ମେ ଦୀକ୍ଷିତ ହୁଏ ଯଦି ନର,
ଅବଶ୍ୟ ଲଭିବ କୃପା ପ୍ରଭୁଙ୍କର।

---

(୧) ଅଙ୍ଗାରକାମ୍ଳ ବାଷ୍ପ
(୨) ଅମ୍ଳଜାନ
(୩) ମଳମୂତ୍ରର ପରିଣତି ଯେ ଖତ

# ନିଦାଘ ରାଜତ୍ୱ

ସମୟ କ୍ରମରେ ଧରଣୀରେ ହେଲା
ନିଦାଘର ରାଜପଣ
ଝଳେ ମହାଭୀତି ସଙ୍ଗେ ମଧୁପ୍ରୀତି
ଦେଇ କଲା ସୁଶାସନ,
(କ) ଶ୍ୱାପଦ ସଦନ ଦହନ କାରଣେ
ବହ୍ନି ଲଗାଇଲା ବନେ,
(ଖ) କମଳ ବନକୁ ପଲାଶେ ପ୍ରସୁନେ
ବିମଣ୍ଡିତ କଲା ବନେ,
(ଗ) କୁମ୍ଭୀର ପୀଡ଼ନ ପାଇଁ ଶୁଖାଇଲା
ନଦୀ ସରୋବର ଜଳ,
(ଘ) ଦରିଦ୍ରଙ୍କ କ୍ଳେଶ ନାଶ ପାଇଁ କଲା
ଶୀତହୀନ ଭୂମଣ୍ଡଳ,
(ଙ) ବହୁଶସ୍ୟ-ପ୍ରଦ ଧାନ୍ୟ କ୍ଷେତ୍ର, ଏଣୁ
ତାକୁ ଦେଇ ଅବସର,
(ଚ) ବାଲିମୟ ନଦୀ- ପୁଳିନୁ ଆଦାନ
କଲା ତରଙ୍ଗ-ଭର,
(ଛ) କଣ୍ଟକ ପୂରିତ ଭୋଳି ଲେଖାବଳି
ଅଚିରେ କରି ବିନାଶ,
(ଜ) ମଲ୍ଲିକା ବନକୁ ମଣ୍ଡିଲା ସେ ଦେଇ
ଶୁଭ୍ର କୁସୁମ ସୁବାସ,
(ଝ) ନିଶାନ୍ତରେ ହୃଦ- ଆନନ୍ଦଦାୟିନୀ
ରଜନୀ କି କରି କ୍ଷୀଣ,
(ଞ) ବୃଦ୍ଧି କଲା ନିତି ସାଧୁ ଭାବହୃତ-
ମୂଢ଼ ବିଦର୍ଶନ ଦିନ,
(ଟ) ତିମିର ବିନାଶି ଅବନୀ ମଣ୍ଡଳ
କରିବାକୁ ସମୁଜ୍ଜ୍ୱଳ,
(ଠ) ଢାଳିଲା ତିମିର- ପୂର୍ଣ୍ଣ ଗୁହାଗର୍ଭ

ଅଚଳ ଚୂଳେ ଅନଳ,
(ଚ) ପ୍ରଭାମୟ ପ୍ରଭା- କରଙ୍କୁ ଚକୋର
ଉଡୁପଥେ ବିଷ୍ଣୁପଦେ,
(ଛ) ଅନ୍ଧକାର ପ୍ରିୟ * ଚିମଣିମାନଙ୍କୁ
ନିକ୍ଷେପ କଲା ବିପଦେ,
(ଜ) କୁସୁମ ସୁବାସ ଭରରେ ମଣ୍ଡିଲା
ପ୍ରାତଃ ଶୀତ ସମୀରଣେ,
(ଝ) ତପ୍ତ ଧୂଳି କଣ – ଯୋଗରେ ଦଣ୍ଡିଲା
ମାଧ୍ୟାହ୍ନିକ ପ୍ରଭଞ୍ଜନେ,
(ଞ) କଣ୍ଟକ ଶରୀର ଶାଳ୍ମଳୀରୁ କଲା
କୋମଳ ତୁଳା ବାହାର,
(ଟ) ତୃପ୍ତି ଦାୟକ ରସାଳଙ୍କୁ ଦେଲା
ସ୍ୱର୍ଣ୍ଣବର୍ଣ୍ଣ ଫଳଭାର,
(ଠ) ଶାଳ୍ମଳୀକି କାହିଁ ଖର୍ଜ୍ଜୁର ସୁବର୍ଣ୍ଣ-
ସୂତ୍ରରେ ମାଣିକ୍ୟ ହାର,
(ଡ) ମାଳ ମାଳ ଗୁଚ୍ଛି ଏବେ ବହିଆଣି
ଦେଲା ରାଜ-ଉପହାର,

---

(କ) ପ୍ରଥମୋକ୍ତ କ– ଆଦି ଅକ୍ଷର ନିକଟସ୍ଥ ପଦର ଭାବ ସହିତ ଶେଷୋକ୍ତ କ– ଆଦି ଅକ୍ଷର ନିକଟସ୍ଥ ପଦର ଭାବର ସମତା ଅଛି।

* ବୃକ୍ଷମାନଙ୍କରେ ଉଇମାନ ଚିମଣିମାନେ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ବହୁତ ନଷ୍ଟ ହେବାର ଦେଖାଯାନ୍ତି।

(କ) ଏ ଭୂପେ ପ୍ରତାପୀ ନରପତି କରି
ଦସ୍ୟୁକୁଳ ନିର୍ଯାତିତ,
(ଖ) ପରଜାଗଣଙ୍କୁ କରୁଥାନ୍ତି ଶାନ୍ତି
ଆନନ୍ଦରେ ଉଲ୍ଲସିତ,
(ଗ) ଦୁଷ୍ଟ ଜନଙ୍କୁ ଉରନ୍ତି କଠୋର
ନୀତିବଳେ ଶକ୍ତିହୀନ,
(ଘ) ଉପଦ୍ରବ ହୀନ କରି ଅବନୀକି
ପାଳନ କରନ୍ତି ମାନ,
(ଙ) ସଦା ପରିଶ୍ରମୀ କୃଷକଙ୍କ ସୁଖ

ସାଧକରେ ହୋଇ ରତ,
(ଚ) ନିଷ୍କର୍ମା ଲୋକଙ୍କୁ ଫଳପ୍ରଦ କର୍ମେ
ନିଯୋଜି କରନ୍ତି ବ୍ୟସ୍ତ,
(ଛ) ସମାଜ ଅନିଷ୍ଟ — କରୀ ମହରାତି
ସବୁ କରି ଉଚ୍ଛେଦନ,
(ଜ) ସୁନୀତି ସବୁକୁ କରନ୍ତି ବିଶୁଦ୍ଧ
ସ୍ନେହସହ ସଂରକ୍ଷଣ
(ଝ) ଅସତ୍ୟ ଭୂଷଣ ଅଜ୍ଞାନତା ପୂର୍ଣ୍ଣ
କୁସଂସ୍କାର କରି ହ୍ରାସ,
(ଞ) ସଭ୍ୟଜନ ପ୍ରିୟ ବିଶୁଦ୍ଧ ସଂସ୍କୃତ
ଜ୍ଞାନେ ବଢ଼ାନ୍ତି ବିଶ୍ୱାସ,
(ଟ) ଅଜ୍ଞାନତା ଦୂର କରି ଜ୍ଞାନପ୍ରଭା
ବିସ୍ତାର ଅର୍ଥେ ରାଜ୍ୟରେ,
(ଠ) ପ୍ରତାପ ଦେଖାନ୍ତି ଅଜ୍ଞାନ ହୃଦୟ
ରାଜ୍ୟଗଣ ଉପରେ,
(ଡ) ସୁଜ୍ଞାନୀ ଜନଙ୍କୁ ନିଯୋଜିତ କରି
ଉଚ୍ଚ ଉଚ୍ଚ ରାଜକାର୍ଯ୍ୟେ,
(ଢ) ଅଜ୍ଞାନତା ପ୍ରିୟ.. ମୂଢ଼ଜନ ସୁଖ
ବିନାଶନ୍ତି ଅନିବାର୍ଯ୍ୟେ,
(ଣ) ସାଧୁଶୀଳ ବୁଧ ଜନଙ୍କୁ ଦିଅନ୍ତି
ମୂଲ୍ୟବାନ ପୁରସ୍କାର,
(ତ) ହୀନମତି ଖଳ ଜନଙ୍କୁ କରନ୍ତି
କଟୁବାକ୍ୟେ ତିରସ୍କାର,
(ଥ) ସ୍ୱାପଦ ସଂକୁଳ କାନନୁ କରନ୍ତି
ବହୁ ଅର୍ଥ ଉପାର୍ଜନ,
(ଦ) ମଧୁପଥପ୍ରଦ୍ୟ ନଦୀକି କରନ୍ତି
ସୁଧୀ ସେତୁରେ ବନ୍ଧନ,
(ଧ) କାନନକୁ ଚାହିଁ ସାଗର ତରଙ୍ଗେ
ଯୌତକନ୍ତି ମୋତିରାଶି,
(ନ) ପୁଷ୍ପ ପୁଞ୍ଜ ଧରି ପୁଲିନ ବକ୍ଷରେ
ଉଭା ହୋଇଥାଏ ଆସି।

# ଚନ୍ଦ୍ର ଶରୀରରେ ଏହା ନୁହେଁ କଳଙ୍କ

[ ଏହା ଗଙ୍ଗାଧରଙ୍କର ଏକ ସ୍ୱତନ୍ତ୍ର କବିତା ନୁହେଁ। ଉପରୋକ୍ତ ଶୀର୍ଷକରେ କବିତା ଲେଖିବାପାଇଁ ସମ୍ବଲପୁର ହିତୈଷିଣୀ ଓଡ଼ିଶାର କବିମାନଙ୍କୁ ଆହ୍ୱାନ କରିଥିଲା। ବାମଣ୍ଡାର ବହୁ କବି ଏଭଳି ସମସ୍ୟାପୂର୍ତ୍ତିରେ ଅଂଶଗ୍ରହଣ କରିଥିଲେ। ବାମଣ୍ଡା ରାଜ୍ୟର ପ୍ରତିଷ୍ଠିତ କବିମାନଙ୍କ ମଧ୍ୟରୁ ଏକୁଟିଆ ଗଙ୍ଗାଧର ଏଥିରେ ଯୋଗଦାନ କରିଥିଲେ। ଉପରୋକ୍ତ ଶୀର୍ଷକର କବିତାମାଳା ସମ୍ବଲପୁର ହିତୈଷିଣୀର ଏକାଦଶ ବର୍ଷ ଅଷ୍ଟତ୍ରିଂଶ ସଂଖ୍ୟା (ତା ୨୪।୧।୧୯୦୦)ରେ ପ୍ରକାଶିତ। ମଝିରେ ଚାରୋଟି ଅକ୍ଷର ବ୍ୟବହୃତ ସମ୍ବଲପୁର ହିତୈଷିଣୀରେ ନାହିଁ। ତାହା '...' ଚିହ୍ନଦ୍ୱାରା ସୂଚିତ।

— ସଂପାଦକ ]

ଲଭି ପ୍ରଭାକର କର      ଚନ୍ଦ୍ର ହୋଇଛି ଭାସ୍ୱର
ନତୁ ଚନ୍ଦ୍ର ଜଡ଼ପିଣ୍ଡ ସ୍ୱତେଜ ହୀନ
ଅଚଳ ଉଚ୍ଚର ଯହିଁ      ରବି ରଶ୍ମି ନ ପଡ଼ଇ
ଅନ୍ଧାର ଯୋଗୁଁ ତା ଦିଶୁଅଛି ମଳିନ
ବସି ନାହିଁ ତହିଁ ଶଶକ !
ଚନ୍ଦ୍ର ରଶ୍ମି ମନୋହର      ସ୍ୱଭାବେ ଅମୃତ କର
ପ୍ରିୟ.... ଅପଘନ ନିର୍ମଳ।
ମଧ୍ୟେ ଯେ କୃଷ୍ଣ ବରନ      କରୁଛ ଅବଲୋକନ
ତାହା ବଙ୍ଗ ଦେଶ କେଶ ରାଶି ପ୍ରାୟକ
ହୋଇଅଛି ଶୋଭା ବ୍ୟଞ୍ଜକ।

# ଶ୍ରୀ ରାମଚନ୍ଦ୍ରଙ୍କ ବନ ପ୍ରସ୍ଥାନ

ତନଜ ଜନନୀ ପାଦେ କରି ନମସ୍କାର
କାନନକୁ ରାମଚନ୍ଦ୍ର ହୋଇଲେ ବାହାର ।
ତାଙ୍କ ପଛେ ବାହାରିଲେ ଜନକ ନନ୍ଦିନୀ,
ଅଯୋଧ୍ୟା-ରାଜନଗର-ଲକ୍ଷ୍ମୀ ସ୍ୱରୂପିଣୀ ।
ସେବିବାକୁ ବନବାସେ ଶ୍ରୀରାମ ଚରଣ,
ସଙ୍ଗେ ସଙ୍ଗେ ବାହାରିଲେ ଅନୁଜ ଲକ୍ଷ୍ମଣ ।
ତାହା ଦେଖି ଦଶରଥ ହେଲେ ମୂର୍ଚ୍ଛାଗତ,
ପଡ଼ିଲେ କୌଶଲ୍ୟା ତଳେ ହୋଇ ମର୍ମାହତ ।
ଯେତେକ ନଗରବାସୀ ନଗରନିବାସୀ,
ଏହି ସମୟରେ ସବେ ଶୋକଜଳେ ଭାସି ।
କେ ବୋଲେ କାହିଁକି ବନ ଯିବେ ଦାଶରଥୀ,
କେ ଭୋଗ କରିବ ଆଉ ଏ ରାଜସମ୍ପତ୍ତି ?
କେ ବୋଲେ କେମନ୍ତ ଛାଡ଼ିଦେବେ ରାଜନାଥ,
କାହିଁକି ଘଟିଲା ଏହି ଦାରୁଣ ବୃତ୍ତାନ୍ତ ?
କେ ବୋଲେ ସମସ୍ତେ ଆସ ରୋକିବା ପଥ,
ଅନୁରୋଧ ନ ଭାଙ୍ଗିବେ ରାମ ଦୟାବନ୍ତ ।
କେ ବୋଲେ ବାତ୍ସଲ୍ୟ-ପୂର୍ଣ୍ଣ ହୃଦ ରଘୁନାଥ,
ସତେ କି ଆମମାନଙ୍କୁ କରିବେ ଅନାଥ ?
କେ ବୋଲେ ମୁଁ ନ ପାଉଛି ଏଥିର କାରଣ,
ଜାଣିଥିଲେ କହ ମୋତେ ସର୍ବ ବିବରଣ ।
ନଗରେ ନଗରେ ପୂର୍ଣ୍ଣ ବିଷାଦ ଚହଳ,
ଧରଣୀ କମ୍ପାଇଦିଏ ଶୋକ କୋଳାହଳ ।
ଅଶ୍ରୁପୂର୍ଣ୍ଣ ସର୍ବ ନରନାରୀଙ୍କ ନୟନ,
ପ୍ରଭାତେ ଶିଶିରପୂର୍ଣ୍ଣ ଯଥା ପଦ୍ମବନ ।
ଲାଗି ବଇଦେହୀଙ୍କର ଦାରୁଣ କଷଣ,

ଆକୁଳେ ରମଣୀମାନେ କରନ୍ତି ରୋଦନ ।
ରାଜସୁତା ରାଜବଧୂ ଛାଡ଼ି ରାଜସୁଖ,
କେମନ୍ତେ ରହିବେ ବନେ ସହି ନାନା ଦୁଃଖ ?
ବରଷା ଆତପ ଶୀତ କେମନ୍ତେ ସହିବେ ?
ଶ୍ୱାପଦ-ସଙ୍କୁଳ ବନେ କେମନ୍ତେ ରହିବେ ?
ସୁକୁମାର ତନୁ ଆହା କେଡ଼େ ମନୋହର,
ଶୋଇବେ କେମନ୍ତେ ବନେ ଭୂମିର ଉପର ?
ଦୁର୍ଗମ ନିବିଡ଼ ବନ କଣ୍ଟକ ପଥରେ,
କେମନ୍ତେ ଚାଲିବେ ପଦ୍ମ କୋମଳ ପଦରେ ?
କାହିଁକି ଏ କଥା ଆଜି ଭୁବନେ ଘଟିଲା,
ଅମୃତ ଭାଣ୍ଡରେ କିଏ ବିଷ ମିଶାଇଲା ?
ସୁନାର ସଂସାର କିଏ କରିଦେଲା ମାଟି,
ଭଙ୍ଗିପାରେ କାହା ହୃଦ ଏଥିରେ ନ ଫାଟି ?

# ‘କବିତା କଲ୍ଲୋଳ’ର ପରିତ୍ୟକ୍ତ ‘ଭୂମିକା’ ଓ ‘ଉପକ୍ରମଣିକା’

[ ୧୯୧୨ ମସିହାରେ ଗଙ୍ଗାଧରଙ୍କ ‘କବିତା କଲ୍ଲୋଳ’ ପ୍ରକାଶ ପାଇଥିଲା। ଗଙ୍ଗାଧର ଏଥିରେ ଗୋଟିଏ ଭୂମିକା ଓ ଉପକ୍ରମଣିକା ସଂଯୋଜିତ କରିଥିଲେ। ଗ୍ରନ୍ଥାବଳୀରେ ସଂଗୃହୀତ ହେଲାବେଳେ ଗ୍ରନ୍ଥାବଳୀର ସଂପାଦକ ଏହି ‘ଭୂମିକା’ ଓ ‘ଉପକ୍ରମଣିକା’କୁ ନିର୍ବିଚାରରେ ବାଦ ଦେଇଛନ୍ତି। ‘କବିତା କଲ୍ଲୋଳ’ର ପ୍ରଥମ ସଂସ୍କରଣ ଆଜି ଆଉ ସହଜ ଲଭ୍ୟ ନୁହେଁ। ତେଣୁ ଏହି ଦୁର୍ଲ୍ଲଭ ଭୂମିକା ଓ ଉପକ୍ରମଣିକା ଏଠାରେ ସଂକଳିତ ଓ ପୁନଃ-ମୁଦ୍ରିତ।]

## ଭୂମିକା

ମୋହର ଭୟ ହେଉଅଛି ଯେ ଏହି ପୁସ୍ତକର ନାମ ଦେଖି କେହି କେହି କଲ୍ଲୋଳକୁ ମହାର୍ଣ୍ଣବର ଉତ୍ତାଳ ତରଙ୍ଗ ବୁଝି ଉପହାସ କରିବେ। କିନ୍ତୁ ପୁସ୍ତକର ଆକାର ଓ ମୂଲ୍ୟ ଦେଖି ସେପରି ଅର୍ଥ କରିବା ସଙ୍ଗତ ହେବନାହିଁ। ଅଟବୀ ଗର୍ଭ ବାହିନୀ କ୍ଷୁଦ୍ର ତଟିନୀର ସଂକୀର୍ଣ୍ଣ ସ୍ରୋତ ମୃଦୁ ମନ୍ଦ ମରୁଦ୍ବିକମ୍ପିତ କ୍ଷୁଦ୍ର କ୍ଷୁଦ୍ର କଲ୍ଲୋଳ ହିଁ ଏଠାରେ ଅଭିହିତ ହେବାର ଯୋଗ୍ୟ। କାରଣ ସେ କେତେକ ଉପାଧିଧାରୀ ବିଶିଷ୍ଟ ବନ୍ଧୁଙ୍କର ପ୍ରୀତିପୂର୍ଣ୍ଣ ବାକ୍ୟ ବାୟୁରେ ଆନ୍ଦୋଳିତ ହୋଇ ମୋହର ଦାରିଦ୍ର୍ୟ-ଦହନ-ଦାହିନୀ ଜ୍ଞାନାଲୋକ-ବିହୀନ-କ୍ଷୁଦ୍ର-ହୃଦୟ-ନଦୀରେ ଏହି କେତେକ କ୍ଷୁଦ୍ର କ୍ଷୁଦ୍ର କଲ୍ଲୋଳ ଉତ୍ଥିତ ହୋଇଅଛି। ବନ୍ଧୁମାନଙ୍କର ନାମୋଲ୍ଲେଖ କଲେ ସେମାନେ ମାଦୃଶ ଜନର ବନ୍ଧୁରୂପେ ସାଧାରଣରେ ପରିଚିତ ହେବାକୁ ଲଜ୍ଜାବୋଧ କରିବେ ବୋଲି ତାହା କଲିନାହିଁ।

କାବ୍ୟଲବ୍ଧ ଅନିବନ୍ଧନ ବନ୍ଧୁ ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ଛାତ୍ରାବସ୍ଥାରେ ଥାଇ ପୁଣି ଭୂୟୋଭୂୟଃ ଉତ୍ସାହ ଭୂରି ଭୂରି ଆଶା ଓ ସହାନୁଭୂତି ପ୍ରଦାନ କରି ମୋହର ନିରାଶ ଅବସନ୍ନ ଜୀର୍ଣ୍ଣ ଜୀବନରେ ଗୋଟିଏ ନବୀନ ଶକ୍ତିର ସଞ୍ଚାର କରାଇବାକୁ ଚେଷ୍ଟା କରି ଅଛନ୍ତି। ତାଙ୍କ ନାମ ଗୁପ୍ତ ରଖିବାର ଉପାୟ ନାହିଁ। କାରଣ ସେ ମୋହର କବିତାମାନ ପ୍ରକାଶ କରିବା ନିମନ୍ତେ ଉପଯୁକ୍ତ ସହାୟ ଲୋଡ଼ି ‘ସମ୍ବଲପୁର ହିତୈଷିଣୀ’ରେ ଗୋଟିଏ ଆବେଦନ ପ୍ରକାଶ କରିଥିଲେ। ମୋହର ଚିରପକ୍ଷପାତୀ ପରମ ହିତୈଷୀ ପଣ୍ଡିତ ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନ ସାହିତ୍ୟ ପଞ୍ଚାନନ ମହାଶୟ ମଧ୍ୟ ସେହି ଆବେଦନକୁ ଅନୁମୋଦନ କରିବାଦ୍ବାରା ଓଜସ୍ୱୀନ ଓ ଫଳୋନ୍ମୁଖ କରିଦେଲେ।

ପରମ ଭାଗ୍ୟର ବିଷୟ ସମ୍ବଲପୁରର ଜ୍ଞାନ ଶ୍ରେଷ୍ଠ ସୁସନ୍ତାନ ମାନନୀୟ ଶ୍ରୀମାନ୍ ରାମନାରାୟଣ ମିଶ୍ର M.A B.L ମହୋଦୟ ସ୍ୱତଃ ପ୍ରଣୋଦିତ ହୋଇ

ମୋହର କବିତାମାନ ପ୍ରକାଶ କରିଦେବାକୁ ସସ୍ନେହ ସାନୁଗ୍ରହ ଅଙ୍ଗୀକାର କରିଅଛନ୍ତି। ସମ୍ପ୍ରତି ତାଙ୍କର ଅର୍ଥାନୁକୂଲ୍ୟରେ ଏହି କେତୋଟି କବିତା ପ୍ରକାଶିତ ହେଲା। ଭରସା ଅଛି କ୍ରମାନ୍ୱୟରେ ଅନ୍ୟାନ୍ୟ କବିତା ପ୍ରକାଶ କରିବାରେ ପ୍ରଶଂସିତ ମହୋଦୟଙ୍କର ଔଦାର୍ଯ୍ୟ ଅକ୍ଷୁଣ୍ଣ ରହିବ। ପରିଶେଷରେ ବକ୍ତବ୍ୟ ଏହି ଯେ ଭାରତୀଙ୍କର ପ୍ରିୟପୁତ୍ର ଉତ୍କଳର ସୁପରିଚିତ କବି ଶ୍ରୀଯୁକ୍ତ ନନ୍ଦକିଶୋର ବଳ B.A. ସମ୍ବଲପୁର ଇଂରାଜୀ ହାଇସ୍କୁଲର ହେଡମାଷ୍ଟର ମହାଶୟ ମୋହର କବିତାମାନ ପାଠକରି ସ୍ନେହଦୃଷ୍ଟିର ବଶବର୍ତ୍ତିତାରେ ଯାହା ଲେଖିଅଛନ୍ତି ତାହା ଏହି ପୁସ୍ତକର ମୁଖବନ୍ଧରେ ରଖିଅଛି।

ଉପରୋକ୍ତ ସଦାଶୟ ମହାତ୍ମା ଦ୍ୱୟଙ୍କ ନିକଟରେ ମୋହର କୃତଜ୍ଞତା ଅକିଞ୍ଚିତ୍କର ହେଲେହେଁ ତାକୁ ଗଭୀରତର କରି ଆନନ୍ଦ ଗଦ୍‌ଗଦ୍ ଚିତ୍ତରେ ଜ୍ଞାପନ କରୁଅଛି।

ତା ୧୨ ମାର୍ଚ୍ଚ, ବିନୟାବନତ,
୧୯୧୨ ଖ୍ରୀଷ୍ଟାବ୍ଦ ଶ୍ରୀ ଗଙ୍ଗାଧର ମେହେର

## ଉପକ୍ରମଣିକା

"କୀଚକ ବଧ" ପ୍ରକାଶିତ ହେଲାରୁ ମହାକବି କାଳିଦାସଙ୍କର ଶକୁନ୍ତଳାର ଭାବ ଅବଲମ୍ବନ କରି ଖଣ୍ଡିଏ ପଦ୍ୟ ପୁସ୍ତକ ଲେଖିବାର ଆରମ୍ଭ କରିଥିଲି, କିନ୍ତୁ ମୋର ଚିରସହଚରୀ ଅସୁବିଧା ତାହା କରିଦେଲା ନାହିଁ। ସୁଦୀର୍ଘ କାଳ ପରେ ପ୍ରିୟ ସୁହୃଦ୍ ଶ୍ରୀମାନ୍ ବ୍ରଜମୋହନ ପଣ୍ଡାଙ୍କର ଆଗ୍ରହାତିଶଯ୍ୟ ହେତୁ ପ୍ରଥମ ଅଙ୍କକୁ ପୂର୍ଣ୍ଣକରି "ପ୍ରଣୟାଙ୍କୁର" ନାମ ଦେଲି। ଏହା ଶକୁନ୍ତଳାର ଠିକ୍ ଅନୁବାଦ ନୁହେଁ, ଏଥିରେ ଅନେକ ମୂଳ ପରିତ୍ୟକ୍ତ ଓ ନୂତନ କଥା ସନ୍ନିବିଷ୍ଟ ହୋଇଅଛି। "ବର୍ଷାଚିତ୍ର"ଟି ମଧ୍ୟ ପୁରାତନ ଓ ଅନେକ ଦିନ ହେଲା "ଋତୁଚିତ୍ର" ନାମରେ 'ଉତ୍କଳ ସାହିତ୍ୟ'ରେ ବାହାରି ଥିଲା। ଅବଶିଷ୍ଟ କବିତା ଗୁଡ଼ିକ ଅଳ୍ପଦିନ ପୂର୍ବେ "ସମ୍ବଲପୁର ହିତୈଷିଣୀ"ରେ ଦେଖା ଦେଇଥିଲେ। ପରେ "ଦେବଦ୍ୟାସ"ର କଳେବର ପ୍ରାୟ ଦ୍ୱିଗୁଣ ଓ "ସୋମନାଥ ବିଜୟ"ର ଅଙ୍ଗ ଦେଢ଼ ଗୁଣ ବୃଦ୍ଧି ହୋଇଅଛି। ଆଉ ଯାହା ହ୍ରାସ ବୃଦ୍ଧି ହୋଇଅଛି ତାହା ନଗଣ୍ୟ।

ବ୍ରଜ ମୋହନ ବାବୁଙ୍କର ସାହଚର୍ଯ୍ୟରେ "ଦେବଦ୍ୟାସ" ଦେଖିବାର ସୁଯୋଗ ଓ ସୁବିଧା ଲାଭ ହୋଇଥିଲା ଏବଂ ତାଙ୍କର ପ୍ରବର୍ତ୍ତନାରେ ତାହା ରଚିତ ଓ ପରିବର୍ଦ୍ଧିତ ହୋଇଅଛି। ଗୋଟିଏ ବସ୍ତୁକୁ ପୂର୍ଣ୍ଣାଙ୍ଗ ବିଶିଷ୍ଟ ଦେଖିଲେ ଯେଉଁ ମାଧୁର୍ଯ୍ୟ ଅନୁଭୂତ ହୁଏ ଖଣ୍ଡ ଖଣ୍ଡ କରି ଦେଖିଲେ ତାହା ହୋଇନଥାଏ।

"ସମ୍ବଲପୁର ହିତୈଷିଣୀ"ରେ ଯାହା ଖଣ୍ଡ ଖଣ୍ଡ ହୋଇ ପ୍ରକାଶିତ ହୋଇଥିଲା ତାହା ପୂର୍ଣ୍ଣାବୟବରେ ପୁସ୍ତକାକାରରେ ରହିଲେ ସହୃଦୟ ପାଠକମାନଙ୍କ ପ୍ରଶସ୍ତ ଚିତ୍ତରେ କଥଞ୍ଚିତ୍ ପ୍ରୀତି ଉତ୍ପାଦନ କରି ପାରିବ ବୋଲି ଏତଦନ୍ତର୍ଗତ କବିତାମାନ ପ୍ରକାଶ କଲି। ଏଥିରେ ଆଂଶିକ ସଫଳତା ଉପଲବ୍ଧ ହେଲେ ଅନ୍ୟ କେତେକ କବିତା ପୁସ୍ତକାକାରରେ ପ୍ରକାଶ କରିବାର ବାସନା ଅଛି। ଇତି । ଗ୍ରନ୍ଥକାର

# ଖଣ୍ଡିଏ ପତ୍ରର ଅଂଶବିଶେଷ

[ ଗଙ୍ଗାଧରଙ୍କ ଗୋଟିଏ ପତ୍ରର କିୟଦଂଶ 'ଜଣେ-ବିଶିଷ୍ଟ ବ୍ୟକ୍ତିଙ୍କ ପତ୍ରାଂଶ' ଶୀର୍ଷକରେ ସମ୍ବଲପୁର ହିତୈଷିଣୀ ୨୩/୫୦ (୨୮.୯.୧୯୧୨)ରେ ପ୍ରକାଶିତ ହୋଇଥିଲା। ହିତୈଷିଣୀର ସଂପାଦକ ଦୀନବନ୍ଧୁ ପଟ୍ଟନାୟକ ପ୍ରଥମେ ଗଙ୍ଗାଧରଙ୍କ ପରିଚୟ ପ୍ରକାଶ ନକରି ଉଦ୍ଧୃତାଂଶ ଉପରେ ଲେଖିଥିଲେ : 'ଉତ୍କଳର ଜଣେ ପ୍ରସିଦ୍ଧ ସାହିତ୍ୟ ସେବକ . . . ଲେଖିଥିବା ପତ୍ରର କେତେକାଂଶ ପାଠକମାନଙ୍କ ଅବଗତି ଏବଂ ଆଲୋଚନା ନିମନ୍ତେ ନିମ୍ନରେ ପ୍ରକାଶ କରୁଅଛୁଁ।'[1] ପତ୍ରାଂଶ ଉଦ୍ଧାର କରିସାରିଲା ପରେ, ଏହା ସଂପର୍କରେ ମନ୍ତବ୍ୟ ଦେଇ ପଟ୍ଟନାୟକ ପୁଣି ଲେଖିଥିଲେ : 'ଲେଖକ ମହାଶୟ ଉପରୋକ୍ତ କଥାଗୁଡ଼ିକ ଅତ୍ୟନ୍ତ ଦୁଃଖ ଓ ବିରକ୍ତିର ସହିତ ଲେଖିଅଛନ୍ତି ସନ୍ଦେହ ନାହିଁ।' ପରେ (ସମ୍ବଲପୁର ହିତୈଷିଣୀ ୨୪/୪, ୧୨.୧୨.୧୯୧୨) ପଟ୍ଟନାୟକ ଚିଠିଟିର ଲେଖକ ଗଙ୍ଗାଧର ବୋଲି ସ୍ୱୀକାର କରିଛନ୍ତି।]

ଆପଣ ଯେ ତିନିଖଣ୍ଡି ବହି ପଠାଇଥିଲେ ତାହା ପଢ଼ି ଅତ୍ୟନ୍ତ ଆନନ୍ଦିତ ହେଲି। ବହି ଗୁଡ଼ିକ ସର୍ବସାଧାରଣରେ ପ୍ରକାଶ କରିବାକୁ ଯତ୍ନ କରିବେ। ଓଡ଼ିଶାରେ ଈର୍ଷାର ଭାର ବେଶି ଥିବାରୁ ଶୁଖିଲା ଯଥୋଚିତ ପ୍ରଶଂସା କରିବାକୁ ଲୋକେ କୁଣ୍ଠିତ ଏବଂ ବଡ଼ ଲୋକମାନେ ସୁଦ୍ଧା ପ୍ରାପ୍ତି ସ୍ୱୀକାର କରିବାକୁ କୁଣ୍ଠିତ। ଆପଣ ବହି ଖଣ୍ଡିଏ ଛପାଇଲେ ପୁଣି ଦୁଇ ପଇସାର ଡାକ ଟିକଟ ଆପଣା ହାତରୁ ଖରଚ କରି ଭଦ୍ରଲୋକ ବନ୍ଧୁମାନଙ୍କ ନିକଟକୁ ପଠାଇଲେ, ମାତ୍ର ସେ ଏକ ପଇସାର ପୋଷ୍ଟକାର୍ଡ଼ ଖରଚ କରି ପ୍ରାପ୍ତି ସ୍ୱୀକାର କରିବେ ନାହିଁ କାହିଁକି ? ଗର୍ବ ହେତୁ ? ନା, ଈର୍ଷା ହେତୁ ? ନା, ଲଜ୍ଜା ହେତୁ ? ବହିର ପ୍ରାପ୍ତି ସ୍ୱୀକାର କରିବାକୁ କି ଏମାନେ ଯୋଗ୍ୟ ମଧ୍ୟ ନୁହନ୍ତି ? ଏବଂ ଉତ୍ସାହ ଦେବାକୁ କି ବାଧ୍ୟ ନୁହନ୍ତି ? ଯେଉଁ ଦେଶରେ ସତ୍କାର୍ଯ୍ୟର ଆସ୍ୱାଦନ ଓ ଧନ୍ୟବାଦ ନାହିଁ ସେ ଦେଶ କିପରି ଉନ୍ନତ ହେବ ?

❑ ❑ ❑

# ଉତ୍କଳ ଭାଷାର ଗୌରବ

[ ସମ୍ବଲପୁର ହିତୈଷିଣୀର ଚତୁର୍ବିଂଶ ବର୍ଷ ପ୍ରଥମ ସଂଖ୍ୟା

( ତା ୨ । ୧୧ । ୧୯୧୨ ) ରେ ପ୍ରକାଶିତ ]

ଆଜି ମୋର ଆନନ୍ଦ ତରଙ୍ଗିଣୀ ତରଙ୍ଗିତ ହେଉଅଛି। ତରଙ୍ଗୋତ୍‌କ୍ଷିପ୍ତ ପୃଷତ୍ ପଂକ୍ତିରେ ଶୁଷ୍କ ହୃଦୟ ପୁଳିନ ପ୍ଲାବିତ ହେଉଅଛି। ଦେଖିଲି ବାମଣ୍ଡାର ପ୍ରଥିତଯଶା ମହାରାଜା ଶ୍ରୀ ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କର ସୁରଚିତ ଗ୍ରନ୍ଥାବଳୀର କେତେକ ଅଂଶ "ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ" ନାମରେ ବଙ୍ଗଳାର ପ୍ରବୀଣ ଲେଖକ ଶ୍ରୀଯୁକ୍ତ ବିଜୟ ଚନ୍ଦ୍ର ମଜୁମଦାରଙ୍କ ଦ୍ୱାରା ବଙ୍ଗ ଭାଷାରେ ଲିଖିତ ଓ ମୁଦ୍ରିତ ହୋଇ ମଧୁରତର ହୋଇଅଛି। ମୁଖବନ୍ଧରେ ଲେଖକ ମହାଶୟ ସ୍ୱର୍ଗୀୟ ମହାରାଜ ସୁଢ଼ଳ ଦେବଙ୍କ ଓ ତଦୀୟ ସୁଯୋଗ୍ୟ ପୁତ୍ର ପ୍ରଶଂସିତ ମହାରାଜାଙ୍କ ପ୍ରକୃତ ଗୁଣରାଶି ଉଲ୍ଲେଖ କରି ଉତ୍କଳର ଗୌରବ ବୃଦ୍ଧି କରି ଅଛନ୍ତି। ତହିଁରେ ଉତ୍କଳଭାଷା ପ୍ରତି ବିଜୟବାବୁଙ୍କର ସ୍ନେହ ଥିବାର ପରିସ୍ଫୁଟ ହେଉଅଛି। ଏମତ କି ସୁଯୋଗ୍ୟ ବଙ୍ଗାଳୀମାନଙ୍କୁ ଉତ୍କଳ ଭାଷା ଶିକ୍ଷା ନିମନ୍ତେ ଅନୁରୋଧ କରି ନିଜର ସହୃଦୟତା ଅକୁଣ୍ଠିତ ଭାବରେ ପ୍ରକାଶ କରିବାରେ ସେ ତ୍ରୁଟି କରି ନାହାନ୍ତି। ଏହା କେବଳ ବାମଣ୍ଡାର ନୁହେଁ, ସମଗ୍ର ଉତ୍କଳର ଗୌରବ ଅଟେ। ଏହି ପୁସ୍ତକ ପ୍ରତ୍ୟେକ ଶିକ୍ଷିତ ଉତ୍କଳୀ ଥରେ ଥରେ ପାଠ କରି ବିଜୟବାବୁଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଅନୁରୋଧ କରେଁ। ମୋର ଧନ୍ୟବାଦ ଦେବା ସ୍ୱଳ୍ପମୂଲ୍ୟ ଥିଲେହେଁ ମୁଁ ଭକ୍ତି ଓ ପ୍ରୀତିର ସହିତ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଅଛିଁ।

। ଇତି ।

# ପ୍ରାପ୍ତ ପତ୍ର

ପ୍ରିୟ ମହାଶୟ,

ଆପଣଙ୍କ ଅନୁଗ୍ରହ ଉପହାର ୧ ପରିଶ୍ରମ ୨ ଜୀବନ ତରଙ୍ଗ ବା ଧର୍ମ୍ମ କର୍ମ୍ମ ପୁସ୍ତକଦ୍ୱୟ ପାଇ ଆପଣଙ୍କୁ ଧନ୍ୟବାଦର ସହିତ କୃତଜ୍ଞତା ଜ୍ଞାପନ କରୁଅଛି। ପୁସ୍ତକ ଦ୍ୱୟ ଯେପରି ଉପଦେଶ-ଗର୍ଭକ ସେହିପରି ସରଳ ପ୍ରାଞ୍ଜଳ ଭାଷାରେ ଲିଖିତ। ୨ୟ ଖଣ୍ଡ ପୁସ୍ତକର ପଦ୍ୟ ଉତ୍ତମ ହୋଇଅଛି। ଏପରି ସୁପଦ୍ୟ ରଚନା ବହୁକାଳ ବ୍ୟାପିନୀ ସାଧନାର ଫଳ ବୋଲିବାକୁ ହେବ। ପଦ୍ୟ ପାଠରେ ମୋର ପ୍ରୀତି ଲତିକା ପଲ୍ଲବିତ ହୋଇଅଛି। ୧ମ ପୁସ୍ତକ (ପରିଶ୍ରମ)ର ଉପଦେଶ ସବୁ ମୂଲ୍ୟବାନ। ଆପଣ ବହୁ ପରିଶ୍ରମରେ ବହୁତ ପୁସ୍ତକରୁ ମହାଜନୋକ୍ତି ମାନ ସଂଗ୍ରହ କରି ସମୟର ମୂଲ୍ୟ ଓ ପରିଶ୍ରମର ଉପକାର ପ୍ରଦର୍ଶନ କରିବା ଦ୍ୱାରା ପୁସ୍ତକର ଉପାଦେୟତା ବୃଦ୍ଧି କରିଅଛନ୍ତି। ଏହା ପାଠ କଲେ ଯେ ସାଧାରଣଙ୍କର ଉପକାର ହେବ ଏ କଥା ମୁଁ ନିଃସନ୍ଦେହରେ କହିବାକୁ କୁଣ୍ଠିତ ନୁହେଁ। ଏହି ପୁସ୍ତକମାନ ବାଳକ ବାଳିକାମାନେ ପାଠ କରିବା ନିହାତି ଆବଶ୍ୟକ।

ଇତି

ଆପଣଙ୍କର ଗଙ୍ଗାଧର ମେହେର

# ଚୁଗୁଲିଆ

ଗୋବିନ୍ଦ — ଭାଇ ହରି, ଆଜି ରାମର ମାତା କାନ୍ଦି କାନ୍ଦି କହୁଥିଲା କି ଚୁଗୁଲିଆମାନଙ୍କ ପାଇଁ ରାମର ସର୍ବନାଶ ହୋଇଅଛି। ଭାଇ, ଚୁଗୁଲିଆ କାହାକୁ କହନ୍ତି ମୁଁ ଜାଣିପାରିଲି ନାହିଁ। ଆଉ ସେ ଅବା ରାମର ସର୍ବନାଶ କଲେ କିପରି? ରାମ ତ ଜଣେ ସଚ୍ଚରିତ୍ର ପ୍ରବୀଣ ଲୋକ ଅଟେ।

ହରି — କିରେ ଗୋବିନ୍ଦ, ତୁ କି ଆଜିଯାଏ ଚୁଗୁଲିଆ ଦେଖିନାହୁଁ? ସେ ଅତି ଭୟଙ୍କର ଜନ୍ତୁ। ସେ ନ ହେଲା କଥାକୁ ହେଲା କରି ଲୋକଙ୍କର ସର୍ବନାଶ କରେ।

ଗୋବିନ୍ଦ — ଭାଇ, ସେ କିପରି ଜନ୍ତୁ, କେଉଁଠାରେ ଥାଏ, ଆଉ କେଉଁ ସମୟରେ କିପରି ଲୋକଙ୍କର ସର୍ବନାଶ କରେ? ଆଉ ନ ହେଲା କଥାକୁ ହେଲା କରେ କିପରି? ସେ କି ବିଧାତା?

ହରି — ତୁଚ୍ଛ ମୂର୍ଖ, ବିଧାତା କି ନ ହେଲା କଥାକୁ ହେଲା କରନ୍ତି? ଯାହା ଅବଶ୍ୟ ହେବାର ତାହା ବିଧାତା କରନ୍ତି, ନ ହେବା କଥା ବିଧାତା କରନ୍ତି ନାହିଁ।

ଗୋବିନ୍ଦ — ତେବେ ଚୁଗୁଲିଆ କି ବିଧାତାଠାରୁ ବଡ଼?

ହରି — ହାଃ ହାଃ ହାଃ, ତୋ ପାଇଁ ଆଉ ରହିହେବନାହିଁ? ସେ କୁକୁର ଶୂକରଠାରୁ ହୀନ ତାକୁ ତୁ ବିଧାତାଠାରୁ ବଡ଼ କରି ଦେଇଅଛୁ?

ଗୋବିନ୍ଦ — ତେବେ କ'ଣ ବିଷ୍ଟାର କୁମ୍ଭୀ ପରି ଥିବ —

ହରି — ଛି, ଛି, ସେ ଭିନ୍ନ ରକମ ଜନ୍ତୁ। ବିଧାତାଙ୍କ ସୃଷ୍ଟିରେ ଯେତେ ପଦାର୍ଥ ଅଛି ତହିଁରୁ କିଛି ନା କିଛି ଉପକାର ହୁଏ, କିନ୍ତୁ ଚୁଗୁଲିଆ ଦ୍ୱାରା କିଛି ଲାଭ ହୁଏ ନାହିଁ। ଚୁଗୁଲିଆ କେବଳ ଅନିଷ୍ଟର କାରଣ ଅଟେ।

ଗୋବିନ୍ଦ — ତେବେ ସର୍ପ କି?

ହରି — ସର୍ପର ବିଷ କି ଔଷଧରେ ଲାଗେ ନାହିଁ?

ଗୋବିନ୍ଦ — ତେବେ କଣ, ମୋତେ କହନା! ମୁଁ ଚିହ୍ନିଥିଲେ ସେ ମୋ ପାଖକୁ ଆସିଲେ ମାରିପକାଇବି।

ହରି — ମଲା, ସେ ତୋ ପାଖକୁ କାହିଁକି ଆସିବ?

ଗୋବିନ୍ଦ— ତେବେ କାହା ପାଖକୁ ଯାଏ ?

ହରି— ସେ ତାହାଠାରୁ ହୀନବୁଦ୍ଧି ଲୋକଙ୍କର ନିକଟକୁ ଯାଏ ।

ଗୋବିନ୍ଦ— ଭାଇ, ମୋ ଠାରୁ ବଳି ହୀନବୁଦ୍ଧି ଲୋକ କି ଅଛନ୍ତି ?

ହରି— ଅଛନ୍ତି ନା କ'ଣ —

ଗୋବିନ୍ଦ— ଭାଇ, ସେ କିଏ ?

ହରି— ଯେଉଁମାନେ ଆପଣାକୁ ବଡ଼ ବୋଲି ମଣନ୍ତି ସେମାନେ ।

ଗୋବିନ୍ଦ— ରାଜା, ବାବୁ, ଜମିଦାର, ଧନୀ ଇତ୍ୟାଦି ବଡ଼ଲୋକମାନେ ତ ଆପଣାକୁ ବଡ଼ ବୋଲନ୍ତି । ବାସ୍ତବରେ ତ ସେମାନେ ବଡ଼ ବଡ଼ ଲୋକ ହୋଇ ଆପଣାକୁ ବଡ଼ ମଣିଲେ ତ ଦୋଷ କ'ଣ ହେଲା ? ସେମାନେ ହୀନବୁଦ୍ଧି କିପରି ହେଲେ ? ଆମ୍ଭେମାନେ ତ ତାଙ୍କର ଆଜ୍ଞା ନ କଲେ ଚଳିପାରିବୁ ନାହିଁ । ସେମାନେ ଆମ୍ଭଠାରୁ ହୀନବୁଦ୍ଧି ହେଲେ କିପରି ?

ହରି— ସେମାନେ ଧନମଦରେ ଓ ପଦମଦରେ ନିମଗ୍ନ ହୋଇ ଯାଇଛନ୍ତି । ଜଳମଗ୍ନ ବ୍ୟକ୍ତିକୁ ବାହାରର ପଦାର୍ଥ କିଛି ଦିଶିବା ଦୂରେ ଥାଉ ଜଳ ମଧ୍ୟର ପଦାର୍ଥ ମଧ୍ୟ କିଛି ଦିଶଇ ନାହିଁ । ସେହିପରି ମଦ ନିମଗ୍ନ ବ୍ୟକ୍ତି ସଂସାରର କିଛି ଦେଖି ନ ପାରି ଆପଣାକୁ ବଡ଼ ବିଚାର କରେ ।

ଗୋବିନ୍ଦ— ସେ ତାଙ୍କର ଧନମଦରେ ହେଉ କି ପଦମଦରେ ହେଉ, ବୁଡ଼ିଲେ ତହିଁରେ ଅନ୍ୟର କ୍ଷତି ହେବ କିପରି ?

ହରି— ଭାଇ, ସଂସାରରେ ଧନୀ କେହି ନୁହନ୍ତି । ଧନୀ ବୋଲ, କ୍ଷମତାଶାଳୀ ବୋଲ, ସବୁ ଏକମାତ୍ର ପରମେଶ୍ୱର । ତେବେ ସେ ସର୍ବସାଧାରଣର ଉପକାର ନିମନ୍ତେ କୌଣସି କୌଣସି ବ୍ୟକ୍ତିଠାରେ କିଛି କିଛି ଧନ ରଖାଇଥାନ୍ତି ଆଉ ଦୁଷ୍ଟମାନଙ୍କ ଶାସନ ନିମନ୍ତେ ଜଣ ଜଣଙ୍କୁ କ୍ଷମତାଶାଳୀ କରିଥାନ୍ତି । ଦେଖ, ମନୁଷ୍ୟ ଯେତିକି ଖାଇବ ସେତିକି ତାର । ଅନ୍ୟ ପଦାର୍ଥ ତାହାର ନୁହେଁ । ପୁଣି ପରିଶ୍ରମ ନ କରି ଖାଇଲେ ଈଶ୍ୱରଙ୍କ ସମୀପରେ ଅଜୀର୍ଣ୍ଣାଦି ରୋଗ ଦ୍ୱାରା ଦଣ୍ଡ ଭୋଗ କରିବାକୁ ପଡ଼େ । ଈଶ୍ୱରଙ୍କ ଆଜ୍ଞା ଯେ ପରିଶ୍ରମ କର ଓ ଭୋଜନ କର ।

ଗୋବିନ୍ଦ— ବାକୀ ପଦାର୍ଥ କଣ କରାଯିବ ?

ହରି— ଜଗତର ହିତ ନିମନ୍ତେ କାର୍ଯ୍ୟ କରାଇ ଭୋଜନ ନିମନ୍ତେ ସେହି କାର୍ଯ୍ୟକାରୀ ଲୋକଙ୍କୁ ଦିଆଯିବା ଉଚିତ

ଗୋବିନ୍ଦ— ସେ ସବୁ ଭିନ୍ନ କଥା । ଧନୀମାନେ ହୀନବୁଦ୍ଧି ହେଲେ କିପରି ?

ହରି— ସେମାନେ ମଦାନ୍ଧ ହୋଇ ଈଶ୍ୱରଙ୍କ ରଖିଥିବା ପଦାର୍ଥକୁ ଆପଣାର ଧନ ମନେ କରି ଯଥେଚ୍ଛା ବ୍ୟୟ କରନ୍ତି । ଯହିଁରେ ଜଗତର ଅନିଷ୍ଟ ହେବ ଏପରି କାର୍ଯ୍ୟମାନ କରନ୍ତି ।

ଗୋବିନ୍ଦ – ଚୁଗୁଲିଆ ଡାକର କ'ଣ କରନ୍ତି ?

ହରି – ଚୁଗୁଲିଆମାନେ ସେମାନଙ୍କ ନିକଟକୁ ଯାଇ ସଚ୍ଚରିତ୍ର ସାଧୁ ଲୋକର ନିନ୍ଦା କରନ୍ତି। ସାଧୁ ସତ୍‌କାର୍ଯ୍ୟର ପୁରସ୍କାର ସ୍ୱରୂପ କିଛି ପାଇବାର ଉପଯୁକ୍ତ ଥିଲେ ତାହା ନାନାପ୍ରକାରେ ଭାଙ୍ଗିଦିଅନ୍ତି। ଧନୀମାନେ ସେହି ଚୁଗୁଲିଆମାନଙ୍କ କଥାରେ ପଡ଼ନ୍ତି। ଏଣୁକରି କହୁଅଛୁଁ ଯେ ଧନୀମାନେ ମଦାନ୍ଧ, ଚୁଗୁଲିଆ ତାଙ୍କ କଚୁଆଳ ହୋଇ ସଂସାରପଥରେ ଚଳାଇନିଏ। ଏବେ କହ ଅନ୍ଧ ଶ୍ରେଷ୍ଠ କି କଚୁଆଳ ଶ୍ରେଷ୍ଠ ?

ଗୋବିନ୍ଦ – ଭାଇ ବୁଝିଲି, କେହି ଶ୍ରେଷ୍ଠ ନୁହନ୍ତି। ବାସ୍ତବରେ ଚୁଗୁଲିଆ ହୀନ, ଯେ ଚୁଗୁଲି କଥା ଗ୍ରହଣ କରେ ସେ ହୀନତର।

ହରି – ଏତିକିରେ ଚୁଗୁଲିଆମାନଙ୍କ କଥା ଶେଷ ହେଲା କି ?

ଗୋବିନ୍ଦ – ତେବେ ଆଉ କ'ଣ ଅଛି ?

ହରି – ଚୁଗୁଲିଆମାନେ କୌଣସି କୌଣସି ନିରୀହ ବ୍ୟକ୍ତିଙ୍କୁ କ୍ଷମତାଶାଳୀ ଲୋକଙ୍କ ନିକଟରେ ଅତି ଅନିଷ୍ଟକାରୀ, ନିନ୍ଦୁକ, ବିଦ୍ୱେଷୀ ବୋଲି ପ୍ରତିପନ୍ନ କରାଇ ତାହାର ସର୍ବନାଶ କରିଥାନ୍ତି। କ୍ଷମତାଶାଳୀ ଲୋକ ଈଶ୍ୱରଦତ୍ତ କ୍ଷମତାକୁ ସଂସାରର ହିତ କାର୍ଯ୍ୟରେ ବ୍ୟବହାର୍ଯ୍ୟ ବୋଲି ନ ଭାବି ମଦାନ୍ଧ ହୋଇ ଅକାରଣରେ କ୍ଷମତାର ଅପବ୍ୟବହାର କରି ସେହି ନିରୀହ ବ୍ୟକ୍ତିର ସର୍ବନାଶ କରିଥାନ୍ତି।

ଗୋବିନ୍ଦ – ଠିକ୍ ଠିକ୍ ଠିକ୍, ରାମ ଉପରେ ଆଜି ସେହି ଦଶା ପଡ଼ିଥିବ। ଏଣୁ ତା'ର ନାଁ କାଟୁଅଛି।

# ଈଶ୍ୱର ଦ୍ରୋହୀ

ବିଶ୍ୱପତି ଆଦ୍ୟେ କରି ଖାଦ୍ୟ ସରଜନ,
ତହିଁପରେ ସରଜିଲେ ଜୀବଜନ୍ତୁଗଣ।
ଜୀବନ ଧାରଣ ପାଇଁ ଯେତେ ଦରକାର,
ପ୍ରକାଣ୍ଡ ବ୍ରହ୍ମାଣ୍ଡ ଗୋଟା ତହିଁର ଭଣ୍ଡାର।
ଜୀବନ ରକ୍ଷଣ ଯୋଗ୍ୟ ଅବୟବମାନ,
ଯଥାଯଥ ରୂପେ କରି ଅଛନ୍ତି ନିର୍ମାଣ।
ସେହିରୂପେ ଦେଇଛନ୍ତି ବୁଦ୍ଧି କଉଶଳ,
ଯେଉଁ ରୂପେ ହେବ ଯାଇ ଜୀବନେ କୁଶଳ।
ତା ଉପରେ ଦେଇଛନ୍ତି ମାନବକୁ ଜ୍ଞାନ,
ଜ୍ଞାନର ଉପରେ ପୁଣି ବିବେକର ସ୍ଥାନ।
ବିବେକ ଯେ ରଖିଥାଏ ସେ ଏକା ମାନବ,
ବିବେକବିହୀନ ଜ୍ଞାନ କରଇ ଦାନବ।
ବିଧିଦତ୍ତ ବୃତ୍ତିର ଯେ ଅପବ୍ୟବହାର
କରେ, ସେ ଈଶ୍ୱରଦ୍ରୋହୀ ଧିକ ତା ବିଚାର।
ସକଳ ମାନବ ଏକ ଈଶ୍ୱର ସନ୍ତାନ,
ବିବେକୀ ବିଚାରେ ତହିଁ ନାହିଁ ବଡ଼ ସାନ।
ନିଜଦେଶ ପରଦେଶ କରେ ଭେଦଜ୍ଞାନ,
ସେ ଈଶ୍ୱରଦ୍ରୋହୀ ତାଙ୍କ ଅଧମ ସନ୍ତାନ।
ପରଦେଶ ଧନ ଲୁଟି ନିଜଦେଶ ପୋଷେ,
ନ ବିଚାରି ପରଦୁଃଖ ନିଜଦେଶ ତୋଷେ,
ପରଦୋଷେ ଅଣୁଦର୍ଶୀ ନିଜଦୋଷେ ଅନ୍ଧ,
ଈଶ୍ୱରଦ୍ରୋହୀ ସେ, ତାର ଦର୍ପରେ ଆନନ୍ଦ।
ପରଗୁଣ ପ୍ରଶଂସାରେ ଲଜ୍ଜା ଲଭେ ଦ୍ୱେଷେ,
ନିଜ ଗୁଣ ପ୍ରଚାରିତ କରେ ଦେଶେ ଦେଶେଁ,
ଲଣ୍ଡଇ ପକାଏ ନେଇ ପରସ୍ଥାନ ପଥେ,

ଯେ ଈଶ୍ୱରଦ୍ରୋହୀ ନିଜେ ଭୁମି ଖାନରଥେ,
ନିଜ ଦେଶ ପ୍ରବେଶରେ ପରେ କରେ ମନା,
ପର ଦେଶେ ଲଭେ ନିଜ ପ୍ରଭୁତ୍ୱ କାମନା ।
ଅଧର୍ମ ଆଚରି କରେ ପର ଦେଶ ଜୟ,
ଯେ ଈଶ୍ୱରଦ୍ରୋହୀ, ତାର ପ୍ରାଣ ପାପମୟ ।
ସମ୍ମୁଖେ ପୂଜା ଘେନେ ନାନା ଉପଚାରେ,
ଅନ୍ୟଙ୍କୁ ଲଣିବା ଯେମା କଥା ନ ପଚାରେ,
ନିଜ ଲାଭେ ଶତଜିହ୍ୱ, ପରପାଇଁ ମୂକ,
ନିଶ୍ଚୟ ଈଶ୍ୱରଦ୍ରୋହୀ ସେହି ବାବଦୂକ ।
ନିଜେ କରେ ମଦ୍ୟ ମାଂସ ଅତ୍ୟଧିକ ଗ୍ରାସ,
ଚାହୁଁଥାଏ ଅନ୍ନ ବିନା ଅନ୍ୟ ଉପବାସ,
ଉପବାସୀଠାରୁ ପୁଣି ଆଶା କରେ ଧନ,
ନିଶ୍ଚୟ ଈଶ୍ୱରଦ୍ରୋହୀ ରାକ୍ଷସ ସେ ଜନ ।
ଦେଖୁଥାଏ ଅନ୍ୟ ଶୀତ ବାତେ ଥରହର,
ବହୁମୂଲ୍ୟ ବାସେ ନିଜେ ହୁଏ ମନୋହର,
ତା ଉପରେ ମଣ୍ଡିଥାଏ ବିବିଧ ଭୂଷଣ,
ସେହିଟି ଈଶ୍ୱରଦ୍ରୋହୀ ଅବନୀ-ଦୂଷଣ ।
ଈଶ୍ୱରଙ୍କ ଦତ୍ତ ଧନେ ଈଶ୍ୱର ସନ୍ତାନ
ବଞ୍ଚିତ ହେବାର ନୁହେଁ ଈଶ୍ୱର ବିଧାନ,
ସେ ଧନକୁ ରଖଇ ଯେ ଆସୁରିକ ବଳେ,
ଅସ୍ତ୍ରଶସ୍ତ୍ର-ବିବେଷ୍ଟିତ ଭଣ୍ଡାର କବଳେ,
କଦାପି ତା ପ୍ରତି ତୁଷ୍ଟ ନୁହନ୍ତି ଈଶ୍ୱର,
ଈଶ୍ୱରଙ୍କ ଦ୍ରୋହୀ ମଧ୍ୟେ ଗଣ୍ୟ ସେହି ନର ।
କିନ୍ତୁ ଯାହା ଲଭିବାକୁ ଯେତେ ପରିଶ୍ରମ—
ଆବଶ୍ୟକ, ତହିଁ ନିଜେ ଥାଇଁ ଥାଇଁ କ୍ଷମ,
ପରିଶ୍ରମ ଲବ୍ଧ ଧନ ନିଏ ଭୁଜବଳେ,
ଗଣନୀୟ ସେ ଈଶ୍ୱରଦ୍ରୋହୀଙ୍କର ଦଳେ ।
ବଳ ଥାଇଁ ଥାଇଁ ଶ୍ରମ ବିମୁଖ ଯେ ଜନ,
ନ କରଇ ବିଧିଦତ୍ତ ଧନ ଅରଜନ,
ପରଦ୍ରବ୍ୟ ଚାହିଁ ଚାହିଁ ରହିଥାଏ ଆଶେ,
ଯଥା ତରୁ ତଳେ ଶୋଇ ମେଳିବାର ଆସ୍ୟ,
ନ ଲୋଡ଼ଇ ଆଜ ସୁଖଲାଭର ଉପାୟ,

କରୁଥାଏ ଦୂଷଣୀୟ କର୍ମ ସମୁଦାୟ,
ସେ ଈଶ୍ୱରଦ୍ରୋହୀ ଦ୍ରୋହଫଳ ତାର ଦୁଃଖ,
ବର୍ତ୍ତମାନ ଭବିଷ୍ୟତେ ନାହିଁ ତାର ସୁଖ।
ମନ୍ଦ କହି ଭଲ କାର୍ଯ୍ୟ କରେ ଯେଉଁ ଜନ,
ଈଶ୍ୱର ପ୍ରସାଦ ଲାଭେ ହୁଏ ସେ ଭାଜନ;
ଭଲ କହି କର୍ମ ଯେବେ କରେ ବିପରୀତ,
ସେହିଟି ଈଶ୍ୱରଦ୍ରୋହୀ ବିଶ୍ୱର ଅହିତ।
ନୃପତି ଏକତି ଲୋକମଙ୍ଗଳ କାରଣ,
ଉଚିତ ନୁହଇ ତହିଁ ଦ୍ରୋହ ଆଚରଣ;
ରାଜଦ୍ରୋହୀ ଲୋକଦ୍ରୋହୀ ଈଶ୍ୱରଙ୍କ ଦ୍ରୋହୀ
ଧର୍ମ-ତୁଳାଦଣ୍ଡେ ଅଟନ୍ତି ସମତୁଲ ହୋଇ।

# ଦ୍ୱିତୀୟ ଭାଗ

## ଗଙ୍ଗାଧରଙ୍କ କବି-ଆତ୍ମାର ସ୍ୱରୂପ-ସନ୍ଧାନ

# ଭୂମିକା

କବି ଗଙ୍ଗାଧରଙ୍କ ପ୍ରତିଭା ବିକାଶର ସମୟ ଊନବିଂଶ ଶତାବ୍ଦୀର ଶେଷ ଦଶକ ଓ ବିଂଶ ଶତାବ୍ଦୀର ପ୍ରଥମ ଦଶକ। ସମକାଳୀନ ପ୍ରତିଷ୍ଠା ଅପେକ୍ଷା ପରିବର୍ତ୍ତୀକାଳର ମୂଲ୍ୟାୟନରେ ତାଙ୍କ କବିତ୍ୱର ଓ ବ୍ୟକ୍ତିତ୍ୱର ମହତ୍ତ୍ୱ ତଥା ଗୌରବ ଉଦ୍‌ଘୋଷିତ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ତାଙ୍କ ରଚନାସବୁ ଅନ୍ତର୍ଭୁକ୍ତ ହେବା, ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ପ୍ରତୀକ ଭାବରେ ସେସବୁ ଗୃହୀତ ହେବା ଫଳରେ ସ୍ୱାଧୀନତା ପରବର୍ତ୍ତୀ କାଳରେ ଗଙ୍ଗାଧରଙ୍କ ସାହିତ୍ୟ ଓ ଜୀବନକୁ କେନ୍ଦ୍ରକରି ଆଲୋଚନା ପ୍ରବନ୍ଧ ଓ ପୁସ୍ତକର ସ୍ତୂପ ବଢ଼ିଚାଲି ଯାଇଛି। ଗଙ୍ଗାଧର ଆଜି ଆଉ କବି-ବିଶେଷ ନୁହନ୍ତି: ସେ ଆଜି ଓଡ଼ିଶାର ସାଂସ୍କୃତିକ ଇତିହାସର ଅଂଶବିଶେଷ, ଉତ୍କଳୀୟ ସାରସ୍ୱତ-ଐତିହ୍ୟର ଅଭିବ୍ୟକ୍ତି। ଫଳତଃ ଗଙ୍ଗାଧରଙ୍କ ଜୀବନ ଓ ସାହିତ୍ୟକୁ ଭିତ୍ତିକରି ହୋଇଥିବା ଆଲୋଚନା ଇତିହାସର ଚରିତ୍ର ଓ ବିକୃତି ଲାଭ କରିଛି। ପ୍ରତ୍ୟେକ ଐତିହାସିକ ଆଲୋଚନା / ବର୍ଣ୍ଣନା ସମକାଳୀନ ଜ୍ଞାନ-ଚର୍ଚ୍ଚା ଦ୍ୱାରା ଶୃଙ୍ଖଳିତ ହୋଇଥାଏ ଓ ସାମାଜିକ ରୂପାନ୍ତର ଫଳରେ ଏଭଳି ଚର୍ଚ୍ଚାର ବିକାଶ ଘଟିଥାଏ। ଐତିହାସିକ ବ୍ୟାଖ୍ୟାନର ଚରିତ୍ର ଉପରେ ଆଲୋକପାତ କରି ମିଶେଲ୍ ଫୁକୋ କହନ୍ତି — 'historical descriptions are necessarily ordered by the present state of knowledge, they increase with every transformation and never cease, in turn to break with themselves.' (Foucault, 1992 p.5) ଗଙ୍ଗାଧରଙ୍କ ସମ୍ପର୍କରେ ଗଢ଼ିଉଠିଥିବା ଆଲୋଚନା ସବୁ ସମକାଳୀନ ଆବଶ୍ୟକତାରୁ ଗଢ଼ିଉଠିଛି। କିନ୍ତୁ ଅନେକ ସମୟରେ ତଥ୍ୟ-ଭିତ୍ତିକ ନହୋଇ, ଏଗୁଡ଼ିକ ହୋଇଛି ଧାରଣା-ଭିତ୍ତିକ। ଗଙ୍ଗାଧରଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଧାରଣାଗୁଡ଼ିକର ଉତ୍ସ, ସାର୍ଥକତା ଓ ସୃଷ୍ଟିରହସ୍ୟ ଏପର୍ଯ୍ୟନ୍ତ ବିଶ୍ଳେଷିତ ହୋଇନାହିଁ। ସେହି ଅଳ୍ପ କେତେକ ତଥ୍ୟର ସାହାଯ୍ୟନେଇ ତାଙ୍କର କବିଆତ୍ମାର ସ୍ୱରୂପ ସନ୍ଧାନ କରାଯାଇଛି ଅନେକ ସମୟରେ ସେଗୁଡ଼ିକ ପ୍ରଶ୍ନୋର୍ଦ୍ଧ୍ୱ ଓ ତର୍କାତୀତ ରୂପରେ ଗୃହୀତ। ସମକାଳୀନ ଆଲୋଚନାରେ ଆକ୍ଷିପ୍ତ ହୋଇଥିବା ତଥ୍ୟଗୁଡ଼ିକର ଯଥାର୍ଥ୍ୟସନ୍ଧାନ ଓ ଅନୁଶୀଳନ କରାଯାଇ ଗଙ୍ଗାଧରଙ୍କ କବି-ମାନସର ପୁନଃ-ମୂଲ୍ୟାୟନ ପ୍ରାୟତଃ କରାଯାଇନାହିଁ। ଫଳରେ ଦେଶ, କାଳ

ଓ ସମକାଳୀନ ଘଟଣାଦ୍ୱାରା ନିୟନ୍ତ୍ରିତ ଗଙ୍ଗାଧରଙ୍କ କବି-ଆତ୍ମାର ବିବର୍ତ୍ତନ ଓ ସ୍ୱରୂପ ଏବେବି ଅସ୍ପଷ୍ଟ ଓ ରହସ୍ୟମୟ ହୋଇ ରହିଛି।

ଆମେମାନେ ସାଧାରଣତଃ ଯେଉଁ ସାହିତ୍ୟର ଇତିହାସ ପଢୁ, ସେଥିରେ କେବଳ ରଚନାବଳୀର ପରିଚୟ ସମୟାନୁକ୍ରମିକ ଉପସ୍ଥାପିତ ହୋଇଥାଏ। ସାହିତ୍ୟିକର ଇତିହାସ ବା ଗ୍ରନ୍ଥର ଇତିହାସ ତାହା ନୁହେଁ। ବସ୍ତୁନିଷ୍ଠ ଦୃଷ୍ଟିକୋଣରୁ ଦେଖିଲେ ସାହିତ୍ୟିକଙ୍କର ଜୀବନ-ଇତିହାସ, ତଥା ତାଙ୍କର ଗ୍ରନ୍ଥ-ରଚନା ଓ ଗ୍ରନ୍ଥ-ପ୍ରକାଶର ଇତିହାସ ଅବିଚ୍ଛେଦ୍ୟଭାବେ ଜଡ଼ିତ। କୌଣସି ବିଶେଷ ସାହିତ୍ୟପୁସ୍ତକ ଜଣେ ଲେଖକଙ୍କ କଳ୍ପନାର ଅଭିବ୍ୟକ୍ତି କେବଳ ନୁହେଁ— ତାହା ସାମାଜିକ-ଅନୁଷ୍ଠାନ ବିଶେଷ। ଏହି ଅନୁଷ୍ଠାନକୁ ପରିକଳ୍ପନା କରିବା ଓ ରୂପ ଦେବାରେ ଜଣେ ବ୍ୟକ୍ତିଙ୍କର ଚେତନ-ଅର୍ଦ୍ଧଚେତନ-ଅଚେତନ ମନ ଓ ସମଗ୍ର ବ୍ୟକ୍ତିତ୍ୱ କେବଳ କ୍ରିୟାଶୀଳ ହୋଇନଥାଏ— ସାମାଜିକ ଶକ୍ତି ସକଳ ମଧ୍ୟ ଏହାର ପ୍ରତିଷ୍ଠାରେ ସହାୟକ ହୋଇଥାନ୍ତି। କେବଳ ପୁସ୍ତକ-ବିଶେଷ ନୁହେଁ— ନାନ୍ଦନିକ ଅନୁଭୂତି ମଧ୍ୟ ସାମାଜିକରଣ ଓ ସାଂସ୍କୃତିକ-ବୈଶିଷ୍ଟ୍ୟ-ନିର୍ଭର। ସେଥିପାଇଁ ଗ୍ରନ୍ଥ, ଲେଖକ ଓ ସାମାଜିକ ଶକ୍ତିସକଳକୁ ଉପଯୁକ୍ତ ପ୍ରାଧାନ୍ୟ ଦେଇ ଲେଖାଯାଇଥିବା ସାହିତ୍ୟ-ଇତିହାସ ଅନେକାଂଶରେ ସଫଳ। ଗଙ୍ଗାଧରଙ୍କ ଭଳି ଜଣେ ପ୍ରତିଭାବାନ୍ ଓ ମହାନ୍ ଲେଖକ ପ୍ରଥମ ଜୀବନରେ କିଭଳି ସାହିତ୍ୟର ସୀମାବଦ୍ଧ କ୍ଷେତ୍ରରେ ପ୍ରବେଶାଧିକାର ପାଇଛନ୍ତି ତଥା କିଭଳି ଧୀରେ ଧୀରେ ଜୀବଦ୍ଦଶାରେ ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବିରୂପେ ନିଜକୁ ପ୍ରତିଷ୍ଠା କରିଛନ୍ତି— ସେ କାହାଣୀ ଏ ପର୍ଯ୍ୟନ୍ତ ବସ୍ତୁନିଷ୍ଠ ରୂପେ ଉପସ୍ଥାପିତ ହୋଇନାହିଁ। ଏପରିକି ମୃତ୍ୟୁପରେ ତାଙ୍କର କବି-ଖ୍ୟାତି ହଠାତ୍ ଲମ୍ଫ ଦେଇ ଶୀର୍ଷସ୍ଥାନରେ ପହଞ୍ଚିଛି— ତାହା ମଧ୍ୟ ନୁହେଁ। ସେଥିପାଇଁ ତାଙ୍କର ଅନୁରାଗୀମାନଙ୍କୁ ବହୁ ପ୍ରତିକୂଳ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି। ବିଭିନ୍ନ ଆନୁଷ୍ଠାନିକ ଚାପ ସେଥିରେ ସହଯୋଗ କରିଛି। ଗଙ୍ଗାଧର ସାହିତ୍ୟ ଓ ବ୍ୟକ୍ତିତ୍ୱ ଆଲୋଚନା କଲାବେଳେ ଏହି ସମସ୍ତ ଦିଗ ପ୍ରାୟତଃ ଉପେକ୍ଷିତ। ଫଳରେ ଗଙ୍ଗାଧରଙ୍କୁ ନେଇ ଲେଖାଯାଇଥିବା ଇତିହାସ ଅନେକାଂଶରେ ପ୍ରାଣହୀନ, ଅବାସ୍ତବ ଓ କୃତ୍ରିମ। ଗଙ୍ଗାଧର ସାହିତ୍ୟର ଏହି କେତେକ ଉପେକ୍ଷିତ ଦିଗର ବିଶ୍ଳେଷଣ ବକ୍ଷ୍ୟମାଣ ଆଲୋଚନାର ଲକ୍ଷ୍ୟ। ଏଭଳି ଆଲୋଚନାକୁ ଠିକ୍ ସାହିତ୍ୟିକ ବା ନାନ୍ଦନିକ-ବିଶ୍ଳେଷଣ କୁହାଯାଇପାରିବ ନାହିଁ— ସାହିତ୍ୟର ସମାଜତାତ୍ତ୍ୱିକ ଅଧ୍ୟୟନର ଏହା ଅନ୍ତର୍ଭୁକ୍ତ। ଆମର ଇତିହାସବୋଧ କେବଳ କଞ୍ଚା ନୁହେଁ, ସେଥିପାଇଁ ଆମର ସାହିତ୍ୟବୋଧ କେତେ ଅପରିପକ୍ୱ— ଗଙ୍ଗାଧର ସାହିତ୍ୟର ଏଭଳି ଅଧ୍ୟୟନ ତାହା ଆମକୁ ସଚେତନ କରେ।

ଗଙ୍ଗାଧର ସାହିତ୍ୟର ସମାଜତାତ୍ତ୍ୱିକ ବିଶ୍ଳେଷଣ ପଥକୁ ସୁଗମ କରିବାପାଇଁ ବକ୍ଷ୍ୟମାଣ ଆଲୋଚନାରେ କେତେକ ତଥ୍ୟ, ସମସାମୟିକ ଦଲିଲ ବା ବିବୃତି ଉପରେ ଗୁରୁତ୍ୱ ଆରୋପିତ। ଏସବୁକୁ ଏଠାରେ ପ୍ରଥମଥର ପାଇଁ ଉପସ୍ଥାପନ

କରାଯାଇଛି, ତାହା ନୁହେଁ। ସେଗୁଡ଼ିକର ତାତ୍ପର୍ଯ୍ୟ-ବିଶ୍ଳେଷଣ ଓ ସମକାଳୀନ ପ୍ରେକ୍ଷାପଟରେ ସେସବୁର ସତ୍ୟତା ପରୀକ୍ଷଣ ଏହି ଆଲୋଚନା ପ୍ରବନ୍ଧଗୁଡ଼ିକର ବୈଶିଷ୍ଟ୍ୟ। ପ୍ରତ୍ୟେକ ଦଲିଲ୍ ବା ବିବୃତି ସବୁକିଛି କହି ନଥାଏ। ଏଥିରେ କେତେକ କଥା କୁହାଯାଇଥାଏ, ପୁଣି କେତେକ ବିଷୟକୁ ଜାଣିଶୁଣି କୁହାଯାଇ ନଥାଏ ଓ ଅନ୍ୟ କେତେକ ଆବଶ୍ୟକ ବିଷୟରେ ତାହା ଆଦୌ ସଚେତନ ନଥାଏ। କେତେକ ଆଲୋଚକ ପ୍ରତ୍ୟେକ ଦଲିଲ୍‌ରେ ଥିବା ସୂତ୍ରକୁ already-said, not-said, never-said ଏଭଳି ତିନୋଟି ପର୍ଯ୍ୟାୟରେ ବିଭକ୍ତ କରିଥାନ୍ତି। ଦ୍ୱିତୀୟଭାଗର ସମସ୍ତ ଆଲୋଚନାଗୁଡ଼ିକ ପ୍ରାମାଣିକ-ତଥ୍ୟ ରୂପେ ଗୃହୀତ ଏହି ଦଲିଲ୍‌ଗୁଡ଼ିକର ଉପରୋକ୍ତ ତିନୋଟି ପର୍ଯ୍ୟାୟ ଉଦ୍‌ଘାଟନ କରିପାରିନାହିଁ। ତେବେ କୌଣସି ଦଲିଲ୍, ବିବୃତିକୁ ସର୍ବ-ପ୍ରମାଣ୍ୟ ବୋଲି ମଧ୍ୟ ଗ୍ରହଣ କରାଯାଇନାହିଁ। ପରବର୍ତ୍ତୀ ଗବେଷକମାନଙ୍କୁ ଏସବୁର ସ୍ଥିତି ସମ୍ପର୍କରେ ସଚେତନ କରିବାପାଇଁ କେତେକ ସ୍ଥଳରେ ସେ ସବୁକୁ ଅବିକଳ ଉଦ୍ଧାର କରାଯାଇଛି। କାରଣ ଐତିହାସିକ-ଗୁରୁତ୍ୱ ସମ୍ପନ୍ନ ଦଲିଲ୍/ବିବୃତି ଗୁଡ଼ିକ କେବଳ ଦଲିଲ୍/ବିବୃତି ନୁହେଁ—ତାହା ଇତିହାସର ଗୋଟିଏ ଐଶ୍ୱର୍ଯ୍ୟ ସ୍ତମ୍ଭ। ଏହି ଉପାଦାନ ସକଳ ଗଙ୍ଗାଧର ସାହିତ୍ୟର ଐତିହାସିକ-ବ୍ୟାଖ୍ୟାରେ କେତେଦୂର ସହଯୋଗ କରିପାରେ, ତାହାର ବିଚାର ପରବର୍ତ୍ତୀକାଳର ଦୃଷ୍ଟିଭଙ୍ଗୀ ଉପରେ ନିର୍ଭରଶୀଳ। ଏହି ପରବର୍ତ୍ତୀ ସମୟ ଓ ମୂଲ୍ୟାୟନ-ପଦ୍ଧତି ଉପରେ ବିଶ୍ୱାସ-ସ୍ଥାପନ କରି ଏଥିରେ ସଂଯୋଜିତ ପ୍ରବନ୍ଧଗୁଡ଼ିକ ରଚିତ। କୌଣସି ସମର୍ଥ ଗବେଷକ ଓ ଆଲୋଚକଙ୍କୁ ନୂଆ ରାହା ଦେଖାଇ ପାରିଲେ ହିଁ ଏଗୁଡ଼ିକ ସାର୍ଥକତା ଲାଭ କରିବ।

□ □ □

# 'ଲୁଟିଲେ କି ଚମ୍ପୁକବି ବଳଦେବ ରଥ'

## ॥ ଏକ ॥

ଓଡ଼ିଆ ସାହିତ୍ୟରେ ପଲ୍ଲୀକବି ଭାବରେ ପରିଚିତ ନନ୍ଦକିଶୋରଙ୍କର ଗଙ୍ଗାଧରଙ୍କ ସଂପର୍କରେ ଗୋଟିଏ କବିତା ରହିଛି— 'ଇନ୍ଦୁମତୀ କାବ୍ୟ ପ୍ରଣେତା ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି'। କବିତାଟି ପ୍ରଜାବନ୍ଧୁ ପତ୍ରିକାରେ ୧୯୦୩-୦୪ ମସିହା ଆଡ଼କୁ ପ୍ରକାଶିତ। ଏଇଟି ଦୁଇଜଣ ସମକାଳୀନ କବିଙ୍କ ମଧ୍ୟରୁ ଜଣଙ୍କ ପ୍ରତି ଅନ୍ୟଜଣଙ୍କର ଶ୍ରଦ୍ଧାନିବେଦନ। ନନ୍ଦକିଶୋରଙ୍କର ଏଇ କବିତା ପରେ 'ଇନ୍ଦୁମତୀ'ର ଦ୍ୱିତୀୟ ତଥା ପରବର୍ତ୍ତୀ ସଂସ୍କରଣରେ ସଂଯୋଜିତ ଓ ବହୁ ପ୍ରଚାରିତ। ଗଙ୍ଗାଧରଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱ ନେଇ ଓଡ଼ିଶାର ପାଠକ ସମାଜରେ ଯେଉଁ ଧାରଣା ପ୍ରତିଷ୍ଠିତ, ସେହି ଧାରଣା ସୃଷ୍ଟି କରିବାରେ ଏହି କବିତାଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କବିତାଟିକୁ କେତେଜଣ ପାଠକ ଓ ସମୀକ୍ଷକ ଯଥାର୍ଥ ଭାବରେ ବୁଝିଛନ୍ତି— ସେଥିନେଇ ସନ୍ଦେହ ଆସେ। କାରଣ କବିତାଟିର ଶେଷ ଦୁଇଧାଡ଼ି— 'ଯେତେ ଲୋଟାଇଲେ ନ ଲୁଟଇ ଅଗ୍ନି ସତ୍ୟ, ଲୁଟିଲେ କି ଚମ୍ପୁକବି ବଳଦେବ ରଥ'ର ତାତ୍ପର୍ଯ୍ୟ ମେହେର ଜୀବନ ଓ ସାହିତ୍ୟର କୌଣସି ବ୍ୟାଖ୍ୟାକାର ଯଥାର୍ଥ ଭାବରେ ଉପସ୍ଥାପନ କରିନାହାନ୍ତି। ଅଧା ବୁଝିବା ଫଳରେ କବିତାଟି ଗଙ୍ଗାଧରଙ୍କୁ ନେଇ କେବଳ ନୁହେଁ, ବଳଦେବଙ୍କୁ ନେଇ ନାନା ମିଥ୍ ସୃଷ୍ଟି କରିବାରେ ସହାୟକ ହୋଇଛି।

ନନ୍ଦକିଶୋରଙ୍କ କବିତାଟିରେ ମୁଖ୍ୟତଃ ବାରୋଟି ଭାଗ ରହିଛି। ପ୍ରଥମରୁ ସେ ସ୍ପଷ୍ଟ କରି ଦେଇଛନ୍ତି ଯେ, ଗଙ୍ଗାଧରଙ୍କ ସହ ତାଙ୍କର ପରିଚିତି ଇନ୍ଦୁମତୀ କାବ୍ୟ ମଧ୍ୟ ଦେଇ। ଗଙ୍ଗାଧରଙ୍କର ସେ ସମୟକୁ ପ୍ରକାଶିତ ହୋଇଥିବା ଛୋଟବଡ଼ କାବ୍ୟ ସଂପର୍କରେ ହୁଏତ ସେ ଆସିନାହାନ୍ତି। କେବଳ ଏହି ଖଣ୍ଡିଏ କାବ୍ୟ ନନ୍ଦକିଶୋରଙ୍କ ହୃଦୟ-ସିଂହାସନରେ ଗଙ୍ଗାଧରଙ୍କୁ ଅଧିଷ୍ଠିତ କରିଛି— କାଳିଦାସଙ୍କର ଅନ୍ୟତମ ଅନ୍ତେବାସୀ ଭାବରେ ଗଙ୍ଗାଧର ନନ୍ଦକିଶୋରଙ୍କ ଦ୍ୱାରା ଅଭିହିତ ହୋଇଛନ୍ତି। ଗଙ୍ଗାଧରଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ତାଙ୍କର ଅନ୍ୟାନ୍ୟ ଧାରଣା 'ଶୁଣାକଥା' ଉପରେ ପର୍ଯ୍ୟବସିତ। ସମକାଳୀନମାନଙ୍କ ଠାରୁ ସେ ଗଙ୍ଗାଧରଙ୍କ ଦାରିଦ୍ର୍ୟ ଓ ଅତ୍ୟାଚାରିତ (ଶୋଷିତ?) ଜୀବନର କାହାଣୀ ଶୁଣି ତାଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ପଡ଼ିଛନ୍ତି। କିନ୍ତୁ ନନ୍ଦକିଶୋରଙ୍କର ହୃଦ୍‌ବୋଧ ହୋଇଛି ଯେ ଦାରିଦ୍ର୍ୟ ପ୍ରତିଭାନାଶକ ନୁହେଁ— ଜୀବନରେ ଆସୁଥିବା ନାନା ପ୍ରତିବନ୍ଧକ କବିତ୍ୱ ପାଇଁ ଏକ କଷଟି ପଥର। ଗଙ୍ଗାଧରଙ୍କୁ ଯେଉଁମାନେ ଶୋଷଣ କରୁଛନ୍ତି, ସେମାନେ (ରାଜା ଓ ଜମିଦାରଗଣ) ଭିକ୍ଷୁକମାନଙ୍କ ସହ ପୃଥିବୀରୁ

ଅନୁଦିତ ହେବେ, କିନ୍ତୁ କବି ହେବେନାହିଁ। କବିର କବିତ୍ୱ ପ୍ରତିକୂଳତାର ପାଉଁଶଗଦା ତଳେ ସହଜରେ ଢାକି ଯାଏନାହିଁ। କବିର କବିତା ଅନ୍ୟ ନାମରେ ପ୍ରକାଶିତ ହେଲେ କବି ମରିଯାଏ ନାହିଁ। ସେଇ କବିତା ପୁଣି କବିଙ୍କୁ ଲୋକଲୋଚନକୁ ନେଇଆସେ। ବଳଦେବଙ୍କ ଚମ୍ପୂ ଆଠଗଡ଼ ରାଜାଙ୍କ ନାମରେ ଭଣିତ। ପରକାଳରେ ଆଠଗଡ଼ର ରାଜା ଲୁଚି ଯାଇଛନ୍ତି, କିନ୍ତୁ ଚମ୍ପୂର ଯେ ପ୍ରକୃତ ସ୍ରଷ୍ଟା ବଳଦେବ, ଏହା ସୂର୍ଯ୍ୟାଲୋକ ଭଳି ବିନା ଦ୍ୱନ୍ଦ୍ୱ ଓ ଦ୍ୱିଧାରେ ଗୃହୀତ। ଠିକ୍ ସେହିଭଳି ଗଙ୍ଗାଧରଙ୍କ କାବ୍ୟ ଯାହା ନାଆଁରେ ଭଣିତ ବା ପ୍ରକାଶିତ ହେଉନା କାହିଁକି, ତାହା ଯେ ଗଙ୍ଗାଧରଙ୍କର, ଏ ସତ୍ୟ କେବେ ଲୁଚିଯିବ ନାହିଁ। ଗଙ୍ଗାଧରଙ୍କ ଜୀବନରେ କବିତ୍ୱ ଓ ଦାରିଦ୍ର୍ୟର ଯେଉଁ ଦୁଃଖଦ ସହବନ୍ଧନ ଘଟିଛି, ତାକୁ ଗ୍ରହଣ କରିନେଇ ଇନ୍ଦୁମତୀ ଭଳି କାବ୍ୟ ରଚନା କରିବାକୁ ଗଙ୍ଗାଧରଙ୍କୁ ନନ୍ଦକିଶୋର ଉପଦେଶ ଦେଇଛନ୍ତି।

ଗଙ୍ଗାଧରଙ୍କ କାବ୍ୟଗୁଡ଼ିକ ମଧ୍ୟରେ ଏକଦା ଇନ୍ଦୁମତୀ ଥିଲା ସର୍ବାଧିକ ପ୍ରଚାରିତ। ଇନ୍ଦୁମତୀର ଦ୍ୱିତୀୟ ଓ ପରବର୍ତ୍ତୀ ସଂସ୍କରଣରେ କବିତାଟି ସଂଯୁକ୍ତ ହୋଇଥିବାରୁ ଗଙ୍ଗାଧରଙ୍କର କବି-ପ୍ରସିଦ୍ଧି ସହ ଦାରିଦ୍ର୍ୟ ମଧ୍ୟ ବହୁଳ ପ୍ରଚାରିତ। ରାଧାନାଥଙ୍କର ବିଭିନ୍ନ ଉକ୍ତି, ଗଙ୍ଗାଧରଙ୍କ ବିନୟୋକ୍ତି ଏହି ପ୍ରଚାରକୁ ପାଠକ ମାନସରେ ଅଧିକ ପ୍ରତିଷ୍ଠିତ ଓ ବଦ୍ଧମୂଳ କରିଛି। କୀଚକ ବଧର ଗ୍ରନ୍ଥ-ପ୍ରବେଶ ଆକାରରେ ସଂଯୋଜିତ ମନ୍ତବ୍ୟରେ ରାଧାନାଥ ଗଙ୍ଗାଧରଙ୍କ ସଂପର୍କରେ କହିଛନ୍ତି: 'ଗଙ୍ଗାଧରଙ୍କ ଦୁର୍ଭାଗ୍ୟ ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛନ୍ତି। ଅନନ୍ତ ସୌନ୍ଦର୍ଯ୍ୟଭାଷିଣୀ ପ୍ରକୃତି ଦେବୀ ଏବଂ ପ୍ରକୃତି ଦେବୀଙ୍କର ପଦ ପୁରୋହିତ ବ୍ୟାସ, ବାଲ୍ମୀକି ଯାହାଙ୍କ କଳ୍ପନାର ଚିର ସହଚର, ଦୁସ୍ତର ଉଦରପୂର୍ତ୍ତି ସକାଶେ ଏକୁଆଳ, ଏକପଦିଆ, ଭେଆଣ, ଓଆଡ଼ିଆ ପ୍ରଭୃତିର ଜଟିଳ ସମସ୍ୟା ସମାଧାନ ତାହାଙ୍କର ବାସ୍ତବ ଜୀବନର ପ୍ରଧାନ ବ୍ୟବସାୟ ହୋଇଅଛି।' (ମନ୍ତବ୍ୟ – କୀଚକବଧ) ରାଧାନାଥଙ୍କ ମନ୍ତବ୍ୟ ସହିତ ସହଯୋଗ କରିଛି ଗଙ୍ଗାଧରଙ୍କ ନିଜସ୍ୱ ଉକ୍ତି: 'ଦରିଦ୍ରତା ପଙ୍କେ ପୂର୍ଣ୍ଣ ମୋ ଜୀବନ ସର।' (ତପସ୍ୱିନୀ)

ସୁସମାଲୋଚକ ସଚ୍ଚିଦାନନ୍ଦ ମିଶ୍ରଙ୍କ ଗବେଷଣା ଓ ବସ୍ତୁନିଷ୍ଠ ଅଧ୍ୟୟନ ଫଳରେ ସାଂପ୍ରତିକ କାଳରେ ବଳଦେବ ରଥଙ୍କ ଜୀବନୀ ଅପେକ୍ଷାକୃତ ସ୍ୱଚ୍ଛ ହୋଇଥିଲେହେଁ ଏକଦା ବଳଦେବ ରଥଙ୍କ ଜୀବନ ଓ କବିତ୍ୱ ଅତିକଥା ଓ କିମ୍ବଦନ୍ତୀର ଗହ୍ୱର ଥିଲା। ଦାରିଦ୍ର୍ୟ, ଦୈବୀକୃପା ଓ ରାଜାନୁଗ୍ରହ ଉପରେ ଯେଭଳି ଆଶ୍ରିତ ଥିଲା ବଳଦେବଙ୍କ କବି ଜୀବନ। କବିସୂର୍ଯ୍ୟ ଅବଶ୍ୟ ବିଭିନ୍ନ ସାମନ୍ତ ଓ ରାଜନ୍ୟବର୍ଗଙ୍କ ଅଧୀନରେ ଚାକିରୀ କରିଛନ୍ତି, କିନ୍ତୁ କବି ବା ପାରିଷଦ ଭାବରେ ନୁହେଁ— ପ୍ରଶାସକ ଭାବରେ। କିନ୍ତୁ ରାଧାନାଥଙ୍କ ଭଳି କବିମାନେ ଗ୍ରହଣ କରି ନେଇଛନ୍ତି ଯେ, ଭୂସ୍ୱାମୀମାନଙ୍କର ସହଯୋଗ ଫଳରେ ବଳଦେବ ଏକ ନିଶ୍ଚିନ୍ତ ସଭାକବି-ଜୀବନ ଅତିବାହିତ କରିଛନ୍ତି। ସେଥିପାଇଁ ସେ କିଛି ପରିମାଣରେ ରାଧାନାଥଙ୍କ ଈର୍ଷାର ଶରବ୍ୟ ହୋଇଛନ୍ତି ଚିଲିକା କାବ୍ୟରେ:

"ଭାଗ୍ୟବାନ୍ ସେହି ତାଙ୍କ କୁମର
କବି ବଳଦେବ, ଭଣନ୍ତି ବୀରବରେ।"

ପୂର୍ବ ଧାରଣା ଅନୁସାରେ ରାଜାନୁଗ୍ରହ ପାଇବା ଆଶାରେ ଓ ସାଂସାରିକ ବାଧବାଧକତା ହେତୁ ବଳଦେବ ତାଙ୍କର ବହୁ କବିତାକୁ ତାଙ୍କର ପୃଷ୍ଠପୋଷକଙ୍କ ନାମରେ ଭଣିତା କରିଛନ୍ତି। ତାଙ୍କର ଶ୍ରେଷ୍ଠକୃତି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ଏହାର ଦୃଷ୍ଟାନ୍ତ। କବିସୂର୍ଯ୍ୟ ପର ଜୀବନରେ କିଛି ଆର୍ଥିକ ସମୃଦ୍ଧି ଉପଭୋଗ କରିଥିଲେ ବି ଏଥିପାଇଁ ତାଙ୍କୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡ଼ିଛି। କବିସୂର୍ଯ୍ୟଙ୍କୁ ନେଇ ଯେଉଁ ଅତିକଥା ଗଢ଼ିଉଠିଛି, ତାହାର ଦୁଇଗୋଟି ମୌଳିକ ଭିତ୍ତି: ଦାରିଦ୍ର୍ୟ ହେତୁ ରାଜାନୁକମ୍ପା ପ୍ରାର୍ଥନା ଓ ରାଜାନୁଗ୍ରହ ପାଇଁ କୃତି-ସମର୍ପଣ। କବିସୂର୍ଯ୍ୟଙ୍କ ଜୀବନୀ ସମ୍ପର୍କିତ ଏଭଳି ଧାରଣା କିଭଳି ଅମୂଳକ, ତାହା ପ୍ରମାଣ କରି ଶ୍ରୀ ମିଶ୍ର ଲେଖିଛନ୍ତି: "ବଳଦେବ ରଥ କବିତ୍ୱକୁ ବେଉସା କରି ନ ଥିଲେ, ତାଙ୍କର ଅନ୍ୟ ଜୀବନୋପାୟ ଥିଲା। ସଭାକବି ଭାବେ ଭରଣପୋଷଣ ସମ୍ପର୍କରେ ଚିନ୍ତାଶୂନ୍ୟ ହେବା ସମ୍ଭବ ହେଲେ ମଧ୍ୟ ସେ କେବଳ ସଭାକବି ହୋଇ ରହିନାହାନ୍ତି। ଜଳନ୍ତର ଓ ଆଠଗଡ଼ ରାଜ୍ୟଗୁଡ଼ିକରେ ଦେବାନଗିରି ଓ ମେନେଜରି, ପାରଳାଖେମୁଣ୍ଡିର ଆଡ଼ବାୟା ରାଜକୁମାରଙ୍କର ଅଭିଭାବକତ୍ୱ ଆଦି ପଦରେ କର୍ତ୍ତବ୍ୟ ସମ୍ପାଦନ କରି ସେ ସ୍ୱଚ୍ଛନ୍ଦରେ ଚଳିପାରିଛନ୍ତି। ଅନ୍ୟାନ୍ୟ ଗୁଣ ସାଙ୍ଗକୁ ବଳଦେବ ରଥଙ୍କର ପ୍ରଶାସନିକ ଦକ୍ଷତା ରହିଥିଲା। ସାହିତ୍ୟର ପୃଷ୍ଠପୋଷଣ ସହ ସମ୍ପର୍କହୀନ ଇଂରାଜୀ କମ୍ପାନୀ ସରକାର ମଧ୍ୟ ତାହାଙ୍କ ଦକ୍ଷତାର ସ୍ୱୀକୃତି ଦେଇଥିଲା ମହୁରି ରାଜ୍ୟର ମେନେଜର ଭାବେ ତାଙ୍କୁ ନିଯୁକ୍ତ କରି। ସେହି ସମୟର ଅନ୍ୟାନ୍ୟ ରାଜ୍ୟର ଅସାହିତ୍ୟିକ ଦେବାନ୍‌ମାନେ ମଧ୍ୟ ଅର୍ଥ ଓ ସମ୍ମାନର ପ୍ରାଚୁର୍ଯ୍ୟ ଭୋଗ କରୁଥିଲେ ଏବଂ ବଳଦେବଙ୍କର ଅନୁରୂପ ପ୍ରାଚୁର୍ଯ୍ୟ ପ୍ରାପ୍ୟ ଥିଲା।" (ବଳଦେବ ରଥ ଅଧ୍ୟୟନ, ପୃ. ୮-୯)। କିନ୍ତୁ ରାଧାନାଥ ଓ ନନ୍ଦକିଶୋରଙ୍କ ଧାରଣାରେ ବଳଦେବଙ୍କ ବ୍ୟକ୍ତିଗତ ଆବଶ୍ୟକତା ପାଇଁ ରାଜାନୁଗ୍ରହ ପ୍ରାର୍ଥନା ଓ କୃତି-ସମର୍ପଣ ସମୀକୃତ ହୋଇଛି। ଏହି ପରିଚିତ କବିତାରେ ବଳଦେବଙ୍କ ସଂପର୍କିତ ସେହି ଧାରଣା ଗଙ୍ଗାଧରଙ୍କ ଉପରେ ସିଧାସଳଖ ଆରୋପିତ। ନନ୍ଦକିଶୋରଙ୍କ ଦୃଷ୍ଟିରେ ଗଙ୍ଗାଧର ବଳଦେବଙ୍କ ପରି ଅନ୍ନଦାତାଙ୍କ ନାମରେ କୃତି-ସମର୍ପଣ କରିଛନ୍ତି। ଦାରିଦ୍ର୍ୟ ଏହାର କାରଣ। ପରବର୍ତ୍ତୀକାଳର ସାହିତ୍ୟ ଆଲୋଚନାରେ ଓ ଗଙ୍ଗାଧରଙ୍କ ଜୀବନ-ସମୀକ୍ଷାରେ କୃତି-ସମର୍ପଣ ପ୍ରସଙ୍ଗ ବାଦ୍ ଯାଇ କେବଳ ଦାରିଦ୍ର୍ୟ ପ୍ରସଙ୍ଗ ବାରମ୍ବାର ଉତ୍ଥାପିତ। ନନ୍ଦକିଶୋର ଯେଉଁ କାର୍ଯ୍ୟର କାରଣ ରୂପେ ଗଙ୍ଗାଧରଙ୍କ ଦାରିଦ୍ର୍ୟକୁ ଚିହ୍ନିତ କରିଥିଲେ, ସେହି କାର୍ଯ୍ୟଟିକୁ ବିସ୍ମୃତ ହୋଇ କଳ୍ପିତ କାରଣ ଉପରେ ଗଙ୍ଗାଧରଙ୍କ ଅଧିକାଂଶ ଜୀବନୀକାର (ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ବ୍ୟତୀତ) ଚର୍ବିତ ଚର୍ବଣ କରିଛନ୍ତି। କବିସୂର୍ଯ୍ୟଙ୍କୁ ନେଇ ଗଢ଼ି ଉଠିଥିବା ମିଥ୍‌କୁ ସତ୍ୟରୂପେ ଗ୍ରହଣ କରି ନନ୍ଦକିଶୋର ଗଙ୍ଗାଧରଙ୍କ ଉପରେ ଆରୋପ କରିବା ଫଳରେ ଗଙ୍ଗାଧରଙ୍କୁ ନେଇ

ନାନା ଅତିକଥା ଗଢ଼ି ଉଠିଛି— ଯାହା ଫଳରେ ଆଧୁନିକ ଯୁଗରେ ଆଧୁନିକ ମନ ଓ ଦୃଷ୍ଟିଭଙ୍ଗୀ ନେଇ ଜନ୍ମ ହୋଇଥିବା କବିଙ୍କ ପ୍ରତିଭାକୁ ଆମେ ପୁରୁଣା କଳଙ୍କିଧରା ମାନ ନେଇ ବିଚାର କରିଛୁ।

॥ ଦୁଇ ॥

ବରପାଲିର ଜମିଦାର ଲାଲ ନୃପରାଜ ସିଂହଦେବଙ୍କୁ ଗଙ୍ଗାଧର ଅମର କରିଯାଇଅଛନ୍ତି। 'କୁସୁମ ପରଶରେ ପଙ୍କ ନିଶ୍ଚରେ' ନ୍ୟାୟରେ ଗଙ୍ଗାଧରଙ୍କ ଜୀବନୀ ସହ ସଂପୃକ୍ତି ହେତୁ ନୃପରାଜ ସିଂହ ଏବେ ସ୍ମରଣର ସାମଗ୍ରୀ। ଗଙ୍ଗାଧର ମଧ୍ୟ ନୃପରାଜ ସିଂହଙ୍କ ଜୀବନୀ ରଚନା କରିଯାଇ ଅଛନ୍ତି। ୧୯୦୫ ମସିହାରେ ପ୍ରକାଶିତ ଜୀବନୀ ପୁସ୍ତିକା 'ଶ୍ରୀ ନୃପରାଜ ସିଂହ'ରେ (୧) ଗଙ୍ଗାଧର ନୃପରାଜ ସିଂହଙ୍କ କୃତିତ୍ୱ ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଆଲୋଚନା କଲା ପରେ ତାଙ୍କ ସାହିତ୍ୟ-କୀର୍ତ୍ତି ଓ ସାହିତ୍ୟ-ପ୍ରୀତିର ପରିଚୟ ଦେଇଅଛନ୍ତି: "ନୃପରାଜସିଂହ ଉଚ୍ଚଶିକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ ହେଁ ଉତ୍କଳ ସାହିତ୍ୟ ରସିକତା ଦ୍ୱାରା ସାହିତ୍ୟ ରାଜ୍ୟରେ ଆସନ ସ୍ଥାପନ କରିଅଛନ୍ତି। ତାହାଙ୍କର କୃତ 'ବଳରାମ ଦେବ' ଓ 'ଆମୋଦ' ପୁସ୍ତକଦ୍ୱୟ ତାହାଙ୍କର ଉଭୟ ବାହୁ ଧରି ସେହି ଆସନରେ ତାଙ୍କୁ ଆଦରର ସହିତ ବସାଇଦେବେ। ଏତଦ୍‌ବ୍ୟତୀତ ଉତ୍କଳ ସାହିତ୍ୟ ପତ୍ରରେ ନୃପରାଜ ସିଂହଙ୍କର କେତୋଟି କବିତା ପ୍ରକାଶିତ ହୋଇଅଛି। ସେ ଲେଖକମାନଙ୍କୁ ମଧ୍ୟ ପୁରସ୍କାରାଦି ଦେଇ ଉତ୍ସାହିତ କରିଥାଆନ୍ତି। ହିତୈଷିଣୀ ସମ୍ପାଦନ ଏବଂ ବିବିଧ ପୁସ୍ତକ ପ୍ରଣୟନ ହେତୁ ଅତ୍ୟନ୍ତ ପ୍ରୀତ ହୋଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ଏବଂ ସ୍ଥାନୀୟ ଲେଖକଙ୍କର ଉତ୍ସାହ ବୃଦ୍ଧି ନିମନ୍ତେ ଏହି ପୁସ୍ତକର ଲେଖକଙ୍କୁ ନୃପରାଜ ସିଂହ ଯଥେଷ୍ଟ ସାହାଯ୍ୟ କରି ରାଜୋଚିତ ଗ୍ରାହକତାର ପରିଚୟ ପ୍ରଦାନ କରିଅଛନ୍ତି।" (ଗଙ୍ଗାଧର ଗ୍ରନ୍ଥାବଳୀ, ୧୯୭୭; ପୃ. ୪୬୨)। ଗଙ୍ଗାଧର ସରକାରୀ ଚାକିରୀରୁ ସାମୟିକ ଛୁଟି ନେଇ ଆସିଥିଲାବେଳେ, ଏହି ଜୀବନୀ ପୁସ୍ତକ ଲେଖିଥିବାରୁ, ଏହାର ରଚନା ପଶ୍ଚାତ୍‌ରେ ଜମିଦାରଙ୍କ ନିର୍ଦ୍ଦେଶ ଥିବା ଅନୁମେୟ।

ଗଙ୍ଗାଧର ନୃପରାଜ ସିଂହଙ୍କ ନାମରେ ପ୍ରକାଶିତ ଦୁଇଟି କାବ୍ୟ ବା ଦୀର୍ଘ କବିତାର ନାମ ପ୍ରକାଶ କରିଥିଲେ ହେଁ, କ୍ଷୁଦ୍ର କବିତାଗୁଡ଼ିକର ସଂଖ୍ୟା ଓ ଶୀର୍ଷକ ସମ୍ବନ୍ଧରେ କୌଣସି ସୂଚନା ଦେଇ ନାହାନ୍ତି। ଏଗୁଡ଼ିକର ପ୍ରକାଶକାଳ ସମ୍ପର୍କିତ କୌଣସି ସମ୍ବାଦ ମଧ୍ୟ ଗଙ୍ଗାଧରଙ୍କ ବକ୍ତବ୍ୟରୁ ମିଳେନାହିଁ। ଠିକ୍ ସେହିଭଳି ଗଙ୍ଗାଧରଙ୍କୁ ନୃପରାଜ ସିଂହ କିଭଳି ପୁରସ୍କୃତ କରିଛନ୍ତି, ତା'ର ସୂଚନା ମଧ୍ୟ ଏଥିରେ ନାହିଁ। ଜଣେ ଅନୁଗୃହୀତ ବଶମ୍ବଦର ରଚନା ଭାବରେ 'ଶ୍ରୀ ନୃପରାଜ ସିଂହ' କଳ୍ପିତ ହୋଇଥିବାରୁ ଏଥିରେ ଜମିଦାରଙ୍କ ଚରିତ୍ର ଉଜ୍ଜ୍ୱଳ ବର୍ଣ୍ଣରେ ଚିତ୍ରିତ। ଏହାକୁ ଗଙ୍ଗାଧରଙ୍କ ଆନୁଗତ୍ୟର ଏକ 'ଦଲିଲ୍' କୁହାଯାଇପାରେ। କିନ୍ତୁ ଏହି ଦଲିଲ୍‌କୁ ଖୁବ୍ ବିଶ୍ୱାସଯୋଗ୍ୟ

କରିବାକୁ ଯାଇ ଗଙ୍ଗାଧର ତଥ୍ୟକୁ ବିକୃତ କରିନାହାନ୍ତି। ଫଳରେ ନୃପରାଜ ସିଂହଙ୍କ ସାହିତ୍ୟ-କୃତି ଉପରେ ତାଙ୍କ ମନ୍ତବ୍ୟ ଅସ୍ପଷ୍ଟ ହୋଇଛି।

ଗଙ୍ଗାଧର କୌଣସି ସମୟରେ ନୃପରାଜ ସିଂହଙ୍କ ନାମରେ ପ୍ରକାଶିତ ରଚନାଗୁଡ଼ିକର ପିତୃତ୍ୱ ଦାବୀ ତ କରିନାହାନ୍ତି କେହି ତାଙ୍କୁ ଏ ରଚନାଗୁଡ଼ିକର ଲେଖକର ଗୌରବ ଦେଲେ ମଧ ତାହା ସ୍ପଷ୍ଟ ଭାବେ ଗ୍ରହଣ କରିନାହାନ୍ତି। କିନ୍ତୁ ତାଙ୍କର ସମକାଳୀନମାନେ ଏହି ରଚନାଗୁଡ଼ିକର ପ୍ରକୃତ ଲେଖକ ଯେ ଗଙ୍ଗାଧର, ଏକଥା ଜାଣିଥିଲେ। 'ବଳରାମ ଦେବ'ଙ୍କୁ ଗଙ୍ଗାଧର ରାଧାନାଥଙ୍କ ନିକଟକୁ ପଠେଇଥିଲେ, ପରିମାର୍ଜନ ଓ ମତାମତ ଲାଗି। ତା ୧୮।୩।୧୮୯୫ରିଖରେ ଲିଖିତ ଚିଠିରେ ରାଧାନାଥ 'ବଳରାମ ଦେବ' ଉପରେ ମନ୍ତବ୍ୟକ୍ତ କରି ଲେଖିଥିଲେ: "ବରପାଲି ଅଧୀଶ୍ୱରଙ୍କ ରଚନା ପାଠକରି ଅତ୍ୟନ୍ତ ପ୍ରୀତ ହେଲି। ବିଶେଷତଃ ସମଲାଈ ଦେବୀଙ୍କ ବର୍ଣ୍ଣନା ଉଚ୍ଚ କଳ୍ପନାର ପରିଚାୟକ ଅଟେ। ଆପଣଙ୍କ ଲେଖା ସହିତ ମହାରାଜଙ୍କ ରଚନାର ଅନେକ ସାଦୃଶ୍ୟ ଦେଖିଲି।" (କବିଲିପି, ପୃ. ୬୧) ଏହାର ଉତ୍ତରରେ ଗଙ୍ଗାଧର କ'ଣ ଲେଖିଥିଲେ ଜଣାନାହିଁ। କିନ୍ତୁ 'ବଳରାମ ଦେବ' ଯେ ଗଙ୍ଗାଧରଙ୍କର ରଚନା ଏହା ରାଧାନାଥ ଜାଣିପାରିଥିବା, ତାଙ୍କର ପରବର୍ତ୍ତୀ ଚିଠିରୁ (ତା୨୬।୩।୧୮୯୫ରିଖ) ସ୍ପଷ୍ଟ: "ପାଠ ମାତ୍ର ମୁଁ ପ୍ରକୃତ କଥା ତର୍କଣା କରିନେଇଅଛି। ତ୍ୟାଗ ସ୍ୱୀକାରର ଅନୁରୂପ ସତ୍କାର ଦେଖିଲେ ମୁଁ ପ୍ରୀତ ହେବି।" (ଏକ୍ସ, ପୃ. ୬୨)। ଠିକ୍ ସେହିଭଳି ଉତ୍କଳ ସାହିତ୍ୟରୁ 'ଆମୋଦ' କବିତା ପଢ଼ିଲା ପରେ ରାଧାନାଥ ଗଙ୍ଗାଧରଙ୍କୁ ଲେଖିଥିଲେ: "ଅଳ୍ପଦିନ ପୂର୍ବେ ରାମ ସୀତାଙ୍କର ଅରଣ୍ୟ ବିହାର ସମ୍ବନ୍ଧୀୟ କବିତା 'ଉତ୍କଳ ସାହିତ୍ୟ'ରେ ପଢ଼ୁ ପଢ଼ୁ ମୁଁ ଉଲ୍ଲସିତ ହୋଇ ଆପଣଙ୍କୁ ପୁନଃ ପୁନଃ ସ୍ମରଣ କରିଥିଲି। ଏବଂ ସେ ସମୟରେ ଆପଣଙ୍କୁ ଖଣ୍ଡିଏ ପତ୍ର ଲେଖି ମୋହୋର ଆହ୍ଲାଦ ଜଣାଇବି ବୋଲି ସଂକଳ୍ପ କରିଥିଲି।" (ଏକ୍ସ, ପୃ. ୬୯)। କେବଳ ରାଧାନାଥ ନୁହନ୍ତି, ସମ୍ବଲପୁର ହିତୈଷିଣୀର ସମ୍ପାଦକ ନୀଳମଣି ବିଦ୍ୟାରତ୍ନ ଓ ଉତ୍କଳ ସାହିତ୍ୟର ସମ୍ପାଦକ ବିଶ୍ୱନାଥ କର ନୃପରାଜ ସିଂହଙ୍କ ନାମରେ ପ୍ରକାଶିତ ରଚନାଗୁଡ଼ିକର ପ୍ରକୃତ ଲେଖକ କିଏ ତାହା ଭଲ ଭାବେ ଜାଣିଥିଲେ। ବିଦ୍ୟାରତ୍ନ ଗଙ୍ଗାଧର ଓ ନୃପରାଜ ସିଂହ, ଉଭୟଙ୍କ ସହିତ ଭଲଭାବେ ପରିଚିତ। ହିତୈଷିଣୀ ପୃଷ୍ଠାରେ ବରପାଲି ସମ୍ବାଦ ପ୍ରକାଶ କଲାବେଳେ ବା ନୃପରାଜ ସିଂହଙ୍କ ସମ୍ପର୍କରେ ଲେଖିଲାବେଳେ ସେ ସିଂହଙ୍କର ଲେଖକୀୟ-ପରିଚିତି ସମ୍ପର୍କରେ ନୀରବ ରହିଛନ୍ତି। 'ସମ୍ବଲପୁର ହିତୈଷିଣୀ'ରେ 'ବଳରାମ ଦେବ' କାବ୍ୟ ପ୍ରକାଶିତ ହେବାର କିଛି ମାସ ପରେ ସେଥିରେ ନୃପରାଜ ସିଂହଙ୍କ ସମ୍ପର୍କରେ ଏକ ଦୀର୍ଘ ପ୍ରଶଂସାପୂର୍ଣ୍ଣ ବିବରଣୀ ଉପସ୍ଥାପିତ ହୋଇଛି (୯।୨୨, ପୃ. ୮୫-୮୬)।– ଏହି ପ୍ରଶସ୍ତି-ସୂଚକ ରଚନାରେ ବିଦ୍ୟାରତ୍ନ ନୃପରାଜ ସିଂହଙ୍କ କବିତ୍ୱ ସମ୍ପର୍କରେ ମୌନ ରହିବାକୁ ଶ୍ରେୟସ୍କର ମଣିଛନ୍ତି। ସେହି ସମ୍ବାଦରେ ନୃପରାଜ ସିଂହଙ୍କୁ ଜଣେ ସାହିତ୍ୟରସିକ ଓ ଗୁଣଗ୍ରାହୀ ବୋଲି କେବଳ କୁହାଯାଇଛି: "ସେ ନିଜେ ଜଣେ

ସାହିତ୍ୟରସିକ ଏବଂ ଗୁଣଗ୍ରାହୀ ବ୍ୟକ୍ତି ଥିବାରୁ ଲେଖକମାନଙ୍କର ଉତ୍ସାହ ବର୍ଦ୍ଧନ ଏବଂ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କଳ୍ପେ ଦୁଇ ଶତ ଟଙ୍କା ବ୍ୟୟ କରିଅଛନ୍ତି।'' (ଏଜ୍ଞ, ପୃ. ୮୭)। 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ନୃପରାଜଙ୍କ ନାମରେ ପ୍ରକାଶିତ ବା ପ୍ରକାଶ ପାଇବାକୁଥିବା କବିତା ସମ୍ପର୍କରେ ବିଶ୍ୱନାଥ କର ଚିଠିପତ୍ର ଆଦାନ-ପ୍ରଦାନ କରିଛନ୍ତି ଗଙ୍ଗାଧରଙ୍କ ସହ। 'ତରୁତର' କବିତା ସମ୍ବନ୍ଧରେ ସେ ଗଙ୍ଗାଧରଙ୍କୁ ଲେଖିଛନ୍ତି : ''ତରୁତର କବିତାଟି ଗତ ସଂଖ୍ୟାରେ ପ୍ରକାଶିତ ହୋଇଅଛି।'' (ପିତୃ ପ୍ରସଙ୍ଗ, ପୃ. ୨୧୮)। ଏପରିକି ନୃପରାଜଙ୍କଠାରୁ ଉତ୍କଳ ସାହିତ୍ୟର ପ୍ରାପ୍ୟ ଦେୟ ନେଇ ସେ ଗଙ୍ଗାଧରଙ୍କୁ ହିଁ ଚିଠି ଲେଖିଛନ୍ତି: ''ବରପାଲୀ ଅଧୀଶ୍ୱର ଓ ଯୁବରାଜ ମୋର ପତ୍ରର ପ୍ରତ୍ୟୁତ୍ତର ଏ ପର୍ଯ୍ୟନ୍ତ କରିନାହାନ୍ତି।'' (ଏଜ୍ଞ, ପୃ. ୨୨୦)। ଏ ସମ୍ପର୍କରେ ଆଉ ଏକ କୌତୂହଳଜନକ ଦୃଷ୍ଟାନ୍ତ ରହିଛି। ଗଙ୍ଗାଧର ବା ନୃପରାଜଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିବା ପୂର୍ବରୁ ନୃପରାଜଙ୍କର ତଥାକଥିତ କବିତାବଳୀରେ ମୁଗ୍ଧ ହୋଇ ଫକୀରମୋହନ 'ଉତ୍କଳ ଭ୍ରମଣ'ର ଦ୍ୱିତୀୟ ସଂସ୍କରଣରେ ନୃପରାଜଙ୍କ ସମ୍ପର୍କରେ ଲେଖିଥିଲେ :

''ଭାଇ ନୃପରାଜ ସିଂହ ରାଜା ବରପାଲୀ
ନୃପର ସୁଖ୍ୟାତି କରୁନାହିଁ ଖାଲି ଖାଲି।
ପାଣ୍ଡିତ୍ୟକବିତ୍ୱ ଏଣେ ତେଣେ ରାଜଭୋଗ
ଏହାକୁ ବୋଲନ୍ତି ମଣିକାଞ୍ଚନର ଯୋଗ।
ପ୍ରଜାଙ୍କ ଉନ୍ନତିପାଇଁ କରୁଛ ଯତନ
ଏହା ସିନା ଅଟେ ରାଜଧର୍ମ ସନାତନ।''

କିନ୍ତୁ ଗଙ୍ଗାଧରଙ୍କ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଲାପରେ ଓ ବିଶ୍ୱନାଥ କର ପ୍ରମୁଖଙ୍କଠାରୁ ପ୍ରକୃତ ତଥ୍ୟ ପାଇଲାପରେ ନୃପରାଜଙ୍କ ଉଦ୍ଦେଶ୍ୟରେ ଥିବା ଏହି ପ୍ରଶଂସା-ବାକ୍ୟକୁ ଅକାରଣ ଓ ଅପାତ୍ର-ପ୍ରଦାନ ହେବ ବୋଲି ଫକୀର ମୋହନ 'ଉତ୍କଳ ଭ୍ରମଣ'ର ୧୯୧୬ ସଂସ୍କରଣରୁ ବାଦ୍ ଦେଇଥିଲେ (ସାମନ୍ତରାୟ ୧୯୭୨, ପୃ. ୯୩-୧୦୧। ବର୍ତ୍ତମାନ ଉପଲବ୍ଧ ଫକୀରମୋହନ ଗ୍ରନ୍ଥାବଳୀରେ ୧୯୧୬ ମସିହାର 'ଉତ୍କଳ ଭ୍ରମଣ' ସଂଯୋଜିତ। ଫଳରେ ସେଥିରେ ଉପରୋକ୍ତ ପଂକ୍ତିଦ୍ୱୟ ବାଦ ପଡ଼ିଛି। ଉପରୋକ୍ତ ପଂକ୍ତିଦ୍ୱୟ ଗଙ୍ଗାଧରଙ୍କ ଆଲୋଚିତ ପୁସ୍ତିକାରୁ ଗୃହୀତ।) ନନ୍ଦକିଶୋର ମଧ୍ୟ 'କବିତା କଲ୍ଲୋଳ'ର କବିତାଗୁଡ଼ିକ ସମ୍ପର୍କରେ ମତାମତ ଦେଲାବେଳେ ନୃପରାଜଙ୍କ ନାମରେ ପ୍ରକାଶିତ ତିନୋଟି ରଚନା ଗଙ୍ଗାଧରଙ୍କର ବୋଲି ସ୍ପଷ୍ଟଭାବେ କହିଛନ୍ତି। ଅବଶ୍ୟ ଗଙ୍ଗାଧର ବ୍ରଜମୋହନଙ୍କ ନିକଟକୁ ଏହି ଚିଠିକୁ ନକଲ କରି ପଠାଇଲାବେଳେ ଓ କବିତା କଲ୍ଲୋଳ ମୁଖବନ୍ଧରେ ସଂଯୋଜିତ କଲାବେଳେ, ରଚନା ତିନୋଟିର ନାମକୁ ବାଦ୍ ଦେଇ ସେ ସ୍ଥାନକୁ ଶୂନ୍ୟ ରଖିଛନ୍ତି।

ଗଙ୍ଗାଧର ଯେ ନିଜର କେତୋଟି ରଚନାକୁ ନୃପରାଜ ସିଂହଙ୍କ ନାମରେ ପ୍ରକାଶ କରିଥିଲେ, ଏଥିନେଇ ଆଉ ବେଶି ଇତିହାସ ଘାଣ୍ଟିବା ଅନାବଶ୍ୟକ। ଗଙ୍ଗାଧରଙ୍କ

ତିରୋଭାବ ପରେ ପରେ ପଣ୍ଡିତ କୃଷ୍ଣମଣି ଦାସ ଯେଉଁ ଜୀବନୀ ଲେଖିଥିଲେ, ସେଥିରେ 'ଆମୋଦ'ର ପିତୃତ୍ୱ ନିର୍ବିକାରରେ ସେ ଗଙ୍ଗାଧରଙ୍କୁ ଅର୍ପଣ କରିଥିଲେ। (ଉତ୍କଳ ସାହିତ୍ୟ, ୨୪/୩, ପୃ. ୧୦୩)। 'ବଳରାମ ଦେବ', 'ଆମୋଦ' ଆଦି କାବ୍ୟ କବିତାର ଭାଷା ଓ ପ୍ରକାଶ ଭଙ୍ଗୀ ସହ ଗଙ୍ଗାଧରଙ୍କ ଅନ୍ୟାନ୍ୟ କାବ୍ୟ କବିତାର ଭାଷା ଓ ପ୍ରକାଶଭଙ୍ଗୀର ଏକ ତୁଳନାତ୍ମକ ଅଧ୍ୟୟନ କଲେ, ପୂର୍ବୋକ୍ତ ଇତିହାସ ନକାରି ମଧ୍ୟ ଏଗୁଡ଼ିକର ପିତୃତ୍ୱ ଗଙ୍ଗାଧରଙ୍କଠାରେ ଅର୍ପଣ କରାଯାଇ ପାରିବ। ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣ, ଜୀବନ ପ୍ରତି ବିଶିଷ୍ଟ ଦୃଷ୍ଟିଭଙ୍ଗୀ, ନବ ନବ ବୈଜ୍ଞାନିକ ଆବିଷ୍କାର ଉଦ୍‌ଭାବନ ସମ୍ପର୍କରେ ସଚେତନତା 'ସମର୍ପିତ-କୃତି' ଗୁଡ଼ିକରେ ସୁଲଭ। ତେଣୁ ଏଠାରେ ପ୍ରଶ୍ନ ଆସେ, ଏ କୃତି-ସମର୍ପଣ କେବଳ ଉଦର-ପୂର୍ତ୍ତି ପାଇଁ ନା ଏହାର କୌଣସି ଜଟିଳ ସାମାଜିକ ସାଂସ୍କୃତିକ କାରଣ ରହିଛି ? ପ୍ରବନ୍ଧର ପରବର୍ତ୍ତୀ ଭାଗରେ ଏହି ପ୍ରଶ୍ନର ମୀମାଂସା କରାଯାଇଛି।

॥ ତିନି ॥

ସାହିତ୍ୟର ପ୍ରସାର ଓ ସାହିତ୍ୟିକର ପ୍ରତିଷ୍ଠା, ଉଭୟ ମଧ୍ୟରେ ସମ୍ପର୍କ ଘନିଷ୍ଠ। ଏହି ପ୍ରସାର ଓ ପ୍ରତିଷ୍ଠାପାଇଁ ସାହିତ୍ୟିକଙ୍କୁ ଏଷ୍ଟାବ୍ଲିସ୍‌ମେଣ୍ଟର ବା ସମାଜକୁ ନିୟନ୍ତ୍ରିତ କରୁଥିବା ଶକ୍ତିସକଳର ଦ୍ୱାରସ୍ଥ ହେବାକୁ ପଡ଼େ। କେତେବେଳେ ଏଷ୍ଟାବ୍ଲିସ୍‌ମେଣ୍ଟ ସ୍ୱତଃସ୍ଫୂର୍ତ୍ତଭାବେ ସାହିତ୍ୟିକଙ୍କୁ ସହଯୋଗ କଲାବେଳେ, ଅନ୍ୟ କେତେବେଳେ ଏଥିପାଇଁ ସାହିତ୍ୟିକଙ୍କୁ ସାହାଯ୍ୟ ଭିକ୍ଷା କରିବାକୁ ପଡ଼େ — ଏଷ୍ଟାବ୍ଲିସ୍‌ମେଣ୍ଟର ନାନା ଅନ୍ୟାୟ ସହିତ ପାଲିସ୍ କରିବାକୁ ପଡ଼େ। ଯେତେବେଳେ ସାହିତ୍ୟିକ ଓ ସାମାଜିକ ଶକ୍ତିକେନ୍ଦ୍ର ମଧ୍ୟରେ ସହଯୋଗ ରହିପାରେ ନାହିଁ, ସେତେବେଳେ ଏଷ୍ଟାବ୍ଲିସ୍‌ମେଣ୍ଟ ସାହିତ୍ୟିକଙ୍କୁ ନିର୍ବାସନ ଦେବାକୁ ଚିନ୍ତାକରେ ଓ ସାହିତ୍ୟିକ ମଧ୍ୟ ପ୍ରତିଷ୍ଠାନିକ ଶକ୍ତି-କେନ୍ଦ୍ର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ବିକଳ୍ପ ଶକ୍ତି-କେନ୍ଦ୍ର ସହିତ ନିଜକୁ ସାମିଲ୍ କରନ୍ତି। ଏହି ସଂଘର୍ଷ ଭିତରେ କେତେବେଳେ ସେ ସାହିତ୍ୟିକରୁ ବିପ୍ଳବୀ ହୋଇଯାନ୍ତି ବା ସାହିତ୍ୟିକ ଜୀବନରୁ ସମ୍ପୂର୍ଣ୍ଣ ଭାବେ ନିର୍ବାସନ ନିଅନ୍ତି। (ଦାଶ ୧୯୮୮-୮୯, ଓ ଦାସ ୧୯୯୩, ପୃ. ୧୪୩-୧୪୯)।

ଊନବିଂଶ ଶତାବ୍ଦୀ ପୂର୍ବରୁ ଓଡ଼ିଶାର ସମାଜ-ବ୍ୟବସ୍ଥା ଥିଲା ସାମନ୍ତ-ତାନ୍ତ୍ରିକ। ଏହି ସାମନ୍ତତାନ୍ତ୍ରିକ ସମାଜବ୍ୟବସ୍ଥାରେ କ୍ଷମତା ଓ ପ୍ରଭୁତ୍ୱର କେନ୍ଦ୍ର ହେଲେ ସାମନ୍ତ-ଶାସକ। ତେଣୁ ଊନବିଂଶ ଶତାବ୍ଦୀ ପୂର୍ବରୁ ସାମନ୍ତ-ଶାସକଙ୍କୁ କେନ୍ଦ୍ର କରି ସାହିତ୍ୟିକ ବାତାବରଣ ବିବର୍ତ୍ତିତ ହେଉଥିଲା। କବିର ତ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାପାଇଁ ଅନ୍ନଦାତାର ଆବଶ୍ୟକତା ରହିଛି। ତା' ସହିତ ତାଙ୍କ ସାହିତ୍ୟର ଇପ୍‌ସିତ ପ୍ରସାର ଓ ପ୍ରଚାର ପାଇଁ ପୃଷ୍ଠପୋଷକତାର ମଧ୍ୟ ଆବଶ୍ୟକତା ଥିଲା। ତେଣୁ ସଂସ୍କୃତ ଓ ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟର କବିମାନେ ଅନେକ ସମୟରେ ରାଜାଙ୍କର ଦ୍ୱାରସ୍ଥ ହେଉଥିଲେ, ତାଙ୍କ ସଭାରେ ଜଣେ ପାରିଷଦର ସ୍ଥାନପାଇଁ ଚେଷ୍ଟା ମଧ୍ୟ କରୁଥିଲେ। ଅନ୍ୟ

କୌଣସି ପ୍ରଶାସନିକ କର୍ତ୍ତବ୍ୟ ସମ୍ପାଦନ କରୁନଥିଲେ – କେବଳ ସଭାସଦ୍ ଭାବରେ କବିଙ୍କ ସ୍ଥାନ ଥିଲା ବହୁ ପଛରେ। ବେଳେବେଳେ ରାଜସ୍ତୁତି କରିବାକୁ ଯାଇ ସେ 'ସୁତ'ରେ ପରିଣତ ହେଲାବେଳେ, (Sidhanta 1975, pg.63) ଅନ୍ୟ କେତେବେଳେ ସେ ଆପଣାର ରଚନାକୁ ପୃଷ୍ଠପୋଷକଙ୍କୁ ସମର୍ପଣ କରୁଥିଲେ। ସାମନ୍ତବାଦୀ ସମାଜ-ବ୍ୟବସ୍ଥାରେ ଅନ୍ନଦାତାର ମର୍ଜି ଅନୁସାରେ ତେଣୁ ସାହିତ୍ୟର ରୁଚି ଓ ନୀତି କେବଳ ନିରୂପିତ ହେଉନଥିଲା, ତା'ର ପ୍ରିତ୍ତ୍ୱ ମଧ୍ୟ ନିର୍ଦ୍ଧାରିତ ହେଉଥିଲା। ଅନ୍ନଦାତା ବା ପୃଷ୍ଠପୋଷକଙ୍କ ନାମରେ କୃତି-ସମର୍ପଣ ଏକ ମଧ୍ୟଯୁଗୀୟ ପରମ୍ପରା। ସଂସ୍କୃତ ସାହିତ୍ୟ ଓ ପ୍ରାଚୀନ ତେଲୁଗୁ ସାହିତ୍ୟରେ ଏହି ପରମ୍ପରାର ବ୍ୟାପକ ପ୍ରତିଷ୍ଠା। ତେଲୁଗୁ ସାହିତ୍ୟରୁ ଏହି ପରମ୍ପରା ଓଡ଼ିଆ ସାହିତ୍ୟକୁ ସଂକ୍ରମିତ ହୋଇଥିବା ସୁସମାଲୋଚକ ସଚ୍ଚିଦାନନ୍ଦ ମିଶ୍ର କହନ୍ତି : "ତେଲୁଗୁ ଦେଶରେ କୃତି-ସମର୍ପଣ ପ୍ରଥାର ପ୍ରଚଳନ ଓଡ଼ିଶା ଅପେକ୍ଷା ବ୍ୟାପକ ଏବଂ ତାହା ତେଲୁଗୁ ସାହିତ୍ୟର ପ୍ରଥମ ମହାକବି ନନୟାଙ୍କ ବେଳୁ ଚଳି ଆସୁଛି। ତେଲୁଗୁ ଦେଶର ନିକଟବର୍ତ୍ତୀ ହେବାରୁ ଦକ୍ଷିଣ ଓଡ଼ିଶାର ରାଜାମାନଙ୍କର ସାହିତ୍ୟ ପ୍ରୀତି ଯେ ବଢ଼ିଥିଲା, ତାହା ସ୍ୱୀକାର କରିବାକୁ ହେବ। ତେଲୁଗୁ ଚଳଣି ଅନୁସାରେ କବି ହେଲା କାବ୍ୟ କନ୍ୟାର ପିତା। ଉଚିତ ପାତ୍ର ଦେଖି କନ୍ୟାକୁ ସମର୍ପଣ କରିବା ଯେପରି ପିତାର କର୍ତ୍ତବ୍ୟ, ରାଜା ମନ୍ତ୍ରୀ ଆଦି ଯୋଗ୍ୟ ପ୍ରାର୍ଥୀଙ୍କୁ କାବ୍ୟ ଅର୍ପଣ କରିବା ସେହିପରି କବିର କର୍ତ୍ତବ୍ୟ। ....କବି 'କୃତିକର୍ତ୍ତା' ଏବଂ କାବ୍ୟଗ୍ରହିତା 'କୃତିପତି' ବୋଲାନ୍ତି। କୃତି ସମର୍ପଣ ପରେ କୃତିକର୍ତ୍ତା କନ୍ୟାଶୁଳ୍କ ରୂପେ ଗ୍ରାମ, ଧନ, ସମ୍ପତ୍ତି ଆଦି ବହୁ ମାନ ପାଉଥାନ୍ତି।" (ବଳଦେବ ରଥ ଅଧ୍ୟୟନ ପୃ. ୧୪୯)। ଓଡ଼ିଆ ସାହିତ୍ୟରେ ଏହି କୃତି ସମର୍ପଣକୁ ଅବଶ୍ୟ ବ୍ୟାପକ କରିଛନ୍ତି ଚମ୍ପୂକବି ବଳଦେବ ରଥ। କିନ୍ତୁ ତାଙ୍କ ପୂର୍ବରୁ ବିଷ୍ଣୁ ଦାସ, ଉପେନ୍ଦ୍ର ଭଞ୍ଜ ଓ ବଳଦେବଙ୍କ ପ୍ରାୟତଃ ସମକାଳୀନ ବ୍ରଜନାଥ ବଡ଼ଜେନା ଓ ଯଦୁମଣି ମହାପାତ୍ର ଏହି ପରମ୍ପରାକୁ ଅନୁସରଣ କରିଛନ୍ତି। ଉପେନ୍ଦ୍ର ଭଞ୍ଜ ଏଭଳି କାବ୍ୟକୁ 'ଦତ୍ତକାବ୍ୟ' ରୂପେ 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଆଖ୍ୟାୟିତ କରିଛନ୍ତି :

ତ୍ରୈଲୋକ ମୋହିନୀ ଆଦି ଯେ ଗୀତ।
ନିର୍ମିତ ଛାନ୍ଦ ପୋଥି ପାଞ୍ଚ ସାତ॥
ସେ ଅର୍ଥ ପାର୍ଥିବ ମାର୍ଗଣ ପୁଣ।
ହୋଇଛି ଯେଣୁ କବି ବିତରଣ॥
ବାଲ୍ମୀକେ ମହାକାବ୍ୟେ ପ୍ରକାରେ।
ଦତ୍ତ ହେଲା ପ୍ରାୟ ହନୁମନ୍ତରେ॥
ସେ ଏଣୁ ଲେଖା ନୋହିଲା ଲେଖାରେ।
ନ ଗ୍ରହି ଦାନ ଧନ ଭୁଲେଖରେ॥ (ପ୍ରଥମ ଛାନ୍ଦ, ୨୩-୨୬ ପଦ)

'କୃତି ସମର୍ପଣ' ପରମ୍ପରାକୁ ଅନୁସରଣ କରି ଗଙ୍ଗାଧର ତାଙ୍କର ବଳରାମ ଦେବ, ଆମୋଦ, ପୁଷ୍କରିଣୀ, ଡଭୁବର, ନିଦାଘ ମାର୍ତ୍ତଣ୍ଡ ଆଦି କାବ୍ୟ କବିତାକୁ ନୃପରାଜ ସିଂହଙ୍କୁ ସମର୍ପଣ କରିଛନ୍ତି ।

କବିମାନଙ୍କର ଦାରିଦ୍ର୍ୟ ଏଭଳି କୃତି ସମର୍ପଣର ଏକମାତ୍ର କାରଣ ନଥିଲା । ମଧ୍ୟଯୁଗରେ ସାହିତ୍ୟକୁ ପ୍ରଚାର ପାଇଁ ରାଜସଭା ନହେଲେ ଧର୍ମପୀଠ, ଯେ କୌଣସିଟିର ଆଶ୍ରୟ ନେବାକୁ ପଡୁଥିଲା । ଇଉରୋପୀୟ ସାହିତ୍ୟ ଇତିହାସର ସମାଜତାତ୍ତ୍ୱିକ ଅଧ୍ୟୟନ କରିଥିବା ଶୁକିଂ ସେଇଥିପାଇଁ ସାହିତ୍ୟର ଇତିହାସକୁ ତା'ର ପୃଷ୍ଠପୋଷକତା କରୁଥିବା ରାଜା ଓ ଜମିଦାରଙ୍କ ଦାନଶୀଳତାର ଇତିହାସ ସହ ସମୀକୃତ କରିଛନ୍ତି : the history of literature is in large parts the history of beneficence of individual princes and aristocrats." (Schucking, 1944, p.45) ଏଭଳି କୃତି-ସମର୍ପଣର କାରଣ ବିଶ୍ଳେଷଣ କରି ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର ଯାହା ଲେଖିଛନ୍ତି ତାହା ଖୁବ୍ ଯୁକ୍ତିଯୁକ୍ତ ମନେହୁଏ : "ମୁଦ୍ରାଯନ୍ତ୍ରର ପ୍ରଚଳନ ପୂର୍ବେ ସାହିତ୍ୟର ପ୍ରକାଶ ଓ ପ୍ରଚାର ଅତି ବ୍ୟୟସାପେକ୍ଷ ବ୍ୟାପାର ଥିଲା । କବି ଘରେ ବସି ଅନବଦ୍ୟ ସାହିତ୍ୟ ସୃଷ୍ଟି କରିଦେଲେ ତ ସାହିତ୍ୟ ସ୍ୱୟଂ ପ୍ରଚାରିତ ହୋଇଯିବ ନାହିଁ; ତାହା ହେବା ପାଇଁ କବିକୁ କେତେକ ଉପାୟ ଅନୁସରଣ କରିବାକୁ ହିଁ ହେବ । ଧରାଯାଉ ଜଣେ କବି ଶହେପତ୍ର ବିଶିଷ୍ଟ କାବ୍ୟଟିଏ ରଚନା କଲେ, ଜଣେ ଲେଖନକାର ଦିନକୁ ଚାରିପତ୍ର କରି ଉତାରିଲେ ୨୫ ଦିନର ପରିଶ୍ରମରେ କାବ୍ୟଟିର ନକଲଟିଏ ପ୍ରସ୍ତୁତ ହେବ । ସେଥିପାଇଁ ଅଲେଖା ତାଳପତ୍ର ସାଜ, କାଠପାଟିଆ, ସୂତା ଆଦି ଲାଗି ଆଉ କିଛି ଦିନର ଶ୍ରମ ଦରକାର । ଏହିଭାବେ ଜଣେ ଲୋକକୁ ହାରାହାରି ମାସେ ଖଣ୍ଡେ ନିଯୁକ୍ତ କଲେ ଯାଇ ଗୋଟିଏ ନକଲ ପ୍ରସ୍ତୁତ କରିହେବ । କବି ଏହି କାର୍ଯ୍ୟରେ ନିଜକୁ ନିଯୁକ୍ତ କଲେ ତାହାର କୁଟୁମ୍ବ ପ୍ରତିପୋଷଣ ଦାୟିତ୍ୱ ଅନ୍ୟ କେହି ଗ୍ରହଣ କରିବାକୁ ପଡ଼ିବ । ...ଏହି କାର୍ଯ୍ୟ କବି ପୃଷ୍ଠପୋଷକ ବିନା କରିବା ବଡ଼ କଠିନ । ତଥାପି କବି ଏଥିକୁ ପ୍ରସ୍ତୁତ ହେଲେ ମଧ୍ୟ ସେଥିରେ ଅନ୍ୟାନ୍ୟ ଅସୁବିଧା ରହିଥିଲା । ନିରୋଳାରେ ବସି କବି ହୋଇଗଲେ କବି ଭାବେ ପ୍ରତିଷ୍ଠା ମିଳିଯିବ ନାହିଁ ଏବଂ ପ୍ରତିଷ୍ଠା ଅଭାବରେ କବିର ସୃଷ୍ଟି ସୁଧୀ ସମାଜରେ ଆଲୋଚିତ ହୋଇପାରିବନାହିଁ। ଏଥିପାଇଁ କବି ପଣ୍ଡିତମାନଙ୍କ ଗହଣରେ କବିକୁ ନିଜ ସାମର୍ଥ୍ୟର ପ୍ରମାଣ ଦେବାକୁ ପଡ଼ିବ । ....ସେ ଯୁଗରେ ରାଜାମାନେ ସାହିତ୍ୟର ପ୍ରକାଶକ ରୂପେ କାର୍ଯ୍ୟ କରୁଥିଲେ । ....କବି ରାଜାଙ୍କ ନାମରେ କୃତି ସମର୍ପଣ କରାଇପାରିଲେ ରାଜାଙ୍କ ଉତ୍ସାହରୁ କାବ୍ୟଟିର ପ୍ରଚାର ହୋଇଯିବା ସମ୍ଭାବନା ବଢ଼ି ଯାଉଥିଲା" (ବଳଦେବ ରଥ ଅଧ୍ୟୟନ– ପୃ.୧୫୦-୧୫୧) କେବଳ ଅର୍ଥନୈତିକ କାରଣ ନୁହେଁ ଅନ୍ୟାନ୍ୟ କାରଣ ଏଭଳି ଦରବାରୀ କାବ୍ୟର ପରମ୍ପରା ସୃଷ୍ଟିରେ ସହାୟତା କରିଥିଲା । ପ୍ରାଚୀନ କାବ୍ୟରେ ବିଷୟ ନୁହେଁ ବିନ୍ୟାସ ହିଁ ଥିଲା ମୁଖ୍ୟ । ତେଣୁ କାବ୍ୟ

କଥାବସ୍ତୁ ସହ କବି-ଅନୁଭୂତିର ଘନିଷ୍ଠ ଓ ଜୈବିକ ସଂପର୍କ ନଥିଲା। ବିଷୟଗତ ନୂତନତ୍ୱ କାବ୍ୟ-ସିଦ୍ଧିର ଅନ୍ୟତମ ମାନଦଣ୍ଡ ନଥିଲା। କାବ୍ୟ ନଥିଲା କବି-ବ୍ୟକ୍ତିତ୍ୱର ପ୍ରକାଶ। ଫଳରେ ତା'ର ପିତୃତ୍ୱ ଯେଉଁଠି ଅର୍ପିତ ହେଲେ ମଧ୍ୟ କବିର ସ୍ୱାଭିମାନକୁ ତାହା ଖୁବ୍ ଜୋରେ ଆଘାତ କରୁନଥିଲା। ସାହିତ୍ୟର ସ୍ରଷ୍ଟା ନୁହନ୍ତି, କର୍ତ୍ତା ହିଁ ଥିଲେ ମୁଖ୍ୟ। ତେଣୁ କାବ୍ୟର ପ୍ରସିଦ୍ଧି ପାଇଁ କବି ସଚେତନ ଭାବରେ ପ୍ରସିଦ୍ଧ-କବି ଓ ଦେବତାଙ୍କ ନାମରେ କୃତି-ସମର୍ପଣ କରୁଥିଲେ। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଅଧ୍ୟୟନ କାଳରେ ତେଣୁ କୌଣସି କୃତିର ଯଥାର୍ଥ ସ୍ରଷ୍ଟାକୁ ଖୋଜି ପାଇବା ବେଳେବେଳେ ଅସାଧ୍ୟ ମନେହୁଏ।

ଆଧୁନିକ ଯୁଗରେ ଏହି ପରମ୍ପରାର କ୍ରମ-ଅପସାରଣ ଘଟିଛି। ରାଜାଙ୍କ ସ୍ଥାନରେ ଆସିଛନ୍ତି ବ୍ୟବସାୟୀ ପ୍ରକାଶକ। କାବ୍ୟରେ ରୂଢ଼ିବଦ୍ଧ କାହାଣୀ ବା ବର୍ଣ୍ଣନା ନୁହେଁ— ନୂତନତ୍ୱ ହୋଇଛି କାବ୍ୟ-ସିଦ୍ଧିର ନୂତନ ମାନଦଣ୍ଡ। କବିର ବ୍ୟକ୍ତିତ୍ୱ ସହ କାବ୍ୟକୁ ଅବିଚ୍ଛିନ୍ନ କରି ଦେଖିବା ବର୍ତ୍ତମାନ ଏକ ଐତିହ୍ୟରେ ପରିଣତ। କାବ୍ୟ-ପ୍ରସିଦ୍ଧି ନୁହେଁ ଆତ୍ମ-ପ୍ରସିଦ୍ଧି ସ୍ରଷ୍ଟାଙ୍କର ହୋଇପଡ଼ିଛି କାମ୍ୟ। ତେଣୁ ଦରକାବ୍ୟ ପରମ୍ପରା ଆଧୁନିକ ଯୁଗରେ ବିଦାୟ ନେଇଛି। ଆଧୁନିକ ଯୁଗରେ କୃତି-ସମର୍ପଣକୁ ଏକ ଶ୍ରଦ୍ଧା-ଦୃଷ୍ଟି ନେଇ ଦେଖାଯାଏ ନାହିଁ। ଶୋଷଣର ପ୍ରକାଶ ଭାବରେ ଏହା ଗୃହୀତ। ନନ୍ଦକିଶୋର ସେହି ଦୃଷ୍ଟିରେ ଗଙ୍ଗାଧରଙ୍କ କୃତି-ସମର୍ପଣକୁ ବିଚାର କରିଛନ୍ତି। ତେବେ ଗଙ୍ଗାଧର କୃତି-ସମର୍ପଣ କରିଛନ୍ତି କାହିଁକି? ଏହାର କାରଣ କେବଳ ଅର୍ଥନୈତିକ, ତାଙ୍କର ଦାରିଦ୍ର୍ୟଗତ; ନା ଏହାର ଅନ୍ୟ କୌଣସି କାରଣ ରହିଛି? ଗଙ୍ଗାଧରଙ୍କ କବିତ୍ୱ-ବିକାଶର ପୃଷ୍ଠଭୂମି ଓ ଇତିହାସ ସହ ଏହି ପ୍ରଶ୍ନର ଉତ୍ତର ଜଡ଼ିତ।

॥ ଚାରି ॥

ଊନବିଂଶ ଶତକର ଆଦ୍ୟ ସପ୍ତମ ଦଶକରେ ପଶ୍ଚିମ ଓଡ଼ିଶାର ଏକ ଗ୍ରାମୀଣ ମଧ୍ୟବିତ୍ତ ପରିବାରରେ ଗଙ୍ଗାଧରଙ୍କ ଜନ୍ମ। ଗଙ୍ଗାଧରଙ୍କ ଜାତିଗତ ପେଶା ଥିଲା ବ୍ୟବସାୟ, ତନ୍ତଚାଳନା, ମହାଜନୀ ଓ ସାମୟିକ କୃଷିକାର୍ଯ୍ୟ। ବେଳେବେଳେ ଭୁଲିଆମାନେ ବୈଦ୍ୟଗିରି ମଧ୍ୟ କରିଥାନ୍ତି। ଏସବୁ ବ୍ୟବସାୟ ଓ ବୃତ୍ତିକୁ ଆପଣାଇ କରିବା ଫଳରେ ଭୁଲିଆମାନେ ପଶ୍ଚିମ ଓଡ଼ିଶାର ଏକ ସମୃଦ୍ଧ ଜାତି (ଅର୍ଥନୈତିକ ଦୃଷ୍ଟିରୁ) ରୂପେ ପରିଚିତ। ବର୍ଣ୍ଣ ବ୍ୟବସ୍ଥାରେ ଉଚ୍ଚସ୍ଥାନ ଅଧିକାର ନକଲେ ବି, ଅର୍ଥନୈତିକ ଅବସ୍ଥା ଭୁଲିଆମାନଙ୍କୁ ଏକ ମଧ୍ୟବର୍ତ୍ତୀ ଜାତି ଭାବରେ ପରିଚିତ କରିଛି। ଗଙ୍ଗାଧରଙ୍କ ପିତା ଚୈତନ୍ୟ ମେହେର ପୈତୃକ ବିଦ୍ୟା ଓ ପେଶାରେ ଅଭ୍ୟସ୍ତ ଥିଲେ ସତ୍ୟ, କିନ୍ତୁ ଏସବୁ ପେଶାପ୍ରତି ତାଙ୍କର ଖୁବ୍ ଜୋରେ ଆନ୍ତରିକତା ନଥିଲା। ଧନ ଅପେକ୍ଷା ବିଦ୍ୟା ପ୍ରତି ତାଙ୍କର ଆଗ୍ରହ ଥିଲା ଅଧିକ। ତେଣୁ ଜାତିଗତ ପେଶାରେ ମନ ନଦେଇ ସେ ଅବଧାନଗିରି କରୁଥିଲେ। ଚୈତନ୍ୟ ମେହେରଙ୍କ ଏଭଳି ଆଗ୍ରହ-ଅନାଗ୍ରହ

ଫଳରେ ତାଙ୍କ ପରିବାର କେତେବର୍ଷ ପାଇଁ ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହୋଇଥିଲା । ଚୈତନ୍ୟଙ୍କର ବିଦ୍ୟାପ୍ରୀତି ଥିବା ଆସକ୍ତି ପୁତ୍ର ଗଙ୍ଗାଧରଙ୍କଠାରେ ପ୍ରତିଫଳିତ ହୋଇଥିଲା । ତେଣୁ ଗଙ୍ଗାଧର ଆଧୁନିକ ଶିକ୍ଷାଲାଭର ସୁଯୋଗ, ରାଜକୀୟ ବାଧବାଧକତା ହେତୁ ପାଇବା ପରେ, ତାଙ୍କର ସୀମିତ ପରିବେଶରେ ଯେତେଦୂର ସମ୍ଭବ ଆଧୁନିକ ଶିକ୍ଷାରେ ସେ ନିଜକୁ ପ୍ରଶିକ୍ଷିତ କରିଥିଲେ । ତାଙ୍କର ଶିକ୍ଷକ ପଣ୍ଡିତ ଘନଶ୍ୟାମ ମିଶ୍ର ତାଙ୍କ ଭିତରେ ବିଦ୍ୟାପ୍ରୀତି ଥିବା ଏହି ଆଗ୍ରହକୁ ସାଧନାରେ ପରିଣତ କରିଥିଲେ । ଫଳରେ ଆଧୁନିକ ବିଦ୍ୟାଳୟରେ ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ (ଯେଉଁ ପର୍ଯ୍ୟନ୍ତ ଶିକ୍ଷାଲାଭ ବରପାଲିରେ ସମ୍ଭବ) କରି ବି ନିଜ ଚେଷ୍ଟାରେ ସେ ପ୍ରାଚୀନ ଓଡ଼ିଆ ସାହିତ୍ୟ, ସଂସ୍କୃତ ବ୍ୟାକରଣ ଓ ସାହିତ୍ୟରେ ପାରଦର୍ଶିତା ଲାଭ କରିଥିଲେ । ଅଧୁନିକ ମନନ ଓ ଜିଜ୍ଞାସା ପ୍ରତି ନିଜର ଦୃଷ୍ଟିକୁ ବିସ୍ତାରିତ କରି ରଖିଥିଲେ ।

ଗଙ୍ଗାଧରଙ୍କ ଗ୍ରାମର ଅଦୂରରେ ବାରଙ୍ଗପାଲି । ସେତେବେଳେ ବିଶେଷ କବିଖ୍ୟାତି ଲଭିଥିବା କୃଷ୍ଣ କରଙ୍କର ତାହା ଥିଲା ବାସସ୍ଥାନ । କବିତା ଓ ବିଦ୍ୟାପ୍ରୀତି ଅନୁରାଗୀ ଗଙ୍ଗାଧର ତାଙ୍କ ଯୌବନରେ କୃଷ୍ଣ କରଙ୍କ ସାନ୍ନିଧ୍ୟରେ ଆସିଥିବା ସମ୍ଭବ । ଗଙ୍ଗାଧର ତାଙ୍କ ଆତ୍ମଜୀବନୀରେ କୃଷ୍ଣ କରଙ୍କର ନାମୋଲ୍ଲେଖ କରିନଥିଲେ ବି ଗଙ୍ଗାଧରଙ୍କ ଆଦ୍ୟ କବି-ଜୀବନକୁ କୃଷ୍ଣ କରଙ୍କ କାବ୍ୟାଦର୍ଶ ଓ ସାହିତ୍ୟ-ପ୍ରୀତି ଆଚ୍ଛନ୍ନ କରିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । କୃଷ୍ଣ କରଙ୍କ କୁଞ୍ଜବିହାର, ପଦ୍ମପୋଇ ଓ ରଘୁନାଥ ବିଳାସରେ ମୌଳିକତାର ଦୀପ୍ତି ନାହିଁ, ତଥାପି ଗଙ୍ଗାଧରଙ୍କ ଆଦ୍ୟ-ଯୌବନରେ ଏଗୁଡ଼ିକର ଖ୍ୟାତି ତାଙ୍କୁ କବି ଜୀବନ ପ୍ରତି ଆକୃଷ୍ଟ କରିଛି । ପିତାଙ୍କଠାରୁ ଲାଭ କରିଥିବା ବିଦ୍ୟାନୁରାଗ, ଶିକ୍ଷକ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ସାହଚର୍ଯ୍ୟରୁ ସଂସ୍କୃତ କାବ୍ୟ ଓ ବ୍ୟାକରଣରେ ଲାଭ କରିଥିବା ପ୍ରବେଶ, ନିଜ ଚେଷ୍ଟାରେ କରିଥିବା ପ୍ରାଚୀନ ତଥା ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ଚର୍ଚ୍ଚା ଓ କୃଷ୍ଣ କରଙ୍କ ଆଦର୍ଶର ସମବାୟ ଫଳ ହେଲା ଗଙ୍ଗାଧରଙ୍କ 'ରସ ରତ୍ନାକର' ।

ସେହି ବିଦ୍ୟାଳୟ ଶିକ୍ଷାଲାଭର ଦ୍ୱିତୀୟ ପର୍ଯ୍ୟାୟରେ ଗଙ୍ଗାଧରଙ୍କର ପଣ୍ଡିତ ଲକ୍ଷ୍ମଣ ମିଶ୍ରଙ୍କ ସହ ଆତ୍ମୀୟତା । (୨) ମିଶ୍ରଙ୍କର କବିତା ହୁଏତ ପରବର୍ତ୍ତୀ ସମୟରେ ରାଧାନାଥଙ୍କ ଦ୍ୱାରା 'ଅକବିର କବିତା' ଭାବରେ ନିନ୍ଦିତ କିନ୍ତୁ ପଣ୍ଡିତ ମହାଶୟଙ୍କର ସାହିତ୍ୟପ୍ରୀତିକୁ ନ୍ୟୂନ କରିହେବ ନାହିଁ । ଗଙ୍ଗାଧରଙ୍କ ସାହିତ୍ୟିକ ଜୀବନକୁ ମିଶ୍ରେ ଆହୁରି ଏକମୁଖୀ କରିଛନ୍ତି । ଲକ୍ଷ୍ମଣ ମିଶ୍ର ସଂସ୍କୃତ କାବ୍ୟରୀତି ଓ ଛନ୍ଦକୁ ଓଡ଼ିଆ ଭାଷାରେ ପ୍ରୟୋଗ କରି ମଝିରେ ମଝିରେ କବିତା ଲେଖୁଥିଲେ । ସେତେବେଳେ ଏଭଳି କବିତା ରୀତିର ସମ୍ଭାବନା ନେଇ ପରୀକ୍ଷା ନିରୀକ୍ଷା ମଧ୍ୟ ଚାଲୁଥିଲା । ତା' ସହିତ ପଣ୍ଡିତ ମହାଶୟ ସମ୍ବଲପୁର ହିତୈଷିଣୀ ଆଦି ସାପ୍ତାହିକ ପତ୍ରର ଥିଲେ ନିୟମିତ ଲେଖକ ଓ ପାଠକ । 'ସମ୍ବଲପୁର ହିତୈଷିଣୀ'ରେ ତା ୯ । ୪ । ୧୮୯୦ରିଖରେ ପ୍ରକାଶିତ ପତ୍ରରୁ କବିତ୍ୱ ସମ୍ପର୍କରେ ତାଙ୍କର ଥିବା

ଧାରଣା ସ୍ପଷ୍ଟ : ''ଏହି ନଶ୍ୱର ଜଗତରେ ଅବସ୍ଥିତ କରି ମନୁଷ୍ୟମାନେ ଯେଉଁ ସକଳ କାର୍ଯ୍ୟ କରିଥାନ୍ତି, ତନ୍ମଧ୍ୟରେ କବିତ୍ୱ ହିଁ ଅବିନାଶୀ କୀର୍ତ୍ତି ଓ ଅଚଳ ପ୍ରତିଷ୍ଠାର ପରିଚାୟକ। ଯଦି ଅବନୀ ମଣ୍ଡଳରେ ଅବସ୍ଥାନ କରି ଇନ୍ଦ୍ରଙ୍କର ଅମରାବତୀ କିମ୍ବା ତାହାଠାରୁ ଉନ୍ନତତର ସୁଖକର ସ୍ଥାନ ଦର୍ଶନ କରିବାକୁ ଇଚ୍ଛା ହୁଏ, ଯଦି ଷଡ୍‌ରସପୂର୍ଣ୍ଣ ଫଳର ରସାସ୍ୱାଦନ କରି ରସନା ଚରିତାର୍ଥ କରିବାରେ ଅସମର୍ଥତା ପ୍ରକାଶ ହୁଏ, ଯଦି ଭାବର ଉଚ୍ଛ୍ୱାସରେ ହୃଦୟ ପ୍ରସ୍ରବଣକୁ ନିରନ୍ତର ଆପ୍ଲୁତ ଓ ସିକ୍ତ କରିବାର ଅଭିଳାଷ ହୁଏ ତାହାହେଲେ କବିର ଅମୃତ ନିଃସ୍ୟନ୍ଦିନୀ, ଭାବମୟୀ, ରସମୟୀ ରଚନାଭଣ୍ଡାରର ପ୍ରତି ଏକାନ୍ତର ସ୍ଥିର ଦୃଷ୍ଟିରେ ଦୃଷ୍ଟିପାତ କରିବା ଉଚିତ୍।'' (୧/୪୧, ପୃ.୧୬୪)। କବିତା ରଚନା କରି ମିଶ୍ରେ ନା ପାଇଛନ୍ତି 'ଅଚଳ ପ୍ରତିଷ୍ଠା', ନା ଲଭିଛନ୍ତି 'ଅବିନାଶୀ କୀର୍ତ୍ତି'। କିନ୍ତୁ ତରୁଣ ଗଙ୍ଗାଧରଙ୍କ ସ୍ୱପ୍ନପ୍ରବଣ ମନ ଓ ଉଚ୍ଚାରଣକ୍ଷମ ବ୍ୟକ୍ତିତ୍ୱକୁ କବି ହେବାର ଆକାଙ୍କ୍ଷାରେ ସେ ପ୍ରଚୋଦିତ କରିଛନ୍ତି। ସମକାଳର ବରପାଲି ରାଜକୁମାରଙ୍କ ଗୃହ ଶିକ୍ଷକ ଅକ୍ଷୟବାବୁ (୩) ଓ ମଦନ ମୋହନ ପ୍ରଧାନଙ୍କ ଭଳି ବନ୍ଧୁବର୍ଗ ସେ ପାଇଛନ୍ତି, ଯେଉଁମାନଙ୍କ ମୁଗ୍ଧ ସ୍ତାବକତା ଓ ବନ୍ଧୁତ୍ୱ ତାଙ୍କ ଭିତରେ କବି ହେବାର ସ୍ୱପ୍ନକୁ ଦୃଢ଼ମୂଳ କରିଛି। ଏହାର ବାସ୍ତବୀକରଣ ହେଲା ଅହଲ୍ୟାସ୍ତବ ଓ ବିରହ ବ୍ୟଥିତ ରାମ ଭଳି କ୍ଷୁଦ୍ର ରଚନା। ଅହଲ୍ୟାସ୍ତବ (ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ) ବନ୍ଧୁମାନଙ୍କ ସହଯୋଗ ଫଳରେ ମୁଦ୍ରିତ ମଧ୍ୟ ହୋଇପାରିଛି। କବି ହେବାର ଆକାଙ୍କ୍ଷା କବିଙ୍କ ଆର୍ଥିକ ଅବସ୍ଥା ଓ ସାମାଜିକ ସୀମାବଦ୍ଧତାକୁ ଆହ୍ୱାନ କରିଛି।

ଯେତେଦୂର ମନେହୁଏ ପଣ୍ଡିତ ଲକ୍ଷ୍ମଣ ମିଶ୍ରଙ୍କ ମାଧ୍ୟମରେ ରାଧାନାଥଙ୍କର ରଚନାବଳୀ ସହ ଗଙ୍ଗାଧରଙ୍କର ପ୍ରଥମ ପରିଚୟ। ମିଶ୍ରଙ୍କର ରାଧାନାଥଙ୍କ କବିତା ସମ୍ପର୍କରେ ଉଚ୍ଚମତ ନ ଥିଲା। ତାଙ୍କ 'ପାର୍ବତୀ ସମାଲୋଚନା' ଏହାର ଦୃଷ୍ଟାନ୍ତ। ଏହି ଦୀର୍ଘ ସମାଲୋଚନାମୂଳକ ପ୍ରବନ୍ଧରେ (ସମ୍ବଲପୁର ହିତୈଷିଣୀ ୨।୧୭, ୨।୨୨)ରେ ପାର୍ବତୀର କାବ୍ୟମୂଲ୍ୟକୁ ହେୟ କରିବାପାଇଁ ମୁଖ୍ୟତଃ ବ୍ୟାକରଣର ସାହାଯ୍ୟ ନିଆଯାଇଛି: ''ଦାଶନୀ ଓ ରାଣନୀ ଶବ୍ଦ କୌଣସି କୌଣସି ଉତ୍କଳ ପଦ୍ୟରେ ବା ଗଦ୍ୟରେ ଏ ପର୍ଯ୍ୟନ୍ତ ବ୍ୟବହାର ହୋଇ ନାହିଁ। ଶୁଦ୍ଧ ଥିଲେ ହେଁ ଅଶ୍ରାବ୍ୟ ପଦ ପ୍ରୟୋଗ କରିବା ବ୍ୟାକରଣର ସହଦୋଷ, ଏଣୁ ଏ ସ୍ଥଳେ ଅପ୍ରଯୁକ୍ତତା ଦୋଷ ଅଛି।'' (ହିତୈଷିଣୀ ୨।୨୨, ପୃ.୮୭)। ମିଶ୍ରଙ୍କର ଦୃଷ୍ଟିକୋଣ ଦ୍ୱାରା ପ୍ରଭାବିତ ହୋଇ ରାଧାନାଥଙ୍କ କାବ୍ୟାବଳୀ ପ୍ରତି ଗଙ୍ଗାଧର ବିରୂପ ହୋଇନାହାନ୍ତି ବରଂ ସେ ଆକୃଷ୍ଟ ହୋଇଛନ୍ତି। ନିଜସ୍ୱ ଦୃଷ୍ଟିକୋଣ ଓ କାବ୍ୟବୋଧ ନେଇ ରାଧାନାଥଙ୍କ କାବ୍ୟାବଳୀ ସେ ଅଧ୍ୟୟନ କରିଛନ୍ତି। ରାଧାନାଥଙ୍କଠାରୁ ରଚନାବଳୀ ସହ ଖଣ୍ଡେ ଚିଠି ପାଇଥିବାରୁ ଉତ୍ସାହିତ ହୋଇ ନିଜର ନବ-ପ୍ରକାଶିତ 'ଅହଲ୍ୟାସ୍ତବ'ରୁ ଖଣ୍ଡେ ରାଧାନାଥଙ୍କ ନିକଟକୁ ଉପହାର ସ୍ୱରୂପ ପଠାଇଛନ୍ତି। ରାଧାନାଥ ତାଙ୍କ ସ୍ୱଭାବ-ସୁଲଭ

ରୀତିରେ 'ଅହଲ୍ୟାସ୍ତବ' ଉପରେ ମତାମତ ଦେଇ ଗଙ୍ଗାଧରଙ୍କୁ ଯେଉଁ ପତ୍ର ଲେଖିଛନ୍ତି ଓଡ଼ିଆ ସାହିତ୍ୟରେ ସାହିତ୍ୟିକ-ସଂପ୍ରୀତିର ଏକ ନୂଆ ଅଧ୍ୟାୟ ତାହା ସଂଯୋଜନ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଶଂସା କରି ଚିଠି ଲେଖିବା ଓ ସମସ୍ତଙ୍କ ମନରେ ପତ୍ର ମାଧ୍ୟମରେ ଘନିଷ୍ଠତାର ପ୍ରତ୍ୟୟ ସୃଷ୍ଟି କରିବା, ରାଧାନାଥଙ୍କର ଏକ ଅତି ବ୍ୟବହୃତ କୌଶଳ । ରାଧାନାଥଙ୍କର ଏଭଳି ଚିଠି ଗଙ୍ଗାଧରଙ୍କୁ କେବଳ ଉତ୍ସାହିତ କରିନାହିଁ, ତାଙ୍କ କବିତା ରଚନାକୁ ନିଜସ୍ୱ ଗତି ଓ ବୈଚିତ୍ର୍ୟଦେବାପାଇଁ ଉପଯୁକ୍ତ ମନୋଭାବ ଏହା ଗଙ୍ଗାଧରଙ୍କ ମଧ୍ୟରେ ସୃଷ୍ଟି କରିଛି । ନୂଆ ନୂଆ ଦୃଷ୍ଟିକୋଣ, ପ୍ରତ୍ୟୟ ଓ ପ୍ରକାଶଭଙ୍ଗୀକୁ ଆତ୍ମୀକରଣ କରିବାର ଅପୂର୍ବ ଶକ୍ତି ଗଙ୍ଗାଧରଙ୍କର ଥିଲା । ତେଣୁ ବରପାଲିର ଗ୍ରାମୀଣ ପରିବେଶରେ ଥାଇ ସମକାଳୀନ ଓଡ଼ିଶାର ସାହିତ୍ୟ ଚର୍ଚ୍ଚା ସହ ନିଜକୁ ସେ କେବଳ ପରିଚିତ କରାଇନଥିଲେ, ଯେଉଁ ଭାବ ବା ରୀତିକୁ ସେ ଆଧୁନିକ ଓ ନିଜ ପରିବେଶର ଆବଶ୍ୟକତା ଅନୁସାରେ ଯେଉଁ କାବ୍ୟାଦର୍ଶକୁ ସେ ଯଥାର୍ଥ ବୋଲି ବିଚାରିଥିଲେ, ତାହାକୁ ସେ ଆପଣାର କରିଥିଲେ । ବସ୍ତୁତଃ ଗଙ୍ଗାଧରଙ୍କ କାବ୍ୟସାଧନା ଥିଲା ଏକଲବ୍ୟଙ୍କ ଶସ୍ତ୍ର ସାଧନାର ସମଗୋତ୍ରୀୟ ।

୧୮୯୪ ମସିହା ଠେଲକୁ ବାମଣ୍ଡାରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପତ୍ରିକାର ସହଯୋଗ, ରାଧାନାଥଙ୍କର ଉତ୍ସାହ, ବନ୍ଧୁମାନଙ୍କର ନୈତିକ ସାହାଯ୍ୟ ଓ ନିଜର ସାଧନାରୁ ରସ ସଂଗ୍ରହ କରି ଗଙ୍ଗାଧରଙ୍କ ପ୍ରତିଭା-ବୃକ୍ଷ ଶାଖା-ପ୍ରଶାଖା ବିସ୍ତାର କରିଛି, ସେଥିରେ ନୂଆ ଢଙ୍ଗର କାବ୍ୟ କବିତାର ଫୁଲ ଫୁଟିଛି । କୁମାର ଜନ୍ମୋତ୍ସବ ଓ ଇନ୍ଦୁମତୀ ଆଦି ପ୍ରକାଶିତ ହୋଇ ତତ୍କାଳୀନ ସୁଧୀ ସମାଜର ଦୃଷ୍ଟି ଆକର୍ଷଣ କରିଛି । ଇନ୍ଦୁମତୀର ପ୍ରଥମାଂଶ ପାଇଁ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା କୋଡ଼ିଏ ଟଙ୍କା ସେ ପୁରସ୍କୃତ ହୁଅନ୍ତି । ସମ୍ପାଦକୀୟ ସ୍ତମ୍ଭରେ 'ସମ୍ବଲପୁର ହିତୈଷିଣୀ'ର ସଂପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଗଙ୍ଗାଧରଙ୍କୁ ପରିଚିତ କରେଇବା ସହ ଉତ୍ସାହ ଦେଇ "ଶ୍ରୀ ଗଙ୍ଗାଧର ମେହେର" ଶୀର୍ଷକରେ ଲେଖନ୍ତି : "ସମ୍ବଲପୁର ବିଭାଗରେ ନବ୍ୟରୀତିରେ ଶିକ୍ଷିତ ସଂଖ୍ୟା ଆଜିକାଲି ଗଣା ନୁହନ୍ତି; କିନ୍ତୁ ଶିକ୍ଷିତ ଦଳ ମଧ୍ୟରେ ସୁଲେଖକ କେହି ନାହାନ୍ତି କହିଲେ ଚଳେ । ଏ ହେତୁ ଆମ୍ଭେମାନେ ଅନେକବାର ଦୁଃଖ ପ୍ରକାଶ କରିଅଛୁଁ । କିନ୍ତୁ ବରପାଲୀ ନିବାସୀ ବାବୁ ଗଙ୍ଗାଧର ମେହେର ମାତୃଭୂମିର ଏହି ଅଭାବ ପୂରଣ ସକାଶେ ଉଦ୍‌ଯୋଗୀ ହୋଇଥିବାର ଦେଖାଯାଏ । ଆମ୍ଭେ ତାଙ୍କ ରଚିତ ଛୋଟିକେତେ ପଦ୍ୟ ଇତିପୂର୍ବେ ପାଠ କରି ଆନନ୍ଦଲାଭ କରିଅଛୁଁ । ବର୍ତ୍ତମାନ 'ଉତ୍କଳ ପ୍ରଭା'ରେ ତାଙ୍କ ଲିଖିତ 'ଇନ୍ଦୁମତୀ' ଶୀର୍ଷକ କବିତା ପାଠ କରି ଆମ୍ଭେମାନେ ଅଧିକତର ଆନନ୍ଦିତ ହୋଇଅଛୁଁ ଏବଂ ଆଶା କରିଅଛୁଁ ଯେ ସେ ନିୟମିତ ରୂପେ ସାହିତ୍ୟ ଚର୍ଚ୍ଚା କଲେ ସୁଲେଖକ ସମାଜରେ ଉନ୍ନତ ସ୍ଥାନ ଅଧିକାର କରି ପାରିବେ । ଭରସା କରୁଁ ଗଙ୍ଗାଧରବାବୁ ସାହିତ୍ୟ ଚର୍ଚ୍ଚା ପ୍ରତି କଦାଚ ବୀତସ୍ପୃହ ହେବେ ନାହିଁ ।"
(୫।୪୮, ପୃ. ୧୮୯, ୨।୫।୧୮୯୪)

ସାହିତ୍ୟ ଚର୍ଚ୍ଚା କରିବା ବା ନକରିବା କିନ୍ତୁ ସଂପୂର୍ଣ୍ଣଭାବେ ବ୍ୟକ୍ତି-ନିର୍ଭର ନୁହେଁ, ଅନେକାଂଶରେ ସମାଜ-ନିର୍ଭର। ସାହିତ୍ୟ ଚର୍ଚ୍ଚା ପ୍ରତି ବୀତସ୍ପୃହ ହେବା ନହେବା ତେଣୁ ଗଙ୍ଗାଧରଙ୍କ ମର୍ଜି ଉପରେ ପୁରାପୁରି ନିର୍ଭର କରୁନଥିଲା। ସାହିତ୍ୟଚର୍ଚ୍ଚା କରିବା ପାଇଁ ଅଧ୍ୟୟନ, ମନନ ଓ ସାଧନା ଅବ୍ୟାହତ ରଖିବା ଅତ୍ୟାବଶ୍ୟକ। ଏ ସବୁ ପାଇଁ ଦରକାର ଆର୍ଥିକ ସଂଗତି, ପୁସ୍ତକାବଳୀ, ଅବସର ଓ କିଛି ପରିମାଣରେ ସ୍ୱାଧୀନତା— ତା'ପରେ ରହିଛି ରଚନା ପ୍ରକାଶନ ଓ ପ୍ରସାରଣ ସମସ୍ୟା। ବରପାଲିରେ ଏକ କ୍ଷୁଦ୍ର ଗୋଷ୍ଠୀକୁ ଆଶ୍ରୟ କରି ଏକ ସାହିତ୍ୟିକ ପରିବେଶ ଗଢ଼ିଉଠିଥିଲା— ଯାହା ଗଙ୍ଗାଧରଙ୍କ ସାହିତ୍ୟ ଚର୍ଚ୍ଚା ପାଇଁ ଏକ ସୀମିତ ଅଥଚ ଅନ୍ତରଙ୍ଗ ବାତାବରଣ ଯୋଗାଇ ଦେଇଥିଲା। ନିଜ ବୟନ କୁଶଳତା ଓ ଜମିଦାରଙ୍କ ସିରସ୍ତାରେ ମାଇ ମୋହରୀର ଚାକିରୀ ଫଳରେ ୧୮୯୩-୯୪ ମସିହାବେଳକୁ ସେ ପରିବାର ପାଇଁ କିଞ୍ଚିତ ଆର୍ଥିକ ସଂଗତି ଆଣି ପାରିଥିଲେ। କିନ୍ତୁ ବରପାଲିରେ ତାଙ୍କ ପାଇଁ ତିନୋଟି ସୁବିଧା ଥିଲା ଦୁର୍ଲ୍ଲଭ। ସେଗୁଡ଼ିକ ହେଲା : ସାହିତ୍ୟ ଚର୍ଚ୍ଚା ପାଇଁ ଆବଶ୍ୟକୀୟ ପୁସ୍ତକାବଳୀ, ଅବସର ଓ ରଚନାର ପ୍ରକାଶନ। ଏହି ସମସ୍ତ ସୁବିଧାପାଇଁ ଯେ କୌଣସି ଲେଖକଙ୍କୁ ବାରମ୍ବାର ସମାଜରେ ପ୍ରାଧାନ୍ୟ ବିସ୍ତାର କରିଥିବା ଶକ୍ତିମଣ୍ଡଳର ସାହାଯ୍ୟ ନେବାକୁ ପଡ଼େ। ଏହାର ସୁବିଧା ନେଇ ବିଭିନ୍ନ ସମୟରେ ବିବିଧ ପ୍ରକାରର ସାମାଜିକ ଶକ୍ତି ସାହିତ୍ୟିକ ଖ୍ୟାତି ଓ ପ୍ରତିଷ୍ଠାର ମନ୍ଦିର ଦ୍ୱାରରେ ଦ୍ୱାରରକ୍ଷୀ ରୂପେ ଛିଡ଼ା ହୋଇଥାଏ। ଏମାନଙ୍କୁ ଖୁସି ନକଲେ ବା ଅତିକ୍ରମ ନକଲେ କୌଣସି ଲେଖକ ସାହିତ୍ୟିକ ହୋଇପାରନ୍ତି ନାହିଁ। ଅପରିଚିତ ଭାବରେ ସେ କାଳ ଗର୍ଭରେ ହଜିଯାନ୍ତି। ମଧ୍ୟଯୁଗରେ ରାଜା, ବାଦ୍‌ଶାହା ଓ ଜମିଦାରଙ୍କ କଡ଼ା ପହରାରେ ଏହି ଖ୍ୟାତିର ଦ୍ୱାର ସୁରକ୍ଷିତ ଥିଲା। ଯେଉଁମାନେ ଏମାନଙ୍କୁ ଖୁସି ନକରି ସାହିତ୍ୟିକ ହେବାର ସ୍ୱପ୍ନ ଦେଖୁଥିଲେ, ସେମାନେ ଏହି ସାମନ୍ତ ଶକ୍ତି-କେନ୍ଦ୍ରକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ବିରୋଧ କରୁଥିବା ଧର୍ମ ସଂଗଠନର ଦ୍ୱାରସ୍ଥ ହେଉଥିଲେ, ନତୁବା ନୂତନ ଧର୍ମ ସଂଗଠନ ଗଢୁଥିଲେ। ଏହି ଧର୍ମ ସଂଗଠନ ଓ ରାଜସଭା ଉଭୟଙ୍କୁ ସମକାଳରେ ବିରୋଧ କରି ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ କେହି କବି ବା ସାହିତ୍ୟିକ ଭାବରେ ପ୍ରତିଷ୍ଠାଲାଭ କରିଥିବାର ଦୃଷ୍ଟାନ୍ତ ବିରଳ। ପଶ୍ଚିମ ଓଡ଼ିଶାରେ ଏଭଳି ପ୍ରତିଷ୍ଠାନିକ ପୃଷ୍ଠପୋଷକତାର ଅଭାବ ଥିବାରୁ ଊନବିଂଶ ଶତକ ପୂର୍ବରୁ ଖୁବ୍ କମ୍ ସାହିତ୍ୟିକ ସେଠାରେ ଆବିର୍ଭୂତ ହୋଇଥିବା ଜଣାଯାଏ। ବରପାଲିରେ ରହି ସାହିତ୍ୟ-ଚର୍ଚ୍ଚା କରିବା ତେଣୁ ଗଙ୍ଗାଧରଙ୍କ ପାଇଁ ଏକ ସରଳ ଓ ସହଜ କାର୍ଯ୍ୟ ନଥିଲା।

ଊନବିଂଶ ଶତକର ଓଡ଼ିଶା ଇଂରେଜୀ ଔପନିବେଶିକ ଶାସନ ପଦ୍ଧତି ଓ ଆର୍ଥିକନୀତି ସମ୍ପର୍କରେ ଆସି ପରିବର୍ତ୍ତନର ସମ୍ମୁଖୀନ ହୋଇଥିବା ଏକ ବହୁ ଚର୍ଚ୍ଚିତ ବିଷୟ। ଏହି ପରିବର୍ତ୍ତନ ଫଳରେ ସଂସ୍କୃତି ଓ ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ଯେଉଁ ଅବ୍ୟବସ୍ଥିତ

ଅବସ୍ଥା ସୃଷ୍ଟି ହୋଇଥିଲା ଓ ସେଥିରୁ ମୁକ୍ତି ପାଇବା ଲାଗି ଓଡ଼ିଶାର ସ୍ୱଳ୍ପ ସଂଖ୍ୟକ ମଧ୍ୟବିତ୍ତ ଯେଉଁ କ୍ଷୀଣ ଉଦ୍ୟମ କରିଥିଲେ, ସେହି ଉଦ୍ୟମକୁ ନବଜାଗରଣ, ପୁନରୁଜ୍ଜୀବନ, ପୁନର୍ଜାଗରଣ ଆଦି ଉପାଧିରେ ଭୂଷିତ କରାଯାଇଥାଏ । ଓଡ଼ିଶାରେ ବହୁଦିନ ଧରି ଚାଲି ଆସିଥିବା ସାମନ୍ତବାଦୀ ଆର୍ଥନୀତି ଓ ସମାଜ ବ୍ୟବସ୍ଥା, ସଂପୃକ୍ତ କାଳରେ, ଔପନିବେଶିକ ଶାସନର ଆବଶ୍ୟକତା ହେତୁ ଔପନିବେଶିକ ପୁଞ୍ଜିବାଦୀ ଅର୍ଥନୀତି ଓ ଅର୍ଦ୍ଧ-ସାମନ୍ତତାନ୍ତ୍ରିକ ସମାଜ ବ୍ୟବସ୍ଥା ସହ ଏକ ସଂଘର୍ଷ ଓ ସାଲିସ୍‌ର ବାତାବରଣ ଦେଇ ଗତି କରୁଥିଲା । ଏହି ସଂଘର୍ଷ ଓ ସାଲିସ୍ ଯେଉଁ ପରିବର୍ତ୍ତନର କାରଣ ହୋଇଥିଲା ସେହି ପରିବର୍ତ୍ତନ କୌଣସି ସଂହତ ଜୀବନ-ଜିଜ୍ଞାସା ଓ ମେଦିନୀ-ଦୃଷ୍ଟି ସୃଷ୍ଟି କରିବା ପରିବର୍ତ୍ତେ ଇଂରେଜ-ଭକ୍ତ ଏକ ଭୂଇଁଫୋଡ଼ ନୂତନ ସାମନ୍ତଗୋଷ୍ଠୀ ତିଆରି କରିଥିଲା – ଯେଉଁମାନେ ଶିକ୍ଷା ବୁନିଆଦି ଓ ସଂସ୍କୃତିରୁ ଥିଲେ ବଞ୍ଚିତ । ପୁଣି ଇଂରେଜୀ ଶୋଷଣ ଫଳରେ ଆର୍ଥନୀତିକ ବିକାଶ ବ୍ୟାହତ ହୋଇଥିଲା । ତା' ସହିତ ଅର୍ଥନୈତିକ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ତୀବ୍ର ହୋଇ ଉଠିଥିଲା । ଏହାର ପରିଣତି ହୋଇଥିଲା କର୍ତ୍ତୃତ୍ୱ ବିସ୍ତାର ପାଇଁ ସତତ ଚେଷ୍ଟିତ, କେନ୍ଦ୍ରୀଭୂତ ଏକ ନୂତନ ସଂସ୍କୃତିର ଅଭ୍ୟାଗମ । ଏହି ସାଂସ୍କୃତିକ କେନ୍ଦ୍ରୀକରଣ ଓ ଅସମ ଆର୍ଥନୀତିକ ବଣ୍ଟନ ଫଳରେ ଯେଉଁ ନୂତନ ମଧ୍ୟବିତ୍ତ ଗୋଷ୍ଠୀ ଲାଭବାନ ହୋଇଥିଲା; ସେହି ମଧ୍ୟବିତ୍ତ ଗୋଷ୍ଠୀର କେହି କେହି ନୂତନ ରୀତିରେ ସାହିତ୍ୟ ରଚନା କରିବାକୁ ମନ ବଳେଇ ଥିଲେ; ନିଜର ପରିସ୍ଥିତି-ସଙ୍କଟରୁ ମୁକ୍ତି ପାଇବାପାଇଁ ଆପଣା ଭାଷା ଗୋଷ୍ଠୀ ବା ଧର୍ମକୁ ନେଇ ନୂତନ ଜାତିର ପରିକଳ୍ପନା କରିଥିଲେ । ମୋଟ ଉପରେ ଅସମ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ଭିତ୍ତିରେ ତଥାକଥିତ ନବଜାଗରଣ ସଂଗଠିତ ହୋଇଥିଲା । ଫଳରେ ଇଂରେଜୀ ପ୍ରଶାସନ ଓ ଶିକ୍ଷା ବ୍ୟବସ୍ଥା ଆଦି ସହ ସଂପୃକ୍ତ ଗୌରୀଶଙ୍କର, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗୋପାଳ ବଲ୍ଲଭ ଦାସ, ବିଶ୍ୱନାଥ କର ବା ନନ୍ଦକିଶୋର ପ୍ରମୁଖ ସାମ୍ବାଦିକ, ସାହିତ୍ୟିକରେ ପରିଣତ ହୋଇଥିଲେ । ଏମାନଙ୍କ ଦୟା ବା ଅନୁଗ୍ରହ ହେତୁ ଜଣେ ଜଣେ ନୀଳମଣି ବିଦ୍ୟାରତ୍ନ ବା ଗୋବିନ୍ଦ ରଥ ହୁଏତ ସମକାଳୀନ ସାଂସ୍କୃତିକ ଜୀବନରେ ବର୍ମୀ ଭାବରେ ଆବିର୍ଭୂତ ହୋଇଥିଲେ । ମାତ୍ର ଏମାନେ ଥିଲେ ବ୍ୟତିକ୍ରମ । ପୁଣି ସମ୍ବଲପୁରରେ, ବିଶେଷତଃ ବରପାଲି ଭଳି ଗ୍ରାମାଞ୍ଚଳରେ ଏଭଳି ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନର ଦିଗଟି ଥିଲା ଅନନୁଭୂତ । ପରିବର୍ତ୍ତନର ଏହି କ୍ଷୀଣ ସ୍ରୋତରେ ଅବଗାହନ କରି ଓ ଆଧୁନିକ ମନନର ଝାପ୍‌ସା ଆଲୋକକୁ ପୁଞ୍ଜିକରି ନିଜର ଈପ୍‌ସିତ ଆଧୁନିକ ଧାରାରେ ସାହିତ୍ୟ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ଗଙ୍ଗାଧର । ତାଙ୍କର କ୍ରମ ପ୍ରସାରିତ ଦୃଷ୍ଟିଭଙ୍ଗୀ ଓ ସୌନ୍ଦର୍ଯ୍ୟବୋଧ ମେଦିନୀ-ଦୃଷ୍ଟି ଏହି ସାହିତ୍ୟ ରଚନାର ଅଗ୍ରଗତିରେ ଯେଉଁ ପରିମାଣରେ ସହାୟକ ହୋଇଥିଲା, ତାଙ୍କର ନିଜସ୍ୱ ପରିବେଶ ସେହି ପରିମାଣରେ

ସହାୟକ ହୋଇପାରିନଥିଲା। ତେଣୁ ଗଙ୍ଗାଧର ସାହିତ୍ୟିକ ଜୀବନର ଆଦି ପର୍ଯ୍ୟାୟରେ ଏକ ଦ୍ୱାନ୍ଦ୍ୱିକ ପରିସ୍ଥିତି ଭିତରେ ଗତି କରୁଥିଲେ। ସେ ଦ୍ୱନ୍ଦ୍ୱ ଥିଲା ନିଜର ପ୍ରେରଣା ସହ ଉତ୍କଳୀୟ ସାହିତ୍ୟ ସଂସ୍କୃତିର, ନିଜର ଅନ୍ତର୍ଜୀବନ ସହ ଅବ୍ୟବହିତ ପରିବେଶର। ଏହି ଦ୍ୱନ୍ଦ୍ୱର ସ୍ୱାକ୍ଷର ତାଙ୍କର ସମସ୍ତ ରଚନାରେ ଉତ୍କୀର୍ଣ୍ଣ। ଏହି ଦ୍ୱନ୍ଦ୍ୱରୁ ମାନସିକ ସ୍ତରରେ ତ୍ରାହି ପାଇ ସୃଷ୍ଟି କର୍ମରେ ନିୟୋଜିତ ହେବାପାଇଁ ସେ ଲୋଡ଼ୁଥିଲେ ବାହ୍ୟ ପ୍ରେରଣା, କୌଣସି ଅଗ୍ରଜ / ସଜ୍ଜନଙ୍କର ଉତ୍ସାହ ବାଣୀ। ରାଧାନାଥଙ୍କ ଚିଠିଗୁଡ଼ିକ ଏହି ଆବଶ୍ୟକତା ପୂରଣ କରିଥିଲା। ରାଧାନାଥ ଗଙ୍ଗାଧରଙ୍କ ନିକଟକୁ ଯେଉଁଭଳି ପତ୍ର ଲେଖିଛନ୍ତି, ଅନୁରୂପ ରୀତିରେ ଆହୁରି ଉତ୍ସାହ ବ୍ୟଞ୍ଜକ ଓ ପ୍ରଶଂସାସୂଚକ ଚିଠି ସେ ଅନେକ ଜଣଙ୍କୁ ଲେଖିଛନ୍ତି, କିନ୍ତୁ ଆଉ ଜଣେ ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ଆବିର୍ଭୂତ ହୋଇନାହାନ୍ତି। ନୀଳମଣିଙ୍କର ସହଯୋଗ, ରାଧାନାଥଙ୍କର ପ୍ରଶଂସା ଓ ବନ୍ଧୁ ରାଜା ତଥା ସମ୍ବାଦପତ୍ରର ପୃଷ୍ଠପୋଷକତା ଲାଭ କରିଥିବା ଦାମୋଦର ମିଶ୍ର ଆଜି ବିସ୍ମୃତିର ଗର୍ଭରେ। ଅଥଚ ଗଙ୍ଗାଧର ?

୧୮୯୩-୯୪ ମସିହାବେଳକୁ ତେଣୁ ଗଙ୍ଗାଧରଙ୍କର ତିନୋଟି ସମସ୍ୟା ଥିଲା ପ୍ରଧାନ: (କ) ଲେଖକୀୟ ଜୀବନ ଲାଗି ଅବସର, (ଖ) ଓଡ଼ିଶାର ଅନ୍ୟାନ୍ୟ ସାହିତ୍ୟିକଙ୍କ ସହ ସଂଯୋଗ ସ୍ଥାପନ, ଓଡ଼ିଆ ପତ୍ରପତ୍ରିକା ଓ ପୁସ୍ତକାଦି କ୍ରୟ ନିମନ୍ତେ ଉପଯୁକ୍ତ ଆର୍ଥିକ ସଙ୍ଗତି, (ଗ) ରଚନାଗୁଡ଼ିକର ପ୍ରକାଶ ଓ ପ୍ରସାର। ଜମିଦାରଙ୍କ ଦପ୍ତରରେ ମାଲମୋହରିର କାର୍ଯ୍ୟ ଓ କୌଳିକ ବ୍ୟବସାୟ ବସ୍ତ୍ର-ବୟନରେ ନିୟୋଜିତ ରହିବା ଫଳରେ ତାଙ୍କର ଅବସର ଥିଲା ସ୍ୱଳ୍ପ। ପୁଣି ଚାକିରି ବାନ୍ଧି ଦେଲେ ତାଙ୍କର ପାରିବାରିକ ଅର୍ଥନୀତି ବିପର୍ଯ୍ୟସ୍ତ ହେବାର ସନ୍ଦେହ ଥିଲା। ଆର୍ଥିକ ସଂଗତି ନରହିଲେ କି ସାହିତ୍ୟ-ଚର୍ଚ୍ଚା ସେ ବା କରିପାରିବେ ? ତା ସହିତ ପ୍ରକାଶ ମାଧ୍ୟମର ଅଭାବ ଥିଲା ତାଙ୍କର ଆଉ ଏକ ସମସ୍ୟା। ନିଜର ଓ ବନ୍ଧୁ ମଦନମୋହନ ପ୍ରଧାନଙ୍କର, ଗ୍ରାମୀଣ ନିମ୍ନ-ମଧ୍ୟବିତ୍ତ ସ୍ଥିତି ସତ୍ତ୍ୱେ ସେମାନେ 'ଅହଲ୍ୟାସ୍ତବ' ପ୍ରକାଶ କରିଥିଲେ। ପାରିବାରିକ କାରଣରୁ ତାଙ୍କର ସାମାଜିକ ଗତିଶୀଳତା ଥିଲା ଅସମ୍ଭବ। ପୁଣି ବରପାଲିରେ ରହି ଜମିଦାରଙ୍କ କୃପା-ଦୃଷ୍ଟି ବିନା ସାମାଜିକ ଊର୍ଦ୍ଧ୍ୱଗମନ ଓ ଆର୍ଥିକ ଅବସ୍ଥାର ଉନ୍ନତି ଥିଲା ଅସମ୍ଭବ। ଦ୍ୱିତୀୟତଃ ବାମଣ୍ଡା ରାଜବଂଶ ଓ ମୟୂରଭଞ୍ଜ ମହାରାଜାଙ୍କ ସହିତ ବରପାଲି ଜମିଦାରଙ୍କ ପାରିବାରିକ ସମ୍ପର୍କ ଥିଲା। ସେହି ରାଜପରିବାର ଦ୍ୱୟର ଆନୁକୂଲ୍ୟରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ଓ 'ଉତ୍କଳ ପ୍ରଭା'ରେ ଆତ୍ମପ୍ରକାଶର ସୁଯୋଗ ପାଇବାପାଇଁ ଗଙ୍ଗାଧର ବରପାଲି ଜମିଦାରଙ୍କୁ ଖୁସି କରିବାକୁ ଚାହିଁଛନ୍ତି। ଏହିଭଳି ପ୍ରଚେଷ୍ଟାରୁ 'କୁମାର ଜନ୍ମୋତ୍ସବ' କବିତାର ସୃଷ୍ଟି। ଜଣେ ଅନୁଗତ ପାରିଷଦର ମନ ନେଇ ଲିଖିତ ଏହି କବିତାରେ ଗଙ୍ଗାଧର ନୃପରାଜ ସିଂହଙ୍କ ନାତି ଜନ୍ମ ଉପଲକ୍ଷେ ଲେଖିଛନ୍ତି : "କେତେ ଉପକାର ପାଇବେ ତାଙ୍କ ଆଶ୍ରିତମାନେ, ମୋହୋ କପାଳରେ କି ଅଛି ତାହା ଦଇବ ଜାଣେ।"

(ଗଙ୍ଗାଧର ଗ୍ରନ୍ଥାବଳୀ, ୧୯୭୭, ପୃ.୪୨୫)। କିନ୍ତୁ ଉମାର ଜନ୍ମୋତ୍ସବ ରଚନା କାଳପରେ ଗଙ୍ଗାଧରଙ୍କ କପାଳରେ କିଛି ଘଟିନଥିଲା। ମାଲମୋହରୀର ପଦରୁ ସେ ଉପରକୁ ଉଠିନଥିଲେ କିମ୍ବା ନୃପରାଜ ସିଂହ ତାଙ୍କର କୌଣସି କାବ୍ୟର ପ୍ରକାଶରେ ସହାୟତା କରିନଥିଲେ। 'ଇନ୍ଦୁମତୀ'କୁ ସେ ପୁରସ୍କାର ପାଇଥିବା କୋଡ଼ିଏ ଟଙ୍କା, ନିଜର ସ୍ୱଳ୍ପବିତ୍ତ ଓ ବନ୍ଧୁମାନଙ୍କଠାରୁ କରିଥିବା ଋଣରେ ପ୍ରକାଶ କରିଛନ୍ତି। 'ଉତ୍କଳ ଲକ୍ଷ୍ମୀ' ମଧ୍ୟ ପାଣ୍ଡୁଲିପି ଆକାରରେ ପଡ଼ି ରହିଚି। ତେଣୁ ଗଙ୍ଗାଧର ନିଜର ଆର୍ଥିକ ଉନ୍ନତି ପାଇଁ, ବସ୍ତ୍ର-ବ୍ୟବସାୟରେ ସଂପୂର୍ଣ୍ଣ ଭାବରେ ନିୟୋଜିତ ହେବାକୁ ଚାହିଁଛନ୍ତି। ୧୮୯୪ ମସିହାରେ ଗଙ୍ଗାଧର ପ୍ରକାଶ କରିଥିବା ବିଜ୍ଞାପନରେ ତାଙ୍କର ଆଧୁନିକ ମନ ସହିତ ପଶ୍ଚାତ୍‌ବର୍ତ୍ତୀ ସାମାଜିକ-ସ୍ଥିତିର ଦ୍ୱନ୍ଦ୍ୱ ସ୍ପଷ୍ଟ :

## ବିଜ୍ଞାପନ

ବରପାଲିର କୌଷେୟ ବସ୍ତ୍ର ଭାରତରେ ପ୍ରସିଦ୍ଧ। ଏଠାର କୌଷେୟବସ୍ତ୍ର ଲଣ୍ଡନ୍ ବିମାସରାହ୍ନରେ ପ୍ରଶଂସାଭାଜନ ହେବାରୁ ବୁଣାକାରକୁ ସାର୍ଟିଫିକେଟ୍ ସହିତ ରୌପ୍ୟ ତକମା ମିଳିଅଛି। ଅନେକ ଲୋକ ଏଠାର କୌଷେୟ ବସ୍ତ୍ର କ୍ରୟ କରିବାକୁ ଅଭିଳାଷୀ ହୋଇ ସୁବିଧା ନଥିବାରୁ ଅସିଦ୍ଧକାମ ହେଉଅଛନ୍ତି। ବର୍ତ୍ତମାନ ଆମ୍ଭେ ଉକ୍ତ ଅସୁବିଧା ନିରାକରଣର ଉପାୟ ଅବଲମ୍ବନ କରିଅଛୁଁ। ୮ ତାରା, ୯ ତାରା, ୪ ତାରା ଡୋରିଆ ଏବଂ ସାଦାଥାନ, ନାନା ପ୍ରକାର ଧୋତି, ଚାଦର, ଶାଢ଼ୀ ଯାହାର ଯାହା ଆବଶ୍ୟକ ଆମଠାକୁ ଲେଖିଲେ ପତ୍ର ପ୍ରାପ୍ତିର ଦି୧୫ନ ମଧ୍ୟରେ ଫରମାସ ମୁତାବକ ଭିଃ ପିଃ ପୋଷ୍ଟରେ ପ୍ରେରଣ କରିବୁଁ। ଡାକଖର୍ଚ୍ଚା ଆଦି କ୍ରେତା ସହ୍ୟ କରିବେ। ମୂଲ୍ୟାଦି ଜାଣିବାକୁ ଇଚ୍ଛାହେଲେ ରିପ୍ଲାଇ କାର୍ଡ଼ ପଠାଇଲେ ଉତ୍ତର ମିଳିବ। (ଇତି)

ଶ୍ରୀ ଗଙ୍ଗାଧର ମେହେର, ବରପାଲି
ସମ୍ବଲପୁର, ମଧ୍ୟପ୍ରଦେଶ (ସମ୍ବଲପୁର ହିତୈଷିଣୀ ୬/୨୭, ଅତିରିକ୍ତ)(୪)

ଏହି ବିଜ୍ଞାପନ ଗଙ୍ଗାଧରଙ୍କୁ ବସ୍ତ୍ର ବ୍ୟବସାୟରେ କେତେ ସଫଳତା ଆଣି ଦେଇଥିଲା, ତାହା ଆଜି ଅନୁମାନର ବିଷୟ। ତେବେ ସମକାଳୀନ ଓ ପରବର୍ତ୍ତୀ ଘଟଣା ସ୍ରୋତକୁ ଅଧ୍ୟୟନ କଲେ, ମନେହୁଏ ଯେ ସମସ୍ତ ସାମର୍ଥ୍ୟ ଓ ବୟନ ଶିଳ୍ପର ଉତ୍କର୍ଷତା ସତ୍ତ୍ୱେ ଗଙ୍ଗାଧର ନିଜର କୌଳିକ ବ୍ୟବସାୟ କରି ଈପ୍ସିତ ସାଫଲ୍ୟ ଲାଭ କରିପାରିନଥିଲେ। ଫଳତଃ ଆଧୁନିକ ଯୁଗରେ ପରିବର୍ତ୍ତନ ଆକାଂକ୍ଷୀ ମନ ନେଇ ଜନ୍ମଗ୍ରହଣ କରିଥିଲେ ବି ଗଙ୍ଗାଧରଙ୍କ ଅବସ୍ଥାନଗତ ସୀମାବଦ୍ଧତା ହେତୁ ତାଙ୍କ ପ୍ରତିଭାର ବିକାଶ ସାମନ୍ତବାଦୀ ପରିବେଶ-ନିର୍ଭର ହୋଇପଡ଼ିଛି। ତାଙ୍କର ସମସ୍ତ ସମସ୍ୟାର ସମାଧାନ ଜମିଦାରଙ୍କ ପୃଷ୍ଠପୋଷକତାକୁ ଅପେକ୍ଷା କରିଛି। ଗୋଟିଏ ପଟରେ ସାହିତ୍ୟିକ-ଜୀବନର ସଂକଟ ଓ ଅନ୍ୟପକ୍ଷରେ ବିକଳ୍ପ-ବୃତ୍ତି-ସନ୍ଧାନରେ ଅସାଫଲ୍ୟ ତାଙ୍କୁ ବରପାଲି ଜମିଦାରଙ୍କ ସହ ଘନିଷ୍ଠ ହେବାପାଇଁ ବାଧ୍ୟ କରିଛି।

ଊନବିଂଶ ଶତକରେ ସୁରେନ୍ଦ୍ର ସାଏ, ଚକ୍ରା ବିଶୋଇ ଓ ଚନ୍ଦ୍ରାକର ନାୟକ ପ୍ରମୁଖ ଦେଶପ୍ରେମୀଙ୍କ ସଂଗ୍ରାମକୁ ନିଷ୍ଫଳ କରିବାପାଇଁ ଇଂରେଜୀ ପ୍ରଶାସନ ଏକ ଅନୁଗତ ରାଜନ୍ୟବର୍ଗ / ଜମିଦାର ଗୋଷ୍ଠୀକୁ ସୃଷ୍ଟି କରିବାପାଇଁ ଚାହିଁଥିଲା । ସେମାନଙ୍କୁ ଆପେକ୍ଷିକ ପ୍ରଶାସନିକ ସ୍ୱାଧୀନତା ସହ ନିଜ ଅଞ୍ଚଳରେ ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ପରୋକ୍ଷରେ ଉତ୍ସାହିତ କରାଯାଇଥିଲା । ସେମାନଙ୍କ ରାଜ୍ୟମାନଙ୍କରେ ଥିବା ଅଶାନ୍ତ ଆଦିବାସୀମାନଙ୍କୁ ତଥାକଥିତ ସଭ୍ୟ କରାଇବା ରାଜା, ଜମିଦାରମାନଙ୍କର ଅନ୍ୟଏକ କାର୍ଯ୍ୟକ୍ରମ ଥିଲା । ଏଭଳି ବିଭିନ୍ନ କାରଣରୁ ପଶ୍ଚିମ ଓଡ଼ିଶାର ଦେଶୀୟ ରାଜନ୍ୟବର୍ଗ ଓଡ଼ିଆ ତଥା ସଂସ୍କୃତ ସାହିତ୍ୟ ଚର୍ଚ୍ଚା ସମ୍ପର୍କରେ ଆଗ୍ରହ ପ୍ରକାଶ କରିଥିଲେ । ଖଡ଼ିଆଳ, ବଲାଙ୍ଗୀର-ପାଟଣା, ସୋନପୁର ଓ ବାମଣ୍ଡା ଆଦି ରାଜ ପରିବାରରେ ସାହିତ୍ୟ ଚର୍ଚ୍ଚା କ୍ରମଶଃ ଏକ ସଂସ୍କୃତିରେ ପରିଣତ ହୋଇଥିଲା । ଅନ୍ୟ କେତେକ ରାଜପରିବାର ନିଜେ ସାହିତ୍ୟ ଚର୍ଚ୍ଚା ନକଲେ ବି ସାହିତ୍ୟ ଓ ସଙ୍ଗୀତ ଆଦି କଳାର ପୃଷ୍ଠପୋଷକତା କରୁଥିଲେ । ସଭ୍ୟ ହେବା ଆକାଂକ୍ଷାର ଏହା ଥିଲା ଫଳଶ୍ରୁତି । ଇଂରେଜ ସରକାରଙ୍କଠାରୁ ଖେତାବ ପାଇବାରେ ଏହି ସାହିତ୍ୟ ଚର୍ଚ୍ଚା କେତେକାଂଶରେ ସାହାଯ୍ୟ କରୁଥିଲା । (ସବୁ ପ୍ରଦେଶରେ ସାହିତ୍ୟ-ଚର୍ଚ୍ଚା, ବିଶେଷତଃ ପ୍ରାଚୀନ ସାହିତ୍ୟ ଚର୍ଚ୍ଚା ପ୍ରତି ଇଂରେଜ ସରକାରଙ୍କର ସମାନ ଦୃଷ୍ଟିକୋଣ ନଥିଲା । ଯାହା ବମ୍ବେ ପ୍ରେସିଡେନ୍‌ସୀ ଅନ୍ତର୍ଗତ ସେଣ୍ଟ୍ରାଲ୍ ପ୍ରଭିନ୍‌ସ୍ କ୍ଷେତ୍ରରେ ସତ୍ୟ, ତାହା ଅନ୍ୟ ପ୍ରେସିଡେନ୍‌ସୀ ଅନ୍ତର୍ଗତ ପ୍ରଭିନ୍‌ସ୍ ବା ଡିଭିଜନ୍ ପାଇଁ ସତ୍ୟ ନୁହେଁ ।)

ବରପାଲି ଜମିଦାର-ପରିବାର ଥିଲା ଇଂରେଜ ଅନୁଗତ । ଗଙ୍ଗାଧରଙ୍କ ନିଜ ବର୍ଣ୍ଣନାରୁ ବରପାଲି ଜମିଦାର-ପରିବାରର ଏହି ଆନୁଗତ୍ୟ ସ୍ପଷ୍ଟ : "ସେ ସମୟରେ [ନାରାୟଣ ସିଂହଙ୍କ ମୃତ୍ୟୁ ପରେ] ସୁରେନ୍ଦ୍ର ସାଏ, ଉଜ୍ଜଳ ସାଏ ପ୍ରଭୃତି ରାଜବଂଶୀୟମାନେ ରାଜ୍ୟଲୋଭରେ ବିଦ୍ରୋହାଚରଣ [ଇଂରେଜ ସରକାରଙ୍କ ବିରୁଦ୍ଧରେ] ଆରମ୍ଭ କରିବାକୁ ଲାଗିଲେ । କେତେକ ଗଣ୍ଡ ଜମିଦାର ସ୍ୱଜାତୀୟ ବହୁ ବ୍ୟକ୍ତିଙ୍କ ସହିତ ବିରୋଧୀ ଦଳଭୁକ୍ତ ହୋଇ ରାଜ୍ୟରେ ଅତ୍ୟନ୍ତ ଉପଦ୍ରବ ଆରମ୍ଭ କଲେ କିନ୍ତୁ ଭୟ ଓ ଭକ୍ତିରେ ବରପାଲୀର ସୀମା ସ୍ପର୍ଶ କରୁନଥିଲେ... ଭବାନୀ ସିଂହ [କୃପାରାମ ସିଂହଙ୍କର ପିତାମହ] ରାଜ୍ୟର ଅବସ୍ଥା ବିବେଚନା କରି ତଦ୍‌ବିଷୟରେ [ସମ୍ବଲପୁର ରାଜ୍ୟ] ଔଦାସୀନ୍ୟ ପ୍ରଦର୍ଶନ କରି ବିଦ୍ରୋହ ଶାନ୍ତି ନିମନ୍ତେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କର ସହକାରୀ ରୂପେ କାର୍ଯ୍ୟ କଲେ । ତହିଁର ଫଳସ୍ୱରୂପ କେତେକ ବିଦ୍ରୋହୀ ଗଣ୍ଡଙ୍କୁ ଧୃତ କରି ଇଂରେଜ ସରକାରରେ ଅର୍ପଣ କରି ତଦାନୀନ୍ତନ କମିଶନର ଉଇଲିୟମ୍ ରବର୍ଟ ଫାରଷ୍ଟର୍ ସାହେବଙ୍କଠାରୁ ଧନ୍ୟବାଦ ପତ୍ର ପାଇଲେ ।" (ଗଙ୍ଗାଧର ଗ୍ରନ୍ଥାବଳୀ, ୧୯୭୭, ପୃ. ୪୫୪) । ଇଂରେଜ ସରକାରଙ୍କଠାରୁ ପ୍ରଶଂସାପତ୍ର ପାଇବାପାଇଁ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ-ଦମନରେ ଅଂଶଗ୍ରହଣ କରିଥିବା ଭବାନୀ ସିଂହଙ୍କର ବଂଶଧର କୃପାରାମ ସିଂହ ଅନୁରୂପ କାରଣରୁ ସାହିତ୍ୟ ଚର୍ଚ୍ଚା ପ୍ରତି ଅନୁରକ୍ତ ହୋଇଥିବା

ଓ ଏହି ଅନୁରକ୍ତି ଲୋକ ଦେଖାଣିଆ ହୋଇଥିବା ସମ୍ଭବ । ତେଣୁ କୁମାର କଲ୍ଲୋଳରେ ଗଙ୍ଗାଧରଙ୍କ ସ୍ତୁତି ତାଙ୍କୁ ସନ୍ତୁଷ୍ଟ କରି ପାରିନାହିଁ । ଏଭଳି ଏକ ପରିବେଶରେ ନିଜର ହିତୈଷୀ ଓ ବନ୍ଧୁମାନଙ୍କ ଉପଦେଶକୁ ସମ୍ମାନ ଦେଇ ଗଙ୍ଗାଧର ନୃପରାଜ ସିଂହଙ୍କ ନାମରେ ଦୁଇଟି ଦୀର୍ଘ କବିତା / କାବ୍ୟ ଓ ତିନୋଟି କ୍ଷୁଦ୍ର କବିତା ପ୍ରକାଶ କରିଛନ୍ତି । ୧୮୯୫ ମସିହାରୁ ୧୮୯୮ ମସିହା ମଧ୍ୟରେ ଏହି ଦତ୍ତ-କୃତିଗୁଡ଼ିକ ପ୍ରକାଶିତ । ଏହାର ପ୍ରତିବଦଳରେ ଗଙ୍ଗାଧର ଜମିଦାରଙ୍କ ସିରସ୍ତାର ମାଲ୍ ମୋହରିର ଚାକିରୀ ସହ ସରକାରୀ ଜୁଡ଼ିସିଏଲ୍ ମୋହରିର ଚାକିରୀ ପାଇଛନ୍ତି । (ସୁପ୍ରେଶ୍ୱର ପଣ୍ଡାଙ୍କ ଅକାଳ ବିୟୋଗ ଫଳରେ ଏହି କାର୍ଯ୍ୟଟି ଖାଲି ହୋଇଥିଲା) । ସମକାଳରେ ସେ ବରପାଲିରେ ଚାଷ ଯୋଗ୍ୟ ଆଠ ଏକର ଜମି କିଣିଛନ୍ତି, ବସ୍ତ୍ର-ବୟନ ରୂପକ ଶାରୀରିକ ଶ୍ରମରୁ ମୁକ୍ତି ପାଇଛନ୍ତି ଓ ନିଜର କେତେକ କାବ୍ୟ କବିତା ଆପଣା ବ୍ୟୟରେ ପ୍ରକାଶ କରିଛନ୍ତି । ମୋଟ ଉପରେ, ନୃପରାଜ ସିଂହଙ୍କୁ 'କୃତି-ସମର୍ପଣ' କରି ଗଙ୍ଗାଧର ତିନୋଟି ସୁବିଧା ପାଇଛନ୍ତି ବା ପାଇବାର ଆଶା ପୋଷଣ କରିଛନ୍ତି : (କ) ଚାକିରୀରେ ଉର୍ଦ୍ଧ୍ୱଗମନ ଅଥବା ନିର୍ଭରଯୋଗ୍ୟ ସରକାରୀ ଚାକିରୀ, (ଖ) ସାହିତ୍ୟ ଚର୍ଚ୍ଚା ପାଇଁ ଆବଶ୍ୟକ ଅବସର, (ଗ) ସାହିତ୍ୟ ଚର୍ଚ୍ଚା ଓ ଆପଣା ପୁସ୍ତକ ପ୍ରକାଶ ପାଇଁ ଆର୍ଥିକ ସଙ୍ଗତି ।

## ॥ ପାଞ୍ଚ ॥

ବହୁ କବି ପରିସ୍ଥିତି ଚାପରେ 'କୃତି-ସମର୍ପଣ' କଲେ ବି ରଚନାର ପିତୃତ୍ୱ ମୋହ ଛାଡ଼ିପାରନ୍ତି ନାହିଁ । ଉଇଦେବ ତାହାର ଦୃଷ୍ଟାନ୍ତ । କିନ୍ତୁ ଗଙ୍ଗାଧର ନୃପରାଜ ସିଂହଙ୍କୁ ଯେଉଁ କେତୋଟି ରଚନାଦାନ କରିଛନ୍ତି, ସମ୍ମାନ ଦିଗରେ ତାହାର ପିତୃତ୍ୱ ଦାବୀ କରିନାହାନ୍ତି । ଅନ୍ୟମାନେ ସେ ପ୍ରଶ୍ନ ଉଠାଇଲେ ସେ ନୀରବ ରହିବାକୁ ଶ୍ରେୟସ୍କର ମଣିଛନ୍ତି । ଏଭଳି ପରିସ୍ଥିତି ତାଙ୍କ ପାଇଁ ଆତ୍ମଦହନର କାରଣ ହୋଇଛି । ତେଣୁ ୧୮୯୮ ମସିହା ପରେ ସେ କାବ୍ୟ ପ୍ରକାଶିତ ହେଉ ବା ନହେଉ କୃତି-ସମର୍ପଣକୁ କେବଳ ଅସମ୍ମାନଜନକ ନୁହେଁ, ମିଥ୍ୟାଚାର ଓ ଛଳନାର ଲକ୍ଷ ରୂପେ ଗ୍ରହଣ କରିଛନ୍ତି । ନୀଳମଣି ବିଦ୍ୟାରତ୍ନ ପରେ ବୋଧହୁଏ ତାଙ୍କୁ ଏପରି ଏକ ପ୍ରସ୍ତାବ ଦେଇଥିବାରୁ ସେ ବ୍ୟଥିତ ହୋଇ ବ୍ରଜମୋହନଙ୍କୁ ଏହା 'ଉପହାସଜନକ ପ୍ରସ୍ତାବ' ବୋଲି ଲେଖିଥିଲେ । (ପତ୍ରାବଳୀ : ପୃ. ୯୮) । ଗଙ୍ଗାଧରଙ୍କ ଏଭଳି ମନୋଭାବକୁ ପୁସ୍ତକ ପ୍ରକାଶ ସମ୍ପର୍କରେ ତାଙ୍କର ଅନାସକ୍ତି ଭାବରେ ନୀଳମଣି ଗ୍ରହଣ କରିଥିଲେ : "ସେ ଖ୍ୟାତିଲାଭ କରିବାପାଇଁ କବିତା ରଚନାରେ ପ୍ରବୃତ୍ତ ହେଉନଥିଲେ, କେବଳ ଚିତ୍ତ ବିନୋଦନ ନିମନ୍ତେ ଆପଣାର ଅବସର କାଳ ମଧ୍ୟରେ କିଛି କିଛି ରଚନା କରୁଥିଲେ । ତାହା ପ୍ରକାଶ କରିବା ବିଷୟରେ ମଧ୍ୟ ତାଙ୍କର ସମ୍ୟକ୍ ମନୋଯୋଗ ନଥିଲା । କବି ଗଙ୍ଗାଧରଙ୍କର ଏହି ସାହିତ୍ୟିକ ସାତ୍ତ୍ୱିକତା ସମୟ ସମୟରେ କେବଳ ବନ୍ଧୁମାନଙ୍କ ଉତ୍ତେଜନାରେ ଭଙ୍ଗ ହେଉଥିଲା ।" (ଉତ୍କଳ ସାହିତ୍ୟ, ୨୮ / ୧, ପୃ. ୧୪) ।

ସେତେବେଳେ ପୁସ୍ତକ-ପ୍ରକାଶନ ପାଇଁ କ୍ଷମତାରେ ନଥିବା ଲେଖକମାନଙ୍କୁ ଯେଉଁ ସ୍ତରକୁ ଯିବାକୁ ପଡୁଥିଲା, ଗଙ୍ଗାଧର ସେହି ସ୍ତରକୁ ଯିବାପାଇଁ ପ୍ରସ୍ତୁତ ନଥିବାରୁ ତାଙ୍କର ରଚନାବଳୀର ପ୍ରକାଶନ ବହୁଦିନ ପର୍ଯ୍ୟନ୍ତ ଏକ ସମସ୍ୟା ହୋଇ ରହିଥିଲା।

କୌଣସି ରାଜା ବା ଜମିଦାର ଗଙ୍ଗାଧରଙ୍କୁ ସମ୍ମାନର ସହ ଆପଣାର କଲେ, ସେଭଳି ଆଦରକୁ ସେ ପ୍ରତ୍ୟାଖ୍ୟାନ କରୁନଥିଲେ। ବିଶେଷତଃ, ସରକାରୀ ଚାକିରୀରୁ ଅବସର ପରେ ସେ ଏଭଳି ରାଜାନୁଗ୍ରହକୁ ଅପେକ୍ଷା କରିଛନ୍ତି। ତା ୨୪।୧୨।୧୯୨୦ରିଖରେ ଶ୍ରୀ ନାରାୟଣ ବହିଦାରଙ୍କ ପତ୍ରରୁ ଗଙ୍ଗାଧରଙ୍କର ଏଭଳି ଇଚ୍ଛା ସୂଚିତ : "ଅନ୍ୟ କୌଣସି ଦିଗରେ ଆପଣଙ୍କର ଅଭୀଷ୍ଟ ସିଦ୍ଧି ଆଶା ନଦେଖିବାରୁ ଆଜ୍ଞ କଳାହାଣ୍ଡି ମହାରାଜାଙ୍କ ଛାମୁରେ ଆପଣଙ୍କ ବିଷୟ ଜଣାଇଅଛି। ଯାହା ଉତ୍ତର ପାଇଲି ତାହା ନିରାଶାପ୍ରଦ ନୁହେଁ। ବର୍ତ୍ତମାନ ଛାମୁ ତୀର୍ଥାଟନରେ ବାହାରି ଅଛନ୍ତି। ଫେରିଲା ପରେ ଏହି ଜଣାଣର ଅଭୟ ଉତ୍ତର ଦେବେ ବୋଲି କହିଅଛନ୍ତି। ରାଜାଦେଶ କ'ଣ ହେବ ତାହା ଆମ୍ଭମାନଙ୍କ ଭାଗ୍ୟ ଉପରେ ନିର୍ଭର କରେ। ....ମାସିକ ଟ୩୦ଙ୍କା ପାଇଲେ ଆପଣ ଭବାନୀପାଟଣାରେ ରହିବାକୁ ସମ୍ମତ ହେବେ କି ନା, ଏ ବିଷୟ ଶ୍ରୀମାନ ମହାରାଜା ସନ୍ଦେହ କରିଥିଲେ। (ପିତୃ ପ୍ରସଙ୍ଗ ପୃ. ୨୬୪)। ଅବସର ଗ୍ରହଣ ପରେ ରାଜାବୋଡ଼ାସମ୍ବର ଜମିଦାରୀରେ ଅତିରିକ୍ତ ଚାକିରୀ ସେ ଗ୍ରହଣ କରିଥିଲେ। 'ସମ୍ବଲପୁର ହିତୈଷିଣୀ' ଏଭଳି ନିଯୁକ୍ତିକୁ 'କବି ଗଙ୍ଗାଧର ମେହେରଙ୍କ ସମ୍ମାନ' ବୋଲି କହିଥିଲା : "କବି ଗଙ୍ଗାଧର ମେହେରଙ୍କର ବାସସ୍ଥାନ ବରପାଲିରେ, କିନ୍ତୁ ସମଗ୍ର ପ୍ରାକୃତିକ ଓଡ଼ିଶାରେ ସେ ସୁପରିଚିତ ଓ ସମାଦୃତ। ତାହାଙ୍କର ନୈସର୍ଗିକ କବି ପ୍ରତିଭା ପ୍ରତ୍ୟେକ ସାହିତ୍ୟିକଙ୍କ ହୃଦୟରେ ବିମଳ ଆନନ୍ଦ ସଞ୍ଚାରିତ କରି ଆସୁଅଛି। କବି ବର୍ତ୍ତମାନ ଗଭର୍ଣ୍ଣମେଣ୍ଟ ସାର୍ଭିସ୍‌ରୁ ପେନ୍‌ସନ୍ ଗ୍ରହଣ କରିଅଛନ୍ତି। ....ଶୁଣି ଖୁସି ହେଲୁଁ। ବୋଡ଼ାସମ୍ବରର ଜମିଦାର ରାୟ ଲାଲ ରାଜେନ୍ଦ୍ର ସିଂହ ବରିହା ବାହାଦୁର ସ୍ୱତଃପ୍ରବୃତ୍ତ ହୋଇ କବିବରଙ୍କର ଅବଶିଷ୍ଟ ଜୀବନର ଯାବତୀୟ ବ୍ୟୟଭାର ବହନ କରି ତାଙ୍କୁ ନିଜ ରାଜଧାନୀରେ ରଖିବାର ସୁବନ୍ଦୋବସ୍ତ କରୁଅଛନ୍ତି। (୨୯ / ୧୦ ପୃ. ୩୬)। ବୋଡ଼ାସମ୍ବରର ଜମିଦାର ଗଙ୍ଗାଧରଙ୍କୁ ସମ୍ମାନରେ ରଖିଥିଲେ ହେଁ ତାହା ଥିଲା ପୁନଃ ନିଯୁକ୍ତି। ଜୀବନରେ କୌଣସି ଦିନ ଅନ୍ୟର ସଂପୂର୍ଣ୍ଣ ଦୟା ଉପରେ ନିର୍ଭର କରି ସେ ରହିବାକୁ ଚାହିଁନାହାନ୍ତି।

ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ତାଙ୍କ ସମକାଳୀନମାନଙ୍କ ତୁଳନାରେ ଥିଲା ଆପେକ୍ଷିକ ଭାବେ କ୍ଷମତା ଉପାସନାର ବିରୋଧୀ। ସମକାଳରେ ଅନ୍ନଦାତାଙ୍କ ପ୍ରତି ବିଶ୍ୱସ୍ତ ରହିବା ଥିଲା ତାଙ୍କ ଚରିତ୍ରର ଅନ୍ୟତମ ଗୁଣ। ପୁଣି, ଜନ୍ମମାଟି ହୋଇଥିବାରୁ ବରପାଲି ପ୍ରତି ତାଙ୍କର ଆକର୍ଷଣ ଥିଲା ଗଭୀର। ଏଭଳି ପରସ୍ପର ବିରୋଧୀ ପ୍ରବଣତାରେ ତାଙ୍କ ବ୍ୟକ୍ତିତ୍ୱ ସଂଗଠିତ। ସେହି ପ୍ରବଣତାର ଶରବ୍ୟ ହୋଇ

ଯେତେବେଳେ ତାଙ୍କ ପାଇଁ ବରପାଲିରେ ରହିବାପାଇଁ ସୁଯୋଗ ଆସିଛି, ତାହାକୁ ସେ ଛାଡ଼ିପାରି ନାହାନ୍ତି। ସେଥିପାଇଁ ବିଭିନ୍ନ ସମୟରେ ସେ ଘୋର ମାନସିକ ଦୁଶ୍ଚିନ୍ତାର ଶରବ୍ୟ ହୋଇଛନ୍ତି। ବ୍ରଜମୋହନଙ୍କ ନିକଟକୁ ତା ୨୧।୧୧।୧୯୧୦ରିଖ ଓ ତା ୨୬।୧୧।୧୯୧୨ରିଖରେ ସେ ଲେଖିଥିବା ଚିଠି ଦୁଇଟି ଏହାର ଦୃଷ୍ଟାନ୍ତ। କିନ୍ତୁ ତା' ବୋଲି କୌଣସି ଜମିଦାରଙ୍କର ଉଜ୍ଜ୍ୱଳ ଦିଗ ସମ୍ପର୍କରେ ସେ ଅନ୍ଧ ନୁହନ୍ତି ବା ସେସବୁ ଗୁଣକୁ ପ୍ରଶଂସା କରିବାରେ ସେ କୃପଣ ନୁହନ୍ତି। ଖଣ୍ଡିଏ ଚିଠିରେ ସେ ନୃପରାଜ ସିଂହଙ୍କ ସମ୍ପର୍କରେ ଲେଖିଥିଲେ : "ବରପାଲି ଜମିଦାରଙ୍କ ମନ ଅନେକ ମହାରାଜାଙ୍କ ମନରୁ ଉନ୍ନତ। ଈଶ୍ୱର ତାଙ୍କୁ ତଦନୁରୂପ ଧନର ଅଧିକାରୀ କରିନାହାନ୍ତି।" (ପତ୍ରାବଳୀ, ପୃ. ୧୨୬)। ଗଙ୍ଗାଧର ଯେଉଁ ପରିବେଶରେ ଜୀବନନିର୍ବାହ କରୁଥିଲେ, ତା' ସହିତ ତାଙ୍କର ମାନସିକ ସାଯୁଜ୍ୟ ନଥିଲା, ବିରୋଧ ମଧ୍ୟ ନଥିଲା। ଏହି ଦ୍ୱନ୍ଦ୍ୱ ଓ ବିସଦୃଶଭାବ ତାଙ୍କ ରଚନାବଳୀର ବିଷୟ ପ୍ରକାଶଭଙ୍ଗୀରେ ଅଭିବ୍ୟକ୍ତି ଲାଭ କରିଛି।

ବରପାଲି ଜମିଦାର ପରିବାର ଓ ଜମିଦାରୀ କାର୍ଯ୍ୟ ପ୍ରତି ଗଙ୍ଗାଧରଙ୍କର ହେତୁବାଦୀ ଦୃଷ୍ଟିକୋଣ ପରବର୍ତ୍ତୀ ସମୟରେ ତାଙ୍କୁ ବିଦ୍ରୋହୀ କରିଛି। ନୃପରାଜ ସିଂହ ତାଙ୍କ ପ୍ରତି ପ୍ରତ୍ୟକ୍ଷ ବା ପରୋକ୍ଷରେ କିଛିବା ଅନ୍ୟାୟ କରିଥାଇ ପାରନ୍ତି, କିନ୍ତୁ ସାମାଜିକ ସ୍ତରରେ ସେ ଥିଲେ ଜଣେ ଉଦାର ବ୍ୟକ୍ତି। କିନ୍ତୁ ତାଙ୍କର ନାତି ସୂର୍ଯ୍ୟୋଦୟ ସିଂହ ଏଭଳି ସୁଗୁଣରୁ ବଞ୍ଚିତ ଥିଲେ। ଫଳରେ ଗଙ୍ଗାଧରଙ୍କ ସହ ତାଙ୍କର ମତଭେଦ ଘଟିଛି। ଏହି ମତଭେଦକୁ ସିଏହେ ବିରୋଧର ଶେଷ ସୀମାରେ ପହଞ୍ଚାଇଛନ୍ତି। ଗଙ୍ଗାଧରଙ୍କ ଶେଷ ଜୀବନରେ ଲିଖିତ 'ଈଶ୍ୱର ଦ୍ରୋହୀ' କବିତାରେ (ଉତ୍କଳ ସାହିତ୍ୟ, ୨୫/୫, ପୃ. ୧୭୪-୭୫) ସୂର୍ଯ୍ୟୋଦୟ ସିଂହ ଚଳେଇଥିବା ଅପଶାସନ ପ୍ରତି ପରୋକ୍ଷ କଟାକ୍ଷ ରହିଛି। ରାଜାନୁଗତ୍ୟ ପାଇବା ଲାଗି ସେ ନିଜର ବିବେକ ଓ କର୍ତ୍ତବ୍ୟବୋଧ ସହ ଆପୋଷ୍ କରିପାରି ନାହାନ୍ତି।

ଗଙ୍ଗାଧରଙ୍କ କବିପ୍ରତିଭା ଆପଣା ଦୀପ୍ତିରେ ଭାସ୍ୱର। ଅନ୍ୟର ଦୟା ବା ଉତ୍ସାହ ହେତୁ କେବଳ ତାହା ପ୍ରକାଶିତ ହୋଇନାହିଁ। ତାଙ୍କ ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତି ଆସିଛି, ତାହା ସେ ଆପଣା ବାଟରେ ସମ୍ମୁଖୀନ ହୋଇଛନ୍ତି। ଠିକ୍ ସେହିଭଳି ୧୮୯୪-୯୫ ମସିହାବେଳକୁ ସେ ଯେଉଁ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥିଲେ, ହୁଏତ ତାକୁ ସେ ଭିନ୍ନ ଭାବରେ ସମାଧାନ କରିପାରିଥାନ୍ତେ। ତଥାପି ଯେଉଁ ପଥଟି ତାଙ୍କ ପାଇଁ ଖୋଲାଥିଲା, ଅନ୍ୟମାନଙ୍କ ପରାମର୍ଶରେ ଓ ଆପଣାର ସୀମାବଦ୍ଧ ସାମର୍ଥ୍ୟକୁ ବିଚାରକରି, ସେହି ପଥରେ ସେ ଅଳ୍ପକାଳ ପାଇଁ (୧୮୯୫-୯୮) ଅଗ୍ରସର ହୋଇଛନ୍ତି। ସେହି ନିର୍ଦ୍ଦିଷ୍ଟ ସମୟରେ ତାଙ୍କ ଅବସ୍ଥାକୁ ନେଇ ତାଙ୍କ ସମଗ୍ର ଜୀବନ ଓ ବ୍ୟକ୍ତିତ୍ୱର ପରିଚିତି ନିର୍ଦ୍ଧାରଣ କରିବା ଉଚିତ ହେବ ନାହିଁ। ଠିକ୍ ସେହିଭଳି କବି ଯେ ଉଦରପୂରଣ ଚିନ୍ତା ହେତୁ କିଛି ଲେଖିପାରି ନଥିଲେ,

ତାହା ମଧ୍ୟ ନୁହେଁ। ପଣ୍ଡିତ ରାଘବ ମିଶ୍ର ଲେଖିଛନ୍ତି: "ଗଙ୍ଗାଧର ରୀତିମତେ ସାହିତ୍ୟ ସେବା କରିବା ସୁବିଧା ଆଦୌ ଲାଭ କରିପାରି ନଥିଲେ। ଉଦରପୂରଣ ଚିନ୍ତାର ଦାରୁଣ ନୈରାଶ୍ୟ ସମୟ ସମୟରେ ତାହାଙ୍କର କଳ୍ପନାରାଶିକୁ ଭସ୍ମୀଭୂତ କରି ଦେଉଥିଲା।" (ମେହେର କବି, ପୃ.୪୪)। ଉଦରପୂରଣ ନୁହେଁ, ଗଙ୍ଗାଧରଙ୍କ ବ୍ୟକ୍ତି ଓ ସାହିତ୍ୟିକ ଜୀବନର ଅନ୍ୟାନ୍ୟ ସମସ୍ୟା ତାଙ୍କୁ ବେଳେବେଳେ ଆକ୍ରାନ୍ତ କରିଛି। ସାମୟିକ ଅସ୍ଥିରତା ଓ ଅବ୍ୟବସ୍ଥିତ ଅବସ୍ଥା ପରେ ସେଥିରୁ ମୁକ୍ତି ଲାଭ କରି ପୁଣି ସେ ସୃଷ୍ଟି-କର୍ମରେ ନିଜକୁ ନିୟୋଜିତ କରିଛନ୍ତି। ତେଣୁ ନନ୍ଦକିଶୋରଙ୍କଠାରୁ ରାଘବ ମିଶ୍ରଙ୍କ ପର୍ଯ୍ୟନ୍ତ ଅଧିକାଂଶ କବି ଓ ଆଲୋଚକ ଗଙ୍ଗାଧରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଯେଉଁ ଅତିକଥା ସବୁ ସୃଷ୍ଟି କରିଛନ୍ତି, ସେଇ ଅତିକଥାସବୁ ଗଙ୍ଗାଧରଙ୍କ ସାହିତ୍ୟ ମୂଲ୍ୟାୟନକୁ ମଧ୍ୟ ବିଡ଼ମ୍ବିତ କରିଛି।

## ପ୍ରାନ୍ତ ଟିପ୍ପଣୀ

୧. ଓଡ଼ିଆ ଜୀବନୀ / ଚରିତ ସାହିତ୍ୟରେ ଗଙ୍ଗାଧରଙ୍କ 'ଶ୍ରୀ ନୃପରାଜ ସିଂହ' ଏକ ଉଲ୍ଲେଖଯୋଗ୍ୟ ଆଦ୍ୟ-ପ୍ରଚେଷ୍ଟା। ଗଙ୍ଗାଧରଙ୍କ ପୂର୍ବରୁ ପାଠ୍ୟପୁସ୍ତକରେ ସନ୍ନିବିଷ୍ଟ ହେବା ଉଦ୍ଦେଶ୍ୟରେ କ୍ଷୁଦ୍ର ଜୀବନୀ-ପ୍ରବନ୍ଧ ରଚନା କରାଯାଇଛି ବା ପଦ୍ୟରେ ଜଣେ ଅଧେ ଓଡ଼ିଆ ରାଜାଙ୍କର ଚରିତ ବିବୃତ। କିନ୍ତୁ ଐତିହାସିକ ପଦ୍ଧତିରେ ଓଡ଼ିଆରେ ଓଡ଼ିଶାର କୌଣସି ବ୍ୟକ୍ତିଙ୍କ ପ୍ରଥମ ଗଦ୍ୟଜୀବନୀ ପୁସ୍ତକ ଶ୍ରୀ ନୃପରାଜ ସିଂହ ବରପାଲି ଅଧୀଶ୍ବର ରାୟ ବାହାଦୁର। ଏହା ୧୯୦୫ ମସିହାରେ କଟକସ୍ଥ ଉତ୍କଳ ସାହିତ୍ୟ ପ୍ରେସରେ ମୁଦ୍ରିତ ହୋଇଥିଲା। ଏହାର ପୃଷ୍ଠା ସଂଖ୍ୟା ଥିଲା ଛବିଶ। 'ଶ୍ରୀ ନୃପରାଜ ସିଂହ' ପ୍ରକାଶର ବର୍ଷକ ପରେ (୧୯୦୬ ମସିହାରେ) ସେ ସମୟର ପ୍ରତିଷ୍ଠିତ ପ୍ରାବନ୍ଧିକ ଭୋଳାନାଥ ସାମନ୍ତରାୟଙ୍କ 'ସ୍ୱର୍ଗୀୟ ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ' ପୁସ୍ତକ କଲିକତାର ବାପ୍ଟିଷ୍ଟ ମିଶନ୍ ପ୍ରେସ୍‌ରୁ ପ୍ରକାଶିତ। କିନ୍ତୁ ଦୁଃଖର ବିଷୟ 'ଶ୍ରୀ ନୃପରାଜ ସିଂହ' ପ୍ରକାଶକାଳ ସମ୍ପର୍କରେ ସଚେତନ ନଥିବାରୁ ଓଡ଼ିଆ ସାହିତ୍ୟର ଗବେଷକମାନେ ଗଙ୍ଗାଧରଙ୍କୁ ଏହି ଉପସ୍ଥିତ ଗୌରବ ଦେଇନାହାନ୍ତି। ଡକ୍ଟର ସାମନ୍ତରାୟ (୧୯୮୩ ପୃ.୫୪୮), ଡକ୍ଟର ଶ୍ରୀନିବାସ ମିଶ୍ର (୧୯୭୮ ପୃ.୪୮୦) ଓ ଶ୍ରୀ ପଠାଣି ପଟ୍ଟନାୟକ (୧୯୭୬) ପ୍ରମୁଖ ଗଙ୍ଗାଧରଙ୍କ ସମ୍ପର୍କରେ ନୀରବ ରହିଛନ୍ତି। ଡକ୍ଟର ଲାବଣ୍ୟ ନାୟକ ଗଙ୍ଗାଧରଙ୍କ 'ନୃପରାଜ ସିଂହ'କୁ ଆଦର୍ଶ କରି ଲେଖାଯାଇଥିବା 'ଶ୍ରୀ କୃପାମୟ ଚରିତ (ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ପ୍ରଣୀତ)କୁ ପ୍ରଥମ ଓଡ଼ିଆ ଚରିତ ପୁସ୍ତକ ବୋଲି କହିଛନ୍ତି: "ମାତ୍ର ଐତିହାସିକ ଦୃଷ୍ଟିରୁ ବିଚାରିଲେ ଏହା ଶ୍ରୀକୃପାମୟ ଚରିତ ହେଉଛି ଏକାଳ ଜୀବନୀ ରଚନାର ଏକ ପ୍ରାଥମିକ ପ୍ରୟାସ। ଏଥି ପୂର୍ବରୁ ବ୍ୟକ୍ତିବିଶେଷର ଜୀବନୀ ରଚନା ପାଇଁ ସମ୍ୟକ୍ ପଦକ୍ଷେପ କେହି ଗ୍ରହଣ କରିଥିବା ଦୃଷ୍ଟିଗୋଚର ହୁଏନାହିଁ।" (୧୯୮୮, ପୃ. ୧୪୦) 'ଶ୍ରୀ ନୃପରାଜ ସିଂହ'ରେ ଥିବା ବୈଜ୍ଞାନିକ ଦୃଷ୍ଟିକୋଣ,

ଆପେକ୍ଷିକ ବସ୍ତୁନିଷ୍ଠତା – ଭୋଳାନାଥ ସାମନ୍ତରାୟ ବା ନୀଳମଣି ବିଦ୍ୟାରତ୍ନ – କାହାରି ପୁସ୍ତକରେ ପରିଦୃଷ୍ଟ ହୁଏ ନାହିଁ। ଗଙ୍ଗାଧର ରଚନାବଳୀକୁ କେତେ ଉପର ଠାଉରିଆ ଭାବରେ ତାହାର ଐତିହାସିକ ମର୍ଯ୍ୟାଦାରୁ ବଞ୍ଚିତ କରି ଆଲୋଚନା କରାଯାଇଛି, ଆଲୋଚକମାନଙ୍କର 'ଶ୍ରୀ ନୃପରାଜ ସିଂହ' ସଂପର୍କିତ ଅଜ୍ଞତା ତାହାର ଦୃଷ୍ଟାନ୍ତ।

୨. ଗଙ୍ଗାଧରଙ୍କର, ଆଦ୍ୟ କବି ଜୀବନରେ, ପଣ୍ଡିତ ଲକ୍ଷ୍ମଣ ମିଶ୍ରଙ୍କ ସହ ଥିବା ଘନିଷ୍ଠତା ଓ କବିତା ରଚନା କ୍ଷେତ୍ରରେ ଗଙ୍ଗାଧର ପଣ୍ଡିତ ମିଶ୍ରଙ୍କ ଠାରୁ ପାଇଥିବା ଅନୁପ୍ରେରଣା ବିଷୟରେ ଗଙ୍ଗାଧର ସାହିତ୍ୟର ସମସ୍ତ ସମୀକ୍ଷକ ନୀରବ। ୧୮୯୭ ମସିହାରେ ମିଶ୍ରଙ୍କ 'ସାହିତ୍ୟ ସୁନ୍ଦରୀ'ର ପ୍ରକାଶ ଓ ସେଥିନେଇ ଲାଗିଥିବା ବାଦାନୁବାଦ, ବୋଧହୁଏ ଏହାର କାରଣ। ପଣ୍ଡିତ ମିଶ୍ର ଗଙ୍ଗାଧରଙ୍କ ଶିକ୍ଷକ ଥିଲେ ଓ ତାଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଗଙ୍ଗାଧର ମିଡ଼ିଲ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଦେଇଥିଲେ, ଏହା ଗଙ୍ଗାଧରଙ୍କ ଆତ୍ମଜୀବନୀରୁ ସ୍ପଷ୍ଟ। ମିଶ୍ରେ ରାଧାନାଥଙ୍କ କାବ୍ୟାବଳୀ କେବଳ ନୁହେଁ, ତାଙ୍କ ସହ ବ୍ୟକ୍ତିଗତଭାବେ ପରିଚିତ ଥିବା ରାଧାନାଥଙ୍କ ବିଭିନ୍ନ ପତ୍ରରୁ ଅନୁମେୟ: "ପୂଜ୍ୟପାଦ ଶ୍ରୀ ଲକ୍ଷ୍ମଣ ମିଶ୍ର ମହୋଦୟଙ୍କୁ ମୋହୋର ପ୍ରଣାମ ଜଣାଇବା ହେବେ" (କବିଲିପି, ପୃ. ୬୪)। 'ସାହିତ୍ୟସୁନ୍ଦରୀ'ର ପ୍ରକାଶ ପରେ, ରାଧାନାଥ ତାହାଙ୍କ ସମ୍ପର୍କରେ ନୀଳମଣି ବିଦ୍ୟାରତ୍ନଙ୍କୁ ଏକ ଚିଠିରେ ଅନୁଦାର ମନ୍ତବ୍ୟ ଦେବା ଓ ଏପଟେ ଗଙ୍ଗାଧରଙ୍କୁ ପୁସ୍ତକଟି ଆମୂଳଚୂଳ ସଂଶୋଧନ କରିବାର ପ୍ରସ୍ତାବ ଦେବା ଫଳରେ ପଣ୍ଡିତ ମିଶ୍ରଙ୍କ ସହ ରାଧାନାଥ-ଗଙ୍ଗାଧର- ବିଦ୍ୟାରତ୍ନଙ୍କ ସମ୍ପର୍କ ତିକ୍ତ ହୋଇଥିବା ସମ୍ଭବ। ମିଶ୍ରେ କିଛିଟା ଉଚ୍ଚାକାଂକ୍ଷୀ ଓ ଆତ୍ମ-ପ୍ରଶଂସା-କାମୀ ଥିବା ଜଣାଯାଏ। ସେଇଥିପାଇଁ ରାଧାନାଥଙ୍କ କାବ୍ୟର ବିସ୍ତୃତ ସମାଲୋଚନା କରୁଥିଲାବେଳେ ଆପଣାର 'ସାହିତ୍ୟ ସୁନ୍ଦରୀ' ପୁସ୍ତକ ସମ୍ପର୍କରେ ଅନୁକୂଳ ମତ କାମନା କରି ପଠାଇଛନ୍ତି। ରାଧାନାଥ ତା' ଉପରେ ମନ୍ତବ୍ୟ ଦେଇ ଲେଖିଥିଲେ: "ଆପଣଙ୍କ ପ୍ରେରିତ 'ସାହିତ୍ୟ ସୁନ୍ଦରୀ' ପାଠ କରି ଅତ୍ୟନ୍ତ ପ୍ରୀତ ହେଲି। ଏହି କବିତାଟି ଆପଣଙ୍କର ସୂକ୍ଷ୍ମଦର୍ଶିତା ଏବଂ ଦେଶ-ବିଦେଶିକାର ସମ୍ୟକ୍ ପରିଜ୍ଞାନ ଅଟେ। ଉତ୍କଳର ସାହିତ୍ୟ-ଦରିଦ୍ରତା ଏବଂ ଉତ୍କଳବାସୀଙ୍କର ଅଳୀକ ଅଭିମାନ ଏବଂ ଔଦାସିନ୍ୟ ଦେଖି ଆପଣଙ୍କର ହୃଦୟରେ କିପରି ନିର୍ବେଦ ଜାତ ହୋଇଅଛି ଏହି କବିତାରୁ ତାହାର ସ୍ପଷ୍ଟ ପରିଚୟ ମିଳୁଅଛି।" "କବିତାରେ ପାଣ୍ଡିତ୍ୟ ଯଥେଷ୍ଟ ପରିମାଣରେ ପ୍ରଦର୍ଶିତ ହୋଇଅଛି। କେବଳ ମିତ୍ରାକ୍ଷର ଓ ଯତି ସମ୍ବନ୍ଧରେ ମୋହୋର ଯାହା ବକ୍ତବ୍ୟ ଅଛି ତାହା ନିମ୍ନରେ ସ୍ଥଳରେ ପ୍ରକଟିତ ହେଲା।" (ମିଶ୍ର ୧୮୯୭, ମୁଖବନ୍ଧ) ମିଶ୍ରଙ୍କୁ ରାଧାନାଥ ଯଥେଷ୍ଟ ପ୍ରଶଂସା କରି କେବଳ 'ସାହିତ୍ୟ ସୁନ୍ଦରୀ'ର ମିତ୍ରାକ୍ଷର (ଉପଧା ମିଳନ) ଓ ଯତିପାତ ସମ୍ବନ୍ଧରେ କେତେକ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଥିଲାବେଳେ ଏ ସମ୍ପର୍କରେ ସେ ଗଙ୍ଗାଧରଙ୍କୁ ଲେଖିଥିଲେ: "ପଣ୍ଡିତ

ଲକ୍ଷ୍ମଣ ମିଶ୍ର 'ସାହିତ୍ୟ ସୁନ୍ଦରୀ' ନାମକ ଗୋଟିଏ କବିତା ମୋ ହାତକୁ ପଠାଇଥିଲେ । ତାହା ପ୍ରାୟ ଆପାଦମସ୍ତକ ସଂଶୋଧନ ଯୋଗ୍ୟ ବୋଧ ହେଲା । ଆପଣଙ୍କ ସହିତ ପରାମର୍ଶ କରି ସମସ୍ତ କବିତା ସଂଶୋଧନ କରିବାକୁ ମୁଁ ତାହାଙ୍କୁ ଉପଦେଶ ଦେଇଥିଲି ।'' (କବିଲିପି, ପୃ. ୭୯) ଅନ୍ୟପକ୍ଷରେ, ଲକ୍ଷ୍ମଣ ମିଶ୍ରଙ୍କ ପୁସ୍ତକରେ ସଂଯୋଜିତ ମନ୍ତବ୍ୟର କୈଫତ୍ ଦେଇ ବିଦ୍ୟାରତ୍ନଙ୍କୁ ରାଧାନାଥ ଲେଖିଥିଲେ : ''କେହି କେହି କବିତା ଲେଖି ସେଥି ସମ୍ବନ୍ଧରେ ଅନ୍ୟର ଆନ୍ତରିକ ମତ ଜିଜ୍ଞାସୁ ହୁଅନ୍ତି । ଏମାନଙ୍କ ଅଭିଧାନରେ ଆନ୍ତରିକ ମତର ଅର୍ଥ ପ୍ରଶଂସା । ଏ ଶ୍ରେଣୀର ଲୋକଙ୍କୁ କେବଳ ଅଶାନ୍ତି ପରିହାର ସକାଶେ ଶିଷ୍ଟାଚାର ସ୍ୱରୂପ ୨/୪ ପଦ କହିବାକୁ ହୁଏ ।'' (ସମ୍ବଲପୁର ହିତୈଷିଣୀ, ୯ / ୧୧, ପୃ. ୪୩) ରାଧାନାଥଙ୍କର ଏହି ଉକ୍ତିକୁ 'ଅକବିର କବିତା' ଶୀର୍ଷକରେ ବିଦ୍ୟାରତ୍ନ ପ୍ରକାଶ କରିବା ଫଳରେ ଅସରଳ ବ୍ୟକ୍ତିତ୍ୱସଂପନ୍ନ ପଣ୍ଡିତ ମିଶ୍ର କ୍ଷୁବ୍ଧ ହୋଇଥିବା ସମ୍ଭବ । ଫଳରେ ପଣ୍ଡିତ ମିଶ୍ର ବହୁଦିନ ପର୍ଯ୍ୟନ୍ତ ଜୀବିତ ଥିଲେ ମଧ୍ୟ ଗଙ୍ଗାଧରଙ୍କ ସହ ତାଙ୍କର ସୌହାର୍ଦ୍ଦ୍ୟ ନଥିବା ଅନୁମାନ । ରାଧାନାଥଙ୍କର 'ଅସରଳତା'ର ଶରବ୍ୟ ହୋଇଛନ୍ତି ଗଙ୍ଗାଧର । କିନ୍ତୁ ସେଥିପାଇଁ ଲକ୍ଷ୍ମଣ ମିଶ୍ରଙ୍କ ସାହିତ୍ୟପ୍ରୀତିକୁ ନ୍ୟୂନ କରିବା ଅନୁଚିତ । 'ସାହିତ୍ୟ ସୁନ୍ଦରୀ'ର ସଂକ୍ଷିପ୍ତ ସମାଲୋଚନା କରି ବିଶ୍ୱନାଥ କର ଯଥାର୍ଥରେ ଲେଖିଥିଲେ : ''ପୁସ୍ତକର ଭାଷା ବିଶୁଦ୍ଧ ଓ ପ୍ରାଞ୍ଜଳ ହୋଇନାହିଁ— ଭାବ ମଧ୍ୟ ପରିସ୍ଫୁଟ ଓ ସଙ୍ଗତ ହୋଇନାହିଁ । ଲେଖକ ଆପଣାର ପାଣ୍ଡିତ୍ୟ ଦେଖାଇବାକୁ ଚେଷ୍ଟା କରିଅଛନ୍ତି । ଯାହାହେଉ, ପୁସ୍ତକରୁ ପ୍ରଣେତାଙ୍କର ସାହିତ୍ୟାନୁରାଗର ପରିଚୟ ମିଳୁଅଛି, ଏଥିରେ ସନ୍ଦେହ ନାହିଁ ।'' (ଉତ୍କଳ ସାହିତ୍ୟ, ୧ / ୯, ପୃ. ୨୨୯) ।

୩. ଗଙ୍ଗାଧରଙ୍କୁ ରାଧାନାଥଙ୍କ କାବ୍ୟକବିତା ସହ ପରିଚିତ କରାଇ ଆଧୁନିକ ରୀତିରେ କବିତା ଲେଖିବାପାଇଁ ବରପାଲି ଜମିଦାରଙ୍କ ଗୃହଶିକ୍ଷକ ସୂର୍ଯ୍ୟ କୁମାର ମିତ୍ର ଅନୁପ୍ରେରିତ କରିଥିବା ବହୁଳ ପ୍ରଚାରିତ । କିନ୍ତୁ ବାସ୍ତବତଃ ଗଙ୍ଗାଧରଙ୍କ କବିପ୍ରତିଭାର ଅଭ୍ୟୁଦୟ ଓ ବିକାଶରେ ସୂର୍ଯ୍ୟ କୁମାର ମିତ୍ରଙ୍କର କୌଣସି ଭୂମିକା ନାହିଁ । ରାଘବ ମିଶ୍ର ତାଙ୍କର ପ୍ରାଥମିକ ରଚନା ଦୁଇଟିରେ ('ମେହେର କବି' ଓ 'ସ୍ୱଭାବ କବି ଗଙ୍ଗାଧର' – ପ୍ରଜାଶକ୍ତି ଗଙ୍ଗାଧର ବିଶେଷାଙ୍କ) ଏ ବିଷୟରେ ନୀରବ ରହିଥିଲାବେଳେ 'ଗଙ୍ଗାଧର ଗ୍ରନ୍ଥାବଳୀ' (ଦ୍ୱିତୀୟ ସଂସ୍କରଣ, ୧୯୬୧)ରେ ସଂଯୋଜିତ ତାଙ୍କର 'ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସଂକ୍ଷିପ୍ତ ଜୀବନ ଚରିତ'ରେ ମିତ୍ରଙ୍କ ଭୂମିକା ନେଇ ଘୋଷଣା : ''ପ୍ରଥମ ଅବସ୍ଥାରେ ସେ ପ୍ରାଚୀନ ପଦ୍ଧତିରେ କେତେକ କ୍ଷୁଦ୍ର ପଦ୍ୟ ପ୍ରଣୟନ କରି ପରେ 'ରସ ରତ୍ନାକର' ନାମକ ଆଦ୍ୟପ୍ରାନ୍ତ 'ର' ଅକ୍ଷର ବିଶିଷ୍ଟ ଖଣ୍ଡେ ସୁଲଳିତ ପଦ୍ୟ ପୁସ୍ତକ ଲେଖିଥିଲେ । ତାହା ପାଠକରି ବରପାଲିର ତଦାନୀନ୍ତନ ଯୁବରାଜଙ୍କର ଗୃହଶିକ୍ଷକ ସୂର୍ଯ୍ୟକୁମାର ମିତ୍ର ଗଙ୍ଗାଧରଙ୍କୁ ଆଧୁନିକ ଧରଣରେ ପଦ୍ୟ ରଚନା କରିବାପାଇଁ ଉତ୍ସାହିତ କରିବାରୁ ସେ ସଂସ୍କୃତ ଛନ୍ଦରେ

'ଅହଲ୍ୟାସ୍ତବ' ପ୍ରଣୟନ ଓ ପ୍ରକାଶ କରି ଉତ୍କଳର ସୁପ୍ରସିଦ୍ଧ କବି ରାଧାନାଥଙ୍କଠାକୁ ପ୍ରେରଣ କଲେ।" (ପୃ. ଘ) ଏହି ସୂର୍ଯ୍ୟକୁମାର ମିଶ୍ରଙ୍କ ସ୍ରଷ୍ଟା ବୋଧହୁଏ ଐତିହାସିକ ଶିବ ପ୍ରସାଦ ଦାସ (ପତ୍ରାବଳୀ, ଭୂମିକା, ପୃ. ୧୪) ପରବର୍ତ୍ତୀ ସମୟରେ ଉତ୍କଳ ସାମନ୍ତରାଜ୍ୟ ଓ ଉତ୍କଳର କବି ପ୍ରମୁଖ ମିଶ୍ରଙ୍କ କଳ୍ପିତ-ଭୂମିକାକୁ ସତ୍ୟ ବୋଲି ଗ୍ରହଣ କରିଥିବା ଫଳରେ ମିଶ୍ରେ ମେହେର ସାହିତ୍ୟର ଆଲୋଚକ ଓ ପାଠକ ମଣ୍ଡଳୀରେ ସୁପରିଚିତ। ଏଠାରେ ସୂଚନାଯୋଗ୍ୟ ଯେ, ସୂର୍ଯ୍ୟକୁମାର ମିଶ୍ର ବରପାଲି ଆସନ୍ତି ୧୮୯୪ ମସିହା ଜୁନ୍-ଜୁଲାଇ ଆଡ଼କୁ। ସେତେବେଳକୁ ଗଙ୍ଗାଧର ରାଧାନାଥଙ୍କର ଜଣେ ଘନିଷ୍ଠ ବନ୍ଧୁ। କେବଳ ସେତିକି ନୁହେଁ, ମିଶ୍ରେ ବରପାଲି ଆସିଲାବେଳକୁ ଗଙ୍ଗାଧରଙ୍କ 'ଇନ୍ଦୁମତୀ' ପ୍ରକାଶିତ ଓ 'ଉତ୍କଳ ଲକ୍ଷ୍ମୀ' ପ୍ରାୟତଃ ରଚିତ ହୋଇ ସାରିଥିଲା। ଏହି ସମୟରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ'ର ବରପାଲି ସମ୍ବାଦ ଉଦ୍ଧାରଯୋଗ୍ୟ : "ଅତ୍ରତ୍ୟ ରାଜକୁମାରଙ୍କ ନବନିଯୁକ୍ତ ଶିକ୍ଷକ ବାବୁ ସୂର୍ଯ୍ୟନାରାୟଣ ମିଶ୍ର ବି.ଏ. ଫେଲ୍ ଅଟନ୍ତି। ଉତ୍ତମ ରୂପେ ଶିକ୍ଷା ପ୍ରଦାନ କରୁଥିବାରୁ, ଦିନୁଦିନ ଉନ୍ନତି ହେଉଥିବାରୁ ଅନୁମାନ ହୁଏ, ଏ ମହାଶୟ ସୁଯୋଗ୍ୟ ଲୋକ ଅଟନ୍ତି।" (୬/୮, ପୃ.୩୨ ୨୫।୭।୧୮୯୪) ସେହି ସମ୍ବାଦରେ ଗଙ୍ଗାଧରଙ୍କ ସମ୍ପର୍କରେ କୁହାଯାଇଛି : "ଅତ୍ରତ୍ୟ ଜମିଦାର ସାହେବଙ୍କ ମାଲେମୋହରିର ଶ୍ରୀ ଗଙ୍ଗାଧର ମେହେରଙ୍କ ଦ୍ୱାରା ବିରଚିତ 'ଇନ୍ଦୁମତୀ' କାବ୍ୟ 'ଉତ୍କଳ ପ୍ରଭା'ରେ ପ୍ରକାଶିତ ହୋଇ ଟ୨୦ଙ୍କା ପୁରସ୍କାର ମିଳିଅଛି। ବାସ୍ତବରେ ଏହାଙ୍କ ରଚନା ଶକ୍ତି ଭଲ। ଏ ଜଣେ ସୁଯୋଗ୍ୟ ଓ ବିଦ୍ୟୋତ୍ସାହୀ ଅଟନ୍ତି।" 'ଇନ୍ଦୁମତୀ' ଓ 'ଉତ୍କଳ ଲକ୍ଷ୍ମୀ'ର କବିଙ୍କୁ ମିଶ୍ରେ କ'ଣ ବା ଦିଗଦର୍ଶନ ଦିଅନ୍ତେ ?

୪. ଏହି ବିଜ୍ଞାପନଟି ସମ୍ବଲପୁର ହିତୈଷିଣୀର ଷଷ୍ଠବର୍ଷ ଅଷ୍ଟତ୍ରିଂଶ ସଂଖ୍ୟା (୧୨।୧୨।୧୮୯୪, ପୃ. ୧୧୨) ଓ ଷଷ୍ଠବର୍ଷ ତ୍ରିଂଶ ସଂଖ୍ୟାରେ ମଧ୍ୟ ପ୍ରକାଶିତ। ଗଙ୍ଗାଧରଙ୍କ ଦ୍ୱାରା ସୂଚିତ ଲଣ୍ଡନରେ ପ୍ରଶଂସିତ ବୁଣାକାର କିଏ ? ଗଙ୍ଗାଧର ନୁହନ୍ତି ତ ?

❑ ❑ ❑

# ଗୋଟିଏ ପତ୍ରର କିୟଦଂଶ

....Mr. Madan Mohan Panda is a bosom friend of Mr. Gangadhar Meher, the well-known poet of the day in Sambalpur. This poet has written some lines on Mahima which were published in Hitaisini of 18th August, 97. For some time our conversation dealt on the merits of this poem. To be sure this poem is a good one. I was transported with joy to read this poem and to learn that Gangadhar Meher will publish this poem in the shape of a book. He is advised by Nilamani Vidyaratna to make it of some length before he decides to publish it. So we donot know when we can expect to see the book....

....Then I said to Mr. Panda that my brother had written that the custom of reconcilation of alienated friends in Dushara– 'Bijaya milan' should be introduced in Sambalpur– a ceremony which has been in vogue in Bengal, working as a powerful factor in cementing the feelings of love, respect and good wishes even amongst those who would otherwise and in othertimes be deadly enemies. This excellent custom is very similar in form and essence to what exists in other communities specially among the Marwaris during the 'Dewali' festival. I further told him that my brother has a high hope of first introducing it himself. Mr. Panda replied that he had also written to the poet referring to this nice custom, and that the poet has an intention to spare time for contributing some columns to Hitaisini on this subject. Mr. Panda also told me that as the poet had neither thorough knowledge nor full information regarding this national and social portion of our religious observance of Dushera. So gorgeously

observed in our midst, it was settled that he would write on this subject as soon as he goes back Barpali....

.....It seems to me that Mr. Gangadhar Meher, the author of 'Indumati', will be one of your correspondents soon.

Now there is left to describe the most pathetic part of our conversation. At Barapali there was an outbreak of cholera in the month of July. Frightened by the terrible epidemic Gangadhar Meher with his beloved wife and darling sons left the place for some village at a short distance. The occurence took place when his wife was pregnant and so liable to feel the slightest difficulty. Mr. Meher reached the outskirts of the village but was not permitted by the villagers to enter into it all at once, and was thus driven to stay outside the village the whole day. At last night set in and rain and storm made their appearance most furiously. Now my brother imagine the overwhelming distress attacking a woman conceived of a child and exposed to such heavy rains and cold winds. To crown all, she was greatly frightened by the very name of cholera. Next morning she caught cold and after a while breathed her last leaving her beloved husband to sigh over her tomb. Thus you find Mr. Meher has been plunged into eternal woe and does not find solace in anything. So deep is his sorrow that nothing is pleasing to his ears, nothing is pleasing to his taste. (This unhappy event took place on 14th July, 97) This is the reason why Mr. Panda will take leave of this place as soon as possible. He being a bosom friend and an inseparable companion of Mr. Meher hopes to calm down his a agitated heart. (Pujari, (ed.) 1925 p.117-24) ।

[....ଶ୍ରୀଯୁକ୍ତ ମଦନମୋହନ ପଣ୍ଡା, ବର୍ତ୍ତମାନ ସମ୍ବଲପୁରର ବହୁ ଭଣାଶୁଣା କବି ଶ୍ରୀଯୁକ୍ତ ଗଙ୍ଗାଧର ମେହେରଙ୍କର ଅନ୍ତରଙ୍ଗ ବନ୍ଧୁ । କବି 'ମହିମା' ସମ୍ପର୍କରେ ଗୋଟିଏ କବିତା ଲେଖିଛନ୍ତି ଯାହା ତା ୧୮ ଅଗଷ୍ଟ, ୧୮୯୭ରିଖ ହିତୈଷିଣୀରେ ପ୍ରକାଶିତ । ଆମର କଥାବାର୍ତ୍ତା ବହୁ ସମୟ ଧରି ଉକ୍ତ କବିତାର ଗୁଣ ଉପରେ ବା ବିଶେଷତ୍ୱ ଉପରେ ଚାଲିଥିଲା । କବିତାଟି ଯେ ଉତ୍କୃଷ୍ଟ, ଏହା ନିଶ୍ଚିତ । ଏହି କବିତା ପଢ଼ି ଆନନ୍ଦରେ ମୁଁ ବିହ୍ୱଳ ହୋଇ ଯାଇଥିଲି । ଗଙ୍ଗାଧର ଏହାକୁ

ଏକ ପୁସ୍ତକ ଆକାରରେ ପ୍ରକାଶ କରିବେ ବୋଲି ବୁଝିଲି। ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ନିଷ୍ପତ୍ତି ନେବା ପୂର୍ବରୁ ଏହାକୁ ସୀମାୟିତ କରିବାପାଇଁ ନୀଳମଣି ବିଦ୍ୟାରତ୍ନ ତାଙ୍କୁ ପରାମର୍ଶ ଦେଇଛନ୍ତି। ତେଣୁ ଆମେ ଜାଣୁନା, ଏହି ପୁସ୍ତକଟିକୁ ଆମେ କେବେ ଦେଖିବାକୁ ପାଇବା !.....

.....ତା'ପରେ ମୁଁ ଶ୍ରୀ ପଣ୍ଡାଙ୍କୁ ଯେ କହୁଥିଲି ଯେ, ଦଶହରାରେ ବିଚ୍ଛିନ୍ନ ହୋଇଥିବା ବନ୍ଧୁମାନେ ଏକତ୍ର ହେବାର ରୀତି ପ୍ରଚଳନ କହିବାବେଳେ ମୋ ଭାଇ ଲେଖିଛନ୍ତି— 'ବିଜୟାମିଳନ' ସମ୍ବଲପୁରରେ ପ୍ରବର୍ତ୍ତିତ ହେବା ଦରକାର। ବଙ୍ଗରେ ପ୍ରଚଳିତ ଏହି ବିଜୟାମିଳନ ଗଭୀର ପ୍ରୀତି, ସମ୍ମାନ ଓ ସଦିଚ୍ଛାର ଭାବ ବହନ କରି ଏକ ଶକ୍ତିଶାଳୀ ସାମାଜିକ ବନ୍ଧନ ରୂପେ କାର୍ଯ୍ୟ କରୁଛି। ଏପରିକି ଅନ୍ୟ ସମୟରେ ବିଭିନ୍ନ କାରଣରୁ ଭୟଙ୍କର ଶତ୍ରୁରୂପେ ବିବେଚିତ ଲୋକମାନଙ୍କ ସହିତ ଏହି ଅବସରରେ ସମ୍ପର୍କ ରଖାଯାଇ ପାରିବ। ଅନ୍ୟ ସଂପ୍ରଦାୟ, ବିଶେଷତଃ 'ମାରୱାଡ଼ି'ମାନଙ୍କ ମଧ୍ୟରେ ପ୍ରଚଳିତ 'ଦିୱାଲୀ' ପାର୍ବଣର ଏହା ଅନୁରୂପ। ମୋ ଭାଇଙ୍କର ଉଚ୍ଚ ଆଶା ଯେ ସେ ନିଜେ ଏହି ପ୍ରଥା ପ୍ରଚଳନ କରିବେ— ଏ କଥା ମୁଁ ତାଙ୍କୁ (ଶ୍ରୀ ପଣ୍ଡାଙ୍କୁ) କହିଥିଲି। ଶ୍ରୀ ପଣ୍ଡା ଉତ୍ତର ଦେଇଥିଲେ ଯେ ଏହି ସୁନ୍ଦର ପ୍ରଥା ସମ୍ପର୍କରେ କବିଙ୍କୁ ସେ ଲେଖିଛନ୍ତି ଓ 'ହିତୈଷିଣୀ'ରେ ଏ ସମ୍ପର୍କରେ ଲେଖିବାପାଇଁ ସମୟ ଦେବାକୁ କବି ଇଚ୍ଛା ପ୍ରକାଶ କରିଛନ୍ତି। ଶ୍ରୀ ପଣ୍ଡା ମଧ୍ୟ କହିଥିଲେ ଯେ ଆମେ ପାଳନ କରିବାକୁ ଯୋଜନା କରୁଥିବା ଦଶହରାର ଜାତୀୟ ଓ ସାମାଜିକ ଦିଗ ଉପରେ କବିଙ୍କର ପ୍ରାଞ୍ଜଳ ଜ୍ଞାନ ବା ତାଙ୍କ ନିକଟରେ ପୂର୍ଣ୍ଣ ବିବରଣୀ ନଥିବାରୁ ସେ (ଶ୍ରୀ ପଣ୍ଡା) ବରପାଲି ଫେରିଗଲାପରେ କବି ଏ ବିଷୟରେ ଲେଖିବେ।.....

.....ମୋର ମନେ ହୁଏ 'ଇନ୍ଦୁମତୀ'ର କବି ଶ୍ରୀ ଗଙ୍ଗାଧର ମେହେର ଶୀଘ୍ର ତୁମ ସହ ପତ୍ରାଳାପ କରିବେ।

ଆମ କଥୋପକଥନର ସବୁଠାରୁ କରୁଣ ଅଂଶ ତୁମକୁ ଲେଖିବା ବାକି ରହିଲା। ଜୁଲାଇ ମାସରେ ବରପାଲିରେ ହଇଜା ଲାଗିଥିଲା। ଏହି ଭୟଙ୍କର ମହାମାରୀକୁ ଭୟ କରି ଅଳ୍ପ ଦୂରରେ ଥିବା ଅନ୍ୟ ଗ୍ରାମକୁ ତାଙ୍କର ପ୍ରିୟତମା ପତ୍ନୀ ଓ ଅତିପ୍ରିୟ ପୁତ୍ରମାନଙ୍କୁ ସାଙ୍ଗରେ ଧରି ଗଙ୍ଗାଧର ଚାଲିଗଲେ। ତାଙ୍କର ସ୍ତ୍ରୀ ଗର୍ଭବତୀ ଥିଲାବେଳେ ଓ ସାମାନ୍ୟତମ କଷ୍ଟ ତୀବ୍ର ଭାବରେ ଅନୁଭବ କରୁଥିଲାବେଳେ ଘଟଣାଟି ଘଟିଲା। ଗଙ୍ଗାଧର ସେହି ଗ୍ରାମର ବାହାରେ ପହଞ୍ଚିଥିଲେ କିନ୍ତୁ ଗ୍ରାମବାସୀମାନେ ସେମାନଙ୍କୁ (କବି ପରିବାରକୁ) ଗ୍ରାମ ଭିତରେ ହଠାତ୍ ପ୍ରବେଶପାଇଁ ଅନୁମତି ଦେଲେ ନାହିଁ। ଫଳରେ ସେ ସମସ୍ତ ଦିନଟି ଗ୍ରାମ ବାହାରେ ବିତେଇବାପାଇଁ ବାଧ୍ୟ ହେଲେ। ଶେଷରେ ରାତି ପହଞ୍ଚିଲା ଓ ତା' ସହିତ ଦେଖାଦେଲା ଭୟଙ୍କର ଝଡ଼ ଓ ବର୍ଷା। ବର୍ତ୍ତମାନ ଗୋଟିଏ ଗର୍ଭବତୀ ନାରୀ ଏଭଳି ଭୟଙ୍କର ବର୍ଷା

ଓ ଅଣ୍ଡା ପତନ ଦ୍ୱାରା ଆକ୍ରାନ୍ତ ହେବା କିଭଳି ଏକ ଚରମ ନିର୍ଯ୍ୟାତନା ଅନୁଭବ କରିପାରୁଥିବ। ଏସବୁ ଉପରେ ଥିଲା ହଇଜା ପ୍ରତି କବିପତ୍ନୀଙ୍କର ଭୟ। ପରବର୍ତ୍ତୀ ସକାଳେ ସେ ଅଣ୍ଡାରେ ଆକ୍ରାନ୍ତ ହେଲେ ଓ ଅଳ୍ପ ସମୟ ପରେ ପ୍ରେମାସ୍ପଦ ସ୍ୱାମୀଙ୍କୁ ଦୀର୍ଘ ନିଃଶ୍ୱାସ ପକେଇବା ପାଇଁ ଛାଡ଼ିଦେଇ ଶେଷ ନିଃଶ୍ୱାସ ତ୍ୟାଗ କଲେ। ସେଇଥିପାଇଁ ତୁମେ ଦେଖିବ ଶ୍ରୀ ମେହେର ଚିରନ୍ତନ ବିଷଣ୍ଣତା ଭିତରେ ବୁଡ଼ି ଯାଇଛନ୍ତି ଓ କୌଣସିଥିରେ ତାଙ୍କର ସାନ୍ତ୍ୱନା ନାହିଁ। ତାଙ୍କ ଦୁଃଖ ଏତେ ଚଢ଼ାଉ ଯେ କିଛି ତାଙ୍କ କାନକୁ ଭଲ ଲାଗୁନାହିଁ। କିଛି ତାଙ୍କ ରୁଚିକୁ ମଧ୍ୟ ସ୍ପର୍ଶ କରୁନାହିଁ। (ଏହି ଦୁଃଖଦ ଘଟଣାଟି ତା ୧୪ ଜୁଲାଇ ୯୭ରିଖରେ ଘଟିଅଛି) ସେଥିପାଇଁ ଯେତେ ଶୀଘ୍ର ସମ୍ଭବ ଏଠାରୁ ଛୁଟିନେଇ ଶ୍ରୀ ପଣ୍ଡା ବରପାଲି ଫେରିଯିବେ। ସେ (ଶ୍ରୀ ପଣ୍ଡା) ତାଙ୍କର (କବିଙ୍କର) ଜଣେ ଅନ୍ତରଙ୍ଗ ବନ୍ଧୁ ଓ ଅଚ୍ଛେଦ୍ୟ ସଙ୍ଗୀ ହୋଇଥିବାରୁ ଶ୍ରୀ ମେହେରଙ୍କର ଆନ୍ଦୋଳିତ ହୃଦୟ ଶୀଘ୍ର ଶାନ୍ତ ହେବାର ଆଶା କରାଯାଏ.....।]

## ଆଲୋଚନା

ଉପରୋକ୍ତ ଇଂରାଜୀ ରଚନା ଓ ତା'ର ମୁକ୍ତ ଅନୁବାଦ ଗୋଟିଏ ଦୀର୍ଘ ପତ୍ରର ଅଂଶବିଶେଷ। ପତ୍ରଟି ସମ୍ବଲପୁରର ଓକିଲ (ସେତେବେଳେ ଛାତ୍ର) ନୀଳକଣ୍ଠ ପୂଜାରୀଙ୍କ ଦ୍ୱାରା ତାଙ୍କ ବଡ଼ଭାଇ ବୈକୁଣ୍ଠନାଥଙ୍କ ନିକଟକୁ ୧୮୯୭ ମସିହା ଅକ୍‌ଟୋବର୍ ୱଣ ତାରିଖରେ ନାଗପୁରରୁ ଲିଖିତ। ସେତେବେଳେ ନୀଳକଣ୍ଠ ପୂଜାରୀ ଥିଲେ ନାଗପୁରର ହିସ୍‌ଲପ କଲେଜ୍‌ର ଏଫ୍.ଏ. ଶ୍ରେଣୀର ଛାତ୍ର ଓ ବୈକୁଣ୍ଠ ନାଥ ଏମ୍.ଏ. ପାସ୍ କରି କଲିକତାରେ ଆଇନ୍ ଅଧ୍ୟୟନ କରୁଥିଲେ। ପତ୍ରଟିରେ ଚପଳ ମନର ପରିପ୍ରକାଶ ସ୍ପଷ୍ଟ। ବୟସର ପ୍ରଭାବରେ, ବର୍ଣ୍ଣିତ ପ୍ରତ୍ୟେକ ଘଟଣାକୁ ନାଟକୀୟ ରୀତିରେ ଉପସ୍ଥାପନ କରିବାକୁ ନୀଳକଣ୍ଠ ଚାହିଁଛନ୍ତି। ପତ୍ରଟିରେ କେତେକ ତଥ୍ୟଗତ ପ୍ରମାଦ ରହିଛି। କୈଶୋର ଓ ତାରୁଣ୍ୟର ସନ୍ଧିସ୍ଥଳରେ ଥିବା ନୀଳକଣ୍ଠ ନିଜର ଅଜ୍ଞାତସାରରେ ଭୁଲ କରିଥିବା ସମ୍ଭବ। ଗଙ୍ଗାଧରଙ୍କର ଯେଉଁ ବନ୍ଧୁଙ୍କ କଥା ସେ ବର୍ଣ୍ଣନା କରିଛନ୍ତି ସେ ମଦନମୋହନ ପଣ୍ଡା ନୁହନ୍ତି— ମଦନ ମୋହନ ପ୍ରଧାନ। ସମସ୍ତ ଚିଠିରେ ସେ ପଣ୍ଡା ହିସାବରେ ସମ୍ବୋଧିତ। ତେଣୁ ପତ୍ରଟିରେ ଥିବା 'ପଣ୍ଡା'କୁ 'ପ୍ରଧାନ' ରୂପେ ପଢ଼ିଲେ ହିଁ ବର୍ଣ୍ଣିତ ବିଷୟର ବିଚାର ସମ୍ଭବ। ଠିକ୍ ସେହିଭଳି ଗଙ୍ଗାଧରଙ୍କ 'ମହିମା' ସମ୍ବଲପୁର ହିତୈଷିଣୀର ତା ୧୮ ଅଗଷ୍ଟ ୧୮୯୭ରିଖ ସଂଖ୍ୟାରେ ପ୍ରକାଶିତ ହୋଇନଥିଲା— ସେହି ସଂଖ୍ୟାରେ (୯/୧୨) 'ମହିମା' ସମ୍ପର୍କରେ ଏକ ସମ୍ବାଦ ପ୍ରକାଶିତ। ଏପରିକି ଏଥିରେ 'ମହିମା'ର ପୁସ୍ତକ ରୂପରେ ପ୍ରକାଶିତ ହେବାର ଯୋଜନା କଥା କୁହାଯାଇଛି। କିନ୍ତୁ ଏତେବେଳକୁ (ଅକ୍‌ଟୋବର୍ ବେଳକୁ) ମହିମା ପୁସ୍ତକ ଆକାରରେ ପ୍ରକାଶ ପାଇ ସାରିଥିଲା। ଗଙ୍ଗାଧରଙ୍କ ମହିମା ପ୍ରଥମେ ଉତ୍କଳ ସାହିତ୍ୟ ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା (ଜାନୁୟାରୀ, ୧୮୯୭)ରେ ପ୍ରକାଶିତ ହୋଇଥିଲା।

ଏସବୁ ସତ୍ତ୍ୱେ ପତ୍ରଟିର ଐତିହାସିକ ଗୁରୁତ୍ୱକୁ ସଂପୂର୍ଣ୍ଣ ଅସ୍ୱୀକାର କରାଯାଇ ପାରିବ ନାହିଁ, କାରଣ ୧୯୦୦ ମସିହା ପର୍ଯ୍ୟନ୍ତ ଗଙ୍ଗାଧରଙ୍କ ଜୀବନୀ ଓ କୃତିତ୍ୱ କଳନା କରିବା ପାଇଁ ମିଳୁଥିବା ଉପାଦାନ ସ୍ୱଳ୍ପ। ସେହି ସ୍ୱଳ୍ପ ଉପାଦାନଗୁଡ଼ିକ ମଧ୍ୟରୁ ଏହି ପତ୍ରଟି ଅନ୍ୟତମ।

'ଗଙ୍ଗାଧର ପତ୍ରାବଳୀ'ର ସମ୍ପାଦକ ସ୍ୱର୍ଗତ ଶିବପ୍ରସାଦ ଦାଶ ଭୂମିକାରେ ଗଙ୍ଗାଧରଙ୍କ ସମ୍ପର୍କରେ ଲେଖିଛନ୍ତି: "ଉତ୍କଳର ନିଭୃତ କୋଣରେ କେତେ ଯେ ଗଙ୍ଗାଧର ନଫୁଟି ମଉଳି ଯାଉଛନ୍ତି, ତହିଁର କଳନା କିଏ କରିବ? ....ଗଙ୍ଗାଧର ସେହି ଦଶା ନଭଜିଥାନ୍ତେ, ସେ କଥା କିଏ କହିବ?" (ପୃ. ଏଗାର) ଅଜ୍ଞାତ ଓ ଅଜ୍ଞାତ ଗଙ୍ଗାଧରଙ୍କୁ ବ୍ରଜମୋହନ ଅନେକାଂଶରେ ଆବିଷ୍କାର ଓ ପ୍ରତିଷ୍ଠିତ କଲେ ବୋଲି ସ୍ୱର୍ଗତଃ ଦାଶଙ୍କର ମତ। ପରେ ଏହି ମତକୁ ଅନେକ ଅନୁସରିଛନ୍ତି। କିନ୍ତୁ ୧୮୯୭ ମସିହାବେଳକୁ ନୀଳକଣ୍ଠ ପୂଜାରୀଙ୍କ ଭଳି ସଦ୍ୟ ଏଣ୍ଟ୍ରାନ୍ସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏଫ୍.ଏ. ଶ୍ରେଣୀରେ ଯୋଗଦାନ କରିଥିବା ଛାତ୍ରଙ୍କଠାରୁ ବୈକୁଣ୍ଠନାଥଙ୍କ ଭଳି ସମ୍ବଲପୁରର ପ୍ରଥମ ଏମ.ଏ.ଙ୍କ ପର୍ଯ୍ୟନ୍ତ, ବହୁ ନବ୍ୟଶିକ୍ଷିତ ଯେ ଗଙ୍ଗାଧରଙ୍କ କବିତ୍ୱ ସମ୍ପର୍କରେ ପରିଚିତ ଓ ସଚେତନ ଥିଲେ, ଉପରୋକ୍ତ ପତ୍ର ତାହାର ଦୃଷ୍ଟାନ୍ତ। ଭାଷା-ଆନ୍ଦୋଳନ ସମ୍ପର୍କିତ ତାଙ୍କର କବିତା ପ୍ରକାଶିତ ହେବାପରେ (୧୮୯୪-୧୮୯୫ପରେ) ଦାଶରଥୀ ପାଣିଗ୍ରାହୀ ପ୍ରମୁଖ ଅପେକ୍ଷାକୃତ ବୟସ୍କ ବିଦ୍ୱାନମାନେ ମଧ୍ୟ ଗଙ୍ଗାଧରଙ୍କୁ ସମ୍ବଲପୁରର ଜାତୀୟ କବିରୂପେ ଗ୍ରହଣ କରିନେଇଥିଲେ। ତେଣୁ ଗଙ୍ଗାଧର ଯେ ପୂର୍ବରୁ ଅଜ୍ଞାତ ଓ ଥିଲେ ବ୍ରଜମୋହନ ତାଙ୍କୁ ଲୋକଲୋଚନକୁ ଆଣିଲେ ଏହା ଅତିକଥା। କବିଙ୍କର ପୁତ୍ର ଭଗବାନ୍‌ବାବୁ ନୀଳକଣ୍ଠ ପୂଜାରୀ ଓ ଦାଶରଥି ପାଣିଗ୍ରାହୀଙ୍କ ସହ ଗଙ୍ଗାଧରଙ୍କ ସମ୍ପର୍କ ନେଇ ଲେଖିଛନ୍ତି: "ଏ ଥରର [ଦ୍ୱିତୀୟ ଥର, ୧୯୦୨-୦୩ରୁ ଆରମ୍ଭ] ସମ୍ବଲପୁର ଅବସ୍ଥାନ କାଳରେ ସେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିଲେ। ତନ୍ମଧ୍ୟରେ ସମ୍ବଲପୁର ଜିଲ୍ଲା ସ୍କୁଲର ହେଡ୍‌ମାଷ୍ଟର୍ ବାବୁ ଦାଶରଥି ପାଣିଗ୍ରାହୀ ଓ ସମ୍ବଲପୁରର ଓକିଲ ନୀଳକଣ୍ଠ ପୂଜାରୀ ଅନ୍ୟତମ।" (ପିତୃ ପ୍ରସଙ୍ଗ, ପୃ. ୫୦) ବ୍ୟକ୍ତିଗତ ସାକ୍ଷାତ-ସମ୍ପର୍କ ହୋଇପାରି ନଥିଲେ ବି ୧୮୯୭ ପରେ ପରେ ନୀଳକଣ୍ଠଙ୍କ ଭଳି ଉତ୍ସାହୀ ଛାତ୍ର ଗଙ୍ଗାଧରଙ୍କ ସହ ପତ୍ରସମ୍ପର୍କ ପ୍ରତିଷ୍ଠା କରିଥିବା ସମ୍ଭବ। ଅନ୍ତତଃ ଗଙ୍ଗାଧରଙ୍କ ସମ୍ପର୍କରେ ନୀଳକଣ୍ଠଙ୍କର ଔତ୍ସୁକ୍ୟ ଆଲୋଚ୍ୟ ପତ୍ରରୁ ପ୍ରକାଶିତ।

ଗଙ୍ଗାଧର ପ୍ରଚାର ପ୍ରବଣ ନହେଲେ ବି ନିଜ ତରଫରୁ ସମ୍ବଲପୁର ତଥା ଅନ୍ୟାନ୍ୟ ଅଞ୍ଚଳର ବିଦ୍ୱତ ମଣ୍ଡଳୀ ସହ ଯୋଗାଯୋଗ ରଖିବାରେ କୁଣ୍ଠିତ ନଥିଲେ— ତାହା ଆଲୋଚ୍ୟ ପତ୍ରରୁ ସ୍ପଷ୍ଟ: "ମୋର ମନେହୁଏ 'ଇନ୍ଦୁମତୀ'ର କବି ଶ୍ରୀ ଗଙ୍ଗାଧର ମେହେର ଶୀଘ୍ର ତୁମ ସହ ପତ୍ରାଳାପ କରିବେ।" ଏହି ପତ୍ର ରଚନାର ଅଳ୍ପଦିନ ମଧ୍ୟରେ ବୈକୁଣ୍ଠନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ପତ୍ରାଳାପ ଆରମ୍ଭ ହୋଇଛି

ଓ ଗଙ୍ଗାଧର ଆପଣାର ସଦ୍ୟ-ପ୍ରକାଶିତ 'ମହିମା' ବୈକୁଣ୍ଠନାଥଙ୍କୁ ଉପହାର ଦେଇଛନ୍ତି। ବୈକୁଣ୍ଠନାଥଙ୍କଭଳି ଆଦର୍ଶବାଦୀ ଯୁବକଙ୍କୁ 'ମହିମା' ଅନୁପ୍ରାଣିତ କରିଥିବା ସେ ଗଙ୍ଗାଧରଙ୍କୁ ଲେଖିଥିବା ଚିଠିରୁ ଜଣାଯାଏ : "....ମୁଁ ....'ମହିମା' କଲିକତାରେ ଗତ ତା ୨୦ ରିଖ ଦିନ ପାଇ ଅତି ଆଦରର ସହିତ ଏକାଧିକବାର ପାଠ କରିଅଛି। ମହାଜନମାନଙ୍କର ବର୍ଣ୍ଣନା ଛଳରେ ଯେ କେତେକ ସାରଗର୍ଭ ଉପଦେଶ ଦିଆହୋଇଅଛି, ସେ ସବୁ ନିଜ ଜୀବନରେ ନିହିତ କରିବାକୁ ମୁଁ ଯଥାସାଧ୍ୟ ଚେଷ୍ଟା କରିଅଛି ଓ କରୁଅଛି। ଏହି ପୁସ୍ତକଟି ମୋର ପ୍ରିୟ ପୁସ୍ତକ ହୋଇ ରହିଲା।" (ପିତୃପ୍ରସଙ୍ଗ, ପୃ. ୨୪୭)। ପତ୍ରଟିରେ ବୈକୁଣ୍ଠନାଥଙ୍କ ଉଚ୍ଚଜାତିର ପାରମ୍ପରିକ ଗୌରବବୋଧ ଓ ଶିକ୍ଷାଭିମାନ ରହିଥିବା ମନେ ହୁଏ।) ଏଠାରେ ସ୍ମରଣୀୟ ଯେ ସମ୍ବଲପୁରରେ ବିଂଶଶତକର ପ୍ରଥମ ଦଶକରେ ଚନ୍ଦ୍ରଶେଖର ବେହେରା, ରାମନାରାୟଣ ମିଶ୍ର, ବାଲୁକେଶ୍ୱର ମିଶ୍ର ଓ ନୀଳକଣ୍ଠ ପୂଜାରୀ ପ୍ରମୁଖ ଯେଉଁ ଉଚ୍ଚ ଶିକ୍ଷିତବର୍ଗର ଅଭ୍ୟୁଦୟ ଘଟିଥିଲା, ସେମାନଙ୍କର ପ୍ରାକୃତିକ ନେତା ଥିଲେ ବୈକୁଣ୍ଠନାଥ ପୂଜାରୀ। ତା ୧୩।୧୦।୧୯୦୩ରେ ବୈକୁଣ୍ଠନାଥଙ୍କ ଅକାଳ ମୃତ୍ୟୁ ପରେ ଚନ୍ଦ୍ରଶେଖର ବେହେରା ଓ ରାମନାରାୟଣ ମିଶ୍ର ଏହି ଗୋଷ୍ଠୀର ପ୍ରମୁଖ ଥିଲେ। ଗଙ୍ଗାଧରଙ୍କ 'କବିତା କଲ୍ଲୋଳ' ଓ 'ତପସ୍ୱିନୀ' ରାମନାରାୟଣ ମିଶ୍ରଙ୍କ ଅର୍ଥାନୁକୂଲ୍ୟରେ ପ୍ରକାଶିତ ହୋଇଥିଲା। ୧୮୯୪ ମସିହାପରେ ଗଙ୍ଗାଧରଙ୍କ ପ୍ରସିଦ୍ଧି। ୧୮୯୭ ସାଲ ପରେ କେବଳ ପୂଜାରୀ ଭ୍ରାତୃବର୍ଗ ନୁହନ୍ତି, ଏହି ନବଶିକ୍ଷିତବର୍ଗଙ୍କର ଗଙ୍ଗାଧରଙ୍କ ପ୍ରତି ଥିବା ସ୍ୱାଭାବିକ ଶ୍ରଦ୍ଧା ଓ ସମ୍ମାନବୋଧ ପରବର୍ତ୍ତୀ କାଳରେ ତାଙ୍କପାଇଁ ଶୁଭଦାୟକ ହୋଇଛି। ବ୍ରଜମୋହନ ଏହି ସମ୍ମାନବୋଧକୁ ସାହାଯ୍ୟ ଦାନରେ ପରିଣତ କରିବା ପାଇଁ ସାଧାରଣ ଭୂମିକା ନେଇଛନ୍ତି। (୧) କେବଳ ସେତିକି ନୁହେଁ, ୧୮୯୭ ମସିହା ବେଳକୁ ନୀଳକଣ୍ଠ ପ୍ରମୁଖଙ୍କ ସହ ପରୋକ୍ଷ ସମ୍ପର୍କ ପରେ ପରେ ପ୍ରତ୍ୟକ୍ଷ ଓ ଘନିଷ୍ଠ ହୋଇଛି। ନୀଳକଣ୍ଠଙ୍କ ବୈଠକଖାନାରେ ଥିବା ଏକ ଚିତ୍ର 'ପ୍ରଣୟ ବଲ୍ଲରୀ'ର ପ୍ରେରଣା-ବୀଜ ବୋଲି ଭଗବାନ ବାବୁ କହନ୍ତି : "ଦିନେ ପିତା ସମ୍ବଲପୁର ଅନରେରୀ ମାଜିଷ୍ଟ୍ରେଟ୍ ବାବୁ ଦାଶରଥି ପୂଜାରୀଙ୍କ ଦ୍ୱିତୀୟ ପୁତ୍ର ଓକିଲ ବାବୁ ନୀଳକଣ୍ଠ ପୂଜାରୀ ଏମ୍. ଏ. [?]ଙ୍କ ବାସଭବନକୁ ଯାଇଥିଲେ। ସେଠାରେ ତାଙ୍କ ବୈଠକଖାନାର ସମ୍ମୁଖଭାଗରେ ବିଶ୍ୱାମିତ୍ର ଓ ମେନକାଙ୍କ ସଦ୍ୟପ୍ରସୂତା ଶକୁନ୍ତଳାଙ୍କର ଗୋଟିଏ ବୃହଦାକାର ସୁଦୃଶ୍ୟ ଛବି ଦେଖି ତହିଁ ପ୍ରତି ସମଧିକ ଆକୃଷ୍ଟ ହୋଇଥିଲେ। ଏପରିକି ସେ ଉକ୍ତ ଚିତ୍ରଖଣ୍ଡିକ ଦେଖି ଆସିବାପାଇଁ ମୋତେ ନିର୍ଦ୍ଦେଶ ଦେବାରୁ ମୁଁ ମଧ୍ୟ ସେଠାକୁ ଯାଇ ତାହା ଦେଖି ଆସିଥିଲି। ବାସ୍ତବରେ ସେପରି ଏକ ଅପରୂପ ଲାବଣ୍ୟସମ୍ପନ୍ନା ଅପ୍ସରାର ଚିତ୍ରପଟ କ୍ୱଚିତ ଦେଖାଯାଏ। ଏହା ସମ୍ଭବତଃ ୧୯୦୩ ବା ୧୯୦୪ ସାଲର ଘଟଣା। ଏହି ଛବିଟି ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ସେ ମହାକବି କାଳିଦାସଙ୍କ ଅମର କୃତି 'ଅଭିଜ୍ଞାନ ଶାକୁନ୍ତଳମ୍' ପାଠ କରି ତହିଁର ପ୍ରଥମ

ଅଙ୍କ ଅନୁରୋଧରେ ସେହି ସମ୍ବଲପୁରରେ ହିଁ ପଦ୍ୟାକାରରେ 'ପ୍ରଣୟାଙ୍କୁର' ରଚନା କରିଥିଲେ।" (ପିତୃ ପ୍ରସଙ୍ଗ, ପୃ. ୫୧)। ନୀଳକଣ୍ଠ ଗଙ୍ଗାଧରଙ୍କୁ ମଧ୍ୟ ଏକ 'ପ୍ରକୃତିବାଦ ଅଭିଧାନ' (ବଙ୍ଗଳା) ଉପହାର ଦେଇଥିଲେ। ବୈକୁଣ୍ଠନାଥଙ୍କୁ ଅନୁସରଣ କରି ନୀଳକଣ୍ଠ ଅକାଳରେ (ମାତ୍ର ପଚିଶ ବର୍ଷ ବୟସରେ, ତା ୧୬।୬।୧୯୦୫ଖ୍ରୀଷ୍ଟରେ) ପରଲୋକ ଗମନ କରିବା ଫଳରେ ପୂଜାରୀ ପରିବାର ସହିତ ଗଙ୍ଗାଧରଙ୍କର ସମ୍ପର୍କ ଶିଥିଳ ହୋଇ ଯାଇଥିଲା। ନୀଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରେ ବରପାଲି ସମ୍ବାଦର ବିଭିନ୍ନ ପ୍ରସଙ୍ଗରେ ଗଙ୍ଗାଧରଙ୍କ ବିଷୟ ବାରମ୍ବାର ଉତ୍ଥାପନ କରି କେବଳ ସମ୍ବଲପୁର ବା ପଶ୍ଚିମ ଓଡ଼ିଶାରେ ନୁହେଁ, ସମଗ୍ର ଓଡ଼ିଶାରେ ପରିଚିତ କରାଉଥିଲେ। ଭାଷା-ଆନ୍ଦୋଳନ ସମୟରେ 'ହିତୈଷିଣୀ'ରେ ରଚନା କରିଥିବା ଦୁଇଟି କବିତା (ଭାରତୀ ରୋଦନ ଓ ଉତ୍କଳ ଭାରତୀଙ୍କ ନିବେଦନ) ତାଙ୍କୁ ଯେଉଁ ପ୍ରସିଦ୍ଧି ଆଣିଦେଇଥିଲା ତାହା ପୂଜାରୀ ଭ୍ରାତୃଦ୍ୱୟ ଓ ସମ୍ବଲପୁରର ଅନ୍ୟାନ୍ୟ ଉଚ୍ଚଶିକ୍ଷିତଙ୍କ ସହ ସମ୍ପର୍କ ହେତୁ ଅଧିକ ବ୍ୟାପକ ହୋଇଥିଲା। ଗଙ୍ଗାଧରଙ୍କର ଏହି ଉତ୍କଳବ୍ୟାପୀ ପ୍ରସିଦ୍ଧି ବ୍ରଜମୋହନଙ୍କୁ ଗଙ୍ଗାଧରଙ୍କ ପ୍ରତି ଆକୃଷ୍ଟ କରିଥିଲା। ଗଙ୍ଗାଧର ଜଣେ କବି କେବଳ ନୁହେଁ, ଅନେକଙ୍କ ଦୃଷ୍ଟିରେ ସେ ଥିଲେ ପଶ୍ଚିମ ଓଡ଼ିଶାର ନବଜାଗରଣର ନାୟକ। ଏହି ନାୟକତ୍ୱର ପ୍ରସିଦ୍ଧି ହେତୁ ଆଲୋଚିତ ପାରିବାରିକ ପତ୍ରାଳାପରେ ସେ ଉଜ୍ଜ୍ୱଳ ବର୍ଣ୍ଣରେ ଉଦ୍‌ଭାସିତ।

ନୀଳକଣ୍ଠଙ୍କ ଚିଠିରୁ ଜଣାଯାଏ ଯେ ବରପାଲିର ଶିକ୍ଷକ ମଦନମୋହନ ପ୍ରଧାନ ଗଙ୍ଗାଧରଙ୍କର ଘନିଷ୍ଠ ବନ୍ଧୁ। ଉଭୟଙ୍କ ମଧ୍ୟରେ ଥିବା ବନ୍ଧୁତା ଗଙ୍ଗାଧରଙ୍କ କବିଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରୁ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ଥିଲା। ଗଙ୍ଗାଧର ବ୍ରଜମୋହନଙ୍କ ନିକଟକୁ ଗୋଟିଏ ପତ୍ରରେ ଲେଖିଛନ୍ତି : "ବରପାଲିର କୃଷିକାର୍ଯ୍ୟର ଭାର ମଦନମୋହନବାବୁ ଗ୍ରହଣ କରି ମୋର କୃତଜ୍ଞତାର ଭାଜନ ହୋଇଅଛନ୍ତି।.... ଆଜି ସଂସାରରେ ବ୍ରଜମୋହନ ଓ ମଦନମୋହନ ମୋର ହୃଦୟ ମୋହନ ହୋଇଅଛନ୍ତି।" (ପତ୍ରାବଳୀ, ପୃ. ୯୦)। ଗଙ୍ଗାଧରଙ୍କ ଅନ୍ୟତମ 'ହୃଦୟ ମୋହନ'ଙ୍କ ସମ୍ପର୍କରେ ଗଙ୍ଗାଧରଙ୍କ ଜୀବନୀକାରମାନେ କେବଳ ଭଗବାନ ମେହେରଙ୍କୁ ଛାଡ଼ି ବିଶେଷ ଆଲୋକପାତ କରିନାହାନ୍ତି। ଗଙ୍ଗାଧରଙ୍କ ବ୍ୟକ୍ତିଜୀବନ ଓ ସାହିତ୍ୟିକ ଜୀବନରେ ଯେଉଁମାନେ ଅତି ଗୌଣ ସ୍ଥାନ ଅଧିକାର କରିବା କଥା, ସେମାନଙ୍କ ପ୍ରସଙ୍ଗ ବାରମ୍ବାର ଆଲୋଚିତ ହେଲାବେଳେ ମଦନମୋହନଙ୍କ ଭୂମିକା ଅନାଲୋଚିତ ହୋଇ ରହିଛି। ନୀଳକଣ୍ଠଙ୍କ ଉଦ୍ଧୃତ ପତ୍ରାଂଶ ସହିତ ରାଧାନାଥ ଓ ଗଙ୍ଗାଧରଙ୍କ ଚିଠିପତ୍ର ତଥା ସ୍ୱୟଂ ମଦନମୋହନ ପ୍ରଧାନଙ୍କ ଚିଠିପତ୍ରକୁ ଏକତ୍ର ଅଧ୍ୟୟନ କଲେ ଗଙ୍ଗାଧରଙ୍କ ସହ ତାଙ୍କ ସମ୍ପର୍କ ସ୍ପଷ୍ଟ ହୁଏ।

ମଦନମୋହନ ପ୍ରଧାନ ପ୍ରଥମେ ବରପାଲି ଓ ପରେ ବଦଳି ହୋଇ ଅନ୍ୟତ୍ର ଶିକ୍ଷକତା କରୁଥିଲେ। ଅନ୍ତତଃ ୧୮୯୨ ମସିହାରୁ ୧୯୧୯ ମସିହା ପର୍ଯ୍ୟନ୍ତ ଗଙ୍ଗାଧରଙ୍କ

ସହ ତାଙ୍କର ଅନ୍ତରଙ୍ଗତାର ପରିଚୟ ବିଭିନ୍ନ ସୂତ୍ରରୁ ମିଳିଥାଏ। ଗଙ୍ଗାଧରଙ୍କ ବିଷୟ-ସଂପତ୍ତିର ରକ୍ଷଣାବେକ୍ଷଣଠାରୁ ଆରମ୍ଭ କରି ବିଭିନ୍ନ ଭାବରେ ସେ ଗଙ୍ଗାଧରଙ୍କ ସହ ସଂପୃକ୍ତ ଥିଲେ। ଗଙ୍ଗାଧରଙ୍କ ଆଦ୍ୟ ସାରସ୍ୱତ-ଜୀବନରେ ସେ ଥିଲେ ଅନ୍ୟତମ ସହଯୋଗୀ। ଗଙ୍ଗାଧରଙ୍କ ପ୍ରଥମ ପ୍ରକାଶିତ କାବ୍ୟ 'ଅହଲ୍ୟାସ୍ତବ' (ଭିକ୍‌ଟୋରିଆ ପ୍ରେସ୍, ୧୮୯୨)ର ସେ ଥିଲେ ପ୍ରକାଶକ। ତେଣୁ ତାଙ୍କରି ସହଯୋଗରେ ଗଙ୍ଗାଧର ଲୋକଲୋଚନକୁ ଆସିଥିଲେ ବୋଲି କୁହାଯାଇପାରେ। ଗଙ୍ଗାଧରଙ୍କ ପାଇଁ ରାଧାନାଥଙ୍କ କାବ୍ୟାବଳୀ ସେ ମଗେଇଥିବାର ସମ୍ଭାବନା, ରାଧାନାଥଙ୍କ ୨୫ ଏପ୍ରିଲ୍, ୧୮୯୨ ତାରିଖର ପତ୍ରରୁ ଏହା ଅନୁମାନ କରାଯାଇପାରେ : "ଅନୁଗ୍ରହପୂର୍ବକ ଶ୍ରୀବାବୁ ମଦନମୋହନ ମହାଶୟଙ୍କୁ ପୂର୍ବୋକ୍ତ ପୁସ୍ତକମାନ ଦେଖାଇବା ହେବେ ଏବଂ ପ୍ରାପ୍ତିର ସମ୍ବାଦ ରଖିବା ହେବେ।" (କବିଲିପି, ପୃ. ୬୧) ଗଙ୍ଗାଧରଙ୍କ ନିକଟକୁ ମଦନମୋହନ ଲେଖିଥିବା କେତେକ ଚିଠି ଓ ତାଙ୍କ ନିକଟକୁ ଗଙ୍ଗାଧର ଲେଖିଥିବା ତାରିଖଣ୍ଣ ଚିଠି ପ୍ରକାଶିତ। ଏହି ପତ୍ରଗୁଡ଼ିକରେ ସାହିତ୍ୟ ଚର୍ଚ୍ଚା ନାହିଁ ସତ୍ୟ, କିନ୍ତୁ ଗଙ୍ଗାଧରଙ୍କ ସହ ତାଙ୍କର ଅଭିନ୍ନ ହୃଦୟତା ପରିସ୍ଫୁଟ। ବାରମ୍ବାର ପତ୍ନୀ ବିୟୋଗ ଓ ପୁନର୍ବିବାହ ସହିତ ନାନା ସଂସାର ଜ୍ୱାଳାରେ ଅତିଷ୍ଠ ହୋଇ ମଦନମୋହନ ସାହିତ୍ୟ ଚର୍ଚ୍ଚା ପରିତ୍ୟାଗ କରିଥିବା ସମ୍ଭବ। ସେ ଭଲ ଭାଷଣ ଦେଇ ପାରୁଥିବା ମଧ୍ୟ ସମକାଳୀନ ସମ୍ବାଦରୁ ସ୍ପଷ୍ଟ : "ବରପାଲି ମି. ଇ. ସ୍କୁଲର ହେଡ୍‌ମାଷ୍ଟର ବାବୁ ଶ୍ରୀ ମଦନ ମୋହନ ପ୍ରଧାନ ମଧ୍ୟ ହିତସାଧକ ସୁଦୀର୍ଘ ବ୍ୟାଖ୍ୟାନ ଦେଇ ସଭାସ୍ଥ ସଭ୍ୟବୃନ୍ଦଙ୍କର ଚିତ୍ତାକର୍ଷଣ କରିଥିଲେ।" (ସମ୍ବଲପୁର ହିତୈଷିଣୀ, ୨୩।୧୨, ୬।୯।୧୯୧୨)। ୧୯୦୨ ପରେ ହିଁ ସେ ଗଙ୍ଗାଧରଙ୍କ ନିକଟକୁ ଲେଖିଥିବା ପତ୍ରାବଳୀ ପ୍ରକାଶିତ। ସେଥିରେ ସାଂସାରିକ ଜୀବନର ସମସ୍ୟା ସବୁ ଉପସ୍ଥାପିତ। ଗଙ୍ଗାଧର କେଉଁଠାରେ ପ୍ରଶଂସିତ ହେଲେ ବା ଗଙ୍ଗାଧରଙ୍କ ପାଇଁ ଉତ୍ତମ ନିଯୁକ୍ତି ସୁଯୋଗ ଆସିଲେ ସେ ଜଣେଇବାପାଇଁ ଭୁଲି ନାହାନ୍ତି : "ମୁଁ ଯେତେଦୂର ଜାଣିଲି ସୋନପୁର ମହାରାଜା ଉତ୍କଳ ସାହିତ୍ୟ ରସିକ ଅଟନ୍ତି। ସେ 'ସୋନଭୂଷଣ' ନାମରେ ଗୋଟିଏ ଛାପାଖାନା ସ୍ଥାପନ କରିଅଛନ୍ତି। ସେହି ପ୍ରେସ୍‌ରୁ ଖଣ୍ଡେ ସମାଚାର ପତ୍ର ବାହାରିବା ପ୍ରସ୍ତାବ ହୋଇଅଛି ଏବଂ କେତେକ ନାଟ୍ୟକାବ୍ୟ ମଧ୍ୟ ପ୍ରେସ୍‌ରେ ଛାପା ହେବ। ଏହିଁ ନିମନ୍ତେ ଉତ୍କଳ ସାହିତ୍ୟ ପ୍ରବୀଣ ଲେଖକ (କବି) ଜଣେ ଯେ ନିତାନ୍ତ ଆବଶ୍ୟକ ବୋଲି ସ୍ଥିର କରି ଆପଣଙ୍କୁ ମନେ ମନେ ମନୋନୀତ କରିଛନ୍ତି ଏବଂ ମାସିକ ଟ୫୦ଙ୍କା ବେତନ ଦେବାକୁ ସ୍ୱୀକୃତ ହୋଇଅଛନ୍ତି। ଏ ବିଷୟରେ ପ୍ରତ୍ୟୁତ୍ତର ମୁଁ ଆପଣଙ୍କଠାରୁ ପାଇଲେ ମହାରାଜାଙ୍କୁ ଜଣେଇ ଦିଅନ୍ତି।" (ପିତୃ ପ୍ରସଙ୍ଗ, ପୃ. ୨୪୯-୫୦) ଗଙ୍ଗାଧରଙ୍କ ଜ୍ୟେଷ୍ଠପୁତ୍ରର ବିୟୋଗବାର୍ତ୍ତା ରାଧାନାଥଙ୍କୁ ମଦନମୋହନ ହିଁ ଦେଇଛନ୍ତି : "ମଦନମୋହନବାବୁଙ୍କ ପତ୍ରରୁ ପୀଡା [ପୁତ୍ରର] ବିସୂଚିକା ବୋଲି ଅନୁମାନ ହେଉଅଛି।" (କବିଲିପି, ପୃ. ୯୩)। ଅନ୍ୟ କେହି ମଦନମୋହନଙ୍କ ସହ କବିଙ୍କ ସମ୍ପର୍କ ଆଲୋଚନା

କରାଗଲା ତା ନକଲରୁ କବିପୁତ୍ର ସ୍ୱର୍ଗତଃ ମେହେର ଏଥିନେଇ ସୋଚ୍ଚାର : "ବରପାଲିବାସୀ ବାବୁ ମଦନମୋହନଙ୍କ ସହିତ ପିତାଙ୍କର ପ୍ରଗାଢ଼ ସଦ୍ଭାବ ଥିଲା। ପିତା ସରକାରୀ କାର୍ଯ୍ୟରେ ଯେତେବେଳେ ଯେଉଁ ସ୍ଥାନରେ ରହୁଥିଲେ (ସମ୍ବଲପୁର, ବିଜେପୁର, ପଦ୍ମପୁର) ମଦନମୋହନ ବାବୁ ତାଙ୍କ ସହିତ ନିୟମିତ ପତ୍ର ବ୍ୟବହାର କରୁଥିଲେ ଓ ବରପାଲିର ସମସ୍ତ ସମ୍ବାଦ ଜଣାଉଥିଲେ। ସେ ଦୀର୍ଘକାଳ ବରପାଲିରେ ଶିକ୍ଷକତା କରିଥିଲେ ଓ ପିତାଙ୍କ ସାହଚର୍ଯ୍ୟରେ ନିଜର ସାହିତ୍ୟ ଜ୍ଞାନର ଅଭିବୃଦ୍ଧି ସାଧନ କରିଥିଲେ। ତାଙ୍କର ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷାରେ ଜ୍ଞାନ ଥିବାରୁ ବରପାଲି ଜମିଦାରଙ୍କ ଇଚ୍ଛାକ୍ରମେ ତାଙ୍କ ନିକଟକୁ ଯାଇ ପତ୍ର ପତ୍ରିକାଦି ପାଠ କରି ଶୁଣାଉଥିଲେ। .....ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ ପିତାଙ୍କ ରଚିତ 'ଅହଲ୍ୟାସ୍ତବ' କ୍ଷୁଦ୍ର ପୁସ୍ତିକା ଝଷିକର ପ୍ରକାଶନରେ ବାବୁ ମଦନମୋହନ ପ୍ରଧାନଙ୍କ ଆନୁକୂଲ୍ୟ ଥିବାର ଜଣାଯାଏ।" (ପିତୃ ପ୍ରସଙ୍ଗ, ପୃ. ୭୪) ଯାହା ଜଣାଯାଏ ବୋଲି ଭଗବାନ ବାବୁ କହିଛନ୍ତି, ତାହାର ପ୍ରମାଣ ପ୍ରଥମ ସଂସ୍କରଣ 'ଅହଲ୍ୟାସ୍ତବ'ରେ ଉଲ୍ଲିଖିତ। ମଦନମୋହନଙ୍କ ଗଙ୍ଗାଧର-ସମ୍ପର୍କ ଓ ଗଙ୍ଗାଧର-ସର୍ବସ୍ୱତାର ନିଦର୍ଶନ ହେଉଛି ବକ୍ଷ୍ୟମାଣ ପତ୍ର।

ଜଣେ ଲେଖକଙ୍କର ରଚନାର ବିଷୟ ଓ ଶୈଳୀ ତାଙ୍କର ନିକଟସ୍ଥ ଓ ଉପସ୍ଥିତ ପାଠକମଣ୍ଡଳୀର ଆବଶ୍ୟକତା ଅନୁଯାୟୀ ସଂଗଠିତ ହୋଇଥାଏ। ଏହି ତାତ୍କାଳୀକତା ଓ ସ୍ଥାନିକତାର ପ୍ରଭାବରୁ ଉତ୍ତୀର୍ଣ୍ଣ ହେବା ସହଜ ନୁହେଁ। ତାହା ମଧ୍ୟ ଘଟିଛି ଗଙ୍ଗାଧରଙ୍କ କ୍ଷେତ୍ରରେ। ବର୍ତ୍ତମାନର ଦୃଷ୍ଟିକୋଣରୁ ଦେଖିଲେ, ଗଙ୍ଗାଧରଙ୍କର ଦୀର୍ଘ ପୁରାଣ-କାହାଣୀଭିତ୍ତିକ କାବ୍ୟଗୁଡ଼ିକୁ ଛାଡ଼ିଦେଲେ ତାଙ୍କର ଅନ୍ୟାନ୍ୟ ଅଧିକାଂଶ କବିତା ପଦ୍ୟମାତ୍ର। କବି ହୃଦୟର ଗଭୀର ଓ ସ୍ୱତଃସ୍ଫୂର୍ତ୍ତ ଆବେଗ ସେଥିରେ ଅଭିବ୍ୟକ୍ତ ହୋଇନାହିଁ। ଅଧିକାଂଶ ବହୁଳ ପଦ୍ୟ ପର୍ଯ୍ୟାୟରେ ସେହି ଦୃଷ୍ଟିରୁ ଅନ୍ତର୍ଭୁକ୍ତ କରାଯାଇପାରେ। ଏହାର କାରଣ ହେଲା ଦୁଇଟି : ପ୍ରଥମତଃ, ଗଙ୍ଗାଧର ଇଉରୋପୀୟ (ଇଂରେଜୀର) ରୋମାଣ୍ଟିକ୍ କାବ୍ୟତତ୍ତ୍ୱରେ ବିଶ୍ୱାସୀ ନଥିଲେ; ଦ୍ୱିତୀୟତଃ, ତାଙ୍କର ପାଠକଗୋଷ୍ଠୀର ଆବଶ୍ୟକତା ନେଇ ସେ ସଚେତନ ଥିଲେ। ତେଣୁ 'ଅର୍ଘ୍ୟଥାଳୀ'ର ଅନେକ କବିତା, ବିକ୍ଷିପ୍ତ କବିତାବଳୀ, କୃଷକ ସଂଗୀତ ଓ ମହିମା କୌଣସି ବଳିଷ୍ଠ ଆବେଗରୁ ଉତ୍ସାରିତ ନୁହେଁ। ବରାଦ ବା ଆବଶ୍ୟକତା ଅନୁସାରେ ସେଗୁଡ଼ିକ ଲେଖାଯାଇଛି। ଯେଉଁ ବିଷୟ ସାଧାରଣତଃ ଗଦ୍ୟ ରଚନା ପାଇଁ ଅଧିକ ଉପଯୋଗୀ, ତାହାକୁ ସେ ପଦ୍ୟରେ ଲେଖିଛନ୍ତି। ବନ୍ଧୁ ତଥା ପାଠକମାନଙ୍କର ଇଚ୍ଛାପୂର୍ତ୍ତିର ଏସବୁ କିଭଳି ଫଳଶ୍ରୁତି, ତାହାର ସୂଚନା ଆଲୋଚ୍ୟ ପତ୍ରରେ ରହିଛି। ନୀଳକଣ୍ଠଙ୍କ ଚିଠି ଅନୁସାରେ, ମଦନମୋହନ ଗଙ୍ଗାଧରଙ୍କୁ ବିଜୟାଦଶମୀରେ ବୈକୁଣ୍ଠନାଥ ସମ୍ବଲପୁରରେ ଆରମ୍ଭ କରିଥିବା ନୂଆ ଚଳଣି ଉପରେ କବିତା ଲେଖିବାକୁ କହିଥନ୍ତି ଓ ଗଙ୍ଗାଧର ସ୍ୱୀକୃତି ଦେଇଥନ୍ତି। ସେ ସମୟରେ ଗଙ୍ଗାଧର ତାଙ୍କର ପାରିବାରିକ ଦୁର୍ଘଟଣା ହେତୁ ଏଭଳି କୌଣସି କବିତା ହୁଏତ ଲେଖି ପାରିନାହାନ୍ତି, କିନ୍ତୁ ଏଭଳି ବରାଦି

କବିତା ଲେଖିବାରେ ସେ ଯେ, ଧୂରନ୍ଧର ଥିଲେ ଓ ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ସ୍ୱୀକୃତି ଦେଉଥିଲେ, ଆଲୋଚ୍ୟ ପତ୍ର ତାହାର ପ୍ରମାଣ ।

ଗଙ୍ଗାଧରଙ୍କ ପାରିବାରିକ ଜୀବନରେ ୧୮୯୭ ମସିହାଠାରୁ ୧୯୦୨ ମସିହା ମଧ୍ୟରେ ବହୁ ଦୁର୍ବିପାକ ଘଟିଥିଲା । ପ୍ରଥମେ ପ୍ରିୟତମା ପତ୍ନୀଙ୍କର ଦୁଃଖଦ ପରିସ୍ଥିତିରେ ବିୟୋଗ, ଜ୍ୟେଷ୍ଠପୁତ୍ରର ଅକାଳ ମୃତ୍ୟୁ ଓ ପିତାଙ୍କର ପ୍ରୟାଣ, ଏସବୁ ଅଳ୍ପ ସମୟ ବ୍ୟବଧାନରେ ଘଟି ତାଙ୍କୁ ହତଚକିତ କରିଥିଲା । ବିଶେଷତଃ ତାଙ୍କ ପ୍ରଥମା ପତ୍ନୀଙ୍କର ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ ପରିସ୍ଥିତିରେ ମୃତ୍ୟୁ ତାଙ୍କର ସମଗ୍ର ବ୍ୟକ୍ତିସତ୍ତାକୁ ଦୋହଲାଇ ଦେଇଥିଲା । ଗଙ୍ଗାଧରଙ୍କ ପ୍ରଥମା ପତ୍ନୀ ଶାନ୍ତା ଦେବୀ କେଉଁ ପରିସ୍ଥିତିରେ ମୃତ୍ୟୁବରଣ କଲେ ତାହା ତାଙ୍କର ଜୀବନୀକାରମାନେ ଗୁରୁତ୍ୱ ସହକାରେ ଉପସ୍ଥାପନ କରିନାହାନ୍ତି । ଏହି ଘଟଣା ଘଟିଲାବେଳକୁ କବିପୁତ୍ର ଭଗବାନ ଥିଲେ ଚାରି / ପାଞ୍ଚ ବର୍ଷର ଶିଶୁ । ଶୈଶବର ସେହି ଝାପ୍ସା ଓ ଧୂସର ସ୍ମୃତି ତଥା ପରବର୍ତ୍ତୀକାଳର ଶୁଣାକଥା ଉପରେ ନିର୍ଭର କରି ସେ ଲେଖିଛନ୍ତି : "ଥରେ ସନ ୧୮୯୭ ସାଲ ଗ୍ରୀଷ୍ମକାଳରେ ବରପାଲି ଗ୍ରାମରେ ଭୟଙ୍କର ବିସୂଚିକା ଆବିର୍ଭୂତ ହୋଇ ଗ୍ରାମବାସୀଙ୍କ ମନରେ ଘୋର ଆତଙ୍କ ସୃଷ୍ଟି କରିଥିଲା । ଅନେକ ଲୋକ ପ୍ରାଣରକ୍ଷା ନିମିତ୍ତ ବରପାଲି ପରିତ୍ୟାଗପୂର୍ବକ ନିକଟବର୍ତ୍ତୀ ପଲ୍ଲୀଗ୍ରାମ ନିକଟରେ ବୃକ୍ଷଛାୟାତଳେ ଆଶ୍ରୟ ନେଇ ରହୁଥିଲେ; କାରଣ ସେପରି ସମୟରେ ଅନ୍ୟ କୌଣସି ଗ୍ରାମବାସୀ ହଇଜା ଲାଗିଥିବା ଗ୍ରାମର ଲୋକମାନଙ୍କୁ ନିଜ ଗ୍ରାମ ଭିତରେ ସ୍ଥାନ ଦେଉନଥିଲେ । ଏପରି ସଙ୍କଟ ସମୟରେ ପିତା ପଡ଼ୋଶୀ ଗୃହଗୁଡ଼ିକରେ ସେ ରୋଗର ପ୍ରାଦୁର୍ଭାବ ଦେଖି ନିଜ ପରିବାର (ମୋର ମାତା, ଅଗ୍ରଜ, ଭଉଣୀ ଓ ମୋତେ) ନେଇ ଅନ୍ୟଏକ ଗ୍ରାମକୁ ସନ୍ଧ୍ୟା ସମୟରେ ବାହାରିଲେ । ତାଙ୍କ ସହିତ ଆମର କେତେକ ପ୍ରିୟ ଓ ଅନ୍ୟ କେତେକ ଅସହାୟ ବ୍ୟକ୍ତି ମଧ୍ୟ ଯାଇଥିଲେ । ପଥ ମଧ୍ୟରେ ଅନ୍ଧକାର ମାଡ଼ି ଆସିବାରୁ ଗୋଟିଏ ପଡ଼ିଆରେ ରାତ୍ରିଯାପନ କଲେ । ତତ୍‌ପରଦିନ ସକାଳେ ଅନ୍ୟ କୌଣସି ଗ୍ରାମ ଭିତରକୁ ଯିବା ସମ୍ଭବ ନଥିବାରୁ ଗୋଟିଏ ଲୋକାଳୟ (ବରପାଲିରୁ ପ୍ରାୟ ତିନିମାଇଲ୍ ଦୂରସ୍ଥ ଏକ ଗ୍ରାମ 'ରାବେନ ବୁଡ଼ା') ସମୀପସ୍ଥ ଆମ୍ବତୋଟାରେ ଆମ୍ଭମାନଙ୍କୁ ରହିବାକୁ ପଡ଼ିଥିଲା । ପ୍ରାୟ ଏକ ସପ୍ତାହ ସେଠାରେ ରହିବାପରେ ଉକ୍ତ ଗ୍ରାମବାସୀମାନେ ସମସ୍ତଙ୍କ ପାଇଁ ଗ୍ରାମ ଭିତରେ ରହିବାର ବ୍ୟବସ୍ଥା କରି ଦେଇଥିଲେ । ସେତେବେଳେ ଆମ୍ଭମାନଙ୍କୁ ଗୋଟିଏ ଗୋରୁଗୁହାଳରେ ଆଶ୍ରୟ ନେବାକୁ ପଡ଼ିଥିଲା । ସେଠାରେ କିଛିଦିନ ରହିବାପରେ ମୋର ମାତାଙ୍କ ସ୍ୱାସ୍ଥ୍ୟଭଙ୍ଗ ହେଲା । ତାଙ୍କପାଇଁ ଯଥାସାଧ୍ୟ ଦେଶୀୟ ବୈଦ୍ୟମାନଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା; କିନ୍ତୁ କୌଣସିଥିରେ ଫଳୋଦୟ ହେଲା ନାହିଁ । ଅବଶେଷରେ, ସେ ପ୍ରସୂତିକା ରୋଗରେ ପ୍ରାଣତ୍ୟାଗ କଲେ ।" (ପିତୃ ପ୍ରସଙ୍ଗ, ପୃ. ୪୦-୪୧) ।

କବିପୁତ୍ର ତାଙ୍କ ମା'ଙ୍କ ମୃତ୍ୟୁ-ବ୍ୟାପାରକୁ ବହୁଦିନବ୍ୟାପୀ ଅବ୍ୟବସ୍ଥିତ ପରିସ୍ଥିତିର

ପରିଣତି ଭାବରେ ବର୍ଣ୍ଣନା କରିଛନ୍ତି। ସେ ତାଙ୍କର ମାତାଙ୍କ ମୃତ୍ୟୁର କୌଣସି ତାରିଖ ମଧ୍ୟ ଦେଇନାହାନ୍ତି। ପଣ୍ଡିତ ରାଘବ ମିଶ୍ରଙ୍କର ଏହି ଘଟଣା ଅନ୍ତତଃ ଗଙ୍ଗାଧରଙ୍କଠାରୁ ଶୁଣିବାର ସୁଯୋଗ ଥିଲା। କିନ୍ତୁ ସେ ଏହି ଘଟଣା ସମ୍ପର୍କରେ ମାତ୍ର ଗୋଟିଏ ବାକ୍ୟ ଲେଖିଛନ୍ତି : "ପ୍ରଥମ ସ୍ତ୍ରୀ ଲୋକାନ୍ତରିତା ହେବାରୁ ଗଙ୍ଗାଧର ଦ୍ୱିତୀୟ ଦାର-ପରିଗ୍ରହ କରିଥିଲେ" (ମେହେର କବି, ପୃ. ୨୫)। ନୀଳକଣ୍ଠଙ୍କ ଏ ସମ୍ପର୍କିତ ବର୍ଣ୍ଣନା କେତେକାଂଶରେ ନାଟକୀୟ ମନେ ହେଲେବି ଅଧିକ ସମକାଳୀନ। ମଦନମୋହନ ପ୍ରଧାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଉପରେ ଆଧାରିତ। କବିପତ୍ନୀଙ୍କ ମୃତ୍ୟୁ କିଭଳି ଆକସ୍ମିକ ଓ ଦୁଃଖଦାୟକ ପରିସ୍ଥିତିରେ ଘଟିଥିଲା, ତାହା ସେ ବୈକୁଣ୍ଠନାଥଙ୍କୁ ଲେଖିଛନ୍ତି। କବିପତ୍ନୀଙ୍କ ମୃତ୍ୟୁର ତାରିଖ ମଧ୍ୟ ସେ ଦେଇଛନ୍ତି— ୧୪ ଜୁଲାଇ, ୧୮୯୭ ତାରିଖ। ଭଗବାନବାବୁଙ୍କ ବର୍ଣ୍ଣନା ଓ ନୀଳକଣ୍ଠଙ୍କ ବର୍ଣ୍ଣନା ମଧ୍ୟରେ ପାର୍ଥକ୍ୟ ଅନେକ। ଭଗବାନବାବୁ ଶୈଶବ ସ୍ମୃତି ଓ ପରବର୍ତ୍ତୀ ସମୟର ଶୁଣାକଥାକୁ ଭିତ୍ତି କରିଥିଲାବେଳେ ପୂଜାରୀ ଗଙ୍ଗାଧରଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କଠାରୁ ଘଟଣାର ପ୍ରାୟତଃ ସମକାଳରେ ଶୁଣିଥିବା ତଥ୍ୟକୁ ଚିଠିରେ ବିବୃତ କରିଛନ୍ତି। ଅନ୍ୟ କୌଣସି ସୂତ୍ରର ସହଯୋଗ ନମିଳିବା ପର୍ଯ୍ୟନ୍ତ ନୀଳକଣ୍ଠଙ୍କ ଏ ସମ୍ପର୍କିତ ବିବରଣୀ ସତ୍ୟର ଅଧିକ ନିକଟବର୍ତ୍ତୀ ମନେହେବା ସ୍ୱାଭାବିକ।

କବିଙ୍କ ପାରିବାରିକ ଜୀବନ ତାଙ୍କ ସାହିତ୍ୟିକ ଜୀବନ ଉପରେ କିଭଳି ପ୍ରତ୍ୟକ୍ଷ ଓ ପରୋକ୍ଷ ବିସ୍ତାର କରିଛି ତାହା ତାଙ୍କର ଜୀବନୀକାର ଓ ସାହିତ୍ୟ ଆଲୋଚକଗଣ କ୍ୱଚିତ ଆଲୋଚନା କରିଛନ୍ତି। ପାରିବାରିକ ସ୍ଥିତି ସ୍ରଷ୍ଟାଙ୍କ ସ୍ରଷ୍ଟାଧର୍ମକୁ ହୁଏତ ନିୟନ୍ତ୍ରଣ କରିନପାରେ କିନ୍ତୁ ସୃଷ୍ଟିର ସଂଖ୍ୟା ଓ ଦେହେରାକୁ ବହୁ ସମୟରେ ନିୟନ୍ତ୍ରଣ କରିଥାଏ। ଭାରତ ଭଳି ଏକ ଦରିଦ୍ର ଦେଶରେ ପରିବାରର ମୁଖ୍ୟ ଉପାର୍ଜନକାରୀ ଯଦି ସାହିତ୍ୟ ବା ସଂଗୀତ ଆଦିରେ ନିମଜ୍ଜିତ ରହନ୍ତି, ତେବେ ପରିବାରର ଅନ୍ୟମାନଙ୍କୁ; ବିଶେଷତଃ ପତ୍ନୀଙ୍କୁ କିଭଳି ସ୍ୱାର୍ଥତ୍ୟାଗ କରିବାକୁ ପଡ଼େ; ତାହା ନିତ୍ୟ ଅନୁଭବର ବିଷୟ। ସାହିତ୍ୟ ଚର୍ଚ୍ଚା ଓ ରଚନାରେ ମନୋନିବେଶ କରିବା ପାଇଁ ଅବସର ଓ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ କିଭଳି ଆବଶ୍ୟକ, ତାହା ପୂର୍ବରୁ ଆଲୋଚିତ। ଏଠାରେ ସ୍ମରଣୀୟ ଯେ, ୧୮୯୮ ପୂର୍ବରୁ ଗଙ୍ଗାଧର ଥିଲେ ଜମିଦାରଙ୍କ ସିରସ୍ତାରେ ଜଣେ ମାତ୍ର ମାହରିର। ସରକାରୀ ଚାକିରୀର ସ୍ଥିରତା ଓ ନିରାପତ୍ତା ସେଥିରେ ନଥିଲା। ସଂପୃକ୍ତ କାଳରେ ଗଙ୍ଗାଧର ପୂର୍ବରୁ ଥିବା ଆର୍ଥିକ ଅସଂଗତିରୁ ସଂପୂର୍ଣ୍ଣ ମୁକ୍ତି ମଧ୍ୟ ପାଇନଥିଲେ। ଏଭଳି ପରିସ୍ଥିତିରେ ସ୍ତ୍ରୀ ଶାନ୍ତାଦେବୀଙ୍କର ସହଯୋଗ ନଥିଲେ ବା ସେ ପାରିବାରିକ ଜୀବନର ସମସ୍ତ ଜଞ୍ଜାଳ ଓ ଅଭାବକୁ ନିଜ କାନ୍ଧରେ ନେଇ ନଥିଲେ, ଗଙ୍ଗାଧର କବି ହୋଇ ପାରିଥାନ୍ତେ କି ନା ସନ୍ଦେହ। କାରଣ, ଆପଣାର ସ୍ୱଳ୍ପବିତ୍ତକୁ ସେ ସାହିତ୍ୟ ଚର୍ଚ୍ଚାରେ କେବଳ ବିନିଯୋଗ କରି ନଥିଲେ— ଦୁଇଟି ପୁସ୍ତକ ନିଜ ବ୍ୟୟରେ ସେ ପ୍ରକାଶ କରିଥିଲେ। ସଂପୃକ୍ତ କାଳରେ ନିଜର

ଆର୍ଥିକଅସ୍ୱାଚ୍ଛନ୍ଦ୍ୟତା ବିଷୟ ପ୍ରକାଶ କରିବାକୁ ମଧ୍ୟ ସେ କୁଣ୍ଠିତ ଥିଲେ। ଏହା କ'ଣ ଶାନ୍ତାଦେବୀଙ୍କର ତ୍ୟାଗ ଓ ବ୍ୟକ୍ତିତ୍ୱର ଫଳଶ୍ରୁତି ନୁହେଁ?

ଦେହାନ୍ତପରେ ଶାନ୍ତାଦେବୀ କବିଚିତ୍ତରେ ଆଦର୍ଶମୂର୍ତ୍ତି ନେଇ ଆବିର୍ଭୂତା ହୋଇଛନ୍ତି। ଏହାର ସୂଚନା ଦେଇ ଡକ୍ଟର କବି ଲେଖିଛନ୍ତି: "ମେହେର କବି ତାଙ୍କ କୃତିରେ ଯେଉଁ ଦାମ୍ପତ୍ୟ ଜୀବନର ମଧୁର ଚିତ୍ର ଦେଇଛନ୍ତି ତାହା ତାଙ୍କ ବ୍ୟକ୍ତିଗତ ଜୀବନର କାବ୍ୟିକ ଲିପିମାତ୍ର। ତାଙ୍କର ଦାମ୍ପତ୍ୟ ଜୀବନ ଅତି ସୁଖମୟ ଥିଲା। କବିଙ୍କର ଆୟ ଅନୁଯାୟୀ ବ୍ୟୟ ଯେପରି ସୀମିତ ହୁଏ ସେଥିପ୍ରତି ଶାନ୍ତାଦେବୀ ଯଥାଯଥ ଦୃଷ୍ଟି ଦେଉଥିଲେ। ସେ ଯଥାର୍ଥରେ ହିନ୍ଦୁ ଲଳନାର ଆଦର୍ଶସ୍ଥାନୀୟା।" କିନ୍ତୁ ଶାନ୍ତାଦେବୀ କବିଙ୍କ ମନରେ ସ୍ୱତନ୍ତ୍ର ସତ୍ତା ଧାରଣ କରି ତାଙ୍କ କାବ୍ୟଗୁଡ଼ିକରେ, ବିଶେଷତଃ 'ତପସ୍ୱିନୀ'ରେ ଆବିର୍ଭୂତ ହୋଇଛନ୍ତି। 'ତପସ୍ୱିନୀ'ର ତୃତୀୟ ସର୍ଗରେ ବୈଦେହୀ-ବିଚ୍ଛିନ୍ନ ରାମଚନ୍ଦ୍ରଙ୍କ ମୁଖରେ ଗଙ୍ଗାଧର କୁହାଇଛନ୍ତି :

"ଅଙ୍କଦ୍ୱୟେ ପ୍ରୀତି ହ୍ରାସ ନିତି ନିତି
ଦେଖି ଦେଖି ପୁନଃ ପୁନଃ
ହେଲେ ଶୂନ୍ୟ ଅଙ୍କ ଶୂନ୍ୟ ଯୋଗେ ଅଙ୍କ
ପଛି ହୁଏ ପ୍ରୀତି ଗୁଣ।"

ପ୍ରଣୟବଲ୍ଲରୀ ଓ ତପସ୍ୱିନୀର ଆଧାର କାଳିଦାସଙ୍କ ନାଟକ ବା ରାମାୟଣର କାହାଣୀ ହେଲେ ବି ବାସ୍ତବତଃ ଏଗୁଡ଼ିକ ମନସ୍ତାତ୍ତ୍ୱିକ କାବ୍ୟ। କାବ୍ୟକାର ଯେତେବେଳେ ଚରିତ୍ରଗୁଡ଼ିକର ମନୋବିଶ୍ଳେଷଣ କରନ୍ତି, ନିଜର ଅବଚେତନରେ ଥିବା ଧାରଣା, ପ୍ରତ୍ୟୟ ଓ ବିଶ୍ୱାସ ସେତେବେଳେ ନୂଆ ପୋଷାକ ପିନ୍ଧି ଚରିତ୍ରଗୁଡ଼ିକର ବିଶେଷତ୍ୱ ଭାବରେ ଦେଖାଦିଏ। ସୀତା ଓ ଶକୁନ୍ତଳା ଚରିତ୍ର ଭିତରେ ଶାନ୍ତାଦେବୀଙ୍କ ମୃତ୍ୟୁ ପରେ ପାର୍ଥିବ କ୍ଷେତ୍ରରେ ଶୂନ୍ୟଅଙ୍କ ହୋଇଥିବା ଗଙ୍ଗାଧରଙ୍କ 'ହୃଦପ୍ରୀତି' ଅବଚେତନରେ ବହୁଗୁଣିତ ହୋଇ ଅଭିବ୍ୟକ୍ତ ହୋଇ ନାହିଁ ତ ?

ପ୍ରଥମା ପତ୍ନୀଙ୍କ ମୃତ୍ୟୁକାଳୀନ ଅନୁରୋଧ ଓ ଅନ୍ୟାନ୍ୟ ଗୁରୁଜନମାନଙ୍କ ଉପଦେଶ ପାଳନକରି ଗଙ୍ଗାଧର ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ପତ୍ନୀ ଥିଲେ ବିଧବା— ତାଙ୍କର କୌଣସି ସନ୍ତାନସନ୍ତତି ନଥିଲା। ଏହି ଦ୍ୱିତୀୟ ପତ୍ନୀଙ୍କୁ ନେଇ ଗଙ୍ଗାଧରଙ୍କ ଦାମ୍ପତ୍ୟ ଓ ପାରିବାରିକ ଜୀବନ କିଭଳି ଅତିବାହିତ ହୋଇଥିଲା, ତାହାର କୌଣସି ଉଲ୍ଲେଖ ନାହିଁ। ତଥାପି ଗଙ୍ଗାଧରଙ୍କ ଭଳି ସ୍ଥିତପ୍ରଜ୍ଞଙ୍କ ପତ୍ରରୁ ପାରିବାରିକ ଅଶାନ୍ତିର ସୂଚନା ମିଳେ: "ମୁଁ ଅନୁପସ୍ଥିତ ଥିଲେ ଗୃହରେ କଳହାନଳ ଉଠିବାର ସମ୍ଭବ।" (ପତ୍ରାବଳୀ, ପୃ. ୧୫୩) ଗଙ୍ଗାଧରଙ୍କ ପ୍ରଥମା ପତ୍ନୀଙ୍କ ସନ୍ତାନମାନଙ୍କ ସହ ଦ୍ୱିତୀୟ ପତ୍ନୀଙ୍କର ଉତ୍ତମ ସମ୍ପର୍କ ନଥିବାର ପରୋକ୍ଷ ସୂଚନା ଭଗବାନଙ୍କ ଲେଖାରୁ ମିଳେ: "ଅଗ୍ରଜଙ୍କ ପରଲୋକ ପରେ ମୁଁ ପରିବାରରେ ଏକାନ୍ତ ନିଃସଙ୍ଗବୋଧ କରିଥିଲି ଏବଂ ତଦ୍‌ବଧି ଗୃହରେ ବିମାତାଙ୍କ ଦୃଷ୍ଟିରୁ ପିତା ମୋ ପ୍ରତି ସର୍ବଦା ଅଧିକ ସ୍ନେହଶୀଳ

ହୋଇଥିବା ଉପଲବ୍ଧି କରିଥିଲି।'' (ପିତୃ ପ୍ରସଙ୍ଗ, ପୃ.୪୯) କେବଳ ସେତିକି ନୁହେଁ ଗଙ୍ଗାଧରଙ୍କର ଦୁଇଟିଅ ଜଣେ ପୁଅ (ବଡ ପୁଅ ଅର୍ଜୁନଙ୍କର ମୃତ୍ୟୁପରେ) ଥିଲେ ମଧ୍ୟ ତାଙ୍କର ଦ୍ୱିତୀୟା ପତ୍ନୀ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ଚାହିଁଥିଲେ। ଏଭଳି ପରିସ୍ଥିତି କେବେହେଲେ ଗଙ୍ଗାଧର ବା ଭଗବାନଙ୍କ ପାଇଁ ସୁଖକର ହୋଇନଥିବ। ସେଥିପାଇଁ, ଅତି ସଂକ୍ଷେପରେ 'ଏହି ଇତିହାସକୁ ବିବୃତ କରି କବିପୁତ୍ର ଲେଖିଛନ୍ତି : ''....ତାଙ୍କ [ଦ୍ୱିତୀୟ ମାତାଙ୍କ] ଗର୍ଭରୁ କୌଣସି ସନ୍ତାନସନ୍ତତି ଜନ୍ମଗ୍ରହଣ କରିନଥିଲେ। ସେ ଆମର ବଂଶୀୟ ଗୋଟିଏ ପିଲା ଓ ନିଜ ମାତୃକୁଳରୁ ଜଣେ ଦୁଇଜଣଙ୍କୁ ପୋଷ୍ୟପୁତ୍ର କରି ରଖିବାପାଇଁ ଚାହୁଁଥିଲେ; ମାତ୍ର ତାହା ଫଳବତୀ ହୋଇପାରିନଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କର ଅକାଳ ବିୟୋଗ ଘଟିଥିଲା। ଅନ୍ୟ ଦୁଇଜଣ କିଛିଦିନ ରହି ଗୃହଛାଡ଼ି ଚାଲିଯାଇଥିଲେ।'' (ପିତୃପ୍ରସଙ୍ଗ, ପୃ.୪୨) ନିଜ ଘରର ଏଭଳି ଅବସ୍ଥା ଓ ଏସବୁ ପାଇଁ ସୃଷ୍ଟି ହୋଇଥିବା ମାନସିକ ଚାପ ଗଙ୍ଗାଧରଙ୍କ ସ୍ରଷ୍ଟାମାନସକୁ କିଭଳି ବିକ୍ଷୁବ୍ଧ କରିଥିବ, ତାହା ସହଜରେ ଅନୁମେୟ।

କେବଳ ସେତିକି ନୁହେଁ, ଗଙ୍ଗାଧର ନିଜର ଆପେକ୍ଷିକ ଆର୍ଥିକ ଅଭାବ ସମ୍ପର୍କରେ ଦ୍ୱିତୀୟ ବିବାହ ପରେ ହିଁ ଅତ୍ୟଧିକ ସଚେତନ ହୋଇ ପଡ଼ିଛନ୍ତି— ପରିବାରର ଆର୍ଥନୀତିକ ସ୍ଥିତିକୁ ସୁଦୃଢ଼ କରିବାକୁ ଚାହିଁଛନ୍ତି। ସେ ବରପାଲିରେ ଆଠଏକର ଚାଷଜମି ଓ ସମ୍ବଲପୁରରେ ପୁରୁଣା ଘର ଖଣ୍ଡେ କିଣି ତାହାର ସଂସ୍କାର କରିଛନ୍ତି। ତଥାପି ତାଙ୍କର ଦ୍ୱିତୀୟା ପତ୍ନୀ ଚମ୍ପାଦେବୀ ସେଥିରେ ସନ୍ତୁଷ୍ଟ ହୋଇନାହାନ୍ତି। ଶେଷରେ ଚମ୍ପାଦେବୀଙ୍କ ଅର୍ଥନୈତିକ ଚାପକୁ ଶାନ୍ତ ଭାବରେ ଗ୍ରହଣ କରିନେବା ବ୍ୟତୀତ ଅନ୍ୟ କୌଣସି ରାହା ପାଇନାହାନ୍ତି। ଭଗବାନ ବାବୁ ଲେଖିଛନ୍ତି : ମୋର ଦ୍ୱିତୀୟ ମାତା ଥରେ ଦୁଃଖ ପ୍ରକାଶ କରି କହିଥିଲେ, ''ଆମର କ'ଣ ଏପରି ଅଭାବ ଅସୁବିଧାରେ ଦିନ କଟୁଥିବ? ହାତରେ ତ ଗୋଟିଏ ହେଲେ ପଇସା ରହୁନାହିଁ, ସବୁ ଖର୍ଚ୍ଚ ହୋଇଯାଉଛି।'' ଉତ୍ତରରେ ପିତା କହିଥିଲେ, ''ସାଧାରଣ ଭାବରେ ଖାଇବା ପିନ୍ଧିବା ତ ଆମର ଚଳିଯାଉଛି। ଅଧିକ ଧନର ପ୍ରୟୋଜନ କ'ଣ? ଅଧିକ ପଇସା ଅଧିକ ଚିନ୍ତା। ତ'ଛଡ଼ା ଯଦି ଜମା କରି ରଖିବାକୁ ପଇସା ନାହିଁ ବୋଲି ଦୁଃଖ କରୁଛ, ତା' ହେଲେ ବରଗଡ଼ ବ୍ରେଜେରୀଟା ଆମର ବୋଲି ଭାବିନେବା ଭଲ।'' (ପିତୃପ୍ରସଙ୍ଗ, ପୃ.୧୩୮-୩୯)। ଏଭଳି ପାରିବାରିକ କଳହ ଗଙ୍ଗାଧରଙ୍କୁ ସାହିତ୍ୟସାଧନା ପାଇଁ ବୈରାଗୀ ହେବାକୁ ଆହ୍ୱାନ ଦେଇଛି। ଗଙ୍ଗାଧର କିନ୍ତୁ ବୈରାଗୀ ହୋଇନାହାନ୍ତି। ଜୀବନର ଜ୍ୱାଳା ଓ ଯନ୍ତ୍ରଣାକୁ ଆପଣାର କରିନେଇ କାବ୍ୟସାଧନା ପାଇଁ ସେ ତପଶ୍ଚରଣ କରିଛନ୍ତି।

ଗଙ୍ଗାଧରଙ୍କ 'ଅର୍ଘ୍ୟଥାଳୀ'ରେ ଥିବା 'ଭକ୍ତି' କବିତା ସୁପରିଚିତ। ତାଙ୍କର ଅନୁରୂପ ଭାବଧାରାର ଆଉ ଏକ କବିତା ରହିଛି— 'ଅର୍ପଣ'। ଏଥିରେ ମଧ୍ୟ ଜଗତର ସମସ୍ତ କିଛି ଭଗବାନଙ୍କର ସୃଷ୍ଟି ବୋଲି ପ୍ରତିପାଦିତ। ଏ ଉଭୟ କବିତାର

ଉତ୍ସ କ'ଣ? ଗଙ୍ଗାଧରଙ୍କ ଅନ୍ତରରେ ଥିବା ଈଶ୍ୱରଙ୍କ ପ୍ରତି ଭକ୍ତି ନା ଅନ୍ୟ କିଛି? ଭକ୍ତି କବିତାର ଉତ୍ସ-ସଂଧାନ କରି ପଣ୍ଡିତ ରାଘବ ମିଶ୍ର 'ସ୍ୱଭାବ କବି ଗଙ୍ଗାଧର' ପ୍ରବନ୍ଧରେ କହନ୍ତି: "ବିଜେପୁର ଜମିଦାର ରାୟ ସାହେବ ସ୍ୱର୍ଗୀୟ ସଂକର୍ଷଣ ଗଡ଼ତିଆ ଗଙ୍ଗାଧରଙ୍କ କବିତ୍ୱ ଓ ସୌଜନ୍ୟରେ ମୁଗ୍ଧହୋଇ ତାଙ୍କୁ ଆପଣାର ଜଣେ ବିଶିଷ୍ଟ ବନ୍ଧୁ କରି ନେଇ ଯାଉଥିଲେ। ଥରେ ଦୁହେଁ କୌଣସି ସ୍ଥାନକୁ ଯାଉଥିବା ମାର୍ଗରେ ଈଶ୍ୱରଙ୍କ 'କରୁଣାସିନ୍ଧୁ' ବିଶେଷଣ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ଚାଲିଲା। ଏହାରି ଫଳରେ ଦିନେ ଦୁଇଦିନ ପରେ କବିଙ୍କ ଦ୍ୱାରା 'ଅର୍ଘ୍ୟଥାଳୀ'ର 'ଭକ୍ତି' କବିତା ଲିଖିତ ହୋଇଥିଲା।" (ମିଶ୍ର ୧୯୫୩, ପୃ. ୧୦) ଗଙ୍ଗାଧରଙ୍କ 'ଭକ୍ତି' କବିତା ତାଙ୍କ ବିଜେପୁର ରହଣିର ଶେଷ ପର୍ଯ୍ୟାୟରେ ଲିଖିତ ହୋଇଥିଲା। ଏହା ସତ୍ୟ। ତେବେ ଏ କବିତାର କାବ୍ୟାବେଗର ଉତ୍ସ କ'ଣ ଗଙ୍ଗାଧରଙ୍କ ହୃଦୟ ବା ସାମଗ୍ରିକ ବ୍ୟକ୍ତିତ୍ୱ ନୁହେଁ— ଯୁକ୍ତିଶୀଳତା ଓ ପ୍ରଜ୍ଞାରୁ ଏହାର ସୃଷ୍ଟି। ଦୀର୍ଘ ଆଠବର୍ଷ ପରେ ପୁଣି ସେହି ଯୁକ୍ତିତର୍କରୁ 'ଅର୍ପଣ' କବିତାର ସୃଷ୍ଟି। ସମସ୍ତ ଜଗତକୁ ଭଗବାନଙ୍କର ସୃଷ୍ଟି ବୋଲି ସୂଚନା ଦେଇ ଓ ଭଗବାନଙ୍କୁ ସଂବୋଧନ କରାଯାଉଥିବା ସମସ୍ତ ବିଶେଷଣ-ନିର୍ଭର ପରିଚିତିର ଅସାରତା ପ୍ରତିପାଦନ କରିବା ପଶ୍ଚାତରେ ଗଙ୍ଗାଧରଙ୍କର ସଂସ୍କାର ମୁକ୍ତ ଓ ହେତୁବାଦୀ ପ୍ରଜ୍ଞା ଯେଉଁଳି ରହିଛି, ଠିକ୍ ସେହିଭଳି "ମୁଁ କାର ମାତର ମୋର ନୁହେଁ ବୋଲି କହିବାକୁ ନାହିଁ ବାଟ, ତୁରୁ ଶ୍ରୀଚରଣେ ଅର୍ପଣ କରୁଛି ଘେନ ତା' ବିଶ୍ୱସମ୍ରାଟ" (ଭକ୍ତି) ବା "ମନ ନୁହଇ କି ତୁଅରି ବାନ" (ଅର୍ପଣ) ଇତ୍ୟାଦି କହିବା ପଶ୍ଚାତରେ ଏକ ଦୃଢ଼-ପ୍ରତ୍ୟୟ-ନିଷ୍ଠ ବ୍ୟକ୍ତିତ୍ୱ ରହିଛି। ନିଜର ବିଶ୍ୱାସ ନେଇ ପାରିବାରିକ ଜୀବନରେ ଚର୍ଚ୍ଚିତ ହେଉଥିବା ବା ତାଚ୍ଛଲ୍ୟର ଶରବ୍ୟ ହେଉଥିବା ବ୍ୟକ୍ତିର ଏହା ସକରୁଣ ଆତ୍ମବିଳାପ। ଭଗବାନବାବୁଙ୍କ ଉଦ୍ଧୃତ ବିବରଣୀ ଏହାର ସାକ୍ଷ୍ୟ ବହନ କରେ: "ପର୍ବପର୍ବାଣି ପାଳନ ସମୟରେ ଘରେ ପାରମ୍ପରିକ ରୀତିରେ ଯେଉଁ ଠାକୁର ପୂଜା ଅନୁଷ୍ଠିତ ହେଉଥିଲା ତାହା ଗୃହର କର୍ତ୍ତା ଭାବରେ ପିତାଙ୍କୁ ସମ୍ପାଦନ କରିବାକୁ ପଡୁଥିଲା। ସେ ଏଥିରେ କେବଳ ବିଧିରକ୍ଷା ମାତ୍ର କରୁଥିଲେ। କିନ୍ତୁ ସମୟ ସମୟରେ ପୂଜାବିଧିର କ୍ରମରେ ବ୍ୟତିକ୍ରମ ଘଟିଯାଉଥିଲା। ବେଳେବେଳେ ମୋର ବିମାତା ତହିଁ ପାଇଁ କଟୁକ୍ତି କରୁଥିଲେ ତହିଁରେ ପିତା ହସି ହସି କହୁଥିଲେ, "ମନରେ ପବିତ୍ରତା ଓ ଭକ୍ତି ଥିଲେ ପୂଜାବିଧିରେ କିଛି ତ୍ରୁଟିକୁ ବଡ଼ ବୋଲି ଧରାଯାଏ ନାହିଁ। ଠାକୁର ପୂଜା-ଉପଚାର ଗ୍ରହଣ କରନ୍ତି ନାହିଁ, ହୃଦୟର ଭକ୍ତି ହିଁ ଗ୍ରହଣ କରନ୍ତି।" (ପିତୃ ପ୍ରସଙ୍ଗ, ପୃ. ୧୩୯) ଗଙ୍ଗାଧରଙ୍କ କାବ୍ୟକବିତା ସହ ତାଙ୍କର ପାରିବାରିକ ଜୀବନକୁ ସମାନ୍ତର ଭାବରେ ବିଚାର କଲେ, ଏହିଭଳି ବହୁ ଦୃଷ୍ଟାନ୍ତ ମିଳିବ। ଗଙ୍ଗାଧରଙ୍କ ପ୍ରଥମା ପତ୍ନୀଙ୍କ ଅକାଳ ବିୟୋଗ ଓ ଦ୍ୱିତୀୟ ଦାର-ପରିଗ୍ରହଣ-ଜନିତ ଜଞ୍ଜାଳ ତାଙ୍କ କବିଜୀବନକୁ କିଭଳି ଅତିଷ୍ଠ କରିଥିଲା, ଏସବୁ ହେଲା ତାହାର ଅନ୍ୟ କେତୋଟି ଦୃଷ୍ଟାନ୍ତ।

ପାରିବାରିକ ଜୀବନର ଏବଂବିଧ ଅସ୍ଥିରତାକୁ ଶାନ୍ତ ଓ ଅବିଚଳିତ ଭାବରେ ଗ୍ରହଣ କରିନେବା ପାଇଁ ଗଙ୍ଗାଧରଙ୍କୁ କିଛି ବର୍ଷ ଲାଗିଥିଲା । ସାହିତ୍ୟଚର୍ଚ୍ଚାକୁ ଏକ ଅତିରିକ୍ତ ବୋଝ ବୋଲି କହିଲେ ବି ସମସ୍ତ ଜଞ୍ଜାଳ ଭିତରେ ୧୯୦୯-୧୦ ମସିହା ପରେ ସେଥିରେ ସେ କ୍ରମ-ମନୋନିବେଶ କରିଛନ୍ତି । ସୌଭାଗ୍ୟକ୍ରମେ ସଂପୃକ୍ତ କାଳରେ ଗଙ୍ଗାଧରଙ୍କ ସହ ବ୍ରଜମୋହନଙ୍କ ସମ୍ପର୍କ । ବ୍ରଜମୋହନ ତାଙ୍କ ପୁସ୍ତକ ପ୍ରକାଶନର ପ୍ରତିଶ୍ରୁତି ଦେବା ଫଳରେ (କରୁଣା ବା ନବରତ୍ନ) ସେ ପୁନଶ୍ଚ କାବ୍ୟକବିତା ରଚନାରେ ମନଃ-ନିୟୋଗ କରିଛନ୍ତି । ବିରକ୍ତିର ସହିତ ହେଉପଛେ ରଚନାବଳୀର ପ୍ରକାଶ ନିମିତ୍ତ ଅନ୍ୟମାନଙ୍କର ସହଯୋଗ କାମନା କରିଛନ୍ତି । ପାରିବାରିକ ଜୀବନରେ ଅସମ୍ପୂର୍ଣ୍ଣତା ଇଚ୍ଛାପୂର୍ତ୍ତି ଆକାରରେ କାବ୍ୟ କବିତାରେ ଅଭିବ୍ୟକ୍ତ ହୋଇଛି — ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ସଫଳତାର ଚାବି ରୂପେ ସେ ଆପଣାର କରି ନେଇଛନ୍ତି । ବ୍ରଜମୋହନଙ୍କୁ ଗୋଟିଏ ଚିଠିରେ ସେ ଲେଖିଛନ୍ତି : "ଏତେବେଳକୁ ସଂସାର ପ୍ରତି ମୋର ଅନାସକ୍ତି ଜାତ ହୋଇଅଛି । ଶେଷ ସମୟରେ ଆପଣଙ୍କୁ ଯାହା କିଛି ଲେଖି ପାରିଲେ ସାର୍ଥଜୀବନ ହେବି ବୋଲି ଦୃଢ଼ମନା ହୋଇଅଛି ।" (ପତ୍ରାବଳୀ, ପୃ. ୨୯) ସାହିତ୍ୟଚର୍ଚ୍ଚା ହୋଇଛି ଶାନ୍ତାଦେବୀଙ୍କର ବିକଳ୍ପରୂପ । ପ୍ରଥମ ଜୀବନରେ ଆପଣାର ପରିବାରର ସମସ୍ତ ଦାୟିତ୍ୱ ଶାନ୍ତାଦେବୀ ଗ୍ରହଣ କରିବା ଫଳରେ ସେ ବିବିଧ ପ୍ରତିବନ୍ଧକ ଭିତରେ ସେଥିରେ ନିମଜ୍ଜିତ ହୋଇ ପାରିଥିଲେ— କବି ଜୀବନ ଓ ପାରିବାରିକ ଜୀବନ ଭିତରେ ଥିବା ଦ୍ୱନ୍ଦ୍ୱକୁ ସେ ପ୍ରତ୍ୟକ୍ଷ କରିପାରିନଥିଲେ କିନ୍ତୁ ପରବର୍ତ୍ତୀ ଜୀବନରେ ଏହି ଦୁଇଟି ଭିତରେ ଦ୍ୱନ୍ଦ୍ୱ ଆସିଛି । ଫଳରେ ଅଭିମାନାହତ ସ୍ୱରରେ ସେ ବ୍ରଜମୋହନଙ୍କୁ ଜଣେଇଛନ୍ତି : "ସାହିତ୍ୟ ନିମନ୍ତେ ପରଦତ୍ତ ଅର୍ଥ ମୋର ବିଳାସିତାରେ ବ୍ୟୟ କରିବା ଅଭିପ୍ରାୟ ନାହିଁ । ତାହା କେବଳ ସାହିତ୍ୟ ଉନ୍ନତିରେ ଲଗାଇ ପାରିଲେ, ସାହିତ୍ୟ-ଚର୍ଚ୍ଚା ରୂପ ମହାପାପର ପ୍ରାୟଶ୍ଚିତ୍ତ ହୋଇପାରନ୍ତା ।" (ପତ୍ରାବଳୀ, ପୃ. ୨୦୯) ସାହିତ୍ୟ-ଚର୍ଚ୍ଚାକୁ ମହାପାପ କହିବା ଭିତରେ ଗଙ୍ଗାଧରଙ୍କ ଯନ୍ତ୍ରଣା-କାତର ହୃଦୟର କାରୁଣ୍ୟ ହିଁ ଅଭିବ୍ୟକ୍ତ ।

ଶାନ୍ତାଦେବୀଙ୍କ ବିୟୋଗ କେଉଁ ଗଙ୍ଗାଧରଙ୍କ ବ୍ୟକ୍ତି-ଜୀବନର ଘଟଣା ବିଶେଷ ନୁହେଁ— ତାଙ୍କ କବି-ଜୀବନ ପାଇଁ ଏକ ଚଳଚ୍ଚିତ୍ରାତ୍ମକ ରେଖା । ଏକ ଦୁଃଖଦ ପରିସ୍ଥିତିରେ ତାଙ୍କର ପ୍ରୟାଣ ଗଙ୍ଗାଧରଙ୍କୁ ଜୀବନଯାତ୍ରା ଅସ୍ଥିର କରିଥିବ । ନୀଳକଣ୍ଠଙ୍କ ଆଲୋଚିତ ପତ୍ରଟି ଶାନ୍ତାଦେବୀଙ୍କ ବିୟୋଗର ଯଥାର୍ଥ ଚିତ୍ରଟି ଉପସ୍ଥାପନ କରିଥିବାରୁ ଗଙ୍ଗାଧରଙ୍କ କବିମାନସ ଅଧ୍ୟୟନ ପାଇଁ ଏକ ଅତ୍ୟାବଶ୍ୟକୀୟ ଉପାଦାନ ।

## ପ୍ରାନ୍ତ ଟୀକା

୧. ଆଲୋଚିତ ପତ୍ରଟି ପାଇବାର ଅଳ୍ପଦିନ ପରେ, ପ୍ରିୟତମା ପତ୍ନୀଙ୍କ ବିୟୋଗରେ ଭାଙ୍ଗି ପଡ଼ିଥିବା ଗଙ୍ଗାଧରଙ୍କୁ ସାନ୍ତ୍ୱନା ଦେବାପାଇଁ ବୈକୁଣ୍ଠନାଥ ତାଙ୍କର ବନ୍ଧୁବର୍ଗଙ୍କ ସହ ଚେଷ୍ଟା କରିଥିବା; ବୈକୁଣ୍ଠନାଥଙ୍କ ଅନ୍ୟତମ ସାନଭାଇ ପ୍ରସନ୍ନ କୁମାର ପୂଜାରୀଙ୍କ

ଟିପ୍ପଣୀରୁ ଜଣାଯାଏ। ସଂପୃକ୍ତ ଟିପ୍ପଣୀରେ ରାମନାରାୟଣ ମିଶ୍ର ଗଙ୍ଗାଧରଙ୍କ ପୁସ୍ତକ ପ୍ରକାଶନରେ ଗ୍ରହଣ କରିଥିବା ଭୂମିକା ଉପସ୍ଥାପିତ : "His direst bereavement and bitter sorrows so powerfully affected the heart of Baikuntha that he at once with his young friends determined to meet him to blunt the sting of his sufferings by his warm and sincere sympathy. It is most gratifying to note here that Babu Ram Narayan Misra, (M.A. B.L.) to whom Sambalpur looks rightly for light and lead, bore the whole cost of publishing some of the poets latest works." (Pujari, 1925, P. 124)।

୭. ମଦନମୋହନଙ୍କ ଏହି ପତ୍ର ପାଇଲା ସମୟରେ ଗଙ୍ଗାଧରଙ୍କୁ ସରକାରୀ ଚାକିରୀରୁ ଦରମା ମିଳୁଥିଲା ତିରିଶ ଟଙ୍କା। ତା' ସହିତ କିରାଣୀ ଚାକିରିର କାର୍ଯ୍ୟବ୍ୟସ୍ତତା ସେଥିରେ ଥିଲା। ରାଜଦରବାର ଚାକିରୀର ଅନିଶ୍ଚିତତା ଓ ପରାଧୀନତା ସମ୍ପର୍କରେ ସଚେତନ ଥିଲେ ବି ମଦନମୋହନଙ୍କ ପ୍ରସ୍ତାବିତ ଚାକିରୀ ପ୍ରତି ମନ ଭିତରେ ଗଙ୍ଗାଧରଙ୍କର ଆଗ୍ରହ ଥିବା ସ୍ୱାଭାବିକ। ସେଥିପାଇଁ ଏହି ବିଷୟ ସେ ବ୍ରଜମୋହନଙ୍କୁ (ନିଜର ଇଚ୍ଛା ଗୋପନ ରଖି) ଲେଖିଥିଲେ : "ସୋନପୁର ମହାରାଜା ସମ୍ବଲପୁରରୁ 'ଉତ୍କଳ ଦର୍ପଣ' ପ୍ରେସ୍‌କୁ କ୍ରୟ କରି ନେଇ 'ସୋନଭୂଷଣ' ନାମରେ ସ୍ଥାପନ କରିଛନ୍ତି। ଖଣ୍ଡିଏ ସାପ୍ତାହିକ ସମ୍ବାଦପତ୍ର ଓ ନବ୍ୟ କାବ୍ୟମାନ ପ୍ରକାଶ କରିବା ତାଙ୍କର ଅଭିପ୍ରାୟ ଏବଂ ତହିଁ ନିମନ୍ତେ ଜଣେ ସୁଲେଖକ ଓ ସୁରୁଚିଙ୍କୁ ମାସିକ ଟ୫୦ଙ୍କା ବେତନରେ ରଖିବେ ବୋଲି ସେହି ବନ୍ଧୁଙ୍କ [ପତ୍ରରେ ବନ୍ଧୁଙ୍କ ନାମ ଗୋପନ ରଖାଯାଇଛି] ପତ୍ରରୁ ଅବଗତ ହେଲି। ଅତି ଆନନ୍ଦର କଥା, ଉକ୍ତ ମହାରାଜା ନବ୍ୟ କାବ୍ୟରସିକ ଓ ସାହିତ୍ୟପ୍ରେମିକ ବୋଲି ସେହି ବନ୍ଧୁ ଲେଖିଥିବାରୁ ଉତ୍କଳର ବିଶେଷତଃ ସମ୍ବଲପୁରର ଭାଗ୍ୟ ବୋଲି ବୋଧ କଲି।" (ପତ୍ରାବଳୀ, ପୃ. ୫୧) ଏ ପତ୍ରର ଉତ୍ତରରେ ବ୍ରଜମୋହନ କ'ଣ ଲେଖିଥିଲେ, ତାହା ଠିକ୍ ଜଣାନାହିଁ; ତେବେ ସେ ଏହି ସମ୍ପାଦକ ପଦ ପାଇଁ 'କଲିକତା'ରୁ ପ୍ରକାଶିତ 'ଉତ୍କଳ ବାର୍ତ୍ତା' ସମ୍ପାଦକ ବୈଦ୍ୟନାଥ ଦାସଙ୍କ ନାମ ପ୍ରସ୍ତାବ କରିଥିବା ଗଙ୍ଗାଧରଙ୍କ ପରବର୍ତ୍ତୀ ପତ୍ରରୁ ଅନୁମାନ : "ସୋନପୁର ସମ୍ବାଦପତ୍ର ସମ୍ବନ୍ଧୀୟ ପ୍ରସ୍ତାବ କି ଅବସ୍ଥା ଧରିଅଛି, ତହିଁର ତତ୍ତ୍ୱ ନେଇଅଛି ଏବଂ ବୈଦ୍ୟନାଥବାବୁଙ୍କ ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବି।" (ପତ୍ରାବଳୀ, ପୃ. ୫୨) ଏଭଳି ଅବସ୍ଥାରେ ପଡ଼ିଲାପରେ ଗଙ୍ଗାଧର ଭଦ୍ରତା ଓ ସାଧୁତା ରକ୍ଷା କରି ସୋନପୁର ଯିବା କଥା, ବୋଧହୁଏ ଆଉ ଚିନ୍ତା କରିନାହାନ୍ତି।

□ □ □

# ଗୋଟିଏ ଆବେଦନ ପତ୍ର ଓ ତା'ର କ୍ରିୟା-ପ୍ରତିକ୍ରିୟା

॥ ୧ ॥

## ॥ ଗୋଟିଏ ଆବେଦନ ପତ୍ର ॥

ମାନନୀୟ ସମ୍ପାଦକ ମହାଶୟ,

ସର୍ବସାଧାରଣଙ୍କ ସମକ୍ଷରେ ଗୋଟିଏ ଆବେଦନ କରିବାପାଇଁ ମୁଁ ଅନେକ ଦିନରୁ ମନସ୍ଥ କରିଅଛି ସତ୍ୟ, କିନ୍ତୁ ଆବେଦନର ମର୍ମ ତଥା ଉତ୍କଳର ଆଧୁନିକ ଅବସ୍ଥାର ଚିନ୍ତା କରି ହୃଦୟକ୍ଷେତ୍ରରେ ନୈରାଶ୍ୟ ଶସ୍ୟ ଅଙ୍କୁରିତ ହେଉଥିଲା; ମାତ୍ର ଆଜି ମନର ସଙ୍କଳ୍ପ ବ୍ୟକ୍ତ ନକରି ରହିପାରୁନାହିଁ କେଜାଣେ ନିରାଶ ହୃଦୟ ସହସା ଆଶାନ୍ୱିତ ହୋଇପାରେ।

ଇଂରାଜି ସାହିତ୍ୟର କଥା ତେଣିକି ଥାଉ, ଆମ୍ଭେମାନେ ଯେତେବେଳେ ପଡ଼ୋଶୀ ବଙ୍ଗ-ସାହିତ୍ୟ ପ୍ରତି ଦୃଷ୍ଟିନିକ୍ଷେପ କରୁଁ, ସେତେବେଳେ ନିଜ ସାହିତ୍ୟକୁ କି ନୀଚ ମନେକରିବାକୁ ହୁଏ ତାହା ପ୍ରତ୍ୟେକ ଚିନ୍ତାବ୍ୟକ୍ତିଙ୍କୁ ଅବିଦିତ ନାହିଁ। ବଙ୍ଗଳାରେ ଶତଶତ ସୁନ୍ଦର ସାହିତ୍ୟ ସୁଚାରୁ ରୂପେ ଓ ପୁଞ୍ଜା ପୁଞ୍ଜା ଗ୍ରନ୍ଥାବଳୀ ଏକତ୍ରରେ ପ୍ରକାଶିତ ହେଉଅଛି, ଆହୁରି ମଧ୍ୟ କୌଣସି ସାହିତ୍ୟିକଙ୍କର ଏପରି କୌଣସି ଲେଖାନାହିଁ ଯାହା କି ଅପ୍ରକାଶିତ। ମାତ୍ର ଏସବୁର ଅଭାବ ଉତ୍କଳରେ କେତେ ତାହା ଆଉ ବୁଝାଇ ଲେଖିବାକୁ ପଡ଼ିବ ନାହିଁ। ଅପ୍ରକାଶିତ ଲିଖିତ ଅମୂଲ୍ୟ ରତ୍ନରାଜି କେତେ ଯେ ପଡ଼ି ରହିଅଛି ତାହା ବୋଧହୁଏ ଅନେକଙ୍କୁ ଗୋଚର ଅଛି। ଉତ୍କଳରେ ଅନେକ ସାହିତ୍ୟାନୁରାଗୀ ଧନୀ ଓ ରାଜା ଅଛନ୍ତି। ଯେଉଁମାନଙ୍କ ସାମାନ୍ୟ ସାହାଯ୍ୟ ଏବଂ ଚେଷ୍ଟାରେ ସେସବୁ ଅନେକାଂଶରେ ଅନାୟାସରେ ପ୍ରକାଶିତ ହୋଇପାରନ୍ତା; ମାତ୍ର ତହିଁ ପ୍ରତି କାହାର ଦୃଷ୍ଟି ଓ ଚେଷ୍ଟା ଅଛି ? —

ଅବଶ୍ୟ ଯେଉଁସବୁ ପୁସ୍ତକ ପ୍ରକାଶ କରିବା ନିତାନ୍ତ ପ୍ରୟୋଜନୀୟ ସେସବୁ ପାଇଁ ମୋର ଏଠାରେ ସମସ୍ତ ବକ୍ତବ୍ୟ ଓ ଆବେଦନ ମାତ୍ର। ଓଡ଼ିଶାରେ ଆଧୁନିକ କେତେକ କବି ଅଛନ୍ତି ଯେଉଁମାନେ ସ୍ୱପ୍ରଣୀତ ଗ୍ରନ୍ଥ ପ୍ରକାଶ କରିବାକୁ ସକ୍ଷମ, ମାତ୍ର ସେମାନଙ୍କ ମଧ୍ୟରୁ ସୁକବି ଗଙ୍ଗାଧର ମେହେର ଯେ ଏକାନ୍ତ ଅକ୍ଷମ ତାହା

କହିବା ବାହୁଲ୍ୟ ମାତ୍ର। ତାହାଙ୍କର ପ୍ରତିଭା-କୁସୁମ, 'ଇନ୍ଦୁମତୀ' ଓ 'କୀଚକ ବଧ' କାବ୍ୟରେ ଯେପରି ବିକଶିତ, ତଦ୍ରୂପ ତାହାଙ୍କ ଅନେକ ଅପ୍ରକାଶିତ ଖଣ୍ଡକାବ୍ୟ ରହିଅଛି। ଯହିଁରେ କି ତାହା ମଧ୍ୟ ପୂର୍ଣ୍ଣରୂପେ ବିକଶିତ ହୋଇ ରହିଅଛି। ସେ ସବୁ ପ୍ରକାଶ କରିବା ଏକାନ୍ତ ଉପଯୋଗୀ; କିନ୍ତୁ ନିର୍ଧନ କବିଙ୍କର ସେପରି ସମ୍ବଳ ବା ସାହାଯ୍ୟ ନାହିଁ ଯହିଁରେ କି ସେସବୁ ସହଜରେ ପ୍ରକାଶିତ ହୋଇପାରିବ। ପ୍ରତିଭାଶାଳୀ ଗଙ୍ଗାଧର କିରୂପ ନିର୍ଧନ ତାହା କବିବର ସ୍ୱର୍ଗତଃ ରାଧାନାଥ ରାୟଙ୍କ ନିମ୍ନୋକ୍ତ ଅଭିମତରୁ ସ୍ପଷ୍ଟରୂପେ ଅବଗତ ହୋଇପାରିବେ। "ଗଙ୍ଗାଧରଙ୍କ ଦୁର୍ଭାଗ୍ୟ ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛନ୍ତି। ଅନନ୍ତ ସୌନ୍ଦର୍ଯ୍ୟୋଭାସିନୀ ପ୍ରକୃତି ଦେବୀ ଓ ପ୍ରକୃତି ଦେବୀଙ୍କର ପଟ୍ଟପୁରୋହିତ ବ୍ୟାସ, ବାଲ୍ମୀକି ଯାହାଙ୍କ କଳ୍ପନାର ଚିର ସହଚର; ଦୁଃସ୍ଥ ଉଦର ପୂର୍ତ୍ତି ସକାଶ ଏକୁଆଳ, ଏକପଦିଆ ଭେଆଣ, ଓଳାଗିଆ ପ୍ରଭୃତିର ଜଟିଳ ସମସ୍ୟା ସମାଧାନ ତାହାଙ୍କର ବାସ୍ତବ ଜୀବନର ପ୍ରଧାନ ବ୍ୟବସାୟ ହୋଇଅଛି।" – କବି ନନ୍ଦକିଶୋର ବଳ ମହାଶୟ ମଧ୍ୟ ସୁକବି ଗଙ୍ଗାଧରଙ୍କ ନୂତନ କେତୋଟି କବିତା ପାଠକରି ନିମ୍ନଲିଖିତ ମତେ ତାହାଙ୍କୁ ଖଣ୍ଡିଏ ପତ୍ର ଲେଖିଥିଲେ :

ପ୍ରିୟତମ ଗଙ୍ଗାଧର ବାବୁ,

ଆପଣଙ୍କ ପରି ସୁକବିଙ୍କର କବିତା ପାଠ ସୌଭାଗ୍ୟ ବୋଲି ମଣିଲି। 'ଚନ୍ଦ୍ର ରଜନୀ' ପ୍ରଭୃତି କବିତାଗୁଡ଼ିକ ପଢ଼ିଥିଲି। ସେଗୁଡ଼ିକ ସୁକାବ୍ୟ କୀଚକବଧର କନିଷ୍ଠ ସ୍ଥାନୀୟ ହେଲେହେଁ ତନ୍ମଧ୍ୟରେ ଗଙ୍ଗାଧରଙ୍କ ଉଚ୍ଚାଭାବ ପଣର ନିଦର୍ଶନ ମିଳେ। ବେଦବ୍ୟାସର ରଚନା ପରିପାଟ୍ୟ ବିଶେଷ ଭାବରେ ପ୍ରଶଂସାର୍ହ।

ଆଜି 'ପ୍ରଣୟାଙ୍କୁର' ପାଇ ଏକାସନରେ ବସି ଶେଷ ନକରି ରହିପାରିଲି ନାହିଁ। ଏହା କବି ଗଙ୍ଗାଧରଙ୍କ ପ୍ରତିଭାର ଉପଯୁକ୍ତ ହୋଇଅଛି। 'ଶକୁନ୍ତଳା'ର ପ୍ରଥମ ସର୍ଗ ଅବଲମ୍ବନରେ ରଚିତ ହୋଇଥିଲେହେଁ ଭାଷାର ସୌନ୍ଦର୍ଯ୍ୟ ଓ ନିର୍ବାହନ କୌଶଳ କବିଙ୍କର ନିଜସ୍ୱ।

କବି ଗଙ୍ଗାଧର ଏକା ସମ୍ବଲପୁର କାହିଁକି ଉତ୍କଳର (ଅମୂଲ୍ୟ) ରତ୍ନ ସ୍ୱରୂପ। କିନ୍ତୁ ଉତ୍କଳରେ ରତ୍ନର ଆଦର ହେଲା ନାହିଁ; ଏହା କବିଙ୍କର ତଥା ଉତ୍କଳର ଦୁର୍ଭାଗ୍ୟ।

ଗଙ୍ଗାଜଳ ଯେପରି ସର୍ବସ୍ଥାନକୁ ପବିତ୍ର କରିଦିଏ ସେହିପରି ଶକ୍ତିଶାଳୀ କବି ଗଙ୍ଗାଧର ଯେ କୌଣସି ବିଷୟରେ ହସ୍ତକ୍ଷେପ କରିଅଛନ୍ତି, ତାହାକୁ ସୁନ୍ଦର କରିପାରିଅଛନ୍ତି। ତାଙ୍କର 'କୀଚକ ବଧ', 'ଇନ୍ଦୁମତୀ' ପରି ତତ୍ପ୍ରଣୀତ 'ପ୍ରଣୟାଙ୍କୁର', 'ଅଯୋଧ୍ୟାଦୃଶ୍ୟ' *, *, * ଓ ବେଦବ୍ୟାସ, ପ୍ରଭୃତି ଖଣ୍ଡକବିତା ମଧ୍ୟ ପ୍ରସାଦ ଓ ମାଧୁର୍ଯ୍ୟ ଗୁଣରେ ପାଠକର ମନୋହାରିଣୀ ହୋଇଅଛି। ତାଙ୍କର ରଚନା ଯେପରି ପ୍ରାଞ୍ଜଳ ସେହିପରି ଅଳଙ୍କୃତ। ଆଧୁନିକ ଭାବ ଓ ସଂସ୍କୃତ ସୁଲଭ ଭଙ୍ଗୀର କିପରି ମଣିକାଞ୍ଚନ ସଂଯୋଗ ହୋଇଅଛି। ପ୍ରତ୍ୟେକ ପାଠକ ତାହା ହୃଦୟଙ୍ଗମ କରିପାରିବେ।

ପ୍ରକୃତ କଥା କହିବାକୁ ଗଲେ ଗଙ୍ଗାଧରଙ୍କ ଶକ୍ତି କେବଳ ସ୍ଥାନ ବର୍ଣ୍ଣନାଠାରୁ କାହାଣୀ ଘଟନାର ବର୍ଣ୍ଣନାରେ, ନିସର୍ଗ ସୌନ୍ଦର୍ଯ୍ୟ ବର୍ଣ୍ଣନାରୁ ମାନବ ସୌନ୍ଦର୍ଯ୍ୟ ଚିତ୍ରଣରେ ଅଧିକ ପରିସ୍ଫୁଟ ହୁଏ। ଏହା ସୁକବିମାନଙ୍କ ମଧ୍ୟରେ ସୁଦ୍ଧା ଗୋଟିଏ ଦୁର୍ଲ୍ଲଭ ଶକ୍ତି। ମୋର ଆଶା ଏହି ଯେ କବି, ତାଙ୍କର ଏହି ଶକ୍ତିକୁ ଅନୁଭବ କରି ନିସର୍ଗ ନିର୍ଦ୍ଦେଶ ଅନୁସରଣପୂର୍ବକ ନାନା କାବ୍ୟ ପ୍ରଣୟନ ଦ୍ୱାରା ସ୍ୱଜୀବନକୁ ସଫଳ କରିବେ ଓ ଉତ୍କଳ ସାହିତ୍ୟକୁ ମହିମାନ୍ୱିତ କରାଇବେ।

ଆଉ ଗୋଟିଏ କଥା ନକହି ରହିପାରିଲି ନାହିଁ। ଉତ୍କଳ ସାହିତ୍ୟରେ ଆଦର୍ଶ ଚରିତ୍ର ଚିତ୍ରଣ ନାହିଁ କହିଲେ ଚଳେ। କବିବର ସ୍ୱର୍ଗତଃ ରାଧାନାଥଙ୍କ ଗ୍ରନ୍ଥାବଳୀର ଭଣ୍ଡାର ଗ୍ରନ୍ଥାବଳୀରେ ଯେଉଁ ଅଭାବ ରହିଯାଇଅଛି, ତାହାର ପ୍ରପୂର୍ତ୍ତି କିପରି ହେବ ? କୀଚକ ବଧ ଯୁବକ ଯୁବତୀମାନଙ୍କ ହସ୍ତରେ ଦିଆଯିବା ପକ୍ଷରେ କାହାରି କାହାରି ଆପତ୍ତି ହୋଇପାରେ। ଏହିଁରେ ପ୍ରଣୟ— ପାପ ପ୍ରଣୟ ବର୍ଣ୍ଣନା ସଙ୍ଗେ ସଙ୍ଗେ ତଜ୍ଜନିତ ବିଷମୟ ଫଳର ବର୍ଣ୍ଣନା ଥିଲେହେଁ ପଢୁଁ ପଢୁଁ ଅପରିପକ୍ୱ ଚରିତ୍ର ଓ ଅଗଠିତ ମନରେ ବିକାରର ଆବିର୍ଭାବ କିମ୍ବା ଛାୟାପାତ ହୋଇପାରେ। ନାରୀ ପ୍ରଣୟ ବ୍ୟତୀତ ମାନବ ଚରିତ୍ରର ଅନ୍ୟ ମହତ୍ ଭାବ କିମ୍ବା ନିର୍ମ୍ମଳ ସଂଯତ ପ୍ରଣୟଚିତ୍ର ଦ୍ୱାରା ପବିତ୍ରୀକୃତ କାବ୍ୟର ଅଭାବ ଉତ୍କଳ ସାହିତ୍ୟରେ ଅଛି। ଚିଲିକା, ମହାଯାତ୍ରାରେ ଯେପରି ପ୍ରକୃତି ଚିତ୍ରର ପରାକାଷ୍ଠା ପ୍ରଦର୍ଶିତ ହୋଇଅଛି, ସେହିପରି ମାନବ ଚରିତ୍ର ଚିତ୍ରଣର ଉଚ୍ଚଆଦର୍ଶ କିଏ ପୂରଣ କରିବ ? କବି ଗଙ୍ଗାଧର ଏ ଶକ୍ତିର ସ୍ପଷ୍ଟ ଉନ୍ମେଷ 'କୀଚକ ବଧ'ରେ ପ୍ରଦର୍ଶିତ କରିଅଛନ୍ତି। ତାହା ପରିସ୍ଫୁଟ ହେବ କି ?''

କବି ଗଙ୍ଗାଧରଙ୍କ ରଚିତ କାବ୍ୟ, ଖଣ୍ଡକାବ୍ୟ ଓ ଅନ୍ୟାନ୍ୟ କବିତାମାନଙ୍କରୁ କେତୋଟି ମାତ୍ର ପୁସ୍ତକାକାରରେ ପ୍ରକାଶିତ ହୋଇଅଛି। ଅବଶିଷ୍ଟ ପ୍ରକାଶ କରିବା ଯେ ଏକାନ୍ତ କର୍ତ୍ତବ୍ୟ ତାହା ତାଙ୍କର କାବ୍ୟ ପାଠକେ ଉତ୍ତମ ରୂପେ ଜାଣି ପାରୁଥିବେ। ଆଜି ପର୍ଯ୍ୟନ୍ତ ତାହାଙ୍କ ରଚିତ ସମସ୍ତ କବିତା ପ୍ରାୟ ୬୦୦୦ ପଂକ୍ତିରୁ ନ୍ୟୂନ ନୁହେଁ। ସେସବୁ ଯଦି ଏକାକାରରେ ପ୍ରକାଶିତ ହୁଅନ୍ତା ତାହା ହେଲେ ଗୋଟିଏ ସୁନ୍ଦର ଗ୍ରନ୍ଥାବଳୀ ହୁଅନ୍ତା ଏବଂ ଅପରପକ୍ଷରେ ଉତ୍କଳ ଭାରତୀଙ୍କର ଗୋଟିଏ ଅମୂଲ୍ୟ ରତ୍ନ ପେଟିକା ମଧ୍ୟ ହୁଅନ୍ତା। ତାହା ନହେଲେ ତାଙ୍କର ସମସ୍ତ ଅପ୍ରକାଶିତ କବିତା ଏକତ୍ରରେ ପ୍ରକାଶ କରି ପାରିଲେ ମଧ୍ୟ ଅଶୋଭନ ହୁଅନ୍ତା ନାହିଁ।

ପ୍ରକାରାନ୍ତରେ ଶୁଣିଲୁଁ ଉତ୍କଳର ଜଣେକ ସାହିତ୍ୟାନୁରାଗୀ ସୁଯୋଗ୍ୟ ରାଜକବି ଶ୍ରୀଯୁକ୍ତ ମଧୁସୂଦନ ରାଓଙ୍କ ସମସ୍ତ ଗଦ୍ୟ ଓ ପଦ୍ୟ ଏକତ୍ରରେ ପ୍ରକାଶ କରିଦେବାକୁ ପ୍ରତିଶ୍ରୁତ ହୋଇଅଛନ୍ତି। ଉକ୍ତ ମହାତ୍ମା ଯଦି ତାହାଙ୍କର ବନ୍ଧୁ କବି ଗଙ୍ଗାଧରଙ୍କର ଗ୍ରନ୍ଥାବଳୀୟ ପ୍ରକାଶ କରିଦେଇ ପାରନ୍ତେ, ତାହାହେଲେ ଗଙ୍ଗାଧରଙ୍କ ତଥା ଉତ୍କଳର ଭାଗ୍ୟମଣି ପ୍ରଦୀପ୍ତ ହୋଇଯାନ୍ତା।

ଏହାଛଡ଼ା ଉତ୍କଳର ଏକ ସାମୟିକ ପତ୍ରିକାର ମାନନୀୟ ସମ୍ପାଦକ ମହୋଦୟ ମଧ୍ୟ କବି ଗଙ୍ଗାଧରଙ୍କ ଗ୍ରନ୍ଥାବଳୀ ପ୍ରକାଶ କରିଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେ ଯେପରି ଅର୍ଥବାନ, ତାହାଙ୍କର ଇଚ୍ଛା ଅନାୟସରେ କୃତାର୍ଥ ହୋଇପାରେ।

ପରିଶେଷରେ ବକ୍ତବ୍ୟ ଏହି ଯେ ପ୍ରୋକ୍ତ ମାନନୀୟ ବ୍ୟକ୍ତିଙ୍କ ମଧ୍ୟରୁ କେହି, କିମ୍ବା ଉତ୍କଳର ଅନ୍ୟ କୌଣସି ସାହିତ୍ୟାନୁରାଗୀ ସୁସନ୍ତାନ ଉପରୋକ୍ତ ଆବେଦନ ହୃଦୟାବଗାହରେ ଗ୍ରହଣ କରି ସୁକବି ଗଙ୍ଗାଧରଙ୍କ ସଙ୍ଗେ ଉତ୍କଳଭାରତୀଙ୍କ ଦୁର୍ଦ୍ଦଶା ମୋଚନ କରିଦେଇ ଚିରକୃତଜ୍ଞତା ଭାଜନ ହୋଇ ପାରିବେ ନାହିଁକି ?

ଶ୍ରୀ ବ୍ରଜମୋହନ ପଣ୍ଡା
ଲରମ୍ଭା, ସମ୍ବଲପୁର

॥ ୨ ॥

## ॥ 'ଗୋଟିଏ ଆବେଦନ'ର ଆଲୋଚନା ॥

'ସମ୍ବଲପୁର ହିତୈଷିଣୀ' ପତ୍ରିକାର ଗତ ୧୫୫ ସଂଖ୍ୟାରେ ସମ୍ବଲପୁର ଜିଲ୍ଲା ଲରମ୍ଭା ନିବାସୀ ଗୁଣଗ୍ରାହୀ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ମହାଶୟଙ୍କ 'ଗୋଟିଏ ଆବେଦନ ପତ୍ର' ପ୍ରକାଶିତ ହୋଇଅଛି। ଉକ୍ତ ଆବେଦନ ପତ୍ର ପାଠ କରି ପ୍ରତିବିଧାନ କରିବା ନିମନ୍ତେ ଉତ୍କଳର ସାହିତ୍ୟରସିକ ବା ଉନ୍ନତି କାମୀ ଧନୀ ବ୍ୟକ୍ତିମାନଙ୍କୁ ସବିନୟ ପ୍ରାର୍ଥନା କରୁଅଛି।

ସମ୍ବଲପୁର ଜିଲ୍ଲା ବରପାଲି ନିବାସୀ ଶ୍ରୀଯୁକ୍ତ ଗଙ୍ଗାଧର ମେହେର ଉତ୍କଳରେ ସୁକବି ବୋଲି ସୁପରିଚିତ। କବିବର ରାଧାନାଥ ରାୟ ବାହାଦୁର ତାଙ୍କର କବିତାମାନ ପାଠକରି ପ୍ରୀତିପୂର୍ଣ୍ଣ ହୃଦୟରେ ତାଙ୍କ କ୍ଷମତାର ଭୂୟସୀ ପ୍ରଶଂସା କରିଯାଇ ଅଛନ୍ତି। ସେହି ପ୍ରଶଂସାପତ୍ର ପାଠ କରି ଅନରେବଲ୍ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ. ଗଙ୍ଗାଧର ବାବୁଙ୍କ ରଚିତ 'କୀଚକ ବଧ' କାବ୍ୟ ନିଜ ବ୍ୟୟରେ ଛପାଇ ଦେଇ ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି।

ଗଙ୍ଗାଧର ବାବୁ ଏଥି ମଧ୍ୟରେ ଆଉ କେତେଖଣ୍ଡି କାବ୍ୟ ରଚନା କରି ଅଛନ୍ତି। ସେହି କାବ୍ୟମାନ 'କୀଚକ ବଧ', 'ଇନ୍ଦୁମତୀ ସ୍ୱୟମ୍ବର' ରଚନା ପରି ଉତ୍କୃଷ୍ଟ ହୋଇଅଛି। ମାତ୍ର ତାଙ୍କର ଲେଖିବା କ୍ଷମତା ପରି ବ୍ୟୟ କ୍ଷମତା ନଥିବାରୁ ସେଗୁଡ଼ିକ ମୁଦ୍ରିତ କରାଇ ନପାରି ହତୋତ୍ସାହ ହୋଇଅଛନ୍ତି।

ବ୍ରଜମୋହନ ବାବୁ ଲେଖିଅଛନ୍ତି, ''ବଙ୍ଗଳାରେ ଏପରି କୌଣସି ସୁନ୍ଦର ଲେଖାନାହିଁ ଯାହାକି ଅପ୍ରକାଶିତ'' ଏପରି ହେବା ସ୍ୱାଭାବିକ ବରଂ ଏପରି ନହେଲେ ବିଚିତ୍ର ବୋଲି କହିବାକୁ ହୁଅନ୍ତା। ବଙ୍ଗଭାଷା ଭାରତରେ ସର୍ବତ୍ର ଏବଂ ଭାରତ ବାହାରେ ମଧ୍ୟ ସମାଦୃତ। ବଙ୍ଗଦେଶରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ବେଶୀ, ପାଠାନୁରାଗୀ ମଧ୍ୟ ସେହିପରି। ଏପରି ଅନୁକୂଳ ଅବସ୍ଥାରେ ସୁପାଠ୍ୟ ଗ୍ରନ୍ଥମାନ ଅପ୍ରକାଶିତ ରହିବାର

କାରଣ ନାହିଁ, ପୁଣି ବଙ୍ଗରେ ଛାପା ଖରଚ ମଧ୍ୟ ଓଡ଼ିଶା ଅପେକ୍ଷା ଊଣା। ଓଡ଼ିଶା ଆକାରରେ ସାନ, ଶିକ୍ଷିତ ସଂଖ୍ୟା ଅଳ୍ପ, ପାଠାନୁରାଗୀ ସଂଖ୍ୟା ତଦପେକ୍ଷା ଅନେକାଂଶରେ ଊଣା। ଏପରିସ୍ଥଳେ ଅଧିକ ଛାପା ଖରଚ ଦେଇ ଓଡ଼ିଆ ପୁସ୍ତକ ଛାପାକଲେ ତାହା ଶୀଘ୍ର ବିକ୍ରୟର ସମ୍ଭାବନା ନାହିଁ। ଏଣୁ ସଦ୍‌ଗ୍ରନ୍ଥମାନ ପ୍ରକାଶରେ ପ୍ରବଳ ବାଧା ଘଟୁଅଛି।

ବିକ୍ରୟ ଜନିତ ବାଧା ନିବାରଣ ନିମନ୍ତେ ସ୍ୱର୍ଗୀୟ ସାର୍ ବାସୁଦେବ ସୁଢ଼ଳଦେବ କେ.ସି.ଆଇ.ଇ. ଦେଶର ରାଜା, ମହାରାଜା, ଜମିଦାର, ଉଚ୍ଚବେତନଭୋଗୀ କର୍ମଚାରୀମାନଙ୍କୁ ସଦ୍‌ଗ୍ରନ୍ଥମାନ ଛପାହେଲେ ଅଧିକ ସଂଖ୍ୟାରେ କିଣିନେଇ ବିକ୍ରୟ ବା ବିତରଣ କରନ୍ତୁ ବୋଲି ଗୋଟିଏ ପ୍ରସ୍ତାବ କରି, କିଏ କେତେ ଖଣ୍ଡ କ୍ରୟ କରିବେ ବୋଲି ପ୍ରଶ୍ନ କରିଥିଲେ। ଅଧିକାଂଶ ବ୍ୟକ୍ତି ନୀରବ ରହିବାରୁ ସେହି ସଦ୍ ପ୍ରସ୍ତାବ ବିଫଳ ହେଲା।

ଜଣେ ରାଜକବି ଭକ୍ତକବି ମଧୁସୂଦନଙ୍କ ଗ୍ରନ୍ଥାବଳୀ ଏକତ୍ରରେ ଛପାଇ ଦେବାକୁ ଅଙ୍ଗୀକାର କରିଥିବା ସ୍ଥଳେ ତାଙ୍କୁ ପୁଣି ସୁକବି ଗଙ୍ଗାଧରଙ୍କ ଗ୍ରନ୍ଥାବଳୀ ଛପାଇବା ନିମନ୍ତେ ପ୍ରବର୍ତ୍ତାଇବା ସଙ୍ଗତ ବୋଧ କରୁନାହିଁ। ଏ ସ୍ଥଳରେ ଏହା ମଧ୍ୟ କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଉତ୍କଳର କେତେଜଣ ରାଜା, ରାଣୀ ପୁସ୍ତକ ଛାପା ବିଷୟରେ କରିଥିବା ଅଙ୍ଗୀକାର ପାଳନ କରିବା ଉଚିତ ମନେ କରିନାହାନ୍ତି। ଏପରି ଅବସ୍ଥାରେ ରାଜକବିଙ୍କୁ ଭକ୍ତକବିଙ୍କ ପୁସ୍ତକମାଳା ଶୀଘ୍ର ଛପାଇ ଦେବା ନିମନ୍ତେ ଉତ୍ସାହ ଦେଇ ସୁକବି ଗଙ୍ଗାଧରଙ୍କ ନିମନ୍ତେ ଅତ୍ୟାବଶ୍ୟକୀୟ ଅନୁସରଣ କରିବା ଉଚିତ। ଗଙ୍ଗାଧର ବାବୁଙ୍କ ରଚିତ କବିତାମାନ ୬ ହଜାର ପଂକ୍ତି ହେବ ବୋଲି ପଣ୍ଡା ମହାଶୟ ଲେଖିଅଛନ୍ତି। ରାଧାନାଥ ଗ୍ରନ୍ଥାବଳୀ ଆକାରରେ ଛାପାକଲେ ତାହା ଖଣ୍ଡେ ୮/୯ ଫର୍ମା ହେବ; ସୁତରାଂ ଛାପା ଆଦି ବାବଦରେ ବଡ଼ ଜୋର ଦୁଇଶତ ଟଙ୍କା ଖରଚ ହେବ। ଏହି ଟଙ୍କା ସମ୍ବଲପୁରର ଭଦ୍ରବ୍ୟକ୍ତିମାନେ ଅଥବା କୌଣସି ରାଜା, ଜମିଦାର ଅକ୍ଳେଶରେ ପ୍ରଦାନ କରି ପାରନ୍ତି।

ଗଙ୍ଗାଧର 'ଗ୍ରନ୍ଥାବଳୀ' ଏବେ ପ୍ରକାଶ କରିବାର ଚେଷ୍ଟା କାହିଁକି? ସେ କି ପରେ ଆଉ କିଛି ରଚନା କରିବେ ନାହିଁ? ତେତେବେଳେ କ'ଣ 'ଗ୍ରନ୍ଥାବଳୀ ଦ୍ୱିତୀୟଭାଗ' ବୋଲି ପ୍ରକାଶ କରିବାକୁ ହେବ? ମୋ ମତରେ ସମଗ୍ର ପୁସ୍ତକ ଏକ ଖଣ୍ଡରେ ପ୍ରକାଶ କଲେ ମୂଲ୍ୟାଧିକ ହେତୁ ପ୍ରଚାରରେ ବାଧା ଘଟିବ; ଦୃଷ୍ଟାନ୍ତ ସ୍ୱରୂପ ରାଧାନାଥ ଗ୍ରନ୍ଥାବଳୀର କଥା କହୁଅଛୁଁ। * * * ଏଣୁ ଆମ୍ଭ ମତରେ ବର୍ତ୍ତମାନ ଗଙ୍ଗାଧରବାବୁଙ୍କ କାବ୍ୟମାନ ସେହିପରି ଖଣ୍ଡଖଣ୍ଡ ହୋଇ ମୁଦ୍ରିତ ହେବା ଉଚିତ, ଏପରି ହେଲେ କେଉଁ କେଉଁ ପୁସ୍ତକ ସ୍କୁଲ ପାଠ୍ୟ, କେଉଁ କେଉଁ ପୁସ୍ତକ ପ୍ରାଇଜ୍ ଓ ଲାଇବ୍ରେରୀ ପୁସ୍ତକ ହୋଇପାରେ। ପୁସ୍ତକମାନ ଖଣ୍ଡାକାରରେ ଛପା ହେଲେ ଛାପା ଖରଚ ମଧ୍ୟ ଅଳ୍ପ ପଡ଼ିବ ଏବଂ ସାମାନ୍ୟ ଚେଷ୍ଟାରେ ଛପାଇଦେବା ଲୋକ

ନିହିପାରିବେ ବୋଲି ବିଶ୍ୱାସ। ବାମଣ୍ଡାର ପୁସ୍ତକ ପ୍ରକାଶକ କମ୍ପାନୀ କି ଖଣ୍ଡିକେତେ ପୁସ୍ତକ ବିଶେଷ ଖର୍ଚ୍ଚରେ ଛପାଇ ଦେଇ ପାରିବେ ନାହିଁ? ବାମଣ୍ଡା ଓ ସୋନପୁରର ଯଶସ୍ୱୀ, ସାହିତ୍ୟସେବକ ନରପତିମାନେ ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ରାଜନ୍ୟମଣ୍ଡଳୀ ମଣ୍ଡନ, ସେମାନେ କି ସ୍ୱଜିଲ୍ଲାର ସୁକବିଙ୍କୁ ସମୁଚିତ ଉତ୍ସାହ ଦେବାକୁ ଅନିଚ୍ଛୁକ ହେବେ? ସମ୍ଭବତଃ, ଗଙ୍ଗାଧର ବାବୁ କାବ୍ୟ ଲେଖି ନିଶ୍ଚିନ୍ତ, ଛପା ବିଷୟରେ ଉପଯୁକ୍ତ ବ୍ୟକ୍ତିମାନଙ୍କର ଆନୁକୂଲ୍ୟ ଲାଭ ନିମନ୍ତେ ସାଧ୍ୟମତେ ବା ଯଥାସମ୍ଭବ ଚେଷ୍ଟା କରି ନାହାନ୍ତି।

ସରଳ ଭାବରେ ମନର ଭାବ ବ୍ୟକ୍ତ କରାଗଲା। କୌଣସି କୌଣସି କଥାର ଖଣ୍ଡନ ମଣ୍ଡନ ନିମନ୍ତେ ଏ ପ୍ରବନ୍ଧ ଲିଖିତ ହୋଇନାହିଁ, ତ୍ରୁଟି ଥିଲେ ପ୍ରସ୍ତାବକ ଓ କବି କ୍ଷମା କରିବେ।

ଶ୍ରୀ ନୀଳମଣି ବିଦ୍ୟାରତ୍ନ [ବଡ଼ ଖେମଣ୍ଡି]

॥ ୩ ॥

॥ ଗୋଟିଏ ଆବେଦନ ପତ୍ରର ଆଲୋଚନା ବିଷୟରେ ଦୁଇ ଚାରି କଥା ॥

ଚଳିତ ବର୍ଷ ହିତୈଷିଣୀର ୧୫ଶ ସଂଖ୍ୟାରେ ମତ୍ପ୍ରକାଶିତ 'ଗୋଟିଏ ଆବେଦନ ପତ୍ର' ଆଲୋଚନା ଶ୍ରୀଯୁକ୍ତ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ୧୯ଶ ସଂଖ୍ୟାରେ ପ୍ରକାଶିତ ହୋଇଅଛି। ଅନ୍ୟ କଥା ଉଲ୍ଲେଖ କରିବା ପୂର୍ବରୁ ନୀଳମଣିବାବୁଙ୍କର ପତ୍ର ପ୍ରତି ଯେଉଁ ସକରୁଣ ଦୃଷ୍ଟି ପଡ଼ିଅଛି ତହିଁ ପାଇଁ ତ ମୁଁ ପ୍ରଥମରୁ ତାହାଙ୍କ ନିକଟରେ କୃତଜ୍ଞ। ଦ୍ୱିତୀୟରେ ତାହାଙ୍କ ସୁଦୃଷ୍ଟିର କାରଣ ଏହି ଯେ ସେ ଏକେତ ଉତ୍କଳର ମୁଖ୍ୟ ସାହିତ୍ୟାନୁରାଗୀ ଏବଂ ଉନ୍ନତିଲିପ୍ସୁ; ଅପର ପକ୍ଷରେ ସେ ସୁକବି ଗଙ୍ଗାଧର ବାବୁଙ୍କର ଜଣେ ହିତୈଷୀ ବନ୍ଧୁ। ତାହାଙ୍କ ପ୍ରତି ତାଙ୍କର ହିତୈଷଣା କେତେ ଗଭୀର ତାହା ବୋଧହୁଏ କବିଙ୍କର 'କୀଚକ ବଧ' ପ୍ରକାଶ କରିବା ପାଇଁ ତାଙ୍କର ଯେଉଁ ଚେଷ୍ଟା ହୋଇଥିଲା ତହିଁରୁ ସ୍ପଷ୍ଟ ରୂପେ ପ୍ରତୀତ।

ସେ ବିଷୟରେ ଆଉ ବିଶେଷ କିଛି ଲେଖିବାର ପ୍ରୟୋଜନ ନାହିଁ। ବର୍ତ୍ତମାନ ଉଲ୍ଲେଖଯୋଗ୍ୟ ଏହି ଯେ ଗଙ୍ଗାଧର ବାବୁଙ୍କର ଯେଉଁ ଅପ୍ରକାଶିତ ୫/୬ ହଜାର ପଂକ୍ତି ଅଛି ତାହା କିପରି ପ୍ରକାଶିତ ହେବ ତାହାହିଁ ଆମ୍ଭମାନଙ୍କର ଆନ୍ତରିକ ଇଚ୍ଛା, ଆମ୍ଭମାନଙ୍କ ବିଶେଷ ଉଦ୍ଦେଶ୍ୟ ନୁହେ ଯେ ତାହା ଏକାକାରରେ ପ୍ରକାଶିତ ହେଉ, ବରଂ ବିଦ୍ୟାରତ୍ନଙ୍କ ପ୍ରସ୍ତାବ ମତ ଖଣ୍ଡନ ହୋଇ ପ୍ରକାଶିତ ହୋଇପାରିଲେ ଭଲ। ପ୍ରୋକ୍ତ ପତ୍ରଟି ସାଧାରଣଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଓ ତଦ୍‌ସମ୍ବନ୍ଧରେ ବିଭିନ୍ନ ଯୁକ୍ତିଯୁକ୍ତ ମତ ପ୍ରକାଶ କରିବାପାଇଁ ପ୍ରକାଶିତ ହୋଇଥିଲା। ବର୍ତ୍ତମାନ ଉଭୟବିଧ ବିଷୟ ପାଇଁ ଆମ୍ଭେମାନେ ନିରତିଶୟ ଆନନ୍ଦିତ ହୋଇଅଛୁଁ। ପ୍ରଥମତଃ ବିଦ୍ୟାରତ୍ନ ମହାଶୟଙ୍କ ଯୁକ୍ତିଯୁକ୍ତ ମତ ଓ ଦ୍ୱିତୀୟତଃ ଅନେକ ଶିକ୍ଷିତ ଭଦ୍ରବ୍ୟକ୍ତିଙ୍କଠାରୁ ସାହାଯ୍ୟ ପ୍ରାପ୍ତିର ଆଶା ପାଇ ଆମ୍ଭମାନଙ୍କର ସେହି ଆନନ୍ଦୋଦ୍ରେକ ହୋଇଅଛି।

ସାହାଯ୍ୟ ଆଶା ପ୍ରଦାୟୀ ଭଦ୍ରବ୍ୟକ୍ତିଙ୍କର ଏଠାରେ ପରିଚୟ ଦେବାର ଉପଯୁକ୍ତ ବୋଲି ମୁଁ ବିବେଚନା କରେଁ। ଆନନ୍ଦ ନିରତିଶୟ, ଯେହେତୁ ଭଦ୍ରବ୍ୟକ୍ତି ସ୍ଥାନୀୟ। ସେ ମୋହର ସେହି ଆବେଦନ ପତ୍ର ପାଠ କରି କବିଙ୍କ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହେଲେ ଏବଂ ସେ ସ୍ୱତଃ ପ୍ରଣୋଦିତ ହୋଇ ସୁକବି ଗଙ୍ଗାଧରଙ୍କର ସମସ୍ତ ଅପ୍ରକାଶିତ ଲେଖାଗୁଡ଼ିକ ପ୍ରକାଶିତ କରିଦେବାକୁ ପ୍ରତିଶ୍ରୁତ ହେଲେ, ଏବଂ ଆହୁରି ସୁଖର କଥା ଯେ କବି ଗଙ୍ଗାଧର ମେହେର ଭବିଷ୍ୟତରେ ଯାହା ଲେଖିବେ ତାହା ମଧ୍ୟ ପ୍ରକାଶ କରିଦେବାକୁ ସୁଆଶା ପ୍ରଦାନ କରି ଚିର କୃତଜ୍ଞତା ଭାଜନ ହୋଇଅଛନ୍ତି।

ସେହି ସ୍ୱତଃପ୍ରଣୋଦିତ ସୁଶିକ୍ଷିତ ବ୍ୟକ୍ତି ଅତ୍ରତ୍ୟ ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର ଏମ୍.ଏ.ବି.ଏଲ୍., ସେ କବିଙ୍କର ତଥା ଦେଶର କଥା ପୂର୍ଣ୍ଣମାତ୍ରାରେ ଚିନ୍ତାକରି ନିର୍ଧନ କବିଙ୍କୁ ଆନୁକୂଲ୍ୟ ପ୍ରକାଶ କରିବାର ଆଶାଦେଇ କେବଳ କବି ଗଙ୍ଗାଧରଙ୍କ ପାଇଁ କାହିଁକି ସମ୍ବଲପୁର ତଥା ଉତ୍କଳର ଭବିଷ୍ୟତର ଗୋଟିଏ ସମୁଜ୍ଜ୍ୱଳ ଆଶାମଣି ସ୍ୱରୂପ। ବର୍ତ୍ତମାନ ଏ ବିଷୟରେ ଆଉ ବିଶେଷ କହିବାର କିଛି ପ୍ରୟୋଜନ ନାହିଁ। ବର୍ତ୍ତମାନ ସବୁକଥା କେବଳ ମୌଖିକ ହୋଇଅଛି, କାର୍ଯ୍ୟତଃ ସତ୍ୟହେଲେ ସର୍ବତୋଭାବେ ସୁଖକର ହେବ।

ପରିଶେଷରେ ମୋର 'ଆବେଦନ ପତ୍ର' ବିଷୟରେ ନୀଳମଣି ବାବୁ ସକରୁଣ ଦୃଷ୍ଟି ପକାଇ ତଦ୍ ବିଷୟରେ ସଙ୍ଗତ ଆଲୋଚନା କରିଥିବାରୁ ତାହାଙ୍କ ନିକଟରେ ଏବଂ ଶ୍ରୀଯୁକ୍ତ ରାମ ନାରାୟଣ ବାବୁଙ୍କଠାରେ ମଧ୍ୟ ତାହାଙ୍କର ଆନୁକୂଲ୍ୟ ପ୍ରଦର୍ଶନ ପାଇଁ ମୋର 'ଆବେଦନ'ର ଶ୍ରମ ସୁଫଳ ମଣି ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି।

ଶ୍ରୀ ବ୍ରଜମୋହନ ପଣ୍ଡା
ଲଇଡ଼ା, ସମ୍ବଲପୁର

## ଆଲୋଚନା

### ।। ଏକ ।।

ଉପରୋକ୍ତ ତିନୋଟି ରଚନା 'ସମ୍ବଲପୁର ହିତୈଷିଣୀ' ସାପ୍ତାହିକ ସମ୍ବାଦପତ୍ରର ତ୍ରୟୋବିଂଶ ବର୍ଷର ପଞ୍ଚଦଶ (ତା ୨୭.୧.୧୯୧୨ଖ୍ରି), ଉନବିଂଶ (ତା ୨୪.୨.୧୯୧୨ଖ୍ରି) ଓ ଦ୍ୱାବିଂଶ (ତା ୧୬.୩.୧୯୧୨ଖ୍ରି) ସଂଖ୍ୟାରେ ଯଥାକ୍ରମେ ପ୍ରକାଶିତ। ଗଙ୍ଗାଧରଙ୍କ ରଚନାବଳୀର ପ୍ରକାଶ ନିମନ୍ତେ କରାଯାଇଥିବା ଆବେଦନ, ବିକଳ୍ପ ପ୍ରସ୍ତାବ ଓ ପାଇଥିବା ପ୍ରତିଶ୍ରୁତି ଏହାର ମୁଖ୍ୟ ବିଷୟ। ଗଙ୍ଗାଧରଙ୍କ ରଚନାବଳୀ-ପ୍ରକାଶର ଐତିହାସିକ ଆଲୋଚନା କ୍ଷେତ୍ରରେ ଏହି ରଚନା ତିନୋଟିର ଭୂମିକା ଥିବାରୁ, ଅଳ୍ପ କେତେକ ଅଂଶ ବାଦ୍ ଦିଆଯାଇ ସେଗୁଡ଼ିକୁ ଅବିକଳ ଉଦ୍ଧାର କରାଯାଇଛି। ଗଙ୍ଗାଧର ତାଙ୍କ ରଚନାବଳୀ ପ୍ରକାଶ କ୍ଷେତ୍ରରେ ଯେଉଁସବୁ ସଂକଟର ସମ୍ମୁଖୀନ ହୋଇଥିଲେ ତାହାର ସୂଚନା ଏହି ପତ୍ରଗୁଡ଼ିକରେ ବର୍ଣ୍ଣିତ।

ଏଗୁଡ଼ିକର ଆଲୋଚନା ଗଙ୍ଗାଧର ସାହିତ୍ୟର ସମାଲୋଚନାତ୍ମିକ ଆଲୋଚନାର ଅନ୍ତର୍ଭୁକ୍ତ।

ପ୍ରଥମ ପତ୍ର ଉପରେ ନିଜର ପ୍ରତିକ୍ରିୟା ପ୍ରକାଶ କରି 'ସମ୍ବଲପୁର ହିତୈଷିଣୀ'ର ତତ୍କାଳୀନ ସମ୍ପାଦକ ଦୀନବନ୍ଧୁ ପଟ୍ଟନାୟକ ଲେଖିଥିଲେ : ''କବି ଗଙ୍ଗାଧର ମହାଶୟଙ୍କର କାବ୍ୟ କବିତାଦିର ପରିଚୟ ଉତ୍କଳର ଶିକ୍ଷିତ ବ୍ୟକ୍ତିମାତ୍ରେ ଜାଣନ୍ତି। ବ୍ରଜମୋହନ ବାବୁଙ୍କର ଆବେଦନ ସର୍ବତୋଭାବେ ସୁସଙ୍ଗତ। ଯେଉଁ ଉଦାର ପ୍ରାଣର କୌଣସି ମହାନୁଭବ ବ୍ୟକ୍ତି ଉକ୍ତ ସତ୍କାର୍ଯ୍ୟ ସାଧନ କରିବେ, ଚିରକାଳ ତାହାଙ୍କର ନାମ ଅମର ହୋଇ ରହିବ।'' (ସମ୍ବଲପୁର ହିତୈଷିଣୀ, ୨୩/୧୫, ପୃ. ୫୮-୫୯) ପରେ ଏଥିନେଇ ନୀଳମଣି ବିଦ୍ୟାରତ୍ନ କେତେକ ପ୍ରଶ୍ନ ଉଠାଇବା ଫଳରେ ସେ ଅନ୍ୟ କୌଣସି ମନ୍ତବ୍ୟ ଦେଇନାହାନ୍ତି।

ଗଙ୍ଗାଧରଙ୍କ ଜୀବନ ଓ ସାହିତ୍ୟର ଆଲୋଚକମାନେ (କେବଳ ଡକ୍ଟର ଅସିତ କବିଙ୍କୁ ବାଦ୍ ଦେଇ) ଏହି ଆବେଦନ ପତ୍ର ଓ ତାହାର ଆଲୋଚନା ଓ ପ୍ରତ୍ୟାଲୋଚନା ନେଇ ନୀରବ। ସ୍ୱୟଂ ଗଙ୍ଗାଧରଙ୍କର ଏ ସମ୍ପର୍କରେ ପ୍ରତିକ୍ରିୟା କ'ଣ ଥିଲା, ସମ୍ପୃକ୍ତ କାଳର ପତ୍ର 'ଗଙ୍ଗାଧର ପତ୍ରାବଳୀ'ରେ ନଥିବାରୁ ଓ ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ ହୋଇନଥିବାରୁ, ସ୍ପଷ୍ଟ ଜଣାଯାଏ ନାହିଁ ('ଗଙ୍ଗାଧର ପତ୍ରାବଳୀ'ରେ ୪।୧।୧୨ରୁ ୧୧।୬।୧୨ ପର୍ଯ୍ୟନ୍ତ କୌଣସି ପତ୍ର ସ୍ଥାନିତ ହୋଇନାହିଁ)। 'କବିତା କଲ୍ଲୋଳ'ର ଭୂମିକାରେ ଏହି ଆବେଦନ ଓ ତା'ର ପ୍ରତିକ୍ରିୟାର ଉଲ୍ଲେଖ ଥିଲେ ବି ସେଥିରୁ ଗଙ୍ଗାଧରଙ୍କର ମନୋଭାବ ସ୍ପଷ୍ଟ ହୁଏନାହିଁ। ଡକ୍ଟର କବି ଏହି ଆବେଦନ ପତ୍ର ସମ୍ପର୍କରେ ଲେଖିଛନ୍ତି : ''କୀଚକ ବଧ ପ୍ରକାଶିତ ହେବାପରେ କେତେକ ବୃହତ୍ ପଦ୍ୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲେ ହେଁ ଗଙ୍ଗାଧରଙ୍କ ଅନ୍ୟ କୌଣସି ପୁସ୍ତକ ବହୁଦିନ ଯାବତ୍ ପ୍ରକାଶିତ ହୋଇ ନଥିଲା। କଲେଜ ଛାତ୍ର ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା 'ହିତୈଷିଣୀ'ର 'ସମ୍ପାଦକଙ୍କୁ ଏକ ପତ୍ର' ପ୍ରକାଶ କରି କବି ଗଙ୍ଗାଧରଙ୍କ ପ୍ରକାଶିତ କେତେକ ଉତ୍ତମ କବିତାକୁ ସାହିତ୍ୟପ୍ରେମୀ ଧନାଢ୍ୟ ବ୍ୟକ୍ତିମାନେ ପୁସ୍ତକାକାରରେ ପ୍ରକାଶିତ କଲେ ଭଲ ହୁଅନ୍ତା ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଏହି ଜାତୀୟ କର୍ତ୍ତବ୍ୟ ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। 'ହିତୈଷିଣୀ'ର ସଂପାଦକ ନୀଳମଣି ବିଦ୍ୟାରତ୍ନ ଏହି ପତ୍ରର ଗୁରୁତ୍ୱ ଉପଲବ୍ଧି କରି ଏହାର ଉପାଦେୟତା ଉପରେ ଆଲୋଚନା କରି ସେହି ପତ୍ରିକାର ଅନୁକୂଳ ମନ୍ତବ୍ୟ ପ୍ରକାଶ କରିଥିଲେ। ଫଳରେ ସମ୍ବଲପୁରର ତତ୍କାଳୀନ ବିଶିଷ୍ଟ ଆଇନଜୀବୀ ରାମନାରାୟଣ ମିଶ୍ର ଉକ୍ତ ପୁସ୍ତକ ପ୍ରକାଶନର ଦାୟିତ୍ୱ ବହନ କରିବେ ବୋଲି ଶ୍ରୀଯୁକ୍ତ ପଣ୍ଡାଙ୍କୁ ଏକ ପତ୍ରରେ ଜଣାଇଥିଲେ। କବିତା କଲ୍ଲୋଳ ତା'ରି ଫଳ।'' (ଗଙ୍ଗାଧର ଜୀବନୀ, ପୃ. ୨୮୯) ଏଠାରେ ସ୍ପଷ୍ଟ କରିଦେବା ଉଚିତ୍ ଯେ ସେତେବେଳେ 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ନୀଳମଣି ବିଦ୍ୟାରତ୍ନ ନଥିଲେ, ଥିଲେ ଦୀନବନ୍ଧୁ ପଟ୍ଟନାୟକ। ୧୯୦୨ ମସିହାରେ ବିଦ୍ୟାରତ୍ନ ଦେବଗଡ଼ ପରିତ୍ୟାଗ କରି ପ୍ରଥମେ 'ପ୍ରଜାବନ୍ଧୁ'ର ତା'ପରେ

'ଗଞ୍ଜାମ ଗୁଣଦର୍ପଣ' ଓ ଶେଷରେ ଅଳ୍ପଦିନ ପାଇଁ 'ଉତ୍କଳ ଦୀପିକା'ର ସମ୍ପାଦକତ୍ୱ ଗ୍ରହଣ କରିଥିଲେ । ଦ୍ୱିତୀୟତଃ, ବ୍ରଜମୋହନଙ୍କ ରଚନାଟିର ଶୀର୍ଷକ 'ସମ୍ପାଦକଙ୍କୁ ପତ୍ର' ନଥିଲା, ଥିଲା 'ଗୋଟିଏ ଆବେଦନ ପତ୍ର' । ତୃତୀୟତଃ, ଗଙ୍ଗାଧରଙ୍କ ବିକ୍ଷିପ୍ତ ପ୍ରକାଶିତ ରଚନା ସବୁକୁ ପୁସ୍ତକାକାରରେ ପ୍ରକାଶ କରିବା ଏହି 'ଆବେଦନ ପତ୍ର'ର ଏକମାତ୍ର ଉଦ୍ଦେଶ୍ୟ ନଥିଲା । ଯେତେଦୂର ମନେହୁଏ, ଉକ୍ତ କବି ଏହି 'ଆବେଦନ ପତ୍ର', ତା'ର ଆଲୋଚନା ପ୍ରତ୍ୟାଲୋଚନାକୁ ମୌଳିକ ଭାବରେ ଅଧ୍ୟୟନ କରିବାର ସୁଯୋଗ ପାଇନାହାନ୍ତି । କବିତା କଲ୍ଲୋଳର 'ଭୂମିକା' ଓ ଅନ୍ୟଠାରୁ (ବ୍ରଜମୋହନଙ୍କଠାରୁ) ଶୁଣିଥିବା କଥା ଉପରେ ଭିତ୍ତିକରି ଉପରୋକ୍ତ ବିବରଣୀ ପ୍ରକାଶ କରିଛନ୍ତି । ବସ୍ତୁତଃ, ଏହି ତିନୋଟି ରଚନା ଏ ପର୍ଯ୍ୟନ୍ତ ଅନାଲୋଚିତ ହୋଇ ରହିଛି ।

୧୮୯୮-୯୯ ପରେ ଗଙ୍ଗାଧର ନିଜର କୌଣସି ସାହିତ୍ୟକୃତିର ପ୍ରକାଶନ ପାଇଁ ଲେଖକ ହିସାବରେ ଅତ୍ୟଧିକ ତତ୍ପରତା ପ୍ରକାଶ କରିନାହାନ୍ତି । ଖୁବ୍ ବେଶୀରେ ସାମୟିକ ପତ୍ରରେ ପ୍ରକାଶ କରି ସେ କ୍ଷାନ୍ତ ରହିଛନ୍ତି । ସେଥିପାଇଁ 'କୀଚକ ବଧ'ର ରଚନା ଶେଷ ହେଲା ପରେ ବର୍ଷାଧିକ କାଳ ଅପ୍ରକାଶିତ ହୋଇ ପଡ଼ିରହିଛି । ଏହି ସମୟରେ ନନ୍ଦକିଶୋରଙ୍କ 'ଇନ୍ଦୁମତୀ କାବ୍ୟ ପ୍ରଣେତା ଗଙ୍ଗାଧର ମେହେରଙ୍କ ପ୍ରତି କବିତା ପ୍ରକାଶିତ । ଅବଶେଷରେ ଗଙ୍ଗାଧରଙ୍କ ଅନ୍ୟତମ ବନ୍ଧୁ ଜାନକୀଶି ବିଦ୍ୟାରତ୍ନ ନିଜ ସମ୍ପାଦିତ 'ପ୍ରଜାବନ୍ଧୁ'ର ତା ୨୦।୪।୧୯୦୪ରିଖ ସଂଖ୍ୟାରେ ଏକ ଆବେଦନ ପ୍ରକାଶ କରିଥିଲେ । ଉକ୍ତ ଆବେଦନ ପତ୍ରରେ 'କୀଚକ ବଧ'ର ଉଚ୍ଚ କାବ୍ୟମୂଲ୍ୟ ସମ୍ପର୍କରେ ରାଧାନାଥ ଦେଇଥିବା ମନ୍ତବ୍ୟ ସଂଯୁକ୍ତ ହୋଇଥିଲା । ଏହି ଆବେଦନ ପତ୍ର ପାଠ କରି ଉତ୍କଳ ଗୌରବ ମଧୁସୂଦନ 'କୀଚକ ବଧ'ର ପ୍ରକାଶନ ବ୍ୟୟ ବହନ କରିବେ ବୋଲି ସମ୍ମତିପତ୍ର ଦେଇଥିଲେ :

"The Editor of Prajabandhu.

Dear Sir,

I read in your issue of 20th April that Babu Gangadhar Meher of Sambalpur has written a book which he can't publish for want of fund. You also say that the cost of printing would be about 70 or 80 Rupees. I shall be happy to pay this cost. Will you kindly ask the author to send the manuscript to me and I shall have it printed in the best press here or if he prefers to choose his own press he may do so and let me know the cost. I undertake to pay.

Cuttack — Yours truly

23rd April, 1904 — M. S. Das

(ପ୍ରଜାବନ୍ଧୁ, ତା ୨୬।୪।୧୯୦୪ ଉଦ୍ଧୃତ, 'ପିତୃ ପ୍ରସଙ୍ଗ' ପୃ. ୧୬୯) ଆପଣାର ପ୍ରତିଶ୍ରୁତି ଅନୁଯାୟୀ ଉତ୍କଳ ଗୌରବ ମଧୁସୂଦନ 'କୀଚକ ବଧ'ର ପ୍ରକାଶନ ବ୍ୟୟ ବହନ କରିଥିଲେ ଓ ସେଇ ୧୯୦୪ ମସିହାରେ କୀଚକ ବଧ ପ୍ରକାଶିତ ହୋଇଥିଲା। ୧୯୦୫ରେ 'ଶ୍ରୀ ନୃପରାଜ ସିଂହ' ପୁସ୍ତକଟି ମୁଦ୍ରିତ ହୋଇଥିଲେ ବି ଏହାର ପ୍ରକାଶନରେ ବଡ଼ପାଲି ଜମିଦାର ନିଜେ ସଂପୃକ୍ତ ଥିବା ସମ୍ଭବ। ପାରିବାରିକ ଓ ଅନ୍ୟ କେତେକ କାରଣରୁ ଗଙ୍ଗାଧର ୧୯୦୫ ମସିହା ପରେ ନୀରବ ଥିଲେ।

'କୀଚକ ବଧ' ପ୍ରକାଶିତ ହେଲା ପରେ ସମ୍ବାଦପତ୍ରରେ ନିଜର ଅକ୍ଷମତା ପ୍ରକାଶନ ଓ ଅନ୍ୟର ଦାନ ଆଦି ତିକ୍ତ ଅଭିଜ୍ଞତାକୁ ଭିତ୍ତି କରି ଗଙ୍ଗାଧର ସାହିତ୍ୟ ଚର୍ଚ୍ଚା ପ୍ରତି କେତେକାଂଶରେ ବୈରାଗ୍ୟ ପ୍ରଦର୍ଶନ କରିଥିବା କଥା କୁହାଯାଇଥାଏ। ଗଙ୍ଗାଧରଙ୍କୁ ସାହିତ୍ୟ ରଚନା ଆଡ଼କୁ ପୁଣି ଥରେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ତା ୨।୧୨।୧୯୦୯ରେ ଏକ ଆଶ୍ୱାସନା ଓ ପ୍ରତିଶ୍ରୁତିଭରା ଦୀର୍ଘ ପତ୍ର ଲେଖିଥିଲେ : "ଏପରି ଅବସ୍ଥାରେ ଆପଣଙ୍କ ନିକଟରେ ଯଦି ପ୍ରକୃତରେ ବହି ଲେଖା ହୋଇଅଛି ଓ ଅର୍ଥାଭାବରୁ ପ୍ରକାଶିତ ହୋଇପାରିବାକୁ ନାହିଁ ତାହାହେଲେ ମୁଁ ମୋର ଯଥାସାଧ୍ୟ ସାହାଯ୍ୟ ଦ୍ୱାରା ଓ ସମ୍ବଲପୁରର ମୋର ଭାଇ ବନ୍ଧୁ ଓ ଭଦ୍ରଲୋକଙ୍କ ନିକଟରୁ କିଛି ସାହାଯ୍ୟ ଆଣି ଆପଣଙ୍କର ଖଣ୍ଡେ ଦୁଇଖଣ୍ଡ ବହି ପ୍ରଥମରେ ପ୍ରକାଶିତ କରିବାକୁ ଉଦ୍ୟତ ଅଛି ଏବଂ ଭବିଷ୍ୟତରେ ମଧ୍ୟ ଆପଣଙ୍କର ପୁସ୍ତକ ସବୁ କିପରି ବର୍ଷାନୁବର୍ଷ ପ୍ରକାଶିତ ହେବ ତହିଁର ଚେଷ୍ଟା କରିବି।" (ପିତୃ ପ୍ରସଙ୍ଗ, ପୃ. ୬୩) ବ୍ରଜମୋହନଙ୍କ ଏପରି ପତ୍ରକୁ କୈଶୋରର ଚପଳତା ଭାବି ଗଙ୍ଗାଧର ଅବହେଳା କରିନାହାନ୍ତି। ବ୍ରଜମୋହନଙ୍କ ଭିତରେ ଥିବା ଦେଶ-ହିତୈଷିଣାର ସ୍ଫୁରଣ ଦେଖି ସେ ମୁଗ୍ଧ ହୋଇଛନ୍ତି। ନିଜର ମୁଗ୍ଧଭାବ ସହ ବିନୟତା ଗଙ୍ଗାଧର ବ୍ରଜମୋହନଙ୍କୁ ଲେଖିଥିବା ପତ୍ରରେ ଅଭିବ୍ୟକ୍ତ। ଏହାପରେ ଗଙ୍ଗାଧର ଓ ବ୍ରଜମୋହନଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ତର ହୋଇଛି। ବକ୍ଷମାଣ କାଳରେ ଗଙ୍ଗାଧରଙ୍କର ବହୁ ଛୋଟ ବଡ଼ ଲେଖା ସମ୍ବଲପୁର ହିତୈଷିଣୀ ଓ ଉତ୍କଳ ସାହିତ୍ୟ ଆଦିରେ ପ୍ରକାଶିତ ହୋଇଛି ମଧ୍ୟ। ମାତ୍ର ଗଙ୍ଗାଧରଙ୍କର କୌଣସି ପୁସ୍ତକ ପ୍ରକାଶିତ ହୋଇନାହିଁ। ଗଙ୍ଗାଧର କିନ୍ତୁ ନିଜର କର୍ତ୍ତବ୍ୟରେ ଅବହେଳା କରିନାହାନ୍ତି — ତାଙ୍କ ରଚନାବଳୀ ସମ୍ପର୍କରେ ସବିଶେଷ ବିବରଣୀ ବ୍ରଜମୋହନବାବୁଙ୍କ ଜଣାଇଛନ୍ତି। ଦୃଷ୍ଟାନ୍ତ ସ୍ୱରୂପ ତା ୨।୯।୧୯୧୧ରିଖର ପତ୍ରରେ ସେ ଲେଖିଛନ୍ତି : "ବେଦବ୍ୟାସ ପୂର୍ଣ୍ଣ ହୋଇଅଛି। ନନ୍ଦକିଶୋରବାବୁ ମୋର ଅପ୍ରକାଶିତ ପଦ୍ୟସବୁ (ଚନ୍ଦ୍ର ରଜନୀ, ପ୍ରଣୟାଙ୍କୁରାଦି) ପାଠ କରି ଆନନ୍ଦ ପ୍ରକାଶ କରିଅଛନ୍ତି। 'ବେଦବ୍ୟାସର' ପ୍ରଶଂସା ଅଧିକ କରିଅଛନ୍ତି। ତାହା ଯଦି ଆପଣ ସ୍ୱତନ୍ତ୍ର କ୍ଷୁଦ୍ର ପୁସ୍ତକଟିଏ କରିବାକୁ ଚାହାନ୍ତି ପଠାଇଦେବି। ମାଘ ମାସରେ ସେଠାରେ ମେଳା ହୁଏ। ସେ ସମୟରେ ତା'ର ଆଦର ହୋଇପାରେ।" (ପତ୍ରାବଳୀ, ପୃ. ୬୪) ସେହି ପତ୍ର ସହିତ ତାଙ୍କର

ରଚନାବଳୀ ସମ୍ପର୍କରେ ପ୍ରଶଂସାସୂଚକ ମନ୍ତବ୍ୟ ଦେଇ ନନ୍ଦକିଶୋର ଲେଖିଥିବା ଚିଠିଟି ଗଙ୍ଗାଧର ବ୍ରଜମୋହନଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାର ଉତ୍ତରରେ ବ୍ରଜମୋହନ କ'ଣ ଲେଖିଥିଲେ ଜଣାନାହିଁ। କାରଣ ସଂପୃକ୍ତ ପତ୍ରର ଉତ୍ତର 'ଗଙ୍ଗାଧର ପତ୍ରାବଳୀ'ରେ ସଂଗୃହୀତ ହୋଇଥିଲେ ହେଁ ସେଥିରେ ଗଙ୍ଗାଧରଙ୍କ ପ୍ରସ୍ତାବ ନେଇ କୌଣସି ସମର୍ଥନ, ବିକଳ୍ପ ପ୍ରସ୍ତାବ ବା ଉତ୍ତର ନାହିଁ। ଯଦି ବା ବ୍ରଜମୋହନ କୌଣସି ଉତ୍ତର ଦେଇଥାନ୍ତି, ତାହା 'ପତ୍ରାବଳୀ'ର ସମ୍ପାଦକ ବାଦ୍ ଦେଇଛନ୍ତି। ବସ୍ତୁତଃ, କିଶୋର ସୁଲଭ କଳ୍ପନା ସ୍ରୋତରେ ଭାସି ବ୍ରଜମୋହନ ଗଙ୍ଗାଧରଙ୍କୁ ଦୁଇବର୍ଷ ତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ରକ୍ଷା କରିବା କେତେଦୂର କଷ୍ଟ ତାହା ହୃଦୟଙ୍ଗମ କରିଛନ୍ତି। ଶେଷରେ, ଆଠବର୍ଷ ତଳେ ବିଦ୍ୟାରତ୍ନ ମହାଶୟ ନେଇଥିବା ପଦକ୍ଷେପକୁ ଅନୁସରଣ କରି ଉପରୋକ୍ତ ଆବେଦନ ପତ୍ରଟି 'ସମ୍ବଲପୁର ହିତୈଷିଣୀ'କୁ ପଠାଇ ଦେଇଅଛନ୍ତି।

ବ୍ରଜମୋହନଙ୍କ ଆବେଦନ ପତ୍ରରେ ଆଦର୍ଶବାଦ କେନ୍ଦ୍ରଭୂମି ମାଡ଼ି ବସିଛି। ତେଣୁ ତାଙ୍କର ବିଷୟକୁ ସିଧାସଳଖ ନଆସି ଦୀର୍ଘ ଉପକ୍ରମଣିକା ଦେଇଛନ୍ତି। (ଆବେଦନ ପତ୍ରନେଇ ନିଜ ଭିତରେ ଥିବା ସଂକୋଚ ମଧ୍ୟ ଏହାର ଅନ୍ୟତମ କାରଣ)। ଗଙ୍ଗାଧରଙ୍କ ଦାରିଦ୍ର୍ୟ ହେତୁ ପୁସ୍ତକ ପ୍ରକାଶ କରିବାରେ ତାଙ୍କର ଅକ୍ଷମତା ବିଷୟ ସେ ଅବତାରଣା କରିଛନ୍ତି। ଗଙ୍ଗାଧରଙ୍କ କବି ପ୍ରତିଭା ଉପରେ ନିଜେ କୌଣସି ମତାମତ ନଦେଇ ନନ୍ଦକିଶୋର ଦେଇଥିବା ମନ୍ତବ୍ୟକୁ ସେ ସମ୍ପୂର୍ଣ୍ଣ ଭାବେ ଉଦ୍ଧାର କରିଛନ୍ତି। ଏପରିକି 'କୀଚକ ବଧ' ଉପରେ ନନ୍ଦକିଶୋର ଦେଇଥିବା ମତାମତ ଏହି ପ୍ରସଙ୍ଗରେ ଅନାବଶ୍ୟକ ହେଲେ ବି ସେ ବାଦ୍‌ଦେଇ ନାହାନ୍ତି। ଗଙ୍ଗାଧରଙ୍କର ପ୍ରସ୍ତାବିତ 'ବେଦବ୍ୟାସ' ଓ ପୂର୍ବଲିଖିତ 'ଅହଲ୍ୟାସ୍ତବ' ଭଳି କ୍ଷୁଦ୍ର ପୁସ୍ତକ ପ୍ରକାଶିତ ହୋଇପାରୁନଥିବାବେଳେ, ବ୍ରଜମୋହନ 'ଗଙ୍ଗାଧର ଗ୍ରନ୍ଥାବଳୀ' ପ୍ରକାଶନ କଥା ଚିନ୍ତା କରିଛନ୍ତି ଓ ସେ ସମ୍ପର୍କରେ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ମଧୁବାବୁଙ୍କ ପ୍ରସ୍ତାବିତ ଗ୍ରନ୍ଥାବଳୀର ପ୍ରକାଶକ ହେବାକୁ ଯେଉଁ ରାଜକବି ପ୍ରତିଶ୍ରୁତି ଦେଇଅଛନ୍ତି, ତାଙ୍କର ନାମୋଲ୍ଲେଖ ନକରି ତାଙ୍କୁ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ପ୍ରକାଶକ ହେବାକୁ ଆବେଦନ କରିଛନ୍ତି। ସେହିଭଳି ଗଙ୍ଗାଧରଙ୍କ ରଚନାବଳୀକୁ ପ୍ରକାଶ କରିବାକୁ ପ୍ରତିଶ୍ରୁତି ଦେଇଥିବା ସାମୟିକ ପତ୍ରିକାର ସଂପାଦକ କିଏ ? ଓ ତାଙ୍କ ନିକଟକୁ ପାଣ୍ଡୁଲିପି ନପଠାଇ କାହିଁକି ବ୍ରଜମୋହନ ସମ୍ବାଦପତ୍ରକୁ ଆବେଦନ ପତ୍ର ପଠାଇଛନ୍ତି, ତାହା ଜାଣି ହୁଏ ନାହିଁ। ବ୍ରଜମୋହନ ବିନା ଯୋଜନାରେ ସ୍ଥୂଳ ଉଦ୍ଦେଶ୍ୟ ରଖି ତାରୁଣ୍ୟର ଭାବାବେଶରେ ଗଙ୍ଗାଧରଙ୍କ ପ୍ରତି ସମ୍ମାନ ଓ ଦାୟିତ୍ୱ ହେତୁ ଏଭଳି ଆବେଦନ ପ୍ରକାଶ କରିଥିବା ମନେହୁଏ। ଆବେଦନ ପତ୍ରର ଭାଷାରେ ଅବଶ୍ୟ ଗଙ୍ଗାଧରଙ୍କ କବିତ୍ୱ ପ୍ରତି ସମ୍ମାନ ଅପେକ୍ଷା ତାଙ୍କ ଦାରିଦ୍ର୍ୟ ପାଇଁ ଅନୁକମ୍ପା ଅଧିକ ଭାବରେ ପ୍ରକାଶିତ।

ବିଦ୍ୟାରତ୍ନ ବ୍ରଜମୋହନଙ୍କ ଆବେଦନକୁ ସିଧାସଳଖ ବିରୋଧ କରିନାହାନ୍ତି କିନ୍ତୁ ଏହି ଆବେଦନ ପତ୍ରରେ ଥିବା ଦୁର୍ବଳ ଦିଗ ଉପରେ ଆଲୋକପାତ କରି ବ୍ରଜମୋହନଙ୍କୁ ବାସ୍ତବ ପରିସ୍ଥିତି ସମ୍ପର୍କରେ ସଚେତନ କରିଛନ୍ତି। ବଙ୍ଗଳା ଓ ଓଡ଼ିଶାର ସାଂସ୍କୃତିକ ପରିବେଶ କିପରି ଭିନ୍ନ ଓ ଓଡ଼ିଶାରେ ଶୁଦ୍ଧ ସାହିତ୍ୟର ପ୍ରକାଶନ କ୍ଷେତ୍ରରେ କିପରି ବାଧା ରହିଛି, ତାହା ଦର୍ଶାଇଛନ୍ତି। ଗଙ୍ଗାଧରଙ୍କ ସାହିତ୍ୟକୃତିର ପ୍ରକାଶ ଓ ଓଡ଼ିଶାରେ ସାହିତ୍ୟ ପୁସ୍ତକର ପ୍ରସାର କ୍ଷେତ୍ରରେ ତାଙ୍କ ଭୂମିକାର ପରୋକ୍ଷ ସୂଚନା ଦେବାପାଇଁ ସେ କୁଳବୃଦ୍ଧ ମଧୁସୂଦନ ଓ ସୁଢ଼ଳଦେବଙ୍କ ପ୍ରସଙ୍ଗ ଅବତାରଣା କରିଛନ୍ତି। ଠିକ୍ ସେହିଭଳି ଭକ୍ତକବିଙ୍କ ଗ୍ରନ୍ଥାବଳୀ ପ୍ରକାଶ କରିବାପାଇଁ ପ୍ରତିଶ୍ରୁତି ଦେଇଥିବା ରାଜକବିଙ୍କୁ 'ଗଙ୍ଗାଧର ଗ୍ରନ୍ଥାବଳୀ' ମୁଦ୍ରଣ ବ୍ୟୟ ବହନ କରିବାପାଇଁ ଅନୁରୋଧ କରିବାକୁ ସେ ଅନ୍ୟାୟ ଓ ଅସଙ୍ଗତ ବୋଲି କହିଛନ୍ତି। ବରଂ ଗଙ୍ଗାଧର ସମ୍ବଲପୁରର କବି ଓ ତାଙ୍କର କାବ୍ୟକବିତା ପ୍ରକାଶରେ ସମ୍ବଲପୁରର ଭଦ୍ରବ୍ୟକ୍ତି ବା ରାଜା, ଜମିଦାରମାନଙ୍କ ସାହାଯ୍ୟ ରହିବା ଉଚିତ ବୋଲି ସେ ମତ ଦେଇଛନ୍ତି। ଦ୍ୱିତୀୟତଃ, ବ୍ରଜମୋହନଙ୍କ ପ୍ରସ୍ତାବିତ 'ଗଙ୍ଗାଧର ଗ୍ରନ୍ଥାବଳୀ'ର ପ୍ରକାଶକୁ ସେ ବିରୋଧ କରିଛନ୍ତି। ଶେଷରେ ଗଙ୍ଗାଧର ନିଜର ପୁସ୍ତକ ପ୍ରକାଶ ନେଇ କେତେ ସିଦ୍ଧିକ, ତା'ର ସୂଚନା ଦେଇଛନ୍ତି: "ଗଙ୍ଗାଧର ବାବୁ କାବ୍ୟ ଲେଖି ନିଶ୍ଚିନ୍ତ, ଛପା ବିଷୟରେ ଉପଯୁକ୍ତ ବ୍ୟକ୍ତିମାନଙ୍କର ଆନୁକୂଲ୍ୟ ଲାଭ ନିମନ୍ତେ ସାଧ୍ୟମତ ବା ଯଥାସମ୍ଭବ ଚେଷ୍ଟା କରିନାହାନ୍ତି।" ବିଦ୍ୟାରତ୍ନଙ୍କ ଦୃଷ୍ଟିରେ ଗଙ୍ଗାଧରଙ୍କ ରଚନାବଳୀ ପ୍ରକାଶନ ନହେବାର କାରଣ ତାଙ୍କର ଅର୍ଥାଭାବ ନୁହେଁ– ତାଙ୍କର ମନୋବୃତ୍ତି। ମୋଟରେପରେ, ବ୍ରଜମୋହନ ବା ଗଙ୍ଗାଧର, ଉଭୟ ନିଜର କର୍ତ୍ତବ୍ୟ ନକରି ସମ୍ବାଦପତ୍ରରେ ଆବେଦନ କରିଥିବାରୁ ବିଦ୍ୟାରତ୍ନ ବିରକ୍ତ ହୋଇ ସଂପୃକ୍ତ ଆଲୋଚନାଟି ଲେଖିଥିଲା ଭଳି ମନେହୁଏ। ସେଥିପାଇଁ, ସେ ବ୍ରଜମୋହନ ଓ ଗଙ୍ଗାଧର ଉଭୟଙ୍କ ଠାରୁ କ୍ଷମା ପ୍ରାର୍ଥନା ମାଗିଛନ୍ତି।

'ଛୋଟିଏ ଆଲୋଚନା ପତ୍ରର ଆଲୋଚନା ବିଷୟରେ ଦୁଇ ଚାରି କଥା' ଶୀର୍ଷକରେ ବ୍ରଜମୋହନ ବିଦ୍ୟାରତ୍ନଙ୍କୁ ଯେଉଁ ପ୍ରତ୍ୟୁତ୍ତର ଦେଇଛନ୍ତି, ସେଥିରେ ରହିଛି ବିନୟ ଭାବ ଓ ନୀଳମଣିଙ୍କ ପୂର୍ବ ପଦକ୍ଷେପ ପ୍ରତି ସ୍ୱୀକୃତି। ଗଙ୍ଗାଧରଙ୍କ କାବ୍ୟ-କବିତା, ବିଶେଷତଃ 'କୀଚକବଧ'ର ପ୍ରକାଶନ ପାଇଁ ବିଦ୍ୟାରତ୍ନ ମହାଶୟ ଯେଉଁ ଭୂମିକା ନେଇଥିଲେ, ତାହାକୁ ବ୍ରଜମୋହନ ସାଧୁବାଦ ଜଣାଇଛନ୍ତି। ବିଦ୍ୟାରତ୍ନ ମହାଶୟ ଦେଇଥିବା ମତାମତକୁ ସେ ଖଣ୍ଡନ କରିନାହାନ୍ତି, ବରଂ ତା'ର ପ୍ରାୟୋଗିକ ମୂଲ୍ୟକୁ ଗ୍ରହଣ କରିନେଇଛନ୍ତି: "ଗଙ୍ଗାଧର ବାବୁଙ୍କର ଯେଉଁ ଅପ୍ରକାଶିତ ୫/୬ ହଜାର ପଂକ୍ତି ଅଛି ତାହା କିପରି ପ୍ରକାଶିତ ହେବ, ତାହାହିଁ ଆମ୍ଭମାନଙ୍କର ଆନ୍ତରିକ ଇଚ୍ଛା, ଆମ୍ଭମାନଙ୍କ ବିଶେଷ ଉଦ୍ଦେଶ୍ୟ ନୁହେଁ ଯେ ତାହା ଏକାକାରରେ ପ୍ରକାଶିତ ହେବ, ବରଂ ବିଦ୍ୟାରତ୍ନଙ୍କ ପ୍ରସ୍ତାବ ମତ ଖଣ୍ଡନ ହୋଇପାରିଲେ ଭଲ।" ସଂପୃକ୍ତ ରଚନାରେ ସମ୍ବଲପୁରର ବିଶିଷ୍ଟ ଓକିଲ ରାମନାରାୟଣ ମିଶ୍ର ଗଙ୍ଗାଧରଙ୍କର ଅପ୍ରକାଶିତ

ରଚନାବଳୀକୁ ପ୍ରକାଶ କରିବାପାଇଁ ସମ୍ମତି ଦେଇଥିବା ବିଷୟ ବ୍ରଜମୋହନ ବିଜ୍ଞାପିତ କରେଇଛନ୍ତି ଓ ତାଙ୍କ ଆବେଦନ ସଫଳ ହୋଇଛି ବୋଲି ସେ ଆନନ୍ଦ ପ୍ରକାଶ କରିଛନ୍ତି। ପୁଣି ରାମନାରାୟଣ ମିଶ୍ର ସମ୍ବଲପୁରର ବାସିନ୍ଦା ହୋଇଥିବାରୁ ସେ ଅଧିକ ଆନନ୍ଦିତ: "[ମୋର] ଆନନ୍ଦ ନିରତିଶୟ ଯେହେତୁ ଉକ୍ତବ୍ୟକ୍ତି ସ୍ଥାନୀୟ। ସେ ମୋହର ସେ ଆବେଦନ ପତ୍ର ପାଠ କରି କବିଙ୍କ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହେଲେ ଏବଂ ସେ ସ୍ୱତଃ ପ୍ରଣୋଦିତ ହୋଇ ସୁକବି ଗଙ୍ଗାଧରଙ୍କର ସମସ୍ତ ଅପ୍ରକାଶିତ ଲେଖାଗୁଡ଼ିକ ପ୍ରକାଶ କରିଦେବାକୁ ପ୍ରତିଶ୍ରୁତ ହେଲେ।" ଗୋଟାଏ ଦୃଷ୍ଟିରେ ଦେଖିଲେ, ବ୍ରଜମୋହନଙ୍କ ଆବେଦନ ଉପରେ ବିଦ୍ୟାରତ୍ନ ଯେଉଁ ଝଡ଼ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ, ତାହା ମୌସୁମୀରେ ପରିଣତ ହୋଇଛି— ଗଙ୍ଗାଧର ରଚନାବଳୀ ପ୍ରକାଶନ ପାଇଁ ତାହା ପଥ ଉନ୍ମୁକ୍ତ କରିଛି।

ଏହି ପତ୍ର-ସ୍ତବ (?) ପରେ ପରେ ହିଁ ରାମନାରାୟଣ ମିଶ୍ରଙ୍କ ଅର୍ଥାନୁକୂଲ୍ୟରେ ଗଙ୍ଗାଧରଙ୍କ 'କବିତା କଲ୍ଲୋଳ' ପ୍ରକାଶିତ ହୋଇଛି। ତେଣୁ କବିତା କଲ୍ଲୋଳ ପ୍ରକାଶନରେ ପଶ୍ଚାତ୍‌ପଟ କାହାଣୀ ଭାବରେ ଏହି ଆବେଦନ ଆଲୋଚନା ପ୍ରତ୍ୟାଲୋଚନାକୁ ଅଧିକାଂଶ ଗ୍ରହଣ କରିପାରନ୍ତି। ଦ୍ୱିତୀୟତଃ, ଗଙ୍ଗାଧରଙ୍କ ନିକଟକୁ ତାଙ୍କର କବିତା ସମ୍ପର୍କରେ ଅଭିମତ ଦେଇ ନନ୍ଦକିଶୋର ଲେଖିଥିବା ଦୀର୍ଘ ପତ୍ରଟିର ମୂଳ ରୂପ ଏହି 'ଆବେଦନ ପତ୍ର'ରୁ ଜଣାଯାଏ। ଏହି ପତ୍ରଟି ପ୍ରଥମେ 'କବିତା କଲ୍ଲୋଳ'ର ମୁଖବନ୍ଧ ରୂପେ ଓ ପରେ 'ଗଙ୍ଗାଧର ପତ୍ରାବଳୀ'ରେ ଅଳ୍ପ କେତେକ ପରିବର୍ତ୍ତନ ସହ ସନ୍ନିବିଷ୍ଟ। ଏହି ପତ୍ରରେ ନନ୍ଦକିଶୋର ଗଙ୍ଗାଧରଙ୍କର ଯେଉଁ ସବୁ କୃତିର ନାମୋଲ୍ଲେଖ କରିଥିଲେ, ସେଥିମଧ୍ୟରୁ ତିନୋଟି ଦତ୍ତ-ରଚନା ହୋଇଥିବାରୁ ସଚେତନ ଭାବରେ ଗଙ୍ଗାଧର ସେଇ ରଚନାଗୁଡ଼ିକର ସ୍ଥାନ ଶୂନ୍ୟ (୦) ଚିହ୍ନିତ କରି ଚିଠିଟି ବ୍ରଜମୋହନଙ୍କ ନିକଟକୁ ପଠାଇଥିଲେ ଓ ବ୍ରଜମୋହନ ମଧ୍ୟ ଅବିକଳ ସେହି ତିନୋଟି ରଚନାର ଶୀର୍ଷକ ଉଦ୍ଧୃତ କରିଛନ୍ତି। ବର୍ତ୍ତମାନ ଆଲୋଚନାରେ ଗୃହୀତ ତିନୋଟି ରଚନାର ଏହି ବାହ୍ୟ ବିଶେଷତ୍ୱର ଅନ୍ତରାଳରେ ଅନ୍ୟ କେତେକ ସୂଚନା ଲୁଚି ରହିଛି— ଯେଉଁ ସୂଚନାଗୁଡ଼ିକର ବିଶ୍ଳେଷଣ ଗଙ୍ଗାଧର ପ୍ରତିଭାର ସ୍ୱରୂପ ଓ ବିକାଶର କାହାଣୀ ରଚନା ପାଇଁ ଅପରିହାର୍ଯ୍ୟ ଉପାଦାନ।

## ।। ଦୁଇ ।।

ବ୍ରଜମୋହନ ଗଙ୍ଗାଧରଙ୍କ ପୁସ୍ତକାବଳୀ ପ୍ରକାଶିତ ହୋଇ ନପାରିବାର କାରଣ ଅବତାରଣା କରି ଲେଖିଛନ୍ତି: "....ନିର୍ଧନ କବିଙ୍କର ଯେପରି ସମ୍ବଳ ବା ସାହାଯ୍ୟ ନାହିଁ ଯହିଁରେ କି ସେ ସବୁ [ତାଙ୍କର କାବ୍ୟ କବିତାବଳୀ] ସହଜରେ ପ୍ରକାଶିତ ହୋଇପାରିବ। ପ୍ରତିଭାଶାଳୀ ଗଙ୍ଗାଧର କିରୂପ ନିର୍ଧନ ତାହା କବିବର ସ୍ୱର୍ଗତଃ ରାଧାନାଥଙ୍କ....., ଅଭିମତରୁ ସ୍ପଷ୍ଟ ରୂପେ ଅବଗତ ହୋଇପାରିବେ।" ତାଙ୍କର ପ୍ରତ୍ୟୁତ୍ତରରେ ସେ ଗଙ୍ଗାଧରଙ୍କୁ ନିର୍ଧନ ବୋଲି ମଧ୍ୟ କହିଛନ୍ତି। ପୂର୍ବରୁ ରାଧାନାଥ

ଓ ନନ୍ଦକିଶୋର ଗଙ୍ଗାଧର ଦରିଦ୍ର ଥିବାର ସାର୍ଟିଫିକେଟ୍ (?) ଦେଇଥିଲେ। କିନ୍ତୁ ନନ୍ଦକିଶୋର କେଉଁ ପରିପ୍ରେକ୍ଷୀରେ 'କିନ୍ତୁ ତୁମେ ଦୀନ କବି ରହିବ ଜୀବିତ' ଲେଖିଥିଲେ, ତାହା ପୂର୍ବରୁ ଆଲୋଚିତ। ଗଙ୍ଗାଧରଙ୍କ ଦାରିଦ୍ର୍ୟ ସମ୍ପର୍କରେ ଯେଉଁ ଧାରଣା ଓଡ଼ିଆ ସାହିତ୍ୟର ଛାତ୍ର, ଶିକ୍ଷକ ଓ ଗବେଷକମାନଙ୍କ ମଧ୍ୟରେ ଗଢ଼ିଉଠିଛି, ତାହା ସୃଷ୍ଟି କରିବାରେ ବ୍ରଜମୋହନଙ୍କର ଭୂମିକା ନ୍ୟୁନ ନୁହେଁ।

ନିଜର ବ୍ୟକ୍ତିଗତ ପାରିବାରିକ କାରଣରୁ ୧୮୯୮ ମସିହା ପରେ ଗଙ୍ଗାଧର ଏହି ଧାରଣା ସହ ପରୋକ୍ଷରେ ସହଯୋଗ କରିଛନ୍ତି। ଅନେକ ସମୟରେ ତାଙ୍କର ବିନୟ ଦାରିଦ୍ର୍ୟ-ଧାରଣାର ପରିପୋଷକ ହୋଇଛି। ତପସ୍ୱିନୀର 'ଦରିଦ୍ରତା ପଙ୍କେ ପୂର୍ଣ୍ଣ ମୋ ଜୀବନ ସର' ଆଦି ପଂକ୍ତି ବାସ୍ତବ ଅବସ୍ଥାର ଅବବୋଧ ଭିତ୍ତିରେ ଆଲୋଚନା କରାନଯାଇ ପୂର୍ବ-ଧାରଣାକୁ ଦୃଢ଼ତର କରିବାପାଇଁ ବିଶ୍ଳେଷଣ କରାଯାଇଛି। ଠିକ୍ ସେହିଭଳି ବ୍ରଜମୋହନ ପଣ୍ଡାଙ୍କୁ ତା ୨୧।୧୧।୧୯୧୦ରିଖରେ ସେ ଲେଖିଥିବା ଚିଠିର ଅଂଶବିଶେଷ, "ମୋର ପିତାମାତାଙ୍କର ଅବସ୍ଥା ଅତି ଶୋଚନୀୟ ଥିଲା" (ପତ୍ରାବଳୀ, ପୃ. ୨୮)କୁ ଆଲୋଚକମାନେ ବିସ୍ତାରିତ କରି ତାଙ୍କ ଆର୍ଥିକ ଅବସ୍ଥାର ଏକ କରୁଣ ଚିତ୍ର ଅଙ୍କନ କରିଥାନ୍ତି। ଏଭଳି ଚିତ୍ରଣ ଗଙ୍ଗାଧରଙ୍କର ତଥାକଥିତ ପୃଷ୍ଠପୋଷକମାନଙ୍କର ମହତ୍ତ୍ୱକୁ ବହୁଗୁଣିତ କରିଛି। ଡକ୍ଟର୍ ନଟବର ସାମନ୍ତରାୟଙ୍କ ଭଳି ପ୍ରାଜ୍ଞ ସମାଲୋଚକ ଗଙ୍ଗାଧରଙ୍କ ପ୍ରତିଭା ବିଶ୍ଳେଷଣ କଲାବେଳେ ଦାରିଦ୍ର୍ୟ ତାଙ୍କ ସାହିତ୍ୟ ବିଚାରର ମାନଦଣ୍ଡ ନୁହେଁ କହିବା ପରେ ବି ତାଙ୍କର ଦାରିଦ୍ର୍ୟ ନେଇ ଆଲୋଚନା କରିଛନ୍ତି। (ସାମନ୍ତରାୟ ୧୯୭୫ ପୃ. ୧୬-୧୭) ଦାରିଦ୍ର୍ୟକୁ ଗଙ୍ଗାଧର ସାହିତ୍ୟ ବିଚାରର ମାନଦଣ୍ଡ କରିଥିବା ଡକ୍ଟର୍ ମାନସିଂହଙ୍କୁ ଅନୁସରଣ କରି ଡକ୍ଟର୍ ନରେନ୍ଦ୍ର ନାଥ ପ୍ରଧାନ ଏହି ସମ୍ପର୍କରେ ମତବ୍ୟକ୍ତ କରି ଲେଖିଛନ୍ତି : "ଗଙ୍ଗାଧରଙ୍କ ପ୍ରଧାନ ଜୀବିକା ଥିଲା ତନ୍ତବାଳନା। ଏହି ବୃତ୍ତି ଉପରେ ନିର୍ଭର କରୁଥିଲା ତାଙ୍କର ଦାରିଦ୍ର୍ୟ-ନିପୀଡ଼ିତ ପରିବାର। ସେହି ଦାରିଦ୍ର୍ୟର ତୀବ୍ରତା ତାଙ୍କୁ ଉଚ୍ଚଶିକ୍ଷା ଲାଭ ପାଇଁ ଅନୁମତି ପ୍ରଦାନ କରିନଥିଲା। (ପ୍ରଧାନ ୧୯୬୬, ପୃ. ୫) କେହି କେହି ଆଉରୁ ଆଉ ଦୁଇ ପାଦ ଯାଇ ତାଙ୍କ ଦରିଦ୍ରତାକୁ ମହିମାନ୍ୱିତ ଦରିଦ୍ରତା ବୋଲି କହିଛନ୍ତି। ପ୍ରଥମେ ରାଧାନାଥ ନନ୍ଦକିଶୋରଙ୍କ ଦ୍ୱାରା କଳ୍ପିତ ଗଙ୍ଗାଧରଙ୍କ ଦରିଦ୍ରରୂପ ବ୍ରଜମୋହନଙ୍କ ଦ୍ୱାରା ରେଖାଚିତ୍ରରେ ପରିଣତ ହୋଇଛି। କବିଙ୍କ ପ୍ରତି ସହାନୁଭୂତି ଦେଖାଇ ମାନସିଂହ ଓ ବ୍ରଜମୋହନଙ୍କ ଗୌରବ ପ୍ରତିଷ୍ଠା କରିବାକୁ ଯାଇ ଶିବପ୍ରସାଦ ଦାଶ ତାହାକୁ ରଙ୍ଗୀନ କରିଛନ୍ତି। ଅନ୍ୟମାନେ ଗଙ୍ଗାଧର ଜୀବନ ଓ ସାହିତ୍ୟର ଅଧ୍ୟୟନ କଲାବେଳେ ଏହି ପ୍ରସଙ୍ଗରେ ମୁଖ୍ୟତଃ, ମାନସିଂହ ଓ ଦାଶଙ୍କୁ ଅନୁସରଣ କରିଛନ୍ତି।

ପଙ୍କରୁ ପଙ୍କଜ, ଶାମୁକାରୁ ମୁକ୍ତା ସୃଷ୍ଟି ହେଲାଭଳି କେହିକେହି ଦାରିଦ୍ର୍ୟ ଓ ପ୍ରତିକୂଳ ପରିବେଶ ମଧ୍ୟରୁ ଯଥାର୍ଥ ପ୍ରତିଭାର ପ୍ରକାଶ ଓ ବିକାଶ ବୋଲି

ମନେ କରିଥାନ୍ତି। ଅନ୍ତତଃ ଏହି କ୍ଷେତ୍ରରେ ଗଙ୍ଗାଧରଙ୍କ ଉକ୍ତି : "ମହତ ଜନ୍ମର ହୀନ ଗର୍ଭେ ଏହା ଭବେ ନୁହେଁ ଅସମ୍ଭବ" ପଙ୍କରୁ ପଙ୍କଜ ଶୁକ୍ତିରୁ ମୌକ୍ତିକ ହୁଅଇ ସଦା ସମ୍ଭବ (ଗ୍ରନ୍ଥାବଳୀ, ୧୯୭୭, ପୃ.୬୭)କୁ ଧ୍ରୁବ ସତ୍ୟ ବୋଲି ମାନି ନେଇଥାନ୍ତି। ଉକ୍ତିଟିର ଦାର୍ଶନିକ ମୂଲ୍ୟ ଯାହା ଥାଉ ନା କାହିଁକି, ତାହାର ଐତିହାସିକ ମୂଲ୍ୟ ବିଶେଷ ନାହିଁ। କାରଣ ଦାରିଦ୍ର୍ୟ ଓ ଅନାଟନ ମଣିଷକୁ ଅବଶିଷ୍ଟରେ ପରିଣତ କରେ। ବଞ୍ଚିବାର ସଂଗ୍ରାମ ଭିତରେ, ତା'ର ଜୈବିକତାର ଆବଶ୍ୟକତା ପୂରଣ କରିବାକୁ ଯାଇ ମଣିଷର ମାନବିକତା ହଜିଯାଏ। ମଣିଷର ସୃଷ୍ଟିଶୀଳତା— ପ୍ରତିଭା— ତା'ର ମାନବତ୍ୱର ପ୍ରକାଶ। ତେଣୁ ଦାରିଦ୍ର୍ୟ ଭିତରେ ପ୍ରତିଭା ମରିଯାଏ, ଅନଟନ ବିରୁଦ୍ଧରେ ଓ ଉଦର-ପୂର୍ତ୍ତିପାଇଁ ସଂଗ୍ରାମ କରିବାକୁ ଯାଇ ତା'ର ସୃଷ୍ଟିଶୀଳତା ହଜିଯାଏ। ଗଙ୍ଗାଧର ସତରେ ଯଦି ଅତି ଦରିଦ୍ର ହୋଇଥାନ୍ତେ, ଗ୍ରାସ ଓ ଆଚ୍ଛାଦନ ପାଇଁ ତାଙ୍କୁ ଜୀବନ ସାରା ଅପ୍ରାଣ ସଂଘର୍ଷ କରିବାକୁ ପଡ଼ିଥାନ୍ତା, ତେବେ ସେ କବି ହୋଇପାରିନଥାନ୍ତେ— ଅନ୍ତତଃ ଆଧୁନିକ କାଳର କବି ହୋଇପାରିନଥାନ୍ତେ। ଖୁବ୍ ବେଶିରେ ଲୋକକବି ବା ଆଶୁ କବିଟିଏ ହୋଇପାରିଥାନ୍ତେ। (ତାଙ୍କୁ 'ସ୍ୱଭାବ କବି' କହିଲାବେଳେ ଏହି ଏକ ଧାରଣା ସଂପୃକ୍ତ ଥାଏ।) କବିଙ୍କର ଜୀବନକୁ ବାସ୍ତବ ଇତିହାସଠାରୁ ବିଚ୍ଛିନ୍ନ କରି ଦେଖିଥିବାରୁ ଏଭଳି କିମ୍ଭୂତକିମାକାର ଧାରଣା ସବୁର ସୃଷ୍ଟି ହୋଇଛି।

ଗଙ୍ଗାଧର ତାଙ୍କ ଆତ୍ମଜୀବନୀରେ ଆପଣା ପରିବାରର ଯେଉଁ ଚିତ୍ର ଅଙ୍କନ କରିଛନ୍ତି, ସେଥିରୁ ଜଣାଯାଏ ଯେ ତାଙ୍କର ପରିବାର ଥିଲା ଏକ ଗ୍ରାମୀଣ ମଧ୍ୟବିତ୍ତ ପରିବାର। ପଶ୍ଚିମ ଓଡ଼ିଶାର ଭୁଲିଆମାନେ ସାଧାରଣତଃ ଆର୍ଥିକ ଦିଗରୁ ସମୃଦ୍ଧ। ବସ୍ତ୍ରବୟନ, ବ୍ୟବସାୟ, ମହାଜନୀ କାରବାର ସେମାନଙ୍କର ମୁଖ୍ୟ ଜୀବିକା। (Senapati and Mohanty, 1971, p. 114) ଗଙ୍ଗାଧରଙ୍କ ପରିବାର ହୁଏତ ଅନ୍ୟାନ୍ୟ ଭୁଲିଆମାନଙ୍କ ଭଳି ସମୃଦ୍ଧିଶାଳୀ ନଥିଲେ। ତଥାପି କୌଳିକ ବ୍ୟବସାୟ କରି ସେମାନେ ଏକ ସାଧାରଣ ଜୀବନ ଅତିବାହିତ କରୁଥିଲେ। କବିଙ୍କ ପିତା ଚୈତନ୍ୟ ନେହେର ଆଳସ୍ୟ ଓ ଅବହେଳାରେ କୌଳିକ ବୃତ୍ତି ପ୍ରତି ଅମନୋଯୋଗୀ ହେବାରୁ, ଗଙ୍ଗାଧର ଜୀବନର ଆଦ୍ୟ ପର୍ଯ୍ୟାୟରେ ଅଳ୍ପ କେତେ ବର୍ଷ ପାଇଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ। ତାଙ୍କରି ଚେଷ୍ଟା ଫଳରେ ସେହି ଅବସ୍ଥା ବଦଳି ଯାଇଥିଲା। ସାହିତ୍ୟ ସାଧନାରେ ନିମଜ୍ଜିତ ରହିଲାବେଳକୁ ଜଣେ ସାଧାରଣ ଗ୍ରାମୀଣ ମଧ୍ୟବିତ୍ତର ଆର୍ଥିକ ସ୍ଥିତି ମଧ୍ୟଦେଇ ସେ ଜୀବନ ଅତିବାହିତ କରୁଥିଲେ। (ଗଙ୍ଗାଧରଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ବିସ୍ତାରିତ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ : ଉଦଗାତା ୧୯୮୮ ପୃ. ୧୨-୧୬) ବସ୍ତୁତଃ ଆପଣାର ଦୈନନ୍ଦିନ ଓ ବସ୍ତୁଗତ ଆବଶ୍ୟକତା ପରିପୂରଣପାଇଁ ତାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା। ସମକାଳୀନ ବରପାଲି ଅଞ୍ଚଳରେ ସେ ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ— ଉଦାର ହୃଦୟରେ ସତ୍କାର୍ଯ୍ୟ ପାଇଁ ଦାନ ମଧ୍ୟ ଦେଉଥିଲେ।

('ସମ୍ବଲପୁର ହିତୈଷିଣୀ' ୮/୩/୮ର ଚରପାଲି ସମ୍ବାଦ ଏହାର ସାକ୍ଷ୍ୟ ବହନ କରେ)।

ଗ୍ରାମୀଣ ମଧ୍ୟବିତ୍ତ ଜୀବନ କିନ୍ତୁ ସାହିତ୍ୟ ଚର୍ଚ୍ଚାର, ବିଶେଷତଃ ଆଧୁନିକ ସାହିତ୍ୟ ସୃଷ୍ଟିର, ଅନୁକୂଳ ନୁହେଁ। ଆଧୁନିକ ସାହିତ୍ୟ ଚର୍ଚ୍ଚା କରିବାପାଇଁ ଯେଉଁ ନାଗରିକ ଜୀବନ ଓ ଅବସର ଆବଶ୍ୟକ ତାହା ଗଙ୍ଗାଧରଙ୍କ ପାଇଁ କେବେ ସୁଲଭ ନଥିଲା। ପୂର୍ବ ଅଧ୍ୟାୟରେ ଆଲୋଚିତ କାରଣରୁ ୧୮୯୮ ମସିହାପରେ ନିଜର ଆର୍ଥିକ ସମ୍ପର୍କରେ ସେ ସଚେତନ ହୋଇପଡ଼ିଥିଲେ। ଆପଣାର ଗ୍ରାମୀଣ ମଧ୍ୟବିତ୍ତ ସ୍ଥିତି ସହିତ ଆଧୁନିକ ଯୁଗର ଜଣେ ଲେଖକ/ପାଠକ ହେବାର ତୀବ୍ର ଆକାଂକ୍ଷା ତାଙ୍କ ମନରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା, ତାହା ଫଳରେ ତାଙ୍କୁ ବୈଷୟିକ ଓ ସାହିତ୍ୟିକ ଜୀବନରେ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଥିଲା। ତା' ସହିତ ଥିଲା ତାଙ୍କ ରଚନାବଳୀର ପ୍ରକାଶନ ଓ ପ୍ରସାରଣ ସମସ୍ୟା। ତାଙ୍କର ସମକାଳୀନ ଘଟଣା ପ୍ରବାହ ଓ ଅନ୍ୟାନ୍ୟ ସମସ୍ୟାଠାରୁ ତାଙ୍କ ଜୀବନ ଇତିହାସକୁ ବିଚ୍ଛିନ୍ନ କରି ଦେଖିବା ଫଳରେ ଗଙ୍ଗାଧରଙ୍କ ତଥାକଥିତ ଦାରିଦ୍ର୍ୟ ଏକ ମିଥ୍ୟା ଭାବବଳୟ ସୃଷ୍ଟି କରିଛି। ଗଙ୍ଗାଧର ଲେଖକ ହିସାବରେ ମାନସିକ ସ୍ତରରେ କେବଳ ସଂଘର୍ଷ କରିନାହାନ୍ତି। (ଯେଉଁ ସଂଘର୍ଷ ପ୍ରତ୍ୟେକ କବି ଲେଖକଙ୍କ ପକ୍ଷରେ ସ୍ୱାଭାବିକ) ନିଜ ରଚନାବଳୀର ପ୍ରକାଶ ଓ ପ୍ରସାରଣ ପାଇଁ ବହୁଦିନ ପର୍ଯ୍ୟନ୍ତ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଛି। ଏହି ସଂଘର୍ଷ ତାଙ୍କ ରଚନାବଳୀର ଚେହେରା ଓ ପରିମାଣକୁ ଅନେକାଂଶରେ ପ୍ରଭାବିତ କରିଛି। ଏହି ସଂଘର୍ଷ ସହିତ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଓ ପ୍ରବଣତାର ସଂଯୋଗ ହୁଏତ ରହିଛି, କିନ୍ତୁ ତାହା ସାମାନ୍ୟ। ବାହାରର ଘଟଣା ଓ ସମସ୍ୟାବଳୀ ଦ୍ୱାରା ସେହି ସଂଘର୍ଷ ମୁଖ୍ୟତଃ ଆବର୍ତ୍ତିତ।

## ॥ ତିନି ॥

ଜର୍ମାନ ସମାଜ-ବିଜ୍ଞାନୀ ଶୁକିଂ ଆଧୁନିକ ଯୁଗରେ ପ୍ରକାଶକମାନଙ୍କର ଭୂମିକା ଉପରେ ଆଲୋକପାତ କରି ଲେଖିଥିଲେ; "ସାହିତ୍ୟର ଇତିହାସ ଯେଉଁମାନେ ପଢ଼ନ୍ତି, ସେମାନେ ହୁଏତ ମନେ କରିପାରନ୍ତି ଯେ ଆପଣା ଛାଏଁ ସାହିତ୍ୟିକମାନଙ୍କର ରଚିତ ଗ୍ରନ୍ଥସବୁ ଜନସାଧାରଣଙ୍କର ଦୃଷ୍ଟି ଓ କର୍ଣ୍ଣଗୋଚର ହୋଇଛି, ସାଧାରଣ ପାଠକ ନିକଟରେ ସେଇସବୁ ରଚନା ନିଜ ଗୁଣରେ ପ୍ରଶଂସିତ ଓ ସ୍ୱୀକୃତ। ସମ୍ରାଟଙ୍କର ଉତ୍ତରାଧିକାରୀ ଯେଉଁଳି ସ୍ୱାଭାବିକ ଭାବରେ ସିଂହାସନ ଆରୋହଣ କରନ୍ତି, ଅନୁରୂପ ଭାବରେ ଲେଖକଙ୍କର ରଚନା ମଧ୍ୟ ନିଜସ୍ୱ ଗୁଣରେ ପ୍ରତ୍ୟାଶିତ ଖ୍ୟାତି ଅର୍ଜନ କରେ। ହଠାତ୍ ଦିନେ ସକାଳୁ ନିଦରୁ ଉଠି ନିଜକୁ ସ୍ୱନାମଧନ୍ୟ ବୋଲି ଆବିଷ୍କାର କରିଛନ୍ତି, ଏଭଳି ଭାଗ୍ୟବାନ୍ ଲେଖକ ଅତି ବିରଳ। ସାହିତ୍ୟିକ ଖ୍ୟାତି ମନ୍ଦିରରେ ପ୍ରବେଶ କରିବାକୁ ହେଲେ ପ୍ରଥମେ ଦ୍ୱାରପାଳମାନଙ୍କ ଅନୁମତି ସୁପାରିଶ ନେବାକୁ ପଡ଼େ। ଏହି ଅନୁମତି ପ୍ରାପ୍ତି କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ନିର୍ଭର। ....ବର୍ତ୍ତମାନ

ଯୁଗରେ ଏହି ଦ୍ୱାରପାଳଗଣ ହେଲେ ପ୍ରକାଶକ ଓ ନାଟ୍ୟ ପରିଚାଳକ ବୃନ୍ଦ (Schucking, 1944, p.42) ଅର୍ଥାତ୍ ଆଧୁନିକ ଯୁଗରେ ପ୍ରକାଶକଙ୍କର ସହାନୁଭୂତି ନପାଇଲେ କୌଣସି କବି ଓ ସାହିତ୍ୟିକ ଲୋକଚକ୍ଷୁର ଅନ୍ତରାଳରେ ରହିଯାନ୍ତି। ପ୍ରକାଶକ ଲେଖକଙ୍କର ଗ୍ରନ୍ଥ ନିର୍ବାଚନ, ମୁଦ୍ରଣ ଓ ବୃହତ୍ତର ପାଠକ-ଗୋଷ୍ଠୀ ଉଦ୍ଦେଶ୍ୟରେ ପ୍ରସାର କରନ୍ତି। ପୁସ୍ତକ ପ୍ରକାଶିତ ନହେଲା ପର୍ଯ୍ୟନ୍ତ ଲେଖକ ପାଣ୍ଡୁଲିପିର ଅନ୍ଧକାର ରାଜ୍ୟରେ ହିଁ ବାସ କରିଥାନ୍ତି। ମୁଦ୍ରଣଶିଳ୍ପର ବିକାଶ ଫଳରେ ଲେଖକ ରାଜସଭାରୁ ମୁକ୍ତିଲାଭ କରିଛନ୍ତି ସତ୍ୟ, ମାତ୍ର ପରୋକ୍ଷରେ ଧନୀ ପ୍ରକାଶକମାନେ ସେହି ସ୍ୱାଧୀନତାକୁ ଅପହରଣ କରିଛନ୍ତି।

ଊନବିଂଶ ଶତକରେ ଓଡ଼ିଶା ଔପନିବେଶିକ ଶାସନ ଭିତରେ ଥାଇ ଆଧୁନିକ ଯନ୍ତ୍ର ସଭ୍ୟତା ଓ ପୁଞ୍ଜିବାଦୀ ଅର୍ଥନୀତିର ଯୁଗରେ ପ୍ରବେଶ କରିଥିଲା। ଇଂରେଜ ଶାସନର ଆବଶ୍ୟକତା ଅନୁଯାୟୀ ଏଭଳି ଆର୍ଥନୀତିକ ଓ ସାମାଜିକ ବିକାଶର ଗତି ଥିଲା ଶିଥିଳ ଓ ଅସମ। ତେଣୁ ପ୍ରତିଷ୍ଠିତ ପରମ୍ପରା, ସଂହତ ସମାଜ ଓ ସ୍ୱୟଂସମ୍ପୂର୍ଣ୍ଣ ଆର୍ଥନୀତିକ ବିନ୍ୟାସ ଗୋଟାଏ ପଟରେ ଧ୍ୱଂସ ହୋଇଗଲାବେଳେ ସେ ସବୁକୁ ସ୍ଥାନାନ୍ତରିତ କଲାଭଳି ସାମାଜିକ ଓ ଆର୍ଥନୀତିକ ଶକ୍ତି କ୍ରିୟାଶୀଳ ହୋଇନଥିଲା। ଏହାର ପ୍ରଭାବ ପଡ଼ିଥିଲା ସଂସ୍କୃତି ଉପରେ। ଆମର ସାଂସ୍କୃତିକ ପ୍ରବୃତ୍ତିଗୁଡ଼ିକ ଗୋଟାଏ ପଟରେ ଅବକ୍ଷୟର ସମ୍ମୁଖୀନ ହେଲାବେଳେ ଅପରପକ୍ଷରେ ନୂତନ ସାଂସ୍କୃତିକ ପ୍ରବୃତ୍ତିଗୁଡ଼ିକ ଥିଲା ଦୁର୍ବଳ ଓ ତେଜହୀନ। ଏହାରି ପରିଣତି ସାହିତ୍ୟକ୍ଷେତ୍ରରେ ହୋଇଥିଲା ଭୟଙ୍କର। ଲୋକସଭାର ଓ ରାଜସଭାର ସାହିତ୍ୟ ଅସ୍ୱୀକୃତ ହେଲାବେଳେ ଓଡ଼ିଶାରେ ଆଧୁନିକ ସାହିତ୍ୟର ଅଭ୍ୟାଗମ ଥିଲା ସୀମିତ। ବଙ୍ଗଳା ସାହିତ୍ୟର ଅନୁକରଣରେ ପାଶ୍ଚାତ୍ୟ ସାହିତ୍ୟରୁ କିଛି କଲମି ହୋଇଥିବା ଗୀତି କବିତା ଓ ଦୀର୍ଘ କାହାଣୀ କାବ୍ୟ ଆଧୁନିକ ସାହିତ୍ୟର ପ୍ରତିନିଧି ଭାବରେ ସ୍ୱୀକୃତ ହୋଇଥିଲା। ପୁଞ୍ଜିର ଅଭାବ ହେତୁ ମୁଦ୍ରଣ ଶିଳ୍ପ ଓ ପ୍ରକାଶନ ସଂସ୍ଥା ଏଠାରେ ସ୍ୱାଧୀନ ଭାବରେ ଗଢ଼ି ଉଠିନଥିଲା। ଅଧିକାଂଶ ଲେଖକ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ରଚନା ପାଣ୍ଡୁଲିପି-ଗର୍ଭରୁ ମୁକ୍ତି ପାଉନଥିଲା। ପତ୍ରିକା ସଂପାଦକ, ଶିକ୍ଷା ପ୍ରଶାସକ, ପାଠ୍ୟପୁସ୍ତକ ବ୍ୟବସାୟୀଙ୍କର ଅସାଧୁ ମେଣ୍ଟ ନିକଟରେ ଗଙ୍ଗାଧରଙ୍କ ଭଳି ଅଧିକାଂଶ କବିଙ୍କୁ ଅସହାୟ ଭାବରେ କୃପାପାତ୍ର ଧରି ଛିଡ଼ାହେବାକୁ ପଡୁଥିଲା। ତେଣୁ ସ୍ୱାଭାବିକ ଭାବରେ ଧାର୍ମିକ ସଂସ୍ଥା ବା ଉପରୋକ୍ତ ମେଣ୍ଟଠାରୁ ଦୂରରେ ଥିବା ସାହିତ୍ୟିକମାନେ କ୍ରମଶଃ ନିଶ୍ଚିହ୍ନ ହୋଇ ଯାଇଛନ୍ତି। ଯେଉଁମାନେ କୌଣସି ରାଜା ଜମିଦାର ବା ପ୍ରକାଶକଙ୍କର କୃପା ପାଇଛନ୍ତି ବା ଚାରି ଦଉଡ଼ି ଜଗା ହୋଇ ନିଜର ସମସ୍ତ ସମ୍ବଳ ସାହିତ୍ୟ ପାଇଁ ବିନିଯୋଗ କରିଛନ୍ତି ସେମାନେ ଆଂଶିକ ଭାବରେ ନିଜକୁ ଲେଖକ ଭାବରେ ପ୍ରତିଷ୍ଠିତ କରି ପାରିଛନ୍ତି। ଓଡ଼ିଶାରେ ଶିକ୍ଷିତ ସଂଖ୍ୟାନ୍ୟୂନତା ଓ ମଧ୍ୟବିତ୍ତ ଶ୍ରେଣୀର ଦୁର୍ବଳତା

ଏହି ସମସ୍ୟାକୁ ଉତ୍କଟତର କରିଥିଲା । ବିଦ୍ୟାରତ୍ନ ମହାଶୟ ସେଥିପାଇଁ ବର୍ତ୍ତମାଣ ଆଲୋଚନାରେ ଲେଖିଛନ୍ତି : "ଓଡ଼ିଶା ଆକାରରେ ସାନ, ଶିକ୍ଷିତ ସଂଖ୍ୟା ସ୍ୱଳ୍ପ, ପାଠାନୁରାଗୀ ସଂଖ୍ୟା ତଦପେକ୍ଷା ଅନେକାଂଶରେ ଊଣା । ଏପରିସ୍ଥଳେ ଅଧିକ ଛାପା ଖରଚ ଦେଇ ଓଡ଼ିଆ ପୁସ୍ତକ ଛାପା କଲେ ତାହା ଶୀଘ୍ର ବିକ୍ରୟର ସମ୍ଭାବନା ନାହିଁ । ଏଣୁ ସଦ୍‌ଗ୍ରନ୍ଥମାନ ପ୍ରକାଶରେ ବାଧା ଘଟୁଅଛି ।"

ଗଙ୍ଗାଧରଙ୍କ ପାଇଁ ଏହି ପ୍ରତିକୂଳ ଅବସ୍ଥା ଥିଲା ଅତ୍ୟନ୍ତ ଉତ୍କଟ । ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶା ଆଧୁନିକ ଶିକ୍ଷା, ସାହିତ୍ୟ ତଥା ପୁଞ୍ଜିବିନିଯୋଗ କ୍ଷେତ୍ରରେ ଥିଲା ଅତ୍ୟନ୍ତ ପଛରେ । ତଥାକଥିତ ବିକାଶର ସମ୍ଭାବନା ପ୍ରାୟତଃ ଏଠାରେ ନଥିଲା । ସମ୍ବଲପୁର ଅଞ୍ଚଳର ଭାଷା ତତ୍‌କାଳୀନ ସାହିତ୍ୟିକ ଓଡ଼ିଆ ଭାଷାଠାରୁ ଥିଲା ସ୍ୱତନ୍ତ୍ର ଓ ଅପର ପକ୍ଷରେ ଆଞ୍ଚଳିକ ଭାଷା ଏକ ସାହିତ୍ୟିକ ଭାଷାରେ ପରିଣତ ହେବାପାଇଁ ନିଜକୁ ପ୍ରସ୍ତୁତ କରିନଥିଲା । ସମ୍ବଲପୁରର ମୂଳ ଅଧିବାସୀମାନଙ୍କର ପାରସ୍ପରିକ ଦ୍ୱନ୍ଦ୍ୱ ଓ ବିରୋଧର ସୁଯୋଗ ନେଇ ଏଠାରେ ପୂର୍ବ-ଓଡ଼ିଶା ବା ଦକ୍ଷିଣକୋଶଳରୁ ଆଗତ ଉଚ୍ଚବର୍ଣ୍ଣର ଲୋକମାନେ ଆଧିପତ୍ୟ ବିସ୍ତାର କଲେ ବି ଊନବିଂଶ ଶତକ ପର୍ଯ୍ୟନ୍ତ ସେମାନେ ପଶ୍ଚିମ ଓଡ଼ିଶାରେ ଏକ ବିଧିବଦ୍ଧ ସାହିତ୍ୟିକ ସଂସ୍କୃତି (literary culture) ଗଢ଼ିପାରି ନଥିଲେ । ଫଳରେ ପଶ୍ଚିମ ଓଡ଼ିଶାର କୌଣସି ଲେଖକଙ୍କୁ ଲେଖକୀୟ-ସ୍ୱୀକୃତି ପାଇଁ ପୂର୍ବ-ଓଡ଼ିଶା-ନିର୍ଭର ହେବାକୁ ପଡୁଥିଲା । ପୁଣି ସମ୍ବଲପୁର ଭଳି ଜିଲ୍ଲା-ପ୍ରଶାସନଭିତ୍ତିକ ସହର ବା ଦେବଗଡ଼ ଭଳି ରାଜସଭା ତୁଳନାରେ ବରପାଲିର ଅବସ୍ଥା — ଏସବୁକୁ ବିଚାରକୁ ନେଲେ — ଥିଲା ଅତ୍ୟନ୍ତ ନୈରାଶ୍ୟଜନକ । ଫଳରେ ଗଙ୍ଗାଧରଙ୍କ ପକ୍ଷରେ କବି ଭାବରେ ଆତ୍ମପ୍ରକାଶ ସହଜ ନଥିଲା । ଆପଣାର ସ୍ୱଳ୍ପ ସୁଯୋଗକୁ ସର୍ବାଧିକ ଉପଯୋଗ କରି ଗଙ୍ଗାଧରଙ୍କ ଲେଖକ ଜୀବନ କିଭଳି ବିକଶିତ ହୋଇଥିଲା, ତାହା ପୂର୍ବରୁ ଆଲୋଚିତ । ଫଳରେ ତାଙ୍କର ଅଧିକାଂଶ ପୁସ୍ତକରେ ପ୍ରକାଶକ ଥିଲେ ସେ ନିଜେ ବା ତାଙ୍କର ବନ୍ଧୁବର୍ଗ । ରାଧାନାଥଙ୍କ ଭଳି ଶିକ୍ଷା ବିଭାଗର ଉଚ୍ଚ କର୍ମୀଙ୍କ ପାଇଁ ରାଜ ପୃଷ୍ଠପୋଷକତା ସୁଲଭ ହେଲାବେଳେ ଗଙ୍ଗାଧରଙ୍କ ପାଇଁ ସେହି ପୃଷ୍ଠପୋଷକତା ସୁଲଭ ନଥିଲା । ଗୌରୀଶଙ୍କର ବା ଗୋବିନ୍ଦ ରଥଙ୍କ ଭଳି ଦେଶପ୍ରେମୀ ପ୍ରକାଶକମାନେ ମୁଖ୍ୟତଃ ଥିଲେ ପ୍ରାଚୀନ ସାହିତ୍ୟର ପ୍ରକାଶକ । ବିଭିନ୍ନ କାରଣରୁ ଗଙ୍ଗାଧରଙ୍କ ସହ ସେମାନଙ୍କର ଉତ୍ତମ ସମ୍ପର୍କ ବହୁଦିନ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇପାରି ନଥିଲା । ଅପର ପକ୍ଷରେ 'ଉତ୍କଳପ୍ରଭା'ରେ ଅନ୍ୟାନ୍ୟ ଲେଖକଙ୍କର କ୍ଷୁଦ୍ର ରଚନାବଳୀ ଯଥେଷ୍ଟ ପୁରସ୍କାର ଲାଭ କରିଥିଲାବେଳେ ଗଙ୍ଗାଧରଙ୍କ 'ଇନ୍ଦୁମତୀ'ର ପ୍ରଥମାଂଶ ପୁରସ୍କାର ପାଇଥିଲା ମାତ୍ର କୋଡ଼ିଏ ଟଙ୍କା ଓ ଦ୍ୱିତୀୟାଂଶ ପାଇଁ ସେ କୌଣସି ପୁରସ୍କାର ପାଇନଥିଲେ । 'ଇନ୍ଦୁମତୀ' ପାଇଁ ଏଭଳି ସ୍ୱଳ୍ପ ପରିମାଣ ପୁରସ୍କାର ରାଧାନାଥ ଓ ବିଦ୍ୟାରତ୍ନଙ୍କୁ ବିସ୍ମିତ କରିଥିଲା । ରାଧାନାଥ ଗଙ୍ଗାଧରଙ୍କୁ ସହାନୁଭୂତି ଦେଖାଇ ବ୍ୟକ୍ତିଗତ ପତ୍ରରେ

ଲେଖିଥିଲେ : "ପ୍ରଭା ଅଫିସର ପାରିତୋଷିକ ବିବରଣ ଦେଖି ଅବାକ୍ ହୋଇଅଛି। ହୀରା ଜିରାର ସମାନ ଦର, ଆମ୍ଭମାନଙ୍କ ପରି ଅକ୍ଷମ ଲୋକଙ୍କ ଭଲମନ୍ଦ ଜ୍ଞାନ ବାସ୍ତବିକ୍ ମନସ୍ତାପର କାରଣ।" (କବିଲିପି ପୃ. ୬୫) ବିଦ୍ୟାରତ୍ନ ତାଙ୍କର ବିରକ୍ତି ଓ ଅସନ୍ତୋଷକୁ ସମ୍ବାଦ ପତ୍ର ପୃଷ୍ଠାକୁ ନେଇ ଯାଇଥିଲେ : "ଉତ୍କଳ ପ୍ରଭାର ତୃତୀୟଭାଗ ପଞ୍ଚମ ସଂଖ୍ୟାଠାରୁ ଦ୍ୱାଦଶ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶିତ। ପ୍ରବନ୍ଧ ମାନଙ୍କର ଗୁଣାଗୁଣ ବିବେଚନାରେ ନିମ୍ନୋକ୍ତ ରୂପେ ପ୍ରବନ୍ଧ ଲେଖକମାନଙ୍କୁ ପୁରସ୍କାର ଦିଆଯାଇଅଛି।

| ପ୍ରବନ୍ଧର ନାମ | ଲେଖକଙ୍କ ନାମ | ପୁରସ୍କାର |
|---|---|---|
| ୧। ପ୍ରକୃତି ଓ ଶ୍ମଶାନ | ଶ୍ରୀବାବୁ ସାଧୁଚରଣ ରାୟ | ୧୦.୦୦ |
| ୨। ଇନ୍ଦୁମତୀ | ଶ୍ରୀବାବୁ ଗଙ୍ଗାଧର ମେହେର | ୨୦.୦୦ |
| ୩। କରୁଣାକାବ୍ୟ | ଶ୍ରୀବାବୁ ଶ୍ରୀନାଥ ଗୁପ୍ତ | ୨୦.୦୦ |
| ୪। ବିବାସିନୀ | ଶ୍ରୀବାବୁ ରାମଶଙ୍କର ରାୟ | ୧୦୦.୦୦ |
| ୫। ସାକାର ନିରାକାର ଉପାସନା ସମ୍ବନ୍ଧେ | ଶ୍ରୀବାବୁ ଶିବନାରାୟଣ ନାୟକ | ୧୦.୦୦ |
| | | ୧୬୦.୦୦ |

ପ୍ରବନ୍ଧର ଉପାଦେୟତା ଦୃଷ୍ଟିରେ ପୁରସ୍କାର ଦିଆଯାଉ ନଥିବା କଥା ଆମେମାନେ ଅନେକବାର କହିଅଛୁଁ। ଏଥର ମଧ୍ୟ ତାଲିକା ଦୃଷ୍ଟେ ହୀରା ଜୀରାର ଦର ସମାନ ଥିବାର ଦେଖିଲୁଁ। ସେ ଯାହା ହେଉ 'ଇନ୍ଦୁମତୀ' ପ୍ରବନ୍ଧ ସକାଶେ ମାତ୍ର ଟ୨୦ଙ୍କା ପୁରସ୍କାର ଦେବାର ଦେଖି ଅଧିକ ଆଶ୍ଚର୍ଯ୍ୟ ହୋଇଅଛୁଁ। ଆମ୍ଭମାନଙ୍କ ବିବେଚନାରେ ତାଲିକାର ଘର ବିଶେଷରେ ପୁରସ୍କାର କମ୍ ବେଶି ହେବା ଉଚିତ ଥିଲା।" ['ସମ୍ବଲପୁର ହିତୈଷିଣୀ', ୬/୭ ପୃ. ୨୫; ୧୮।୨।୧୮୯୪। ସ୍ୱର୍ଗତଃ ଭଗବାନ୍ ମେହେର (ପିତୃପ୍ରସଙ୍ଗ ପୃ. ୩୨) ଓ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା (୧୯୮୮ ପୃ. ୧୭) ଏହି ପୁରସ୍କାର ପଚିଶ ଟଙ୍କା ବୋଲି ଲେଖିଛନ୍ତି।] ରାଧାନାଥ ଚିଲିକାପାଇଁ ଓ ମଧୁସୂଦନ 'ଋଷିପ୍ରାଣେ ଦେବାବତରଣ' ପାଇଁ ଯଥାକ୍ରମେ ପାଇଥିଲେ ଶହେ ଟଙ୍କା ଓ ପଚାଶ ଟଙ୍କା। ଗୋବିନ୍ଦ ଚନ୍ଦ୍ର ମହାପାତ୍ର ରାଧାନାଥଙ୍କ ମନ୍ତବ୍ୟକୁ ଅସ୍ତ କରି ସ୍ୱୟଂ 'ହିମାଚଳ' ପାଇଁ ପାଇଥିଲେ ଶହେ ଟଙ୍କା। ଏମାନେ ଏହି ଅର୍ଥକୁ ଆପଣାର ବସ୍ତୁଗତ ଆବଶ୍ୟକତା ପାଇଁ ବିନିଯୋଗ କରିଥିବା ସମ୍ଭବ। କିନ୍ତୁ ଗଙ୍ଗାଧର ପୁରସ୍କାର ଲବ୍ଧ ଅର୍ଥ ସହ ନିଜର କଷ୍ଟ-ଅର୍ଜିତ ସ୍ୱଳ୍ପବିତ୍ତ ଓ ବନ୍ଧୁମାନଙ୍କଠାରୁ ଋଣକୃତ ଅର୍ଥରେ ପ୍ରକାଶ କରିଥିଲେ 'ଇନ୍ଦୁମତୀ'। ପୁରସ୍କାରଦାତାଙ୍କୁ କାବ୍ୟଟିକୁ ସେ ଉତ୍ସର୍ଗ କରିଥିଲେ। କିନ୍ତୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପାଇଁ ଏଭଳି ଉତ୍ସର୍ଗର କିଛି ମୂଲ୍ୟ ନଥିଲା। ତାଙ୍କଠାରୁ ଗଙ୍ଗାଧର 'ଇନ୍ଦୁମତୀ' ବା ଅନ୍ୟ କୌଣସି କାବ୍ୟର ପ୍ରକାଶ କ୍ଷେତ୍ରରେ ସହଯୋଗ ପାଇନଥିଲେ। ଗୁଣଗ୍ରାହୀ ଓ ସାହିତ୍ୟରସିକ ଭାବରେ ପରିଚିତ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଏଭଳି ଅନାଦର ଗଙ୍ଗାଧରଙ୍କୁ ବିସ୍ମି-

ଓ ବ୍ୟଥିତ କରିଥିବା ସମ୍ଭବ। ଏଥିନେଇ ସେ ରାଧାନାଥଙ୍କୁ କ'ଣ ଲେଖିଥିଲେ ଜଣାନାହିଁ, କିନ୍ତୁ ଏହାର ଉତ୍ତରରେ ରାଧାନାଥ ଗଙ୍ଗାଧରଙ୍କ ନିକଟକୁ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସମ୍ପର୍କରେ ଯାହା ଲେଖିଥିଲେ, ତାହା ତାତ୍ପର୍ଯ୍ୟପୂର୍ଣ୍ଣ : "ମୟୂରଭଞ୍ଜ ମହାରାଜାଙ୍କ ଅନେକ ସଦ୍‌ଗୁଣ ଅଛି, ମାତ୍ର ଉତ୍କଳ ସାହିତ୍ୟାନୁରାଗ ସେଥିର ଅନ୍ତର୍ଭୁକ୍ତ ବୋଧ ହେଉନାହିଁ। ଆପଣଙ୍କ ପରି ମୁଁ ମଧ ଭ୍ରାନ୍ତ ଆଶାରେ ମୁଗ୍ଧ ହୋଇ ମୟୂରଭଞ୍ଜ ମହାରାଜାଙ୍କୁ ଉତ୍କଳର ଭାବି ବିକ୍ରମାର୍କ ମଣିଥିଲି। କାର୍ଯ୍ୟତଃ ଦେଖିଲି ସେ ମାତୃଭାଷା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଉଦାସୀନ। ....,ମହାରାଜା ଇଂରେଜୀ ଭାଷାରେ ପ୍ରାୟ ସର୍ବଦା କଥୋପକଥନ କରନ୍ତି। ସମ୍ଭବତଃ ସେ ଇଂରେଜୀରେ ଚିନ୍ତା କରନ୍ତି, ଇଂରେଜୀରେ ସ୍ୱପ୍ନ ମଧ ଦେଖନ୍ତି। ସାହେବ ଉପାସନା ଏବଂ ମୃଗୟା ତାହାଙ୍କର ପ୍ରଧାନ ବିନୋଦନ ଅଟେ।" (କବିଲିପି, ପୃ. ୭୦) ଗଙ୍ଗାଧରଙ୍କ ରଚନା-ପ୍ରକାଶନ କ୍ଷେତ୍ରରେ ଓଡ଼ିଶାର ତଥାକଥିତ ସଂସ୍କୃତି-ସଂପନ୍ନ ରାଜା ଓ ଭୂମୀଶ୍ୱରମାନଙ୍କର ଅନୀହା ରାଧାନାଥଙ୍କୁ ସେମାନଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରିବାପାଇଁ ସୁଯୋଗ ଆଣିଦେଇଛି। 'ଇନ୍ଦୁମତୀ'ର ପ୍ରକାଶ ପରେ ଗଙ୍ଗାଧର ଯେଉଁ ଆର୍ଥିକ-ସଙ୍କଟର ସମ୍ମୁଖୀନ ହୋଇଛନ୍ତି ବହୁଦିନ ପର୍ଯ୍ୟନ୍ତ ସେଥିରୁ ସେ ମୁକୁଳି ପାରିନାହାନ୍ତି। ସେଇଥିପାଇଁ ରାଧାନାଥ ଯେତେବେଳେ ତାଙ୍କ ନିକଟକୁ ଲେଖିଛନ୍ତି : "ଆପଣଙ୍କର 'ଇନ୍ଦୁମତୀ'କୁ ଆମେମାନେ ଟ୍ରେନିଂ ସ୍କୁଲର ପାଠ୍ୟପୁସ୍ତକ କରିଅଛୁ। ସେଥିରେ ବର୍ଷ ମଧରେ କେବଳ ୪୦/୫୦ ଖଣ୍ଡ ବିକ୍ରୟ ହେବାର ସମ୍ଭାବନା। ଟେକ୍‌ସବୁକ୍ କମିଟିରୁ କବିତା ସମ୍ବନ୍ଧରେ ସୁବିଚାର ଆଶା କରିବା ଦୁରାଶା ମାତ୍ର। ମଧ ଶ୍ରେଣୀ ସ୍କୁଲ ସକାଶେ ତାହା ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇନାହିଁ।" (କବିଲିପି, ପୃ. ୭୬); ତାହାର ଉତ୍ତରରେ ଗଙ୍ଗାଧର ଲେଖିଛନ୍ତି : "ଇନ୍ଦୁମତୀ ବର୍ଷକୁ ୪୦ ଖଣ୍ଡ ବିକ୍ରୟ ହେଉ ବା ୩୦ ଖଣ୍ଡ ବିକ୍ରୟ ହେଉ, ତାହା ନହେଲେ ୧୦ ଖଣ୍ଡ ବିକ୍ରୟ ହେଲେ ସୁଦ୍ଧା ଓଡ଼ିଶାର କୌଣସି ଏକ ସ୍କୁଲରେ ପାଠ୍ୟପୁସ୍ତକ ହେବା ମୋହୋର ସାମାନ୍ୟ ସୌଭାଗ୍ୟର ବିଷୟ ନୁହେଁ। ଯଦି ସ୍କୁଲମାନଙ୍କରେ ପୁରସ୍କାର ଦେବାଦ୍ୱାରା ବା ଅନ୍ୟ କୌଣସି ଉପାୟରେ କିଛି ବିକ୍ରୟ କରାଇଦେଇ ଛାପାଖର୍ଚ୍ଚଟି ଆଦାୟ କରାଇ ଦିଅନ୍ତେ ତାହାହେଲେ କେତେକ ବନ୍ଧୁଙ୍କଠାରୁ ଋଣରୁ ମୁକ୍ତ ହୋଇପାରନ୍ତି।" (ରାଧାନାଥ ଜୀବନୀ, ପୃ. ୨୪୩) ଗଙ୍ଗାଧରଙ୍କର ଏଭଳି ଆଶା ଖୁବ୍ ଗୋଟାଏ ଫଳବତୀ ହୋଇନଥିବା ପରବର୍ତ୍ତୀ ଘଟଣା ପ୍ରବାହରୁ ସ୍ପଷ୍ଟ ହୁଏ। ଗଙ୍ଗାଧର ବାମଣ୍ଡା ରାଜଦରବାରରୁ ମଧ ପୁସ୍ତକ-ପ୍ରକାଶନ କ୍ଷେତ୍ରରେ କୌଣସି ସାହାଯ୍ୟ ପାଇନାହାନ୍ତି। ବିଦ୍ୟାରତ୍ନ ୧୯୦୨ ମସିହାରେ 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକତ୍ୱରୁ ବିଦାୟ ନେବା ପରେ, 'ସମ୍ବଲପୁର ହିତୈଷିଣୀ' ଗଙ୍ଗାଧରଙ୍କ ସମ୍ପର୍କରେ ନୀରବ ରହିଛି। ଏଭଳିକି ତାଙ୍କ 'କୀଚକ ବଧ'ର ଏକ ପୁସ୍ତକ ସମୀକ୍ଷା ମଧ ପ୍ରକାଶ କରିନାହିଁ। ଦୀନବନ୍ଧୁ ରଥନାୟକ 'ହିତୈଷିଣୀ'ର ସଂପାଦକତ୍ୱ ଗ୍ରହଣ କଲାପରେ ଗଙ୍ଗାଧରଙ୍କ ସହ 'ହିତୈଷିଣୀ'ର ସମ୍ପର୍କ ପୁନଃସ୍ଥାପିତ ହୋଇଛି।

ସମସାମୟିକ ପ୍ରକାଶନ-ଇତିହାସ ଆଲୋଚନା କଲେ ଦେଖାଯାଏ ଯେ ଗୌରୀଶଙ୍କର, ଗୋବିନ୍ଦ ରଥ, ବଳରାମ ଦାସ, ଫକୀର ମୋହନ ଓ ଗଙ୍ଗାଧର ପ୍ରମୁଖ ଜାତୀୟ ଭାବରେ ଉଦ୍ବୁଦ୍ଧ ହୋଇ ଆପଣାର ସ୍ୱଳ୍ପବିତ୍ତକୁ ପୁସ୍ତକ-ପ୍ରକାଶନ ପାଇଁ ବିନିଯୋଗ କଲାବେଳେ ରାଧାନାଥ ଓ ମଧୁସୂଦନଙ୍କ ଭଳି ଉଚ୍ଚକର୍ତ୍ତାମାନଙ୍କର ରଚନାବଳୀ ରାଜା-ମହାରାଜାଙ୍କ ଅର୍ଥାନୁକୂଲ୍ୟରେ ଅଥବା ପାଠ୍ୟପୁସ୍ତକ ଉଦ୍ଦେଶ୍ୟରେ ରଚିତ ହୋଇଅଛି। ଶିକ୍ଷା ବିଭାଗର କର୍ତ୍ତାମାନଙ୍କର ବିଷଦୃଷ୍ଟିରେ ପଡ଼ିବା ଫଳରେ ପ୍ରାଚୀନ ସାହିତ୍ୟର, ବିଶେଷତଃ ଭକ୍ତ ସାହିତ୍ୟର ପ୍ରସାର ଲାଗି ଗୌରୀଶଙ୍କରଙ୍କୁ ଆଜୀବନ ସଂଗ୍ରାମ କରିବାକୁ ପଡ଼ିଛି। ପୁସ୍ତକ ବିକ୍ରୟ ଓ ପ୍ରସାରଣର ବିକଳ୍ପ ମାଧ୍ୟମ ଭାବରେ ଗୌରୀଶଙ୍କର ଓ ଗୋବିନ୍ଦ ରଥ ପ୍ରମୁଖ ସିଧାସଳଖ ପାଠକଙ୍କ ପାଖରେ ପହଞ୍ଚୁଛନ୍ତି। ଗୌରୀଶଙ୍କର ପ୍ରମୁଖ ଚେଷ୍ଟାକୁ ପ୍ରଶାସନିକ ସ୍ତରରେ ଯେତେଦୂର ଅସହଯୋଗ କରାଯାଇପାରେ, ରାଧାନାଥ ପରୋକ୍ଷରେ ସେଥିନେଇ ଉଦ୍ୟମ କରିଛନ୍ତି। ରାଧାନାଥଙ୍କର ଏହି ପରୋକ୍ଷ ଅସହଯୋଗ ଓ ଚକ୍ରାନ୍ତ ଗୌରୀଶଙ୍କର-ରାଧାନାଥ (ଇନ୍ଦ୍ରଧନୁ-ବିଜୁଳୀ ?) ବିବାଦର ମୌଳ ଉତ୍ସ। ଗଙ୍ଗାଧର ରାଧାନାଥଙ୍କୁ ହିଁ ଅତି ଆପଣାର କରିଛନ୍ତି। ରାଧାନାଥଙ୍କର ଉତ୍ସାହବାଣୀକୁ ପରମ ଆଗ୍ରହରେ ଗ୍ରହଣ କରିଛନ୍ତି। ଫଳରେ ତାଙ୍କ ପୁସ୍ତକ ସବୁ ବିକ୍ରୟର କୌଣସି ସୁବିଧା ହୋଇନାହିଁ—ସେଗୁଡ଼ିକ ବିଶେଷ ପ୍ରସାରିତ ହୋଇନାହିଁ। ବିନାମୂଲ୍ୟରେ ଡାକମାଶୁଲ୍ ଦେଇ କେତେଜଣଙ୍କୁ ବା ସେ ଉପହାର ଦେବେ? ସେଥିପାଇଁ ଅନେକ ପୁସ୍ତକକୁ ସେ ବିନା ମୂଲ୍ୟରେ ବିତରଣର ବ୍ୟବସ୍ଥା କରିଛନ୍ତି। 'ଉତ୍କଳ ସାହିତ୍ୟ'ର ସଂପାଦକ ବିଶ୍ୱନାଥ କର ପ୍ରକାଶ କରିଥିବା ଏକ ନିବେଦନ ଏହାର ସାକ୍ଷ୍ୟ ବହନ କରେ: "ଆନନ୍ଦ ଓ କୃତଜ୍ଞତାର ସହିତ ପ୍ରକାଶ କରୁଅଛୁଁ ଯେ ବରପାଲି ନିବାସୀ ସୁଲେଖକ ଗଙ୍ଗାଧର ମେହେର ମହାଶୟ ସ୍ୱପ୍ରଣୀତ 'ମହିମା' ଓ 'ଇନ୍ଦୁମତୀ' ନାମକ ପୁସ୍ତକ ଦ୍ୱୟରୁ ଏକଶହ ଖଣ୍ଡ ଲେଖାଏଁ ଏହି ଅଭିପ୍ରାୟରେ [ଉତ୍କଳ ସାହିତ୍ୟକୁ ସାହାଯ୍ୟ କରିବା ଅଭିପ୍ରାୟରେ] ଆମ୍ଭମାନଙ୍କ ହସ୍ତରେ ପ୍ରଦାନ କରିଅଛନ୍ତି ଯେ ଯେଉଁମାନେ ୧୯୦୦ ସନ ପାଇଁ ଉତ୍କଳ ସାହିତ୍ୟର ମୂଲ୍ୟ ପ୍ରଦାନ କରିବେ ସେମାନଙ୍କ ମଧ୍ୟରୁ ପ୍ରଥମ ଏକଶତଜଣଙ୍କୁ ଉକ୍ତ ପୁସ୍ତକ ଦ୍ୱୟ ପ୍ରଦତ୍ତ ହେବ।" ('ସମ୍ବଲପୁର ହିତୈଷିଣୀ' ୧୧/୪୨, ପୃ. ୧୬୭, ୨୧।୧।୧୯୦୦) ତଥାକଥିତ 'ଦରିଦ୍ର' କବିଙ୍କର ଏଭଳି ସ୍ୱାର୍ଥତ୍ୟାଗର ନମୁନା କ୍ୱଚିତ୍ ମିଳେ।

ପୁସ୍ତକ ପ୍ରକାଶନ-ପ୍ରସାରଣରେ ସୃଷ୍ଟି ହେଉଥିବା ସମସ୍ୟା ସହ ପାରିବାରିକ ଜଞ୍ଜାଳ ଓ ବିପର୍ଯ୍ୟୟ ହେତୁ ୧୯୦୪-୦୫ ମସିହା ପରେ ଗଙ୍ଗାଧର ମାନସିକ ସ୍ତରରେ କିଛିଟା ବିଶ୍ରାମ ଚାହିଁଛନ୍ତି। 'ସମ୍ବଲପୁର ହିତୈଷିଣୀ'ର ଅସହଯୋଗ 'ଉତ୍କଳ ସାହିତ୍ୟ'ର ଧନୀମାନଙ୍କ ପ୍ରତି ପକ୍ଷପାତିତା ଗଙ୍ଗାଧରଙ୍କୁ ସାହିତ୍ୟ ଚର୍ଚ୍ଚା ପାଇଁ କେତେକାଂଶରେ ବୀତସ୍ପୃହ କରିଛି। ପ୍ରୌଢ ଗଙ୍ଗାଧର ପାରିବାରିକ ଆର୍ଥନୀତିକ

ଚାପ ଆଗରେ ମୁଣ୍ଡ ନୁଆଁଇ ସାହିତ୍ୟ ସଂପର୍କିତ ଭାବପ୍ରବଣତାରୁ ମୁକ୍ତ ରହିବାକୁ ଚେଷ୍ଟା କରିଥିଲେ । 'କୀଚକ ବଧ' ଓ 'କବିତା କଲ୍ଲୋଳ'ର ଅନ୍ତର୍ବର୍ତ୍ତୀ ସମୟର ତାଙ୍କର ଏକମାତ୍ର ପ୍ରକାଶନ ହେଲା : "ଶ୍ରୀ ନୃପରାଜ ସିଂହ ବରପାଲି ଅଧୀଶ୍ୱର ରାୟ ବାହାଦୁର ।" ଜୀବନର ଯେଉଁ ବୟସରେ ତାଙ୍କର ଲେଖନୀ ଚଞ୍ଚଳ ହେବା ସ୍ୱାଭାବିକ, ସେତେବେଳେ ତାହା ନୀରବ ହୋଇଛି । ମୁହଁରେ କେବଳ 'ଆହା', 'ଚୁ ଚୁ' କରିବା ବ୍ୟତୀତ କୌଣସି ପଦାଧିକାରୀ ତାଙ୍କୁ ଅନ୍ୟ କୌଣସି ସାହାଯ୍ୟ କରିନାହାନ୍ତି । ବିଦ୍ୟାରତ୍ନ ମହାଶୟଙ୍କର ଗଙ୍ଗାଧରଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଥିଲେ ବି ଗଙ୍ଗାଧର ନିଜେ ତାଙ୍କ ପୁସ୍ତକର ପ୍ରକାଶକ ଖୋଜନ୍ତୁ, ଏହା ସେ ଚାହୁଁଥିଲେ । ଗଙ୍ଗାଧରଙ୍କ ସ୍ୱାଧୀନ ମନୋବୃତ୍ତିକୁ ସେ ଗୋଟାଏ ପ୍ରକାର ନାପସନ୍ଦ କରୁଥିଲେ । ତାଙ୍କର ସୀମିତ ସହଯୋଗରେ ଗଙ୍ଗାଧରଙ୍କ 'କୀଚକ ବଧ' ଓ 'ଅର୍ଘ୍ୟଥାଳୀ' ପ୍ରକାଶିତ ହୋଇଛି । ଏଠାରେ ସ୍ମରଣୀୟ ଯେ ନୀଳମଣିଙ୍କ ଦୃଷ୍ଟିରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ତାଙ୍କ ସାନଭାଇ ଦାମୋଦର ମିଶ୍ରଙ୍କ କବିଖ୍ୟାତି । ଦାମୋଦର ମିଶ୍ର ମଧ୍ୟ ବିଭିନ୍ନ କ୍ଷମତାକେନ୍ଦ୍ର ସହ ସଂଶ୍ଳିଷ୍ଟ ହୋଇ ନିଜକୁ ଯଥେଷ୍ଟ ପ୍ରକାଶିତ କରି ପାରିଥିଲେ । ସମ୍ବାଦପତ୍ର ସହିତ ଜଡ଼ିତ ଥିବା ଫଳରେ ଚିନ୍ତାମଣି ମହାନ୍ତିଙ୍କର ବିପୁଳକାୟ ରଚନାସମ୍ଭାର ପ୍ରକାଶରେ ବିଶେଷ ଅସୁବିଧା ହୋଇନଥିଲା । ନିଜ ରଚନାବଳୀର ପ୍ରକାଶ ଓ ପ୍ରସାର ପାଇଁ ବିଭିନ୍ନ ଶକ୍ତିକେନ୍ଦ୍ର ସହିତ ଯେପରି ପାଲିସ୍ କରିବାକୁ ପଡ଼େ ଓ ଯେଉଁ ସ୍ତରକୁ ଯିବାକୁ ହୁଏ— ସେଥିପାଇଁ ବୋଧେ ଗଙ୍ଗାଧର ଖୁବ୍ ଗୋଟାଏ ପ୍ରସ୍ତୁତ ନଥିଲେ । କବି ଓ ସାହିତ୍ୟିକମାନେ ସାହିତ୍ୟିକ ଜୀବନ ଓ ପ୍ରତିଷ୍ଠା ପାଇଁ କିଭଳି ଓଡ଼ିଶାରେ ଲୁଣ୍ଠିତ ହେଉଥିଲେ, ତାହା ଗଙ୍ଗାଧରଙ୍କ ନିକଟକୁ ଚିନ୍ତାମଣି ଲେଖିଥିବା ଏକ ଚିଠିରୁ ସ୍ପଷ୍ଟ : "ଯାହାର ସ୍ତବ ଗାନ ନକରିବାରୁ ସେ ବିରକ୍ତ, ଯାହାକୁ ଜୀବନୀ ଲେଖି ନଦେବାରୁ ସେ ବିରକ୍ତ, ଯାହା ବରାଦମତେ ପୁସ୍ତକ ଲେଖି ନଦେଲେ ସେ ବିରକ୍ତ ।" (ପିତୃ ପ୍ରସଙ୍ଗ, ପୃ. ୨୩୬) ଏବର ଶିଷ୍ଟସାହିତ୍ୟିକମାନଙ୍କ ପୂର୍ବ ଅବତାର ମଧ୍ୟଯୁଗର ସଭାକବି । ବସ୍ତୁତଃ ସଭାକବି 'ସୂତ' (ଭାଟ)ର ଏକ ମାର୍ଜିତ ରୂପ । ଆଧୁନିକ ଯୁଗରେ ବି ତଥାକଥିତ ପୃଷ୍ଠପୋଷକମାନେ କବି-ସାହିତ୍ୟିକମାନଙ୍କୁ ବୋଧହୁଏ ଭାଟ ଭାବରେ ହିଁ ଦେଖିଆସିଛନ୍ତି— ବେଳେବେଳେ ପ୍ରତିବାଦ କଲେ ବି ସାହିତ୍ୟିକମାନେ ସେହି 'ସୂତ' ଭୂମିକାକୁ ଅତି ଆନନ୍ଦର ସହିତ ଗ୍ରହଣ କରିଥାନ୍ତି । ଗଙ୍ଗାଧର ସମକାଳୀନ କ୍ଷମତାଶାଳୀମାନଙ୍କର କର୍ତ୍ତୃତ୍ୱକୁ ସିଧାସଳଖ ଅସ୍ୱୀକାର କରିନାହାନ୍ତି ସତ୍ୟ କିନ୍ତୁ ନିର୍ଲଜ୍ଜ ଭାବରେ ଭାଟ ଭୂମିକାରେ ଅବତୀର୍ଣ୍ଣ ହୋଇନାହାନ୍ତି— ସେଥିପାଇଁ ତାଙ୍କର ଏ ସମସ୍ୟା ସବୁ ଉପୁଜିଛି ।

୧୯୧୦ ମସିହା ବେଳକୁ ସମ୍ବଲପୁରରେ ମୁଷ୍ଟିମେୟ ବୁଦ୍ଧିଜୀବୀ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିଥିଲେ । ଆର୍ଥିକ ପ୍ରାଚୁର୍ଯ୍ୟ ନଥିଲେ ମଧ୍ୟ ନିଜର ସାହିତ୍ୟ, ଦେଶ ଓ ଅଞ୍ଚଳପାଇଁ କିଛି କରିବାର ଇଚ୍ଛା ସେମାନଙ୍କର ଥିଲା । ପୂଜାରୀ ଭ୍ରାତାଗଣ,

ରାମନାରାୟଣ ମିଶ୍ର, ଚନ୍ଦ୍ରଶେଖର ବେହେରା ପ୍ରମୁଖ ଏହି ଗୋଷ୍ଠୀର ଅନ୍ତର୍ଭୁକ୍ତ। ଗଙ୍ଗାଧରଙ୍କ ସହ ଏମାନଙ୍କର ଉତ୍ତମ ସମ୍ପର୍କ ଥିବା ପୂର୍ବରୁ ଆଲୋଚିତ। ୧୯୧୦ ମସିହା ପରେ ଏହି ନବ୍ୟଶିକ୍ଷିତମଣ୍ଡଳୀ ଗଙ୍ଗାଧରଙ୍କ କାବ୍ୟକବିତାର ପ୍ରକାଶ ଭାର ନେଇଛନ୍ତି। ନୀଳମଣି ବିଦ୍ୟାରତ୍ନଙ୍କ ଉକ୍ତି : ''ଏହି ଟଙ୍କା ସମ୍ବଲପୁରର ଭଦ୍ର ବ୍ୟକ୍ତିମାନେ ବା ଅଥବା କୌଣସି ରାଜା ଜମିଦାରମାନେ ଅକ୍ଲେଶରେ ଦେଇପାରନ୍ତି।'' ଖାଲି ବିଷୋରକର କାର୍ଯ୍ୟ କରିଥିଲା। ରାମନାରାୟଣ ମିଶ୍ର 'କବିତା କଲ୍ଲୋଳ' ଓ 'ତପସ୍ୱିନୀ'ର, ବଲାଙ୍ଗୀର-ପାଟଣା ରାଜ୍ୟର ଦେବାନ୍ ବାଳମୁକୁନ୍ଦ ଚହିଦାର 'ଅଯୋଧ୍ୟା ଦୃଶ୍ୟ'ର, ବୋଡ଼ାସମ୍ବର ଜମିଦାର ଲାଲ ରାଜେନ୍ଦ୍ର ସିଂହ ବରିହା 'ପ୍ରଣୟ ବଲ୍ଲରୀ' ଓ କୃଷକ ସଙ୍ଗୀତର ପ୍ରକାଶନ-ବ୍ୟୟ ବହନ କରିଛନ୍ତି। ବିଦ୍ୟାରତ୍ନଙ୍କ ପ୍ରରୋଚନାରେ ନବ-ଉତ୍କଳର ଅନ୍ୟତମ ନିର୍ମାତା କୃଷ୍ଣଚନ୍ଦ୍ର ଗଜପତି 'ଅର୍ଘ୍ୟଥାଳୀ'ର ପ୍ରକାଶକ ହେବାକୁ ଇଚ୍ଛା କରିଛନ୍ତି। ସଂପୃକ୍ତ କାଳରେ 'ଅହଲ୍ୟାସ୍ତବ', 'ଇନ୍ଦୁମତୀ' ଓ 'କୀଚକ ବଧ'ର ଦ୍ୱିତୀୟ ସଂସ୍କରଣ, 'ଉତ୍କଳ ଲକ୍ଷ୍ମୀ'ର ତୃତୀୟ ସଂସ୍କରଣ ଓ 'ଭାରତୀ ଭାବନା' ନିଜ ଅର୍ଥରେ ସେ ପ୍ରକାଶ କରିଛନ୍ତି। ବ୍ରଜମୋହନ ପଣ୍ଡା ଓ ତାଙ୍କ ଭାଇ ମଧୁସୂଦନ ପଣ୍ଡା 'ଉତ୍କଳ ଲକ୍ଷ୍ମୀ' ଦ୍ୱିତୀୟ ସଂସ୍କରଣର ମୁଦ୍ରଣ ବ୍ୟୟ ବହନ କରିଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ବ୍ରଜମୋହନ ବେଳେବେଳେ ଉପରୋକ୍ତ ଅର୍ଥଦାତାଙ୍କ ମଧ୍ୟରେ ସଂଯୋଜକର ଭୂମିକା ଗ୍ରହଣ କରିଛନ୍ତି। କିନ୍ତୁ ଗଙ୍ଗାଧରଙ୍କୁ ମଧ୍ୟ ଏଥିପାଇଁ କମ ପରିଶ୍ରମ କରିବାକୁ ପଡ଼ିନାହିଁ। ଏଭଳି ସ୍ଥିତିରେ ଗଙ୍ଗାଧରଙ୍କ କବି ଜୀବନର ଦ୍ୱିତୀୟ ପର୍ଯ୍ୟାୟର ଉନ୍ମେଷ, ବିକାଶ, ପରିଣତି ଓ ସିଦ୍ଧି ପାଇଁ ବ୍ରଜମୋହନଙ୍କୁ ଗୌରବାନ୍ୱିତ କରିବା କେତେଦୂର ଯୁକ୍ତିଯୁକ୍ତ ?

ପୁସ୍ତକ ପ୍ରକାଶନକୁ କେହି କେହି ଏକ ସୃଷ୍ଟିଧର୍ମୀ କ୍ରିୟା ବୋଲି କହିଥାନ୍ତି। ସେମାନଙ୍କ ମତରେ ସ୍ରଷ୍ଟା ଭଳି ପ୍ରକାଶକ ମଧ୍ୟ ସାହିତ୍ୟକୁ ଅନେକାଂଶରେ 'ସୃଷ୍ଟି' କରିଥାନ୍ତି। କିନ୍ତୁ ବାସ୍ତବତଃ, ପ୍ରକାଶକ କୌଣସି ସାହିତ୍ୟ କୃତିର ସ୍ରଷ୍ଟା ନୁହନ୍ତି, ତାହାର ପରିପାଳକ ମାତ୍ର। ତାଙ୍କୁ ଖୁବ୍ ବେଶିରେ କୌଣସି ରଚନାର 'ଧାତ୍ରୀ' ବୋଲି କୁହାଯାଇ ପାରିବ। (Escarpit 1965, p.23) ଗଙ୍ଗାଧର ସାହିତ୍ୟର ଆଲୋଚନା କଲାବେଳେ ଏହି ଧାତ୍ରୀମାନଙ୍କୁ ଅତି ଉଚ୍ଚାସନ ଦିଆଯାଇଥାଏ। ସେମାନେ ନଥିଲେ ଯେ କବିଙ୍କର କବିତା ସମ୍ଭବ ହୋଇପାରି ନଥାନ୍ତା ବୋଲି କୁହାଯାଇଥାଏ। ଡକ୍ଟର୍ ଅସିତ କବି ଗଙ୍ଗାଧରଙ୍କ କବି-ଜୀବନରେ ବ୍ରଜମୋହନଙ୍କ ଭୂମିକା ଉପରେ ମନ୍ତବ୍ୟ ଦେଇ କହିଛନ୍ତି : ''କବି ଗଙ୍ଗାଧର ଯଦି ଓଡ଼ିଆ ସାହିତ୍ୟାକାଶରେ ଏକ ଚିର ଅମଳିନ କୁସୁମ, ତେବେ ବ୍ରଜମୋହନ ବାବୁ ଯଥାର୍ଥରେ ଗନ୍ଧବହ।'' (ଗଙ୍ଗାଧର ଜୀବନୀ, ପୃ. ୨୯୪) ଗଙ୍ଗାଧର ବିଭିନ୍ନ ପତ୍ରରେ ବ୍ରଜମୋହନଙ୍କୁ ନିଜ ଜୀବନର ଆଶା ବର୍ତ୍ତିକା, ହୃଦୟମୋହନ ବୋଲି କହିଛନ୍ତି। ତେବେ ପ୍ରଶ୍ନ ହୁଏ, ବ୍ରଜମୋହନଙ୍କୁ ଏଭଳି ଧାତ୍ରୀ, ମଳୟ ପବନ ଆଦି ଭୂମିକା ଦିଆଯାଇ ପାରିବ କି ? ଏଭଳିକି ଗଙ୍ଗାଧରଙ୍କ ପୁସ୍ତକାବଳୀର ପ୍ରକାଶକ ଆସନ ବ୍ରଜମୋହନଙ୍କୁ ଦିଆଯାଇ ପାରିବ

କି? ପ୍ରକାଶକ ମୁଖ୍ୟତଃ ତିନୋଟି ଭୂମିକା ନିର୍ବାହ କରିଥାନ୍ତି— ପୁସ୍ତକର ନିର୍ବାଚନ, ମୁଦ୍ରଣ ଓ ପ୍ରଚାରଣ। ଗଙ୍ଗାଧରଙ୍କର ପୁସ୍ତକଗୁଡ଼ିକୁ ନିର୍ବାଚନ କରିବାରେ ବ୍ରଜମୋହନଙ୍କର ସେତେବେଳେ ଯୋଗ୍ୟତା ନଥିଲା— ରାଧାନାଥ ପ୍ରମୁଖ ବିଶିଷ୍ଟ କବିମାନେ ଗଙ୍ଗାଧରଙ୍କ କାବ୍ୟକବିତା ସମ୍ପର୍କରେ ଉଚ୍ଚ ମନ୍ତବ୍ୟ ଦେଇ (ପାରମ୍ପରିକ ରୀତିରେ ହେଉ ପଛେ) ସେହି କର୍ତ୍ତବ୍ୟ ବହୁ ପୂର୍ବରୁ ସମାପନ କରିଥିଲେ। ଦ୍ୱିତୀୟତଃ, ଗଙ୍ଗାଧରଙ୍କ ପୁସ୍ତକ ମୁଦ୍ରଣରେ ବ୍ରଜମୋହନଙ୍କର ସହଯୋଗ ଥିଲା ସତ୍ୟ, କିନ୍ତୁ ମୁଦ୍ରଣ ପାଇଁ ଆର୍ଥିକ ସହାୟତା ଓ ତତ୍ତ୍ୱାବଧାନ କ୍ଷେତ୍ରରେ ବ୍ରଜମୋହନଙ୍କର ଭୂମିକା ଥିଲା ଗୌଣ। ଏଥିନେଇ ଆର୍ଥିକ ସହାୟତା କରୁଥିବା ଭଦ୍ରବ୍ୟକ୍ତିମାନଙ୍କ ସହ ଗଙ୍ଗାଧରଙ୍କୁ ପ୍ରାୟତଃ ସିଧାସଳଖ ଯୋଗାଯୋଗ ରକ୍ଷିବାକୁ ହୋଇଥିଲା। ଗଙ୍ଗାଧର ବ୍ରଜମୋହନଙ୍କୁ ଲେଖିଥିବା ଅନେକ ପତ୍ର ଏହାର ସାକ୍ଷ୍ୟ ବହନ କରେ। ଶେଷରେ ଗଙ୍ଗାଧରଙ୍କ କବିତାର ପ୍ରଚାର କ୍ଷେତ୍ରରେ ସ୍ୱୟଂ ଗଙ୍ଗାଧରଙ୍କୁ ହିଁ ସକ୍ରିୟ ହେବାକୁ ପଡ଼ିଥିଲା। ଏସବୁ ଅବତାରଣା କରିବାର ଅର୍ଥ ବ୍ରଜମୋହନଙ୍କ ଭୂମିକାକୁ ନ୍ୟୂନ କରିବା ନୁହେଁ— ଗଙ୍ଗାଧରଙ୍କ ସାହିତ୍ୟ ପ୍ରକାଶ ଓ ପ୍ରଚାରଣରେ ତାଙ୍କ ଭୂମିକାର ବାସ୍ତବ ଚିତ୍ରଟି ସମ୍ପର୍କରେ ସଚେତନ କରିବା ତଥା ତାହାର ଏକ ବସ୍ତୁନିଷ୍ଠ ମୂଲ୍ୟାୟନ କରିବା। ବ୍ରଜମୋହନ ଗଙ୍ଗାଧରଙ୍କୁ ଉତ୍ସାହ ଦେଇଛନ୍ତି ପ୍ରଚୁର। ସମ୍ବଲପୁରର ସ୍କୁଲ ଛାତ୍ରଛାତ୍ରୀଙ୍କ କବିତା ରଚନା ଓ ଅନ୍ୟାନ୍ୟ ସାହିତ୍ୟିକ ପ୍ରତିଯୋଗିତାର ଆୟୋଜନ କରି ଗଙ୍ଗାଧରଙ୍କୁ ସେଗୁଡ଼ିକର [illegible] କରିବାକୁ ସେ ଚାହିଁଛନ୍ତି। ଆପଣା ଯୁକ୍ତ ସୁନ୍ଦର ଉଦ୍ୟମ ଫଳରେ ଗଙ୍ଗାଧରଙ୍କୁ ମାନସିକସ୍ତରରେ [illegible] ଅବସ୍ଥାକୁ ନେଇ ଆସିବାପାଇଁ ଚେଷ୍ଟା କରିଛନ୍ତି। ତାଙ୍କ ଭିତରେ ଥିବା ଦେଶହିତୈଷୀ ସତ୍ତା ଗଙ୍ଗାଧରଙ୍କୁ ପରିପୂର୍ଣ୍ଣ ଓ ସର୍ବଶ୍ରେଷ୍ଠ କବି ଭାବରେ ପ୍ରତିଷ୍ଠା କରିବାକୁ ଆକାଂକ୍ଷିତ ହୋଇଛନ୍ତି। ଗଙ୍ଗାଧର ମଧ୍ୟ ବ୍ରଜମୋହନଙ୍କର ପରାମର୍ଶକୁ ସମ୍ମାନ କରିଛନ୍ତି। ତାଙ୍କୁ ଅତି ଆପଣାର ମନେକରି ମନ କଥା 'କହିଛନ୍ତି କିନ୍ତୁ କର୍ତ୍ତବ୍ୟ ପଥରେ ଚାଲିବେଳେ ଆପଣାର ବିବେକର ନିର୍ଦ୍ଦେଶକୁ ହିଁ ମାନିଛନ୍ତି। ଯେଉଁଠି ଉଚିତ ମନେକରିଛନ୍ତି ସେଠାରେ ବ୍ରଜମୋହନଙ୍କ ପରାମର୍ଶ ଗ୍ରହଣ କରିଛନ୍ତି। ଛାତ୍ର ବ୍ରଜମୋହନ ତାଙ୍କର ସ୍ୱପ୍ନ-ଜଗତରେ ଗଙ୍ଗାଧରଙ୍କୁ ସବୁମତେ ସାହାଯ୍ୟ କରିବାକୁ ଇଚ୍ଛା କରିଛନ୍ତି କିନ୍ତୁ ସେସବୁ ଇଚ୍ଛାକୁ ବାସ୍ତବାୟିତ କରିବାପାଇଁ ତାଙ୍କର ସାମର୍ଥ୍ୟ କାହିଁ? ଗଙ୍ଗାଧର ଥିଲେ ଅତ୍ୟଧିକ ବିନୟୀ, ଅପରର ସାମାନ୍ୟ ସାହାଯ୍ୟ, ପରାମର୍ଶ, ଉତ୍ସାହକୁ ଅତ୍ୟନ୍ତ ବିନମ୍ରତାର ସହ ସେ ଗ୍ରହଣ କରୁଥିଲେ। ବ୍ରଜମୋହନଙ୍କ ନିକଟକୁ ଲେଖିଥିବା ଚିଠିଗୁଡ଼ିକରେ ଗଙ୍ଗାଧରଙ୍କର ଏହି ଅତ୍ୟନ୍ତ ବିନୟୀ, କୃତଜ୍ଞ ଓ ଭକ୍ତ ରୂପଟି ଅଧିକ ବାସ୍ତବ। ଫଳରେ ବ୍ରଜମୋହନଙ୍କ ପ୍ରତି ତାଙ୍କର ଶ୍ରଦ୍ଧାକୁ ଭିନ୍ନ ଭାବରେ ଉପସ୍ଥାପନ କରାଯାଇଛି।

ଯେ ଯାହାହେଉ, ଗଙ୍ଗାଧର-ବ୍ରଜମୋହନ ସମ୍ପର୍କ ଓଡ଼ିଶାର, ବିଶେଷତଃ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶର ଆଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀକାଳରେ

ବ୍ରଜମୋହନ ଶିକ୍ଷା, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ କୃତିତ୍ୱର ସହ କାର୍ଯ୍ୟ କରିଛନ୍ତି। ଆଜିର ସମ୍ବଲପୁର ବିଶ୍ୱବିଦ୍ୟାଳୟ ବ୍ରଜମୋହନଙ୍କ ମାନସ-ସନ୍ତାନ। ଗଙ୍ଗାଧର ତାଙ୍କ ପ୍ରାଜ୍ଞଦୃଷ୍ଟିରେ ବ୍ରଜମୋହନଙ୍କ ଭିତରେ ସଂଗୁପ୍ତଥିବା ଦେଶହିତୈଷୀ ବ୍ୟକ୍ତିତ୍ୱ ଓ କବିସତ୍ତାକୁ ପ୍ରତ୍ୟକ୍ଷ କରିପାରିଥିଲେ। ଅଧିକାଂଶ ଯୁବକଙ୍କ ଭିତରେ ଥିବା ଏହି ଆଦର୍ଶବାଦୀ ମନୋଭାବ ଉତ୍ସାହ ଅଭାବରେ ମରିଯାଏ। ଗଙ୍ଗାଧର ତାଙ୍କର ପତ୍ର ମାଧ୍ୟମରେ ବ୍ରଜମୋହନଙ୍କ ବ୍ୟକ୍ତିତ୍ୱର ଏହି ଭାବବାଦୀ ସତ୍ତାକୁ କେବଳ ଉଦ୍‌ବେଳିତ କରିନାହାନ୍ତି – ତାହାକୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚ ଦେବାକୁ ଚେଷ୍ଟା କରିଛନ୍ତି। ବ୍ରଜମୋହନ ପରବର୍ତ୍ତୀକାଳରେ ଯାହା ହୋଇଛନ୍ତି, ସେଥିରେ ଗଙ୍ଗାଧରଙ୍କର ଭୂମିକା ନଗଣ୍ୟ ନୁହେଁ।

୧୯୧୭-୧୮ ଆଡ଼କୁ ଗଙ୍ଗାଧରଙ୍କ ପୁସ୍ତକାବଳୀର ପ୍ରକାଶନ ଆଉ ଏକ ସମସ୍ୟା ହୋଇ ରହିନାହିଁ। ନୀଳମଣିଙ୍କ ପ୍ରରୋଚନାରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ଦେଶହିତୈଷୀ ତାଙ୍କ (ଗଙ୍ଗାଧରଙ୍କ) କବିତାବଳୀ ପ୍ରକାଶ କରିଛନ୍ତି। ଏପରିକି ତାଙ୍କ 'ପଦ୍ମିନୀ' କାବ୍ୟର ରଚନା ଶେଷ ନହେଉଣୁ, ତାହାର ପ୍ରକାଶକ ହେବାପାଇଁ ଲୋକ ଆଗେଇ ଆସିଛନ୍ତି : "କବିବର ଗଙ୍ଗାଧରଙ୍କ ରଚିତ 'ପଦ୍ମିନୀ' ନାମକ କାବ୍ୟ ଖଣ୍ଡ ଏଠିକାର [ସମ୍ବଲପୁରର] ଜଣେ ଖ୍ୟାତନାମା ବ୍ୟକ୍ତି ମୁଦ୍ରାଙ୍କନ ବ୍ୟୟଭାର ବହନ କରିବାର ସମ୍ମତି ଦେଇ ଶୀଘ୍ର ଅପୂର୍ଣ୍ଣାଙ୍ଗ ଅଂଶ ଶେଷ କରିବାକୁ କବିବରଙ୍କୁ ଏଥି ପୂର୍ବେ ଉତ୍ସାହ ବାଣୀ ଦେଇଥିଲେ, ଶୁଣିଥିଲୁଁ। ବର୍ତ୍ତମାନ ଗଙ୍ଗାଧର ବାବୁ ଅବସର-ପ୍ରାପ୍ତ ହୋଇଅଛନ୍ତି। ଆଶା କରୁଁ କାବ୍ୟ ଖଣ୍ଡି ଶୀଘ୍ର ପ୍ରଣୟନ କରି ସେ ସାହିତ୍ୟ ଭଣ୍ଡାରକୁ ଅଳଂକୃତ କରିବେ। (ସମ୍ବଲପୁର ହିତୈଷିଣୀ ୨୯/୧୨; ୨୬।୧।୧୯୧୮) ବହୁ ବୁଦ୍ଧିମାନ୍ ଓ ଧନଶାଳୀ ବ୍ୟକ୍ତି ଏହି ସମୟକୁ ଜାଣି ସାରିଥିଲେ ଯେ ଗଙ୍ଗାଧର ରାଧାନାଥ ଓ ମଧୁସୂଦନଙ୍କ ପରି ଅନ୍ୟତମ କାଳଜୟୀ କବି। ମୃତ୍ୟୁପରେ ଏହି ଯଶଃ-ସୌରଭ ମିଳେଇ ଯିବନାହିଁ। କବିଙ୍କ ପୁସ୍ତକ ସହିତ ଆପଣାର ନାମ ସଂଯୁକ୍ତ ଥିଲେ, ପରକାଳରେ ସେ ବଞ୍ଚି ରହିବେ – ଅନ୍ତତଃ ଗଙ୍ଗାଧରଙ୍କୁ ଆଶ୍ରୟ କରି। ନୀଳମଣି ବିଦ୍ୟାରତ୍ନ ଗଙ୍ଗାଧରଙ୍କୁ ଉତ୍ସାହ ଦେବା ଅବସରରେ ଏହି ବିଷୟରେ ତାଙ୍କୁ ସଚେତନ କରି ଲେଖିଥିଲେ : "ଗୃହରେ ରହି ବର୍ତ୍ତମାନ ଗୃହଧନ୍ଦାରେ ଆପଣ ବିବ୍ରତ ଥିବେ ସତ୍ୟ, ତଥାପି ଆଉ ଖଣ୍ଡିକେତେ ପୁସ୍ତକ ରଚନା କରି ଉତ୍କଳରେ ସ୍ଥାୟୀ ସୁକୀର୍ତ୍ତିରକ୍ଷାର ଚେଷ୍ଟା କରିବା ହେଉଥିବେ। ଉତ୍କଳରେ ବର୍ତ୍ତମାନ ଗ୍ରାହକତା ନଥିଲେ ମଧ୍ୟ ତାହା ଦିନେ ଆସିବ ଏବଂ ଉତ୍କଳ ଆପଣଙ୍କ ଯୋଗ୍ୟତାର ପୂଜା କରିବ। ଦୁଃଖ ଏତିକି, ଆପଣ ତାହା ନିଜ ଜୀବନରେ ଦେଖିପାରିବେ ନାହିଁ।" (ପିତୃ ପ୍ରସଙ୍ଗ, ପୃ.୨୧୪) ଗଙ୍ଗାଧରଙ୍କ ମହାପ୍ରୟାଣ ପରେ କବି-ପୁତ୍ରଙ୍କୁ ଏ ବିଷୟରେ ଲେଖିଥିଲେ : "ସେ ତୁମର ବା ତୁମ ଜାତିର ବା ତୁମ ଜିଲ୍ଲାର ଧନ ଗଙ୍ଗାଧର ନଥିଲେ। ସମଗ୍ର ଓଡ଼ିଆ ଜାତିର ସେ ଧନ ଗଙ୍ଗାଧର। ସେ

ତୁମ ଗୃହରେ, ତୁମ ଜାତିରେ ଏବଂ ବରପାଲିରେ ଜାତ ହୋଇ ତୁମ ଗୃହକୁ, ଜାତିକୁ ଏବଂ ବରପାଲିକୁ ତୀର୍ଥସ୍ଥାନରେ ପରିଣତ କରିଯାଇ ଅଛନ୍ତି। ବର୍ତ୍ତମାନର ଲୋକେ ନଚାହିଁଲେ ମଧ୍ୟ ଏକ ସମୟରେ ସେ ସ୍ଥାନ ସାହିତ୍ୟିକମାନଙ୍କର ତୀର୍ଥସ୍ଥାନରେ ପରିଣତ ହେବ। ତାଙ୍କ ବ୍ୟବହୃତ ହୁଆତ, କଲମ, ଖାତା ଦେବତା ରୂପେ ପୂଜିତ ହେବ। ତାଙ୍କର ଜନ୍ମସ୍ଥାନ, ସାହିତ୍ୟ ସାଧନା ସ୍ଥାନ ସୌଧରେ ପରିଣତ ହେବ।" (ପିତୃ ପ୍ରସଙ୍ଗ, ପୃ. ୧୧୮) ବିଭିନ୍ନ ବାଧାବିଘ୍ନ ଭିତର ଦେଇ ନୀଳମଣିଙ୍କ ଭବିଷ୍ୟବାଣୀ ଆଜି ସତ୍ୟ ହୋଇଛି। କିନ୍ତୁ ୧୯୧୬-୧୭ ମସିହା ପରେ ଗଙ୍ଗାଧର କେତେକ କ୍ଷୁଦ୍ର କବିତା ରଚନା କଲେ ବି ଆଉ ଦୀର୍ଘ କାବ୍ୟ ରଚନା କରିପାରି ନାହାନ୍ତି। ତାଙ୍କ କବିତାର ନିର୍ଝର ସ୍ଫୂର୍ତ୍ତି ହରାଇ ବସିଛି। ଫଳରେ ସେ 'ପଦ୍ମିନୀ' ତ ଶେଷ କରିପାରି ନାହାନ୍ତି, ଅନ୍ୟକୌଣସି ଉଲ୍ଲେଖଯୋଗ୍ୟ କାବ୍ୟ ମଧ୍ୟ ରଚନା କରିପାରି ନାହାନ୍ତି। ଅପରପକ୍ଷରେ ସମାଜ ଜୀବନର ନାନା ସମସ୍ୟା ତାଙ୍କ ସୃଷ୍ଟିଶୀଳତାକୁ ଅନ୍ୟଆଡ଼େ ଟାଣିନେଇଛି। କବି ଗଙ୍ଗାଧର କର୍ମବୀର ଗଙ୍ଗାଧରରେ ପରିଣତ ହୋଇଛନ୍ତି।

## ॥ ଚାରି ॥

"ସଲିଳ ନ ସିଞ୍ଚି ଖାଲି ଦଣ୍ଡବତ
କରିବାକୁ ଛନ୍ତି ଲୋକ ଶତ ଶତ।"

(ରାଧାନାଥ ଗ୍ରନ୍ଥାବଳୀ, ୧୯୯୪, ପୃ. ୨୬୨)

ସାମନ୍ତ ଚନ୍ଦ୍ରଶେଖରଙ୍କ ପ୍ରତିଭା ଉପଯୁକ୍ତ ପରିସର ଓ ସମ୍ମାନ ପାଇନଥିବାରୁ ରାଧାନାଥ ତାଙ୍କ ପ୍ରତି ସମବେଦନା ଜ୍ଞାପନ କରି ଲେଖିଥିବା ଉପରୋକ୍ତ ପଂକ୍ତି ଅନେକାଂଶରେ ଗଙ୍ଗାଧରଙ୍କ ପାଇଁ ପ୍ରଯୋଜ୍ୟ। ଆଧୁନିକ ସାହିତ୍ୟ ହେଉଛି ଶିକ୍ଷିତ ସହରୀ ମଧ୍ୟବିତ୍ତର ସୃଷ୍ଟି। ପ୍ରକାଶନ-ବିଜ୍ଞାପନ ଫଳରେ ତାହା ଲୋକପ୍ରିୟ ହୁଏ – ପାଣ୍ଡୁଲିପିରୁ କାଳୋତ୍ତୀର୍ଣ୍ଣ ସାହିତ୍ୟକୃତିରେ ପରିଣତ ହୁଏ। ଗଙ୍ଗାଧର ଜୀବନର ଧୂସର ଅପରାହ୍ନ ପର୍ଯ୍ୟନ୍ତ ସେ ସୁଯୋଗ ପାଇନଥିଲେ। ଫଳରେ ଗଙ୍ଗାଧରଙ୍କୁ ସମବେଦନା ଜଣାଇ ପ୍ରକାଶିତ ଅନେକ ଲେଖାକୁ 'ସଲିଳ ନସିଞ୍ଚି ଖାଲି ଦଣ୍ଡବତ' ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ। ଅଥଚ ଗଙ୍ଗାଧର ଆପଣାର ଜାତୀୟ ସାହିତ୍ୟ ପାଇଁ ଯେତିକି ତ୍ୟାଗ ସ୍ୱୀକାର ସମ୍ଭବ, ତାହା କରିବାକୁ କେବେ ପଶ୍ଚାଦ୍‌ପଦ ହୋଇନାହାନ୍ତି। ରାଧାନାଥଙ୍କ ପତ୍ରାବଳୀ ପ୍ରକାଶ ପାଇଁ ନିଜର ସୀମିତ ସମ୍ବଳକୁ ବିନିଯୋଗ କରିବା ଇଚ୍ଛାରୁ ତାହା ସ୍ପଷ୍ଟ: "ପତ୍ରାବଳୀର ପ୍ରକାଶ ଯୋଗ୍ୟ ଅଂଶ ଲେଖୁଅଛି, କିନ୍ତୁ ପ୍ରକାଶ କରିବାକୁ ମୋତେ ବଡ଼ ସଂକୋଚ ବୋଧ ହୁଏ। ଆପଣ ପ୍ରକାଶକ ହେଲେ ଭଲ ହୁଅନ୍ତା। ଛାପାଖର୍ଚ୍ଚ ମୁଁ ଯୋଗାଇ ପାରେ।" (ପତ୍ରାବଳୀ, ପୃ. ୧୭୩) ଆର୍ଥିକ ଅସ୍ୱଚ୍ଛଳତା ହେତୁ ନିଜ ପୁସ୍ତକାବଳୀ ଛପାଇବାପାଇଁ କୁଣ୍ଠିତ

ଗଙ୍ଗାଧରଙ୍କ ଏଭଳି ମନୋବୃତ୍ତି ପାଇଁ ରାଧାନାଥଙ୍କ ଭଳି ଓଡ଼ିଆ ସାହିତ୍ୟ ପାଇଁ କୌଣସି ସ୍ୱାର୍ଥତ୍ୟାଗ କରିବାକୁ ପରାଙ୍ମୁଖ ତଥା ଓଡ଼ିଶାର ଶିକ୍ଷା ବିଭାଗର ସର୍ବୋଚ୍ଚ କର୍ତ୍ତା ତେଣୁ ତାଙ୍କୁ (ଗଙ୍ଗାଧରଙ୍କୁ) ଉଦ୍ଧୃତ ପତ୍ରାଂଶ ଲେଖିବା ନିହାତି ସ୍ୱାଭାବିକ : "ଆପଣଙ୍କ ପରି କଷ୍ଟଦଶାଗ୍ରସ୍ତ ହୋଇ ଏପରି ସାହିତ୍ୟରସିକ ହେବାର ଦୃଷ୍ଟାନ୍ତ ସମଗ୍ର ଉତ୍କଳରେ ବୋଧହୁଏ ଦ୍ୱିତୀୟ ନାହିଁ। ଭଗବାନ୍‌ଙ୍କର ଲୀଳା କିଏ ବୁଝି ପାରିବ ? ସେ ଆପଣଙ୍କୁ ପ୍ରତିଭା ଦେଇ ଏପରି ଅବସ୍ଥାରେ ପକାଇ ଅଛନ୍ତି ଯେ ସେହି ପ୍ରତିଭା ଚରିତାର୍ଥତା ଲାଭ କରିପାରୁନାହିଁ।" (କବିଲିପି, ପୃ. ୬୨) ଗଙ୍ଗାଧର ତାଙ୍କ ଜୀବନର ଆଦି ପର୍ଯ୍ୟାୟରେ ଯେତେବେଳେ ଅପେକ୍ଷାକୃତ ଅର୍ଥାଭାବ ଭିତରେ ଥିଲେ ଓ ପଶ୍ଚିମ ଓଡ଼ିଶାରେ ବିଦ୍ୱତ ଗୋଷ୍ଠୀ ଗଢ଼ି ଉଠି ନଥିବାରୁ ତାଙ୍କ ପୁସ୍ତକର ପ୍ରକାଶନ ପ୍ରସାର ପାଇଁ ପୃଷ୍ଠପୋଷକତାର ଅଭାବ ଥିଲା, ସେତେବେଳେ ପ୍ରାଣ ଖୋଲି ସାହାଯ୍ୟ କରିବାକୁ ରାଧାନାଥ ବା ଅନ୍ୟ କେହି ଆଗେଇ ଆସିଥିଲେ କି ? ଯେଉଁମାନେ ଆଗେଇ ଆସିଛନ୍ତି, ସେମାନେ ସମ୍ମାନ ହାନିକର ପ୍ରସ୍ତାବ ଦେଇନାହାନ୍ତି କି ? ଏଭଳି ସମ୍ମାନ ହାନିକର ପ୍ରସ୍ତାବକୁ ହୁଏତ ସେ ପ୍ରଥମେ ଗ୍ରହଣ କରିଛନ୍ତି। ପରବର୍ତ୍ତୀ କାଳରେ, ପ୍ରୌଢ଼ ବୟସରେ, ଏଭଳି ପ୍ରସ୍ତାବ ସବୁକୁ ଗ୍ରହଣ କରିବାରେ ସେ ଥିଲେ ପରାଙ୍ମୁଖ। ନୀଳମଣି ବିଦ୍ୟାରତ୍ନଙ୍କ ଏହି ସଂପର୍କିତ ଏକ ପ୍ରସ୍ତାବ ବିଷୟରେ ତା ୨୧।୯।୧୨ରିଖରେ ସେ ବ୍ରଜମୋହନଙ୍କୁ ଲେଖିଥିଲେ : "ନୀଳମଣି ବାବୁ ନୂତନ କେତେକ ପ୍ରସ୍ତାବ କରିଅଛନ୍ତି। ତାହା ମୋ ପ୍ରତି ଉପହସନୀୟ ହେବ ବୋଲି ତାଙ୍କୁ କିଛି ଠିକ୍ ଉତ୍ତର ଦେଇନାହିଁ ଏବଂ ଆପଣଙ୍କୁ ପୁଣି ଜଣାଇବାକୁ ବିରତ ହେଲି।" (ପତ୍ରାବଳୀ, ପୃ. ୯୮) ବ୍ରଜମୋହନଙ୍କର ସମ୍ବାଦପତ୍ରରେ ଏଭଳି ଆବେଦନ ଓ ଗଙ୍ଗାଧରଙ୍କ ଦାରିଦ୍ର୍ୟ ନେଇ ପରବର୍ତ୍ତୀ କାଳର ଚର୍ଚ୍ଚା, ଶୁଭ ଉଦ୍ଦେଶ୍ୟ ନେଇ କରାଗଲେ ମଧ୍ୟ, କବିଙ୍କ ପ୍ରତି ଉପହସନୀୟ ନୁହେଁ କି ?

❑ ❑ ❑

# ମହାପ୍ରୟାଣ ପରର ଶ୍ରଦ୍ଧାଞ୍ଜଳି

## (କ) ଗଙ୍ଗାଧରପ୍ରସଙ୍ଗ

ସୁକବି ଗଙ୍ଗାଧର ମେହେରଙ୍କ ଲୋକାନ୍ତର ଗମନରୂପ ଦୁଃସମ୍ବାଦ ପ୍ରାକୃତିକ ଉତ୍କଳର ଶିକ୍ଷିତ ଏବଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିଷାଦଧାରା ଢାଳି ଦେଇଅଛି। କବି ଗଙ୍ଗାଧର ଧନଶାଳୀ ବା କ୍ଷମତାଶାଳୀ ବ୍ୟକ୍ତି କିମ୍ବା ନଗରନିବାସୀ ସୌଧବିହାରୀ ବିଳାସପରାୟଣ ବ୍ୟକ୍ତି ନଥିଲେ। ଅରଣ୍ୟାନିସଙ୍କୁଳ ସମ୍ବଲପୁର ଜିଲ୍ଲାର ବରପାଲି ନାମକ ଗୋଟିଏ ଜମିଦାରୀ ଗ୍ରାମର ସେ ଜଣେ ସାଧାରଣ ଗୃହସ୍ଥସନ୍ତାନ ଥିଲେ। ତାଙ୍କର ବାଲ୍ୟକାଳରେ ସେହି ଗ୍ରାମରେ ବର୍ତ୍ତମାନ ପରି ପ୍ରାଥମିକ ଶିକ୍ଷା ସକାଶେ କୌଣସି ଉପଯୁକ୍ତ ବିଦ୍ୟାଳୟ ମଧ୍ୟ ନଥିଲା। ବିଦ୍ୟାଳୟ ଥିଲେ ମଧ୍ୟ ଗଙ୍ଗାଧର ଶିକ୍ଷାର ସୁଯୋଗ ପାଇପାରିଥାନ୍ତେ କି ନାହିଁ ଗଭୀର ସନ୍ଦେହର ବିଷୟ।

ଗଙ୍ଗାଧରଙ୍କ ପିତା ଜଣେ ସାଧାରଣ ଅବସ୍ଥାର ଲୋକ ଥିଲେ। କୁଟୁମ୍ବପୋଷଣ ସକାଶେ ତାଙ୍କୁ ନିୟମିତ ରୂପେ ଜାତୀୟ ବ୍ୟବସାୟ— ବସ୍ତ୍ରବୟନ କାର୍ଯ୍ୟ କରିବାକୁ ପଡୁଥିଲା। ଗଙ୍ଗାଧର ପିତାଙ୍କ ନିକଟରେ ଉକ୍ତ ବ୍ୟବସାୟ ଶିକ୍ଷା ସଙ୍ଗେ ସଙ୍ଗେ ପିତାଙ୍କ କାର୍ଯ୍ୟରେ ଶକ୍ତ୍ୟନୁରୂପ ସାହାଯ୍ୟ କରିବାକୁ ବାଧ୍ୟ ହୋଇଥାନ୍ତି। ମାତ୍ର ବିଦ୍ୟାଶିକ୍ଷା ପ୍ରତି ତାଙ୍କର ପ୍ରବଳ ଅନୁରାଗ ହେତୁ ସେ ଗ୍ରାମ୍ୟ ଚାଟଶାଳୀରେ ପ୍ରଚଳିତ ଶିକ୍ଷା ପ୍ରାପ୍ତ ହୋଇ ତୃପ୍ତିଲାଭ କରିପାରି ନଥିଲେ। ଏଣେ ଜୀବିକାର୍ଜନ କାର୍ଯ୍ୟରେ ପିତାଙ୍କର ସହକାରିତା ନକଲେ ନଚଳେ, ସୁତରାଂ ଦିବାଭାଗରେ ଜ୍ଞାନାର୍ଜନ କାର୍ଯ୍ୟରେ ସମୟ କିମ୍ବା ସେଥି ସକାଶେ ଅର୍ଥବ୍ୟୟ କରିବାର ପ୍ରଶ୍ନ ନଥିଲା।

ଲୋକେ କଥାରେ କହିଥାନ୍ତି, ‘‘ଇଚ୍ଛା ଯାହାର ସତ୍, ଈଶ୍ୱର ତାହାର ସହାୟ।’’ ଗଙ୍ଗାଧରଙ୍କ ଯୁବକ ଅବସ୍ଥାରେ ସେ ଗ୍ରାମରେ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଗ୍ରାମ୍ୟ ଶିକ୍ଷକସ୍ୱରୂପ ବାସ କରୁଥିଲେ। ଗଙ୍ଗାଧର ତାଙ୍କରି ଆନୁକୂଲ୍ୟରେ ଆପଣାର ଜ୍ଞାନର ପରିସର କଥଞ୍ଚିତ୍ ରୂପେ ବୃଦ୍ଧି କରିବାର ସୁଯୋଗ ପାଇଥିଲେ। ସେ ରାତ୍ରିକାଳରେ ତାଙ୍କଠାରୁ ପୁସ୍ତକ ଆଣି ଦିବାଭାଗରେ ଆପଣାର ପୈତୃକ ବ୍ୟବସାୟ ଚଳାଇବା ବେଳେ ସେହି ସବୁ ପଠିତ ପାଠ ଆୟତ୍ତ କରିଥାନ୍ତି। ବିଶ୍ରାନ୍ତ ବିରୁଦ୍ଧ ହେଲେ ମଧ୍ୟ ସେ ତନ୍ତବୁଣାବେଳେ ପୁସ୍ତକ ପାଖରେ ରଖି ସେ ବିଷୟରେ ଆଲୋଚନା

କରିବାକୁ ଚେଷ୍ଟା କରିଥାନ୍ତି। ଶିକ୍ଷା ବିଷୟରେ ଏପରି ପ୍ରବଳ ଅନୁରାଗ, ଅସାଧାରଣ ଅଧ୍ୟବସାୟ ପାଶ୍ଚାତ୍ୟ ଦେଶମାନଙ୍କରେ ସୁଲଭ ହେଲେ ମଧ୍ୟ ଆମ୍ଭମାନଙ୍କ ଦେଶରେ ଅତି ବିରଳ।

ଗଙ୍ଗାଧରଙ୍କ ଯୁବକ ଅବସ୍ଥାରେ ବା ପଠଦ୍ଦଶାରେ ବର୍ତ୍ତମାନ ପରି ନାନା ବିଷୟକ ଜ୍ଞାନଗର୍ଭ ମୁଦ୍ରିତ ପୁସ୍ତକମାନ ଦେଶରେ ଦୁର୍ଲଭ ଥିଲା। ଯାହା କିଛି ପ୍ରକାଶିତ ହେଉଥିଲା, ତାହା ଡାକଘରର ଅଳ୍ପତା, ସମ୍ବାଦପତ୍ରର ଅଭାବ ଆଦି କାରଣରୁ ସୁଦୂର ମଫସଲର ଲୋକମାନଙ୍କ ଜ୍ଞାନବୃଦ୍ଧିରେ ସାହାଯ୍ୟ କରିପାରୁ ନଥିଲା। ଫଳତଃ ସେ ସମୟରେ ଅନୁନ୍ନତ ଜିଲ୍ଲାରେ ଗୋଟିଏ ସାଧାରଣ ଗ୍ରାମରେ ସାଧାରଣ ଗୃହସ୍ଥ ସନ୍ତାନ ନିଜ ଚେଷ୍ଟାରେ ନିଜର ଜ୍ଞାନର ସୀମା ଯେତେଦୂର ବୃଦ୍ଧି କରିପାରିବାର ସମ୍ଭାବନା ଆମ୍ଭମାନଙ୍କ ଶ୍ରଦ୍ଧେୟ ଗଙ୍ଗାଧର ତାହା କରିଥିଲେ।

ବରପାଲି ଗୋଟିଏ ଜମିଦାରୀ ଗ୍ରାମ ବୋଲି ପୂର୍ବରେ ଉଲ୍ଲେଖ କରିଅଛୁଁ। ସେଠାର ସେ ସମୟର ଜମିଦାର ସ୍ୱର୍ଗୀୟ ରାୟ ବାହାଦୁର ଲାଲ ନୃପରାଜ ସିଂହଦେବ ଜଣେ ଜାତ୍ୟାଭିମାନୀ ଉଚ୍ଚମନା ବ୍ୟକ୍ତି ଏବଂ ଅନରେରି ମାଜିଷ୍ଟ୍ରେଟ୍ ଥିଲେ। ସେ ଗଙ୍ଗାଧରଙ୍କ ଯୋଗ୍ୟତାର ପରିଚୟ ପାଇ କର୍ତ୍ତୃପକ୍ଷମାନଙ୍କୁ ଜଣାଇ ତାଙ୍କୁ ଆପଣାର ମାଜିଷ୍ଟ୍ରେଟି ଅଫିସର କିରାଣି କାର୍ଯ୍ୟରେ ନିଯୁକ୍ତ କଲେ। ଫଳତଃ ସେ ଜାତୀୟ ବ୍ୟବସାୟ ତ୍ୟାଗ କରି ବୈଷୟିକ ବ୍ୟାପାରରେ ସେହି ସମୟରୁ ଶେଷ ଜୀବନର କିଛିକାଳ ପୂର୍ବ ପର୍ଯ୍ୟନ୍ତ ବରପାଲି, ବିଜେପୁର ଓ ଭୁଞ୍ଜାସମର ଜମିଦାରମାନଙ୍କ ନିକଟରେ ନିଯୁକ୍ତ ରହି ସୁଖ୍ୟାତି ଅର୍ଜନ କରି ପାରିଥିଲେ।

୧୮୯୮ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ଜିଲ୍ଲାର ପ୍ରଥମ ସମ୍ବାଦପତ୍ର ସମ୍ବଲପୁର ହିତୈଷିଣୀ, ବାମଣ୍ଡାଧିପ ପୁଣ୍ୟଶ୍ଳୋକ ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ଚେଷ୍ଟାରେ ମୋହୋର ସମ୍ପାଦକତାରେ ପ୍ରକାଶିତ ହେବା ଆରମ୍ଭ ହେଲା। ସେହି ପତ୍ରିକା ସୁକ୍ଷଣରେ ପ୍ରକାଶିତ ହୋଇ ଦେଶବାସୀମାନଙ୍କୁ କିପରି ସାହିତ୍ୟିକ ନବଜୀବନ ପ୍ରଦାନ କରିଥିଲା, ତାହା କବି ଗଙ୍ଗାଧର ଆପଣା ପୁସ୍ତକ ମଧ୍ୟରେ 'ବିଦ୍ୟାରତ୍ନଙ୍କ ହିତୈଷିଣୀ' ଶୀର୍ଷକ କବିତାରେ ପ୍ରକାଶ କରିଅଛନ୍ତି। କବିବର ରାଧାନାଥଙ୍କ ଗ୍ରନ୍ଥାବଳୀର ଭୂମିକାରେ ମଧ୍ୟ 'ହିତୈଷିଣୀ' ଏବଂ ତଦୁପରେ 'ଉତ୍କଳସାହିତ୍ୟ' ଉତ୍କଳ ଖଣ୍ଡରେ ସାହିତ୍ୟ ଚର୍ଚ୍ଚାରେ ଯୁଗାନ୍ତର ଉପସ୍ଥିତ କରିଥିବା କଥାର ବିଶଦ ଉଲ୍ଲେଖ ଅଛି। ଗଙ୍ଗାଧର ସର୍ବପ୍ରଥମେ ହିତୈଷିଣୀ ସାହାଯ୍ୟରେ ସାହିତ୍ୟସାଧନାର ସୁଯୋଗ ପାଇ ଆପଣା ପ୍ରତି କବିବର ରାଧାନାଥଙ୍କ ସୁଦୃଷ୍ଟି ଆକର୍ଷଣ କରି ପାରିଥିଲେ।

କେତେକ ବର୍ଷପରେ ଗଙ୍ଗାଧରଙ୍କ ଦ୍ୱାରା ସ୍ରଗ୍ଧରା ବୃତ୍ତରେ ରଚିତ 'ଅହଲ୍ୟାସ୍ତବ' ନାମକ ଖଣ୍ଡିଏ କ୍ଷୁଦ୍ରପୁସ୍ତିକା ମୁଦ୍ରିତ ହୋଇ ପ୍ରଚାରିତ ହେଲା। କବିବର ରାଧାନାଥ ଅଯାଚିତ ଭାବରେ ତାହାର ପ୍ରଶଂସା କରି ଗଙ୍ଗାଧରଙ୍କ ନିକଟକୁ ପତ୍ର ପଠାଇ ତାଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ଲୋକର ଯେତେ ଦୁର୍ଗୁଣ ଥାଉ, କବିତାରେ

ଯେତେ ଦୋଷ ଥାଉ, ତହିଁରେ ଲେଖକଙ୍କର ଶକ୍ତିମଭାର— ପ୍ରତିଭାର ବିଷୟ କିଛି ଥିଲେ ସେ ଦୋଷ ଦୁର୍ଗୁଣର କଥା, ବୟସ, ଯୋଗ୍ୟତା, ଜାତି ବା ଅବସ୍ଥା ଓ ପଦମର୍ଯ୍ୟାଦାର ପ୍ରଭେଦ ବିସ୍ମୃତ ହୋଇ ସେ ଲେଖକ ବା କବିଙ୍କୁ ସମ୍ପୂର୍ଣ୍ଣ ଆପଣାର କରିନେଉଥିଲେ। ଫଳତଃ ଅହଲ୍ୟାସ୍ତବ ପ୍ରକାଶ ଦିନଠାରୁ କବି ଗଙ୍ଗାଧର କବିବରଙ୍କର ଜଣେ ସାହିତ୍ୟିକ ସଙ୍ଗୀ ସ୍ୱରୂପ ବିବେଚିତ ହୋଇ ତାଙ୍କଠାରୁ ମୂଲ୍ୟବାନ୍ ଉତ୍ସାହବାଣୀମାନ ପ୍ରାପ୍ତ ହେଲେ। କବିବର ରାଧାନାଥ ସେ ସମୟରେ ଓଡ଼ିଶା ଶିକ୍ଷା ବିଭାଗର କର୍ତ୍ତା, ଅଦ୍ୱିତୀୟ ପଣ୍ଡିତ, ଅସାଧାରଣ କବି ଏବଂ ଉତ୍କଳର ବିଶିଷ୍ଟ ଭାଙ୍ଗା ଜମିଦାର ପ୍ରଭୃତିଙ୍କ ବନ୍ଧୁ; ତାଙ୍କଠାରୁ ପ୍ରଶଂସା ପାଇବା, ଉତ୍ସାହବାଣୀ ଶୁଣିବା ସାଧାରଣ ଲୋକମାନଙ୍କ ପକ୍ଷରେ ସାମାନ୍ୟ ଗୌରବର ବିଷୟ ବୋଲି ବିବେଚିତ ହେଉନଥିଲା। ଏଥିରେ ଗଙ୍ଗାଧର ସମୁତ୍ସାହିତ ହେବା ଆଶ୍ଚର୍ଯ୍ୟର ବିଷୟ ନୁହେଁ। ସୁତରାଂ ତାଙ୍କ ପରି ସ୍ୱଭାବକବିଙ୍କ ଲେଖନୀରୁ ଅମୃତୋପମ 'ଇନ୍ଦୁମତୀ' ଏବଂ 'କୀଚକବଧ' କାବ୍ୟର ଉଦ୍ଭବ ହେବା ବିଚିତ୍ର ନୁହେଁ।

କବି ଗଙ୍ଗାଧର ଯେ ଜଣେ ପ୍ରତିଭାଶାଳୀ କବି, ଏକଥା ଉତ୍କଳବାସୀ ମାତ୍ରକେ ସ୍ୱୀକାର କରନ୍ତି। ଆଜିକାଲି ଯେପରି ନାନା ଭାଷାର କବିମାନେ ନାନା ଭାଷାର କାବ୍ୟମାନଙ୍କଠାରୁ ଭଲଭଲ ଭାଷା ଓ ଭାବ ଆହରଣ କରି କାବ୍ୟ ରଚନା କରିଥାନ୍ତି, ସେ ତାହାର ପକ୍ଷପାତୀ ନଥିଲେ ବା ତାଙ୍କର ସେ ସୁବିଧା ନଥିଲା। ଯାହା କିଛି ଅନୁକରଣ ବା ଗ୍ରହଣ, ତାହା ମୂଳ ଗ୍ରନ୍ଥରୁ ଗୃହୀତ। ଗ୍ରାମ୍ୟ କବି ଗ୍ରାମରେ ରହି କେବଳ କବିକଳ୍ପନା ଏବଂ ଅମର ପ୍ରତିଭା ବଳରେ ନିଜର କାବ୍ୟମାନଙ୍କୁ ସଜ୍ଜିତ କରି ଯଶସ୍ୱୀ ହୋଇ ଯାଇଅଛନ୍ତି।

କବି ଗଙ୍ଗାଧର କ୍ରମାଗତ ସାଠିଏବର୍ଷ କାଳ କବି ଜୀବନଯାପନ କରିଅଛନ୍ତି। ମାତ୍ର ସେ ଏହି ସୁଦୀର୍ଘକାଳ ମଧ୍ୟରେ ଆଶାନୁରୂପ ସଂଖ୍ୟାରେ କାବ୍ୟ ଲେଖି ପାରିନାହାନ୍ତି। ସମୟାଭାବ, ସାଂସାରିକ ଚିନ୍ତା ପ୍ରଧାନ କାରଣ ବୋଲି କହିଲେ ମଧ୍ୟ ଅସଙ୍ଗତ ହେବନାହିଁ। ମାତ୍ର ମୋହୋର ବିଶ୍ୱାସ ଭିନ୍ନ ପ୍ରକାର। ସେ ଖ୍ୟାତିଲାଭ କରିବା ପାଇଁ କବିତା ରଚନାରେ ପ୍ରବୃତ୍ତ ହେଉ ନଥିଲେ, କେବଳ ଚିତ୍ତ ବିନୋଦନ ନିମନ୍ତେ ଆପଣାର ଅବସର କାଳ ମଧ୍ୟରେ କିଛି କିଛି ରଚନା କରୁଥିଲେ। ତାହା ପ୍ରକାଶ କରିବା ବିଷୟରେ ମଧ୍ୟ ତାଙ୍କର ସମ୍ୟକ୍ ମନୋଯୋଗ ନଥିଲା। କବି ଗଙ୍ଗାଧରଙ୍କର ଏହି ସାହିତ୍ୟିକ ସାତ୍ତ୍ୱିକତା ସମୟ ସମୟରେ କେବଳ ତାଙ୍କର ବନ୍ଧୁମାନଙ୍କ ଉତ୍ତେଜନାରେ ଭଙ୍ଗ ହେଉଥିଲା।

କବି ଗଙ୍ଗାଧରଙ୍କ ସୁଲିଖିତ ଉପାଦେୟ କାବ୍ୟ 'କୀଚକ ବଧ' ରଚିତ ହୋଇ ତାଙ୍କର ଅମନୋଯୋଗ ଫଳରେ ଅନେକଦିନ ଅମୁଦ୍ରିତ ଅବସ୍ଥାରେ ପଡ଼ି ରହିଥିଲା। ପରେ 'ପ୍ରଭାତଚନ୍ଦ୍ର' ସମ୍ପାଦକ ରୂପେ ମୁଁ ଉକ୍ତ ପୁସ୍ତକ ବିଷୟ ରାଧାନାଥ ବାବୁଙ୍କ ମନ୍ତବ୍ୟ ସହ ପତ୍ରିକାରେ ପ୍ରକାଶ କରିବାରୁ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି.ଆଇ.ଇ.

ମହାଶୟ ସ୍ୱତଃପ୍ରବୃତ୍ତ ହୋଇ ଉକ୍ତ ପୁସ୍ତକର ମୁଦ୍ରାଙ୍କନ ଭାର ବହନ କରିଥିଲେ। ତାଙ୍କର ଅନ୍ୟାନ୍ୟ ପୁସ୍ତକ ପ୍ରକାଶ ସମ୍ବନ୍ଧରେ ପ୍ରାୟତଃ ଏହିପରି ଘଟିଅଛି।

ହିତୈଷିଣୀ ସମ୍ପାଦକ ସ୍ୱରୂପ ମୋର କବି ଗଙ୍ଗାଧରଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ଘଟିଥିଲେ ମଧ୍ୟ କେବେହେଲେ ତାଙ୍କ ସହିତ ବାକ୍ଷୁଷ ସାକ୍ଷାତ୍‌ର ସୁଯୋଗ ପାଇନଥିଲି। ପରେ କବିବର ରାଧାନାଥ ବାମଣ୍ଡା ଯାଇଥିଲେ। ସେତେବେଳେ ମୁଁ ସମ୍ବଲପୁରରୁ ମହାନଦୀ ବାଟରେ ତାଙ୍କ ସଙ୍ଗରେ ଆସିବାର ସୁବିଧା ପାଇଥିଲି। ବାମଣ୍ଡା-ସମ୍ବଲପୁର ବାଟରେ ତାଙ୍କ ସହିତ ମୋର କବି ଗଙ୍ଗାଧରଙ୍କ ସମ୍ବନ୍ଧରେ ଅନେକ କଥାବାର୍ତ୍ତା ହୋଇଥିଲା। କବିବରଙ୍କ ଇଚ୍ଛା, ସମୟ ଏବଂ ସୁବିଧା ଥିଲେ ସେ ଗଙ୍ଗାଧରଙ୍କ ଗୃହକୁ ଯାଇ ତାଙ୍କ ସହିତ ଆଳାପ କରନ୍ତେ। ତାଙ୍କର ଏପରି ଇଚ୍ଛାର କଥା ଜାଣି ମୁଁ ତାଙ୍କ ଅଜ୍ଞାତରେ ଗଙ୍ଗାଧରଙ୍କ ନିକଟକୁ ପତ୍ର ପଠାଇ ଅନୁରୋଧ କଲି ଯେ, ସୁବିଧା ହେଲେ ସେ ତାଙ୍କ ଗ୍ରାମର ନିକଟବର୍ତ୍ତୀ (ସୋନପୁର ଇଲାକା) ବିନିକାଠାକୁ ଆସି କବିବରଙ୍କ ସାକ୍ଷାତ୍ ଲାଭର ଚେଷ୍ଟା କରିବେ। ସତକୁସତ ଆମ୍ଭେମାନେ ବିନିକା ଘାଟରେ ସନ୍ଧ୍ୟାବେଳେ ଉପସ୍ଥିତ ହୋଇ ଅପରିଚିତ ପୁରୁଣାବନ୍ଧୁ ଗଙ୍ଗାଧରଙ୍କର ସୌମ୍ୟମୂର୍ତ୍ତି ଦର୍ଶନ କରି ପରମାନନ୍ଦିତ ହେଲୁଁ। ସହଚର ଭୋଜନପ୍ରିୟ ବନ୍ଧୁ ତାଙ୍କର ରାମକୃଷ୍ଣ ସାହୁ, ନବୀନବନ୍ଧୁ ଏବଂ ସାହିତ୍ୟିକ ଗଙ୍ଗାଧରଙ୍କ ସମୁପସ୍ଥିତି ଯୋଗେ ସେଦିନ ରାତ୍ରି ଭୋଜନର ଆୟୋଜନଟା ସାଡ଼ମ୍ବରରେ ହେବାର ପ୍ରସ୍ତାବ ଉପସ୍ଥିତ କଲେ। କବିବର ଗଙ୍ଗାଧରଙ୍କୁ ପାଇ ଆହାର ନିଦ୍ରା ବିସ୍ମୃତ ହୋଇ ତାଙ୍କ ସହିତ ବାହୁଲ୍ୟ ଭାବରେ ୩/୪ ଘଣ୍ଟା କାଳ କେବଳ ସାହିତ୍ୟ ପ୍ରସଙ୍ଗର କଥୋପକଥନରେ ଅତିବାହିତ କରି ରାମକୃଷ୍ଣ ବାବୁଙ୍କଠାରୁ 'ଏ ବୁଢ଼ାଟା ବଡ଼ ସାହିତ୍ୟ ଡାହାଣୀ' ଆଖ୍ୟା ପାଇଥିଲେ। ଗଙ୍ଗାଧର ବାବୁ ମୋର ପତ୍ର ପାଇ କଷ୍ଟ ସ୍ୱୀକାର କରି ଆସିଥିବାର ଶୁଣି କବିବର ମୋତେ ସସ୍ନେହ ଅନୁଯୋଗ କରିଥିଲେ।

୧୯୧୬ ଖ୍ରୀଷ୍ଟାବ୍ଦରେ ବାମଣ୍ଡାର ଶ୍ରୀମତୀ ରାଜକୁମାରୀଙ୍କ ସହିତ କଳାହାଣ୍ଡିର ଶ୍ରୀଯୁକ୍ତ ମହାରାଜଙ୍କର ଶୁଭବିବାହ। ଉକ୍ତ ବିବାହୋତ୍ସବ ବାମଣ୍ଡାଧୀଶ୍ୱର ସଚ୍ଚିଦାନନ୍ଦ ଦେବଙ୍କ ପ୍ରଶଂସନୀୟ ରୁଚିର ପରିଚାୟକ। ସେହି ଅନୁଷ୍ଠାନରେ ଯୋଗଦେବା ନିମନ୍ତେ ଭାରତର ନାନା ପ୍ରଦେଶର, ବିଶେଷତଃ ଉତ୍କଳର ବିଶିଷ୍ଟ ସାହିତ୍ୟସେବୀମାନେ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ। ଉତ୍କଳର ସେହି ସ୍ମରଣୀୟ ଅଭିନବ ଉତ୍ସବକୁ କବି ଗଙ୍ଗାଧର ମଧ୍ୟ ନିମନ୍ତ୍ରିତ ହୋଇଥିଲେ, ମାତ୍ର ଯୋଗ ଦେଇ ପାରିନଥିଲେ। କବି ଗଙ୍ଗାଧର କବି ଭାବରେ ସ୍ୱତଃ ବା ନିମନ୍ତ୍ରିତ ହୋଇ କେବେ କୌଣସି ରାଜଦରବାରରେ ପଦାର୍ପଣ କରିଥିବାର ଦେଖାଶୁଣା ଯାଇ ନଥିବାର ଅନୁମାନ କରେଁ, ରାଜପାରିଷଦମାନଙ୍କର ଏବଂ ରାଜାମାନଙ୍କର ବୃଥାଭିମାନର କଥା ସ୍ମରଣ କରି ସେ ଏ ବିଷୟରେ ପଶ୍ଚାଦ୍‌ପଦ ହୋଇଥାନ୍ତି ପରା! ମାତ୍ର ବାମଣ୍ଡାରେ ଏପରି ଆଶଙ୍କାର କାରଣ କିଛି ନଥିଲା।

ବାମଣ୍ଡାଧୀଶ୍ୱର ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ତାଙ୍କୁ ଆପଣା ସାହିତ୍ୟ ଭାର ସଦସ୍ୟ ରୂପେ ରଖିବାର ପ୍ରସ୍ତାବ କରିଥିଲେ। କବି ଗଙ୍ଗାଧର ସରକାରୀ କାର୍ଯ୍ୟତ୍ୟାଗ ପରେ ଅନ୍ୟତ୍ର ନରହି ସ୍ୱଗ୍ରାମରେ ଶେଷଜୀବନ ଅତିବାହନର ଇଚ୍ଛା କଥା ମୋତେ ଜଣାଇ ଥିବାରୁ ମୁଁ ବାମଣ୍ଡାଧୀଶ୍ୱରଙ୍କ ସଂକଳ୍ପ ପରିବର୍ତ୍ତନ କରାଇ ତାଙ୍କୁ ସାହିତ୍ୟ ଚର୍ଚ୍ଚାପାଇଁ ଗୋଟିଏ ମାସିକ ବୃତ୍ତି ପ୍ରଦାନର ପରାମର୍ଶ ଦେଇଥିଲି। ସେ ଗଙ୍ଗାଧରଙ୍କ ବାମଣ୍ଡା ଆଗମନରେ ଅନିଚ୍ଛାର ଯୁକ୍ତିଯୁକ୍ତତା ଅନୁଭବ କରି ମୋର ପରାମର୍ଶ ଗ୍ରହଣରେ ସମ୍ମତି ପ୍ରକାଶ କରିଥିଲେ। ମାତ୍ର କାଳ ବାଦ ସାଧିଲା। କଥୋପକଥନର ପ୍ରାୟ ମାସକ ମଧ୍ୟରେ ସଚ୍ଚିଦାନନ୍ଦ ସ୍ୱର୍ଗାରୋହଣ କଲେ। କବିଙ୍କୁ ତାଙ୍କ ଶେଷ ଜୀବନରେ ଘରେ ବସାଇ ବୃତ୍ତିଦାନରେ ସମ୍ମତି ପ୍ରଦାନ ଯେ ସଚ୍ଚିଦାନନ୍ଦଙ୍କର ଉଚ୍ଚ ହୃଦୟବତ୍ତାର ପରିଚାୟକ, ଏଥିରେ ସନ୍ଦେହ ନାହିଁ। ସେ କବି ଗଙ୍ଗାଧରଙ୍କ ଅମୂଲ୍ୟ ପ୍ରତିଭାକୁ ଉତ୍ତମ ରୂପେ ଚିହ୍ନି ପାରିଥିଲେ। କବି ଗଙ୍ଗାଧରଙ୍କ ସହିତ ମୋ ଜୀବନରେ ତିନିଥର ସାକ୍ଷାତ। ପ୍ରଥମଥର ବିନିକାଠାରେ, ଦ୍ୱିତୀୟଥର ପାଟଣା ଯାତ୍ରା କାଳରେ ବରପାଲିଠାରେ ଏବଂ ତୃତୀୟଥର କଟକ ନଗରରେ ବଡ଼ଲାଟ୍ ଲର୍ଡ୍ ହାର୍ଡ଼ିଂଙ୍କ ଦରବାର ସମୟରେ। ପ୍ରତ୍ୟେକ ଥର ତାଙ୍କର ସ୍ନେହ, ସଦାଳାପ, ଶିଷ୍ଟାଚାରରେ ଏବଂ ତଦୀୟ ମାନବୋଚିତ ଗୁଣାବଳୀ ଦର୍ଶନରେ ମୁଁ ମୁଗ୍ଧ ହୋଇଅଛି। ଜମିଦାରମାନଙ୍କ ନିକଟରେ ଚିରଜୀବନ କାର୍ଯ୍ୟ କରିଥିଲେ ମଧ୍ୟ ସେ କେତେବେଳେ ହେଲେ ଆପଣାର ସ୍ୱାଧୀନ ମତକୁ ବର୍ଜ୍ଜନ କରିନାହାନ୍ତି। ଅଯଥା ପ୍ରଶଂସା ବା ସ୍ତାବକତାକୁ ସେ ଘୃଣାଦୃଷ୍ଟିରେ ଅବଲୋକନ କରୁଥିଲେ। ଗଙ୍ଗାଧର ରକ୍ଷଣଶୀଳ ସମାଜରେ ଲାଳିତପାଳିତ ହେଲେ ମଧ୍ୟ ଦେଶାଚାରର ଦାସ ନଥିଲେ। ସେ ଯେ ବୈଧ-ଯୁକ୍ତିସଙ୍ଗତ ସଂସ୍କାରର ପକ୍ଷପାତୀ, ତାହା ତାଙ୍କର ମୃତ୍ୟୁ ପୂର୍ବେ ଅନୁଷ୍ଠିତ ସାମାଜିକ ସମିତିର ନିର୍ଦ୍ଧାରଣମାନଙ୍କରୁ ଜଣାପଡ଼େ।

କବି ଗଙ୍ଗାଧରଙ୍କ ଶେଷ କାର୍ଯ୍ୟସ୍ଥଳ ସମ୍ବଲପୁରର ବୁଢ଼ାସମ୍ବର ଜମିଦାରୀ। ସେଠାର ଜମିଦାର ମହାଶୟ ସ୍ୱେଚ୍ଛାରେ ହେଉ ବା ଅନ୍ୟର ପ୍ରବର୍ତ୍ତନାରେ ହେଉ କବିଙ୍କର ଖଣ୍ଡିଏ ଗ୍ରନ୍ଥ ଛପାଇ ଦେଇଅଛନ୍ତି ଏବଂ କବିଙ୍କ ପରିବାରର ଭରଣପୋଷଣ ପାଇଁ ଖଣ୍ଡିଏ ଗ୍ରାମ ଖଞ୍ଜି ଦେଇ ଧନ୍ୟବାଦର ପାତ୍ର ହୋଇଅଛନ୍ତି। ଏଥି ସକାଶେ ତାଙ୍କର ନାମ କବିଙ୍କର ଅମରନାମ ସହିତ ଚିରବିଜଡ଼ିତ ହୋଇ ଅନ୍ୟାନ୍ୟଙ୍କ ପକ୍ଷରେ ଆଦର୍ଶ ସ୍ଥାନୀୟ ହୋଇ ରହିବ।

ଭାଇ ଗଙ୍ଗାଧର, ଦ୍ୱେଷ-ହିଂସା-କପଟତା-କଳୁଷିତ, ଆତ୍ମାଭିମାନଗର୍ବିତ ଏ ଦେଶ ତୁମର ବାସସ୍ଥାନର ଉପଯୁକ୍ତ ନୁହେଁ। ରାଧାନାଥ, ମଧୁସୂଦନ ଏବଂ ଫକୀରମୋହନ ପ୍ରଭୃତିଙ୍କ ବିଦେହସ୍ଥଳୀ ଅମରଧାମ ତୁମର ଉପଯୁକ୍ତ ସ୍ଥାନ। ସେହି ଦେବବାଞ୍ଛିତସ୍ଥଳୀ ସମସ୍ତଙ୍କର ଉପଭୋଗ୍ୟ ନୁହେଁ। ତେବେ କଥା ଅଛି —

"କ୍ଷଣମିହ ସଜ୍ଜନସଙ୍ଗତିରେକା
ଭବତି ଭବାର୍ଣ୍ଣବତରଣେ ନୌକା।"

ତୁମ୍ଭମାନଙ୍କ ସହବାସ ଫଳରେ ଯଦି କିଛି ପୁଣ୍ୟଲାଭ କରି ପାରିଥାଏଁ, ତେବେ ସେହି ପୁଣ୍ୟ ବଳରେ ଅଚିରେ ତୁମ୍ଭମାନଙ୍କ ସାକ୍ଷାତ୍ ଲାଭ କରିପାରିବାର ଭରସା ରହିଲା ।

ତୁମ୍ଭେମାନେ ତ ଏକେ ଏକେ ଦେଶ ତ୍ୟାଗ କରିଗଲ । ତୁମ୍ଭମାନଙ୍କ ସ୍ଥାନ ପୂରଣ କରିବାକୁ ବର୍ତ୍ତମାନ ବା ନିକଟ ଭବିଷ୍ୟତରେ ଦେଶରେ ଉପଯୁକ୍ତ ଲୋକର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ । ତୁମ୍ଭେମାନେ ଅମର ଧାମରେ ଥାଇ ସ୍ୱଦେଶର ଏହି ଶୋଚନୀୟ ଅଭାବ ପୂରଣପାଇଁ ଆଶୀର୍ବାଣୀ ଉଚ୍ଚାରଣ କର ।

ଶ୍ରୀ ନୀଳମଣି ବିଦ୍ୟାରତ୍ନ

## (ଖ) ସ୍ୱର୍ଗତ କବି ଗଙ୍ଗାଧର

Full many a gem of purest
ray serene,
The dark unfathomed caves
of ocean bear.
Full many a flower born to
blush unseen,
And waste its sweetness on
the desert air.

କବି ଗଙ୍ଗାଧରଙ୍କ ଜୀବନରେ ଇଂରେଜ କବିଙ୍କର ଏହି ଉକ୍ତି କିପରି ଅକ୍ଷରେ ଅକ୍ଷରେ ପ୍ରତିପାଦିତ ହୋଇଅଛି, ତାହା ସେ ଯେଉଁମାନଙ୍କ ସଙ୍ଗେ ପରିଚିତ ଥିଲେ ସେମାନେ ଉତ୍ତମରୂପେ ଅବଗତ ଅଛନ୍ତି । ରତ୍ନାକରର ଅନ୍ଧକାରମୟ ଅତଳସ୍ପର୍ଶ ଅଗାଧ ଗର୍ଭ ମଧ୍ୟରେ ମଣିମୁକ୍ତା ପ୍ରବାଳାଦି ଅସଂଖ୍ୟ ରତ୍ନରାଜି ଯେପରି ଲୋକଲୋଚନର ଅଗୋଚରରେ ପଡ଼ି ରହିଅଛି, ଯେପରି ସୌରଭମୟ ମନୋହର କୁସୁମାବଳି ଦର୍ଶକଦୃଷ୍ଟିର ଅନ୍ତରାଳରେ ତମୋମୟ ନିବିଡ଼ ଅରଣ୍ୟାନୀ ମଧ୍ୟରେ ଶୁଖି ଝଡ଼ି ପଡୁଅଛି, ସେହିପରି ଅନନ୍ତ କାଳ ଗର୍ଭରେ ବିଧାତାଙ୍କ ବିଚିତ୍ର ସୃଷ୍ଟି ମଧ୍ୟରେ କେତେ କେତେ ଲୋକ ଜନ୍ମଗ୍ରହଣ କରି ସମୟ ଓ ସୁଯୋଗର ଅଭାବରୁ ଈଶ୍ୱରଦତ୍ତ ସ୍ୱୀୟ ଅସାଧାରଣ ଶକ୍ତି ଓ ସାମର୍ଥ୍ୟର ବିକାଶ କରିନପାରି ଦୁର୍ଲଭ ଜୀବନ ବିସର୍ଜନ କରି ଚାଲିଯାଉଅଛନ୍ତି । ସଂସାରରେ ଅଧିକାଂଶ ଲୋକଙ୍କ ଦଶା ଏହିପରି । ପୃଥିବୀର ଶ୍ରେଷ୍ଠକବି କାଳିଦାସ ଓ ସେକସ୍‌ପିୟରଙ୍କ ବାଲ୍ୟଜୀବନ ଆଲୋଚନା କଲେ ସ୍ପଷ୍ଟ ଜଣାଯାଏ ଯେ, ଈଶ୍ୱର ପ୍ରତ୍ୟେକ ଲୋକର ହୃଦୟକ୍ଷେତ୍ରରେ ଜୀବନଦାନ ସଙ୍ଗେ ସଙ୍ଗେ ଅସାଧାରଣ ଶକ୍ତିବୀଜ ବପନ କରିଥାନ୍ତି, ସୁଯୋଗ-ବାରି ସେଚନରେ ସେହି ବୀଜ ମହାମହୀରୁହରେ ପରିଣତ ହୋଇ ସୌରଭମୟ ପୁଷ୍ପ ଓ ଅମୃତମୟ ଫଳରେ ଭୂଷିତ ମହୋପକାର ସାଧନ କରିପାରେ । ଆଧୁନିକ ଯୁଗରେ ଆମମାନଙ୍କ ଜନ୍ମଭୂମି ଏହି ଉତ୍କଳର ଦୁର୍ଦ୍ଦଶାର ଏକମାତ୍ର

କାରଣ, ଏହି ସୁଯୋଗର ଅଭାବ। ଆମମାନଙ୍କର ପ୍ରତିବେଶୀ ବଙ୍ଗୀୟ ଭ୍ରାତାମାନେ ପ୍ରଥମରୁ ନବୀନଯୁଗର ପଥପ୍ରଦର୍ଶକ ଇଂରେଜ ଜାତିର ସାହଚର୍ଯ୍ୟ ସୁଯୋଗ ଲାଭକରି ଆଜି ଯେପରି ଉନ୍ନତ ଓ ପ୍ରତିଷ୍ଠାନ୍ୱିତ ହୋଇଅଛନ୍ତି, କିଏ ଅସ୍ୱୀକାର କରିବ ଯେ ଓଡ଼ିଶା ପ୍ରଥମରୁ ସେହି ସୁଯୋଗ ଲାଭ କରିଥିଲେ ଆଜି ଶତ ଶତ କବି, ମନୀଷୀ, ଶିଳ୍ପୀ ଓ ରାଜନୀତିଜ୍ଞ ପୁତ୍ର କ୍ରୋଡ଼ରେ ଧାରଣ କରି ସେହିପରି ଧନ, ଧର୍ମ ଓ ବିଦ୍ୟାର ଗୌରବରେ ସମଗ୍ର ଭାରତ ଭୂମିକୁ ପୂର୍ଣ୍ଣ କରିଥାନ୍ତା ?

ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ପାଶ୍ଚାତ୍ୟ ଶିକ୍ଷାଲୋକ ବହୁକାଳଯାଏ ପ୍ରବେଶ କରିନଥିଲା। ଆଜି ମଧ୍ୟ ସମ୍ବଲପୁରର ଅଧିକାଂଶ ଲୋକ ବିଶେଷତଃ ଭୁଲିଆ ବା ତନ୍ତୀ ଜାତିର ଲୋକମାନେ ଏହି ପାଶ୍ଚାତ୍ୟ ଶିକ୍ଷାରୁ ବହୁ ଦୂରରେ ରହିଅଛନ୍ତି। ଗଙ୍ଗାଧରଙ୍କ ଜନ୍ମ ଏହି ତନ୍ତୀ କୁଳରେ। ଦରିଦ୍ର ଅଶିକ୍ଷିତ ପଲ୍ଲୀ ସମାଜରେ ଜାତ ହୋଇ ଦୁର୍ଯୋଗ ସଙ୍ଗେ ତୀବ୍ର ସଂଗ୍ରାମ କରି ସେ ସ୍ୱୀୟ ଅନ୍ତର୍ନିହିତ ପ୍ରଚ୍ଛନ୍ନ ଶକ୍ତିର ଯେଉଁ କ୍ଷୀଣ ବିକାଶ ସାଧନ କରିଥିଲେ, ତାହାରି ସାହାଯ୍ୟରେ ସେ କେତେଗୁଡ଼ିଏ କବିତାମାଳା ସୃଜନ କରି ସ୍ୱୀୟ ଦୁଃଖିନୀ ମାତୃଭାଷାର କଣ୍ଠରେ ଲମ୍ବାଇ ଦେଇ ଯାଇଅଛନ୍ତି। ମନୁଷ୍ୟ ସଂସାର କ୍ଷେତ୍ରରେ ନାନାଭାବରେ ସ୍ୱୀୟ ଶକ୍ତିର ପ୍ରୟୋଗ କରିପାରେ। ଗଙ୍ଗାଧର ଇଚ୍ଛା କରିଥିଲେ ତାଙ୍କର ବହୁ ଆୟାସଲବ୍ଧ ଶକ୍ତି ଟିକକୁ ଅନ୍ୟ କ୍ଷେତ୍ରରେ ପ୍ରୟୋଗ କରିପାରିଥାନ୍ତେ, ମାତ୍ର ତାହା କରିଥିଲେ ସେ ଅଧିକରେ ଯଶସ୍ୱୀ ହୋଇ ପାରିଥାନ୍ତେ କି ? ପୃଥିବୀରେ ଯେ ଯେପରି ଭାବରେ କୀର୍ତ୍ତିସ୍ଥାପନର ଚେଷ୍ଟା କରନ୍ତୁ, ଅକ୍ଷର ସମ୍ପର୍କୀୟ କୀର୍ତ୍ତି ହିଁ ଚିରସ୍ଥାୟିନୀ, ଏହା କେହି ଅସ୍ୱୀକାର କରି ପାରିବେ ନାହିଁ। 'କୀର୍ତ୍ତିରକ୍ଷରସଂବଦ୍ଧା ସ୍ଥିରା ଭବତି ଭୂତଲେ' – ବୋଧହୁଏ ଏହି ମହାଜନୋକ୍ତିର ଅନୁସରଣ କରି ଗଙ୍ଗାଧର ସ୍ୱୀୟ ଜୀବନକୁ ସାହିତ୍ୟସାଧନାରେ ଅର୍ପଣ କରିଥିଲେ ଏବଂ ଅନ୍ୟାନ୍ୟଙ୍କୁ ତାଙ୍କର ଅବଲମ୍ବିତ ପଥର ଅନୁଗାମୀ ହେବାକୁ ଇଙ୍ଗିତ କରିଗଲେ। ନାନା ଅଭାବ ଓ ଅସୁବିଧା ମଧ୍ୟରେ ପଡ଼ି ଲୋକ ଆତ୍ମଚେଷ୍ଟାରେ କିପରି ଉନ୍ନତସ୍ତରର ମାର୍ଜିତ ରୁଚି ଅନୁମୋଦିତ ସାହିତ୍ୟ କ୍ଷେତ୍ରରେ ଲବ୍ଧପ୍ରତିଷ୍ଠ ହୋଇପାରେ ତାହା ତାଙ୍କର ଏହି କ୍ଷୁଦ୍ର ଜୀବନ ବୃତ୍ତାନ୍ତ ଆଲୋଚନା କଲେ ସ୍ପଷ୍ଟ ରୂପେ ପ୍ରତୀୟମାନ ହେବ। ସେ ସ୍ୱୟଂ ଗୋଟିଏ କ୍ଷୁଦ୍ର ଖାତାରେ ଅତି ସଂକ୍ଷେପରେ ସ୍ୱୀୟ ଜୀବନବୃତ୍ତାନ୍ତ ଲିପିବଦ୍ଧ କରି ଯାଇଥିଲେ, ତହିଁରୁ ତାଙ୍କର ଶ୍ରଦ୍ଧେୟ ଯୁବକ ବନ୍ଧୁ ବରପାଲି ମି. ଇ. ସ୍କୁଲର ବର୍ତ୍ତମାନ ହେଡ୍‌ପଣ୍ଡିତ ଶ୍ରୀମାନ୍ ବାବୁ ରାଘବ ମିଶ୍ର ଘଟଣାବଳି ସଂକଳନ କରି କବିଙ୍କର ପୂର୍ଣ୍ଣ ଜୀବନ ବୃତ୍ତାନ୍ତ ପ୍ରବନ୍ଧାକାରରେ ଲିପିବଦ୍ଧ କରିବାକୁ ଅନୁରୋଧ କରିବାରୁ ମୁଁ ଏହି କାର୍ଯ୍ୟରେ ଅଗ୍ରସର ହେଉଅଛି।

ସମ୍ବଲପୁର ଜିଲ୍ଲାର ବରଗଡ଼ ସବ୍‌ଡିଭିଜନରେ ବରପାଲୀ ଗୋଟିଏ ପଲ୍ଲୀଗ୍ରାମ। ଏହା ବରଗଡ଼ରୁ ପ୍ରାୟ ୧୨ ମାଇଲ୍ ଏବଂ ସମ୍ବଲପୁରରୁ ପ୍ରାୟ ୪୦ ମାଇଲ୍

ଦୂରରେ ଅବସ୍ଥିତ। ସମ୍ବଲପୁରଠାରୁ ମଧ୍ୟପ୍ରଦେଶ ଅନ୍ତର୍ଗତ ସୁଦୂର ରାୟପୁରକୁ ଯେଉଁ ରାଜପଥ ବିସ୍ତୃତ ହୋଇଅଛି, ତହିଁରୁ ବରଗଡ଼ ନିକଟରେ ଗୋଟିଏ ଶାଖା ବଲାଙ୍ଗୀର ବାଟେ କଳାହାଣ୍ଡି ପର୍ଯ୍ୟନ୍ତ ଯାଇଅଛି। ବରପାଲୀ ଏହି କଳାହାଣ୍ଡି ସଡ଼କ ପାର୍ଶ୍ୱରେ ଅବସ୍ଥିତ। ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମ ତୁଳନାରେ ବରପାଲୀର ଲୋକସଂଖ୍ୟା ଅଧିକ। ସମ୍ଭବତଃ ଏହି ହେତୁରୁ ଗ୍ରାମର ନାମ ବରପାଲୀ (ବଡ଼ପଲ୍ଲୀ) ଦିଆ ଯାଇଅଛି। ସମ୍ବଲପୁରର ଲୋକମାନେ ବଡ଼କୁ ବର ଓ ପଲ୍ଲୀକୁ ପାଲି ବୋଲି ଉଚ୍ଚାରଣ କରନ୍ତି। ପ୍ରାଚୀନ ସମ୍ବଲପୁର ରାଜାଙ୍କର 'ବଡ଼ଗଡ଼' ଆଜି 'ବରଗଡ଼' ନାମରେ ସର୍ବତ୍ର ପରିଚିତ। କଟକ ପୁରୀ ଅଞ୍ଚଳରେ ଏପରି ଗ୍ରାମ ସାଧାରଣତଃ ବଡ଼ଗାଁ ନାମରେ ଅଭିହିତ ହୁଏ। ବରଗଡ଼ ସବ୍‌ଡିଭିଜନ୍‌ରେ ୯ ଗୋଟି ଜମିଦାରୀ ଅଛି। ତନ୍ମଧ୍ୟରେ ବରପାଲୀ ଅନ୍ୟତମ। ସ୍ଥାନୀୟ ଜମିଦାରଙ୍କ ବାସସ୍ଥାନ ଯୋଗୁଁ ଏବଂ ଉତ୍କୃଷ୍ଟ କୌଶେୟ ବସ୍ତ୍ର ନିର୍ମାଣ ହେତୁରୁ ବରପାଲୀ ଓଡ଼ିଶାରେ ଗୋଟିଏ ପରିଚିତ ସ୍ଥାନ। ଏହି ଗ୍ରାମରେ ଗଙ୍ଗାଧର ୧୮୬୨ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୯ ତାରିଖ ଶନିବାର ଗହ୍ମାପୂର୍ଣ୍ଣିମା ରାତ୍ରିରେ ଭୂମିଷ୍ଠ ହୋଇଥିଲେ। ସେ ପିତାମାତାଙ୍କର ମଧ୍ୟମ ସନ୍ତାନ ଓ ଏକମାତ୍ର ପୁତ୍ର। ତାଙ୍କର ପିତା ଚୈତନ୍ୟ ମେହେର ସ୍ୱୀୟ ଜାତୀୟ ବୃତ୍ତି ଅବଲମ୍ବନ କରି ପରିବାର ପ୍ରତିପୋଷଣ କରୁଥିଲେ। ତଦ୍‌ବ୍ୟତୀତ ପୈତୃକ ଗ୍ରାମ୍ୟ ବୈଦ୍ୟବୃତ୍ତି ମଧ୍ୟ ତାଙ୍କର ଦ୍ୱିତୀୟ ଅବଲମ୍ବନ ଥିଲା। କଥିତ ଅଛି, ଗଙ୍ଗାଧରଙ୍କ ପୂର୍ବପୁରୁଷମାନେ ସମ୍ବଲପୁର ସହରରେ ବାସ କରୁଥିଲେ। ସେଠାରେ କୌଳିକ ବ୍ୟବସାୟରୁ ଉପାର୍ଜିତ ଅର୍ଥଦ୍ୱାରା ସାଂସାରିକ ବ୍ୟୟ ନିର୍ବାହ ନହେବାରୁ ସେମାନେ ତନ୍ତୁବାୟ ପ୍ରଧାନ ବରପାଲୀ ଗ୍ରାମରେ ବାସ କରିବାକୁ ଲାଗିଲେ। ଅଦ୍ୟାପି ବରପାଲୀରେ ପ୍ରାୟ ୨୦୦ଘର ତନ୍ତୀ ବୃତ୍ତି ଅବଲମ୍ବନ କରି ଜୀବିକା ଅର୍ଜନ କରନ୍ତି। ମୋଗଲ ବନ୍ଦୀର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ସମ୍ବଲପୁର ଜିଲ୍ଲାରେ ବିଦେଶୀୟ ବସ୍ତ୍ରର ଆଦର ଅଳ୍ପ। ତେଣୁ ଏହି ଜିଲ୍ଲାରେ ତନ୍ତୀମାନଙ୍କ ସଂଖ୍ୟା ଖୁବ୍ ବେଶି। ବିଶେଷତଃ ସମ୍ବଲପୁର ଜିଲ୍ଲାରେ ଗୋଟିପୋକ ବା ଟସର ବ୍ୟବସାୟ ବହୁଳ ପରିମାଣରେ ପ୍ରଚଳିତ ଥିବାରୁ ଭୁଲିଆ ବା ତନ୍ତୀମାନେ ପରମ ସୁଖରେ କାଳାତିପାତ କରନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, କବିଙ୍କ ପିତା ବସ୍ତ୍ରବୟନ ଓ ବୈଦ୍ୟବୃତ୍ତି ଏହି ଦୁଇ ବ୍ୟବସାୟ ଅବଲମ୍ବନ କରିଥିଲେ ସୁଦ୍ଧା ସୁଖରେ ସଂସାର ଯାତ୍ରା ନିର୍ବାହ କରି ପାରୁନଥିଲେ। ତେଣୁ ସେ ଅଗତ୍ୟା ସ୍ୱଗୃହରେ ଗୋଟିଏ ଗ୍ରାମ୍ୟ ପାଠଶାଳାର ସୃଷ୍ଟିକରି ପ୍ରତିବେଶୀ ବାଳକମାନଙ୍କୁ ଶିକ୍ଷା ଦେବାକୁ ଲାଗିଲେ। ମାତ୍ର ସେତେବେଳେ ସେ ଜାଣି ନଥିଲେ ଯେ, ଶିକ୍ଷା ବ୍ୟବସାୟରୁ ଆୟ ଭିକ୍ଷା ବ୍ୟବସାୟର ଆୟ ଅପେକ୍ଷା କୌଣସି ରୂପେ ଅଧିକ ନୁହେଁ। ତେଣୁ ତାଙ୍କୁ ପୂର୍ବବତ୍ ଦାରିଦ୍ର୍ୟର ତୀବ୍ର କଶାଘାତ ସହିବାକୁ ପଡୁଥିଲା। ବାଲ୍ୟକାଳରେ ଗଙ୍ଗାଧର ଧୀର, ଶାନ୍ତ ଓ ବିନୀତ ଥିଲେ। ଅତି ପ୍ରତ୍ୟୁଷରୁ ପିତାମହଙ୍କ ସଙ୍ଗେ ସ୍ନାନବିଧି ସମାପନାନନ୍ତର ଦେବଦର୍ଶନ କରିବା ଓ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ

ପ୍ରାତଃସନ୍ଧ୍ୟାର ଆରତି ଦର୍ଶନ କରି କ୍ଷୁଦ୍ର ମୃଦଙ୍ଗଟିଏ ଧରି ହରିସଂକୀର୍ତ୍ତନରେ ଯୋଗ ଦେବା ତାଙ୍କର ପ୍ରାତ୍ୟହିକ କାର୍ଯ୍ୟ ଥିଲା। ଏହି ଭାବରେ ପିଲାଦିନୁ ଈଶ୍ୱରପରାୟଣତା ତାଙ୍କ ହୃଦୟରେ ବଦ୍ଧମୂଳ ହୋଇଥିଲା।

ସପ୍ତମ ବର୍ଷ ବୟସରେ ଗଙ୍ଗାଧର ପିତାଙ୍କର ସେହି କ୍ଷୁଦ୍ର ପାଠଶାଳାରେ ପ୍ରବେଶ କରି ପ୍ରାଚୀନ ରୀତିରେ ପ୍ରାଥମିକ ଶିକ୍ଷା ଆରମ୍ଭ କଲେ। ସେତେବେଳେ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିଲେ ହେଁ, କଟକ ପୁରୀ ଅଞ୍ଚଳରେ ଯେଉଁ ରୀତିରେ ପ୍ରାଥମିକ ଶିକ୍ଷା ପ୍ରଦତ୍ତ ହେଉଥିଲା, ସେଠାରେ ଠିକ୍ ସେହି ରୀତିରେ ତାହା ପ୍ରଚଳିତ ଥିଲା। ଭରିଆ, ପଣ୍ଡିମା ଓ ମରହଟ୍ଟାମାନେ ରାଜ୍ୟର ସର୍ବତ୍ର ଅପ୍ରତିହତ ପ୍ରଭୁତ୍ୱ ସ୍ଥାପନ କରିଥିଲେ ହେଁ ସାଧାରଣ ଭାଷା ରାଜ୍ୟର ପରିବର୍ତ୍ତନ ବ୍ୟାପାରରେ ହସ୍ତକ୍ଷେପ କରିପାରିନଥିଲେ। ସେହି ଭାଷାର ବିଶେଷତ୍ୱ ହିଁ ଆଜି ସମ୍ବଲପୁରକୁ ପ୍ରକୃତ ଓଡ଼ିଆ ରାଜ୍ୟରେ ପରିଣତ କରିଅଛି। ପିତାଙ୍କ ନିକଟରେ ବର୍ଣ୍ଣଜ୍ଞାନ, ପଣକିଆ ଶେଷ କରି ଅଛନ୍ତି, ଏହି ସମୟରେ ପାଠଶାଳାଟି ଭାଙ୍ଗିଗଲା। ପିତା ପୁନରପି ଜାତୀୟ ବ୍ୟବସାୟରେ ମନଯୋଗୀ ହେଲେ। ପୁତ୍ରକୁ ଅନ୍ୟ ସ୍ଥାନରେ ପଢ଼ାଇବାର ସୁଯୋଗ ନଦେଖି ସେ ବସ୍ତ୍ରବୟନ ଓ ପୁତ୍ରର ଅଧ୍ୟାପନା ଏକକାଳରେ ସମାଧାନ କରିବାକୁ ଲାଗିଲେ। ପାଦଦ୍ୱୟରେ ଟିପିଣୀ, ହସ୍ତଦ୍ୱୟରେ ମାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ସେ ବିନାଆୟାସରେ ମୁଖରେ 'ନାମରତ୍ନଗୀତା' ଗାନ କରି ପ୍ରାଣପ୍ରିୟ ପୁତ୍ର ଗଙ୍ଗାଧରଙ୍କର ପିପଠିଷା ବୃତ୍ତି ଚରିତାର୍ଥ କରିଥିଲେ। ଏହି ଭାବରେ ସେ ପୁତ୍ରକୁ ସମଗ୍ର ନାମରତ୍ନଗୀତା କଣ୍ଠସ୍ଥ କରାଇସାରି ଆଉ କିଛି ପଢ଼ାଇବାର କଳ୍ପନା କରୁଅଛନ୍ତି, ଇତ୍ୟବସରରେ କେତେଗୁଡ଼ିଏ ଛାତ୍ରଙ୍କୁ ଘେନି ପୁନରପି ପାଠଶାଳା ଆରମ୍ଭ କଲେ। ଏଥର ଗଙ୍ଗାଧର ପିତାଙ୍କ ନିକଟରେ ଭାଗବତ ୧୦ମ ଓ ୧୧ଶ ସ୍କନ୍ଧ ଓ ମଥୁରାମଙ୍ଗଳ ଛାନ୍ଦ ଉତ୍ତମରୂପେ ପାଠ କରିବାର ପରମସୁଯୋଗ ଲାଭ କଲେ। ଏହିରୂପେ ତାଙ୍କର ଅନାବିଳ ବାଲ୍ୟଜୀବନ ଦର୍ପଣରେ କବିତାରସର ମାଧୁରୀ ସମ୍ୟକ୍ରୂପେ ପ୍ରତିବିମ୍ବିତ ହୋଇ ଉଠିଥିଲା। ପିତାଙ୍କ ନିକଟରେ ଅଧୀତବ୍ୟ ବିଷୟମାନ ସମାପନ କରି ସେ ଉଚ୍ଚ ଶିକ୍ଷା ବିଷୟରେ ଅନ୍ୟ ଉପାୟ ନଦେଖି କୌଳିକ ବ୍ୟବସାୟରେ ପିତାଙ୍କୁ ସାହାଯ୍ୟ କରିବାକୁ ଲାଗିଲେ ଏବଂ ସ୍ୱୟଂ ବସ୍ତ୍ରବୟନ ଶିକ୍ଷା ଆରମ୍ଭ କଲେ।

ଦଶମ ବର୍ଷ ବୟସରେ ଗଙ୍ଗାଧରଙ୍କର ବିବାହ କାର୍ଯ୍ୟ ସମାହିତ ହୋଇଥିଲା। ସମ୍ବଲପୁର ଜିଲ୍ଲାରେ, ବିଶେଷତଃ ସମ୍ବଲପୁରର ଭୁଲିଆ ଜାତି ମଧ୍ୟରେ ବାଲ୍ୟବିବାହ ପ୍ରଥା ଅଦ୍ୟାପି ପ୍ରବଳରୂପେ ପ୍ରଚଳିତ ଅଛି। ଗୋଟିଏ ଗୋଟିଏ ଭୁଲିଆ ବାଲ୍ୟବିବାହ ବିଷୟ ଶୁଣିଲେ ଆମ୍ଭେମାନେ ଏକାନ୍ତ ବିସ୍ମିତ ହୋଇଥାଉଁ। କନ୍ୟା ଚତୁର୍ଥ ବା ପଞ୍ଚମ ବର୍ଷରେ ପଦାର୍ପଣ କଲା ମାତ୍ରକେ ତାହାର ଭବିଷ୍ୟତ୍ ମଙ୍ଗଳାକାଂକ୍ଷୀ ପିତାମାତା ତାକୁ ଆଉ ଅବିବାହିତ ଅବସ୍ଥାରେ ଦେଖିବାକୁ ଇଚ୍ଛା କରନ୍ତି ନାହିଁ।

ତେଣୁ ସେମାନେ ତଦନୁରୂପ ପଞ୍ଚମ ବା ଷଷ୍ଠ ବର୍ଷବୟସ୍କ ବର ଅନ୍ୱେଷଣ କରି ଶୀଘ୍ର ତାଙ୍କୁ ପାତ୍ରସ୍ଥ କରି ଦିଅନ୍ତି। ସମ୍ଭବତଃ ଏଭଳି ହର୍ଷ-କୌତୁହଳୋଦ୍ଦୀପକ ବାଲ୍ୟବିବାହ ପୃଥିବୀର ଅନ୍ୟ କୌଣସି ଅଞ୍ଚଳରେ ପ୍ରଚଳିତ ନାହିଁ। ତେବେ ଯେଉଁଠାରେ ଗର୍ଭସ୍ଥ ଭ୍ରୁଣମାନଙ୍କୁ ପିତାମାତା ବିବାହ ବନ୍ଧନରେ ଆବଦ୍ଧ କରୁଥିବେ, ସେହିଠାରେ ତାହା ଅଧିକତର କୌତୁକଜନକ ବୋଧ ହେବ। ପିତାଙ୍କର ଆର୍ଥିକ ଅବସ୍ଥା ପ୍ରଥମରୁ ଶୋଚନୀୟ ଥିଲା। ଶିକ୍ଷକତା, ବୈଦ୍ୟବୃତ୍ତି ଓ ବସ୍ତ୍ରବୟନ ଏହି ତ୍ରିବିଧ ବୃତ୍ତି ଅବଲମ୍ବନ କରିଥିଲେହେଁ ସେ କୌଣସିମତେ ନିଜର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରି ନଥିଲେ। ତେଣୁ ପୁତ୍ରର ବିବାହରେ ପିତା ଋଣଗ୍ରସ୍ତ ହୋଇପଡ଼ିଲେ। ଋଣର ବୃଦ୍ଧି ଦେଖି ତାଙ୍କୁ ତାଙ୍କ ସାନଭାଇମାନେ ପରିବାର ମଧ୍ୟରୁ ପୃଥକ୍ କରିଦେଲେ ଏବଂ ଏହି ଋଣ ପରିଶୋଧ ନହେବାଯାଏ ତାଙ୍କୁ ପୈତୃକ ଭୂସମ୍ପତ୍ତିର ଅଂଶ ସୁଦ୍ଧା ଦେଲେନାହିଁ। ତେଣୁ ଚୈତନ୍ୟ ସେତେବେଳେ ଘୋର ଦୁଃଖରେ ପଡ଼ିଲେ। ତାଙ୍କର ପୋଷ୍ୟବର୍ଗ ମଧ୍ୟରେ ପୁତ୍ର ଗଙ୍ଗାଧର, ଦିଓଟି କନ୍ୟା, ସ୍ତ୍ରୀ ଏବଂ ସେ ସ୍ୱୟଂ। ସୁତରାଂ ଏହି କ୍ଷୁଦ୍ର ପରିବାରଟିକୁ ପ୍ରତିପୋଷଣ କରିବାକୁ ତାଙ୍କୁ ବହୁ କଷ୍ଟ ଭୋଗ କରିବାକୁ ହୋଇଥିଲା। ଶେଷରେ ପୈତୃକ ଭୂସମ୍ପତ୍ତିରୁ ଏକତୃତୀୟାଂଶ ପାଇବାରୁ ସେ ଯଥାକଥଞ୍ଚିତ୍ ସଂସାରଯାତ୍ରା ନିର୍ବାହ କରିବାକୁ ଲାଗିଲେ।

ସମ୍ବଲପୁର ଓ ତନ୍ନିକଟବର୍ତ୍ତୀ ଗଡ଼ଜାତମାନ ପୁରୀ କଟକରୁ ବହୁ ଦୂରରେ ଅବସ୍ଥିତ ଥିଲେହେଁ ଅତି ପ୍ରାଚୀନକାଳରୁ କଟକ ଅଞ୍ଚଳର ଲୋକମାନେ ସେଠାକୁ ଯାଇ ଶିକ୍ଷକତା କରୁଥିଲେ। ଆଜିକାଲି ମଧ୍ୟ ସମ୍ବଲପୁର, ରେଢ଼ାଖୋଲ, ବାମଣ୍ଡା, ସୋନପୁର, ପାଟଣା ଅଞ୍ଚଳରେ ଅନେକ କଟକିଆ ଗ୍ରାମ୍ୟଶିକ୍ଷକ କାର୍ଯ୍ୟ କରୁଅଛନ୍ତି। ସେତେବେଳେ କଟକ-ସମ୍ବଲପୁର ରେଳପଥ ପ୍ରସ୍ତୁତ ହୋଇନଥିଲା। ତେଣୁ ନିବିଡ଼ ଅରଣ୍ୟ ପଥରେ ବହୁଦିନ ପାଦରେ ଚାଲି ଚାଲି ସେମାନେ ଏତେ ଦୂର ଦେଶକୁ ଚାକିରି କରିବାକୁ ଯାଉଥିଲେ। ସେମାନଙ୍କ କଥିତ ଭାଷା ସଙ୍ଗେ ଆମ୍ଭମାନଙ୍କ ଭାଷାର ନାନା ପ୍ରକାର ବୈଷାଦୃଶ୍ୟ ଥିଲେହେଁ ସେମାନେ କଟକ ଅଞ୍ଚଳର ଭାଷାକୁ ଶୁଦ୍ଧପୂତ ମନେକରି କଟକୀ ଶିକ୍ଷକମାନଙ୍କ ହସ୍ତରେ ପରମ ଆଗ୍ରହରେ ସ୍ୱ ସ୍ୱ ସନ୍ତାନମାନଙ୍କର ଶିକ୍ଷାଭାର ଅର୍ପଣ କରନ୍ତି। କଟକ ଜିଲ୍ଲାର ମୂଳବସନ୍ତ ଗ୍ରାମର 'କରବଂଶ' ସମ୍ବଲପୁର ଅଞ୍ଚଳରେ 'ଗୁରୁବଂଶ' ବୋଲି ସର୍ବତ୍ର ସମ୍ମାନିତ। ସେତେବେଳେ ବରପାଲୀରେ କଟକୀ ଶିକ୍ଷକଙ୍କର ମଧ୍ୟ ପାଠଶାଳା ଥିଲା। ଚୈତନ୍ୟ ସ୍ୱୀୟ ପୁତ୍ରକୁ ଉଚ୍ଚଶିକ୍ଷା ଦେବା ଆଶାରେ କଟକିଆ ଅବଧାନଙ୍କ ପାଠଶାଳାକୁ ପଠାଇବାପାଇଁ ମନସ୍ଥ କରିଥିଲେ। ମାତ୍ର ଗଙ୍ଗାଧର ଦୀର୍ଘ ବେତ୍ରଦଣ୍ଡଧାରୀ ରକ୍ତଚକ୍ଷୁ ସାକ୍ଷାତ୍ ଶମନାନୁକାରୀ କଟକୀ ଶିକ୍ଷକମାନଙ୍କ ପ୍ରହାର ଭୟରେ ତାଙ୍କ ପାଠଶାଳାକୁ ଯିବାକୁ ଏକାନ୍ତ ଅନିଚ୍ଛୁକ ହେବାରୁ ପିତା ସେ ସଙ୍କଳ୍ପରୁ ନିବୃତ୍ତ ହେଲେ। ପାଠଶାଳା ଛଡ଼ା ସେଠାରେ ଗଭର୍ଣ୍ଣମେଣ୍ଟଙ୍କ ମାଇନର୍ ସ୍କୁଲ୍ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା। କେତେକଦିନ ପରେ ସେହି ମୂଳବସନ୍ତନିବାସୀ

ପଣ୍ଡିତ ଘନଶ୍ୟାମ ମିଶ୍ର ସେହି ବ୍ରାଞ୍ଚ ସ୍କୁଲ୍‌ର ଶିକ୍ଷକରୂପେ ନିଯୁକ୍ତ ହେଲେ। ତାଙ୍କ ଶିଷ୍ୟ-ବାତ୍ସଲ୍ୟ, ସାଧୁତା ଓ ଅଧ୍ୟାପନା କୌଶଳ ଛାତ୍ରସମାଜ ଦ୍ୱାରା କ୍ରମେ ପ୍ରଚାରିତ ହେବାରୁ ଗଙ୍ଗାଧର ତାଙ୍କର ଶିଷ୍ୟତ୍ୱ ସ୍ୱୀକାର କରିବାକୁ ଅଭିଳାଷ କରି ସ୍କୁଲ୍‌ରେ ନାମ ଲେଖାଇବାପାଇଁ ପିତାଙ୍କୁ ଅନୁରୋଧ କଲେ। ମାତ୍ର ଚୈତନ୍ୟ ସ୍କୁଲ୍‌ରେ ପୁତ୍ରକୁ ପଢ଼ାଇବାକୁ ଏକାନ୍ତ ଅସମ୍ମତ ହେଲେ। କାରଣ ସେତେବେଳେ ମଧ୍ୟପ୍ରଦେଶର ସରକାରୀ ସ୍କୁଲମାନଙ୍କ ନିୟମାବଳୀ ଅତି କଠୋର ଥିଲା। ଯଦି ଅଭିଭାବକ କୌଣସି କାରଣରୁ ନିଜ ପିଲାକୁ ବିଦ୍ୟାଳୟରେ ଅନୁପସ୍ଥିତ କରୁଥିଲେ, ତେବେ ତାଙ୍କୁ ସେହି ଦୋଷରେ କଚେରୀକୁ ଧରି ନିଆଯାଇ କେତେକ ଦିନପାଇଁ ଶ୍ରମସାଧ୍ୟ କାର୍ଯ୍ୟମାନ କରିବାକୁ ଦିଆଯାଉଥିଲା। ଏହି ଭୟରେ ସେ ପୁତ୍ରକୁ ସ୍କୁଲରେ ନପଢ଼ାଇ ନିଜ ବ୍ୟବସାୟରେ ଲଗାଉଥିଲେ। ମାତ୍ର ବିଧାତାଙ୍କର ଇଚ୍ଛା ସେପରି ନଥିଲା। ଦିନେ ବରଗଡ଼ର ତହସିଲଦାର କାର୍ଯ୍ୟୋପଲକ୍ଷ୍ୟରେ ବରପାଲୀ ଆସିଥିଲେ। ଚୈତନ୍ୟଙ୍କର ଜନୈକ ଶତ୍ରୁ ପ୍ରତିଶୋଧ ନେବା ଅଭିଳାଷରେ ତହସିଲଦାରଙ୍କ ନିକଟରେ ନାଲିଶ କଲେ ଯେ, ଚୈତନ୍ୟ ମେହେର ତାଙ୍କର ଉପଯୁକ୍ତ ବାଳକ ପୁତ୍ର ଗଙ୍ଗାଧରଙ୍କୁ ସ୍କୁଲରେ ନପଢ଼ାଇ ଲୁଗା ବୁଣାଉ ଅଛନ୍ତି। ଏହା ଶୁଣି ତହସିଲଦାର ସାହେବ ତତ୍‌କ୍ଷଣାତ୍ ଚୈତନ୍ୟଙ୍କୁ ଧରାଇ ଆଣି ସ୍କୁଲରେ ପୁତ୍ରକୁ ପଢ଼ାଇବା ପାଇଁ ତାଙ୍କଠାରୁ ଏ କରାରନାମା ଲେଖି ନେଲେ। ତେଣୁ ଚୈତନ୍ୟ ଅଗତ୍ୟା କିଂକର୍ତ୍ତବ୍ୟବିମୂଢ଼ ହୋଇ ପୁତ୍ରକୁ ଘନଶ୍ୟାମ ପଣ୍ଡିତଙ୍କ ହସ୍ତରେ ସମର୍ପଣ କରି ଘରକୁ ଫେରିଗଲେ। ଗଙ୍ଗାଧରଙ୍କ ମା' ଓ ଭଉଣୀମାନେ ଏହି ସମ୍ବାଦ ଶୁଣି କ୍ରନ୍ଦନରୋଳରେ ଚତୁର୍ଦ୍ଦିଗ କମ୍ପାଇ ଦେଲେ। ସେତେବେଳେ କୌଣସି ସରକାରୀ କର୍ମଚାରୀ ପିଲାକୁ ସ୍କୁଲ୍‌ରେ ପଢ଼ାଇବାକୁ ବାଧ୍ୟ କଲେ ସମ୍ବଲପୁର ଜିଲ୍ଲାରେ ପରିବାରସ୍ଥ ଲୋକମାନେ ରାଜଦଣ୍ଡ ଭୟରେ ସାଧାରଣତଃ ଏହିପରି କ୍ରନ୍ଦନ କରୁଥିଲେ। ଏ ଘଟଣାରେ ଗଙ୍ଗାଧର ପିତାମାତା ଓ ଭଗିନୀମାନଙ୍କ ଦୁଃଖରେ ଦୁଃଖିତ ନହୋଇ ବରଂ ପ୍ରତିବେଶୀମାନଙ୍କ ନିକଟରେ ପରମ ଆନନ୍ଦ ପ୍ରକାଶ କରିଥିଲେ। ଗଙ୍ଗାଧରଙ୍କର ଏହି ଆନନ୍ଦ ପ୍ରକାଶରେ ତାଙ୍କର ଜଣେ ପ୍ରତିବେଶୀ ଇର୍ଷାନ୍ୱିତ ହୋଇ ହଠାତ୍ କହି ପକାଇଲେ, "ବଡ଼ମାନେ ଗଲେଣି ହଟି, ସାନ ଯାଉଛି ବେସରବାଟି!" ଏହା ଶୁଣି ବାଳକ ଗଙ୍ଗାଧର ଅତ୍ୟନ୍ତ ଲଜ୍ଜିତ ଓ ସଙ୍କୁଚିତ ହେଲେ ଏବଂ ଆଜୀବନ ଏହି ଘଟଣାଟିକୁ ସ୍ମରଣ ରଖିଥିଲେ।

ସେ ଯାହାହେଉ ଗଙ୍ଗାଧର ସେହିଦିନଠୁ ନିୟମିତରୂପେ ବ୍ରାଞ୍ଚ ସ୍କୁଲକୁ ଯାଇ ତତ୍‌କାଳ ପ୍ରଚଳିତ ନିୟମାନୁସାରେ ବିଦ୍ୟାଶିକ୍ଷା ଆରମ୍ଭ କଲେ ଏବଂ ସ୍ୱୀୟ ଅଧ୍ୟବସାୟ, ସାଧୁତା ଓ ବୁଦ୍ଧିମତ୍ତାଦ୍ୱାରା ପଣ୍ଡିତ ମହାଶୟଙ୍କର ପ୍ରୀତିଭାଜନ ହୋଇ ଉଠିଲେ। ତାଙ୍କର ଆଗ୍ରହାତିଶଯ୍ୟ ଓ ପଟୁତା ଦେଖି ପଣ୍ଡିତ ମହାଶୟ ପ୍ରତି ଛଅ ମାସରେ ତାଙ୍କୁ ଉଚ୍ଚତର ଶ୍ରେଣୀକୁ ଉନ୍ନୀତ କରି ଦେଉଥିଲେ। ସେତେବେଳେ ବ୍ରାଞ୍ଚ ସ୍କୁଲମାନଙ୍କରେ ପାଞ୍ଚଗୋଟି ଶ୍ରେଣୀଥିଲା। ଉଚ୍ଚତମ ଶ୍ରେଣୀରେ ଚାରୁପାଠ, କାଦମ୍ବରୀ, ତୃତୀୟଭାଗ

ଭାରତ ଇତିହାସ, ଉପକ୍ରମଣିକା ବ୍ୟାକରଣ, କୁସୀଦ, ଚକ୍ରବୃଦ୍ଧି, ବର୍ଗମୂଳାକର୍ଷଣ ଓ ଘନମୂଳାକର୍ଷଣ ପ୍ରଭୃତି ପଢ଼ା ହେଉଥିଲା । ସେଠାରେ ଷଷ୍ଠ ଶ୍ରେଣୀ ଖୋଲା ହୋଇନଥିବାରୁ ପଣ୍ଡିତ ମହାଶୟ ଘରୋଇ ଭାବରେ ତଦୀୟ ପ୍ରିୟତମ ଶିଷ୍ୟ ଗଙ୍ଗାଧରଙ୍କୁ ଷଷ୍ଠ ଶ୍ରେଣୀର କେତେକ ପାଠ୍ୟପୁସ୍ତକ ପଢ଼ାଇଥିଲେ । ମୂଳତଃ ସେ ସମୟର ଷଷ୍ଠ ଶ୍ରେଣୀ ଆଧୁନିକ ମି. ଇ. ଶ୍ରେଣୀ ସଙ୍ଗେ ସମାନ ଥିଲା । କିଛି ଦିନ ପରେ ପଣ୍ଡିତ ମହାଶୟ ଛୁଟି ନେଇ ଘରକୁ ଚାଲି ଆସିବାରୁ ଗଙ୍ଗାଧରଙ୍କ ଅଧ୍ୟୟନ ଶେଷ ହୋଇଗଲା । ପଞ୍ଚମ ଶ୍ରେଣୀର ପାଠ୍ୟ ଶେଷ ହୋଇଗଲେ ଛାତ୍ରମାନେ ସମ୍ବଲପୁରକୁ ନର୍ମାଲ୍ ପରୀକ୍ଷା ପାଇଁ ପ୍ରେରିତ ହେଉଥିଲେ । ତହିଁରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଗ୍ରାମ୍ୟ ପାଠଶାଳାମାନଙ୍କରେ ଶିକ୍ଷକତା କରି ପାରିବାର ସାର୍ଟିଫିକେଟ୍ ମିଳୁଥିଲା । ପଞ୍ଚମ ଶ୍ରେଣୀର ପାଠ୍ୟ ଶେଷ କରିବା ପରେ ଗଙ୍ଗାଧର ତାଙ୍କର ଅନ୍ୟ ଦୁଇଜଣ ସହାଧ୍ୟାୟୀଙ୍କ ସଙ୍ଗେ ନର୍ମାଲ୍ ପରୀକ୍ଷା ପାଇଁ ମନୋନୀତ ହୋଇଥିଲେ । ସେତେବେଳେ ନର୍ମାଲ୍ ପରୀକ୍ଷା ସମ୍ବଲପୁରରେ ଗୃହୀତ ହେଉଥିଲା, କିନ୍ତୁ ତାଙ୍କ ପିତା ପୂର୍ଣ୍ଣବର୍ଷା ମହାନଦୀ ପାର ହୋଇ ସମ୍ବଲପୁରକୁ ଯିବାକୁ ତାଙ୍କର ଏକମାତ୍ର ପୁତ୍ରକୁ ଅନୁମତି ନଦେବାରୁ ସେ ପରୀକ୍ଷା ଦେଲେ ନାହିଁ । ଦିନେ ଜଣେ ଭଦ୍ରଲୋକ ଗଙ୍ଗାଧରଙ୍କୁ ପରୀକ୍ଷାକୁ ନପଠାଇବାର କାରଣ ଜିଜ୍ଞାସା କରନ୍ତେ ତଦୀୟ ପୁତ୍ରବତ୍ସଳ ପିତା ସାଧାରଣଙ୍କ ସମ୍ମୁଖରେ ହଠାତ୍ କାନ୍ଦି ପକାଇଥିଲେ ।

ପିତାଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ଥିବାରୁ ଗଙ୍ଗାଧର ଶିକ୍ଷକଙ୍କ ପରାମର୍ଶ ଅନୁସାରେ ଓଳିଏ ସ୍କୁଲକୁ ଯାଉଥିଲେ, ଅନ୍ୟ ଓଳି ସ୍ୱୟଂ ବସ୍ତ୍ର ବୟନ କରି କିଛି ଉପାର୍ଜନର ଚେଷ୍ଟା କରୁଥିଲେ । ତଥାପି ସେ ଦାରିଦ୍ର୍ୟର ତୀବ୍ର ଯାତନାରୁ ରକ୍ଷା ପାଉନଥିଲେ । ସେହି ହେତୁରୁ ଗଙ୍ଗାଧର ଛାତ୍ର ଜୀବନରେ ତାଙ୍କର ଅନ୍ୟାନ୍ୟ ସହାଧ୍ୟାୟୀଙ୍କ ପରି ପାଠ୍ୟପୁସ୍ତକ କିମ୍ବା ସୁସ୍ଥବସ୍ତ୍ର ପରିଚ୍ଛଦ କ୍ରୟ କରି ପାରୁନଥିଲେ । "ପିତାମହ ଏବଂ ପିତାଙ୍କ କର୍ତ୍ତୃକ ଉପଭୁକ୍ତ ଯୌବନ ସ୍ମୃତି ଶତସୁଶୋଭିତ" ଖଣ୍ଡିଏ ଜୀର୍ଣ୍ଣ ଶୀର୍ଣ୍ଣ ଶାନ୍ତିପୁରୀ ଚାଦର ତାଙ୍କର ଏକମାତ୍ର ଗାତ୍ରାବରଣ ଥିଲା । ଏକଦା ଶିକ୍ଷାବିଭାଗର ଇନ୍ସପେକ୍ଟର ଜେନେରାଲ୍ ସ୍କୁଲ ପରିଦର୍ଶନ କରିବାକୁ ଆସିବେ ବୋଲି ତାଙ୍କ ସହପାଠୀ ଛାତ୍ରମାନଙ୍କୁ ନୂତନ କୋଟ ଚପକନ୍ କରିବାର ସୁଯୋଗ ମିଳିଲା । କାରଣ ସେତେବେଳେ ନିୟମ ଥିଲା ଯେ, ସାହେବ ଆସିଲେ ଛାତ୍ରମାନେ କୋଟ ବା ଚପକନ୍ ପିନ୍ଧି ସ୍କୁଲକୁ ଯିବେ । ମାତ୍ର ଗଙ୍ଗାଧରଙ୍କ ଦରିଦ୍ର ପିତା ତାଙ୍କୁ କୌଣସି ମତେ ଖଣ୍ଡିଏ କୋଟ କରାଇ ଦେଇ ପାରିଲେ ନାହିଁ । ବହୁ କଷ୍ଟରେ ପରିଦର୍ଶନର ପୂର୍ବଦିନ ରାତ୍ରିରେ ଖଣ୍ଡିଏ long cloth ଲୁଗା ସଂଗ୍ରହ କରି ସିଲାଇ କରିବାପାଇଁ ଦରଜିକୁ ଦେଲେ । ମାତ୍ର ନିର୍ଦ୍ଦିଷ୍ଟ ସମୟରେ ଦରଜି କାର୍ଯ୍ୟ କରି ନପାରିବାରୁ ତାଙ୍କୁ ଅଗତ୍ୟା ସେହି ଅର୍ଦ୍ଧସ୍ୟୂତ ବସ୍ତ୍ର ଗାତ୍ରରେ ଦେଇ ଏକ ଅଭିନବ ବେଶରେ ବିଦ୍ୟାଳୟକୁ ଯିବାକୁ ହୋଇଥିଲା ।

ପଣ୍ଡିତ ଘନଶ୍ୟାମ ମିଶ୍ର ବରପାଲି ଛାଡ଼ିବାପରେ ଗଙ୍ଗାଧର ବିଦ୍ୟାଳୟ ତ୍ୟାଗ କରି ପୈତୃକ ବ୍ୟବସାୟରେ ମନୋଯୋଗୀ ହୋଇଥିଲେ। ଏହି ସମୟରେ ନର୍ମାଲ୍ ପରୀକ୍ଷା ଉଠିଯାଇ ଟାଉନ ଓ ଭିଲେଜ ସ୍କୁଲ ମାଷ୍ଟର ପରୀକ୍ଷା ପ୍ରବର୍ତ୍ତିତ ହୋଇଥିଲା। ତତ୍କାଳୀନ ବରପାଲି ସ୍କୁଲର ପଣ୍ଡିତ ଶ୍ରୀ ଲକ୍ଷ୍ମଣ ମିଶ୍ରଙ୍କ ପ୍ରବର୍ତ୍ତନାରେ ଗଙ୍ଗାଧର ଭିଲେଜ ସ୍କୁଲ ପରୀକ୍ଷା ଦେବାକୁ ପୁନରପି ପ୍ରସ୍ତୁତ ହେଲେ ଏବଂ ୧୮୮୨ ସାଲରେ ପ୍ରୋକ୍ତ ପରୀକ୍ଷାରେ ଉପସ୍ଥିତ ହେଲେ। ମୋଟ ନମ୍ବରରୁ ଅର୍ଦ୍ଧାଧିକ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେହେଁ ଗଣିତରେ ଆଶାନୁରୂପ ନମ୍ବର ରଖିନଥିବାରୁ ତାଙ୍କୁ ଭିଲେଜ ସ୍କୁଲ ମାଷ୍ଟର ସାର୍ଟିଫିକେଟ ମିଳିଲା ନାହିଁ। ପରୀକ୍ଷକ ଅନୁଗ୍ରହ କରି ତାଙ୍କପାଇଁ ଖଣ୍ଡିଏ ଦେଶୀୟ ପାଠଶାଳା ଶିକ୍ଷକ ସାର୍ଟିଫିକେଟ ମଞ୍ଜୁର କଲେ। ମାତ୍ର ଗଙ୍ଗାଧର ତାଙ୍କ ଜୀବନରେ କେବେହେଲେ ପାଠଶାଳାର ଶିକ୍ଷକତା କରିନାହାନ୍ତି।

ସ୍କୁଲ ଛାଡ଼ିବା ପରେ ସ୍ୱବ୍ୟବସାୟ ପରିଚାଳନ କରିବା ସଙ୍ଗେ ସଙ୍ଗେ ଗଙ୍ଗାଧର ପ୍ରାଚୀନ ଓଡ଼ିଆ ପଦ୍ୟ ଗ୍ରନ୍ଥମାନଙ୍କର ପାଠରେ ମନୋଯୋଗୀ ହେଲେ। ସେ ଏହି ସମୟରେ ଭଞ୍ଜୀୟ କବିତାଗ୍ରନ୍ଥ ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, ଲାବଣ୍ୟବତୀ ପ୍ରଭୃତି ଏବଂ ବୈଷ୍ଣବୀୟ ସାହିତ୍ୟ ରସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି ଅଧ୍ୟୟନ କଲେ। ଏତଦ୍‌ବ୍ୟତୀତ ବଳରାମ ଦାସଙ୍କ ରାମାୟଣ ଓ ସାରଳା ମହାଭାରତ ମଧ୍ୟ ସେ ପଢ଼ିଥିଲେ। ଏହି ସବୁ ପଦ୍ୟପୁସ୍ତକମାନ ପଢ଼ୁଁ ପଢ଼ୁଁ ପଦ୍ୟ ଲେଖିବାର ପ୍ରବୃତ୍ତି ତାଙ୍କ ହୃଦୟରେ ଜାଗ୍ରତ ହେଲା। ପ୍ରାଚୀନ କବିମାନଙ୍କୁ ଅନୁସରଣ କରି ସେ ଏହି ସମୟରେ ଆଦିରସାତ୍ମକ କେତେଗୁଡ଼ିଏ କବିତା ଲେଖିଥିଲେ। ତନ୍ମଧ୍ୟରେ 'ରସକଳା କର' ନାମକ ପୁସ୍ତକ ଖଣ୍ଡି ପ୍ରଧାନ। ମାତ୍ର ଆଧୁନିକ ମାର୍ଜିତ ରୁଚିର ଅନୁମୋଦିତ ହେବନାହିଁ ବୋଲି ସେ ତାହା ପ୍ରକାଶ କରିନାହାନ୍ତି। କ୍ରମେ ନବ୍ୟଯୁଗର ଗଦ୍ୟ ଓ ପଦ୍ୟ ସାହିତ୍ୟ ପ୍ରତି ତାଙ୍କର ଦୃଷ୍ଟି ପତିତ ହେଲା। ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାର ଗ୍ରନ୍ଥମାନ ସେ ଉତ୍ତମରୂପେ ବୁଝି ପାରୁଥିଲେ। ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ସାହାଯ୍ୟରେ ସେ ସଂସ୍କୃତ ସୁତ୍ରସାର ବ୍ୟାକରଣ ଓ ସିଦ୍ଧାନ୍ତ ଚନ୍ଦ୍ରିକାର କେତେକ ସୂତ୍ର ପଢ଼ିଥିଲେ। ତେଣୁ ସଂସ୍କୃତ କାବ୍ୟାଦି କେତେ ପରିମାଣରେ ତାଙ୍କର ବୋଧଗମ୍ୟ ହେଉଥିଲା। ପିତା କ୍ରମେ ସାଂସାରିକ ବ୍ୟୟ ନିର୍ବାହର ଭାର ପୁତ୍ର ଉପରେ ଅର୍ପଣ କରି ନିଶ୍ଚିନ୍ତ ହେଲେ। ତେଣୁ ଗଙ୍ଗାଧର ଜାତୀୟ ବୃତ୍ତି ଅବଲମ୍ବନ କରି ତଦ୍ୱାରା ପରିବାର ପ୍ରତିପୋଷଣ କରିବାକୁ ଲାଗିଲେ। ଶୁଣାଯାଏ, ବସ୍ତ୍ରବୟନ ସଙ୍ଗେ ସଙ୍ଗେ ସୁକଣ୍ଠରେ କବିତା ଗାନ କରି ସେ ପ୍ରତିବେଶୀମାନଙ୍କୁ ମୁଗ୍ଧ କରି ଦେଉଥିଲେ। ବସ୍ତ୍ର-ବୟନରେ ମଧ୍ୟ ତାଙ୍କର ଅସାଧାରଣ ପାଟବ ଜାତ ହୋଇଥିଲା। ତେଣୁ ତାଙ୍କ ବସ୍ତ୍ର ଗ୍ରାହକ ସମାଜରେ ପରମ ଆଦରରେ ଗୃହୀତ ହେବାକୁ ଲାଗିଲା ଏବଂ ତାଙ୍କର ଆର୍ଥିକ ଅବସ୍ଥା କ୍ରମେ ସ୍ୱଚ୍ଛଳ ହୋଇ ଆସିଲା।

ଦୈବ ଅନୁକୂଳ ହେଲେ ଯୁଗପତ୍ ନାନା ସୁଯୋଗ ଉପସ୍ଥିତ ହୁଏ। ଏହି ସମୟରେ ବରପାଲିର ସ୍ୱନାମଧନ୍ୟ ସ୍ୱର୍ଗୀୟ ଜମିଦାର ନୃପରାଜ ସିଂହଙ୍କ କୃପାଦୃଷ୍ଟି

ଗଙ୍ଗାଧରଙ୍କ ଉପରେ ପତିତ ହେଲା। ସେ ତାଙ୍କୁ ପ୍ରଥମେ ତାଙ୍କ ଇଷ୍ଟେଟ୍‌ରେ ଖଣ୍ଡିଏ ଅମିନ କାର୍ଯ୍ୟ ପ୍ରଦାନ କଲେ। ସେହି ପଦର ବେତନ ଅତ୍ୟଳ୍ପ ଥିଲେହେଁ ଗଙ୍ଗାଧର ତହିଁରେ ପରିତୋଷ ସହକାରେ କାର୍ଯ୍ୟ କରିବାକୁ ଲାଗିଲେ। ବର୍ତ୍ତମାନ ଯୁଗରେ ସଭ୍ୟତାର ବୃଦ୍ଧି ସଙ୍ଗେ ସଙ୍ଗେ ସଭ୍ୟଦେଶମାନଙ୍କରେ ଅର୍ଥର ମୂଲ୍ୟ ଯେପରି କମି ଯାଇଅଛି, ସମ୍ବଲପୁରର ପଲ୍ଲୀ ଗ୍ରାମମାନଙ୍କରେ ସେପରି ହୋଇନାହିଁ। ସେମାନେ ବିଳାସିତାଶୂନ୍ୟ ସରଳ ଜୀବନଯାପନ କରିବାରେ ଚିର ଅଭ୍ୟସ୍ତ। ଆଜିକାଲି ଏ ଅଞ୍ଚଳରେ ଯେଉଁଲୋକ ୧୫/୨୦ ଟଙ୍କା ବେତନରେ କାର୍ଯ୍ୟ କରେ, ସେ ଦରିଦ୍ର ଶ୍ରେଣୀର ଅନ୍ତର୍ଗତ। ମାତ୍ର ସମ୍ବଲପୁରରେ ଯେ ଆଜି ସେତିକି ପାଏ, ସେ ପରମ ସୁଖୀ। ଗଙ୍ଗାଧର ଯେଉଁ ସମୟରେ କାର୍ଯ୍ୟ କରୁଥିଲେ, ତାହା ଆଜି ଆମ୍ଭମାନଙ୍କ ନିକଟରେ Golden age ବା ସତ୍ୟଯୁଗ ପରି ପ୍ରତୀତ ହୁଏ। ବରପାଲି ଜମିଦାରଙ୍କ ଇଷ୍ଟେଟରେ କେତେଦିନ ଅମିନ କାର୍ଯ୍ୟ କରିବା ପରେ ଜମିଦାରଙ୍କର କେତେକ କର୍ମଚାରିଙ୍କ ବିରୋଧରେ ନିକଟବର୍ତ୍ତୀ କନବାଡ଼ ନାମକ ଗ୍ରାମର ଲୋକେ ଗୋଟିଏ ଫୌଜଦାରୀ ମକଦ୍ଦମା ଉପସ୍ଥାପିତ କଲେ। ତହିଁରେ ଜମିଦାର ପକ୍ଷୀୟ ଲୋକେ ଅମିନ ଗଙ୍ଗାଧରଙ୍କୁ ପ୍ରଧାନ ସାକ୍ଷୀ ମାନିଲେ। ମାତ୍ର ଗଙ୍ଗାଧର ମିଥ୍ୟା ସାକ୍ଷ ଦେବାକୁ ଏକାନ୍ତ ଅସମ୍ମତ ହେଲେ। ତଥାପି ମୁଦାଲାମାନେ ବହୁ ଅନୁନୟ-ବିନୟ ସହକାରେ ତାଙ୍କୁ ବିଚାରାଳୟକୁ ନେଇଗଲେ। ବିଚାରକ ଗଙ୍ଗାଧରଙ୍କୁ ଯେତେବେଳେ ମକଦ୍ଦମାର ପ୍ରକୃତ କଥା କହିବାକୁ ଆଦେଶ ଦେଲେ, ପୂର୍ବରୁ ନାନା ଭାବରେ ପ୍ରରୋଚିତ ହୋଇଥିଲେହେଁ, ସେତେବେଳେ ତାଙ୍କ ମୁଖରୁ ଆଦୌ ମିଥ୍ୟା କଥା ବାହାରିଲା ନାହିଁ। ସୁତରାଂ ତାଙ୍କ ଜବାନବନ୍ଦିରେ ମୁଦାଲାମାନେ ସମସ୍ତେ ଗୁରୁତର ରୂପେ ଦଣ୍ଡିତ ହେଲେ। ଜମିଦାର ସାହେବ ଏହି ସମ୍ବାଦରେ ପ୍ରଥମେ କ୍ଷୁଣ୍ଣ ହୋଇଥିଲେ, ମାତ୍ର ପରେ ଗଙ୍ଗାଧରଙ୍କ ସତ୍ୟନିଷ୍ଠାରେ ଏକାନ୍ତ ପ୍ରୀତ ହୋଇ ତାଙ୍କୁ ପୂର୍ବାପେକ୍ଷା ଅଧିକତର ସ୍ନେହ ଓ ବିଶ୍ୱାସ କରିବାକୁ ଲାଗିଲେ। ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେବା ପରେ ଗଙ୍ଗାଧର ଅମିନ କାର୍ଯ୍ୟରୁ ଅବ୍ୟାହତି ପାନ୍ତେ, ସେ ତାଙ୍କୁ ସ୍ୱୀୟ ଷ୍ଟେଟ୍‌ରେ ମାଲ୍ ମୋହରିର୍ କାର୍ଯ୍ୟ ଦେଲେ ଏବଂ କ୍ରମେ ତାଙ୍କର ଖମାର ବନ୍ଧାର ପ୍ରଭୃତି କେତେକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଭାର ତାଙ୍କ ଉପରେ ଅର୍ପଣ କଲେ।

ବରପାଲି ଜମିଦାର ନୃପରାଜ ସିଂହ ସେତେବେଳେ ସ୍ୱୀୟ ରାଜଧାନୀରେ ଅନରାରି ମାଜିଷ୍ଟ୍ରେଟ୍ (Honorary Magistrate) କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଅନରାରି ମାଜିଷ୍ଟ୍ରେଟଙ୍କ ନିକଟରେ ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଜଣେ ଜଣେ ଜୁଡ଼ିସିଏଲ୍ ମୋହରିର ରହନ୍ତି। ରାଜା ସାହେବଙ୍କ ଆନୁକୂଲ୍ୟରେ ଗଙ୍ଗାଧର ୧୮୯୯ ମସିହାରେ ବରପାଲିର ଜୁଡ଼ିସିଏଲ୍ ମୋହରିର ରୂପେ ଖଣ୍ଡିଏ ସରକାରୀ ଚାକିରି ପାଇଲେ ଏବଂ ସୁଖ୍ୟାତି ସହିତ ୩। ବର୍ଷ ସେଠାରେ କାର୍ଯ୍ୟ କରିବା ପରେ ସମ୍ବଲପୁର ଟାଉନ୍‌କୁ ସେହି କାର୍ଯ୍ୟରେ ପରିବର୍ତ୍ତିତ ହେଲେ। ସେଠାରେ କେତେକ ଦିନ କାର୍ଯ୍ୟ

କରିବାପରେ ବିଜେପୁରକୁ ପରିବର୍ତ୍ତିତ ହେବାରୁ ସେ ୨ବର୍ଷ ଛୁଟି ନେଇ ସ୍ୱୀୟ ଗ୍ରାମରେ ଅବସ୍ଥାନ କଲେ। ଛୁଟି ଶେଷରେ ୧୯୦୭ ସାଲରେ ତାଙ୍କୁ ପୁଣି ସମ୍ବଲପୁରରେ କାର୍ଯ୍ୟ କରିବାକୁ ପଡ଼ିଥିଲା। ସେଠାରୁ ୧୯୧୩ରେ ପୁନରପି ବିଜେପୁରକୁ ଏବଂ ବିଜେପୁରରୁ ୧୯୧୪ରେ ପଦ୍ମପୁରକୁ (ବୁଢ଼ାସମ୍ବର) ବଦଳି ହେଲେ। ବୁଢ଼ାସମ୍ବରର ଜମିଦାର ଗଙ୍ଗାଧରଙ୍କୁ ପ୍ରୀତି ଚକ୍ଷୁରେ ଦେଖୁଥିଲେ ଏବଂ ଅଳ୍ପ ଆୟବିଶିଷ୍ଟ ଖଣ୍ଡିଏ କ୍ଷୁଦ୍ର ଗ୍ରାମ ପୁରୁଷାନୁକ୍ରମେ ଭୋଗ କରିବାପାଇଁ କବିଙ୍କୁ ପ୍ରଦାନ କରିଥିଲେ। ୧୯୧୭ ମସିହାରେ ପେନ୍‌ସନ୍ ନେବାବେଳେ ତାଙ୍କର ବେତନ ୩୨ଟଙ୍କା ଥିଲା। ବେତନ ଓ କାର୍ଯ୍ୟକାଳ ଅନୁପାତରେ ଗଭର୍ଣ୍ଣମେଣ୍ଟରୁ ସେ ମୃତ୍ୟୁକାଳ ପର୍ଯ୍ୟନ୍ତ ମାସିକ ଏଗାର ଟଙ୍କା ପାଞ୍ଚଅଣା ଲେଖାଏଁ ପେନ୍‌ସନ୍ ପାଉଥିଲେ।

କବି ଗଙ୍ଗାଧରଙ୍କ ପ୍ରଣୀତ ପୁସ୍ତକାବଳୀ ପ୍ରକାଶର କ୍ରମ :

୧ – ଅହଲ୍ୟାସ୍ତବ (ଅ), ୨ – ଆମୋଦ (ଆ), ୩ – ଇନ୍ଦୁମତୀ (ଇ), ୪ – ଉତ୍କଳଲକ୍ଷ୍ମୀ (ଉ), ୫ – ମହିମା, ୬ – କୀଚକବଧ, ୭ – କବିତାକଲ୍ଲୋଳ, ୮ – ଅଯୋଧ୍ୟା-ଦୃଶ୍ୟ, ୯ – ତପସ୍ୱିନୀ, ୧୦ – ପ୍ରଣୟ-ବଲ୍ଲରୀ, ୧୧ – ଅର୍ଘ୍ୟଥାଳୀ।

ପୁସ୍ତକାବଳୀର ପ୍ରଣୟନକ୍ରମରୁ ପୁସ୍ତକମାନଙ୍କ ନାମର ଆଦ୍ୟ ଅକ୍ଷର ଅ, ଆ, ଇ, ଉ, ଦେଖି ବୋଧହୁଏ ଉତ୍କଳୀୟ ପ୍ରାଚୀନ ସାହିତ୍ୟ ହିଁ କବିଙ୍କ ପଦ୍ୟ ରଚନାର ଆଦର୍ଶ ଥିଲା। ଅବଶ୍ୟ ପ୍ରାଚୀନ କବିମାନଙ୍କ ପରି ସେ ତାଙ୍କ କବିତାବଳୀକୁ ଆଦିରସ କିମ୍ବା ବହୁଳ ଶବ୍ଦାଳଙ୍କାର ଦ୍ୱାରା ଦୁର୍ବୋଧ କରି ନାହାନ୍ତି। କିନ୍ତୁ କବିତାର ବୃତ୍ତ ନିର୍ବାଚନରେ, ପ୍ରାକୃତିକ ଓ କୃତ୍ରିମ ଶୋଭାବର୍ଣ୍ଣନାର ଭଙ୍ଗୀରେ ସେ ଯେ ଅନେକତ୍ର ପ୍ରାଚୀନ ଉତ୍କଳୀୟ କବିମାନଙ୍କୁ ନିଜର ଗୁରୁ ରୂପେ ଗ୍ରହଣ କରିଅଛନ୍ତି, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ। ଉଚ୍ଚ ଇଂରାଜୀ ବା ସଂସ୍କୃତ କବିତା ନ ପଢ଼ି ସେ କିପରି ଆଧୁନିକ ମାର୍ଜିତ ରୁଚିର ସମ୍ପୂର୍ଣ୍ଣ ଅନୁମୋଦନୀୟ କବିତାମାନ ଲେଖିବାକୁ ଶିଖିଥିଲେ, ତାହା ସହଜରେ ବୁଝି ହୁଏନାହିଁ। ତାଙ୍କ କବିତାବଳୀ ପାଠ କରି କେହି କହିପାରିବେ ନାହିଁ ଯେ, କବିଙ୍କର ସମୁଚିତ ଇଂରାଜୀ ଓ ସଂସ୍କୃତ ଭାଷାଜ୍ଞାନ ନଥିଲା। ଭାଷାର ଲାଳିତ୍ୟ, ଭାବର ସୌଷ୍ଠବ, ମୌଳିକ ଚିନ୍ତା, କଳ୍ପନାର ପ୍ରସାର ଓ ବ୍ୟାକରଣ ବିଶୁଦ୍ଧତାରେ ଗଙ୍ଗାଧରଙ୍କ କବିତା ଅନେକ ବି.ଏ., ଏମ୍.ଏ. ପାଶ୍‌କାରୀ କବି ଓ ଲେଖକଙ୍କ ଲେଖା ଅପେକ୍ଷା ଉତ୍କୃଷ୍ଟ, ଏହା ବୋଧହୁଏ କେହି ଅସ୍ୱୀକାର କରିବେ ନାହିଁ। ପୂର୍ଣ୍ଣ ମିତ୍ରାକ୍ଷରର ନିୟମ ରକ୍ଷା କରିବାରେ ସେ କବିବର ରାଧାନାଥଙ୍କ ପରି ସ୍ଥାନେ ସ୍ଥାନେ ସ୍ୱୀୟ ଗଭୀର ଚିନ୍ତା ଓ ଅସାଧାରଣ ଭାଷା ଜ୍ଞାନର ପରିଚୟ ଦେଇଅଛନ୍ତି। ଫଳତଃ ଆମ୍ଭେମାନେ ଦେଖୁଁ ଯେ, ଆଧୁନିକ ଉତ୍କଳୀୟ କବିମାନଙ୍କ ମଧ୍ୟରେ ଗଙ୍ଗାଧରଙ୍କ ସ୍ଥାନ କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କ ତଳେ।

ତତ୍‌ପ୍ରଣୀତ ଗ୍ରନ୍ଥାବଳୀ ମଧ୍ୟରେ ଇନ୍ଦୁମତୀ ଓ କୀଚକ ବଧ ସର୍ବଶ୍ରେଷ୍ଠ। ଏହା ବୋଲି ତପସ୍ୱିନୀ ଓ ପ୍ରଣୟ ବଲ୍ଲରୀ ନିନ୍ଦାର ଯୋଗ୍ୟ ନୁହେଁ। କିନ୍ତୁ ଇନ୍ଦୁମତୀ

ଓ କୀଚକବଧ ରଚନାରେ ସେ ଯେପରି ଶକ୍ତିମତ୍ତା ପ୍ରଦର୍ଶନ କରିଅଛନ୍ତି, ଅନ୍ୟତ୍ର ତାହା ଦୁର୍ଲଭ। ଇନ୍ଦୁମତୀ କାଳିଦାସଙ୍କ ରଘୁବଂଶରୁ ଏବଂ କୀଚକବଧ ମହାଭାରତ ବିରାଟ ପର୍ବରୁ ଗୃହୀତ ହୋଇଥିଲେ ହେଁ କବି ପ୍ରସାଦଗୁଣରେ ଅନୁପ୍ରାଣିତ କରି ତାଙ୍କ କବିତାକୁ ଅଭିନବ ବେଶରେ ପାଠକ ସମାଜ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି। ପ୍ରବନ୍ଧର କଳେବର ବୃଦ୍ଧି ଭୟରେ ଏଠାରେ ତତ୍‌ପ୍ରଣୀତ କବିତାବଳୀର ବିସ୍ତାରିତ ଆଲୋଚନା ଉପେକ୍ଷିତ ହେଲା।

ତତ୍‌ପିତା ଯେପରି ତାଙ୍କୁ ଏକମାତ୍ର ପୁତ୍ରରୂପେ ଓ ତଦୀୟ ଅଗ୍ରଜା ଓ ଅନୁଜା ଦିଓଟିଙ୍କୁ କନ୍ୟାରୂପେ ଲାଭ କରି ସୁଖରେ ପାରିବାରିକ ଜୀବନ ଅତିବାହିତ କରିଥିଲେ, ସେ ସେହିପରି ଏକ ପୁତ୍ର ଓ ଦୁଇ କନ୍ୟା ଲାଭ କରି ସଂସାରାଶ୍ରମରେ ପରମ ପରିତୋଷରେ ଚଳୁଥିଲେ। ତାଙ୍କ ପୁତ୍ର ଭଗବାନ ମେହେରଙ୍କ ବୟସ ବର୍ତ୍ତମାନ ପ୍ରାୟ ୨୮ ବର୍ଷ। କବିଙ୍କ ପ୍ରଥମା ସ୍ତ୍ରୀ ବହୁଦିନରୁ ଇହଲୀଳା ସାଙ୍ଗ କରିଅଛନ୍ତି। ବର୍ତ୍ତମାନ ଦ୍ୱିତୀୟା ସ୍ତ୍ରୀ ଜୀବିତା।

ବାଲ୍ୟ ଜୀବନରେ ସେ ଦାରିଦ୍ର୍ୟରେ ତୀବ୍ର ଯାତନା ଭୋଗ କରିଥିଲେହେଁ ସଂସାରାଶ୍ରମରେ ପ୍ରବେଶ କରି ଏକପ୍ରକାର ସୁଖରେ ଚଳୁଥିଲେ।

ପେନ୍‌ସନ୍ ନେଇ ଗ୍ରାମରେ ରହିବାବେଳେ ଗଙ୍ଗାଧର ସ୍ୱଜାତିରୁ କୁସଂସ୍କାର ଓ କୁପ୍ରଥାମାନ ନିବାରଣ କରିବାପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ ଏବଂ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ସମଗ୍ର ଜିଲ୍ଲାର ଭୁଲିଆ ନେତାମାନଙ୍କୁ ନିମନ୍ତ୍ରଣ କରି ବରପାଲୀରେ ଗୋଟିଏ ବଡ଼ ସଭା ବସାଇଥିଲେ। ଏହି ସଭାରେ ପ୍ରାୟ ତିନି ସହସ୍ର ଭୁଲିଆ ଯୋଗ ଦେଇଥିଲେ। ବହୁ ତର୍କ ବିତର୍କ ପରେ ତହିଁରେ ଭୁଲିଆ ଜାତି ସମ୍ବନ୍ଧରେ ଏହି ତିନିଗୋଟି ବିଷୟ ସର୍ବସମ୍ମତିକ୍ରମେ ଗୃହୀତ ହେଲା।

୧. ଭୁଲିଆ ଜାତିର କୌଣସି ଲୋକ ଅନ୍ତ୍ୟେଷ୍ଟିକ୍ରିୟା ସମୟରେ ପଣ୍ଡୁବଧ କରି ପାରିବେ ନାହିଁ।

୨. ତତ୍‌ପୂର୍ବେ ତାଙ୍କ ଜାତିରେ ନିୟମ ଥିଲା ଯେ, ବିବାହର ୩/୪ ଦିନ ପୂର୍ବେ ବର ପରିବାରର ସମସ୍ତ ଲୋକ କନ୍ୟାଗୃହରେ ଉପସ୍ଥିତ ହେବେ। ଏହି କୁ-ପ୍ରଥା ନିବାରିତ ହେଲା ଏବଂ ବିଧାନ କରାଗଲା ଯେ, ବିବାହର କେତେକ ଘଣ୍ଟା ପୂର୍ବେ ବରପକ୍ଷର କେତେକ ଜଣ ନିକଟ ସମ୍ପର୍କୀୟ ପୁରୁଷ କନ୍ୟାଗୃହରେ ଉପସ୍ଥିତ ହେଲେ ବିବାହ ହୋଇପାରିବ।

୩. ଭୁଲିଆ ବିବାହରେ କେବଳ କୌଷେୟ ବସ୍ତ୍ରର ପ୍ରଚଳନ ବିଧି ଥିଲା। ଏଥିରେ ଅନେକ ଗରିବ ଭୁଲିଆଙ୍କର ଘୋର ଅସୁବିଧା ହେଉଥିବାରୁ ଏ ପ୍ରଥା ଏକାବେଳକେ ରହିତ କରାଗଲା।

ଗଙ୍ଗାଧରଙ୍କୁ ତାଙ୍କର ସ୍ୱଜାତୀୟ ଲୋକମାନେ କି ଦୃଷ୍ଟିରେ ଦେଖୁଥିଲେ, ତାହା ଏହି ମହାସଭାର କାର୍ଯ୍ୟାବଳୀରୁ ସ୍ପଷ୍ଟରୂପେ ଜଣାଯିବ। ଗଙ୍ଗାଧର ଏହି ଭାବରେ

ସ୍ୱୀୟ ପରିବାରର, ସ୍ୱଜାତିର ଏବଂ ସ୍ୱଦେଶର ଯଥାଶକ୍ତି ଉପକାର ସାଧନ କରି ଗତ ଅପ୍ରେଲ ମାସ ୪ ତାରିଖ ଚୈତ୍ର ଅମାବାସ୍ୟାର ଅର୍ଦ୍ଧରାତ୍ରରେ ସ୍ୱର୍ଗଲୋକକୁ ପ୍ରୟାଣ କଲେ ।

ଗଙ୍ଗାଧର ଦରିଦ୍ର ତନ୍ତୁବାୟ କୁଳରେ ଜନ୍ମଗ୍ରହଣ କରିଥିଲେହେଁ ଜଣେ ଉନ୍ନତମନା ଓ ସାଧୁସ୍ୱଭାବ ସମ୍ପନ୍ନ ଲୋକ ଥିଲେ । ଯେଉଁମାନେ ତାଙ୍କ ସଙ୍ଗେ ଥରେ ମାତ୍ର ଆଳାପ କରି ଅଛନ୍ତି, ସେମାନେ ତାଙ୍କର ଅନନ୍ୟ ସାଧାରଣ ମାନସିକତା ଦେଖି ମୁଗ୍ଧ ହୋଇଅଛନ୍ତି । ତାଙ୍କର ସୌଜନ୍ୟପୂର୍ଣ୍ଣ ବ୍ୟବହାର ଦେଖି ଓ ସ୍ୱଭାବ ବିନମ୍ର ବଚନବିନ୍ୟାସ ଶ୍ରବଣ କରି ଶତ୍ରୁ ସୁଦ୍ଧା ଅକ୍ଳେଶରେ ତାଙ୍କର ବଶୀଭୂତ ହେଉଥିଲେ । ତାଙ୍କର ନିର୍ଲୋଭ ଭାବ, ନ୍ୟାୟନିଷ୍ଠା, ଚରିତ୍ରବଳ ଓ ସତ୍ୟପରାୟଣତା ଆଦି ତଦୀୟ ଗ୍ରାମବାସୀଙ୍କର ଆଦର୍ଶ । ଏ ଅଞ୍ଚଳରେ ଯେପରି ତନ୍ତୀ ଜାତିର ମୂର୍ଖତା ଓ ନିର୍ବୋଧତା ସମ୍ବନ୍ଧରେ ନାନା ଗଳ୍ପ ପ୍ରଚଳିତ ଅଛି, ସମ୍ବଲପୁରରେ ମଧ୍ୟ ଭୁଲିଆମାନଙ୍କ ସମ୍ବନ୍ଧରେ ସେହିପରି ନାନା କଥା ଶୁଣାଯାଏ । ବୋଧହୁଏ ଭଗବାନ୍ ତନ୍ତୀ ଜାତିର ଏହି କଳଙ୍କକ୍ଷାଳନ ନିମିତ୍ତ ଗଙ୍ଗାଧରଙ୍କୁ ନାନା ସଦ୍‌ଗୁଣରେ ବିମଣ୍ଡିତ କରି ସଂସାରରେ ଜନ୍ମପ୍ରଦାନ କରିଥିଲେ ।

ଆମ୍ଭମାନଙ୍କ ଭାଷା ସଙ୍ଗେ ସମ୍ବଲପୁର ଲୋକଙ୍କର ଭାଷାର ନାନା ବୈସାଦୃଶ୍ୟ ଦେଖାଯାଏ । କବି ଗଙ୍ଗାଧର ହିଁ ଏହି ପାର୍ଥକ୍ୟର ବିଲୋପ ସାଧନ କରି ଆମ୍ଭମାନଙ୍କୁ ଏକ ମାତର ସନ୍ତାନ ରୂପେ ଏକ ଜାତୀୟ ବନ୍ଧନରେ ଆବଦ୍ଧ କରିଗଲେ । ତାଙ୍କର ସ୍ମୃତିରକ୍ଷା କରିବା ଆମ୍ଭମାନଙ୍କର, ତଥା ସମ୍ବଲପୁର ଭାଇମାନଙ୍କର ସର୍ବପ୍ରଧାନ କର୍ତ୍ତବ୍ୟ । ଏହି ଉଦ୍ଦେଶ୍ୟରେ ସମ୍ବଲପୁର ସହରରେ 'ଗଙ୍ଗାଧର ପାଠାଗାର' ନାମରେ ଗୋଟିଏ public Library ପ୍ରତିଷ୍ଠିତ ହେବା ସର୍ବଥା ବାଞ୍ଛନୀୟ । ସମ୍ବଲପୁରର ଉତ୍ସାହୀ ଭ୍ରାତୃବୃନ୍ଦ ଏଥିରେ ମନୋଯୋଗୀ ହେଲେ ସମଗ୍ର ଉତ୍କଳ ଆନନ୍ଦିତ ହେବ ।

ଶ୍ରୀ କୁଳମଣି ଦାଶ

## ଆଲୋଚନା

କବି ଗଙ୍ଗାଧରଙ୍କର ମାତ୍ର ବାଷଠି ବର୍ଷ ବୟସରେ ତା ୪ ଏପ୍ରିଲ, ୧୯୨୪ରିଖରେ ମହାପ୍ରୟାଣ ଘଟିଲା । ତା' ସହିତ ଅବସାନ ଘଟିଲା ଓଡ଼ିଆ ସାହିତ୍ୟର ଗୋଟିଏ ଯୁଗ ଓ ପରମ୍ପରାର । ଗଙ୍ଗାଧରଙ୍କ ତିରୋଧାନ ତାଙ୍କର ବନ୍ଧୁ, ଶୁଭେଚ୍ଛୁ ଓ ପାଠକମାନଙ୍କ ପାଇଁ ଥିଲା ଏକ ବଜ୍ରପାତ । ଏଭଳି ଦୁଃଖଦ ସମ୍ବାଦକୁ ସେ ସମୟର ପ୍ରାୟ ସମସ୍ତ ସମ୍ବାଦପତ୍ର ଓ ସାହିତ୍ୟପତ୍ର ପ୍ରକାଶ କରିଥିଲେ । ସେହି ସମ୍ବାଦ ସହିତ ତାଙ୍କ ଜୀବନ ଚରିତ ଓ କବି ଜୀବନର ସାଧାରଣ ସୂଚନାତ୍ମକ ପରିଚୟ ବି ଗର୍ଭିତ ଥିଲା । କେହି କେହି କବିତା ଆକାରରେ ଏହି ଦୁଃଖଦ ଅନୁଭୂତିକୁ ଉପସ୍ଥାପିତ କରିଥିଲେ । ଏଭଳି କବିତାଗୁଡ଼ିକ ମଧ୍ୟରେ ନନ୍ଦକିଶୋରଙ୍କ 'ସ୍ୱର୍ଗୀୟ କବି ଗଙ୍ଗାଧର' (ଉତ୍କଳ ସାହିତ୍ୟ, ୨୮/୧, ପୃ. ୧୧ । ନନ୍ଦକିଶୋର ଗ୍ରନ୍ଥାବଳୀରେ କବିତାଟିର

ଶୀର୍ଷକ କବି ଗଙ୍ଗାଧର) ଓ ରାଘବ ମିଶ୍ରଙ୍କ 'ମେହେର କବିଙ୍କ ସ୍ୱର୍ଗାରୋହଣ' (ମେହେର କବି, ପୃ. ୨୯-୩୨) ଅଧିକ ପରିଚିତ। ଆନୁଷ୍ଠାନିକ ଓ ବ୍ୟକ୍ତିଗତ ଶୋକୋଚ୍ଛ୍ୱାସର ମଧ୍ୟ ଅଭାବ ନଥିଲା। ଏ ସବୁଥିରେ ମୁଖ୍ୟତଃ ଗଙ୍ଗାଧରଙ୍କ ଚାରିତ୍ରିକ ମହତ୍ତ୍ୱ ଓ ସାହିତ୍ୟିକ ବୈଶିଷ୍ଟ୍ୟ ଉପସ୍ଥାପିତ। ଦରିଦ୍ର କୁଟୀରରେ ଜନ୍ମଗ୍ରହଣ କରି ପୁଣି ସେ ଦେଶ ଓ ଭାଷାପାଇଁ ଯେଉଁ କୀର୍ତ୍ତିରାଜି ଛାଡ଼ି ଯାଇଛନ୍ତି ତାହାର ଗୌରବ ଉଦ୍‌ଘୋଷଣାରେ ଏଭଳି ସମ୍ବାଦ, ବାର୍ତ୍ତା ଓ କବିତାଗୁଡ଼ିକ ଶତଜିହ୍ୱ। ନନ୍ଦକିଶୋରଙ୍କ କବିତା ତାହାର ଏକ ଦୃଷ୍ଟାନ୍ତ :

'ଦୀନ କୁଟୀରେ କୋଉଣେ ଜନମ ଲଭି
ସାରା ଉତ୍କଳେ ଖ୍ୟାତି ଲଭିଛ କବି !
କାବ୍ୟ କବିତା ପୁଣି ମହତପଣ
ଉଡ଼ାଉଅଛି ଗଉରବ କେତନ
ଚାରିତ୍ର୍ୟ ବଳେ କାଳ-ଅପର-ପାରେ
ପ୍ରସାଦ ଲଭୁଥିଲେ ଏ ପରକାରେ
ବେନି ଲୋକ ସାଧନା ତବ କରଣି
ଲଭୁଛି ଲୋକମୁଖୁଁ ବିଜୟ ଧ୍ୱନି।' (ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ. ୨୯୫)

ଗଙ୍ଗାଧର ଜୀବଦ୍ଦଶାରେ ତାଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱ ପାଇଁ ମଧ୍ୟ ଅଭିନନ୍ଦିତ ହୋଇଛନ୍ତି। ଏଭଳି ଅଭିନନ୍ଦନ ଓ ଗୌରବ-ଗାନରେ ଗୁଣ-ମୁଗ୍ଧ ଭାବହିଁ ପ୍ରଧାନ। କାରଣ ଗଙ୍ଗାଧର କେବେ ବି ଏକ କ୍ଷମତା-କେନ୍ଦ୍ର ନ ଥିଲେ। ଆମ ଦେଶରେ ପୂର୍ବରୁ ସନ୍ଥପୂଜା ତଥା କ୍ଷମତା-ବନ୍ଦନାର ପରମ୍ପରା ଥିଲା। ଊନବିଂଶ ଶତାବ୍ଦୀରେ ସେହି ପରମ୍ପରା ସହିତ ଇଉରୋପରୁ ଆସି ବୀର-ପୂଜାର ଐତିହ୍ୟ ସମୀକୃତ ହେଲା। ଅନେକ ସମୟରେ ଆମ ସାହିତ୍ୟିକ ମାନେ ହେଲେ ସମକାଳରେ ସନ୍ଥ ଓ ବୀର। ଗଙ୍ଗାଧରଙ୍କୁ ନେଇ ତାଙ୍କ ଜୀବଦ୍ଦଶାରେ ଯେତୋଟି କବିତା ପ୍ରକାଶିତ ସେଥିରେ ପ୍ରତିଭା-ପରିଚୟ ଅପେକ୍ଷା ପ୍ରତିଭା-ବନ୍ଦନାର ପ୍ରଚେଷ୍ଟା ଅଧିକ। ନନ୍ଦକିଶୋରଙ୍କ 'ଇନ୍ଦୁମତୀ କାବ୍ୟ ପ୍ରଣେତା ମେହେର' (ନନ୍ଦକିଶୋର ଗ୍ରନ୍ଥାବଳୀ, ପୃ. ୩୯୩-୯୪)ର ବହୁ ପ୍ରଚାରିତ। ଏ ସମ୍ପର୍କରେ ଆଉ ଦୁଇଟି କବିତାର ଉଲ୍ଲେଖ କରାଯାଇପାରେ। ସେ ଦୁଇଟି ହେଲା : 'କବି ଗଙ୍ଗାଧର ମେହେର' (ବୃନ୍ଦାବନ ନାଥଶର୍ମା, ସମ୍ବଲପୁର ହିତୈଷିଣୀ ୨୬/୩୦) ଓ 'କବି ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି' (ରାଘବ ମିଶ୍ର, ସମ୍ବଲପୁର ହିତୈଷିଣୀ ୨୯/୪୫)। ଏ ସମସ୍ତ କବିତାରେ ଗଙ୍ଗାଧରଙ୍କ ସାଧନା, ବ୍ୟକ୍ତିଗତ ସୁଗୁଣାବଳୀ ଓ କାବ୍ୟକବିତାର ସାଧାରଣ ପରିଚୟ ପ୍ରଦତ୍ତ। ତାଙ୍କ ଜୀବଦ୍ଦଶାରେ ପ୍ରକାଶିତ କବିତାଗୁଡ଼ିକ ଯେଭଳି ଭବିଷ୍ୟତ ସମ୍ପର୍କରେ ଆଶାଦୀପ୍ତ ବାଣୀର ଉଦ୍ଦୀପ୍ତ, ଠିକ୍ ସେହିଭଳି ତାଙ୍କ ମୃତ୍ୟୁପରେ ଲିଖିତ କବିତାଗୁଡ଼ିକରେ ନୈରାଶ୍ୟଭାବ ଅଭିବ୍ୟକ୍ତ। ଏହି ସମସ୍ତ କବିତା, ଚିଠି ପତ୍ର ବା ସାମୟିକ ମନ୍ତବ୍ୟରୁ ଗଙ୍ଗାଧରଙ୍କ ସାମଗ୍ରିକ ଜୀବନର ଝଲକ ମିଳିପାରେ,

ପରବର୍ତ୍ତୀ ସମୟରେ ଏକ ଚରିତାମୃତ ସୃଷ୍ଟିରେ ସହାୟକ ହୋଇପାରେ କିନ୍ତୁ କବିଙ୍କର ବସ୍ତୁନିଷ୍ଠ ଜୀବନ ଏଗୁଡ଼ିକରୁ ସ୍ପଷ୍ଟ ହୁଏ ନାହିଁ:

"ଜାଗ ଦେବ ! ସୁଧା ଧାରା ଏହି ମରୁ ଦେଶେ
ଫେଡିବ ସେହି ସୁଦିନ ବିଜୟ ଉଲ୍ଲାସେ
ବାଜିବ ମଧୁର ବୀଣା ଅତି ମୃଦୁସ୍ୱରେ
ଧରିବ ମଧୁର ତାନ ପିକ ଆନନ୍ଦରେ
ଫୁଟିବ ପୁଷ୍ପରାଶ ଏହି ମରୁଦେଶେ
ଗୁଣଜ୍ଞ ଭ୍ରମର ଦଳ ଉଡ଼ିବେ ଉଲ୍ଲାସେ ।" (ସମ୍ବଲପୁର ହିତୈଷିଣୀ, ୨୬/୩୦)

ଏହି ସମସ୍ତ ରଚନା ମଧ୍ୟରେ ଏଠାରେ ସଂଯୋଜିତ ନୀଳମଣି ବିଦ୍ୟାରତ୍ନଙ୍କ 'ଗଙ୍ଗାଧର ପ୍ରସଙ୍ଗ' (ଉତ୍କଳ ସାହିତ୍ୟ ୨୮/୧, ପୃ. ୧୨-୧୬) ଓ କୁଳମଣି ଦାଶଙ୍କ 'ସ୍ୱର୍ଗତ କବି ଗଙ୍ଗାଧର' (ଉତ୍କଳ ସାହିତ୍ୟ ୨୮/୩, ପୃ. ୯୪-୧୦୪) ପ୍ରବନ୍ଧ ଦୁଇଟି ଉଲ୍ଲେଖଯୋଗ୍ୟ । ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ବିୟୋଗ ପରେ 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ସେମାନଙ୍କ ଜୀବନୀ, କୃତି ଓ ସ୍ମୃତିଚାରଣ ଆଧାରିତ ବିଶେଷ ସଂଖ୍ୟା ପ୍ରକାଶ କରିଛି । ଗଙ୍ଗାଧରଙ୍କ ପାଇଁ ଉତ୍କଳ ସାହିତ୍ୟ ସେହିଭଳି ପଦକ୍ଷେପ ନେଇନାହିଁ । ତଥାପି ଗଙ୍ଗାଧରଙ୍କ ସମ୍ପର୍କରେ ଉତ୍କଳ ସାହିତ୍ୟରେ ପ୍ରକାଶିତ ଏହି ଦୁଇଟି ପ୍ରବନ୍ଧ ତାଙ୍କ ଜୀବନୀ ରଚନାର ଆଦି ପ୍ରଚେଷ୍ଟା ।

ଗଙ୍ଗାଧର ଜୀବିତ ଥିଲାବେଳେ ତାଙ୍କର ଜୀବନୀ-ରଚନାର ପ୍ରଚେଷ୍ଟା ହୋଇଥିଲା ବୋଲି ଡକ୍ତର କବି କହିଥାନ୍ତି: "କବିଙ୍କ ଜୀବିତାବସ୍ଥାରେ କବି ରାଧାନା ଅନୁରୋଧ କ୍ରମେ ଉତ୍କଳ ସାହିତ୍ୟରେ ସମ୍ବଲପୁର ହିତୈଷିଣୀର ସୁଯୋଗ୍ୟ ସମ୍ପା. ନୀଳମଣି ବିଦ୍ୟାରତ୍ନ ଗଙ୍ଗାଧରଙ୍କ ଜୀବନୀ ସମ୍ପର୍କରେ ପ୍ରବନ୍ଧ ଲେଖିଥିଲେ ।" (ଗଙ୍ଗାଧର ଜୀବନୀ, ପୃ. ୮) କବିପୁତ୍ର ଭଗବାନ ବାବୁ ମଧ୍ୟ ଏହିଭଳି ଏକ ଧାରଣା ପୋଷଣ କରିଥାନ୍ତି: "ପଣ୍ଡିତ ବିଦ୍ୟାରତ୍ନ ପିତୃଦେବଙ୍କୁ ଉତ୍କଳର ସୁଧୀ ସମାଜରେ ପରିଚିତ କରାଇବାପାଇଁ ବିଶେଷ ଯତ୍ନଶୀଳ ଥିଲେ । କବିବର ରାଧାନାଥଙ୍କ ଆଗ୍ରହ କ୍ରମେ 'ହିତୈଷିଣୀ'ରେ ପିତାଙ୍କ ଜୀବନ ବୃତ୍ତାନ୍ତ ପ୍ରକାଶ କରିଥିଲେ ।" (ପିତୃ ପ୍ରସଙ୍ଗ, ପୃ. ୩୩) । ଗଙ୍ଗାଧରଙ୍କ ଜୀବନୀ ଲେଖକମାନେ ବିଦ୍ୟାରତ୍ନଙ୍କ ପ୍ରବନ୍ଧକୁ ମୌଳିକ ଭାବରେ ଅଧ୍ୟୟନ କରି ନଥିବାରୁ ଏଭଳି ମତାମତ ଦେଇଥାନ୍ତି । ଜଣେ ଏହା ଉତ୍କଳ ସାହିତ୍ୟରେ ପ୍ରକାଶିତ ବୋଲି ମତାମତ ଦେଲାବେଳେ ଅନ୍ୟଜଣେ ଏହା ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ବୋଲି କହିଛନ୍ତି ।

ରାଧାନାଥ ତା୯.୬.୧୮୯୪ରିଖର ପତ୍ରରେ ଗଙ୍ଗାଧରଙ୍କୁ ଲେଖିଛନ୍ତି: "ନୀଳମଣି ବାବୁଙ୍କୁ ଆପଣଙ୍କ ସଂକ୍ଷିପ୍ତ ଜୀବନ ବୃତ୍ତାନ୍ତ ପ୍ରକାଶ କରିବା ସକାଶେ ଅନୁରୋଧ କରିଅଛି । ସେ ସ୍ୱତଃ ଆପଣଙ୍କ ରଚନାର ପକ୍ଷପାତୀ । ମୁଁ ଆଶା କରେ ସେ ଶୀଘ୍ର ମୋହୋ ଅନୁରୋଧ ପାଳନ କରିବେ ।" (କବିଲିପି, ପୃ. ୬୪) ରାଧାନାଥ

ବିଦ୍ୟାରତ୍ନଙ୍କୁ କ'ଣ ଲେଖିଥିଲେ ତାହା ଜଣାନାହିଁ । ବିଦ୍ୟାରତ୍ନଙ୍କ ତା ୧୨ । ୧୨ । ୯୪ରିଖ ପତ୍ରରୁ ଗଙ୍ଗାଧରଙ୍କ ଜୀବନୀ ରଚନା ପାଇଁ ସେ ଉଦ୍ୟମ କରିଥିବା ଅନୁମାନ : ''ଆପଣଙ୍କର ବର୍ତ୍ତମାନ ବୟସ କେତେ ଏବଂ ଆପଣ ଖ୍ରୀଷ୍ଟୀୟ କେଉଁ ସାଲରେ ଜନ୍ମଗ୍ରହଣ କରିଅଛନ୍ତି ଏଥିର ଉତ୍ତର ଫେରନ୍ତ ଡାକରେ ପଠାଇବେ ।'' (ପିତୃପ୍ରସଙ୍ଗ, ପୃ. ୨୦୯) ଏଠାରେ ସୂଚନାଯୋଗ୍ୟ ଯେ ରାଧାନାଥଙ୍କ ଉଦ୍ଧୃତ ଚିଠିର ମାସକ ପୂର୍ବରୁ ବିଦ୍ୟାରତ୍ନ ସମ୍ବଲପୁର ହିତୈଷିଣୀରେ ଗଙ୍ଗାଧରଙ୍କ ସଂକ୍ଷିପ୍ତ ପରିଚୟ 'ଶ୍ରୀ ଗଙ୍ଗାଧର ମେହେର' ଶୀର୍ଷକରେ ପ୍ରଦାନ କରିଥିଲେ । (ସମ୍ବଲପୁର ହିତୈଷିଣୀର ୨.୫.୯୪ ସଂଖ୍ୟାରେ ପ୍ରକାଶିତ । ସଂପୃକ୍ତ ସଂକ୍ଷିପ୍ତ ପରିଚୟ ଏହି ପୁସ୍ତକରେ ପ୍ରଥମ ପ୍ରବନ୍ଧରେ ଉଦ୍ଧୃତ) ତେଣୁ ରାଧାନାଥଙ୍କ ଅନୁରୋଧ ସହ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ଲିଖିତ ପ୍ରଥମ ସୂଚନାର କୌଣସି ସଂପର୍କ ନଥିଲା । ଏଠାରେ ସଂଯୋଜିତ ଓ ଆଲୋଚିତ ପ୍ରବନ୍ଧଟି ସହ ମଧ୍ୟ ରାଧାନାଥଙ୍କର ଅନୁରୋଧ ଓ ବିଦ୍ୟାରତ୍ନଙ୍କ ତଥ୍ୟ ସଂଗ୍ରହର କୌଣସି ସଂପର୍କ ନାହିଁ । ଏହା ରାଧାନାଥଙ୍କ ସଂପୃକ୍ତ ଅନୁରୋଧର ପ୍ରାୟ ତିରିଶ ବର୍ଷ ପରେ ଲିଖିତ । ଡକ୍ଟର କବି ଓ ଭଗବାନ ବାବୁ ମୂଳ ରଚନା ନ ଦେଖିବା ଫଳରେ ଏଭଳି ମତାମତ ଦେଇଛନ୍ତି । ଗଙ୍ଗାଧରଙ୍କ ଜୀବନୀ-ଲେଖକଗଣ ବା ଚରିତ ସାହିତ୍ୟର ଆଲୋଚକଗଣ (ଅଧ୍ୟାପକ ପଠାଣି ପଟ୍ଟନାୟକ ଓ ଡକ୍ଟର ଲାବଣ୍ୟ ନାୟକ) ରାଧାନାଥ ଜୀବନୀକାର ବା ଡକ୍ଟର ନଟବର ସାମନ୍ତରାୟଙ୍କୁ ଅନୁସରଣ କରି ଏହି ପ୍ରବନ୍ଧ ଦୁଇଟିର କେବଳ ନାମୋଲ୍ଲେଖ କରିଛନ୍ତି ।

ନୀଳମଣି ଯେହ ଗଙ୍ଗାଧରଙ୍କର କେବଳ ଘନିଷ୍ଠ ନଥିଲେ, କବି ଗଙ୍ଗାଧରଙ୍କ ଜୀବନର ଉତ୍ତରଣ ସହ ଓତଃପ୍ରୋତ ଭାବେ ସଂପୃକ୍ତ ଥିଲେ । ବିଦ୍ୟାରତ୍ନଙ୍କ ସମସ୍ତ କାର୍ଯ୍ୟ ଓ ଉପଦେଶକୁ ଗ୍ରହଣ ନ କଲେ ବି ଗଙ୍ଗାଧର ତାଙ୍କ ପ୍ରତି ଜୀବନସାରା ସମ୍ମାନ ଅକ୍ଷୁଣ୍ଣ ରଖିଛନ୍ତି । ଗଙ୍ଗାଧରଙ୍କୁ ନେଇ ବ୍ରଜମୋହନ ଓ ବିଦ୍ୟାରତ୍ନଙ୍କ ମଧ୍ୟରେ ଆବେଦନ-ଆଲୋଚନା-ପ୍ରତ୍ୟାଲୋଚନା ଚାଲିବାର ପ୍ରାୟତଃ ସମକାଳରେ ଗଙ୍ଗାଧର ବିଦ୍ୟାରତ୍ନଙ୍କ ହିତୈଷିଣୀ (ସମ୍ବଲପୁର ହିତୈଷିଣୀ ୨୪/୧, ୨.୧୧.୧୯୧୨) କବିତାରେ ବିଦ୍ୟାରତ୍ନଙ୍କ ପ୍ରତି ଆପଣାର ଶ୍ରଦ୍ଧା ନିବେଦନ କରିଛନ୍ତି :

'ଧନ୍ୟଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି !
ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ,
ସ୍ଥାପିଦେଲ କାଳଦର୍ପୀ ଧ୍ୱଂସୀ ଯୂପସ୍ତମ୍ଭ
× × × ×
କରିଅଛ ମୋର ଯେତେ ଯେତେ ଉପକାର
ମୋ ହୃଦେ ରହିଛି ସବୁ ସ୍ୱର୍ଣ୍ଣମସାର ।
ତୁମ୍ଭ କୀରତିର ଚାରୁ ପତାକା ସାଥେ
ସୂତ୍ର ହେଲେ ଧନ୍ୟ ହେବି ମୁଁ ଦୀନ ଜୀବନେ'। (ଗ୍ରନ୍ଥାବଳୀ, ୧୯୭୭, ପୃ. ୩୪୨)

ବିଦ୍ୟାରତ୍ନ ମଧ୍ୟ ସମ୍ବଲପୁର ହିତୈଷିଣୀର ସଂପାଦକୀୟ ସ୍ତମ୍ଭ ବା ସମ୍ବାଦ-ସ୍ତମ୍ଭରେ ଗଙ୍ଗାଧରଙ୍କ ସମ୍ପର୍କରେ ବିଭିନ୍ନ ସମ୍ବାଦ ପରିବେଷଣ କରି ଓଡ଼ିଶାର ବିଦ୍ୱତ ମଣ୍ଡଳୀରେ ତାଙ୍କୁ ସୁପରିଚିତ କରିଛନ୍ତି । ତାଙ୍କର ଉତ୍କଳ ଲକ୍ଷ୍ମୀ, ମହିମା ଓ କବିତା କଲ୍ଲୋଳର ସମୀକ୍ଷା ଲେଖିଛନ୍ତି । (ସମୀକ୍ଷାଗୁଡ଼ିକ ପାଇଁ ପରବର୍ତ୍ତୀ ଆଲୋଚନା ଦ୍ରଷ୍ଟବ୍ୟ) ସମ୍ବଲପୁର ହିତୈଷିଣୀର ସଂପାଦକ ଥିଲାବେଳେ ଗଙ୍ଗାଧରଙ୍କ ସମ୍ପର୍କରେ କୌଣସି ସମ୍ବାଦ ଥିଲେ, ତାହା ପରିବେଷଣର ସୁଯୋଗ ଛାଡ଼ି ନାହାନ୍ତି । 'ଉତ୍କଳ ସାହିତ୍ୟର ମହିମା' ସମ୍ବାଦଟି ଏହାର ଦୃଷ୍ଟାନ୍ତ : "ଏହି ପତ୍ରିକାରେ ସମ୍ବଲପୁର ଜିଲ୍ଲାର ବରପାଲିରୁ ପ୍ରେରିତ ଦୁଇଟି କବିତା ସନ୍ନିବେଶିତ ହୋଇଥିବାର ଦେଖି ସୁଖୀ ହୋଇଅଛୁଁ ! ଗୋଟିଏ ତନ୍ମଧ୍ୟ ଅଧ୍ୟାଶ୍ବରଙ୍କର, ଅପରଟି ସୁଲେଖକ ଶ୍ରୀବାବୁ ଗଙ୍ଗାଧର ମେହେରଙ୍କ ରଚିତ । ମେହେର ମହାଶୟଙ୍କ ରଚିତ ଅମୂଲ୍ୟ ଉପଦେଶପୂର୍ଣ୍ଣ ସେହି ସୁକବିତାଟିକୁ ପାଠକମାନଙ୍କୁ ଉପହାର ଦେଉଅଛୁଁ । ଏ ଜିଲ୍ଲାର ଶିକ୍ଷିତ ଯୁବକମାନଙ୍କର ସାହିତ୍ୟଚର୍ଚ୍ଚା ପ୍ରତି ଶ୍ରଦ୍ଧାର ଉଦ୍ରେକ କରିବା କବିତା ପ୍ରକାଶର ଅନ୍ୟତମ ଉଦ୍ଦେଶ୍ୟ ।" (ସମ୍ବଲପୁର ହିତୈଷିଣୀ ୯/୧୨ ପୃ. ୪୬) ବିଦ୍ୟାରତ୍ନଙ୍କର ଗଙ୍ଗାଧରଙ୍କ ପ୍ରତି ଥିବା ଶ୍ରଦ୍ଧାର ଅଭିବ୍ୟକ୍ତି ହୋଇଛି : ଗଙ୍ଗାଧର ପ୍ରସଙ୍ଗ । ଏହି ପ୍ରବନ୍ଧରେ ସ୍ମୃତିଚାରଣ ସହିତ ଗଙ୍ଗାଧରଙ୍କର ଜୀବନଚରିତ ଉପସ୍ଥାପିତ । ଅନ୍ତରଙ୍ଗତାର ଚନ୍ଦ୍ରାଲୋକରେ ଏଥିରେ ବର୍ଣ୍ଣିତ ଘଟଣାବଳୀ ସୁସ୍ନିଗ୍ଧ ।

ଅପର ପକ୍ଷରେ ପଣ୍ଡିତ କୃଷ୍ଣମଣି ଦାଶଙ୍କ 'ସ୍ୱର୍ଗତ କବି ଗଙ୍ଗାଧର' ଏକ ନିରୋଳା ଜୀବନୀ-ପ୍ରବନ୍ଧ । ପଣ୍ଡିତ ଦାଶଙ୍କ ସହ ଗଙ୍ଗାଧରଙ୍କର କୌଣସି ବ୍ୟକ୍ତିଗତ ସମ୍ପର୍କ ଥିଲା କି ନାହିଁ, ଆଲୋଚ୍ୟ ପ୍ରବନ୍ଧରୁ ତାହାର କୌଣସି ଇଙ୍ଗିତ ମିଳେ ନାହିଁ । ଫଳରେ ଅନ୍ତରଙ୍ଗତା ଓ ବ୍ୟକ୍ତିଗତ ଜୀବନର ଆଲୋକ-ଅନ୍ଧାର ଚର୍ଚ୍ଚାରୁ 'ସ୍ୱର୍ଗତ କବି ଗଙ୍ଗାଧର' ବଞ୍ଚିତ । ଏକ ଶିକ୍ଷଣୀୟ ଜୀବନ ଚରିତ ଭାବରେ ଏହା ଉପସ୍ଥାପିତ : "ନାନା ଅଭାବ ଓ ଅସୁବିଧା ମଧ୍ୟରେ ପଡ଼ି ଲୋକ ଆତ୍ମଚେଷ୍ଟାରେ କିପରି ଉନ୍ନତ ଯୁଗର ମାର୍ଜିତ-ରୁଚି-ଅନୁମୋଦିତ ସାହିତ୍ୟ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ ହୋଇପାରେ, ତାହା ତାଙ୍କର (ଗଙ୍ଗାଧରଙ୍କର) ଏହି କ୍ଷୁଦ୍ର ଜୀବନୀ ଦ୍ୱାରା ଆଲୋଚନା କଲେ ସ୍ପଷ୍ଟ ରୂପେ ପ୍ରତୀୟମାନ ହେବ ।" ପଣ୍ଡିତ ଦାଶଙ୍କର ଆଲୋଚିତ ପ୍ରବନ୍ଧ ପ୍ରକାଶିତ ହେଲାବେଳକୁ ଗଙ୍ଗାଧରଙ୍କ ସମ୍ପର୍କରେ ପ୍ରାୟତଃ ଆଲୋଚନା ନ ଥିଲା, ମାତ୍ର ଦୁଇମାସ ପୂର୍ବରୁ ନୀଳମଣିଙ୍କ 'ଗଙ୍ଗାଧର ପ୍ରସଙ୍ଗ' ପ୍ରକାଶିତ ହୋଇଥିଲା । ସମକାଳୀନ ସମ୍ବାଦପତ୍ର ମାନଙ୍କରେ ଗଙ୍ଗାଧରଙ୍କ ସମ୍ପର୍କିତ ପ୍ରକୀର୍ଣ୍ଣ ସମ୍ବାଦଗୁଡ଼ିକରୁ ସେ ଉପାଦାନ ସଂଗ୍ରହ କରିଥିବା ମନେ ହୁଏ ନାହିଁ । ପଣ୍ଡିତ ରାଘବ ମିଶ୍ରଙ୍କ ମାଧ୍ୟମରେ ପାଇଥିବା ଗଙ୍ଗାଧରଙ୍କ ଜୀବନର ଘଟଣାବଳୀର ପରିଚୟ ଓ ତାଙ୍କରି (ପଣ୍ଡିତ ରାଘବ ମିଶ୍ର) ସୌଜନ୍ୟରୁ ପାଇଥିବା ଅସମ୍ପୂର୍ଣ୍ଣ ଆତ୍ମଜୀବନୀ ହେତୁ ଦାଶଙ୍କ ପାଇଁ ତଥ୍ୟର ଉତ୍ସ ହୋଇଛି । ତା' ସହିତ ପ୍ରଚଳିତ ଧାରଣାକୁ ସଂଯୋଗ କରି ସେ ଆଲୋଚ୍ୟ ପ୍ରବନ୍ଧ ରଚନା କରିଛନ୍ତି ।

ବିଦ୍ୟାରତ୍ନ ତାଙ୍କ ପ୍ରବନ୍ଧରେ ଗଙ୍ଗାଧରଙ୍କ ଜନ୍ମ, ଅବସ୍ଥାନ ଓ ଜୀବିକାଗତ ସାଧାରଣତ୍ୱର ସୂଚନା ଦେଇ ତାଙ୍କ ପ୍ରବନ୍ଧ ଆରମ୍ଭ କରିଛନ୍ତି : "କବି ଗଙ୍ଗାଧର ଧନଶାଳୀ ବା କ୍ଷମତାଶାଳୀ ବ୍ୟକ୍ତି କିମ୍ବା ନଗରନିବାସୀ ସୌଧବିହାରୀ ବିଳାସ ପରାୟଣ ବ୍ୟକ୍ତି ନ ଥିଲେ। ଅରଣ୍ୟାନି ସଙ୍କୁଳ ସମ୍ବଲପୁର ଜିଲ୍ଲାର ବରପାଲି ନାମକ ଗୋଟିଏ ଜମିଦାରୀ ଗ୍ରାମର ସାଧାରଣ ଗୃହସ୍ଥ ସନ୍ତାନ ଥିଲେ।" ଏହି ସାଧାରଣ ଅବସ୍ଥାରୁ ଉଠି ନିଜର ଅନୁରାଗ, ଅସାଧାରଣ ଅଧ୍ୟବସାୟ ଫଳରେ ସେ ନିଜର ଜ୍ଞାନର ସୀମା ଯେତିକି ବୃଦ୍ଧି କରିଥିଲେ, ତାହା ଅନ୍ୟମାନଙ୍କ ପାଇଁ ଈର୍ଷାର ବିଷୟ। ଏହି ବିଦ୍ୟାସାଧନା ଫଳରେ ତାଙ୍କ କବିତ୍ୱର ଯଥାର୍ଥ ବିକାଶ ସମ୍ଭବ ହୋଇଥିଲା। ବିଦ୍ୟାରତ୍ନଙ୍କ ପ୍ରବନ୍ଧରେ ଗଙ୍ଗାଧରଙ୍କ ଚାକିରୀ ବିଷୟ ଉପସ୍ଥାପିତ ହେଲେ ମଧ୍ୟ, ତାହା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ତାଙ୍କ କବିତ୍ୱର ବିକାଶ ଉପରେ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ଆରୋପିତ। ତାଙ୍କର ସହଯୋଗିତା, ରାଧାନାଥଙ୍କର ଉତ୍ସାହ ଫଳରେ ଗଙ୍ଗାଧରଙ୍କ ଭିତରେ ଥିବା କବିତ୍ୱର ସ୍ୱାଭାବିକ ଉତ୍ସରୁ 'ଇନ୍ଦୁମତୀ' ଓ 'କୀଚକବଧ' ଆଦି ଜନ୍ମ ନେଇଥିଲା। ପ୍ରସଂଗ କ୍ରମେ ଗଙ୍ଗାଧରଙ୍କ କାବ୍ୟର ମୌଳିକତା, କାବ୍ୟ-ପ୍ରକାଶନ ସମ୍ପର୍କରେ ତାଙ୍କର ଅମନୋଯୋଗ ଆଦି ବିଷୟ ଉପସ୍ଥାପିତ। ଗଙ୍ଗାଧର ଜମିଦାରମାନଙ୍କ ଅଧୀନରେ କାର୍ଯ୍ୟ କଲେବି ସେ କିପରି ରାଜଦରବାରଠାରୁ ଦୂରେଇ ରହୁଥିଲେ, ତାହା ସେ ବର୍ଣ୍ଣନା କରିଛନ୍ତି। ଶେଷରେ ଗଙ୍ଗାଧରଙ୍କ ଉଜ୍ଜ୍ୱଳ ଚରିତ୍ର ଓ ମାନସିକ ଗୁଣାବଳୀ ବର୍ଣ୍ଣିତ। ଗଙ୍ଗାଧର ତାଙ୍କର ଘନିଷ୍ଠ ହେଲେ ବି ସ୍ୱର୍ଗୀୟ ଗୁଣାବଳୀ ହେତୁ ବିଦ୍ୟାରତ୍ନ ଗଙ୍ଗାଧରଙ୍କୁ ନିସର୍ଗ-ଅତିଥି ବୋଲି ସମ୍ବୋଧନ କରିଛନ୍ତି। ବିଦ୍ୟାରତ୍ନ ଗଙ୍ଗାଧରଙ୍କ ଶିକ୍ଷାନୁରାଗ, ଅକୁତୋଭୟତା, ସ୍ୱାଧୀନ ମନୋବୃତ୍ତି ସମ୍ପର୍କରେ ଯେଉଁ କେତେକ ଦୃଷ୍ଟାନ୍ତ ଦେଇଛନ୍ତି, ତାହା ପରବର୍ତ୍ତୀକାଳର ଜୀବନୀ-ଲେଖକମାନଙ୍କ ଦ୍ୱାରା ପ୍ରାୟତଃ ଉପେକ୍ଷିତ ହୋଇଛି।

ପଣ୍ଡିତ କୁଳମଣିଙ୍କ ପ୍ରବନ୍ଧ ଏକ ସାଧାରଣ ଜୀବନୀ-ପ୍ରବନ୍ଧ ହୋଇଥିବାରୁ ଜୀବନୀ-ପାଠର ଉପଯୋଗିତାରୁ ତାଙ୍କର ପ୍ରବନ୍ଧ ସେ ଆରମ୍ଭ କରିଛନ୍ତି। ଗଙ୍ଗାଧରଙ୍କ ଦେଶ ଓ କାଳର ପରିଚୟ ଦେଇ ଆତ୍ମଜୀବନୀ ଭିତ୍ତିରେ ତାଙ୍କ ବାଲ୍ୟ, କୈଶୋର, ଶିକ୍ଷାଲାଭ ଆଦି ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ପ୍ରାଚୀନ କାବ୍ୟର ଅଧ୍ୟୟନ ଫଳରେ ତାଙ୍କ ହୃଦୟରେ ଲେଖିବାର ପ୍ରବୃତ୍ତି ଜାଗରିତ ହେବା ବିଷୟ ଉପସ୍ଥାପିତ। ଗଙ୍ଗାଧରଙ୍କ ଚାକିରୀ ଜୀବନ ଓ ପ୍ରଣୀତ ରଚନାବଳୀର ତାଲିକା ସେ ସଂଗୃହୀତ ତଥ୍ୟ ଭିତ୍ତିରେ ଦେଇଛନ୍ତି। ଆଧୁନିକ କବିମାନଙ୍କ ମଧ୍ୟରେ ତାଙ୍କ ସ୍ଥାନ ରାଧାନାଥ ଓ ମଧୁସୂଦନଙ୍କ ତଳେ ବୋଲି ସେ କହିଛନ୍ତି : "...ଆଧୁନିକ ଉଲ୍ଲେଖଯୋଗ୍ୟ କବିମାନଙ୍କ ମଧ୍ୟରେ ଗଙ୍ଗାଧରଙ୍କର ସ୍ଥାନ କବିବର ରାଧାନାଥ ଓ ଭକ୍ତ କବି ମଧୁସୂଦନଙ୍କ ତଳେ।" ଶେଷରେ ଗଙ୍ଗାଧର ନିଜ ଭୂଲିଆ ସମାଜର ସଂସ୍କାରରେ ନେଇଥିବା ଭୂମିକା, ଅବତାରଣା କରାଯାଇଛି। ପଣ୍ଡିତ ବାଗଙ୍କ ମତରେ ସମ୍ବଲପୁରୀ ଓଡ଼ିଆ ଓ ପୂର୍ବାଞ୍ଚଳୀୟ ଓଡ଼ିଆ, ଏ ଉଭୟ

ମଧ୍ୟରେ ସଂଯୋଗ ସେତୁ ହେଉଛନ୍ତି ଗଙ୍ଗାଧର। ଗଙ୍ଗାଧର ତେଣୁ ଅନ୍ୟତମ ଜାତୀୟବୀର ରୂପରେ ଆଖ୍ୟାୟିତ। ଗଙ୍ଗାଧରଙ୍କର ସ୍ମୃତିରକ୍ଷା ଓଡ଼ିଶାବାସୀ, ବିଶେଷତଃ ସମ୍ବଲପୁର ବାସୀଙ୍କର କର୍ତ୍ତବ୍ୟ ବୋଲି ସେ କହିଛନ୍ତି। କୁଳମଣିଙ୍କୁ ଏହି ପ୍ରବନ୍ଧ-ରଚନା କରିବାପାଇଁ ଉପାଦାନ ଯୋଗାଇ ଦେଉଥିଲେ ବି, ଏହି ପ୍ରବନ୍ଧ ପ୍ରକାଶର ଅଳ୍ପ କେତେ ମାସ ପରେ ପଣ୍ଡିତ ରାଘବ ମିଶ୍ରଙ୍କ 'ମେହେର କବି' ପ୍ରକାଶିତ। ଗଙ୍ଗାଧରଙ୍କ ସମ୍ପର୍କରେ ଲିଖିତ ପଣ୍ଡିତ ମିଶ୍ରଙ୍କ 'ମେହେର କବି' ଓ ଅନ୍ୟାନ୍ୟ ଜୀବନୀ ପ୍ରବନ୍ଧ ବହୁ ପଠିତ। ବୋଧହୁଏ, ସେଥିପାଇଁ ପଣ୍ଡିତ ଦାଶଙ୍କ ବକ୍ତବ୍ୟ, ବିଚାରଧାରା ଓ ଘଟଣାବର୍ଣ୍ଣନା ପରବର୍ତ୍ତୀ କାଳରେ ବହୁ ପରିମାଣରେ ଗୃହୀତ। ଗଙ୍ଗାଧରଙ୍କ ସମ୍ପର୍କରେ ବହୁ ଧାରଣାର ଉତ୍ସ ପଣ୍ଡିତ ଦାଶଙ୍କ ପ୍ରବନ୍ଧ।

ଆଲୋଚିତ ଦୁଇଟି ପ୍ରବନ୍ଧ ମଧ୍ୟରେ ବିଷୟଗତ ସାମ୍ୟ ଅପେକ୍ଷା ବୈଷମ୍ୟ ଅଧିକ। ଉଭୟେ ଗଙ୍ଗାଧରଙ୍କ ଶିକ୍ଷା, ଚାକିରୀ, କବିତ୍ୱ ସ୍ଫୂର୍ତ୍ତି ଆଦି ବିଷୟ ଉପସ୍ଥାପିତ କରିଥିଲେ ବି ନିଜ ନିଜ ଦୃଷ୍ଟିକୋଣରୁ କରିଛନ୍ତି। ଦୃଷ୍ଟାନ୍ତ ସ୍ୱରୂପ, କୁଳମଣି ଦାଶ ଗଙ୍ଗାଧରଙ୍କ ସ୍ୱଳ୍ପଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବାବେଳେ ନୀଳମଣି ଲେଖିଛନ୍ତି : ''ଯେ ସମୟରେ ଅନୁନ୍ନତ ଜିଲ୍ଲାର ଗୋଟିଏ ସାଧାରଣ ଗ୍ରାମରେ ସାଧାରଣ ଗୃହସ୍ଥ ସନ୍ତାନ ନିଜ ଚେଷ୍ଟାରେ ନିଜର ଜ୍ଞାନର ସୀମା ଯେତେଦୂର ବୃଦ୍ଧି କରି ପାରିବାର ସମ୍ଭାବନା ଆମ୍ଭମାନଙ୍କର ଶ୍ରଦ୍ଧେୟ ଗଙ୍ଗାଧର ତାହା କରିଥିଲେ।'' ଠିକ୍ ସେହିଭଳି ଗଙ୍ଗାଧରଙ୍କ କବିତ୍ୱ ବିକାଶର କାହାଣୀ ଉପରେ ନୀଳମଣି ଗୁରୁତ୍ୱ ଦେଇଛନ୍ତି, କିନ୍ତୁ କୁଳମଣି ତାହା ଉପରେ ଆଦୌ ଗୁରୁତ୍ୱ ଦେଇନାହାନ୍ତି। ଗଙ୍ଗାଧରଙ୍କ କବି ଜୀବନରେ ନୀଳମଣି ଓ ରାଧାନାଥ ଗ୍ରହଣ କରିଥିବା ଭୂମିକା କୁଳମଣିଙ୍କ ପ୍ରବନ୍ଧରେ ଉପେକ୍ଷିତ। ଗଙ୍ଗାଧରଙ୍କ କାବ୍ୟାବଳୀର ଏକ ତାଲିକା ଓ ତାଙ୍କ କାବ୍ୟାବଳୀର ବିଶିଷ୍ଟତା ସମ୍ପର୍କରେ କିଛି ସୂଚନା ଦେଲାପରେ କୁଳମଣି ନୀରବ। ମୋଟ ଉପରେ କହିଲେ 'ଗଙ୍ଗାଧର ପ୍ରସଙ୍ଗ' ଓ 'ସ୍ୱର୍ଗତ କବି ଗଙ୍ଗାଧର' ପରସ୍ପର ସମ୍ପର୍କହୀନ। ଗଙ୍ଗାଧରଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ରଚନା ପାଇଁ ଉଭୟ ପ୍ରବନ୍ଧ ପରସ୍ପରର ପରିପୂରକ।

ଗଙ୍ଗାଧରଙ୍କ ଜୀବନୀ ରଚନାର ପ୍ରାମାଣିକ ଉପାଦାନ ହେଲା : ତାଙ୍କ ନିଜ ଲିଖିତ ଆତ୍ମଜୀବନୀ, ଚିଠିପତ୍ର ଓ ସମସାମୟିକମାନଙ୍କ ଉପରେ ତାଙ୍କର ରଚନା, ସମକାଳୀନ ସମ୍ବାଦପତ୍ରରେ ପ୍ରକାଶିତ ସମ୍ବାଦ, ସରକାରୀ ବିବୃତି ତଥା ତାଙ୍କ ବନ୍ଧୁ, ଶୁଭେଚ୍ଛୁ ଓ ଘନିଷ୍ଠ ବର୍ଗଙ୍କର ତାଙ୍କ ନିକଟକୁ ବା ତାଙ୍କ ସମ୍ପର୍କରେ ଲିଖିତ ଚିଠିପତ୍ର ଓ ସ୍ମୃତିକଥା ଇତ୍ୟାଦି। ଏହି ଦୃଷ୍ଟିରୁ ଦେଖିଲେ ବିଦ୍ୟାରତ୍ନଙ୍କ 'ଗଙ୍ଗାଧର-ପ୍ରସଙ୍ଗ' ଗଙ୍ଗାଧର-ଜୀବନୀ ପାଇଁ ଓ ତାଙ୍କ ପ୍ରତିଭା-ବିବର୍ତ୍ତନ କାହାଣୀର ପୁନର୍ଗଠନ ପାଇଁ ଏକ ଅତ୍ୟାବଶ୍ୟକୀୟ ଉପାଦାନ। କିନ୍ତୁ କୌଣସି ଜୀବନୀ ଲେଖକ ଏହି ଲେଖାଟିକୁ ଗୁରୁତ୍ୱଦେଇ ବିଚାରକୁ ନେଇନାହାନ୍ତି। 'ରାଧାନାଥ ଜୀବନୀ'ରେ ଉଦ୍ଧୃତ ଅଂଶ ବିଶେଷକୁ ହିଁ ବ୍ୟବହାର କରିଛନ୍ତି। ଏହି ପ୍ରବନ୍ଧରେ କିନ୍ତୁ ଏଭଳି କେତେକ ସୂଚନା ରହିଛି,

ଯାହା ବିଚାରକୁ ନ ନେବା ଫଳରେ ଗଙ୍ଗାଧରଙ୍କ ଜୀବନାଦର୍ଶ ଆଲୋଚନା ଏକପାର୍ଶ୍ୱିକ ହୋଇପଡ଼ିଛି ।

(କ) ଗଙ୍ଗାଧର ଏକ ମଧ୍ୟଯୁଗୀୟ ପରିବେଶରେ ଜନ୍ମଗ୍ରହଣ କରିଥିବାରୁ ଓ କାବ୍ୟର କଥାବସ୍ତୁ ଭାବରେ ପୌରାଣିକ କାହାଣୀ ଗ୍ରହଣ କରିଥିବାରୁ ଆମର ସମାଲୋଚକମାନେ ଗଙ୍ଗାଧରଙ୍କ କାବ୍ୟକୁ ଆଧୁନିକ ଓ ପ୍ରାଚୀନ ସାହିତ୍ୟ ମଧ୍ୟରେ ସେତୁ ବୋଲି କହିଥାନ୍ତି । କିନ୍ତୁ ବାସ୍ତବରେ ଗଙ୍ଗାଧର ମେଦିନୀ-ଦୃଷ୍ଟି ଓ ଚିନ୍ତା-ଚେତନା ଦୃଷ୍ଟିରୁ ଥିଲେ ଆଧୁନିକ । ବିଦ୍ୟାଚନ୍ଦ୍ର ଶିକ୍ଷା ସମ୍ପର୍କରେ ଗଙ୍ଗାଧରଙ୍କ ଅନୁରାଗ ଉପରେ ଯାହା ମନ୍ତବ୍ୟ ଦେଇଛନ୍ତି, ତାହା ଏ ପ୍ରସଙ୍ଗରେ ବିଚାର ଯୋଗ୍ୟ : "ଶିକ୍ଷା ବିଷୟରେ ଏପରି ପ୍ରବଳ ଅନୁରାଗ, ଅସାଧାରଣ ଅଧ୍ୟବସାୟ ପାଶ୍ଚାତ୍ୟ ଦେଶମାନଙ୍କରେ ସୁଲଭ ହେଲେହେଁ ଆମ୍ଭମାନଙ୍କ ଦେଶରେ ଅତି ବିରଳ ।"

(ଖ) ଗଙ୍ଗାଧରଙ୍କୁ ଜୀବନସାରା ରାଜା/ଜମିଦାରମାନଙ୍କ ସହ କାର୍ଯ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ଗଙ୍ଗାଧରଙ୍କର ସେମାନଙ୍କ ସମ୍ପର୍କରେ ଉଚ୍ଚ ଧାରଣା ନ ଥିଲା ଓ ସେମାନଙ୍କ ନିକଟରେ କୃପା-ପ୍ରାର୍ଥୀ ହେବାକୁ ସେ ଅନେକାଂଶରେ ଅନିଚ୍ଛୁକ ଥିଲେ । ଗଙ୍ଗାଧର ବୋଧହୁଏ ରାଜାମାନଙ୍କ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଥିଲେ, ସେହି ମନ୍ତବ୍ୟକୁ ପୁଷ୍ଟ କରି ଗଙ୍ଗାଧରଙ୍କ ମନ କିଣିବାପାଇଁ ରାଧାନାଥ ବିଭିନ୍ନ ରାଜନ୍ୟବର୍ଗଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ସବୁ ବ୍ୟକ୍ତ କରିଥିଲେ । ଗଙ୍ଗାଧର 'ରାଧାନାଥଙ୍କ ଉକ୍ତି' ଶିରୋନାମାରେ ସେସବୁକୁ ସମ୍ବଲପୁର ହିତୈଷିଣୀରେ ପ୍ରକାଶ କରିବାପରେ, ସେଥିନେଇ ବହୁ ବାଦ ବିବାଦ ଲାଗିଥିଲା । ନୀଳମଣି ଗଙ୍ଗାଧରଙ୍କର ରାଜା ଜମିଦାରମାନଙ୍କ ସମ୍ପର୍କରେ ଥିବା ଏଭଳି ଦୃଷ୍ଟିକୋଣ ସହିତ ପରିଚିତ ଥିଲେ : "କବି ଗଙ୍ଗାଧର କବି ଭାବରେ ସ୍ୱତଃ ବା ନିମନ୍ତ୍ରିତ ହୋଇ କେବେ କୌଣସି ରାଜଦରବାରରେ ପଦାର୍ପଣ କରିଥିବାର ଶୁଣାଯାଇ ନ ଥିବାରୁ ଅନୁମାନ କରେ, ରାଜାପାରିଷଦମାନଙ୍କର ଏବଂ ରାଜାମାନଙ୍କର ବୃଥାଭିମାନର କଥା ସ୍ମରଣ କରି ସେ ଏ ବିଷୟରେ ପଶ୍ଚାତ୍‌ପଦ ହୋଇଛନ୍ତି ପରା !"

(ଗ) ଗଙ୍ଗାଧରଙ୍କ ସାମାଜିକ ଦୃଷ୍ଟିକୋଣ କେତେ ଆଧୁନିକ ଓ ଉଦାର ଥିଲା, ତାହା ତାଙ୍କ ବ୍ୟକ୍ତିଗତ ଜୀବନରେ ପ୍ରତିଫଳିତ । ବ୍ୟବସାୟ ପ୍ରତି ଆଗ୍ରହ, ବିଧବା ବିବାହ ଆଦି ତା'ର ଦୃଷ୍ଟାନ୍ତ । ଶେଷ ଜୀବନରେ ଭୁଲିଆ ସମାଜରେ ସଂସ୍କାର ଆଣିବାକୁ ସେ ଉଦ୍ୟମ କରିଥିଲେ । ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱର ଏହି ଦିଗ ତାଙ୍କ ଉପରେ ଲିଖିତ ଚରିତ ଗୁଡ଼ିକରେ ପ୍ରାୟତଃ ଉପେକ୍ଷିତ । ନୀଳମଣି କିନ୍ତୁ ଏହାର ସୂଚନା ଦେଇଛନ୍ତି : "ଗଙ୍ଗାଧର ରକ୍ଷଣଶୀଳ ସମାଜରେ ଲାଳିତ ପାଳିତ ହେଲେ ମଧ୍ୟ ଦେଶାଚାରର ଦାସ ନଥିଲେ । ସେ ଯେ ବୈଧଯୁକ୍ତିସଙ୍ଗତ ସଂସ୍କାରର ପକ୍ଷପାତୀ, ତାହା ତାଙ୍କ ମୃତ୍ୟୁ ପୂର୍ବେ ଅନୁଷ୍ଠିତ ସାମାଜିକ ସମିତିର ନିର୍ଦ୍ଧାରଣମାନଙ୍କରୁ ଜଣାପଡ଼େ ।

ପଣ୍ଡିତ କୁଳମଣି ଦାଶଙ୍କ ପ୍ରବନ୍ଧ ଏକ ସାଧାରଣ ଚରିତ-ପ୍ରବନ୍ଧ ହୋଇଥିବାରୁ 'ଗଙ୍ଗାଧର ପ୍ରସଙ୍ଗ'ର ଗୌରବ ତାର ନାହିଁ। ଦ୍ୱିତୀୟତଃ, ପଣ୍ଡିତ ରାଘବ ମିଶ୍ର ତାଙ୍କ ପ୍ରବନ୍ଧରେ ଥିବା ଉପାଦାନରେ ଉତ୍ସ ହୋଇଥିବାରୁ ସେ ଗଙ୍ଗାଧରଙ୍କ ଜୀବନର ଯେଉଁ ଘଟଣା ଓ ବ୍ୟକ୍ତିତ୍ୱର ଯେଉଁ ଦିଗକୁ ବିବୃତ କରିଛନ୍ତି, ତାହା ପରବର୍ତ୍ତୀ କାଳରେ ବହୁ ଭାବରେ ଗୃହୀତ। କିନ୍ତୁ ଗଙ୍ଗାଧରଙ୍କ ଜୀବନ ଓ ସାହିତ୍ୟ ସମ୍ପର୍କରେ ପଣ୍ଡିତ ଦାଶ ଦେଇଥିବା କେତେକ ମତାମତକୁ ବହୁଦିନ ପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଉ ନଥିଲା। ଏବେ ସେହି ଦୃଷ୍ଟିକୋଣ ଓ ଚର୍ଚ୍ଚାରେ କ୍ରମଶଃ ପରିବର୍ତ୍ତନ ଆସିଛି।

(କ) ଦାରିଦ୍ର୍ୟ ଗଙ୍ଗାଧରଙ୍କ ଜୀବନର ଏକ ବହୁ ତର୍କିତ ପ୍ରସଙ୍ଗ। କିନ୍ତୁ ତାଙ୍କ ଜୀବନରେ ଏହି ଅର୍ଥାଭାବ ସାମୟିକ ଓ ତାହା ବାଲ୍ୟକାଳରେ ହିଁ ସୀମାବଦ୍ଧ। ବାସ୍ତବତଃ ତାଙ୍କର ଆର୍ଥନୀତିକ ସ୍ତରକୁ ଗ୍ରାମୀଣ ମଧ୍ୟବିତ୍ତ ସ୍ତର ବୋଲି କୁହାଯାଇପାରେ। ପଣ୍ଡିତ ଦାଶଙ୍କ ଭାଷାରେ : "ବାଲ୍ୟ ଜୀବନରେ ସେ ଦାରିଦ୍ର୍ୟର ତୀବ୍ର ଯାତନା ଭୋଗ କରିଥିଲେହେଁ ସଂସାରାଶ୍ରମରେ ପ୍ରବେଶ କରି ଏକ ପ୍ରକାର ସୁଖରେ ଚଳୁଥିଲେ।" କୌଣସି କାରଣରୁ ପଣ୍ଡିତ ମିଶ୍ର ପଣ୍ଡିତ ଦାଶଙ୍କ ମତାମତ ଗ୍ରହଣ କରିନାହାନ୍ତି।

(ଖ) ଗଙ୍ଗାଧରଙ୍କ ଶେଷ ଜୀବନର କୃତିତ୍ୱ 'ସାଧୁ ସମିତି' ଓ ଭୁଲିଆ ମହାସଭା। ଏହି 'ଭୁଲିଆ ସଭା'ର ନିଷ୍ପତ୍ତି ଗୁଡ଼ିକ ସମ୍ପର୍କରେ ପଣ୍ଡିତ ମିଶ୍ର ବା କବିପୁତ୍ର ଭଗବାନ ବାବୁ ସୂଚନା ଦେଲେ ବି ବିଶଦ ଭାବରେ ଆଲୋଚନା କରିନାହାନ୍ତି। ପଣ୍ଡିତ ମିଶ୍ର ଲେଖିଛନ୍ତି; "ଏହି ସଭାରେ ସାମାଜିକ ଭୋଜିରେ ପଶୁବଧ ନିଷେଧ, ବିବାହାଦି କାର୍ଯ୍ୟରେ ବ୍ୟୟ ସଂକୋଚନ ଓ ଅନ୍ୟାନ୍ୟ କେତେକ ଅନିଷ୍ଟକର ରୀତି ବର୍ଜନର ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା।' (ମେହେର କବି, ପୃ. ୨୭) ସ୍ୱର୍ଗତ ଭଗବାନ ମେହେର ଲେଖିଛନ୍ତି : "ସଭାସ୍ଥ ଲୋକମାନେ ଉଭୟପକ୍ଷଙ୍କ ମଧ୍ୟରେ ରହିଥିବା ବାଦ ବିସମ୍ବାଦ ସବୁ ଶୁଣି ସମସ୍ତଙ୍କୁ ସମାଧାନ ସୂତ୍ରରେ ଆବଦ୍ଧ କରି ଦେଇଥିଲେ ଏବଂ ସ୍ୱଜାତିର ଭବିଷ୍ୟତ ଉନ୍ନତି ପାଇଁ ଅନେକ ନିୟମ ପ୍ରଣୟନ କରିଥିଲେ।" (ପିତୃପ୍ରସଙ୍ଗ, ପୃ. ୧୧୧) କିନ୍ତୁ ଏହି ସଭାରେ ନିଆଯାଇଥିବା ତିନୋଟି ନିଷ୍ପତ୍ତି ଗଙ୍ଗାଧରଙ୍କ ସଂସ୍କାରପ୍ରବଣ ବ୍ୟକ୍ତିତ୍ୱ ଓ ଆଧୁନିକ ଜୀବନଦୃଷ୍ଟିର ପ୍ରତୀକ। ପଣ୍ଡିତ ଦାଶ ବିସ୍ତାରିତ ଭାବରେ ଏହି ତିନୋଟି ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିଛନ୍ତି।

ଗଙ୍ଗାଧର କେବଳ ଜଣେ ସାହିତ୍ୟିକ ନଥିଲେ, ସେ ଥିଲେ ପଶ୍ଚିମ ଓଡ଼ିଶାର ପ୍ରଥମ ବିଶିଷ୍ଟ ଓଡ଼ିଆ କବି, ପ୍ରାକୃତିକ ଓଡ଼ିଶାର ଦୁଇଭାଗ – ପୂର୍ବ ଓ ପଶ୍ଚିମ ଓଡ଼ିଶା – ମଧ୍ୟରେ ସଂଯୋଗ ସେତୁ। ପଶ୍ଚିମ ଓଡ଼ିଶାବାସୀମାନଙ୍କର ମାତୃଭାଷା ଓଡ଼ିଆ – ଗଙ୍ଗାଧର କେବଳ ପ୍ରଥମେ ସେମାନଙ୍କୁ ଏକଥା ସ୍ମରଣ କରାଇଦେଇ ନଥିଲେ, ମାତୃଭାଷାର ପ୍ରଗତି ସହ ଜାତି ସତ୍ତାର ବିକାଶ ଯେ ସମ୍ପର୍କିତ, ସେ ସମ୍ପର୍କରେ ସଚେତନ ମଧ୍ୟ କରିଥିଲେ। ପଣ୍ଡିତ ଦାଶ ଗଙ୍ଗାଧରଙ୍କର ଏ କ୍ଷେତ୍ରରେ

ଥିବା କୃତିତ୍ୱକୁ ଯେଉଁକି ଭାବେ ଉପସ୍ଥାପନ କରିଛନ୍ତି, ତାହା ବିସ୍ତୃତ ଆଲୋଚନାର ଅପେକ୍ଷା ରଖେ : "ଆମ୍ଭମାନଙ୍କ ଭାଷା ସଙ୍ଗେ ସମ୍ବଲପୁର ଲୋକଙ୍କର ଭାଷାର ନାନା ବୈସାଦୃଶ୍ୟ ଦେଖାଯାଏ । କବି ଗଙ୍ଗାଧର ହିଁ ଏହି ପାର୍ଥକ୍ୟର ବିଲୋପ ସାଧନ କରି ଆମ୍ଭମାନଙ୍କୁ ଏକ ମାତାର ସନ୍ତାନ ରୂପେ ଏକ ଛାତାୟ ବନ୍ଧନରେ ଆବଦ୍ଧ କରିଗଲେ ।"

ଏହି ଦୁଇ ପ୍ରବନ୍ଧର ଗୁଣାତ୍ମକ ତଥ୍ୟ/ମନ୍ତବ୍ୟଗୁଡ଼ିକୁ ଅବହେଳା କରାଯାଉଥିବାବେଳେ ଏଥିରେ ଦିଆଯାଇଥିବା କେତେକ ସନ୍ଦେହମୂଳକ ତଥ୍ୟ/ମନ୍ତବ୍ୟକୁ ପରବର୍ତ୍ତୀ ଜୀବନୀକାରମାନେ ଗ୍ରହଣ କରି ନେଇଛନ୍ତି । ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ଜୀବନ ଓ ଜଗତ ପ୍ରତି ଦୃଷ୍ଟିକୋଣ ଗଙ୍ଗାଧରଙ୍କ ଦୃଷ୍ଟିକୋଣଠାରୁ ଭିନ୍ନ ଥିଲା । ଦ୍ୱିତୀୟତଃ, ବାର୍ଦ୍ଧକ୍ୟ ଅବସ୍ଥାରେ (ଏହି ପ୍ରବନ୍ଧ ଲେଖିବାର ଦୁଇମାସ ପରେ ତାଙ୍କ ଦେହାବସାନ) ସ୍ମୃତିରୁ ଘଟଣାର ବିବରଣୀ ଲେଖିଲାବେଳେ ନୀଳମଣି ନିଜ ଅଜ୍ଞାତସାରରେ କେତେକ ଘଟଣା ବିକୃତ କରିଛନ୍ତି ଓ ମତାମତ ଦେଇଛନ୍ତି ଯାହା ଅନ୍ୟ ସୂତ୍ରରୁ ସମର୍ଥିତ ହୋଇପାରେ ନାହିଁ । ତାହା ମଧ୍ୟ ଘଟିଛି କୁଳମଣିଙ୍କ କ୍ଷେତ୍ରରେ । ବୀରପୂଜାର ଆଦର୍ଶ ଓ ସନ୍ଥଚରିତ (ଚରିତାମୃତ ?)ର ସାହିତ୍ୟିକ ପ୍ରରୂପକୁ ଅନୁସରଣ କରି ତାଙ୍କର ପ୍ରବନ୍ଧ ରଚିତ ହୋଇଥିବାରୁ ସେଥିରେ କେତେକ ପ୍ରମାଦ ଛାଏଁ ଛାଏଁ ଆସିଯାଇଛି । ସେଥିରୁ ଅଳ୍ପ କେତୋଟି ଏଠାରେ ଅବତାରଣା କରାଯାଉଛି ।

(କ) ନୀଳମଣିଙ୍କ ବର୍ଣ୍ଣନା ଅନୁସାରେ ବରପାଲିର ଜମିଦାର ନୃପରାଜ ସିଂହ ସ୍ୱତଃ-ସ୍ଫୁର୍ତ୍ତ ଭାବରେ ଗଙ୍ଗାଧରଙ୍କ ଯୋଗ୍ୟତାର ପରିଚୟ ପାଇଁ ତାଙ୍କୁ ମାଜିଷ୍ଟ୍ରେଟ ଅଫିସର କିରାଣୀ କାର୍ଯ୍ୟରେ ନିଯୁକ୍ତ କରିଥିଲେ । କିନ୍ତୁ ଏହା ସତ୍ୟ ନୁହେଁ । ଏଥିପାଇଁ ଗଙ୍ଗାଧରଙ୍କୁ ଜମିଦାରଙ୍କୁ କିଭଳି କୃତି-ସମର୍ପଣ କରିବାକୁ ପଡ଼ିଥିଲା, ତାହା ପୂର୍ବରୁ ଆଲୋଚିତ । ଠିକ୍ ସେହିଭଳି ଗଙ୍ଗାଧର ସର୍ବପ୍ରଥମେ ହିତୈଷିଣୀ ସାହାଯ୍ୟରେ ସାହିତ୍ୟ ସାଧନାର ସୁଯୋଗ ପାଇଥିବା କଥା ବିଦ୍ୟାରତ୍ନ କହିଛନ୍ତି । ଗଙ୍ଗାଧରଙ୍କ ପ୍ରଥମ ସାହିତ୍ୟକୃତି ଭିକ୍ଟୋରିଆ ପ୍ରେସରୁ ତାଙ୍କର ବନ୍ଧୁ ମଦନମୋହନ ପ୍ରଧାନଙ୍କ ସହଯୋଗରେ ପ୍ରକାଶିତ ହୋଇଥିଲା ।

(ଖ) ରାଧାନାଥ ଓ ଗଙ୍ଗାଧରଙ୍କ ସମ୍ପର୍କ ସ୍ଥାପନ ନେଇ ବିଦ୍ୟାରତ୍ନ ମହାଶୟଙ୍କ ବିବରଣୀ ସେହିଭଳି ମିଥ୍ୟାଧାରଣା ଉପରେ ପ୍ରତିଷ୍ଠିତ । 'ଗଙ୍ଗାଧର ପ୍ରସଙ୍ଗ'ର ସଂପୃକ୍ତ ଅଂଶ ରାଧାନାଥ-ଗୌରବ-ଦୃଷ୍ଟିର ସହାୟକ ମଣି ଦୁର୍ଗାଚରଣ ରାୟ ରାଧାନାଥ ଜୀବନୀରେ ଅନ୍ତର୍ଭୁକ୍ତ କରିଥିଲେ । (ରାଧାନାଥ ଜୀବନୀ, ପୃ. ୨୪୦-୨୪୧) ଗଙ୍ଗାଧରଙ୍କ ଜୀବନୀ ରଚୟିତାଗଣ (ଡକ୍ଟର ଅସିତ୍ କବି ପ୍ରମୁଖ) ଏହାକୁ ସତ୍ୟବୋଲି ଗ୍ରହଣ କରିଛନ୍ତି । କିନ୍ତୁ ସ୍ମରଣଯୋଗ୍ୟ ଯେ ଗଙ୍ଗାଧର 'ଅହଲ୍ୟାସ୍ତବ'କୁ ଉପହାର ସ୍ୱରୂପ ରାଧାନାଥଙ୍କ ନିକଟକୁ ପଠାଇଥିଲେ । ରାଧାନାଥ ଅନ୍ୟ କୌଣସି ସୂତ୍ରରୁ 'ଅହଲ୍ୟାସ୍ତବ' ପଢ଼ି ପତ୍ର ଲେଖି ନ ଥିଲେ । କୌଣସି ପୁସ୍ତକ ଉପହାର ପାଇଲେ, ଯୋଗ୍ୟତାନ୍ୟ

ଦୃଷ୍ଟିରୁ ପ୍ରାପ୍ତି ସ୍ୱୀକାର କରି ପ୍ରଶଂସାସୂଚକ ଦୁଇପଦ ଲେଖିବା ସେତେବେଳର ଏକ ସାଧାରଣ ସାହିତ୍ୟିକ ଶିଷ୍ଟାଚାର। କେବଳ ଗଙ୍ଗାଧରଙ୍କ କ୍ଷେତ୍ରରେ ନୁହେଁ, ନିଜର ତଥାକଥିତ ଶତ୍ରୁମାନଙ୍କ କ୍ଷେତ୍ରରେ ରାଧାନାଥ ମଧ୍ୟ ଏହି ଶିଷ୍ଟାଚାର ରକ୍ଷା କରିଛନ୍ତି। ପୁନଶ୍ଚ 'ଅହଲ୍ୟାସ୍ତବ' ସମ୍ପର୍କିତ ପତ୍ରଟି ଗଙ୍ଗାଧରଙ୍କ ନିକଟକୁ ରାଧାନାଥଙ୍କର ପ୍ରଥମ ପତ୍ର ନଥିଲା। ରାଧାନାଥଙ୍କ ୨୫.୪.୯୨ର ପତ୍ର ଏହାର ଦୃଷ୍ଟାନ୍ତ। (କବିଲିପି, ପୃ. ୬୧)

(ଗ) ଗଙ୍ଗାଧର ଅନ୍ୟ କୌଣସି କବିଙ୍କ ଦ୍ୱାରା ପ୍ରଭାବିତ ନୁହନ୍ତି ବୋଲି ବିଦ୍ୟାରତ୍ନ ମହାଶୟ କହିଛନ୍ତି, ଏହା ସତ୍ୟ ନୁହେଁ। ଗଙ୍ଗାଧରଙ୍କ ସୃଷ୍ଟିଧର୍ମୀ ଜୀବନ କାଳିଦାସ, ଭବଭୂତିଙ୍କଠାରୁ ଆରମ୍ଭ କରି ଦୀନକୃଷ୍ଣ, ଉପେନ୍ଦ୍ର, ରାଧାନାଥଙ୍କ ପର୍ଯ୍ୟନ୍ତ ବହୁ ସଂସ୍କୃତ ଓ ଓଡ଼ିଆ କବିଙ୍କ କାବ୍ୟକୃତି ଦ୍ୱାରା ପ୍ରଭାବିତ। ଏହି ପ୍ରଭାବ ସରଳ ଅନୁକରଣ ନୁହେଁ। ଗଙ୍ଗାଧର ଜୀବନର ଅଧିକାଂଶ ସମୟ ଗ୍ରାମ ମାନଙ୍କରେ କଟାଇଥିଲେ ବି ତାଙ୍କର କାବ୍ୟ ନାଗରିକ ରୁଚିବୋଧ, ଚତୁରତାରୁ ବଞ୍ଚିତ ନଥିଲା। ପଶ୍ଚିମ ଓଡ଼ିଶାର ଜନଜୀବନ, ପ୍ରକୃତି ଓ ସମାଜାଦର୍ଶ ହୁଏତ ତାଙ୍କ କାବ୍ୟକୁ ପ୍ରଭାବିତ କରିଛି, କିନ୍ତୁ ସେଥିପାଇଁ ଗଙ୍ଗାଧରଙ୍କୁ ଗ୍ରାମ୍ୟକବି କୁହାଯାଇ ପାରିବ ନାହିଁ।

(ଘ) ପଣ୍ଡିତ ନୀଳମଣି ଦାଶଙ୍କ ପ୍ରବନ୍ଧରେ ଭୁଲିଆମାନଙ୍କ ସମ୍ପର୍କରେ କେତେକ ମନ୍ତବ୍ୟ ଦିଆଯାଇଛି, ଯାହା ଅଜ୍ଞତା-ପ୍ରସୂତ। ପୂର୍ବ ଓଡ଼ିଶାର ତନ୍ତୀମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅବସ୍ଥା ସହ ଭୁଲିଆମାନଙ୍କ ଅବସ୍ଥା ସମାନ୍ତର ବୋଲି କୁହାଯାଇପାରିବ ନାହିଁ। ଗଙ୍ଗାଧରଙ୍କ ପ୍ରଥମ କାବ୍ୟକୁ ସେ 'ରସ ରତ୍ନାକର' ବୋଲି କହିଛନ୍ତି। ସେହିପରି 'ଆମୋଦ'କୁ କାହିଁକି ସେ ଗଙ୍ଗାଧରଙ୍କର ରଚନାବୋଲି କହିଛନ୍ତି (ଯାହା ଯଥାର୍ଥ) ତାହା ତାଙ୍କ ପ୍ରବନ୍ଧରୁ ଜଣାପଡ଼େ ନାହିଁ।

(ଙ) ଗଙ୍ଗାଧର ସାହିତ୍ୟର ଆଲୋଚନା କଲାବେଳେ ପଣ୍ଡିତ ଦାଶ ସେ ପ୍ରାଚୀନ ସାହିତ୍ୟର ଆଦର୍ଶ ଅନୁସରଣ କରିଥିବା କହିଛନ୍ତି। କାବ୍ୟର ନାମକରଣ, ବୃତ୍ତ ନିର୍ବାଚନ, ଶୋଭା ବର୍ଣ୍ଣନାରେ ସେ ପ୍ରାଚୀନ ଉତ୍କଳୀୟ କବିଙ୍କ ଅନୁସରଣ ଲକ୍ଷ୍ୟ କରିଛନ୍ତି : "ପୁସ୍ତକାବଳୀର ପ୍ରଣୟନକ୍ରମରୁ ପୁସ୍ତକମାନଙ୍କ ନାମର ଆଦ୍ୟ ଅକ୍ଷର ଅ, ଆ, ଇ, ଉ ଦେଖି ବୋଧହୁଏ ଉତ୍କଳୀୟ ପ୍ରାଚୀନ ସାହିତ୍ୟହିଁ କବିଙ୍କ ପଦ୍ୟ ରଚନାର ଆଦର୍ଶ ଥିଲା। ଅବଶ୍ୟ ପ୍ରାଚୀନ କବିମାନଙ୍କ ପରି ସେ ତାଙ୍କ କବିତାବଳୀକୁ ଆଦିରସ କିମ୍ବା ବହୁଳ ଶବ୍ଦାଳଙ୍କାର ଦ୍ୱାରା ଦୁର୍ବୋଧ କରି ନାହାନ୍ତି। କିନ୍ତୁ କବିତାର ବୃତ୍ତ ନିର୍ବାଚନରେ, ପ୍ରାକୃତିକ ଓ କୃତ୍ରିମ ଶୋଭାବର୍ଣ୍ଣନା ଭଙ୍ଗୀରେ ସେ ଯେ ଅନେକତ୍ର ପ୍ରାଚୀନ ଉତ୍କଳୀୟ କବିମାନଙ୍କୁ ନିଜର ଗୁରୁରୂପେ ଗ୍ରହଣ କରିଅଛନ୍ତି, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ।" ଏକାକି ମତକୁ ଅନୁସରଣ କରାଇଲି ଡକ୍ଟର କବି ଲେଖିଛନ୍ତି : "'ଅ'ରୁ 'କ୍ଷ' ପର୍ଯ୍ୟନ୍ତ ନାମକରଣ କରିବାର ବାସନା

ଗଙ୍ଗାଧରଙ୍କର ଥିଲା।'' (ଗଙ୍ଗାଧର ଜୀବନୀ, ପୃ. ୧୪୫) ଏଭଳି ଧାରଣାରୁ ପଣ୍ଡିତ ଦାଶ ଓ ଉତ୍କଳ କବି ଉଭୟେ ମନେ କରିଛନ୍ତି 'ଆମୋଦ' ଗଙ୍ଗାଧରଙ୍କର ଅହଲ୍ୟାସ୍ତବର ଠିକ୍ ପରବର୍ତ୍ତୀ ରଚନା। ପଣ୍ଡିତ ଦାଶଙ୍କର ଉକ୍ତ ମତାମତ ଅତି ସରଳୀକୃତ ଓ ଅନେକାଂଶରେ ଶୁଣାକଥା ଉପରେ ନିର୍ଭରଶୀଳ। ଉତ୍କଳ କବି କେଉଁ କାରଣରୁ ବିନା ସ୍ୱୀକୃତିରେ ଏଭଳି ମିଥ୍ୟା ଅନୁମାନକୁ ଗ୍ରହଣ କରିଛନ୍ତି, ତାହା ଜାଣି ହୁଏନାହିଁ।

ଗଙ୍ଗାଧରଙ୍କ ମହାପ୍ରୟାଣ ପରେ ଲିଖିତ ଆଲୋଚିତ ଦୁଇଟି ପ୍ରବନ୍ଧ, ଗଙ୍ଗାଧରଙ୍କ ସାହିତ୍ୟ ଓ ଜୀବନ ଆଲୋଚନା ପାଇଁ ଦୁଇଟି ଶଙ୍କୁ। ଗଙ୍ଗାଧରଙ୍କର ଜୀବନୀ ଆଲୋଚନାରେ ରାଘବ ମିଶ୍ରଙ୍କ 'ମେହେର କବି' ଓ ଗଙ୍ଗାଧରଙ୍କ ସମ୍ପର୍କିତ ତାଙ୍କର ଅନ୍ୟାନ୍ୟ ପ୍ରବନ୍ଧ ତଥା ଶିବ ପ୍ରସାଦ ଦାଶଙ୍କ ସଂକଳିତ 'ଗଙ୍ଗାଧର ପତ୍ରାବଳୀ' ଓ ସେଥିରେ ଥିବା ମୁଖବନ୍ଧ ମୁଖ୍ୟ ଉପାଦାନ ରୂପେ ଗୃହୀତ। ପଣ୍ଡିତ ମିଶ୍ରଙ୍କ ପୁସ୍ତକ ଓ ପ୍ରବନ୍ଧାବଳୀ ତଥା ଦାଶଙ୍କ ମୁଖବନ୍ଧ ଅପେକ୍ଷା ଏଠାରେ ଆଲୋଚିତ ପ୍ରବନ୍ଧ ଦୁଇଟିର ବିଶ୍ୱାସଯୋଗ୍ୟତା ଅଧିକ। ଗଙ୍ଗାଧରଙ୍କ ଜୀବନ ବାହ୍ୟତଃ ନିସ୍ତରଙ୍ଗ ମନେ ହେଲେ ବି ବାସ୍ତବତଃ ତାହା ଥିଲା ତପସ୍ୱୀର ଜୀବନ। ଏହି ଜୀବନର ପ୍ରଥମ ପରିଚୟାତ୍ମକ ବିବରଣୀ ହୋଇଥିବାରୁ 'ଗଙ୍ଗାଧର ପ୍ରସଙ୍ଗ' ଓ 'ସ୍ୱର୍ଗତ କବି ଗଙ୍ଗାଧର' ଏବେବି ଗୁରୁତ୍ୱପୂର୍ଣ୍ଣ।

□ □ □

# ଗଙ୍ଗାଧର ରଚନାବଳୀ : ସମକାଳୀନ ମୂଲ୍ୟାୟନ

## (୧) ଉତ୍କଳ ଲକ୍ଷ୍ମୀ :

ଶ୍ରୀବାବୁ ଗଙ୍ଗାଧର ମେହେରଙ୍କ ପ୍ରଣୀତ ଏବଂ ଶ୍ରୀବାବୁ ସୂର୍ଯ୍ୟକୁମାର ମିତ୍ରଙ୍କ ପ୍ରକାଶିତ 'ଉତ୍କଳ ଲକ୍ଷ୍ମୀ' ଖଣ୍ଡିଏ 'ଅସମ୍ପୂର୍ଣ୍ଣ କାବ୍ୟ'। ଏ ପୁସ୍ତିକାରେ ଉତ୍କଳର ସାଧାରଣ ଦୃଶ୍ୟ ସଂକ୍ଷେପରେ ବର୍ଣ୍ଣିତ ହୋଇଅଛି। ଗୋଟି କେତେ ସାଧାରଣ ଦୃଶ୍ୟର ସଂକ୍ଷିପ୍ତ ବର୍ଣ୍ଣନାରେ ପାଠକମାନେ ତୃପ୍ତିଲାଭ କରିବେ ବୋଲି ବିଶ୍ୱାସ ନେଉନାହିଁ। ରଚନା ସ୍ଥାନେ ସ୍ଥାନେ ବଡ଼ ମଧୁର ହୋଇଅଛି। କବି ଯେ ଜଣେ ପ୍ରତିଭାଶାଳୀ ବ୍ୟକ୍ତି ଏକଥା 'ଇନ୍ଦୁମତୀ' ପାଠକମାତ୍ରେ ଏକ ବାକ୍ୟରେ ସ୍ୱୀକାର କରିବେ। ତାଙ୍କ ପରି ବ୍ୟକ୍ତିଙ୍କର ଏପରି ଅକିଞ୍ଚିତ୍କର କାର୍ଯ୍ୟରେ ହସ୍ତକ୍ଷେପ କରିବା ପ୍ରତିଭାର ଅପବ୍ୟବହାର ମାତ୍ର। ଭରସା କରୁଁ ସେ ଖଣ୍ଡିକେତେ ଭଲ କାବ୍ୟ ଲେଖି ଉତ୍କଳରେ ନିଜ ନାମକୁ ଅମର କରି ରଖିବେ।

## (୨) ବଳରାମ ଦେବ :

ଏହି ପଦ୍ୟଗ୍ରନ୍ଥ ଖଣ୍ଡିକ ବରପାଲି ଅଧୀଶ୍ୱର ଶ୍ରୀଯୁକ୍ତ ଲାଲ ନୃପରାଜ ସିଂହଦେବଙ୍କ ରଚିତ ଓ ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍‌ରେ ମୁଦ୍ରିତ। ଏହା ପଚିଶ ପୃଷ୍ଠାରେ ସମ୍ପୂର୍ଣ୍ଣ। କିପରି ପାଟଣା ରାଜ୍ୟ ଚୌହାନ ବଂଶୀୟଙ୍କ ଦ୍ୱାରା ଅଧିକୃତ ହେଲା ଓ ଚୌହାନକୁଳ ବଂଶଧର ବଳରାମ ଦେବ ରାଜ୍ୟାରୋହଣ କଲେ, ପଦ୍ୟରେ ତାହା ବର୍ଣ୍ଣିତ ହୋଇଅଛି। ବର୍ଣ୍ଣନାଟି ସୁନ୍ଦର ଓ ପଦ୍ୟ ମଧ୍ୟ ମଧୁର ହୋଇଅଛି।

## (୩) କୀଚକ ବଧ :

ଶ୍ରୀ ଗଙ୍ଗାଧର ମେହେର ପ୍ରଣୀତ ମହାଭାରତୋକ୍ତ 'କୀଚକବଧ' ଉପାଖ୍ୟାନଟି ଏ ଦେଶରେ ସର୍ବଜନବିଦିତ। ସେହି ପୁରାତନ ଉପାଖ୍ୟାନଟି ଅବଲମ୍ବନ କରି କବି ଗଙ୍ଗାଧର ଏହି ନୂତନ କାବ୍ୟଖଣ୍ଡିକ ପ୍ରଣୟନ କରିଅଛନ୍ତି। କବି ଉତ୍କଳୀୟ ପାଠକ ସାଧାରଣଙ୍କ ନିକଟରେ ସୁପରିଚିତ– ତାଙ୍କର ସୁମଧୁର ରଚନାର ଆସ୍ୱାଦ ଉତ୍କଳ ସାହିତ୍ୟର ପାଠକବୃନ୍ଦ ଅନେକଥର ପାଇ ଅଛନ୍ତି। ସମାଲୋଚ୍ୟ କାବ୍ୟରେ ତାଙ୍କର ଶକ୍ତିର ଉଜ୍ଜ୍ୱଳତର ବିକାଶ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ। ଗଙ୍ଗାଧର ପ୍ରକୃତିଦତ୍ତ କବି-ଦୃଷ୍ଟି ଓ କବି-ତୂଳିକା ପାଇଅଛନ୍ତି ଏବଂ ତାହାର ସୁବିହିତ ଓ ସୁସଂଯତ ବ୍ୟବହାର ବିଷୟରେ ନିପୁଣତା ଲାଭ କରି ଅଛନ୍ତି। ସୁତରାଂ ତାଙ୍କ ହସ୍ତରେ ପୁରାତନ ବିଷୟ ନୂତନ ଆକାର ଧାରଣ କରିବା ସ୍ୱାଭାବିକ। ତାଙ୍କ

ବାହ୍ୟଶୋଭାବର୍ଣ୍ଣନା ଅତି ସୁନ୍ଦର, ଉଜ୍ଜ୍ୱଳ ଓ ଜୀବନ୍ତ ହୋଇଅଛି। ଆମ୍ଭେମାନେ ଗୋଟିଏ ମାତ୍ର ସ୍ଥଳ ଉଦ୍ଧାର କରି ଦେଖାଉଅଛୁଁ—

ଅରୁଣା ଉଷା-ଯୋଷିତ        କୁସୁମେ ହୋଇ ଭୂଷିତ
ଭ୍ରମର-ଅଞ୍ଜନାଞ୍ଚିତ ପଦ୍ମନୟନା
ବିହଙ୍ଗସ୍ୱନ କିଙ୍କିଣି        ବଜାଇଲା କିଣିକିଣି
ଜୀବଜିଇ ନେଲା କିଣି କୁନ୍ଦଦଶନା,
ଅରୁଣ ଚରଣ ସୁନ୍ଦର,
ପ୍ରଭାତୀ-ତାରକା ନଖାମଣି ଭାସ୍ୱର।

କାବ୍ୟଗତ ମାନବ ଚରିତ୍ର ଗୁଡ଼ିକରେ ବିଶେଷତ୍ୱ ଅଧିକ ନଥିଲେ ହେଁ ବେଶ୍ ସ୍ୱାଭାବିକ ହୋଇଅଛି— ଚରିତ୍ର ଅଙ୍କନରେ କବିଙ୍କ କ୍ଷମତାର ସୁସ୍ପଷ୍ଟ ଆଭାସ ମିଳୁଅଛି। ପୁସ୍ତକ ଖଣ୍ଡିକରେ ଗୁଣ ଯଥେଷ୍ଟ ଅଛି ଏବଂ ତାହା ଉତ୍କଳ ସାହିତ୍ୟ ସଂସାରରେ ଗୋଟିଏ ଉଚ୍ଚ ସ୍ଥାନ ଅଧିକାର କରିବାର ସମ୍ପୂର୍ଣ୍ଣ ଉପଯୁକ୍ତ, ଏଥିରେ କିଛି ସଂଶୟ ନାହିଁ। ଦୋଷ ମଧ୍ୟରେ ଅଳଙ୍କାର ବାହୁଲ୍ୟ ଏବଂ ଅପ୍ରଚଳିତ ଶବ୍ଦ-ପ୍ରୟୋଗ ବିଶେଷ ଭାବରେ ଲକ୍ଷିତ ହେଲା। କବି ଅଳଙ୍କାର ପ୍ରତି ଟିକିଏ ଅତିରିକ୍ତ ମାତ୍ରାରେ ଦୃଷ୍ଟିଦେଇ ଅଛନ୍ତି ଏବଂ ସେଥିପାଇଁ କାବ୍ୟଅଙ୍ଗ କିଞ୍ଚିତ ଭାରାକ୍ରାନ୍ତ ହୋଇ ପଡ଼ିଅଛି। ଅପ୍ରଚଳିତ ଶବ୍ଦ ଯୋଗୁଁ ପାଠକଗଣ ନାନା ସ୍ଥାନରେ ଝୁଣ୍ଟି ଝୁଣ୍ଟି ଚାଲିବେ ବୋଲି ମନେ ହେଲା। ଛନ୍ଦ-ବିନ୍ୟାସ ମଧ୍ୟ ଭାବ-ବୋଧ ପକ୍ଷରେ କିଞ୍ଚିତ ବାଧା ଜନ୍ମାଉଅଛି। ପୁସ୍ତକର ଛାପା ଓ କାଗଜ ସୁନ୍ଦର।

(୪) (କ) କବିତା କଲ୍ଲୋଳ :

ଉତ୍କଳର ସୁବିଖ୍ୟାତ କବି ଶ୍ରୀଯୁକ୍ତ ଗଙ୍ଗାଧର ମେହେରଙ୍କ ପ୍ରଣୀତ। ଏଥିରେ ପ୍ରଣୟବଲ୍ଲରୀ, ବେଦବ୍ୟାସ, ଚନ୍ଦ୍ରରଜନୀ, ବସନ୍ତବାସର, ସୋମନାଥ ବିଜୟ ଓ ବର୍ଷାଚିତ୍ର ଏହି ଛଅଗୋଟି ପଦ୍ୟ ଅଛି। ମୂଲ୍ୟ ଛଅ ଅଣା ମାତ୍ର। କବି ଏହି କାବ୍ୟର ଅନେକ ପଦ୍ୟ, କିଛିକାଳ ପୂର୍ବେ ଏହି ପତ୍ରିକାରେ ପ୍ରକାଶ କରିଥିଲେ। ତନ୍ମଧ୍ୟରୁ କୌଣସି କୌଣସି ପଦ୍ୟ ପରିବର୍ଦ୍ଧିତ ହୋଇଅଛି। କବି ଗଙ୍ଗାଧରଙ୍କର କଳ୍ପନାଚାତୁରୀରେ ନୂତନତ୍ୱ, ଭାବର ସମାବେଶରେ ଅଦ୍ଭୁତଶକ୍ତି ଦେଖାଯାଏ ଅଥଚ ସେ ଭାବ ନୈସର୍ଗିକ। ଏହି କାବ୍ୟର ଯେଉଁ ପଦ୍ୟର ଯେ କୌଣସି ପଦ ପଠନ କରାଯାଉ ତାହା ହୃଦୟକୁ ଆକର୍ଷଣ କରେ। ସମ୍ବଲପୁର କାହିଁକି ଉତ୍କଳ ଏହାଙ୍କୁ ପାଇଁ ଧନ୍ୟ ହୋଇଅଛି।

(ଖ) କବିତା କଲ୍ଲୋଳ :

ଶ୍ରୀ ଗଙ୍ଗାଧର ମେହେର ପ୍ରଣୀତ ଓ କଲିକତା ଉତ୍କଳ ପ୍ରେସ୍‌ରେ ମୁଦ୍ରିତ। ଏଥିରେ ପ୍ରଣୟବଲ୍ଲରୀ, ବେଦବ୍ୟାସ, ଚନ୍ଦ୍ରରଜନୀ, ବସନ୍ତ ବାସର, ସୋମନାଥ ବିଜୟ ଓ ବର୍ଷାଚିତ୍ର ନାମୀୟ କବିତା ପ୍ରକାଶିତ ହୋଇଅଛି। ବର୍ଷାର ଚିତ୍ର ସମ୍ବନ୍ଧରେ ଗଙ୍ଗାଧରବାବୁ

ସିଦ୍ଧହସ୍ତ ଏବଂ ଆମ୍ଭେମାନେ ଏହାକୁ ପଢ଼ି ଆନନ୍ଦିତ ହୋଇଅଛୁଁ। ଉତ୍କଳର ପ୍ରତ୍ୟେକ ଲୋକ ଏହା ପାଠ କରି ଉଦୀୟମାନ କବିଙ୍କି ଉତ୍ସାହିତ କରିବା ଆମ୍ଭେମାନେ କାମନା କରୁଁ। ଛାପା ଓ କାଗଜ ଉତ୍କୃଷ୍ଟ ଓ ମୂଲ୍ୟ ଛଅ ଅଣା ମାତ୍ର।

(ଗ) କବିତା କଲ୍ଲୋଳ :

ଉତ୍କଳର ଅନ୍ୟତମ ଲବ୍ଧପ୍ରତିଷ୍ଠ କବି ଶ୍ରୀଯୁକ୍ତ ଗଙ୍ଗାଧର ମେହେରଙ୍କ ବିରଚିତ 'କବିତା କଲ୍ଲୋଳ' ଅନେକଦିନୁ ପ୍ରକାଶିତ ହୋଇଅଛି। କବିଙ୍କ ନିକଟରୁ ଉକ୍ତ ପୁସ୍ତକର ଏକଖଣ୍ଡ ଉପହାର ପ୍ରାପ୍ତ ହୋଇ କୃତଜ୍ଞତା ସ୍ୱୀକାର କରୁଅଛି। ଉକ୍ତ ପୁସ୍ତକରେ ଛଅ ଗୋଟି କବିତା ସନ୍ନିବେଶିତ ହୋଇଅଛି। କବି କବିତାର ମର୍ଯ୍ୟାଦା ଜାଣନ୍ତି। ସୁବିଖ୍ୟାତ ବଙ୍ଗ କବି ମହୋଦୟ ଉକ୍ତ ସୁକବିତାମାନ ପାଠ କରି ସଂକ୍ଷେପରେ କବିଙ୍କ କୃତିତ୍ୱର ସମୁଚିତ ପ୍ରଶଂସା କରିଅଛନ୍ତି। ପାଠକମାନେ ତାହା ପୁସ୍ତକାଦ୍ୟରେ ଦେଖିପାରିବେ।

ପ୍ରଣୟାଙ୍କୁର କବିତାରେ କବି, ମହାକବି କାଳିଦାସକୃତ ଶକୁନ୍ତଳାର ମୂଳରୁ ଅନେକ କଥା ତ୍ୟାଗ କରି ନୂତନ କଥା ଏପରି ଭାବରେ ସନ୍ନିବେଶିତ କରି କବିତା କରିଅଛନ୍ତି ଯେ, ଭାବ ପ୍ରବାହର ସୌନ୍ଦର୍ଯ୍ୟହାନି ପରିଲକ୍ଷିତ ହେବାକୁ ନାହିଁ, ଅଧିକନ୍ତୁ ଅଧିକ ଚିତ୍ତାକର୍ଷକ ହୋଇଅଛି। ଶକୁନ୍ତଳା ଖଣ୍ଡ ଆମୂଳ ଏହି ରୀତିରେ ଲେଖିବା ନିମନ୍ତେ କବିଙ୍କୁ ଅନୁରୋଧ କରୁଅଛୁଁ।

ଅପର କବିତାଗୁଡ଼ିକ ମଧ୍ୟ ଭାବ ସମ୍ପଦରେ ଧନୀ ହୋଇ ପାଠକମାନଙ୍କ ପକ୍ଷରେ ପ୍ରୀତିପ୍ରଦ ହୋଇଅଛି। 'ବେଦବ୍ୟାସ' କବିତାର କେତେକ ସ୍ଥଳରେ ଟୀକା ଏବଂ ସୋମନାଥଙ୍କ ବିଳେଇଲୀର ପରିଚୟ ଦେଇଥିଲେ ଭଲ ହୋଇଥାନ୍ତା।

ମୁଁ 'କବିତା କଲ୍ଲୋଳ' ଅନେକଦିନୁ ପାଇ କେତେବାରର ପାଠ କରିଅଛି; ତଥାପି ସୁକବି ଚିନ୍ତାମଣିବାବୁଙ୍କ କବିତା ପରି ତାହା ପୁନଶ୍ଚ ପାଠ କରିବାକୁ ମନ ବଳେ। ଯେଉଁମାନେ ଉତ୍କଳସାହିତ୍ୟରେ ଯୋଗ୍ୟତା ଲାଭ କରିବାକୁ କବିତା ରଚନା କରିବାକୁ ଅଭିଳାଷୀ, ସେମାନଙ୍କର 'କବିତା କଲ୍ଲୋଳ' ଶ୍ରଦ୍ଧା ସହକାରେ ପାଠ କରିବା ଉଚିତ୍।

ସମ୍ବଲପୁରର ସୁପ୍ରସିଦ୍ଧ ଓକିଲ ଶ୍ରୀଯୁକ୍ତ ଶ୍ରୀରାମ ନାରାୟଣ ମିଶ୍ର, ଏମ୍.ଏ.ବି.ଏଲ୍. ଯୋଗ୍ୟ ପିତାଙ୍କର ସୁଯୋଗ୍ୟ ପୁତ୍ର। ସେ ସ୍ୱତଃ ପ୍ରଣୋଦିତ ହୋଇ ସମ୍ବଲପୁର ଜିଲ୍ଲାର ଏକମାତ୍ର ସୁକବି ଗଙ୍ଗାଧରବାବୁଙ୍କ କବିତାମାନ ମୁଦ୍ରିତ କରାଇଦେବାକୁ ଅଙ୍ଗୀକାର କରି ଉତ୍କଳରେ ନବ ଆଦର୍ଶ ସ୍ଥାପନ କରିଅଛନ୍ତି। ତାଙ୍କର ବ୍ୟୟରେ ଆମମାନଙ୍କର ଏହି ପ୍ରିୟ ପୁସ୍ତକ 'କବିତା କଲ୍ଲୋଳ' ମୁଦ୍ରିତ ହୋଇଅଛି। ଆଶାକରୁଁ ଅପର କବିତାମାନ ଅନତି ବିଳମ୍ବରେ ପ୍ରକାଶିତ ହୋଇ ସାହିତ୍ୟ ଭଣ୍ଡାରର ପରିପୁଷ୍ଟି ସାଧନ କରିବ। ଏପରି ତ୍ୟାଗ ସ୍ୱୀକାର ଓ ଉତ୍ସାହ ପ୍ରଦାନ ହେତୁ ଶ୍ରଦ୍ଧେୟ ମିଶ୍ର ମହାଶୟଙ୍କୁ ବିଶେଷ ଧନ୍ୟବାଦ ପ୍ରଦାନ କରି ତାଙ୍କର ସର୍ବବିଧ ମଙ୍ଗଳ

କାମନା କରୁଅଛି। ପୁସ୍ତକର କଳେବର ମଧ୍ୟମାକାରର ଅଠାବନ ପୃଷ୍ଠା। ଉତ୍କୃଷ୍ଟ ମସୃଣ କାଗଜରେ ସୁନ୍ଦର ରୂପେ ମୁଦ୍ରିତ। ମୂଲ୍ୟ ଛଅ ଅଣା ମାତ୍ର। କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଦୋକାନରେ ମିଳେ। ଶ୍ରୀ ନୀଳମଣି ବିଦ୍ୟାରତ୍ନ

## (୫) (କ) ଉତ୍କଳଲକ୍ଷ୍ମୀ : (ଦ୍ୱିତୀୟ ସଂସ୍କରଣ)

ଶ୍ରୀ ଗଙ୍ଗାଧର ମେହେର ପ୍ରଣୀତ, ଶ୍ରୀ ବ୍ରଜମୋହନ ପଣ୍ଡାଙ୍କ ଦ୍ୱାରା ପ୍ରକାଶିତ, କଟକ ଉତ୍କଳ ସାହିତ୍ୟ ପ୍ରେସ୍‌ରେ ସୁନ୍ଦର ରୂପେ ମୁଦ୍ରିତ। ମଧ୍ୟମାକାର ଏକଚାଳିଶ ପୃଷ୍ଠା। ମୂଲ୍ୟ ଚାରିଅଣା, ଛାପା ପରିଷ୍କାର, କାଗଜ ଉତ୍ତମ।

ଏହି ପୁସ୍ତକରୁ ଏକଖଣ୍ଡ ଗ୍ରନ୍ଥକାରଙ୍କଠାରୁ ଉପହାର ପାଇ କୃତଜ୍ଞତା ସ୍ୱୀକାର କରୁଅଛୁ। ସୁକବି ଗଙ୍ଗାଧର, ଉତ୍କଳ ସାହିତ୍ୟ କ୍ଷେତ୍ରରେ ଜଣେ ଖ୍ୟାତନାମା ଲେଖକ ବୋଲି ପରିଚିତ। କବିଙ୍କ ପ୍ରକାଶିତ ରଚନା ମାର୍ଜିତ, ସୁରୁଚି ସମ୍ପନ୍ନ ମନୋହର; ମେହେରଙ୍କର କବିତା ପାଠକେ ଏହା ଅବଗତ ଅଛନ୍ତି। ସମ୍ବଲପୁର ସାହିତ୍ୟ ଗଗନରେ ସୁକବି ଗଙ୍ଗାଧର ଉଜ୍ଜ୍ୱଳ ନକ୍ଷତ୍ର ରୂପେ ପ୍ରତିଭାତ। ସମ୍ବଲପୁର ଅଞ୍ଚଳରେ ସାହିତ୍ୟଚର୍ଚ୍ଚା ଅତି କ୍ଷୀଣ ଭାବରେ ହେଉଅଛି। ଭାଗ୍ୟବଶତଃ, ସୁକବି ଗଙ୍ଗାଧର ସେହି ସମ୍ବଲପୁରରେ ଜନ୍ମଗ୍ରହଣ କରି ସମ୍ବଲପୁରର ପ୍ରଖ୍ୟାତନାମା ସାହିତ୍ୟ ସେବକ ରୂପେ ସାଧାରଣରେ ପରିଚିତ ହୋଇଅଛନ୍ତି। ମାତ୍ର ନାନା ଅସୁବିଧାରେ ପଡ଼ି ମେହେର ମହାଶୟ ଯଥୋପଯୁକ୍ତ ଭାବେ ସାହିତ୍ୟଚର୍ଚ୍ଚା କରି ପାରିବାକୁ ନାହିଁ। ସମ୍ବଲପୁରର ସୁସନ୍ତାନ ବର୍ଗ ଜାତୀୟ କବିଙ୍କୁ ଯଥୋପଯୁକ୍ତ ରୂପେ ସମ୍ମାନ କରି ଅନାଦୃତ ଓଡ଼ିଆ ସାହିତ୍ୟର ଗୌରବ ରକ୍ଷାର୍ଥେ ଯତ୍ନବାନ ହେବାକୁ ଆମ୍ଭେମାନେ ପ୍ରାର୍ଥନା କରୁଅଛୁଁ। ଶ୍ରୀମାନ ବ୍ରଜମୋହନ ପଣ୍ଡା ସୁକବିଙ୍କୁ ସାହିତ୍ୟ-ଚର୍ଚ୍ଚା-ପଥରେ ସାହାଯ୍ୟ କରୁଥିବାରୁ ଆମ୍ଭେମାନେ ପଣ୍ଡାଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁଁ। ସାହାଯ୍ୟ ସହାନୁଭୂତି ଅଭାବେ କେବେ କେହି ଉନ୍ନତ ହୋଇପାରିନାହିଁ। ଅତଏବ ପ୍ରତ୍ୟେକ ଦେଶହିତୈଷୀ ବ୍ୟକ୍ତି ସାହିତ୍ୟ ସେବକମାନଙ୍କୁ ଯଥୋପଯୁକ୍ତ ରୂପେ ସାହାଯ୍ୟ ଓ ସମ୍ମାନ କରିବାକୁ ଚେଷ୍ଟା କରିବା ଉଚିତ୍। ଏ ଦେଶରେ ପ୍ରତିଭା ଚିହ୍ନିବା ବ୍ୟକ୍ତି ନିତାନ୍ତ ବିରଳ। ଏଣୁ ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଅନ୍ଧାରରେ ପଡ଼ି ମ୍ରିୟମାଣ ହେଉଅଛନ୍ତି।

ବର୍ତ୍ତମାନ 'ଉତ୍କଳ ଲକ୍ଷ୍ମୀ' କଳ୍ପନାମୟ କାବ୍ୟ ପାଠକରି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଅଛି। ଲେଖକଙ୍କର ବର୍ଣ୍ଣନାଚାତୁରୀ ଓ କଳ୍ପନା ସୀମାବଦ୍ଧ। କାହିଁ ବିରୋଧଭାବ, ଅସଙ୍ଗତ କଳ୍ପନା ଦେଖାଯାଏ ନାହିଁ। ନାନା ଶୋଭା ସମ୍ପଦରେ ମଣ୍ଡିତା 'ଉତ୍କଳ ଲକ୍ଷ୍ମୀ'ଙ୍କର ଗୌରବ ସଂଗ୍ରହେ ଲେଖକ ଯଥେଷ୍ଟ ପରିଶ୍ରମ କରିଅଛନ୍ତି। ପ୍ରାକୃତିକ ଓଡ଼ିଶାର ପ୍ରଧାନ ପ୍ରଧାନ ପର୍ବତମାନଙ୍କର ଉଚ୍ଚତାର ପରିମାପ ଇତ୍ୟାଦି ସଂଗ୍ରହ କରି ପୁସ୍ତକରେ ଯେଉଁ ନୋଟ୍ ଦେଇଅଛନ୍ତି ତଦ୍ଦ୍ୱାରା କେତେକ ବିଷୟ ସୁନ୍ଦର ରୂପେ ଜଣାଯାଉଅଛି।

'ଉତ୍କଳ ଲକ୍ଷ୍ମୀ'ଙ୍କୁ ଉପହାର ଦେବା ସକାଶେ ସମାଗତା ନଦୀ, ପର୍ବତମାନଙ୍କର

ବର୍ଣ୍ଣନା ଅତି ଉପାଦେୟ ହୋଇଅଛି – ନମୁନା ଏହିରୂପ :

ତରଙ୍ଗିଣୀଗଣ ନୃତ୍ୟ ଆରମ୍ଭିଲେ
ମନୋହର ବେଶଧରି,
ବିବିଧ ଭୂଷଣେ ବିଭୂଷିତ ହୋଇ
କୁସୁମେ ସାଜି କବରୀ,
ହୀରକମଣ୍ଡିତ ବେଣୀ ଚିତ୍ରୋତ୍ପଳା
ପହିଁଲା ଅଗ୍ରଗଣ୍ୟା,
ଅମରଭୁବନେ ନର୍ତ୍ତକୀମଣ୍ଡଳେ
ଉର୍ବଶୀ ଯେସନ ଧନ୍ୟା ।

x x x x x

ଡାକିଲେ ସଲିଳ ସପତ ମାତୃକା
ଆସି ରମଣୀୟ ବେଶେ
ଅଗଣିତ ଦେବ ଦେବୀ ତହିଁ ପଛେ
ହୃଦୟ ଭରି ଉଲ୍ଲାସେ ।’

ଏହି ପୁସ୍ତକରେ ସ୍ୱର୍ଗୀୟ କବି ରାଧାନାଥଙ୍କ ଛାୟା କୌଣସି କୌଣସି ସ୍ଥାନେ ପଡ଼ିଥିବାର ବୋଧହୁଏ । ମାତ୍ର ତାହା ଦୋଷାବହ ବୋଲି ଗ୍ରହଣୀୟ ନୁହେଁ । ସାଦୃଶ୍ୟ ଘଟଣା ଚିତ୍ରିବାକୁ ହେଲେ ଉଭୟ କବିଙ୍କ ମଧ୍ୟରେ ସମୟ ସମୟରେ ଏକ ଭାବ ଚିତ୍ରିତ ହୋଇଥାଏ । ଏହା ଅନେକ ସ୍ଥଳରେ ଦେଖା ଯାଇଅଛି ।

ସ୍ୱର୍ଗୀୟ ରାଧାନାଥଙ୍କ ପରେ ସୁକବି ମେହେର ଆମମାନଙ୍କୁ ସୁମଧୁର କବିତା ଶୁଣାଇ ଅଛନ୍ତି । ସୁକବି ମହାଶୟ ଦୀର୍ଘଜୀବନ ଲାଭକରି ଦରିଦ୍ର ଓଡ଼ିଆ ଭାଷାର ଗୌରବ ବର୍ଦ୍ଧନ କରନ୍ତୁ; ଏହା ଜଗଦୀଶ୍ୱରଙ୍କଠାରେ ସାନୁନୟ ଅନୁରୋଧ ।

ଶ୍ରୀ ବୃନ୍ଦାବନ ନାଥଶର୍ମା

## (ଖ) ଉତ୍କଳ ଲକ୍ଷ୍ମୀ : (ଦ୍ୱିତୀୟ ସଂସ୍କରଣ)

ସୁପ୍ରସିଦ୍ଧ କବି ବାବୁ ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ । ବକ୍ଷ୍ୟମାଣ କାବ୍ୟ କବି ବହୁଦିନ ପୂର୍ବେ ଲେଖିଥିଲେ ହେଁ ଏହା ରଚନା ପରିପାଟୀରେ ତାହାଙ୍କର ଆଧୁନିକ ରଚନାରୁ କୌଣସି ଅଂଶରେ ନ୍ୟୂନ ନୁହେଁ । କବି ଉତ୍କଳ-ଲକ୍ଷ୍ମୀଙ୍କର ଅଭିଷେକ ସ୍ଥଳରେ ଉତ୍କଳର ନାନା ଗିରି, ବନ, ନଦୀ, ହ୍ରଦମାନଙ୍କୁ ବିବିଧ ବେଶରେ ଉପସ୍ଥିତ କରି ଗୋଟିଏ ବିରାଟ ମହୋତ୍ସବର ସୃଷ୍ଟି କରିଅଛନ୍ତି । କବିବର ରାଧାନାଥ, ଧର୍ମପ୍ରାଣ ମଧୁସୂଦନ, ରାଜର୍ଷି ବାସୁଦେବ ସୁଢ଼ଳଦେବ ପ୍ରମୁଖ ମହାତ୍ମାବୃନ୍ଦ ଉତ୍କଳର ଯେଉଁ ଗୌରବମୟ ପ୍ରାକୃତିକ ଚିତ୍ର ଅଙ୍କନ କରିଯାଇଅଛନ୍ତି ସେହିସବୁ ସୌନ୍ଦର୍ଯ୍ୟରାଜିର ଆଭାସ ସମାବେଶ କରି କବି ଗଙ୍ଗାଧର ଉତ୍କଳ ଲକ୍ଷ୍ମୀଙ୍କର ନିରାଜନା କରିଅଛନ୍ତି । ପୁଣି ଆକ୍ଷେପ ଛଳରେ ଉତ୍କଳର ଅପରିସ୍ଫୁଟ ସୌନ୍ଦର୍ଯ୍ୟରାଜିର ବର୍ଣ୍ଣନାରୁ

କବିଙ୍କର ନବଭାବ ସୃଷ୍ଟିର ପରିଚୟ ମିଳୁଅଛି। ପ୍ରତିଭାଶାଳୀ କବି ଦୀର୍ଘଜୀବନ ଲାଭ କରି ଉତ୍କଳସାହିତ୍ୟର ଦିନ ଦିନ ଗୌରବ ବୃଦ୍ଧି କରନ୍ତୁ; ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛୁଁ।

(୬) ତପସ୍ୱିନୀ :

ଶ୍ରୀ ଗଙ୍ଗାଧର ମେହେର ପ୍ରଣୀତ ଓ କଟକ ଉତ୍କଳ ସାହିତ୍ୟ ପ୍ରେସ୍‌ରେ ମୁଦ୍ରିତ ହୋଇ ପ୍ରକାଶିତ। ଏଥିରେ ରଘୁକୁଳ ଶ୍ରେଷ୍ଠ ରାମଚନ୍ଦ୍ରଙ୍କ ପତିପ୍ରାଣା ସହଧର୍ମିଣୀ ପରିବର୍ଜିତା ସୀତାଦେବୀଙ୍କ ତପସ୍ୱିନୀ ବେଶରେ ମହାମୁନି ବାଲ୍ମୀକିଙ୍କ ଆଶ୍ରମରେ ନିବାସ ଆରମ୍ଭରୁ କୁଶ, ଲବ କୁମାରଦ୍ୱୟ ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ ଦର୍ଶନାର୍ଥେ ଯିବା ପର୍ଯ୍ୟନ୍ତ ନାନା ଛାନ୍ଦରେ ଏକାଦଶ ସର୍ଗରେ ଗୀତ ହୋଇଅଛି। କାବ୍ୟ ଖଣ୍ଡିକ ପଢ଼ି ଆମ୍ଭେମାନେ ପ୍ରୀତିଲାଭ କରିଅଛୁଁ। କବି ଗଙ୍ଗାଧର ସ୍ୱୀୟ କବିତାଦ୍ୱାରା ଉତ୍କଳରେ ଅକ୍ଷୟ ଯଶଲାଭ କରିଅଛନ୍ତି ଏବଂ ତପସ୍ୱିନୀର ଚିତ୍ରରେ ପ୍ରତିଧାଡ଼ିରେ ଅମିୟଧାରା ସଂମିଶ୍ରିତ ଥିବା ବୋଇଲେ ଅତ୍ୟୁକ୍ତି ହେବନାହିଁ। ପୁରାତନ ଛାନ୍ଦରେ ଆଧୁନିକ ଭାବମାନ କେମନ୍ତ ସରସରେ ସଂଯୋଜିତ ହୋଇ କାବ୍ୟଖଣ୍ଡିତ ପୂତ ମୁନି-ଆଶ୍ରମ ସୁଲଭ ସ୍ୱର୍ଗୀୟ ଧର୍ମଭାବରେ ସମୁଜ୍ଜ୍ୱଳ ହୋଇଅଛି ତାହା ନପଢ଼ିଲେ ଜାଣି ହେବନାହିଁ। ପ୍ରକୃତରେ କବି ଏ କାବ୍ୟଦ୍ୱାରା ଉତ୍କଳସାହିତ୍ୟ ଭଣ୍ଡାରରେ ହୀରାମୁଣ୍ଡାଟିଏ ସଞ୍ଚିତ କଲେ। କେଉଁ ସ୍ଥାନ ଉଦ୍ଧାର କରି ପାଠକମାନଙ୍କୁ ନମୁନା ଦେଖାଇବୁ ତାହା ଖୋଜିବାକୁ ଯାଇ ପ୍ରକୃତରେ ଅସୁବିଧାରେ ପଡ଼ିହେବାକୁ ହେଲା। ଶେଷକୁ କବି ଯାହା ଗାଇଅଛନ୍ତି –

'କୁମାରଙ୍କ ବାଣୀ ସୁଧାସାଗର ଲହରୀ
ସତୀ-ଜୀବନକୁ ଦେଲା ନିମଜ୍ଜିତ କରି
ଦୃଢ଼ [ହୃଦ] ହୋଇଥିଲା ଯେତେ [ଯେହ୍ନେ] ତପ୍ତ ଚାଳିମୟ
ଫାଟି ଦେଲା ରାମପ୍ରୀତି [-] ପୟୋଦର ପୟ'

ଆମମାନଙ୍କୁ କାବ୍ୟ ବିରଳ ଉତ୍କଳ ସାହିତ୍ୟରେ ଏ ଖଣ୍ଡିକ ପାଠକରି ସେହିପରି ଲାଗିଲା। ଆମ୍ଭେମାନେ ଉତ୍କଳର ପ୍ରତ୍ୟେକ ଲୋକଙ୍କୁ ଏହା ପାଠକରିବା କାରଣ ଅନୁରୋଧ କରୁଅଛୁଁ। ଛାପା ଅତି ସୁନ୍ଦର। ଏମନ୍ତ ସୁନ୍ଦର ଗ୍ରନ୍ଥରେ ଛାପାକାର ଟିକିଏ ମନୋଯୋଗୀ ହୋଇଥିଲେ 'ଡ଼' 'ଢ଼' ପ୍ରଭୃତି ଛାପାଦୋଷ ସହଜରେ ଅନ୍ତର୍ହିତ ହୋଇଥାନ୍ତା, ଏକଶହ ତେଷ୍ଠରି ପୃଷ୍ଠାବ୍ୟାପୀ ପୁସ୍ତକର ମୂଲ୍ୟ ଏକଟଙ୍କା ଅଧିକ ନୁହେଁ।

(୭) ଅର୍ଘ୍ୟଥାଳୀ (କବିତା ପୁସ୍ତକ) :

ମୂଲ୍ୟ ବାରଅଣା, ଲେଖକ ଶ୍ରୀ ଗଙ୍ଗାଧର ମେହେର, କଟକ ସାହିତ୍ୟ ପ୍ରେସ୍‌ରେ ମୁଦ୍ରିତ। ଆମ୍ଭେମାନେ ଗ୍ରନ୍ଥକାରଙ୍କଠାରୁ ଏକଖଣ୍ଡ ଉପହାର ପ୍ରାପ୍ତ ହୋଇ ପ୍ରାପ୍ତିସ୍ୱୀକାର କରୁଅଛୁଁ। ସୁକବି ଗଙ୍ଗାଧର ଅନେକ ଦିନରୁ, ବିବିଧ ବିଷୟରେ ଅନେକଗୁଡ଼ିଏ

କବିତା ଲେଖି ବିଭିନ୍ନ ପତ୍ରପତ୍ରିକାରେ ମୁଦ୍ରିତ କରାଉଥିଲେ। ସେଥିମଧ୍ୟରୁ ଅଠେଇଶଟି କବିତା ଏକତ୍ରିତ କରି ଏହି ଅର୍ଘ୍ୟଥାଳୀ ଆଜି ସାହିତ୍ୟିକ ସଭାରେ ଉପସ୍ଥିତ କରିଅଛନ୍ତି। ପାରଳାର ଉଦୀୟମାନ ନରପତି ଏହି ଗ୍ରନ୍ଥର ମୁଦ୍ରଣ ଭାର ଗ୍ରହଣ କରିଥିବାରୁ ଆମ୍ଭେମାନେ ରାଜା ମହୋଦୟଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁଁ। ଦେଶର ରାଜା, ମହାରାଜାମାନେ ନିଜର ମାତୃଭାଷାର ଉନ୍ନତି ନିମନ୍ତେ ଯେତେବେଳେ ଅଗ୍ରସର ହେବେ ତେତେବେଳେ ଏହି ଅନାଦୃତ ଓଡ଼ିଆ ସାହିତ୍ୟ ଉନ୍ନତ ସୋପାନରେ ଅଧିରୂଢ଼ ହେବ, ଏହା ସୁନିଶ୍ଚିତ କଥା।

ସମ୍ବଲପୁରର ମୁଖୋଜ୍ଜ୍ୱଳକାରୀ ମାତୃସାହିତ୍ୟଭକ୍ତ ମେହେରଙ୍କର କବିତାବଳୀ ଅତି ମଧୁର ପୁଣି ହୃଦୟସ୍ପର୍ଶୀ। ଯେଉଁମାନେ ମେହେର କବିଙ୍କର କବିତାର ପରିଚୟ ପାଇଅଛନ୍ତି, ସେମାନଙ୍କୁ ଏ ସମ୍ବନ୍ଧେ ଅଧିକ କହିବା ଅନାବଶ୍ୟକ। ବର୍ତ୍ତମାନ ଅର୍ଘ୍ୟଥାଳୀସ୍ଥ କବିତାଗୁଡ଼ିକ ଅତି ଉପାଦେୟ ହୋଇଅଛି।

ଉପସ୍ଥିତ 'ଅର୍ଘ୍ୟଥାଳୀ' ସମ୍ବନ୍ଧେ ବିଶେଷ କିଛି କହିବାର ନାହିଁ। ଆମ୍ଭେମାନେ ମାତୃସାହିତ୍ୟ ସେବକ ମେହେରଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁଁ। ସମ୍ବଲପୁରର ପ୍ରସିଦ୍ଧ ସାହିତ୍ୟସେବି ରୂପେ ବିଦ୍ୟମାନ ଥାଇ ମାତୃଭାଷାକୁ ବିବିଧ ଅଳଙ୍କାରରେ ସୁଶୋଭିତ କରନ୍ତୁ, ଏହାହିଁ କାମନା।

ପୁସ୍ତକର ମୂଲ୍ୟ ବାରଅଣା ଧାର୍ଯ୍ୟ ହୋଇଥିବାରୁ ଆମ୍ଭେମାନେ ଦୁଃଖିତ ହୋଇଅଛୁ। ରାଜାନୁଗ୍ରହରେ ମୁଦ୍ରିତ ପୁସ୍ତକର ମୂଲ୍ୟ ଏତେଦୂର ବୃଦ୍ଧିକରା ସୁସଙ୍ଗତ ନୁହେଁ। ଏ ଦେଶରେ ସୁଲଭ ସାହିତ୍ୟ ପ୍ରଚାର କରା ଆବଶ୍ୟକ ହୋଇ ନାହିଁକି? କ୍ଷୁଦ୍ର କ୍ଷୁଦ୍ର କବିତା ପୁସ୍ତକର ମୂଲ୍ୟ ଅଳ୍ପ ହେବା ବାଞ୍ଛନୀୟ। ତଦ୍ଦ୍ୱାରା ଗ୍ରାହକସଂଖ୍ୟା ବୃଦ୍ଧି ହେବା ସମ୍ଭାବନା। ଅନ୍ୟଥା ମୂଲ୍ୟ ବୃଦ୍ଧିଦ୍ୱାରା ପୁସ୍ତକର କାଟ୍ତି କମ୍ ହୁଏ।

## ଆଲୋଚନା

### ।। ଏକ ।।

ଏହି ଆଲୋଚନା ସହ ସଂଯୁକ୍ତ ଦଶଟି ରଚନା ଗଙ୍ଗାଧରଙ୍କ ଛଅଟି କାବ୍ୟ/କବିତା-ସଂକଳନର ସମୀକ୍ଷା। 'ବଳରାମ ଦେବ' ଖଣ୍ଡକାବ୍ୟ ଲାଲ ନୃପରାଜ ସିଂହଙ୍କୁ ଦତ୍ତ ହୋଇଥିବାରୁ ପୁସ୍ତକ-ସମୀକ୍ଷାରେ ଗଙ୍ଗାଧରଙ୍କ ବଦଳରେ ତାଙ୍କ ନାମ ରହିଛି। ଉତ୍କଳ ଲକ୍ଷ୍ମୀର ଉଭୟ ସଂସ୍କରଣ ଉପରେ କରାଯାଇଥିବା ଆଲୋଚନା ଭିନ୍ନ ଭିନ୍ନ ସମୟର ହୋଇଥିବାରୁ ସେଗୁଡ଼ିକ ସ୍ୱତନ୍ତ୍ର ଭାବରେ ଉପସ୍ଥାପିତ। ଏହି ଆଲୋଚନା ଗୁଡ଼ିକ ଯଥାକ୍ରମେ ସମ୍ବଲପୁର ହିତୈଷିଣୀ ୭/୩୧ (୧.୧.୧୮୯୬), ଉତ୍କଳ ଦୀପିକା ୩୧/୫୦ (୨୬.୧୨.୧୮୯୬), ଉତ୍କଳ ସାହିତ୍ୟ ୯/୩ (ଆଷାଢ଼, ୧୩୧୨), ସମ୍ବଲପୁର ହିତୈଷିଣୀ ୨୪/୨ (୯.୧୧.୧୯୧୨), ଉତ୍କଳ ଦୀପିକା

୪୬/୪୯ (୨୧.୧୨.୧୯୧୨), ସମ୍ବଲପୁର ହିତୈଷିଣୀ ୨୫/୪ (୧୫.୧୧.୧୯୧୩), ୨୬/୩୯ (୩୧.୬.୧୯୧୫) ୨୬/୪୭ (୨୫.୯.୧୯୧୫), ଉତ୍କଳ ଦୀପିକା ୫୧/୧୫ (୮.୪.୧୯୧୬) ତଥା ସମ୍ବଲପୁର ହିତୈଷିଣୀ ୩୦/୯ (୧୮.୧.୧୯୧୯)ରେ ପ୍ରକାଶିତ। ଏଥିମଧ୍ୟରୁ କେବଳ ଦୁଇଟିରେ— ସମ୍ବଲପୁର ହିତୈଷିଣୀ ୨୫/୪ରେ ପ୍ରକାଶିତ କବିତା କଲ୍ଲୋଳର ଓ ସମ୍ବଲପୁର ହିତୈଷିଣୀ ୨୬/୩୯ରେ ପ୍ରକାଶିତ ଉତ୍କଳ ଲକ୍ଷ୍ମୀ ସମାଲୋଚନାରେ— ଲେଖକଙ୍କ ନାମ ରହିଛି। ଅବଶିଷ୍ଟ ସମୀକ୍ଷାଗୁଡ଼ିକ ସମକାଳୀନ ସଂପାଦକଗଣ— ନୀଳମଣି ବିଦ୍ୟାରତ୍ନ, ଗୌରୀଶଙ୍କର ରାୟ, ବିଶ୍ୱନାଥ କର, ଦୀନବନ୍ଧୁ ପଟ୍ଟନାୟକ ଓ ସୁଦାମ ଚନ୍ଦ୍ର ନାୟକଙ୍କ ଦ୍ୱାରା ଲିଖିତ ବୋଲି ମାନିନେବା ନିରାପଦ। ଏହା ବ୍ୟତୀତ 'ଇନ୍ଦୁମତୀ'ର ରାଧାନାଥ କରିଥିବା ସମୀକ୍ଷା ସମ୍ବଲପୁର ହିତୈଷିଣୀର ଷଷ୍ଠ ବର୍ଷ. ତ୍ରିଂଶ ସଂଖ୍ୟା (୨୬.୧୨.୧୮୯୪)ରେ ପ୍ରକାଶିତ। 'ଇନ୍ଦୁମତୀ'ର ପ୍ରାପ୍ତି ସ୍ୱୀକାର କରି ନୀଳମଣି ବିଦ୍ୟାରତ୍ନ ଲେଖିଥିଲେ : 'ବରପାଲୀ' ନିବାସୀ ଶ୍ରୀଯୁକ୍ତ ଗଙ୍ଗାଧର ମେହେରଙ୍କ ପ୍ରଣୀତ ଇନ୍ଦୁମତୀ କାବ୍ୟରୁ ଏକଖଣ୍ଡ ସମାଲୋଚନା ସକାଶେ ପାଇ ଆନନ୍ଦର ସହିତ ଗ୍ରହଣ କରିଅଛୁ। କାବ୍ୟ ସମ୍ବନ୍ଧେ ଯାହା କିଛି ବକ୍ତବ୍ୟ ପରେ ପ୍ରକାଶିତ ହେବ।' (ସମ୍ବଲପୁର ହିତୈଷିଣୀ ୬/୨୮, ୧୨.୧୨.୧୮୯୪) ସମ୍ବଲପୁର ହିତୈଷିଣୀର ତତ୍‌କାଳୀନ ସଂପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଦେଇଥିବା ପ୍ରତିଶ୍ରୁତି, 'କାବ୍ୟ ସମ୍ବନ୍ଧେ ଯାହା କିଛି ବକ୍ତବ୍ୟ ପରେ ପ୍ରକାଶିତ ହେବ', ଦୁଇ ସପ୍ତାହ ପରେ ପାଳନ କରିଛନ୍ତି— ରାଧାନାଥଙ୍କ "ବାବୁ ଗଙ୍ଗାଧର ମେହେରଙ୍କ ପ୍ରଣୀତ 'ଇନ୍ଦୁମତୀ' ସମ୍ବନ୍ଧେ ମନ୍ତବ୍ୟ" ପ୍ରକାଶ କରି। ରାଧାନାଥଙ୍କ ଏହି ସମୀକ୍ଷା/ମନ୍ତବ୍ୟ 'ଇନ୍ଦୁମତୀ' ଦ୍ୱିତୀୟ ସଂସ୍କରଣରେ ଭୂମିକା ଆକାରରେ ସଂଯୋଜିତ ଓ ରାଧାନାଥଙ୍କ ପତ୍ରାବଳୀରେ ସଂକଳିତ ହୋଇ ବହୁଳ ଆଲୋଚିତ। 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ମହିମାର ସମାଲୋଚନା ଏହି ପୁସ୍ତକରେ ଉଦ୍ଧୃତ। (ପୃ. ୧୮) ସେଥିପାଇଁ ଇନ୍ଦୁମତୀ ଓ ମହିମାର ସମାଲୋଚନାକୁ ପୁନଃ-ସଂକଳିତ କରାଯାଇନାହିଁ। ଏହା ବାହାରେ ସମ୍ବଲପୁର ହିତୈଷିଣୀରେ (୯।୨୯) ମହିମାର, 'ଓଡ଼ିଆ ଓ ନବସମ୍ବାଦ'ରେ 'କବିତା କଲ୍ଲୋଳ'ର, ସମ୍ବଲପୁରରୁ ପ୍ରକାଶିତ 'ସେବକ'ରେ 'ଅର୍ଘ୍ୟଥାଳୀ'ର ସମୀକ୍ଷା ସବୁ ପ୍ରକାଶିତ। ସେହିଭଳି ତପସ୍ୱିନୀ ସଂପର୍କରେ ଏକ କବିତା 'ତପସ୍ୱିନୀ ପାଠେ' 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶିତ ହୋଇଥିଲା। ଏହି ପୁସ୍ତକର ସଂକଳନ, ରଚନା ସମୟରେ ସେଗୁଡ଼ିକ ଉପଲବ୍ଧ ନହେବାରୁ ସେଗୁଡ଼ିକ ଗ୍ରନ୍ଥିତ ହୋଇପାରିନାହିଁ। ଏହା ବାହାରେ 'ଭକ୍ତି ଉପହାର'ର ପ୍ରକାଶ ସମ୍ବାଦ ସମ୍ବଲପୁର ହିତୈଷିଣୀ ୯/୪୩ (୬.୩.୧୮୯୮)ରେ ତଥା ତପସ୍ୱିନୀ, ପ୍ରଣୟବଲ୍ଲରୀ, ଅର୍ଘ୍ୟଥାଳୀ ଆଦିର ପ୍ରକାଶ-ସମ୍ବାଦ/ବିଜ୍ଞାପନ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ। ଏସବୁ ବାହାରେ ଗଙ୍ଗାଧରଙ୍କ କାବ୍ୟ-କବିତା ସଂପର୍କରେ ଆଉ କେତେକ ସମୀକ୍ଷା ସମକାଳୀନ ସମ୍ବାଦପତ୍ର/ପତ୍ରିକାରେ ପ୍ରକାଶିତ ହୋଇଥିବା ସମ୍ଭବ।

ଏହି ସମୀକ୍ଷାଗୁଡ଼ିକ ମଧ୍ୟରୁ ଉତ୍କଳ ଲକ୍ଷ୍ମୀ (ପ୍ରଥମ ସଂସ୍କରଣ) ସମାଲୋଚନାର ପ୍ରଥମ ବାକ୍ୟରୁ କିଛି ଅଂଶ ବାଦ ଦେଇ ଠକୁର ଖାମନ୍ତରାୟ ତାଙ୍କ 'ଗଙ୍ଗାଧର ସାହିତ୍ୟ ସମୀକ୍ଷା'ରେ ଉଦ୍ଧାର କରିଥିଲେ (ପୃ: ୩୯)। ମହିମା ଓ କୀଚକ ବଧ ସମୀକ୍ଷାର ସୂଚନା ମଧ୍ୟ ସେହି ପୁସ୍ତକରେ ଥିଲା। (୧) ଅନ୍ୟାନ୍ୟ ସମୀକ୍ଷା ସବୁକୁ ଉଦ୍ଧାର କରିବା ତ ଦୂରର କଥା, ତା'ର ସୂଚନା ମଧ୍ୟ ଅନ୍ୟ କୌଣସି ଗବେଷକ ଦେଇ ନାହାନ୍ତି। ଗଙ୍ଗାଧର ଗୋଟିଏ ଚିଠିରେ ଉତ୍କଳ ଦୀପିକା ତଥା 'ଓଡ଼ିଆ ଓ ନବସମ୍ବାଦ'ରେ ପ୍ରକାଶିତ କବିତା କଲ୍ଲୋଳ ସମାଲୋଚନା ସଂପର୍କରେ ମନ୍ତବ୍ୟ ଦେଇ ଲେଖିଥିଲେ : "ଓଡ଼ିଆ ଓ ନବସମ୍ବାଦ ଏବଂ 'ଦୀପିକା' କବିତା କଲ୍ଲୋଳର ଅନୁକୂଳ ସମାଲୋଚନା କରିବେ ବୋଲି ମୋର ବିଶ୍ୱାସ ନଥିଲା। ସେହି ସମାଲୋଚନା ଦେଖି ଆପଣ ଆନନ୍ଦ ଅନୁଭବ କରୁଅଛନ୍ତି ମୁଁ ନିଜକୁ ଭାଗ୍ୟବାନ ମଣୁଅଛି।" (ପତ୍ରାବଳୀ, ପୃ. ୧୧୦)

ଗଙ୍ଗାଧରଙ୍କ କାବ୍ୟକବିତା ସଂପର୍କରେ ମନ୍ତବ୍ୟ ପ୍ରକାଶ କରି ସମକାଳୀନ ବହୁ ଲେଖକ ଓ ବୁଦ୍ଧିଜୀବୀ ଗଙ୍ଗାଧରଙ୍କ ନିକଟକୁ ପତ୍ର ଲେଖିଥିଲେ। ସେହି ପତ୍ରଗୁଡ଼ିକ ମଧ୍ୟରେ ଇନ୍ଦୁମତୀ ତଥା କୀଚକ ବଧ ସଂପର୍କରେ ରାଧାନାଥଙ୍କ ଅଭିମତ ଓ 'କବିତା କଲ୍ଲୋଳ'ରେ ପ୍ରକାଶିତ କବିତାଗୁଡ଼ିକ ସଂପର୍କରେ ନନ୍ଦକିଶୋରଙ୍କ ଅଭିମତ ବହୁ ପ୍ରଚାରିତ। ଗଙ୍ଗାଧର ସେଗୁଡ଼ିକୁ ସଂପୃକ୍ତ କାବ୍ୟ-କବିତା-ସଂକଳନର ଭୂମିକା ଆକାରରେ ସଂଯୋଜିତ କରିଛନ୍ତି। 'କୀଚକ ବଧ' ସଂପର୍କରେ ରାଧାନାଥଙ୍କ ବକ୍ତବ୍ୟ ଓ କବିତା କଲ୍ଲୋଳର ପ୍ରଥମ ସଂସ୍କରଣରେ ସଂଯୋଜିତ ହୋଇଥିବା ନନ୍ଦକିଶୋରଙ୍କ ପତ୍ରରେ ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭା ସଂପର୍କରେ ଯେଉଁ ମତାମତ ରହିଛି, ତାହା ଗଙ୍ଗାଧର-ସମୀକ୍ଷାରେ ଆପ୍ତବାକ୍ୟର ପ୍ରସିଦ୍ଧି ଲଭିଛି। ଏହା ବାହାରେ ଗଙ୍ଗାଧରଙ୍କ କାବ୍ୟକବିତା ସଂପର୍କରେ ମନ୍ତବ୍ୟ ଥିବା ରାଧାନାଥଙ୍କର କେତୋଟି ଚିଠି ପ୍ରଥମେ ପଣ୍ଡିତ ରାଘବ ମିଶ୍ରଙ୍କ 'ମେହେର କବି'ରେ ଉଦ୍ଧୃତ ଓ ପରେ 'କବିଲିପି' (ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସଂପାଦିତ)ରେ ସ୍ଥାନିତ। ନନ୍ଦକିଶୋରଙ୍କ ପୂର୍ବୋକ୍ତ ପତ୍ର ବ୍ୟତୀତ ଆଉ ତିନୋଟି ପତ୍ର ଶ୍ରୀ କେଶବ ମେହେରଙ୍କ 'ମେହେର ସାହିତ୍ୟ' ଓ 'ଜୀବନ ଓ ପ୍ରତିଭା'ରେ ଉଦ୍ଧୃତ ହୋଇଥିଲା। ଠିକ୍ ସେହିପରି ଫକୀରମୋହନଙ୍କର ଉତ୍କଳଲକ୍ଷ୍ମୀ ସଂପର୍କରେ ଖଣ୍ଡିଏ ଚିଠି ପ୍ରଥମେ 'ମେହେର କବି' (ପୃ. ୧୭)ରେ ସ୍ଥାନିତ ହୋଇଥିଲା। ପରେ କବିପୁତ୍ର ସ୍ୱର୍ଗତ ଭଗବାନ ମେହେର ଏହି ସମସ୍ତ ପତ୍ର ସହିତ ଆହୁରି ଅନେକ ପତ୍ରକୁ 'ପିତୃପ୍ରସଙ୍ଗ'ରେ ସଂକଳିତ କରି ସମକାଳୀନ ସାହିତ୍ୟ ଧାରଣାରେ ଗଙ୍ଗାଧରଙ୍କ କାବ୍ୟଗୁଡ଼ିକ କିପରି ଗୃହୀତ ହୋଇଥିଲା, ତାହା ସ୍ପଷ୍ଟ କରିଛନ୍ତି। ସେତେବେଳେ ଲେଖକମାନେ ବିଶିଷ୍ଟ ଲୋକଙ୍କ ନିକଟକୁ ଆପଣା ପ୍ରକାଶିତ ପୁସ୍ତକ ସବୁ ଉପହାର ପଠାଇ, ସେମାନଙ୍କ ଠାରୁ ଯେଉଁସବୁ ଅନୁକୂଳ ମନ୍ତବ୍ୟ ପତ୍ର ଆକାରରେ ପାଉଥିଲେ, ଅନେକ ସମୟରେ ସେଗୁଡ଼ିକ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥିଲା। ଗଙ୍ଗାଧର ଏପରି ବ୍ୟକ୍ତିଗତ ପତ୍ରକୁ ସମ୍ବାଦପତ୍ରରେ ପ୍ରକାଶ ପାଇଁ କେବେ ଦେଇ ନାହାନ୍ତି।

(୨) ଫକୀରମୋହନଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ କାବ୍ୟ-କବିତା ସଂପର୍କରେ ଯେଉଁ ଉଚ୍ଛ୍ୱସିତ ମନ୍ତବ୍ୟ ସବୁ ଦେଇଛନ୍ତି, ପୁସ୍ତକ ଲୋକପ୍ରିୟତା ବା ନିଜର ପ୍ରତିଷ୍ଠାପାଇଁ ଗଙ୍ଗାଧର ସେସବୁକୁ ବ୍ୟବହାର କରୁନଥିବାରୁ ତାଙ୍କର ରଚନା ସଂପର୍କରେ ସମକାଳୀନ ସମୀକ୍ଷାର ପରିମାଣ ଏତେ ସ୍ୱଳ୍ପ ।

ଗଙ୍ଗାଧରଙ୍କ ଜୀବଦ୍ଦଶାରେ ତାଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱ ସଂପର୍କରେ ଯେଉଁ କେତେକ କବିତା ପ୍ରକାଶିତ ହୋଇଥିଲା, ତାହାର ସୂଚନା ପୂର୍ବ ଅଧ୍ୟାୟରେ ରହିଛି । ଗଙ୍ଗାଧରଙ୍କ ସଂପର୍କରେ ପ୍ରଥମ କାବ୍ୟିକ ଉଲ୍ଲେଖ ମିଳେ ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ'ର ଦ୍ୱିତୀୟ ସଂସ୍କରଣରେ — ସମ୍ଭବତଃ ୧୮୯୭-୯୮ ମସିହାରେ (ସାମନ୍ତରାୟ ୧୯୭୦ ପୃ.୧୦୧) ଫକୀରମୋହନ ସେଥିରେ ତାଙ୍କର ଢେର ଢେର କବିତା ପଢ଼ି ମୁଗ୍ଧ ହୋଇଥିବା କଥା ହିଁ ପ୍ରକାଶ କରିଛନ୍ତି । ସେହିଭଳି ନନ୍ଦକିଶୋରଙ୍କ ବହୁ ପରିଚିତ କବିତା 'ଇନ୍ଦୁମତୀ କାବ୍ୟ ପ୍ରଣେତା ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି'ରେ କେବଳ ମୁଗ୍ଧ ବନ୍ଦନା ରହିଛି, ଆକଳନ କମ୍ ରହିଛି । ପୂର୍ବ-ସୂଚିତ ବୃନ୍ଦାବନ ନାଥଶର୍ମାଙ୍କ 'କବି ଗଙ୍ଗାଧର ମେହେର' (ସମ୍ବଲପୁର ହିତୈଷିଣୀ ୨୬/୩୦) କବିତାରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ କବିତା ବା ସାମଗ୍ରିକ ଭାବେ ତାଙ୍କ କବି ପ୍ରତିଭାର ପରିଚୟ ନାହିଁ । 'ଉତ୍କଳ ଭ୍ରମଣଂ' ତୃତୀୟ ସଂସ୍କରଣ (୧୯୧୬)ରେ ଓ ପ୍ରାୟତଃ ସମକାଳରେ ପ୍ରକାଶିତ 'କବିଯୁଗଳ' କବିତାରେ ଚିନ୍ତାମଣିଙ୍କ ସହ ତାଙ୍କର ତୁଳନା ଉପସ୍ଥାପିତ । ସେହି ସମୟରେ ଗଙ୍ଗାଧର ଓ ଚିନ୍ତାମଣିଙ୍କୁ କେନ୍ଦ୍ରକରି ଯେଉଁ ସାହିତ୍ୟିକ କନ୍ଦଳ ଉପସ୍ଥିତ ହୋଇଥିଲା, (ମହାନ୍ତି ୧୯୭୦, ପୃ.୨୦୯-୧୧) ତାହାର ସମାଧାନର ପ୍ରସଙ୍ଗ ଏଥିରେ ଉପସ୍ଥାପିତ । ''କବିଯୁଗଳ' କବିତାରେ ଫକୀରମୋହନ ଗଙ୍ଗାଧର ଓ ଚିନ୍ତାମଣି ଉଭୟଙ୍କୁ ସୁକବି ବୋଲି କହିଛନ୍ତି । ସେ ଗଙ୍ଗାଧରଙ୍କୁ ଶବ୍ଦ-ପୁଷ୍ପହାରର ଅଧିକାରୀ କହିଲାବେଳେ ଚିନ୍ତାମଣିଙ୍କୁ ଭାବ-ଅଳଙ୍କାରର ଅଧିକାରୀ ବୋଲି କହିଛନ୍ତି । ଭାବର ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ଉଭୟଙ୍କ ରଚନାକୁ ସେ ସମାନ ମୂଲ୍ୟ ଦେଇଛନ୍ତି :

'ସୁକବି ଲେଖକ ଗଙ୍ଗାଧର ଚିନ୍ତାମଣି
ଲେଖକ-ସମାଜେ ଖ୍ୟାତନାମା ତାଙ୍କୁ ଗଣି ।
ଏକପୁତ୍ର ହସ୍ତେ ଅଛି ଶବ୍ଦ-ପୁଷ୍ପହାର
ଅନ୍ୟ ହସ୍ତେ ମହାମୂଲ୍ୟ ଭାବ-ଅଳଙ୍କାର
ଅପୂର୍ବ ଦେଖିଲି ତାଙ୍କ ମତିର ଯୋଜନା
ଭାବର ଗାମ୍ଭୀର୍ଯ୍ୟେ ତୁଲ୍ୟ ମୂଲ୍ୟ ଯାଏ ଜଣା'

(ସେନାପତି ୧୯୬୩ କ, ପୃ.୬୪୫)

'ଉତ୍କଳ ଭ୍ରମଣଂ'ରେ ପ୍ରାୟତଃ ଏହି ବକ୍ତବ୍ୟର ପ୍ରତିଧ୍ୱନି ରହିଛି । ଫକୀରମୋହନଙ୍କ ବିଚାରରେ କବିତ୍ୱର ମାନ ନେଇ ଗଙ୍ଗାଧର ଓ ଚିନ୍ତାମଣି ସମତୁଲ : 'କେ ଅଧିକ

କିଏ ଗଣା ଯିବ ନାହିଁ ଜଣା' (ସେନାପତି ୧୯୬୩ କ ପୃ.୨୭୦) ରାଘବ ମିଶ୍ରଙ୍କ 'କବି ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି' କବିତାରେ ତାଙ୍କ ବ୍ୟକ୍ତିତ୍ୱର ପରିଚୟ ଓ ଆକଳନ ଅଧିକ— କାବ୍ୟକାର ଭାବରେ ତାଙ୍କର ସାଧାରଣ ପରିଚୟ ମାତ୍ର ଦିଆଯାଇଛି :

'ତପସ୍ୱିନୀ ଇନ୍ଦୁମତୀ ଆଦି କାବ୍ୟଛଳେ
କବିତ୍ୱ-ଗୌରବ ଯାର ମହକେ ଉତ୍କଳେ
ସାହିତ୍ୟ-ମଣ୍ଡପେ ଯାର ଉନ୍ନତ ଆସନ
ସମସ୍ତ ଉତ୍କଳେ ଯେହୁ ଶ୍ରଦ୍ଧାର ଭାଜନ,
ମାତୃଭାଷା ଉନ୍ନତିର ପ୍ରବୀଣ ସାଧକ,
'ସାହିତ୍ୟ' ପତ୍ରର ଶ୍ରେଷ୍ଠ କବିତା ଲେଖକ—
ତୁମ୍ଭେ ତ ହେ ଗଙ୍ଗାଧର ! ସେହି କବିବର
ଉତ୍କଳ ମାତାର ଅଟ ସୁଯୋଗ୍ୟ କୁମର।
ବଡ଼ବୋଲି ପରିଚିତ ସ୍ୱଦେଶ ସମାଜେ—
ନିଜ ବିଦ୍ୟାବୁଦ୍ଧି ଦେଶ-ହିତକର କାର୍ଯ୍ୟେ।'

(ସମ୍ବଲପୁର ହିତୈଷିଣୀ ୨୯/୪୫, ୨୮.୯.୧୯୧୮)

ଗଙ୍ଗାଧରଙ୍କ ଜୀବଦ୍ଦଶାରେ ଲିଖିତ ଏହି କବିତାଗୁଡ଼ିକ ତାଙ୍କ କବି-ବ୍ୟକ୍ତିତ୍ୱର ବନ୍ଦନା କରିଥିଲେ ବି କବିତାର ଆକଳନ କରିନାହିଁ। ଗଙ୍ଗାଧରଙ୍କ କାବ୍ୟ-କବିତାର ଏଗୁଡ଼ିକ ସମକାଳୀନ ମୂଲ୍ୟାୟନ ବୋଲି କୁହାଯାଇ ପାରିବନାହିଁ— ଗଙ୍ଗାଧରଙ୍କ ପ୍ରତିଭାର ମୂଲ୍ୟାବଧାରଣ ଲାଗି ଏଗୁଡ଼ିକ ସଙ୍କେତ ମାତ୍ର।

ଊନବିଂଶ ଶତକର ଶେଷ ଦଶକ ଓ ବିଂଶ ଶତକର ଆଦ୍ୟ ଦୁଇ ଦଶକରେ ଆଧୁନିକ ଓଡ଼ିଆ ସାହିତ୍ୟର ଗତି, ପ୍ରକୃତି ଓ ଇତିହାସ ନେଇ ଯେଉଁ ଅଳ୍ପ କେତୋଟି ପ୍ରବନ୍ଧ/ପୁସ୍ତକ ପ୍ରକାଶିତ ସେଗୁଡ଼ିକରେ ରାଧାନାଥ, ମଧୁସୂଦନଙ୍କ ପ୍ରସଙ୍ଗ ମୁଖ୍ୟତଃ ଆଲୋଚିତ। କବିତାଳିକା ଗୁଡ଼ିକରେ ଗଙ୍ଗାଧର ବେଳେବେଳେ ଅନ୍ତର୍ଭୁକ୍ତ ହୋଇଥିଲେହେଁ ତାଙ୍କ କାବ୍ୟ କବିତା ସଂପର୍କରେ କୌଣସି ଆଲୋଚନା ନାହିଁ। ଦୃଷ୍ଟାନ୍ତ ସ୍ୱରୂପ ୧୯୧୬ରେ ପ୍ରକାଶିତ ତାରିଣୀଚରଣ ରଥଙ୍କ 'ଉତ୍କଳ ସାହିତ୍ୟର ଇତିହାସ'କୁ ନିଆଯାଇପାରେ। ସେଥିରେ ଗଙ୍ଗାଧରଙ୍କ ସଂପର୍କରେ ଉଲ୍ଲେଖ କରାଯାଇଛି : ''କବିଙ୍କ ରଚିତ କୀଚକ ବଧ ଓ ଇନ୍ଦୁମତୀ କାବ୍ୟମାନ ଅତି ପ୍ରସିଦ୍ଧ। ତପସ୍ୱିନୀ, ପ୍ରଣୟବଲ୍ଲରୀ, କବିତା କଲ୍ଲୋଳ, ମହିମା, ଅହଲ୍ୟାସ୍ତବ, ଉତ୍କଳ ଲକ୍ଷ୍ମୀ ଓ ଅଯୋଧ୍ୟା ଦୃଶ୍ୟ ନାମକ କବିତା ପୁସ୍ତକମାନ ମଧ୍ୟ ସେ ଲେଖିଅଛନ୍ତି। ଏହାଛଡ଼ା କବି ଅନେକ କ୍ଷୁଦ୍ରକ୍ଷୁଦ୍ର କବିତା ଲେଖିଅଛନ୍ତି। କବିଙ୍କର ରଚନା ବହୁ ସମାଦୃତ ହୁଏ।'' (ରଥ ୧୯୮୦, ପୃ. ୨୮୪) ତାରିଣୀଚରଣଙ୍କ ଏହି ଉଲ୍ଲେଖକୁ ଗଙ୍ଗାଧରଙ୍କ କାବ୍ୟକବିତା ସଂପର୍କୀୟ ସମ୍ବାଦ-ବିଶେଷଣ ଭାବରେ ଅଭିହିତ କରାଯାଇପାରେ।

ଗଙ୍ଗାଧରଙ୍କ ରଚନାବଳୀର ସମକାଳୀନ ଆକଳନର ଏକ ରେଖାଚିତ୍ର ଅଙ୍କନ କରିବାକୁ ହେଲେ ତେଣୁ ଉକ୍ତ ସମୀକ୍ଷାବଳୀ ଉପରେ ନିର୍ଭର କରିବାକୁ ପଡ଼େ। ଗଙ୍ଗାଧରଙ୍କ ନିକଟକୁ ଲେଖାଯାଇଥିବା ଚିଠିଗୁଡ଼ିକର ସହଯୋଗରେ ସମକାଳୀନ ସମୀକ୍ଷା ସମୂହକୁ ଅବଲମ୍ବନ କରି ତାଙ୍କ କାବ୍ୟାବଳୀର ଏକ ପରିଚୟ ଉପସ୍ଥାପନ କରାଯାଇପାରେ।

## ॥ ଦୁଇ ॥

ଅହଲ୍ୟାସ୍ତବ ଗଙ୍ଗାଧରଙ୍କ ପ୍ରଥମ ପ୍ରକାଶିତ ରଚନା। ୧୮୯୨ ମସିହାରେ ଭିକ୍ଟୋରିଆ ପ୍ରେସ୍, କଟକରୁ ଏହା ପ୍ରକାଶିତ। ଏହି ପୁସ୍ତକ ଉପରେ ଅଭିମତ ପ୍ରକାଶ କରି ରାଧାନାଥ ଯେଉଁ ମନ୍ତବ୍ୟ ଦେଇଥିଲେ, ଗଙ୍ଗାଧରଙ୍କ କାବ୍ୟକବିତା ସଂପର୍କରେ ତାହା ପ୍ରଥମ ଆଲୋଚନା। ରାଧାନାଥ ଗଙ୍ଗାଧରଙ୍କ ରଚନାଶକ୍ତିକୁ ପ୍ରଶଂସନୀୟ କହିଲାବେଳେ, ସେଥିରେ ବ୍ୟବହୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦର ଓଡ଼ିଆ କବିତାରେ ଉପଯୋଗିତା ନେଇ ସନ୍ଦେହ ପୋଷଣ କରିଛନ୍ତି। ଏଭଳି 'ଆୟାସ ସାପେକ୍ଷ' ରଚନାରେ ଗଙ୍ଗାଧର କୃତକାର୍ଯ୍ୟ ହୋଇଥିବା ସେ ସ୍ୱୀକାର କରିଛନ୍ତି। ରାଧାନାଥଙ୍କ ଏଭଳି ମନ୍ତବ୍ୟରେ 'ରଚନା ଶକ୍ତି' କହିଲେ ସେ କ'ଣ ବୁଝନ୍ତି, ତାହା ଯେଭଳି ଅସ୍ପଷ୍ଟ; ଠିକ୍ ସେହିଭଳି ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦ ପ୍ରୟୋଗରେ ସେ କିଭଳି 'କୃତକାର୍ଯ୍ୟତା' ଲାଭ କରିଅଛନ୍ତି ତାହା ମଧ୍ୟ ଅନାଲୋଚିତ। ରାଧାନାଥ ସୌଜନ୍ୟ ବୁଦ୍ଧିରୁ 'ଅହଲ୍ୟାସ୍ତବ'କୁ ପ୍ରଶଂସା କରୁଛନ୍ତି ତାହା ଯେ ଅନାଧୁନିକ ଅର୍ଥାତ୍ ରାଧାନାଥଙ୍କ କାବ୍ୟଶୈଳୀର ଅନନୁମୋଦନୀୟ ତାହା ସ୍ପଷ୍ଟ କରିଛନ୍ତି। ରାଧାନାଥଙ୍କର ଏଭଳି ମନ୍ତବ୍ୟ ଗଙ୍ଗାଧରଙ୍କୁ ସଂସ୍କୃତ ଛନ୍ଦ ପରିତ୍ୟାଗ କରି ବଙ୍ଗଳାଶ୍ରୀ-ଭଳି ଲୋକପ୍ରିୟ ଓଡ଼ିଆ ଛନ୍ଦରେ କବିତା ରଚନା କରିବା ପାଇଁ ଅନୁପ୍ରେରିତ କରିଛି। ଅହଲ୍ୟାସ୍ତବର ବିଷୟବସ୍ତୁଗତ ଉପସ୍ଥାପନା, ପୁରାଣର ଗୋଟିଏ କାହାଣୀ-ବିଶେଷକୁ ନେଇ କ୍ଷୁଦ୍ର କାହାଣୀ-କାବ୍ୟ ରଚନା କରିବା ଚେଷ୍ଟା ସଂପର୍କରେ ରାଧାନାଥ କୌଣସି ମନ୍ତବ୍ୟ ଦେଇ ନାହାନ୍ତି।

ଇନ୍ଦୁମତୀର ପ୍ରଥମ ସମାଲୋଚକ ମଧ୍ୟ ରାଧାନାଥ। ଇନ୍ଦୁମତୀକୁ ପାଣ୍ଡୁଲିପି ଅବସ୍ଥାରେ ପାଠକରି ରାଧାନାଥ ଗଙ୍ଗାଧରଙ୍କ କବିତ୍ୱ-ଶକ୍ତି, ରଘୁବଂଶର ଏକାଂଶକୁ ଅନୁସରଣ କରିଥିଲେ ବି ଏହାର ଭାବ ଓ ଭାଷାର ଅଭିନବତ୍ୱ; ନୂତନ ଓ ସୁନ୍ଦର ଭାବ, ସରଳ, ଅକ୍ଳିଷ୍ଟ ଓ ଶ୍ରୁତିମଧୁର ଭାଷାକୁ ପ୍ରଶଂସା କରିଛନ୍ତି। ପରେ ଏକ ଚିଠିରେ ଇନ୍ଦୁମତୀକୁ ଏକ 'ଉତ୍କୃଷ୍ଟ ରଚନା' ବୋଲି କହିଛନ୍ତି। ପରେ ସମ୍ବଲପୁର ହିତୈଷିଣୀ (୬/୩୦)ରେ ଏହାର ସମୀକ୍ଷା କରି ରାଧାନାଥ ଇନ୍ଦୁମତୀର ପ୍ରକୃତି ବର୍ଣ୍ଣନା, ଭାବ ଓ ଭାଷା ଆଧୁନିକ ରୁଚିସମ୍ମତ ବୋଲି ମତ ଦେଇଛନ୍ତି। (ଜଡିଲିପି ପୃ. ୨୮-୨୯) ଗଙ୍ଗାଧରଙ୍କ କାବ୍ୟର ଏହି ସମୀକ୍ଷା ହିଁ ଏକ ଯଥାର୍ଥ ଆକଳନ। ଓଡ଼ିଆ ସାହିତ୍ୟକୁ ଗଙ୍ଗାଧରଙ୍କ ଏକ ବିଶିଷ୍ଟ ଅବଦାନ -- ପ୍ରକୃତି ଚିତ୍ରଣରେ ତାଙ୍କର ଅଭିନବତ୍ୱ – ଏହି ସମୀକ୍ଷାରେ ପ୍ରଥମଥର ପାଇଁ ରାଧାନାଥଙ୍କ ଦୃଷ୍ଟି ଆକର୍ଷଣ

କରିଛି। ତା ୧୫.୭.୧୮୯୮ରେ ଏକ ପତ୍ର ମାଧ୍ୟମରେ ଫକୀରମୋହନ ଇନ୍ଦୁମତୀ ସଂପର୍କରେ ଦେଇଥିବା ମତାମତ କେବଳ ପ୍ରଶଂସା-ସୂଚକ ଓ ଅସ୍ପଷ୍ଟ। 'ଇନ୍ଦୁମତୀ' ପାଠଜନିତ କୌଣସି ନିର୍ଦ୍ଦିଷ୍ଟ ମତାମତ ସେଥିରେ ନାହିଁ। (ମେହେର ୧୯୭୧ ପୃ. ୭୫)

'ଉତ୍କଳ ଲକ୍ଷ୍ମୀ' ସଂପର୍କରେ ମନ୍ତବ୍ୟ/ଆଲୋଚନାର ସଂଖ୍ୟା ବହୁ ଅଧିକ। ବିଭିନ୍ନ ପ୍ରସଙ୍ଗରେ ରାଧାନାଥ ତ ଏହା ଉପରେ ମତାମତ ଦେଇଅଛନ୍ତି। ଏହାର ପ୍ରଥମ ସଂସ୍କରଣ ଓ ଦ୍ୱିତୀୟ ସଂସ୍କରଣ ଉପରେ ସ୍ୱତନ୍ତ୍ର ଆଲୋଚନା ସବୁ ପ୍ରକାଶିତ। ଏହାର ପ୍ରଥମ ସଂସ୍କରଣକୁ ଅବଲମ୍ବନ କରି ପଣ୍ଡିତ ନୀଳମଣି ବିଦ୍ୟାରତ୍ନ କରିଥିବା ସମୀକ୍ଷାକୁ ଉତ୍କଳ ସାମନ୍ତରାୟ ଉଦ୍ଧାର କରିଥିବାରୁ ସେ ସଂପର୍କରେ ପରବର୍ତ୍ତୀ ଆଲୋଚକମାନେ ମତାମତ ଦେବାକୁ ଆଗଭର ହୋଇଛନ୍ତି। 'ଉତ୍କଳ ଲକ୍ଷ୍ମୀ'ରେ ଆପଣାର ବନ୍ଦନା ଦେଖି ବା ଅନ୍ୟ କୌଣସି କାରଣରୁ ରାଧାନାଥ ଉଚ୍ଛ୍ୱସିତ ହୋଇ ଉଠିଛନ୍ତି ଓ ଉତ୍କଳ ଲକ୍ଷ୍ମୀକୁ 'ମହାକବିମାନଙ୍କର ଲେଖନୀର ଯୋଗ୍ୟ' ବୋଲି କହିଛନ୍ତି। (କବିଲିପି ପୃ. ୬୭) ଏଠାରେ ସ୍ମରଣଯୋଗ୍ୟ ଯେ ସଂପୃକ୍ତ କାଳ ଥିଲା ଇନ୍ଦ୍ରଧନୁ-ବିଜୁଳି ସଂଘର୍ଷର ଶେଷ-ପର୍ଯ୍ୟାୟ ଓ ଏହି ସଂଘର୍ଷରେ ରାଧାନାଥ ରକ୍ତାକ୍ତ ହୋଇ ଆତ୍ମ-ସମର୍ପଣ କରି ସାରିଥିଲେ। ତେଣୁ 'ଉତ୍କଳ ଲକ୍ଷ୍ମୀ'ର ରାଧାନାଥ-ବନ୍ଦନା କାଳେ ପୁଣି ତାଙ୍କୁ କ୍ଷତାକ୍ତ କରିବ ଏଇ ଆଶଙ୍କାରେ ସଂପୃକ୍ତ ଅଂଶ ବାଦ ଦେବାପାଇଁ ଗଙ୍ଗାଧରଙ୍କୁ ସେ ପରାମର୍ଶ ଦେଇଛନ୍ତି। (କବିଲିପି ପୃ. ୭୧-୭୨) ସମ୍ବଲପୁର ହିତୈଷିଣୀ (୭/୩୧)ରେ ପ୍ରକାଶିତ ସମୀକ୍ଷାରେ ଗଙ୍ଗାଧରଙ୍କ ପ୍ରତିଭା ସ୍ୱୀକୃତ ଓ ଏହାର ରଚନା 'ବଡ଼ ମଧୁର' ବୋଲି ପ୍ରଶଂସିତ। କାବ୍ୟଟି ଅପୂର୍ଣ୍ଣଥିବା ଓ କେତେକ ସାଧାରଣ ଦୃଶ୍ୟର ବର୍ଣ୍ଣନା ହୋଇଥିବାରୁ ଏହା ପାଠକମାନଙ୍କୁ ତୃପ୍ତି ଦେଇ ପାରିବ ନାହିଁ ବୋଲି ବିଦ୍ୟାରତ୍ନ ଆଶଙ୍କା କରିଛନ୍ତି। ବିଦ୍ୟାରତ୍ନ ଗଙ୍ଗାଧରଙ୍କ ପ୍ରତିଭାର ଥିଲେ ଜଣେ ମୁଗ୍ଧ ଉପାସକ। ସେ 'ଉତ୍କଳ ଲକ୍ଷ୍ମୀ'କୁ ସମ୍ବଲପୁର ହିତୈଷିଣୀରେ ପ୍ରକାଶ ନକରିବା ଓ ପ୍ରକାଶିତ ହେଲାପରେ ଏଭଳି ମତାମତ ଦେବାର କାରଣ ସହଜରେ ବୁଝିହୁଏନାହିଁ। ସମକାଳରେ ଅତି ନିକୃଷ୍ଟଧରଣ ରଚନାର ଉଚ୍ଚପ୍ରଶଂସା କରାଚଲାବେଳେ 'ଉତ୍କଳ ଲକ୍ଷ୍ମୀ'ର ଏଭଳି ସମାଲୋଚନା ଏବଂ ସମୀକ୍ଷକମାନଙ୍କୁ ଗୋଳକଧନ୍ଦାରେ ପକାଇବା ସ୍ୱାଭାବିକ। ସମକାଳରେ ଅନ୍ୟମାନେ କିନ୍ତୁ ବିଦ୍ୟାରତ୍ନଙ୍କ ସମୀକ୍ଷାକୁ ପ୍ରଶଂସାପୂର୍ଣ୍ଣ ମନ୍ତବ୍ୟ ଭାବରେ ଗ୍ରହଣ କରିଥିଲେ। କବି ଚିନ୍ତାମଣି ମହାନ୍ତିଙ୍କ ତା ୧୯.୧.୯୬ରିଖ ପତ୍ର ତାହାର ଦୃଷ୍ଟାନ୍ତ : "ଉତ୍କଳ ଲକ୍ଷ୍ମୀ'ର ସମାଲୋଚନା ହିତୈଷିଣୀରୁ ପାଠକରି ଯତ୍‌ପରୋନାସ୍ତି ଆହ୍ଲାଦିତ ହେଲି।" ....(ଚିତ୍ରପ୍ରସଙ୍ଗ ପୃ. ୨୩୨)। 'ସମ୍ବଲପୁର ହିତୈଷିଣୀ'ରେ 'ଉତ୍କଳ ଲକ୍ଷ୍ମୀ'ର ସମାଲୋଚନା ପ୍ରକାଶିତ ହେବା ପୂର୍ବରୁ ଫକୀରମୋହନ ଗୋଟିଏ ଚିଠିରେ (୨୪.୯.୯୫) ଗଙ୍ଗାଧରଙ୍କୁ 'ଉତ୍କଳ ଲକ୍ଷ୍ମୀ' ସଂପର୍କରେ ଆପଣାର ମତାମତ ଜଣାଇଥିଲେ। ସେଇ ଚିଠିରୁ

ଉତ୍କଳ ଲକ୍ଷ୍ମୀର ଭାଷା ନିତାନ୍ତ ବିଶୁଦ୍ଧ, ପ୍ରାଞ୍ଜଳ ଓ ହୃଦୟଗ୍ରାହିଣୀ ହୋଇଥିବା ଓ 'ସମଲାଇ କର ଲାଗି ଚୂଡ଼ଦ୍ୱାର ଛିଡ଼ି ପଡ଼ିଗଲା ତଳେ' ଭଳି 'ପ୍ରୟୋଗ' ତାଙ୍କୁ ଆକୃଷ୍ଟ କରିଥିବା ଜଣାଯାଏ। (ମେହେର କବି, ପୃ. ୧୭) ମୋଟ ଉପରେ 'ଉତ୍କଳ ଲକ୍ଷ୍ମୀ' ପ୍ରଥମ ସଂସ୍କରଣର ଅସଂପୂର୍ଣ୍ଣତା, ସାଧାରଣ ବର୍ଣ୍ଣନା ଆଦିକୁ ନାପସନ୍ଦ ଜଣାଇଲେ ବି, ତାହାର ରଚନାକୌଶଳ ଓ ଭାଷା ଆଦି ପ୍ରଶଂସିତ।

'ଉତ୍କଳ ଲକ୍ଷ୍ମୀ' ଦ୍ୱିତୀୟ ସଂସ୍କରଣର ଦୁଇଟି ସମୀକ୍ଷା ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ। ପ୍ରଥମଟି ଅପେକ୍ଷାକୃତ ଦୀର୍ଘ ଓ ସମକାଳୀନ ବାମଣ୍ଡାର ପ୍ରସିଦ୍ଧ ସାହିତ୍ୟିକ ବୃନ୍ଦାବନ ନାଥଶର୍ମାଙ୍କ ଦ୍ୱାରା ଲିଖିତ। ଦ୍ୱିତୀୟଟିର ଲେଖକ ହିତୈଷିଣୀର ସଂପାଦକ ଦୀନବନ୍ଧୁ ଗଡ଼ନାୟକ। ନାଥଶର୍ମା ଗଙ୍ଗାଧରଙ୍କ କବିତ୍ୱ ଓ କବି ପରିଚିତି ସଂପର୍କରେ ଅଧିକ ଲେଖିଛନ୍ତି, ଉତ୍କଳ ଲକ୍ଷ୍ମୀର ସମୀକ୍ଷା ଗୌଣସ୍ଥାନ ଅଧିକାର କରିଛି। ଉତ୍କଳ ଲକ୍ଷ୍ମୀର ବର୍ଣ୍ଣନା ଚାତୁରୀ ଓ କଳ୍ପନାକୁ ସୀମାବଦ୍ଧ ବୋଲି ସେ କହିଛନ୍ତି। ନାଥଶର୍ମାଙ୍କ ଦୃଷ୍ଟିରେ ବିରୋଧଭାବ ଓ ଅସଂଗତ କଳ୍ପନାର ଅଭାବ, ପ୍ରାକୃତିକ ଉତ୍କଳର ପରିଚୟ 'ଉତ୍କଳ ଲକ୍ଷ୍ମୀ'ର ଗୌରବ। କବିଙ୍କ ମନୋହର ବର୍ଣ୍ଣନା ଚାତୁରୀର ଦୃଷ୍ଟାନ୍ତ ଭାବରେ ନାଥଶର୍ମା ଉତ୍କଳ ଲକ୍ଷ୍ମୀରୁ ଏକ ଦୀର୍ଘ ଉଦ୍ଧୃତି ଦେଇଛନ୍ତି। ଏହି ଉଦ୍ଧୃତି ସୂଚେଇ ଦିଏ ଯେ ଦ୍ୱିତୀୟ ଓ ତୃତୀୟ ସଂସ୍କରଣ (ଯାହା ଗ୍ରନ୍ଥାବଳୀରେ ଗୃହୀତ) 'ଉତ୍କଳ ଲକ୍ଷ୍ମୀ' ମଧ୍ୟରେ ପାଠାନ୍ତର ଅନେକ। ଶେଷରେ ସେ 'ଉତ୍କଳ ଲକ୍ଷ୍ମୀ'ରେ ରାଧାନାଥ ପ୍ରଭାବ-ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ଗଡ଼ନାୟକଙ୍କ ଦ୍ୱାରା ଲିଖିତ ସଂକ୍ଷିପ୍ତ ସମୀକ୍ଷାରେ 'ଉତ୍କଳ ଲକ୍ଷ୍ମୀ'ର ବିଷୟ ଉପସ୍ଥାପନା ମୁଖ୍ୟ। 'ଉତ୍କଳ ଲକ୍ଷ୍ମୀ' କଥାବସ୍ତୁକୁ ଗଡ଼ନାୟକଙ୍କ ବ୍ୟତୀତ ଅନ୍ୟ ସମୀକ୍ଷକମାନେ ଠିକ୍ ବୁଝି ପାରିଥିଲା ଭଳି ମନେହୁଏନାହିଁ। ଅବବୋଧର ସ୍ପଷ୍ଟତା ଦୃଷ୍ଟିରୁ ସଂକ୍ଷିପ୍ତ ହେଲେହେଁ ଗଡ଼ନାୟକଙ୍କ ସମାଲୋଚନା ଉପାଦେୟ।

ଗଙ୍ଗାଧରଙ୍କ ଦଶକାବ୍ୟ 'ବଳରାମ ଦେବ'ର ସମଲେଇ ଦେବୀଙ୍କ ବର୍ଣ୍ଣନା ରାଧାନାଥଙ୍କୁ ଆକୃଷ୍ଟ କରିଥିଲା। ରାଧାନାଥ ଏହି ବର୍ଣ୍ଣନାକୁ 'ଉଚ୍ଚ କଳ୍ପନାର ପରିଚାୟକ' (କବିଲିପି ପୃ. ୭୧) ବୋଲି କହିଥିଲେ। ଏହି ବଳରାମ ଦେବର ଏକ ସଂକ୍ଷିପ୍ତ ପରିଚୟ 'ଉତ୍କଳ ଦୀପିକା'ରେ ପ୍ରକାଶିତ। ଗଙ୍ଗାଧରଙ୍କ 'ଇନ୍ଦୁମତୀ' ଓ 'ଉତ୍କଳ ଲକ୍ଷ୍ମୀ' ଆଦିର ସମୀକ୍ଷା 'ଉତ୍କଳ ଦୀପିକା'ରେ ପ୍ରକାଶିତ ନ ହେଲାବେଳେ 'ବଳରାମ ଦେବ'ର ସମୀକ୍ଷା ପ୍ରକାଶିତ ହେବା ତାତ୍ପର୍ଯ୍ୟପୂର୍ଣ୍ଣ। ଜଣେ ଜମିଦାରଙ୍କ ରଚନା ବୋଲି ଉତ୍କଳ ଦୀପିକା 'ବଳରାମ ଦେବ'କୁ ଗୁରୁତ୍ୱ ଦେଇଥିବା ଅନୁମେୟ। ଏହି ସଂକ୍ଷିପ୍ତ ସମୀକ୍ଷାରେ 'ବଳରାମ ଦେବ'ର କଥାବସ୍ତୁର ସଂକ୍ଷିପ୍ତ ସୂଚନା ଦିଆଗଲାପରେ ଏହାର ବର୍ଣ୍ଣନା ସୁନ୍ଦର ଓ ପଦ୍ୟରୀତି ମଧୁର ବୋଲି କୁହାଯାଇଛି।

'ମହିମା' ଭଳି ଉପଦେଶାତ୍ମକ 'ପଦ୍ୟ' ସେତେବେଳେ କିଭଳି ବହୁ ବ୍ୟକ୍ତିଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା, ତାହା ପୂର୍ବରୁ ସୂଚିତ। 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ସମୀକ୍ଷାରେ ମହିମାର ଅବବୋଧମୂଳକ ଆଲୋଚନା ନାହିଁ। ହିତୈଷିଣୀ

(୯/୨୯)ରେ ପ୍ରକାଶିତ ସମୀକ୍ଷାରେ ତାହାର ଉପଦେଶ ମୂଲ୍ୟ ଓ ଉପମା ଉପରେ ଅଧିକ ଗୁରୁତ୍ୱ ଆରୋପିତ। ରାଧାନାଥ ମଧ୍ୟ ଏହାକୁ ଓଡ଼ିଆ ଭାଷାର ଭଲ ଅଳଙ୍କାର ବିଶେଷ ବୋଲି କହିଛନ୍ତି। (କବିଲିପି ପୃ. ୮୧) କବି ମଧୁସୂଦନ ମହିମାକୁ ଗଙ୍ଗାଧରଙ୍କ ହୃଦୟର ମାଧୁରୀ ଓ ସଦ୍‌ଭାବର ନିଦର୍ଶନ ବୋଲି ଗ୍ରହଣ କରିଛନ୍ତି। (ପିତୃପ୍ରସଙ୍ଗ ପୃ. ୨୩୦) 'ମହିମା'ର ଉପଦେଶାବଳୀକୁ 'ସମକାଳୀନ ସାହିତ୍ୟିକମାନେ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱର ଉଦ୍ଭାସକ ଭାବରେ ଗ୍ରହଣ କରିଥିଲେ।

'କୀଚକବଧ' ପାଣ୍ଡୁଲିପି ଅବସ୍ଥାରେ ପାଠ କରି ରାଧାନାଥ ଯେଉଁ ମନ୍ତବ୍ୟ ଦେଇଥିଲେ, ଗଙ୍ଗାଧର ସାହିତ୍ୟ-ଆଲୋଚନାରେ ତାହା ଏବେବି ଶଙ୍ଖ ହୋଇ ରହିଛି। ରାଧାନାଥଙ୍କ ମନ୍ତବ୍ୟ ନିକଟରେ ବିଶ୍ୱନାଥଙ୍କ ସମୀକ୍ଷା ଓ ନନ୍ଦକିଶୋରଙ୍କ ମନ୍ତବ୍ୟ ଏକାନ୍ତ ହୀନପ୍ରଭ। 'କୀଚକବଧ' ସଂପର୍କରେ ମତାମତ ଦେବାକୁ ଯାଇ ଗଙ୍ଗାଧରଙ୍କ କାବ୍ୟ-କୌଶଳକୁ ରାଧାନାଥ ଚମତ୍କାର ଭାବରେ ଉପସ୍ଥାପନ କରିଛନ୍ତି। ପୌରାଣିକ କାହାଣୀକୁ ଗଙ୍ଗାଧର ସଂପୂର୍ଣ୍ଣ ନୂତନ ମୂର୍ତ୍ତିରେ ରୂପାନ୍ତରିତ କରିବା ଫଳରେ ପୁରାତନ ବିଷୟ ନୂତନ ହୋଇ ଉଠିଛି ଓ ଆହୃତ ଉପାଦାନ ମୌଳିକତାର ଦୀପ୍ତିରେ ଭାସ୍ୱର ହୋଇ ଉଠିଛି। ପ୍ରକୃତି ବର୍ଣ୍ଣନା ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭାର ଏକ ବିଶିଷ୍ଟତମ ଦିଗ ବୋଲି ରାଧାନାଥ ମତବ୍ୟକ୍ତ କରିଛନ୍ତି। 'ଇନ୍ଦୁମତୀ'ର ସମୀକ୍ଷାରେ ରାଧାନାଥ ଗଙ୍ଗାଧରଙ୍କ ପ୍ରକୃତି-ଚିତ୍ରଣଗତ ବିଶେଷତ୍ୱର ସୂଚନା ଦେଇଥିଲେ। ଏଠାରେ ସେହି ସୂଚନାକୁ ସାମାନ୍ୟ ବିସ୍ତୃତ କରିଛନ୍ତି। ଚରିତ୍ର-ଚିତ୍ରଣନେଇ ଗଙ୍ଗାଧରଙ୍କ କୃତିତ୍ୱକୁ ସେ ପ୍ରକୃତି-ଚିତ୍ରଣ ଅପେକ୍ଷା 'ହୀନ-କଳ୍ପ ନୁହେଁ' ବୋଲି କହିଛନ୍ତି। ମୋଟ ଉପରେ ପ୍ରାଚୀନ-କାହାଣୀର ରୂପାନ୍ତରୀକରଣ, ପ୍ରକୃତିର ଚିତ୍ରାଙ୍କନ ଓ ମାନବ-ଚରିତ୍ର-ଚିତ୍ରଣରେ ଗଙ୍ଗାଧରଙ୍କ ବିଶେଷତ୍ୱକୁ ରାଧାନାଥ ଉପସ୍ଥାପନ କରିଛନ୍ତି। 'ଉତ୍କଳ ସାହିତ୍ୟ'ର ସଂପାଦକ ବିଶ୍ୱନାଥ କର ତାଙ୍କ 'କୀଚକବଧ' ସମାଲୋଚନାରେ ରାଧାନାଥଙ୍କ ବକ୍ତବ୍ୟର ପ୍ରତିଧ୍ୱନି କେବଳ କରି ପ୍ରକୃତିର 'ବାହ୍ୟ-ଶୋଭାବର୍ଣ୍ଣନା'ରେ ଗଙ୍ଗାଧରଙ୍କ କୃତିତ୍ୱ ଭାବରେ ସପ୍ତମ ସର୍ଗର ପ୍ରଭାତ ବର୍ଣ୍ଣନାରୁ ଗୋଟିଏ ପଦ ଉଦ୍ଧାର କରିଛନ୍ତି। ଚରିତ୍ରଚିତ୍ରଣରେ ଗଙ୍ଗାଧରଙ୍କ ବିଶେଷତ୍ୱ ଅଧିକ ନ ଥିଲେହେଁ 'ବେଶ୍ ସ୍ୱାଭାବିକ' ବୋଲି ମତ ଦେଇଛନ୍ତି। 'କୀଚକବଧ'ରେ 'ଅଳଙ୍କାର-ବାହୁଲ୍ୟ' 'ଅପ୍ରଚଳିତ-ଶବ୍ଦପ୍ରୟୋଗ' 'ଛେଦ-ବିନ୍ୟାସ' ଗତ ଦୋଷ ଥିବାର ସେ ଲକ୍ଷ୍ୟ କରିଛନ୍ତି। ନନ୍ଦକିଶୋର ବଳ ତା ୧୫.୨.୧୯୦୫ଲିଖିତ ଚିଠିରେ କୀଚକବଧ ସଂପର୍କରେ ମତବ୍ୟକ୍ତ କରି ଲେଖିଛନ୍ତି: 'ପାଣ୍ଡିତ୍ୟ କବିତ୍ୱପୂର୍ଣ୍ଣ ଅଳଙ୍କାର ବିଚିତ୍ର, ସଂସ୍କୃତ ଓ ଉତ୍କଳ ଭାଷାର ବଛାବଛା ଶବ୍ଦ ସମାବେଶ ଦ୍ୱାରା ସୁନ୍ଦର ଭାଷା ଏବଂ ବିଚିତ୍ର ସୁନ୍ଦର ଅଳଙ୍କାର-ଭୂଷିତ ଯଥାଯଥ ଚରିତ୍ର-ଚିତ୍ରଣ ଏତଦୁଭୟର ଅପୂର୍ବ ସମାବେଶ 'କୀଚକବଧ'କୁ ଆଧୁନିକ ସାହିତ୍ୟ ସାମ୍ରାଜ୍ୟର ସିଂହାସନରେ ଉପବିଷ୍ଟ କରାଇ ଦେଇଛି।' (ମେହେର ୧୯୭୧, ପୃ. ୧୯) ନନ୍ଦକିଶୋର ଗଙ୍ଗାଧରଙ୍କୁ ଆଧୁନିକ ଯୁଗର ଭକ୍ତ ବୋଲି ପରୋକ୍ଷରେ ମତବ୍ୟକ୍ତ କରିଛନ୍ତି। ପରେ 'କୀଚକବଧ'ର

ଚରିତ୍ର-ଉପସ୍ଥାପନକୁ ସେ ଖୁବ୍ ଗୋଟେ ପସନ୍ଦ କରିନାହାନ୍ତି। 'କୀଚକବଧ'ର ଏହି ସମସ୍ତ ଆଲୋଚନା ମତାମତରେ ତାହାକୁ — ମଧ୍ୟକାଳୀନ ଓ ଆଧୁନିକ — ଉଭୟ କାବ୍ୟଧାରା ମଧ୍ୟରେ ସଂଯୋଗ ସେତୁ ରୂପେ ପରୋକ୍ଷରେ ପ୍ରତିଷ୍ଠା ଦିଆଯାଇଛି।

ଛଅଟି ଦୀର୍ଘ କବିତାର ସମାହାର 'କବିତା କଲ୍ଲୋଳ' କବିତା ସଂକଳନ ଗଙ୍ଗାଧରଙ୍କ କାବ୍ୟ/କବିତାସଂକଳନ ମଧ୍ୟରୁ ସବୁଠାରୁ ଅଧିକ ଚର୍ଚ୍ଚିତ। ବହୁଦିନ ପରେ ଗଙ୍ଗାଧରଙ୍କ ଏକ ରଚନାବଳୀ ପ୍ରକାଶ ଲାଭ କରୁଥିବାରୁ ଓ ଏହା ମଧ୍ୟରେ ଗଙ୍ଗାଧରଙ୍କୁ ନେଇ ସମ୍ବାଦପତ୍ର ପୃଷ୍ଠାରେ ବହୁ ଚର୍ଚ୍ଚା ହୋଇଯାଉଥିବାରୁ (ଏହି ପୁସ୍ତକର ଦ୍ୱିତୀୟ ଭାଗର ତୃତୀୟ ପ୍ରବନ୍ଧ ଦ୍ରଷ୍ଟବ୍ୟ) 'କବିତା କଲ୍ଲୋଳ' ଚର୍ଚ୍ଚାର ବିଷୟ ହୋଇପଡ଼ିଛି। 'କବିତା କଲ୍ଲୋଳ' ପ୍ରକାଶିତ ହେବାପୂର୍ବରୁ ସେଥିରେ ଥିବା କବିତାଗୁଡ଼ିକ ସଂପର୍କରେ ନନ୍ଦକିଶୋରଙ୍କ ମତାମତ ପ୍ରକାଶ ଲାଭକରି ସେଥିପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା। 'ଉତ୍କଳ ସାହିତ୍ୟ' ପୁସ୍ତକ-ସମୀକ୍ଷା ସ୍ତମ୍ଭ ବନ୍ଦ ହୋଇ ଯାଇଥିବାରୁ 'ଉତ୍କଳ ସାହିତ୍ୟ'ରେ ତାହାର ସମୀକ୍ଷା ପ୍ରକାଶିତ ହୋଇନାହିଁ ସତ୍ୟ କିନ୍ତୁ 'ଉତ୍କଳ ଦୀପିକା', 'ସମ୍ବଲପୁର ହିତୈଷିଣୀ' ଓ 'ଓଡ଼ିଆ ଓ ନବସମ୍ବାଦ' ଭଳି ସମ୍ବାଦପତ୍ର 'କବିତା କଲ୍ଲୋଳ'ର ସମୀକ୍ଷା ପ୍ରକାଶ କରିଛି। ଗଙ୍ଗାଧର ଏହା ଉପରେ ସନ୍ତୋଷ ବ୍ୟକ୍ତ କରି ଲେଖିଛନ୍ତି : "ହିତୈଷିଣୀ, ଦୀପିକା ଓ ନବସମ୍ବାଦରେ ତ କବିତା କଲ୍ଲୋଳର ସମାଲୋଚନା ବାହାରି ଅଛି" (ପତ୍ରାବଳୀ, ପୃ. ୧୨୫) ଏହାପରେ ବିଦ୍ୟାରତ୍ନ ହିତୈଷିଣୀରେ 'କବିତା କଲ୍ଲୋଳ'ର ନାତି-ଦୀର୍ଘ ସମାଲୋଚନା ଲେଖିଛନ୍ତି।

ନନ୍ଦକିଶୋର କବିତା କଲ୍ଲୋଳ ଅନ୍ତର୍ଭୁକ୍ତ କବିତାଗୁଡ଼ିକର ଚିତ୍ରାଙ୍କନ-ଶୈଳୀ, ରଚନା-ପରିପାଟୀ, ଭାଷାର ସୌନ୍ଦର୍ଯ୍ୟ ଓ ନିର୍ବାଚନ କୌଶଳ, ପ୍ରସାଦ ଓ ମାଧୁର୍ଯ୍ୟଗୁଣ ଦେଖି ମୁଗ୍ଧ ହୋଇଛନ୍ତି। (ଗଙ୍ଗାଧର ପତ୍ରାବଳୀ, ପୃ. ୬୬-୬୭) ଫକୀରମୋହନ 'କବିତା କଲ୍ଲୋଳ' ପାଠକରି ଭାବପ୍ରବଣ ହୋଇ ନନ୍ଦକିଶୋରଙ୍କ ମତକୁ ଗ୍ରହଣ କରିଛନ୍ତି। (ପିତୃପ୍ରସଙ୍ଗ ପୃ. ୨୦୬) ମୁଦ୍ରିତ 'କବିତା କଲ୍ଲୋଳ' ପାଠକରି ନନ୍ଦକିଶୋର ଏହା ସଂପର୍କରେ ଅଧିକ କିଛି କହିନାହାନ୍ତି, କେବଳ ନିଜର ମୁଗ୍ଧଭାବ ପ୍ରକାଶ କରିଛନ୍ତି : 'ଆପଣଙ୍କ ପୁସ୍ତକ ବାରମ୍ବାର ପଢ଼ି ମଧ ତୃପ୍ତି ହେଉନାହିଁ। ଆପଣଙ୍କ କବିତା ସ୍ୱର୍ଗୀୟ। କେବଳ କଣ୍ୱ ତପୋବନର କୁସୁମମାନ ପରି କେବେକେବେ ପୃଥିବୀରେ ପାଦ ପକାଇଦିଏ।' (ପିତୃପ୍ରସଙ୍ଗ, ପୃ. ୨୨୯) ହିନ୍ଦୀ ଓ ଓଡ଼ିଆ ଭାଷାରେ କବିତା ଲେଖୁଥିବା ମଧ୍ୟପ୍ରଦେଶର ଲୋଚନ ପ୍ରସାଦ ପାଣ୍ଡେ 'କବିତା କଲ୍ଲୋଳ'ର ସରସ, ସରଳ ଓ ଭାବପୂର୍ଣ୍ଣ ରଚନାରୀତି, ଶବ୍ଦ-ସରସତା, ବର୍ଣ୍ଣନା-ସୌନ୍ଦର୍ଯ୍ୟକୁ ପ୍ରଶଂସା କରିଛନ୍ତି। ସମ୍ବଲପୁର ହିତୈଷିଣୀ (୨୪/୨)ରେ ପ୍ରକାଶିତ ନୀଳମଣି ବିଦ୍ୟାରତ୍ନଙ୍କର ସମୀକ୍ଷାରେ 'ପ୍ରଣୟବଲ୍ଲରୀ' କବିତାର ନୂତନତ୍ୱ ସଂପର୍କରେ ଇଙ୍ଗିତ ଦିଆଯାଇଛି। କାଳିଦାସଙ୍କ ପ୍ରଖ୍ୟାତ ଅଭିଜ୍ଞାନ ଶାକୁନ୍ତଳମ୍ ନାଟକର ପ୍ରଥମ ଅଙ୍କକୁ ଅବଲମ୍ବନ

କରିଥିଲେ ବି ପ୍ରଣୟାଙ୍କୁରରେ ନୂତନ ବିଶେଷ ସଂଯୋଜିତ। ଏହି ସଂଯୋଜନା ଫଳରେ ଗଙ୍ଗାଧରଙ୍କ କବିତା ସ୍ୱାତନ୍ତ୍ର୍ୟରେ ମହାମାନ୍ୱିତ। ଏହି ରୀତିରେ ସମଗ୍ର 'ଶକୁନ୍ତଳା' ରଚନା କରିବାକୁ ସେ କବିଙ୍କୁ ଅନୁରୋଧ କରିଛନ୍ତି। 'ବେଦବ୍ୟାସ' ଓ 'ସୋମନାଥ ବିଜୟ' କବିତାର ବିବିଧ ବର୍ଣ୍ଣନାକୁ ପାଠକମାନଙ୍କ ନିକଟରେ ସୁବୋଧ କରିବାପାଇଁ ସେ ଆବଶ୍ୟକ ଟୀକା/ପରିଚୟ ସଂଯୋଜିତ କରିବାପାଇଁ ପ୍ରସ୍ତାବ ଦେଇଛନ୍ତି ଓ ଗଙ୍ଗାଧରଙ୍କୁ ଚିନ୍ତାମଣି ମହାନ୍ତିଙ୍କ ସହ ସମଆସନରେ ବସାଇଛନ୍ତି।

'ଅଯୋଧ୍ୟା ଦୃଶ୍ୟ' ପାଣ୍ଡୁଲିପି ଅବସ୍ଥାରେ ପାଠକରି ନନ୍ଦକିଶୋର ତାହାର ନାମକରଣ ନେଇ ଗଙ୍ଗାଧରଙ୍କୁ ପରାମର୍ଶ ଦେବା ସହ ଏହାର ଭାବ ଓ ଅଭିବ୍ୟକ୍ତିକୁ ପ୍ରଶଂସା କରିଛନ୍ତି। ଅମୃତମୟୀ ରାମାୟଣର କାହାଣୀକୁ ଚମତ୍କାର ରୀତିରେ ଗଙ୍ଗାଧର ଉପସ୍ଥାପନ କରିଛନ୍ତି। ଏହି ସରଳ ପ୍ରାଞ୍ଜଳ କରୁଣ-ରସାର୍ଦ୍ର କବିତା ନନ୍ଦକିଶୋରଙ୍କ କବି-ହୃଦୟକୁ ବିଗଳିତ କରି ଦେଇଛି। ଭାଷାର ପ୍ରସାଦ ଓ ମାଧୁର୍ଯ୍ୟଗୁଣ, ଭାବର ଲାଳିତ୍ୟ ଓ ସ୍ନିଗ୍ଧତା, ବର୍ଣ୍ଣନାର ସ୍ୱାଭାବିକତା ଓ ଚାରୁ ସୌନ୍ଦର୍ଯ୍ୟ ହେତୁ ଅଯୋଧ୍ୟାଦୃଶ୍ୟ ନନ୍ଦକିଶୋରଙ୍କୁ ଅନୁପମ ମନେ ହୋଇଛି। ନୀଳମଣି ବିଦ୍ୟାରତ୍ନ ଅଯୋଧ୍ୟାଦୃଶ୍ୟରେ ବିଷାଦ ଓ ଆନନ୍ଦଦୃଶ୍ୟର ସୁନିପୁଣ ଚିତ୍ର ଦେଖି ଅଭିଭୂତ ହୋଇଛନ୍ତି। ଅଯୋଧ୍ୟାଦୃଶ୍ୟର କୌଣସି ପୁସ୍ତକ-ସମୀକ୍ଷା ଏହି ଆଲୋଚକର ଦୃଷ୍ଟିକୁ ଏ ପର୍ଯ୍ୟନ୍ତ ଆସିନାହିଁ।

ତପସ୍ୱିନୀ ଗଙ୍ଗାଧରଙ୍କର ଏକ ବିଶିଷ୍ଟ କାବ୍ୟ। କିନ୍ତୁ ସମକାଳରେ ଏହା ଅନୁରୂପ ଶ୍ରଦ୍ଧା ଓ ସମ୍ମାନ ପାଇପାରିନାହିଁ। ମୁକୁରରେ ପ୍ରକାଶିତ ତପସ୍ୱିନୀର ଅଂଶବିଶେଷ ପାଠକରି ଲୋଚନ ପ୍ରସାଦ ପାଣ୍ଡେ 'ଅଭୂତପୂର୍ବ' ଆନନ୍ଦ ଲାଭ କରିଥିଲେ। ସେ ଖୁବ୍ କମ୍ ଏଭଳି କରୁଣ ରସାତ୍ମକ କବିତା ପଢ଼ିଥିବା ପ୍ରକାଶ କରିଥିଲେ। 'ତପସ୍ୱିନୀ'ର ଯେତେଗୁଡ଼ିଏ ସମୀକ୍ଷା ସମସାମୟିକ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା, ସେଥିରୁ ଗୋଟିଏ ମାତ୍ର ଏହି ଆଲୋଚକ ସଂଗ୍ରହ କରିପାରିଛି। ଉତ୍କଳ ଦୀପିକାରେ ପ୍ରକାଶିତ ଏହି ସମାଲୋଚନାରେ ତପସ୍ୱିନୀ କାହାଣୀର ସଂକ୍ଷିପ୍ତ ପରିଚୟ ଦିଆଯାଇ ପରେ ପୁରାତନ ଛାନ୍ଦରେ ଆଧୁନିକ ଭାବମାନ କେମନ୍ତ ସହଜରେ ସଂଯୋଜିତ ହୋଇ 'ସ୍ୱର୍ଗୀୟ ଧର୍ମଭାବରେ ସମୁଜ୍ଜ୍ୱଳ ହୋଇଅଛି'— ତାହାର ସୂଚନା ଦିଆଯାଇଛି। ସମାଲୋଚକ ଏହାକୁ 'ଉତ୍କଳ ସାହିତ୍ୟ ଭଣ୍ଡାରର ହୀରା ମୁଣ୍ଡାଟିଏ' ବୋଲି କହିଛନ୍ତି। ଫକୀରମୋହନ ତା ୧୮.୯.୧୯୧୬ରିଖରେ ତପସ୍ୱିନୀ ସଂପର୍କରେ ଯେଉଁ ପ୍ରଶଂସାପୂର୍ଣ୍ଣ ପତ୍ର ଲେଖିଛନ୍ତି, ସେଥିରେ କାଳିଦାସଙ୍କ 'ରଘୁବଂଶ'ର ଗୋଟିଏ ପଂକ୍ତି ସହିତ 'ତପସ୍ୱିନୀ'ର ତୁଳନା କରି ତାହାର ବିଚାର ଅନ୍ୟ ଉପରେ ଛାଡ଼ିଦେଇଛନ୍ତି। (ପିତୃପ୍ରସଙ୍ଗ) ଶଶିଭୂଷଣ ମଧ୍ୟ ଗୋଟିଏ ପତ୍ରରେ ତପସ୍ୱିନୀର ଭାଷା-ସଂପଦ, ଭାବ-ଗୌରବ, ଅଳଙ୍କାର-ଛଟା ଓ ଚରିତ୍ର-ସୃଜନର ଅନନ୍ୟତା ହେତୁ ତାହାକୁ ଏକ ଶ୍ରେଷ୍ଠ କାବ୍ୟର ଗୌରବ ଦେଇଛନ୍ତି।

'ତପସ୍ୱିନୀ' ଭଳି ପ୍ରଣୟବଲ୍ଲରୀ ମଧ୍ୟ ଫକୀରମୋହନ ଓ ଶଶିଭୂଷଣଙ୍କ ସପ୍ରଶଂସ ଦୃଷ୍ଟି ଆକର୍ଷଣ କରିଛି। ପ୍ରଣୟବଲ୍ଲରୀରେ ଶକୁନ୍ତଳା ଭଳି ପ୍ରେମମୟୀ ପ୍ରତିମାର

ବିଷାଦ-ମଧୁର କାହାଣୀ ଓଡ଼ିଆ ପାଠକ ସମାଜକୁ ଗଙ୍ଗାଧର ଉପହାର ଦେଇଥିବା ମୁଗ୍ଧ ଶଶିଭୂଷଣ ସ୍ୱୀକାର କରିଛନ୍ତି। ପ୍ରଣୟବଲ୍ଲରୀର 'ପ୍ରତି ପତ୍ର ପ୍ରତି ଛତ୍ରରେ ସକରୁଣ ପବିତ୍ର ଭାବର ସମାବେଶ' ଗଙ୍ଗାଧରଙ୍କ ଅନନ୍ୟ ସୁଲଭ ପ୍ରତିଭାର ଅଭିବ୍ୟକ୍ତି। ଶଶୀଭୂଷଣଙ୍କ ମତରେ ଗଙ୍ଗାଧର 'ଶକୁନ୍ତଳାଙ୍କ ବିରହସନ୍ତପ୍ତ ହୃଦୟର ହୃଦୟଭେଦୀ ଉଚ୍ଛ୍ୱାସ ଅପୂର୍ବ କୌଶଳରେ ପ୍ରକାଶ କରିଅଛନ୍ତି।' ତେଣୁ ଶକୁନ୍ତଳା କାବ୍ୟ ଭାବରେ ଓଡ଼ିଆ ସାହିତ୍ୟରେ ଶ୍ରେଷ୍ଠସ୍ଥାନ ଅଧିକାର କରିବା ଉଚିତ। ଶଶୀଭୂଷଣ ଅଭିଜ୍ଞାନ ଶାକୁନ୍ତଳମ୍ ସହ 'ପ୍ରଣୟ ବଲ୍ଲରୀ'ର ସଂପର୍କ-ପ୍ରସଂଗ ଆଦୌ ଉତ୍ଥାପନ କରିନାହାନ୍ତି। ଏକ ମୌଳିକ କାବ୍ୟ ଭାବରେ ତାହାର ବିଚାର କରିଛନ୍ତି। ଫକୀରମୋହନ କିନ୍ତୁ ଏସବୁ ପ୍ରସଂଗ ଉପସ୍ଥାପନ କରିଛନ୍ତି : "କେହି ଯଦି ପଚାରେ ପ୍ରଣୟମଞ୍ଜରୀ [ପ୍ରଣୟ ବଲ୍ଲରୀ] କାବ୍ୟ ଖଣ୍ଡିକ କଣ ? ମୋହର ଉତ୍ତର ମହାକବି କାଳିଦାସ-ଶକୁନ୍ତଳା-ଚ୍ୟୁତେ ନିର୍ଦ୍ଦିଷ୍ଟ ଭୁବନବିଖ୍ୟାତ ଶକୁନ୍ତଳା— ତଥା କବିବର ମେହେର ମସ୍ତିଷ୍କ ଉଦ୍‌ଭାବିତ ନବ ନବ ଶିଳ୍ପକଳାର ପରାକାଷ୍ଠା ନିଦର୍ଶନ— ଏକତ୍ର ସମାବେଶରେ ପ୍ରଣୟ ମଞ୍ଜରୀର [ପ୍ରଣୟ ବଲ୍ଲରୀ] ଉପରି ବିଶେଷତଃ କାଳିଦାସଙ୍କ ନାୟକ ନାୟିକା ଚିତ୍ର ଗଠନ, ଶବ୍ଦବିନ୍ୟାସ, ରଚନାକୌଶଳ ସହିତ ମେହେରକୃତ ଶିଳ୍ପକଳା ଏପରି ଓତପ୍ରୋତ ଭାବରେ ବିଜଡ଼ିତ ହୋଇପଡ଼ିଛି ଯେ ପ୍ରତ୍ୟେକ କବିଙ୍କ ପ୍ରାପ୍ୟାଂଶ ନିର୍ବାଚନ କରିଦେବା ସହଜସାଧ୍ୟ ନୁହେଁ।' (ପିତୃପ୍ରସଙ୍ଗ, ପୃ. ୨୦୭-୨୦୮) ଫକୀରମୋହନଙ୍କ ଦୃଷ୍ଟିରେ ପ୍ରଣୟବଲ୍ଲରୀରେ କାଳିଦାସଙ୍କ ପ୍ରଭାବ/ଅନୁସରଣ ରହିଛି ସତ୍ୟ କିନ୍ତୁ ମେହେରଙ୍କ ମୌଳିକତା ଭିତରେ କାଳିଦାସୀପ୍ରଭାବ ଚାକ୍ଷୁଷ ନୁହେଁ। ସେଥିପାଇଁ କାଳିଦାସଙ୍କ 'ଅଭିଜ୍ଞାନ ଶକୁନ୍ତଳମ୍' ଯେଉଁମାନେ ପଢ଼ିନାହାନ୍ତି, ସେମାନେ ଏହାକୁ ଏକ ମୌଳିକ କାବ୍ୟ ମନେକରିବା ସ୍ୱାଭାବିକ।

ଗଙ୍ଗାଧରଙ୍କ 'ଅର୍ଘ୍ୟଥାଳୀ' ବହୁ ବିଷୟ କବିତା/ପଦ୍ୟର ଏକ ସଙ୍କଳନ। ୧୯୧୮ ନଭେମ୍ବର-ଡିସେମ୍ବର ଆଡ଼କୁ ଏହି କବିତା-ଗ୍ରନ୍ଥ ପ୍ରକାଶିତ (୩) ସମ୍ବଲପୁର ହିତୈଷିଣୀରେ ଓ ସେବକରେ ଏହାର ସମାଲୋଚନା ପ୍ରକାଶିତ ହୋଇଥିଲା। ସେବକର ସମାଲୋଚନା ପ୍ରତିକୂଳ ହୋଇଥିବା ଅନୁମାନ। ଏ ସଂପର୍କରେ ତା ୨୦.୨.୧୯୧୯ରିଖରେ କବି ଚିନ୍ତାମଣି ମହାନ୍ତି ଗଙ୍ଗାଧରଙ୍କୁ ଲେଖିଥିଲେ : "ଅର୍ଘ୍ୟଥାଳିର ସମାଲୋଚନା 'ସେବକ'ରେ ଦେଖିଅଛି। ସମ୍ପାଦକ ଯେଉଁ ତ୍ରୁଟି ଦେଖାଇଅଛନ୍ତି ମୁଁ ତାହା ଖଣ୍ଡନ କରି ତାଙ୍କୁ ପତ୍ର ଲେଖିଅଛି। ଚିତା ଅଙ୍କୁଶୀରେ ଭୁଲ, ବ'ଭ'ର ଅମିତ୍ରତା ପ୍ରଭୃତି ଏହିପରି ବକୁଆପଣା ସମାଲୋଚନାର ମୂଳ... ପ୍ରାଣ ଆଉ ନଥାଉ ପଛେ ଶବ ଦେହରେ ବ୍ୟର୍ଥ ଅଳଙ୍କାର ଖଞ୍ଜିଲେ ହେଲା" (ପିତୃପ୍ରସଙ୍ଗ, ପୃ. ୨୩୭) ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ସମୀକ୍ଷାରେ ଅର୍ଘ୍ୟଥାଳୀର କବିତାଗୁଡ଼ିକ ସଂପର୍କରେ କିଛି ଆଲୋଚନା ହୋଇନାହିଁ। ଗଙ୍ଗାଧରଙ୍କ କବିତାବଳୀ ସଂପର୍କରେ କେତେକ ପ୍ରଶଂସାପୂର୍ଣ୍ଣ ମନ୍ତବ୍ୟ ଦେଇସାରି, 'ଅର୍ଘ୍ୟଥାଳୀର କବିତାଗୁଡ଼ିକ ଅତି ଉପାଦେୟ ହୋଇଅଛି ଓ ଉପଯୁକ୍ତ

ଅର୍ଘ୍ୟଥାଳୀ ସମ୍ବନ୍ଧେ ବିଶେଷ କିଛି କହିବାର ନାହିଁ' କହି ସଂପାଦକ ଓ ସମୀକ୍ଷକ ପଟ୍ଟନାୟକ ଆପଣା କର୍ତ୍ତବ୍ୟ ସଂପାଦନ କରିଛନ୍ତି। କବି ଚିନ୍ତାମଣି ମଧ ପୂର୍ବୋକ୍ତ ପତ୍ରରେ ଅର୍ଘ୍ୟଥାଳୀର 'କବିତାଗୁଡ଼ିକୁ ମୁଖସ୍ଥ କରିବାର ଲୋଭ ସମ୍ବରଣ କରିହୁଏନାହିଁ' ଲେଖି ଆପଣାର ଗୁଣାବଧାରଣ ବ୍ୟକ୍ତ କରିଛନ୍ତି। ଫଳରେ ଅର୍ଘ୍ୟଥାଳୀ ସଂପର୍କରେ କୌଣସି ଆକଳନ/ମୂଲ୍ୟାୟନ ହୋଇପାରିନାହିଁ।

॥ ତିନି ॥

ଗଙ୍ଗାଧରଙ୍କ କାବ୍ୟ/କବିତା-ସଂଗ୍ରହର ସମକାଳୀନ ମୂଲ୍ୟାୟନ ଦୃଷ୍ଟିରୁ ଉକ୍ତ ପୁସ୍ତକ-ସମୀକ୍ଷାଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ; ଉପରୋକ୍ତ ଆଲୋଚନାରୁ ତାହା ସ୍ପଷ୍ଟ। କେବଳ ସେତିକି ନୁହେଁ, ପରବର୍ତ୍ତୀ କାଳର ଆଲୋଚନାରେ ଗଙ୍ଗାଧରଙ୍କ ରଚନାବଳୀର ଯେଉଁସବୁ ବିଭାବ (ଯଥା: ପ୍ରକୃତି ଚିତ୍ରଣ, ପୌରାଣିକ କଥାବସ୍ତୁରେ ନୂତନତା, ଚରିତ୍ର ଚିତ୍ରଣ ଇତ୍ୟାଦି) ଉପରେ ଗୁରୁତ୍ୱ ଆରୋପିତ, ସେସବୁର ସୂଚନା ଉପରୋକ୍ତ ସମୀକ୍ଷାବଳୀ ଓ ରାଧାନାଥ-ନନ୍ଦକିଶୋରଙ୍କ ପତ୍ରରେ ପ୍ରଦତ୍ତ। ତେଣୁ ଏହି ପୁସ୍ତକ-ଆଲୋଚନାଗୁଡ଼ିକର ବିଶ୍ଳେଷଣ ଗଙ୍ଗାଧର ସାହିତ୍ୟ ଓ ଜୀବନର ଯଥାର୍ଥ ଅବବୋଧ ପାଇଁ ଆବଶ୍ୟକ। ପୁଣି ଏହି ବୁକ୍-ରିଭିଉ ବା ପୁସ୍ତକ-ସମୀକ୍ଷାଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଗଢ଼ଣ ରହିଛି। ରାଧାନାଥଙ୍କର ଇନ୍ଦୁମତୀ ସଂପର୍କରେ ମନ୍ତବ୍ୟ, ବିଶ୍ୱନାଥ କରଙ୍କର କୀଚକବଧ ସମାଲୋଚନାକୁ ବାଦ ଦେଲେ ଅନ୍ୟ ସବୁଗୁଡ଼ିକ ଏକା ଢଙ୍ଗରେ ଲିଖିତ। ଉପରୋକ୍ତ ଦୁଇଟି ସମୀକ୍ଷାରେ ଗ୍ରନ୍ଥ ସମ୍ବନ୍ଧରେ ସାମ୍ବାଦିକ-ସୁଲଭ ମତାମତ ନଦେଇ ରାଧାନାଥ ଓ ବିଶ୍ୱନାଥ, ଗଙ୍ଗାଧରଙ୍କ କବିତ୍ୱ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ମତାମତ ଦେଇଛନ୍ତି। ଆଲୋଚିତ ଆକଳନଗୁଡ଼ିକରେ ପୁସ୍ତକର ପରିଚୟ, ବିଷୟବସ୍ତୁର ସଂକ୍ଷିପ୍ତ ଉପସ୍ଥାପନ ଆଦି ପରେ ଅନେକ ସମୟରେ ଗଙ୍ଗାଧରଙ୍କ ଯଶଃ ବର୍ଣ୍ଣନା କରାଯାଇଛି। ସମ୍ବଲପୁରର ବିଶିଷ୍ଟ କବି ହୋଇଥିବାରୁ 'ସମ୍ବଲପୁର ହିତୈଷିଣୀ'ରେ ଗଙ୍ଗାଧରଙ୍କର ରଚନାବଳୀର ସର୍ବାଧିକ ସମୀକ୍ଷା କେବଳ ପ୍ରକାଶିତ ହୋଇନାହିଁ– ଅନେକ ସମୟରେ ଏଗୁଡ଼ିକ ଆବେଗ-ପ୍ରଧାନ। ଗଙ୍ଗାଧରଙ୍କୁ ଅନ୍ୟତମ ଜାତୀୟ ବୀର ରୂପେ ଉପସ୍ଥାପନ କରିବାର ଆକାଂକ୍ଷା ଏହି ରିଭିଉଗୁଡ଼ିକରୁ ସୂଚିତ। ତେଣୁ ଏହି ପୁସ୍ତକ-ସମୀକ୍ଷାଗୁଡ଼ିକ ଓଡ଼ିଆ ସମାଲୋଚନା-ସାହିତ୍ୟର ବିକାଶକ୍ରମ ଜାଣିବାପାଇଁ ଯେଭଳି ମୌଳିକ ଉପାଦାନ, ମେହେର ସାହିତ୍ୟ ପ୍ରତି ସମକାଳୀନ ବୁଦ୍ଧିଜୀବୀ ଓ ପତ୍ରିକା-ସଂପାଦକମାନଙ୍କର ମନୋଭାବ ଜାଣିବାପାଇଁ ଏଗୁଡ଼ିକ ସେହିଭଳି ଅତ୍ୟାବଶ୍ୟକ ଭିତ୍ତି। ସମ୍ବାଦପତ୍ର ତଥା ସାହିତ୍ୟ-ସମାଲୋଚନାର ଦୃଷ୍ଟିକୋଣ କିଭଳି ତାତ୍କାଳିକତା ଦ୍ୱାରା ଅନେକାଂଶରେ ଆଚ୍ଛନ୍ନ ହୋଇଥାଏ ଓ କ୍ଷମତାର ଭାବାଦର୍ଶଗତ ଆୟୁଧ ଭାବରେ ଏହା କିଭଳି ବ୍ୟବହୃତ ହୋଇଥାଏ, ଏହି ଦଶଟି ସମୀକ୍ଷାରୁ ତାହାର ସୂଚନା ମିଳିପାରିବ। ସେହିପରି ଆଧୁନିକ ସାହିତ୍ୟ ଓ ସାହିତ୍ୟ-ଚର୍ଚ୍ଚା ସହ ଜାତୀୟତାବୋଧ କିଭଳି ସାଙ୍ଗୋପାଙ୍ଗ. ଏଗୁଡ଼ିକ ତାହାର ସଂକେତ।

ଆଧୁନିକ କାଳରେ ସମ୍ବାଦପତ୍ରର ପ୍ରକାଶ ସହ ପୁସ୍ତକ-ସମୀକ୍ଷା ସଂପୃକ୍ତ। ସମ୍ବାଦପତ୍ରର ସାମୟିକ ସାହିତ୍ୟ-ସମୀକ୍ଷା ସ୍ତମ୍ଭ ସମକାଳରେ ଦୁଇଟି ଭୂମିକା ନିର୍ବାହ କରିଥାଏ : ବିଜ୍ଞାପନ ଓ ସାହିତ୍ୟ-ସାମ୍ବାଦିକତା। ସାମ୍ବାଦିକ-ସୁଲଭ ପୁସ୍ତକ-ପରିଚୟରୁ, ଏଭଳି ସାହିତ୍ୟ-ଚର୍ଚ୍ଚା ସାହିତ୍ୟ-ସମାଲୋଚନା ସ୍ତରକୁ ଉନ୍ନୀତ ହେବାପାଇଁ ଦୀର୍ଘ ସମୟ ଶିକ୍ଷା-ନବିଶ କରିଛି। ଆଜି ଇଉରୋପ ଓ ଆମେରିକାରେ ବୁକ୍-ରିଭିଉ କେତେକ ସାହିତ୍ୟତତ୍ତ୍ୱବିତମାନଙ୍କ ଦ୍ୱାରା ସାହିତ୍ୟ-ସମାଲୋଚନାର ଏକ ଶାଖା ଭାବରେ ଗୃହୀତ। (Said 1984, P.1) ସଇଦ ପୁସ୍ତକ-ସମୀକ୍ଷାକୁ ବ୍ୟବହାରାତ୍ମକ ଓ ସାମ୍ବାଦିକଧର୍ମୀ କହିଲେ ବି ଏହାର ଏକ ବିଶେଷଜ୍ଞ-ରୂପକୁ ସ୍ୱୀକାର କରନ୍ତି। କେବଳ ଆଜି ନୁହେଁ ଊନବିଂଶ ଶତାବ୍ଦୀରେ ମଧ୍ୟ ବଙ୍ଗଳାରେ ବଙ୍କିମଚନ୍ଦ୍ର, ଚନ୍ଦ୍ରନାଥ ଓ ଓଡ଼ିଶାରେ ଗୌରୀଶଙ୍କର, ମଧୁସୂଦନ, ଲାଲା ରାମନାରାୟଣ ଓ ବିଶ୍ୱନାଥ କର ପ୍ରମୁଖଙ୍କ ଦ୍ୱାରା ସମ୍ବାଦପତ୍ରରେ ପ୍ରକାଶିତ ପୁସ୍ତକ-ସମୀକ୍ଷାଗୁଡ଼ିକ ସାହିତ୍ୟ-ସମାଲୋଚନାର ମର୍ଯ୍ୟାଦା ଲାଭ କରିଛି। ବଙ୍କିମଚନ୍ଦ୍ରଙ୍କ ବିବିଧ ପ୍ରବନ୍ଧ ଗ୍ରନ୍ଥରେ ସଂକଳିତ 'ଗୀତିକାବ୍ୟ', 'ପ୍ରକୃତ ଏବଂ ଅତିପ୍ରକୃତ' ତଥା 'ବିଦ୍ୟାପତି ଓ ଜୟଦେବ' ଆଦି ପ୍ରଖ୍ୟାତ ସାହିତ୍ୟ ସମାଲୋଚନାମୂଳକ ପ୍ରବନ୍ଧଗୁଡ଼ିକ ବସ୍ତୁତଃ ବୁକ୍-ରିଭିଉ। (ଭଟ୍ଟାଚାର୍ଯ୍ୟ ୧୯୭୧, ପୃ. ୩୪୪) ଓଡ଼ିଆରେ ଗୌରୀଶଙ୍କର ରାୟଙ୍କ 'ପାର୍ବତୀ' ସମାଲୋଚନା, ମଧୁସୂଦନଙ୍କ 'ଅଳଙ୍କାର ବୋଧୋଦୟ' ସମାଲୋଚନା ଓ ଲାଲା ରାମନାରାୟଣଙ୍କ 'ଚିତ୍ରୋତ୍ପଳା' ଓ 'ଯଯାତିକେଶରୀ' ସମାଲୋଚନା ଆଦି ସାହିତ୍ୟ-ସାମ୍ବାଦିକତା ଓ ସାହିତ୍ୟ-ସମାଲୋଚନା ମଧ୍ୟରେ ଏକ ସମନ୍ୱୟ। ଗଙ୍ଗାଧରଙ୍କ କାବ୍ୟକବିତା ସଂପର୍କରେ ଏପର୍ଯ୍ୟନ୍ତ ସଂଗୃହୀତ ତାତ୍କାଳିକ ସମୀକ୍ଷା ଅନେକାଂଶରେ ସାହିତ୍ୟ-ସାମ୍ବାଦିକତା ଓ ବିଜ୍ଞାପନ ମାତ୍ର। ବିଶ୍ୱନାଥ କରଙ୍କ 'କୀଚକ ବଧ' ସମାଲୋଚନା, ବିଦ୍ୟାରତ୍ନଙ୍କ 'କବିତା କଲ୍ଲୋଳ' ସମାଲୋଚନା ଓ ନାଥଶର୍ମାଙ୍କ 'ଉତ୍କଳ ଲକ୍ଷ୍ମୀ' ସମାଲୋଚନାରେ ଆଲୋଚିତ ରଚନାଗୁଡ଼ିକର କାବ୍ୟ-ସୌନ୍ଦର୍ଯ୍ୟ ପ୍ରଖ୍ୟାପନର ଚେଷ୍ଟାଥିଲେ ବି, ତାହା ଉକ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିନାହିଁ। ବିଶ୍ୱନାଥ କର ଉତ୍କଳ ସାହିତ୍ୟରେ ପୁସ୍ତକ ସମାଲୋଚନା ସ୍ତମ୍ଭ— ସଂକ୍ଷିପ୍ତ ସମାଲୋଚନା— ଆରମ୍ଭ କରିବା ପୂର୍ବରୁ ଯେଉଁ କୈଫିୟତ୍ ଦେଇଥିଲେ, ଏହି ସମୀକ୍ଷାଗୁଡ଼ିକର ସ୍ୱରୂପ ଆଲୋଚନା ପ୍ରସଙ୍ଗରେ ତାହା ଏଠାରେ ସ୍ମରଣ ଯୋଗ୍ୟ : "ସମାଲୋଚନା ମାସିକ ପତ୍ରିକାର ବିଶିଷ୍ଟ ଅଙ୍ଗ। ସମାଲୋଚନା ବ୍ୟତୀତ ମାସିକପତ୍ର ଅସଂପୂର୍ଣ୍ଣ। ... ଆମ୍ଭେମାନେ ସେହି ଗୁରୁତର ଓ ପବିତ୍ର କାର୍ଯ୍ୟ କେତେଦୂର ନିରପେକ୍ଷ ଭାବରେ କରିପାରିବୁଁ ତାହା ପାଠକମଣ୍ଡଳୀଙ୍କ ଆଲୋଚନାର ବିଷୟ ହେବ— ଆମ୍ଭେମାନେ କେଉଁ ମାର୍ଗ ଅବଲମ୍ବନ କରି ଏହି ପବିତ୍ର କାର୍ଯ୍ୟ ସାଧନ କରିବୁଁ ତାହା ଏଠାରେ କହି ରଖିବାର ଉଚିତ ବୋଧ କରୁଅଛୁଁ।

(୧) "ହରିଆ ଡକା" "ବୋହୂନାଟ" ଠାରୁ "ମହାଯାତ୍ରା" ପର୍ଯ୍ୟନ୍ତ ଯେ କୌଣସି ପୁସ୍ତକ ଆମ୍ଭମାନଙ୍କର ହସ୍ତଗତ ହେବ ସେ ସକଳ ପୁସ୍ତକର ସମାଲୋଚନା କରିବାକୁ ଆମ୍ଭେମାନେ ବାଧ୍ୟହେବୁଁ ତାହାଙ୍କ ମତେ କରିବା ଭୁଲ।

(୨) ସମାଜ, ନୀତି, ଧର୍ମ, ଶିକ୍ଷା ପ୍ରଭୃତିର ଉନ୍ନତି କଳ୍ପେ ଆମ୍ଭେମାନେ କୌଣସି କୌଣସି ପୁସ୍ତକର ବିସ୍ତୃତ ସମାଲୋଚନା ମଧ୍ୟ କରିବୁଁ। ଏଥି ନିମିତ୍ତ କୌଣସି ପୁସ୍ତକ ସମାଲୋଚନାର୍ଥ ଆମ୍ଭମାନଙ୍କ ନିକଟକୁ ପ୍ରେରିତ ନହେଲେ ମଧ୍ୟ ଆମ୍ଭେମାନେ ତହିଁର ସମାଲୋଚନାରେ ପ୍ରବୃତ୍ତ ହେବୁ।

(୩) ଉତ୍କଳ ସାହିତ୍ୟର ବୃଦ୍ଧି ଓ ଉନ୍ନତି ନିମିତ୍ତ ଆମ୍ଭେମାନେ ସମୟ ସମୟରେ ଉତ୍କୃଷ୍ଟ ବଙ୍ଗଳା, ଇଂରାଜୀ ପୁସ୍ତକମାନଙ୍କର ସମାଲୋଚନାରେ ମଧ୍ୟ ହସ୍ତକ୍ଷେପ କରିବାକୁ ପଶ୍ଚାତ୍‌ପଦ ହେବୁନାହିଁ। ଏହି ଉଦ୍ଦେଶ୍ୟରେ ଆମ୍ଭେମାନେ ଉତ୍କଳ ସାହିତ୍ୟ ଭଣ୍ଡାରର ପ୍ରାଚୀନ ରତ୍ନମାନଙ୍କୁ ମଧ୍ୟ କାର୍ଯ୍ୟକ୍ଷେତ୍ରକୁ ଟାଣି ଆଣିବାକୁ ଭୁଲିବୁଁ ନାହିଁ।'' (ଉତ୍କଳ ସାହିତ୍ୟ ୧/୬, ପୃ.୧୫୨-୫୩) ବିଶ୍ୱନାଥ କର ପୂର୍ବରୁ ଥିବା ପୁସ୍ତକ-ସମୀକ୍ଷାର ପରମ୍ପରାକୁ ଯେପରି କଟାକ୍ଷ କରିଛନ୍ତି, ନିଜର ବୈଶିଷ୍ଟ୍ୟ ସେଭଳି ସ୍ପଷ୍ଟ କରିଛନ୍ତି। କିନ୍ତୁ କାର୍ଯ୍ୟତଃ ପୂର୍ବ-ପରମ୍ପରାକୁ ସେ ଅନୁସରଣ କରିଛନ୍ତି। ''ହରିଆ ଡକା'' ''ବୋହୂନାଟ'' ଭଳି ପୁସ୍ତକର ସମାଲୋଚନା ନକରିବାକୁ ସେ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏଭଳି ଉଦ୍‌ଘୋଷଣାର ଗୋଟିଏ ମାସ ପୂର୍ଣ୍ଣ ହେବା ପୂର୍ବରୁ 'ପଣ୍ଡିତ ସର୍ବସ୍ୱ', 'କୌତୁକ କାହାଣୀ' ଓ 'ଲୀଳାବତୀ ଅଥବା ମାଝିଅଙ୍କ କଥାବାର୍ତ୍ତା' ଆଦି ପୁସ୍ତକ 'ସଂକ୍ଷିପ୍ତ ସମାଲୋଚନା' ସ୍ତମ୍ଭରେ ସ୍ଥାନ ପାଇଛି। (ଉତ୍କଳ ସାହିତ୍ୟ ୧/୬. ପୃ.୧୮୨-୮୩) ଅଥଚ ଗଙ୍ଗାଧରଙ୍କ ଦରକାବ୍ୟ 'ଆମୋଦ' ଓ ନିଜ ନାମରେ ପ୍ରକାଶିତ 'କୁମାରୀ ସିଂହ'ର ସମୀକ୍ଷା ଉପରୋକ୍ତ ସ୍ତମ୍ଭରେ ସ୍ଥାନ ପାଇନାହିଁ। ବିଶ୍ୱନାଥ କର ଆବଶ୍ୟକ ମତେ କେତେକ ପୁସ୍ତକର ବିସ୍ତୃତ ସମାଲୋଚନା କରିବାର ଯେଉଁ ସୂଚନା ଦେଇଥିଲେ ସେହି ଅନୁସାରେ 'ପାରିଜାତ ମାଳା' (ସୁଲକ୍ଷଣା ଦେବୀ), ସାଥୀ (ଅନଙ୍ଗ ମୋହନ ଚକ୍ରବର୍ତ୍ତୀ), ଭାବନା (ସାଧୁଚରଣ ରାୟ) ଆଦି ପୁସ୍ତକର ସମାଲୋଚନା ଉତ୍କଳ ସାହିତ୍ୟରେ ପ୍ରକାଶିତ। କିନ୍ତୁ ଗଙ୍ଗାଧରଙ୍କର କୌଣସି ପୁସ୍ତକର ଦୀର୍ଘ ସମାଲୋଚନା ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇନାହିଁ। କେବଳ ଉତ୍କଳ ସାହିତ୍ୟ ନୁହେଁ, ପରବର୍ତ୍ତୀ କାଳରେ 'ସମ୍ବଲପୁର ହିତୈଷିଣୀ'କୁ ଛାଡ଼ିଦେଲେ କୌଣସି ସାହିତ୍ୟ-ପତ୍ର ବା ସମ୍ବାଦପତ୍ର ଗଙ୍ଗାଧରଙ୍କ କାବ୍ୟ/କବିତା ସଂକଳନ ପ୍ରତି ଯଥାର୍ଥ ନ୍ୟାୟ କରି ନାହାନ୍ତି। ସମକାଳର ସାହିତ୍ୟ-ସମୀକ୍ଷା ପରମ୍ପରାଠାରୁ ବିଚ୍ଛିନ୍ନ କରି ଉପରୋକ୍ତ ପୁସ୍ତକ-ସମୀକ୍ଷା ଗୁଡ଼ିକ ବିଚାର କରିବା ଫଳରେ ଏଭଳି ଅବହେଳା ଓ ଅନ୍ୟାୟ ଆଦୌ ସ୍ପଷ୍ଟ ହୁଏନାହିଁ।

ଓଡ଼ିଆ ସାହିତ୍ୟ ସମାଲୋଚନାର ପ୍ରାଥମିକ ସ୍ତରରେ ପୁସ୍ତକ-ସମୀକ୍ଷାର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ, କାରଣ ପୁସ୍ତକ-ସମାଲୋଚନା ମଧ୍ୟ ଦେଇ ଯଥାର୍ଥ ସାହିତ୍ୟ-ସମୀକ୍ଷାର ମୂଳାଦି ପଡ଼ିଥିଲା। ସାହିତ୍ୟ-ସମାଲୋଚନାର ସ୍ୱରୂପ ଓ ଆଦର୍ଶ ନେଇ ହେଉଥିବା ବାକ୍-ଯୁଦ୍ଧ ଦ୍ୱାରା ବେଶ୍ ପୁସ୍ତକ-ସମୀକ୍ଷାଗୁଡ଼ିକ ପ୍ରଭାବିତ ହେଉଥିଲା। ସମୀକ୍ଷକମାନଙ୍କର କବିତା/ସାହିତ୍ୟ ସଂପର୍କରେ ଥିବା ପ୍ରତ୍ୟୟ ଯେଭଳି ବୁକ୍-ରିଭିଉରେ ପ୍ରତିଫଳିତ

ହେଉଥିଲା, ସେମାନଙ୍କର କର୍ତ୍ତୃତ୍ୱବୋଧ ହେତୁ ଏହି ସମସ୍ତ ତୁଳ୍-ଭିତ୍ତିର ଗୁଡ଼ିକରେ ଥିବା ମତାମତ ପରବର୍ତ୍ତୀ ପ୍ରଜନ୍ମ ପାଇଁ ଆପ୍ତବାକ୍ୟ ଭଳି କାର୍ଯ୍ୟ କରୁଥିଲା। ଗଙ୍ଗାଧରଙ୍କର କାବ୍ୟ-କବିତା ନେଇ ରାଧାନାଥ ଓ ନନ୍ଦକିଶୋରଙ୍କ ମତାମତ ଆଜି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମନେ ହେବାର ଅନ୍ୟତମ କାରଣ ହେଲା — ଓଡ଼ିଆ ସାହିତ୍ୟର ଇତିହାସରେ ରାଧାନାଥ ଓ ନନ୍ଦକିଶୋରଙ୍କ କର୍ତ୍ତୃତ୍ୱର ସ୍ୱୀକରଣ। ସେହିଭଳି ଗୌରୀଶଙ୍କର, ବିଦ୍ୟାରତ୍ନ ପ୍ରମୁଖ ଦେଇଥିବା ମତାମତରେ ସମୀକ୍ଷକ-ସ୍ୱର ଅପେକ୍ଷା କର୍ତ୍ତୃତ୍ୱବୋଧର ସ୍ୱର ଅଧିକ ସ୍ପଷ୍ଟ।

ସାହିତ୍ୟ-ସମୀକ୍ଷା ଓ ସାହିତ୍ୟ-ସାମ୍ବାଦିକତା ଭାବାଦର୍ଶଗତ ରାଷ୍ଟ୍ରୀୟ ଉପକରଣ (Ideological State Apparatus)ର ଅନ୍ତର୍ଭୁକ୍ତ। ସାହିତ୍ୟ-ରଚନା ମଧ୍ୟ ଏଭଳି ଉପକରଣ-ଭୂମିକା ବେଳେବେଳେ ନିର୍ବାହ କରିଥାଏ, ସ୍ୱୟଂ ଉପକରଣ-ବିଶେଷ ଭାବରେ ସୃଷ୍ଟି ହୋଇଥାଏ। ସାହିତ୍ୟ ଓ ସାହିତ୍ୟ-ସମୀକ୍ଷା ସହ କର୍ତ୍ତୃତ୍ୱ-ବୋଧ-ପ୍ରଧାନ ଭାବାଦର୍ଶ (ideology)ର ଘନିଷ୍ଠ ଆତ୍ମୀୟତା ହେତୁ ତାହା ଏକ ରାଷ୍ଟ୍ରୀୟ ଉପକରଣ-ବିଶେଷରେ ପରିଣତ କରିଥାଏ। ଫରାସୀ ଚିନ୍ତାନାୟକ ଲୁଇ ଆଲ୍‌ଥୁସର ଏହି ଭାବାଦର୍ଶଗତ ରାଷ୍ଟ୍ରୀୟ ଉପକରଣର ପ୍ରକୃତି ଓ ପ୍ରକାର୍ଯ୍ୟ ବିଶ୍ଳେଷଣ କରି ଯାହା କହନ୍ତି, ତାହା ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ। (Althusser 1971, p 127-185) ଆଲ୍‌ଥୁସରଙ୍କ ମତରେ କୌଣସି ରାଷ୍ଟ୍ର କେବଳ ପୋଲିସ୍, ସୈନ୍ୟବାହିନୀ, ପ୍ରଶାସକ ବା ଅମଲାମାନଙ୍କୁ ନେଇ ଗଢ଼ି ଉଠେ ନାହିଁ। ଏମାନେ ପ୍ରତ୍ୟକ୍ଷରେ ରାଷ୍ଟ୍ରୀୟ କ୍ଷମତାର ପ୍ରତିଷ୍ଠା କରିଥାନ୍ତି କିନ୍ତୁ ରାଷ୍ଟ୍ରୀୟ କ୍ଷମତାକୁ ପ୍ରତିଷ୍ଠିତ କରାଏ, ଲୋକଙ୍କ ପାଇଁ ଗ୍ରହଣଯୋଗ୍ୟ କରାଏ ଭାବାଦର୍ଶଗତ ରାଷ୍ଟ୍ରୀୟ ଉପକରଣ। ଏଠାରେ ଯୁଦ୍ଧ ଝଣ୍ଡା ବା ବନ୍ଧୁକରେ ଚାଲେନାହିଁ, ଚାଲେ କଲମରେ, ଭାଷଣ-ବାଜିରେ, ସାହିତ୍ୟ ମଞ୍ଚରେ ବା ବିଦ୍ୟାଳୟରେ। ଇଂରେଜମାନେ ଭାରତ ଅଧିକାର କଲାପରେ ଯେଉଁ ଶାସନ ପ୍ରତିଷ୍ଠା କଲେ, ତାହାକୁ ଲୋକଙ୍କ ହୃଦୟରେ ଗ୍ରହଣଯୋଗ୍ୟ କରିବାପାଇଁ ତଥା ଏହି ଶାସନ ଯେ ଉନ୍ମୁକ୍ତ ଆଲୋଚନା ଓ ଜନସାଧାରଣଙ୍କ ସମର୍ଥନରେ ତିଷ୍ଠି ରହିଛି ଏଭଳି ଏକ ଧାରଣା ସୃଷ୍ଟି କରିବାପାଇଁ ସମ୍ବାଦପତ୍ରର ପ୍ରକାଶନ ଓ ନୂତନ ସାହିତ୍ୟ-ସୃଷ୍ଟିକୁ ସେମାନେ ଉତ୍ସାହିତ କରିଥିଲେ। ଔପନିବେଶିକ ଶିକ୍ଷାପ୍ରସାରରୁ ଯେଉଁ ନୂତନ ଶିକ୍ଷିତ ମଧ୍ୟବିତ୍ତ ଗୋଷ୍ଠୀ ଗଢ଼ି ଉଠିଥିଲା, ସେହି ଗୋଷ୍ଠୀ ରାଷ୍ଟ୍ରୀୟ ପ୍ରଶାସନ, ସାମ୍ବାଦିକତାଠାରୁ ଆରମ୍ଭ କରି ସାହିତ୍ୟ-ସୃଷ୍ଟି ପର୍ଯ୍ୟନ୍ତ ସବୁଆଡ଼େ ନେତୃତ୍ୱ ନେଉଥିଲା। ଇଂରେଜ ଶାସନର ପରିଣାମସ୍ୱରୂପ ଓ ତାହାଦ୍ୱାରା ଉପକୃତ ହୋଇଥିବା ଏକ ଗୋଷ୍ଠୀ ଔପନିବେଶିକ ଶାସନର ମୁଖପାତ୍ର ରୂପେ କାର୍ଯ୍ୟ କରିବା ସ୍ୱାଭାବିକ ଥିଲା। ଗୌରୀଶଙ୍କର, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ ଓ ବିଶ୍ୱନାଥ କର ପ୍ରମୁଖ ଓଡ଼ିଶାର ଅଧିକାଂଶ ସମ୍ବାଦ ଓ ସାହିତ୍ୟପତ୍ରର ସମ୍ପାଦକଗଣ ଇଂରେଜ ଶାସନର ଥିଲେ ସମର୍ଥକ। ସାମ୍ବାଦିକତା ଭଳି ସାହିତ୍ୟ-ସମାଲୋଚନା ମଧ୍ୟ ସେମାନଙ୍କ

ଦ୍ୱାରା ଓ ପ୍ରରୋଚନାରେ ଗଢ଼ି ଉଠିଥିଲା। ତେଣୁ କ୍ଷମତା ସହିତ ଯେଉଁମାନେ ପ୍ରତ୍ୟକ୍ଷଭାବେ ଜଡ଼ିତ ବା ଯେଉଁମାନେ ଏଲିଟ୍‌ଗୋଷ୍ଠୀର, ସେମାନଙ୍କ ସାହିତ୍ୟକୃତିକୁ ମାନକ ରୂପରେ ଗ୍ରହଣ କରି ଏମାନେ ସମାଲୋଚନା ସ୍ତମ୍ଭ ଆରମ୍ଭ କରିଥିଲେ। ରାଧାନାଥଙ୍କ ଠାରୁ ଆରମ୍ଭ କରି ନୃପରାଜ ସିଂହଙ୍କ ପର୍ଯ୍ୟନ୍ତ ବହୁଧରଣର ଔପନିବେଶିକ ଏଲିଟ୍‌ଙ୍କ ରଚନା ସମ୍ବାଦପତ୍ର ପୃଷ୍ଠାରେ ଗୁରୁତ୍ୱ ଓ ମର୍ଯ୍ୟାଦା ପାଉଥିବାବେଳେ ଅନୁଗତ (subaltern) ଶ୍ରେଣୀରେ ଥିବା ଗଙ୍ଗାଧରଙ୍କ ରଚନା ସମଗୁରୁତ୍ୱ ପାଉନଥିଲା। ରାଧାନାଥ ଓ ବିଦ୍ୟାରତ୍ନ ପ୍ରମୁଖଙ୍କ ଦ୍ୱାରା ପ୍ରଶଂସିତ ହେବାପରେ ଓ ପଶ୍ଚିମ ଓଡ଼ିଶାର ସାହିତ୍ୟିକ-ସଂସ୍କୃତିର ପ୍ରତିନିଧି ଭାବରେ ପ୍ରତିଷ୍ଠିତ ହେଲାପରେ ଗଙ୍ଗାଧରଙ୍କ ରଚନାବଳୀ ପ୍ରତି ବହୁ ସମ୍ପାଦକଙ୍କର ଦୃଷ୍ଟିକୋଣ ପରିବର୍ତ୍ତିତ ହୋଇଛି। ସମ୍ବାଦପତ୍ରର ସଂପାଦକମାନେ ରାଷ୍ଟ୍ରୀୟ ଉପକରଣର ଜଣେ ଜଣେ ସଂଚାଳକ ଥିବାରୁ ସେଥିପାଇଁ ସେମାନଙ୍କ ସ୍ୱର ଅନେକ ସମୟରେ କର୍ତ୍ତୃତ୍ୱ-ପ୍ରଧାନ। ଆଉ ଗଙ୍ଗାଧରଙ୍କର ଗ୍ରାମୀଣ, ବୃତ୍ତିଗତ ଓ ଶିକ୍ଷାଗତ ଅବସ୍ଥାନ ତାଙ୍କୁ ବହୁଦିନ ପର୍ଯ୍ୟନ୍ତ ଅନୁଗତ-ଶ୍ରେଣୀର ଅନ୍ତର୍ଭୁକ୍ତ କରିଥିଲା। ଗଙ୍ଗାଧରଙ୍କ ରଚନାବଳୀ ତାଙ୍କୁ ଯେଉଳି କ୍ରମଶଃ ଆଧୁନିକ ଶିଷ୍ଟମଣ୍ଡଳୀର ଅନ୍ତର୍ଭୁକ୍ତ କରିଛି, ଠିକ୍ ସେହିଭଳି ତାଙ୍କ ରଚନାବଳୀର ସମକାଳୀନ ମୂଲ୍ୟାୟନ ମଧ୍ୟ ବିବର୍ତ୍ତନ ପ୍ରକ୍ରିୟା ଭିତର ଦେଇ ଗତି କରିଛି। ଏହି ବିବର୍ତ୍ତନ ଫଳରେ ଗଙ୍ଗାଧରଙ୍କ ରଚନାବଳୀ ପ୍ରଥମେ ସାହିତ୍ୟ ଓ ପରେ ଭାବାଦର୍ଶଗତ ରାଷ୍ଟ୍ରୀୟ ଉପକରଣରେ ପରିଣତ ହୋଇଛି। ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭାର କ୍ରମବିକାଶ ସହ ତାଙ୍କ ସଂପର୍କିତ ଧାରଣାର ବିବର୍ତ୍ତନ ଘନିଷ୍ଠଭାବେ ଜଡ଼ିତ। ଗୋଟିକଠାରୁ ଅପରକୁ ପୃଥକ୍ କରିବା ଅସମ୍ଭବ। ଆଲୋଚିତ ଟୁକ୍-ଟିଭିଣଗୁଡ଼ିକ ସେଥିପାଇଁ ଗଙ୍ଗାଧରଙ୍କ କବି-ଆତ୍ମାର ସ୍ୱରୂପ ସଂଧାନ ପାଇଁ ଅତ୍ୟାବଶ୍ୟକୀୟ ଉପାଦାନ।

## ପ୍ରାନ୍ତଟୀକା

(୧) ଡକ୍ଟର ସାମନ୍ତରାୟ 'ମହିମା'ର ସମୀକ୍ଷା ସମ୍ବଲପୁର ହିତୈଷିଣୀର ତା ୧୮.୮.୯୭ରିଖ ସଂଖ୍ୟାରେ ପ୍ରକାଶିତ ହୋଇଥିବାର ଯେଉଁ ସୂଚନା ଦେଇଛନ୍ତି, ତାହା ଏକ ଭ୍ରାନ୍ତି। ସେହି ସଂଖ୍ୟା ହିତୈଷିଣୀ (୯।୧୨)ରେ 'ଉତ୍କଳ ସାହିତ୍ୟରେ ମହିମା' ଶୀର୍ଷକ ସମ୍ବାଦ ପ୍ରକାଶିତ। ଡକ୍ଟର୍ ସାମନ୍ତରାୟଙ୍କୁ ଅନୁସରଣ କରିଥିବାରୁ (ବିନା ସ୍ୱୀକୃତିରେ) ଡକ୍ଟର୍ ନତି ମଧ ଏହି ଭୁଲ ତଥ୍ୟକୁ ଦୋହରେଇଛନ୍ତି (ଗଙ୍ଗାଧର ଜୀବନୀ, ପୃ. ୨୧୩)। ମହିମାର ସମୀକ୍ଷା ସମ୍ବଲପୁର ହିତୈଷିଣୀର ୯।୨୯ (୧୫.୧୨.୧୮୯୭) ସଂଖ୍ୟାରେ ପ୍ରକାଶିତ।

(୨) 'କବିଲିପି'ରେ ଚଉଦ ସଂଖ୍ୟକ ପତ୍ର ଆକାରରେ ପ୍ରକାଶିତ ଇନ୍ଦୁମତୀ ସଂପର୍କରେ ରାଧାନାଥଙ୍କ ମନ୍ତବ୍ୟକୁ (ତା ୬.୧୨.୧୮୯୪ରିଖର) କେହି ବ୍ୟକ୍ତିଗତ ପତ୍ର ବୋଲି ମନେ କରିପାରନ୍ତି। କିନ୍ତୁ ତାହା ନୁହେଁ। ରାଧାନାଥ ସୂଚିତ ସଂକ୍ଷିପ୍ତ-ସମାଲୋଚନାର ଏହା ଏକ ପ୍ରତିଲିପି : '....ଅବକାଶ ମତେ ମୁଁ ଗୋଟିଏ

ସଂକ୍ଷିପ୍ତ ସମାଲୋଚନା ହିତୈଷିଣୀ ଅଫିସ୍‌କୁ ପଠାଇବି। (କବିଲିପି ପୃ. ୬୭) ଠିକ୍ ସେହିଭଳି ନନ୍ଦକିଶୋରଙ୍କ ପତ୍ରକୁ ବ୍ରଜମୋହନ (ଗଙ୍ଗାଧରଙ୍କ ବିନାସ୍ୱୀକୃତିରେ ?) ସମ୍ବଲପୁର ହିତୈଷିଣୀରେ ପ୍ରକାଶ କରିଥିଲେ।

(ଗ) ଡକ୍ଟର୍ ହେମନ୍ତ କୁମାର ଦାସ ମୌଳିକ ଉପାଦାନ ସଂପର୍କରେ ଆସିନଥିବାରୁ 'ଅର୍ଘ୍ୟଥାଳୀ'ର ପ୍ରକାଶକାଳ ୧୯୧୯ ଡିସେମ୍ବର/୧୯୨୦ର ପ୍ରଥମ ଭାଗ ବୋଲି କହିଛନ୍ତି : ''ଏହି ସବୁ ପ୍ରମାଣରୁ ଅନୁମାନ କରାଯାଇପାରେ ଯେ, ଅର୍ଘ୍ୟଥାଳୀ ୧୯୧୯ ଡିସେମ୍ବର କିମ୍ବା ୧୯୨୦ର ପ୍ରଥମ ଭାଗରେ ପ୍ରକାଶିତ (ଦାସ ୧୯୭୭, ପୃ. ୭୨) କିନ୍ତୁ ସେ ଉପସ୍ଥାପିତ କରିଥିବା ପ୍ରମାଣ ସବୁ ଯଥାଯଥ ନୁହେଁ। କାରଣ ୧୯ ୧୯ ମସିହା ନଭେମ୍ବର ଉତ୍କଳ ସାହିତ୍ୟରେ ଅର୍ଘ୍ୟଥାଳୀର 'ସମାଚ୍ୟ-ପ୍ରକାଶକ ସମ୍ବାଦ' ନୁହେଁ। ପ୍ରକାଶିତ ହୋଇଥିବାର ସମ୍ବାଦ ପ୍ରଚାରିତ। ସେହିଭଳି 'ଉଦ୍‌ବୋଧନ' କବିତା ୧୯୧୯ ଜୁନ୍ ନୁହେଁ। ୧୯୧୮ ଜୁନ୍ (ଉତ୍କଳ ସାହିତ୍ୟ ୨୨।୩, ପୃ. ୧୩୨) ରେ ପ୍ରକାଶିତ। ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ପୁସ୍ତକ-ସମୀକ୍ଷାର ସମୟ ୧୮.୧.୧୯୧୯ଖ୍ରୀ।

□ □ □

# ସମୀକ୍ଷା-ଦର୍ପଣରେ ଗଙ୍ଗାଧର : ସମାଲୋଚନାରେ କୃତ୍ରିମତା

## ॥ ଏକ ॥

ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ'ର ଦୁଇଟି ଅଂଶରେ ଗଙ୍ଗାଧରଙ୍କ ପ୍ରସଂଗ ଅବତାରଣା କରାଯାଇଛି। ଗୋଟିଏ ଅଂଶରେ ଗଙ୍ଗାଧରଙ୍କ ଅବସାନର ସୂଚନା ଦେଇ ଫକୀରମୋହନ ତାଙ୍କର ଢେର ଢେର କବିତା ପଢ଼ି ମୁଗ୍ଧ ହୋଇଥିବା କଥା କହିଲାବେଳେ ଅନ୍ୟତ୍ର ସେ କବି ଚିନ୍ତାମଣି ମହାନ୍ତିଙ୍କ ସହ ଗଙ୍ଗାଧରଙ୍କୁ ତୁଳନା କରିଛନ୍ତି। ଓଡ଼ିଶାର କବିମାନଙ୍କ ମଧ୍ୟରେ କବିତ୍ୱ ବିଚାରରେ ଉଭୟେ, ଗଙ୍ଗାଧର ଓ ଚିନ୍ତାମଣି, ସର୍ବାଗ୍ରେ ସ୍ଥାନ ପାଇବାର ଯୋଗ୍ୟ : 'ସତ କଥା ଉତ୍କଳରେ କବି ଅଛନ୍ତି ଢେର, ଆଗେ ଲେଖ ନାମ ଚିନ୍ତାମଣି ଓ ମେହେର।' ଗଙ୍ଗାଧରଙ୍କ ସଂପର୍କରେ ଫକୀରମୋହନଙ୍କ ଉପରୋକ୍ତ ଦୁଇ ମନ୍ତବ୍ୟ ଅସଂପୃକ୍ତ ଓ ପରସ୍ପର-ନିରପେକ୍ଷ। ଏହାର କାରଣ ହେଲା, ଉଭୟ ମତ ମଧ୍ୟରେ ସମୟର ବ୍ୟବଧାନ ଅଠର-ଊଣେଇଶ ବର୍ଷ। ଏହି ଅଠର-ଊଣେଇଶ ବର୍ଷ ମଧ୍ୟରେ ଗଙ୍ଗାଧର ଯେଉଁ ନୂଆ ପରିଚିତି ନେଇ ଫକୀରମୋହନଙ୍କ ସମ୍ମୁଖରେ ଛିଡ଼ା ହୋଇଛନ୍ତି ଓ ସଂପୃକ୍ତ ସମୟସୀମା ମଧ୍ୟରେ ଗଙ୍ଗାଧରଙ୍କ କାବ୍ୟାବଳୀର ପ୍ରକାଶ ଓ ଗଙ୍ଗାଧର-ଚର୍ଚ୍ଚା ଯେଉଁ ନୂତନ ଧାରଣା ସୃଷ୍ଟି କରିଛି; ଦ୍ୱିତୀୟ ଅଂଶର ମତାମତ ସେହି ବିକଶିତ ଧାରଣାର ପ୍ରତିଧ୍ୱନି। ଗଙ୍ଗାଧରଙ୍କ ସଂପର୍କରେ ଏହି ଧାରଣାର ବିବର୍ତ୍ତନ ତାଙ୍କ ଜୀବନ-କାଳରେ କେତେକାଂଶରେ ଥିଲା ମନ୍ଥର — ତାଙ୍କ ମୃତ୍ୟୁର କିଛିବର୍ଷ ପରେ ତାହା କ୍ଷିପ୍ରଭାବେ ଉଦ୍‌ବର୍ତ୍ତିତ ହୋଇଛି। ଏଭଳି ରୂପାନ୍ତର/ଉଦ୍‌ବର୍ତ୍ତନ ପାଇଁ ଗଙ୍ଗାଧର ସାହିତ୍ୟ-ଚର୍ଚ୍ଚା ମୁଖ୍ୟ ପ୍ରଯୋଜକର ଭୂମିକା ଗ୍ରହଣ କରିଛି।

ଗଙ୍ଗାଧରଙ୍କ ମହାପ୍ରୟାଣ ପର୍ଯ୍ୟନ୍ତ ଗଙ୍ଗାଧରଙ୍କ କବିତା ଓ କାବ୍ୟାବଳୀ ସଂପର୍କରେ ଯେଉଁସବୁ ଆଲୋଚନା ପ୍ରକାଶିତ, ତାହାର ବିବରଣୀ ପୂର୍ବ ଅଧ୍ୟାୟରେ ପ୍ରଦତ୍ତ। କେଉଁ ପରିପ୍ରେକ୍ଷୀରେ ଗଙ୍ଗାଧରଙ୍କ କାବ୍ୟାବଳୀ ତାଙ୍କ ଜୀବଦ୍ଦଶାରେ ବିଶଦ ଭାବେ ଆଲୋଚିତ ହୋଇ ପାରିନାହିଁ, ତାହା ମଧ୍ୟ ପୂର୍ବ ଅଧ୍ୟାୟରେ ସୂଚିତ। ପଶ୍ଚିମ ଓଡ଼ିଶାର ଶ୍ରେଷ୍ଠ କବି ଭାବରେ ସେ ସମ୍ବଲପୁର ଅଞ୍ଚଳର ସାହିତ୍ୟ-ପ୍ରେମୀମାନଙ୍କଦ୍ୱାରା ଗୃହୀତ ହେଲାବେଳେ ସମକାଳୀନ କବିମାନଙ୍କ ମଧ୍ୟରେ ତାଙ୍କର ସ୍ଥାନ ନିରୂପିତ ହୋଇପାରିନାହିଁ। ପଣ୍ଡିତ କୃଷ୍ଣମଣି ଦାଶ ତାଙ୍କର ସ୍ଥାନ ରାଧାନାଥ ଓ ମଧୁସୂଦନଙ୍କ

ପରେ ନିରୂପଣ କରାଯିବାବେଳେ ପଶ୍ଚିମ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ପ୍ରତି ବିଶେଷ ଦରଦ ଥିବା ବିଜୟଚନ୍ଦ୍ର ମଜୁମଦାର, ତାଙ୍କ Typical selections from Oriya Literature ଗ୍ରନ୍ଥର ତୃତୀୟ ଖଣ୍ଡର ଭୂମିକାରେ ଗଙ୍ଗାଧରଙ୍କ ନାମୋଲ୍ଲେଖ ମଧ୍ୟ କରିନାହାନ୍ତି । ରାଧାନାଥ-ମଧୁସୂଦନ-ଫକୀରମୋହନଙ୍କ ପରବର୍ତ୍ତୀ କାଳରେ ପ୍ରମୁଖ କବି ଭାବରେ କେବଳ ସେ ନନ୍ଦକିଶୋରଙ୍କ ନାମୋଲ୍ଲେଖ କରିଛନ୍ତି । (Mazumdar 1925 P.XXIV) ଦେବଗଡ଼ର ସ୍ୱର୍ଗତ ବୃନ୍ଦାବନ ନାଥଶର୍ମା ୧୯୨୭ ମସିହାରେ ଲେଖିଥିବା "ଓଡ଼ିଆର ସାହିତ୍ୟ ସାଧନା" ପ୍ରବନ୍ଧରେ ରାଧାନାଥଙ୍କ ଉପରେ ବିସ୍ତୃତଭାବେ ଓ ମଧୁସୂଦନ ତଥା ଫକୀରମୋହନଙ୍କ କାବ୍ୟକୃତି ସମ୍ବନ୍ଧରେ ସାଧାରଣ ସୂଚନା ଦେଲାପରେ ଗଙ୍ଗାଧରଙ୍କ ସଂପର୍କରେ ଲେଖିଛନ୍ତି : "କବି ଗଙ୍ଗାଧର ଏ ସମୟରେ ଯେଉଁ ସୁଲଳିତ କାବ୍ୟକବିତା ଓଡ଼ିଆଙ୍କୁ ଉପହାର ଦେଇଅଛନ୍ତି, ତାହା ଅତୀବ ହୃଦୟଗ୍ରାହୀ" (ନାଥଶର୍ମା ୧୯୨୭ ପୃ. ୧୭) ଗଙ୍ଗାଧରଙ୍କ ମୃତ୍ୟୁର ଅବ୍ୟବହିତ ପରେ ଲିଖିତ ପଣ୍ଡିତ ରାଘବ ମିଶ୍ରଙ୍କ 'ମେହେର କବି' ପୁସ୍ତିକାରେ ଗଙ୍ଗାଧରଙ୍କ କବିତ୍ୱ ଓ କାବ୍ୟାବଳୀ ସଂପର୍କରେ ଅପେକ୍ଷାକୃତ ଦୀର୍ଘ ଆଲୋଚନା ଥିଲେହେଁ, ତାହା ଐତିହାସିକ ମୂଲ୍ୟାୟନ ଓ କାବ୍ୟମୂଲ୍ୟାବଧାରଣାରୁ ବଂଚିତ । ବୋଧହୁଏ, ସେଥିପାଇଁ ପଣ୍ଡିତ ମିଶ୍ର କୈଫତ୍ ଦେଇ ଲେଖିଛନ୍ତି : "ଗଙ୍ଗାଧରଙ୍କ କବିତ୍ୱର କତିପୟ ଉତ୍କୃଷ୍ଟ ଲକ୍ଷଣ ଦୃଷ୍ଟାନ୍ତ ସହିତ ନିମ୍ନରେ ବିବୃତ ହେଲା । କେହି ଏହାକୁ ସମାଲୋଚନା ମନେ କରିବେ ନାହିଁ । (ମେହେର କବି, ପୃ. ୪୫) ତା ବୋଲି ପଣ୍ଡିତ ମିଶ୍ରେ ଯେ ତାଙ୍କର କାବ୍ୟ-ଧାରଣା ଭିତ୍ତିରେ ଗଙ୍ଗାଧର ସାହିତ୍ୟର ଆଲୋଚନା କରିବାର ଚେଷ୍ଟା କରିନାହାନ୍ତି, ତା' ନୁହେଁ । କିନ୍ତୁ କାବ୍ୟ-ଧାରଣା ଓ କାବ୍ୟ-ବିଶ୍ଳେଷଣ ଅସଂପୃକ୍ତ ହୋଇପଡ଼ିବା ଫଳରେ ତାହା ପାଠକମାନଙ୍କ ଉପରେ ପ୍ରଭାବ ସୃଷ୍ଟି କରିବାରେ ଅସମର୍ଥ । ଉଦାହରଣ ସ୍ୱରୂପ, 'ଭକ୍ତି' କବିତାରୁ ଏକ ଦୀର୍ଘ ଉଦ୍ଧୃତି ଦେଇସାରିଲା ପରେ ପଣ୍ଡିତ ମିଶ୍ର ଲେଖିଛନ୍ତି : "ରସାତ୍ମକ ବାକ୍ୟ ହିଁ କାବ୍ୟ । ଯାହା ଲଳିତ ଓ ଭାବଦ୍ୟୋତକ ତାହାକୁ ରସ ବୋଲାଯାଏ । କାବ୍ୟର ଉତ୍କର୍ଷ ରସର ସାର୍ବଜନୀନତ୍ୱ ଉପରେ ନିର୍ଭର କରେ । ଏହି କବିତାରେ କିପରି ଲୋକୋପଯୋଗୀ ସାର୍ବଜନୀନ ରସ ବିଦ୍ୟମାନ ପାଠକେ ଭାବି ଦେଖନ୍ତୁ । ଏହା ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିୟାନ୍ ସମସ୍ତଙ୍କ ପ୍ରାଣସ୍ପର୍ଶୀ ଭାବ ଓ ଭାଷାରେ ଲିଖିତ । ଏହି କବିତାର ପ୍ରାଣଦ୍ୟୋତକ ତାନ ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ସମଗ୍ର ଉତ୍କଳକୁ ଝଙ୍କାରିତ କରୁଅଛି । ଶୁଣାଯାଏ ବର୍ତ୍ତମାନ ଏହାର ଝଙ୍କାର ଉତ୍କଳର ସୀମା ଲଂଘନ କରି ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶକୁ ପ୍ରବେଶ କରିଅଛି ।" (ପୃ. ୪୬-୪୭) ଉଦ୍ଧୃତାଂଶରେ ମିଶ୍ର ମହାଶୟ ବିଶ୍ୱନାଥ କବିରାଜଙ୍କ ଦ୍ୱାରାକୃତ କାବ୍ୟସଂଜ୍ଞାକୁ ଦୋହରାଇଲା ପରେ ରସର ଲକ୍ଷଣ ଦେଇଛନ୍ତି । ସେହି ରସ ଲକ୍ଷଣକୁ ଆଧାର କରି 'ଭକ୍ତି'ର ବିଚାର କରିବା ପରିବର୍ତ୍ତେ, ତାହାର ଭାର ପାଠକମାନଙ୍କ ଉପରେ ନ୍ୟସ୍ତ କରି 'ଭକ୍ତି' କବିତାର ସାର୍ବଜନୀନ-ଆବେଦନ

ଓ ଲୋକପ୍ରିୟତା ପ୍ରସଂଗକୁ ଆସିଛନ୍ତି। ଠିକ୍ ସେହିଭଳି କୌଣସି ତୁଳନାତ୍ମକ-ଆଲୋଚନା ଭିତରକୁ ନ ପଶି 'ଜୀବନରଥ'ର ପ୍ରଭାତ ବର୍ଣ୍ଣନାକୁ ପୂର୍ଣ୍ଣାଙ୍ଗ ଉପମାଳଙ୍କାରର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ଭାବରେ ଗ୍ରହଣ କରିଛନ୍ତି : "ଏପରି ପୂର୍ଣ୍ଣାଙ୍ଗ ଉପମାଳଙ୍କାର ଆଧୁନିକ ଓଡ଼ିଆ, ହିନ୍ଦୀ, ବଙ୍ଗଳା କବିତାରେ ବଡ଼ ବିରଳ ଦେଖାଯାଏ।" (ପୃ. ୪୭) 'ମେହେର କବି' ପୁସ୍ତକରେ ଗଙ୍ଗାଧରଙ୍କ କାବ୍ୟ କବିତାରେ ପ୍ରକାଶିତ ଚମତ୍କାରୀ ଉପମା, ଭାବନାର ଉତ୍କର୍ଷ, ଚିନ୍ତାଶୀଳତା, ମହୀୟସୀ କଳ୍ପନା, ପ୍ରସାଦ ମାଧୁର୍ଯ୍ୟଗୁଣ, ଲଳିତ ତାନ, ଉଜ୍ଜଳ ଦୃଷ୍ଟିଶକ୍ତିର କେତୋଟି ଦୃଷ୍ଟାନ୍ତ ଉପସ୍ଥାପିତ ହୋଇପାରେ; ଉପଧା ପ୍ରୟୋଗରେ ଗଙ୍ଗାଧରଙ୍କ କୃତିତ୍ୱ ପ୍ରଦର୍ଶନ କରାଯାଇଛି। ପ୍ରକୃତି ଓ ମାନବ ଚରିତ୍ର ଚିତ୍ରଣରେ ଗଙ୍ଗାଧରଙ୍କ କୃତିତ୍ୱ ପ୍ରସଂଗ ମଧ୍ୟ ପଣ୍ଡିତ ମିଶ୍ର ଅବତାରଣା କରିଛି। ଶେଷରେ ଲଳିତ ଓ ସାର୍ଥକ ଶବ୍ଦ-ଯୋଜନାରେ ଗଙ୍ଗାଧରଙ୍କ ବିଶିଷ୍ଟତା ପ୍ରଦର୍ଶନ କଲାପରେ ମିଶ୍ର ମହାଶୟ ତପସ୍ୱିନୀ କାବ୍ୟ ପ୍ରସଂଗକୁ ଆସିଛନ୍ତି : "ଅନେକ ତପସ୍ୱିନୀକୁ ଅପୂର୍ଣ୍ଣାଙ୍ଗ ମନେକରନ୍ତି ସତ୍ୟ, କିନ୍ତୁ ଏଥିରେ କବିଙ୍କର କିଛି ଉଦ୍ଦେଶ୍ୟ ଅଛି। କାବ୍ୟଟି କରୁଣରସ ପ୍ରଧାନ। ଆଦ୍ୟରୁ ଏଥିରେ ସୀତାଙ୍କର ଜୀବନ ଶୋକାକୁଳ ହୋଇଅଛି। କାବ୍ୟଟିରେ ଅବଶିଷ୍ଟ ଅଂଶ ଦିଆଯାଇଥିଲେ ତାଙ୍କର ସେହି ଶୋକ ନିବୃତ୍ତ ନହୋଇ ବରଂ ଅସହ୍ୟ ହୋଇ ପଡ଼ିଥାନ୍ତା। କବି ସାଧ୍ୱୀର ପରିଣାମ ଏପରି ହାହାକାରମୟ ଦେଖିବାକୁ ଲେଖନୀ ଚାଳନା କରି ପାରିଲେ ନାହିଁ। ସୁତରାଂ ସେ ସତୀ ସୀତାଙ୍କୁ ସ୍ୱପ୍ନରେ ହେଲେ ଥରେ ସୁଖର ଆଶା ଦେଇ ତାଙ୍କୁ ସାନ୍ତ୍ୱନା ଦେବା ସଙ୍ଗେ ସଙ୍ଗେ ନିଜେ ଶାନ୍ତି ଉପଭୋଗ କରି କାବ୍ୟଟି ଶେଷ କରିଅଛନ୍ତି।" (ମେହେର କବି, ପୃ. ୭୦) ଆଉ ପଣ୍ଡିତ ମିଶ୍ର ଗଙ୍ଗାଧରଙ୍କ କାବ୍ୟକବିତାର ଏକ କ୍ଷିପ୍ର ପରିକ୍ରମା କରି ଆପଣା କର୍ତ୍ତବ୍ୟ ସଂପାଦନ କରିଅଛନ୍ତି। ଗଙ୍ଗାଧରଙ୍କ କବିତ୍ୱ ଓ ବ୍ୟକ୍ତିତ୍ୱ ସଂପର୍କରେ ପଣ୍ଡିତ ମିଶ୍ରଙ୍କର ଥିବା ମୁଗ୍ଧଭାବ 'ମେହେର କବି'ର କେନ୍ଦ୍ରସ୍ଥାନ ମାଡ଼ି ବସିଥିବାରୁ ଗଙ୍ଗାଧରଙ୍କ କାବ୍ୟକବିତାର ଦୀର୍ଘ ଉଦ୍ଧୃତି ସହ ପ୍ରଶଂସାପୂର୍ଣ୍ଣ ମନ୍ତବ୍ୟରେ ପୁସ୍ତକଟି ଭାରାକ୍ରାନ୍ତ। ରାଧାନାଥଙ୍କ କାବ୍ୟାଦର୍ଶକୁ ନେଇ ରାଧାନାଥଙ୍କ ଜୀବଦ୍ଦଶାରେ ଯେଉଁ ପ୍ରାଣପୂର୍ଣ୍ଣ (ବେଳେବେଳେ ଅନାବଶ୍ୟକ) ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା—ବହୁଦିନ ପର୍ଯ୍ୟନ୍ତ ଗଙ୍ଗାଧରଙ୍କ କାବ୍ୟ-କବିତା ସେହିଭଳି ମୂଲ୍ୟାୟନ, ପ୍ରତି-ମୂଲ୍ୟାୟନରୁ ବଂଚିତ ହୋଇଛି। ଫଳରେ ଗଙ୍ଗାଧରଙ୍କ କାବ୍ୟ-କବିତା ନେଇ ହୋଇଥିବା ଆଲୋଚନାସବୁ ଅନେକାଂଶରେ ବର୍ଣ୍ଣନାତ୍ମକ ଓ ପରିଚୟମୂଳକ। ତୁଳନାତ୍ମକ, ଐତିହାସିକ ବା ଉଦ୍ଭାବନାତ୍ମକ ଆଲୋଚନାର ତାହା ଆଧାର ହୋଇନାହିଁ।

## ॥ ଦୁଇ ॥

୧୯୩୩ ମସିହାରେ ପ୍ରକାଶିତ କବି ଚମରୁଧର ପରିଡ଼ାଙ୍କ 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧ ଏହି ଦୃଷ୍ଟିରୁ ଏକ ବ୍ୟତିକ୍ରମ। 'ତପସ୍ୱିନୀ' ଗଙ୍ଗାଧରଙ୍କର ସର୍ବପ୍ରଧାନ କାବ୍ୟ ହେଲେ ମଧ୍ୟ ଏହା ବହୁଦିନ ପର୍ଯ୍ୟନ୍ତ ଯଥାଯୋଗ୍ୟ ସମ୍ମାନ ପାଇପାରିନଥିଲା।

ଦକ୍ଷିଣାଚରଣ ରଥ, କୁଳମଣି ଦାଶ ଓ ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖ 'ଇନ୍ଦୁମତୀ' ଓ 'କୀଚକବଧ'କୁ ତାଙ୍କର ଶ୍ରେଷ୍ଠ କାବ୍ୟକୃତି ଭାବରେ ଗ୍ରହଣ କରିଥିଲେ। କବି ପରିଡ଼ା ଏକ ଦୀର୍ଘ ପ୍ରବନ୍ଧ ଲେଖି ପ୍ରଥମ ଥର ପାଇଁ ତପସ୍ୱିନୀ ଉପରେ ବିଧିବଦ୍ଧ ଆଲୋଚନାର ସୂତ୍ରପାତ କଲେ। ଦ୍ୱିତୀୟତଃ, ପରିଡ଼ାଙ୍କ ପ୍ରବନ୍ଧର ପ୍ରକାଶ ପର୍ଯ୍ୟନ୍ତ ଗଙ୍ଗାଧରଙ୍କ କାବ୍ୟକବିତାର ମୂଲ୍ୟାୟନ ପୁସ୍ତକ-ସମୀକ୍ଷା ବା ପ୍ରାସଙ୍ଗିକ ମନ୍ତବ୍ୟ ମଧ୍ୟରେ ସୀମାବଦ୍ଧ ଥିଲା। ଗଙ୍ଗାଧରଙ୍କ ମୃତ୍ୟୁପରେ ଯେଉଁ ଦୁଇଟି ପ୍ରବନ୍ଧ ପ୍ରକାଶିତ ହୋଇଥିଲା, ତାହାଥିଲା ଜୀବନୀମୂଳକ। ସେହି ଦୃଷ୍ଟିରୁ ଦେଖିଲେ, 'ତପସ୍ୱିନୀ ଓ ପ୍ରକୃତି' (ସହକାର ୧୪/୭) ଗଙ୍ଗାଧରଙ୍କ କୃତି ସଂପର୍କରେ ପ୍ରଥମ ବିଧିବଦ୍ଧ ସମୀକ୍ଷାତ୍ମକ ପ୍ରବନ୍ଧ।

'ତପସ୍ୱିନୀ ଓ ପ୍ରକୃତି' ଆଲୋଚନାଟି ଏକ ନିର୍ଦ୍ଦିଷ୍ଟ ବିଷୟକୁ ଆଧାର କରିଥିଲେହେଁ, ତପସ୍ୱିନୀରେ ଚିତ୍ରିତ ପ୍ରକୃତିର ଆଲୋଚନା ଏହାର ବିଷୟ ହେଲେ ମଧ୍ୟ ପ୍ରାବନ୍ଧିକ ପରିଡ଼ା ଆଲୋଚନାକୁ ଏକମୁଖୀ କରିବାପାଇଁ ଆଦୌ ଚେଷ୍ଟା କରିନାହାନ୍ତି। ପ୍ରଥମ ଦୀର୍ଘ ଅନୁଚ୍ଛେଦଟି ପରେ 'ତପସ୍ୱିନୀ' କାବ୍ୟର ନାମକରଣ ସତ ତାତ୍ପର୍ଯ୍ୟ ଆଲୋଚନା କରି ସେ ଲେଖିଛନ୍ତି— "କବିଙ୍କ କାବ୍ୟର ନାମ 'ତପସ୍ୱିନୀ' ଏବଂ ଏହି ତପସ୍ୱିନୀ ନାୟିକାର ନାମାନୁସାରେ କାବ୍ୟର ନାମକରଣ। ତେବେ କବିଙ୍କର ଏଇ 'ତପସ୍ୱିନୀ' କିଏ? କାହିଁକି ବା ସେ ତପସ୍ୱିନୀ? ସମସ୍ତେ ଜାଣନ୍ତି ଏ ତପସ୍ୱିନୀ କୌଣସି ଋଷିକନ୍ୟା, ଋଷିବଧୂ ବା ଋଷି-ପତ୍ନୀ ନୁହନ୍ତି। ସ୍ୱର୍ଗଲାଭ ବା ମୁକ୍ତିକାମନା ଏ ତପସ୍ୱିନୀଙ୍କର ଲକ୍ଷ୍ୟ ନୁହେଁ। ଏ ତପସ୍ୱିନୀ ରାଜକନ୍ୟା, ରାଜବଧୂ, ରାଜରାଣୀ। ଜୀବନର ସମସ୍ତ ସୁଖ ସମ୍ଭୋଗରେ ଜଳାଞ୍ଜଳି ଦେଇ ଅରଣ୍ୟର ଋଷିକୁଟୀରରେ ବଲ୍କଳ ପରିଧାନ ଓ ଫଳମୂଳ ଭକ୍ଷଣ କରି ନିଜର ରାଜସ୍ୱାମୀଙ୍କର ମଧୁମୟ ପ୍ରେମସ୍ମୃତିର ଆରାଧନା ଏହାଙ୍କର ତପସ୍ୟା ଓ ଲକ୍ଷ୍ୟ ଏବଂ ଏହାହିଁ କାବ୍ୟର ବର୍ଣ୍ଣିତ ବିଷୟ।" (ପରିଡ଼ା ୧୯୩୩ ପୃ. ୫୮୬) ଏହାପରେ ଶ୍ରୀ ପରିଡ଼ା ତପସ୍ୱିନୀ ବିଷୟବସ୍ତୁର ଏକ ସରଳୀକୃତ ଓ ଫେନାୟିତ ବର୍ଣ୍ଣନା ଉପସ୍ଥାପନ କରିଛନ୍ତି। ତପସ୍ୱିନୀର ବିଷୟ ବର୍ଣ୍ଣନାରେ ପ୍ରକୃତି ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଗଙ୍ଗାଧରଙ୍କ ପ୍ରକୃତି ବର୍ଣ୍ଣନା ଓ କାବ୍ୟରେ ପ୍ରକୃତିର ବିଶିଷ୍ଟତା ପ୍ରସଙ୍ଗ ଅବତାରଣା କରାଯାଇଛି: "ନିୟତିର କ୍ରୁର ଶାସନରୁ ସତୀଙ୍କର ଏ ଦଶା ମାନବଚକ୍ଷୁର ଅଗୋଚର ହେଲେ ମଧ୍ୟ ପ୍ରକୃତିର ଚକ୍ଷୁକୁ ଏଡ଼ାଇ ପାରିଲା ନାହିଁ। ପତିବ୍ରତା ନାରୀ ପ୍ରତି ନିୟତିର ଏହି ଅନ୍ୟାୟ ଆଚରଣ ଓ ତାର ଏହି ଦୁଃସହ ଦଶା ଦେଖି ପ୍ରକୃତିର ପ୍ରାଣ ସମବେଦନାରେ ବିଚଳିତ ହେଲା। କନ୍ୟାର ଦୁଃଖରେ ଦୁଃଖିନୀ ଜନନୀ ପରି ସମସ୍ତ ବନସ୍ଥଳୀ କ୍ରନ୍ଦନ କରିବାକୁ ଲାଗିଲା ... କେବଳ ଏତିକି ନୁହେଁ— କେବଳ ଅଶ୍ରୁପାତ କରି ନିଜର ସମବେଦନା ଜଣାଇ ସେ ସନ୍ତୁଷ୍ଟ ରହିଲା ନାହିଁ— ପ୍ରଗାଢ଼ ସହାନୁଭୂତି ସହକାରେ ଏହି ଘୋର ଅନ୍ୟାୟର ପ୍ରତିଶୋଧ ନେବାପାଇଁ ନିୟତିର ବିରୁଦ୍ଧରେ

ପ୍ରକୃତି ସମରସଜ୍ଜା କରିବାକୁ ଲାଗିଲା, ... ନିୟତି ସହିତ ପ୍ରକୃତିର ଏହି ଯୁଦ୍ଧ ବର୍ଣ୍ଣନା କବିଙ୍କ କଳ୍ପନାଚାତୁରୀର ଏକ ମନୋହର ନିଦର୍ଶନ।'' (ଏଜ୍ଞ, ପୃ. ୫୮୭-୮୮) ସମଗ୍ର ପ୍ରବନ୍ଧରେ ଗଙ୍ଗାଧରଙ୍କ ପ୍ରକୃତି-ପ୍ରୀତି ଓ ପ୍ରକୃତି-ଚିତ୍ରଣ-ରୀତି ସଂପର୍କରେ କିନ୍ତୁ ଏଭଳି ଆଲୋଚନା ବହୁତ କମ୍ ରହିଛି। ସେଥିପାଇଁ 'ତପସ୍ୱିନୀ ଓ ପ୍ରକୃତି'କୁ ଆଦର୍ଶ ସାହିତ୍ୟ-ସମାଲୋଚନା-ମୂଳକ ପ୍ରବନ୍ଧ କୁହାଯାଇ ପାରିବନାହିଁ। ଏକ ନିର୍ଦ୍ଦିଷ୍ଟ ବିଷୟକୁ ଆଧାର କରି ପ୍ରବନ୍ଧଟି ଆରମ୍ଭ ହୋଇଥିଲାବେଳେ, ପ୍ରବନ୍ଧର କଳେବର ମଧ୍ୟରେ ସେହି ବିଷୟ ଗୁରୁତ୍ୱ ପାଇନାହିଁ। 'ତପସ୍ୱିନୀ ଓ ପ୍ରକୃତି' ହୋଇଛି ତପସ୍ୱିନୀ କାବ୍ୟଗତ ବିଷୟବସ୍ତୁର ଏକ ସରଳୀକୃତ ଉପସ୍ଥାପନା।

ସମୀକ୍ଷାତ୍ମକ ପ୍ରବନ୍ଧ ଭାବରେ ବିଫଳ ହେଲେ ମଧ୍ୟ ପ୍ରବନ୍ଧର ଉପକ୍ରମଣିକାରେ ପ୍ରାବନ୍ଧିକ ପରିଡ଼ା ଯେଉଁ କେତେକ ସମସ୍ୟା ଉପସ୍ଥାପନ କରିଛନ୍ତି ଓ ଗଙ୍ଗାଧରଙ୍କ ସଂପର୍କରେ ଯେଉଁ କେତେକ ମନ୍ତବ୍ୟ ଦେଇଛନ୍ତି, ତାହା ବିପ୍ଳବାତ୍ମକ। ଗଙ୍ଗାଧରଙ୍କ ସହ ତାଙ୍କର ପୂର୍ବବର୍ତ୍ତୀ ଓ ସମସାମୟିକ କବିମାନଙ୍କ ପ୍ରତିଭାର ଏକ ତୁଳନା କରି ସେ ମନ୍ତବ୍ୟ ଦେଇଛନ୍ତି: "ଉତ୍କଳ ସାହିତ୍ୟର ମଧ୍ୟଯୁଗରେ କେବଳ ରାଧାନାଥଙ୍କୁ ଛାଡ଼ିଦେଲେ ସେ [ଗଙ୍ଗାଧର] ନିଃସନ୍ଦେହ ଭାବରେ ଶ୍ରେଷ୍ଠସ୍ଥାନ ଅଧିକାର କରିବେ। କେହି କେହି ରାଧାନାଥଙ୍କ ପରେ ମଧୁସୂଦନଙ୍କ ନାମ ଉଲ୍ଲେଖ କରିଥାନ୍ତି। ଭକ୍ତକବି ମଧୁସୂଦନ ନିଜର ଆଧ୍ୟାତ୍ମିକ ଓ ନୀତିମୂଳକ କବିତାଯୋଗୁଁ ଆମମାନଙ୍କର ପୂଜନୀୟ ଶିକ୍ଷକ ହୋଇପାରନ୍ତି, କିନ୍ତୁ କବିସୁଲଭ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ଓ ମୁକ୍ତ କଳ୍ପନା-ଚାତୁରୀ ନେଇ ବିଚାର କଲେ ଗଙ୍ଗାଧର ତାଙ୍କ ଅପେକ୍ଷା ଉଚ୍ଚତର ଆସନ ପାଇବେ। ସ୍ୱଳ୍ପଶିକ୍ଷା ଓ ବହୁବିଧ ଅଭାବ ଅସୁବିଧା ମଧ୍ୟରେ କେବଳ ଜନ୍ମଗତ ପ୍ରତିଭା ଓ ଏକାନ୍ତ ସାହିତ୍ୟନିଷ୍ଠା ବଳରେ ସେ ଯାହା କରିଗଲେ ସେଥିରେ ରାଧାନାଥଙ୍କର ଉନ୍ନତ ମସ୍ତକ ମଧ୍ୟ ନଇଁ ପଡ଼ିବାର କଥା'' (ପୃ. ୫୮୫) ଏହି କ୍ରମରେ ରାଧାନାଥ ଉଚ୍ଚଶିକ୍ଷାରେ ଶିକ୍ଷିତ ଓ ନାନା ଭାଷାରେ ବିଶାରଦ ଥିବା ବିଷୟ ସେ ଉପସ୍ଥାପନ କରିଛନ୍ତି। ଊନବିଂଶ ଶତକର ଶେଷ ପର୍ଯ୍ୟାୟ ଓ ବିଂଶ ଶତକର ଆଦ୍ୟଦଶକ ଗୁଡ଼ିକରେ ଗଢ଼ିଉଠିଥିବା ତଥାକଥିତ ଆଧୁନିକ କାବ୍ୟଧାରାରେ ଗଙ୍ଗାଧରଙ୍କ ସ୍ଥାନ ନିରୂପଣ କ୍ଷେତ୍ରରେ ଏଭଳି ସ୍ପଷ୍ଟ ଉଚ୍ଚାରଣ ପୂର୍ବରୁ କେବେ ଶୁଣାଯାଇ ନଥିଲା। ସମକାଳୀନ କବିମାନଙ୍କ ମଧ୍ୟରେ ସିଦ୍ଧି ଦୃଷ୍ଟିରୁ ଗଙ୍ଗାଧରଙ୍କ ସ୍ଥାନ ରାଧାନାଥଙ୍କ ପଛରେ କହିସାରିବା ପରେ, ମୌଳିକ ପ୍ରତିଭା ବିଚାରରେ ଗଙ୍ଗାଧରଙ୍କ ସ୍ଥାନ ଯେ ସର୍ବାଗ୍ରେ— ଏହାହିଁ ପରିଡ଼ା ମହାଶୟଙ୍କର ବକ୍ତବ୍ୟ। ରାଧାନାଥଙ୍କ ଶିକ୍ଷା ଓ ସୁଯୋଗ ବିଷୟ ସେଥିପାଇଁ ସେ ଉପସ୍ଥାପନ କରିଛନ୍ତି। ପୂର୍ବରୁ ଗଙ୍ଗାଧରଙ୍କ ସ୍ଥାନ କୁଣ୍ଠିତ ଭାବରେ ରାଧାନାଥ ଓ ମଧୁସୂଦନଙ୍କ ତଳେ ନିରୂପିତ କରାଉଥିଲାବେଳେ ବସ୍ତୁତଃ ରାଧାନାଥ, ମଧୁସୂଦନ, ଫକୀରମୋହନ, ନନ୍ଦକିଶୋର ପ୍ରମୁଖଙ୍କ କବିତାସବୁକୁ ତାଙ୍କ କବିତା ଅପେକ୍ଷା ଉଚ୍ଚସ୍ଥାନ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟରେ ଚିନ୍ତାମଣି

ମହାକବିଙ୍କ ସହ ତାଙ୍କୁ ସମତୁଲ କରାଯାଇଛି। ଗଙ୍ଗାଧର ମୃତ୍ୟୁବେଳକୁ ସାମୟିକ ପତ୍ରରେ ତାଙ୍କଠାରୁ ଆଗ୍ରାଧିକାର ପାଇଥିବା ବହୁ କବିଙ୍କ ଅପେକ୍ଷା ଅଧିକ ପ୍ରତିଭାବାନ୍ ବୋଲି ସ୍ୱୀକୃତ ହୋଇଥିଲେ। ସେହି ସ୍ୱୀକୃତି ପଶ୍ଚାତ୍‌ରେ ଅଧିକ ଭାବରେ ଥିଲା କରୁଣା ଓ ଆଞ୍ଚଳିକ ସ୍ୱୀକୃତି। ଡମରୁଧର ପରିଡ଼ା ହିଁ ପ୍ରଥମ ଆଲୋଚକ ଯେ ଗଙ୍ଗାଧରଙ୍କ କବିତାର କାବ୍ୟ-ମୂଲ୍ୟ ତାଙ୍କର ସମକାଳୀନମାନଙ୍କର କବିତା ଠାରୁ (ରାଧାନାଥଙ୍କ ବ୍ୟତୀତ) ଅଧିକ ବୋଲି ଦୃଢ଼ ଗଳାରେ କହିଛନ୍ତି। ପରିଡ଼ାଙ୍କ ଆଉ ଗୋଟିଏ ନିର୍ଣ୍ଣୟ ହେଲା : "ରାଧାନାଥ ଅନ୍ୟାନ୍ୟ ବିଷୟରେ ଗଙ୍ଗାଧରଙ୍କ ଅପେକ୍ଷା ଶ୍ରେଷ୍ଠ ହେଲେ ମଧ୍ୟ ପ୍ରକୃତି-ଚିତ୍ରଣରେ ନୁହନ୍ତି। ହୁଏତ ଉଭୟ କବି ଭିନ୍ନ ଦୃଷ୍ଟି ଓ ଭିନ୍ନ ଭାବରେ ପ୍ରକୃତିକୁ ଦେଖିଛନ୍ତି। ରାଧାନାଥ ଦୂରରେ ରହି ଉପଷ ଭାବୁକ ପରି ପ୍ରକୃତିର ମନୋହର ବେଶରେ ମୁଗ୍ଧ ହୋଇଅଛନ୍ତି। ପ୍ରକୃତିର ନଦନଦୀ, ବନପର୍ବତ, ପଶୁପକ୍ଷୀ, ବୃକ୍ଷଲତା, ବର୍ଷାର ଉଜ୍ଜ୍ୱଳକୃଷ୍ଣ ମେଘାଡ଼ମ୍ବର, ଶରତର ଜ୍ୟୋତ୍ସ୍ନା, ବସନ୍ତର ମଳୟ ରାଧାନାଥଙ୍କ ପ୍ରାଣରେ ଅସୀମ ଆନନ୍ଦ ଢାଳି ଦେଇଛନ୍ତି। ତେଣୁ ସେ ସୁଦକ୍ଷ ଚିତ୍ରକର ପରି ପ୍ରକୃତିର ଅବିକଳ ଚିତ୍ର ଉଠାଇ ପାରିଛନ୍ତି। ଗଙ୍ଗାଧର ତାଙ୍କ ପରି ପ୍ରକୃତିର ଆନନ୍ଦରେ କେବେ ଆତ୍ମହରା ହୋଇନାହାନ୍ତି କିମ୍ବା ବିଲକ୍ଷଣ ଚିତ୍ର ଦେଇ ନାହାନ୍ତି ସତ; ତେବେ ସେ ଯେଉଁ ଦୃଷ୍ଟିରେ ପ୍ରକୃତିକୁ ଦେଖିଅଛନ୍ତି, ରାଧାନାଥଙ୍କର ସେ ଦିବ୍ୟଚକ୍ଷୁ ନ ଥିଲା। ଇଂରେଜ କବି ୱାର୍ଡସ୍‌ୱାର୍ଥ ପ୍ରକୃତି ମଧ୍ୟରେ ଯେଉଁ ଜୀବନୀ ଶକ୍ତିର ସନ୍ଧାନ ପାଇଥିଲେ, ପ୍ରକୃତିର ପ୍ରାଣ ଓ ମନୁଷ୍ୟର ପ୍ରାଣ ମଧ୍ୟରେ ଯେଉଁ ସ୍ନେହର ବନ୍ଧନ ବିଦ୍ୟମାନ ଥିବାର ଉପଲବ୍ଧି କରିଥିଲେ, ଗଙ୍ଗାଧର ମଧ୍ୟ କେତେକ ପରିମାଣରେ ତାହା ନିର୍ଦ୍ଦେଶ କରି ପାରିଥିଲେ। ତେଣୁ ରାଧାନାଥଙ୍କର ପ୍ରକୃତି ଯେତେବେଳେ ନିଜ ସୁଖଦୁଃଖରେ ବିହ୍ୱଳ, ଗଙ୍ଗାଧରଙ୍କର ପ୍ରକୃତି ତେତେବେଳେ ମାନବର ସୁଖରେ ହାସ୍ୟମୟୀ ଓ ଦୁଃଖରେ ଏକାନ୍ତ ସହାନୁଭୂତି ପ୍ରବଣ। ମନୁଷ୍ୟର ସୁଖଦୁଃଖରେ ପ୍ରକୃତିର ଏହି ସହାନୁଭୂତି ଗଙ୍ଗାଧରଙ୍କର ସବୁଠାରୁ ବଡ଼ କଥା।" (ଏକ୍ସ, ପୃ. ୫୮୫-୮୬) ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଧୁନିକ କବିତାର ଅନ୍ୟତମ ବିଭାବ ରୂପରେ ପ୍ରକୃତି-ଚିତ୍ରଣ ଗୃହୀତ। ପ୍ରକୃତି-ପୁରୋଧା ଭାବରେ ଓ ପ୍ରକୃତି-ଚିତ୍ରର ଶ୍ରେଷ୍ଠ ଶିଳ୍ପୀ ଭାବରେ ଏହି ପ୍ରବନ୍ଧ ପ୍ରକାଶ ପର୍ଯ୍ୟନ୍ତ ରାଧାନାଥଙ୍କ ପ୍ରତିଷ୍ଠା ଥିଲା ଅସପତ୍ନ। ରାଧାନାଥଙ୍କୁ ଅନୁସରଣ କରି ଗଙ୍ଗାଧରଙ୍କ ପ୍ରକୃତି-ବର୍ଣ୍ଣନାକୁ କେହି କେହି ଅନୁପମ ବୋଲି କହିଛନ୍ତି କିନ୍ତୁ ରୋମାଣ୍ଟିକ୍ କବିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଓ ପ୍ରକୃତି-ଚିତ୍ରଣର ସର୍ବଶ୍ରେଷ୍ଠ କବି ୱାର୍ଡସ୍‌ୱାର୍ଥଙ୍କ ସହ ଯେ ଗଙ୍ଗାଧର ଏହି ଦୃଷ୍ଟିରୁ ତୁଳନୀୟ, ଏହା ଡମରୁଧର ପରିଡ଼ାଙ୍କ ପୂର୍ବରୁ କୌଣସି ଆଲୋଚକ କହି ନଥିଲେ। ଦୀର୍ଘ ପଚାଶ ବର୍ଷ ଧରି ଓଡ଼ିଆ କାବ୍ୟ କବିତାରେ ରାଧାନାଥ ଓ ମଧୁସୂଦନଙ୍କୁ ଯେ ଅପ୍ରତିଦ୍ୱନ୍ଦ୍ୱୀ କବି ସିଂହାସନରେ ବସାଯାଇଥିଲା— ପରିଡ଼ା ମହୋଦୟ ତା'ର ପ୍ରତିବାଦ କରିଛନ୍ତି। ପରିଡ଼ାଙ୍କର ଏ ସଂପର୍କିତ ବକ୍ତବ୍ୟ

ଯଥା : (କ) କାବ୍ୟଶିଳ୍ପୀ ଭାବରେ, ଆଧୁନିକ କାବ୍ୟଧାରାର ପ୍ରଥମ ପର୍ଯ୍ୟାୟରେ ରାଧାନାଥଙ୍କ ପରେ ଗଙ୍ଗାଧରଙ୍କ ସ୍ଥାନ; ମଧୁସୂଦନ ପ୍ରମୁଖ ସେହି ସିଦ୍ଧିର ଅଧିକାରୀ ନୁହନ୍ତି। (ଖ) ରାଧାନାଥଙ୍କ ଭଳି ଉପଯୁକ୍ତ ସୁଯୋଗ ପାଇଥିଲେ କାବ୍ୟଶିଳ୍ପୀ ଭାବରେ ଗଙ୍ଗାଧର ଉନ୍ନତର ସିଦ୍ଧି ଲାଭ କରିବାର ସମ୍ଭାବନା ଥିଲା— ତେଣୁ ପ୍ରତିଭା ବିଚାରରେ ଗଙ୍ଗାଧରଙ୍କ ସ୍ଥାନ ରାଧାନାଥଙ୍କର ଅନେକ ଉପରେ (ଗ) ଆଧୁନିକ କାବ୍ୟ କବିତାର ଅନ୍ୟତମ ବିଶିଷ୍ଟତମ ଉପାଦାନ ପ୍ରକୃତିର ଉପଲବ୍ଧି ଓ ଚିତ୍ରଣରେ ଗଙ୍ଗାଧର ରାଧାନାଥଙ୍କ ଠାରୁ ଉନ୍ନତର ସିଦ୍ଧିର ଅଧିକାରୀ— ତାଙ୍କର ତୁଳନା କେବଳ ବିଶିଷ୍ଟତମ ଇଂରେଜୀ ରୋମାଣ୍ଟିକ୍ କବି ୱାର୍ଡସ୍‌ୱାର୍ଥ। ଗଙ୍ଗାଧର ପ୍ରତିଭାର ଆବେଗପୂର୍ଣ୍ଣ ମୂଲ୍ୟାୟନ ଭାବରେ କେବଳ ନୁହେଁ, ସେ ମୂଲ୍ୟାୟନକୁ ସ୍ପଷ୍ଟ ଭାବରେ ଉପସ୍ଥାପିତ କରିଥିବାରୁ ଗଙ୍ଗାଧର-ସାହିତ୍ୟ-ସମୀକ୍ଷା କ୍ଷେତ୍ରରେ 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧ ଏକ ବିଶିଷ୍ଟତମ ସଂଯୋଜନ। ଏହି ପ୍ରବନ୍ଧହିଁ ଗଙ୍ଗାଧର-ସାହିତ୍ୟ-ସମୀକ୍ଷା କ୍ଷେତ୍ରରେ ପ୍ରଥମ ବିଧିବଦ୍ଧ ଉଦ୍ୟମ।

## ॥ ତିନି ॥

ସମାଲୋଚକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା କବି ଚକ୍ରଧର ପରିଡ଼ାଙ୍କର 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି। ଏଥିରେ ଉପସ୍ଥାପିତ କରାଯାଇଥିବା ମତାମତକୁ ଖଣ୍ଡନ କରିବାକୁ ଆଗେଇ ଆସିଥିଲେ ସମକାଳୀନ ବିଶିଷ୍ଟ କବି ଓ ସମାଲୋଚକ ହରିଶ୍ଚନ୍ଦ୍ର ବଡ଼ାଳ। 'ତପସ୍ୱିନୀ ଓ ପ୍ରକୃତି'ରେ ପ୍ରଦତ୍ତ ମତାମତକୁ ଖଣ୍ଡନ କରି ସେ 'ସମାଲୋଚନାରେ କୃତ୍ରିମତା' ଶୀର୍ଷକ ପ୍ରବନ୍ଧ ସହକାରର ଠିକ୍ ପରବର୍ତ୍ତୀ ସଂଖ୍ୟା (୧୪/୮)ରେ ପ୍ରକାଶ କରିଥିଲେ। ମାନସିଂହ ଓ ପରିଡ଼ା ପ୍ରମୁଖ ଓଡ଼ିଆ ସାହିତ୍ୟର ସ୍ୱଧର୍ମ/ପରଧର୍ମ ନେଇ ଆରମ୍ଭ କରିଥିବା ଆଲୋଚନାର ସେ ଥିଲେ ଘୋର ବିରୋଧୀ। ମାନସିଂହଙ୍କ ପ୍ରଖ୍ୟାତ 'ପରଧର୍ମ' ପ୍ରବନ୍ଧର ବିରୋଧରେ ସେ ଯେଭଳି ଲେଖିଥିଲେ 'ସମାଲୋଚନା ସୂଆଙ୍ଗ' (ସହକାର ୧୪/୧); ଠିକ୍ ସେହିଭଳି ସେ ଚକ୍ରଧର ପରିଡ଼ାଙ୍କ ପ୍ରବନ୍ଧ ବିରୁଦ୍ଧରେ ଲେଖିଥିଲେ 'ସମାଲୋଚନାରେ କୃତ୍ରିମତା'। ଉଭୟ ପ୍ରବନ୍ଧର ଆଭିମୁଖ୍ୟ ସମାନ : ସମାଲୋଚକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ମାନସିଂହ ଓ ପରିଡ଼ାଙ୍କୁ ସେହି ଭୂମିକା ପାଇଁ ସେମାନେ ଅଯୋଗ୍ୟ ବୋଲି ପ୍ରତିପାଦନ କରିବା। ପୂର୍ବରୁ, ରାଧାନାଥଙ୍କ ପ୍ରକୃତି-ଚିତ୍ରଣ ଉପରେ ତାଙ୍କର ଦୁଇଟି ପ୍ରବନ୍ଧ ପ୍ରକାଶିତ ହୋଇଥିଲା : ସନ୍ଧ୍ୟାର ରୂପକାର ରାଧାନାଥ' (ସହକାର ୧୨/୪) ଓ 'ଚିଲିକାର ରାଧାନାଥ'। ରାଧାନାଥଙ୍କ କାବ୍ୟ କବିତା, ବିଶେଷତଃ, ତାଙ୍କର ପ୍ରକୃତିଚିତ୍ରଣ ସର୍ବଦା ବଡ଼ାଳଙ୍କର ଅତିପ୍ରିୟ। ସେହି ପ୍ରକୃତି ଚିତ୍ରଣରେ ରାଧାନାଥଙ୍କଠାରୁ ଗଙ୍ଗାଧରଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ, ବଡ଼ାଳଙ୍କ ପାଇଁ ଅସହଣୀୟ ହୋଇ ଉଠିଛି। ଓଡ଼ିଆ ସାହିତ୍ୟରେ ବଙ୍ଗଳା-ଉପାଦାନ (ପରୋକ୍ଷରେ ବଙ୍ଗାଳୀର କବିମାନଙ୍କର ଉକ୍ତି) ବିରୋଧରେ ଯେଉଁ ମତ ଆଲୋଚିତ ହୋଇଥିଲା, ସେହି

ସ୍ୱରର କିଛ ରୂପ ବଡ଼ାଳ 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧରେ ଦେଖି ପାରିଛନ୍ତି। 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧର ବକ୍ତବ୍ୟକୁ ତେଣୁ ସେ ବିଭିନ୍ନ ରୀତିରେ ଖଣ୍ଡନ କରିଛନ୍ତି।

ସ୍ୱର୍ଗତ ବଡ଼ାଳଙ୍କ ମତରେ ମଧୁସୂଦନଙ୍କଠାରୁ ଗଙ୍ଗାଧରଙ୍କ କାବ୍ୟକବିତାକୁ ଉଚ୍ଚତର ସ୍ଥାନ ଦେବା' କେବଳ ନିର୍ବୋଧତା ନୁହେଁ– ଉଭୟ କବିଙ୍କ ପାଇଁ ଅସମ୍ମାନଜନକ। ପରିଡ଼ା ପ୍ରାଦେଶିକ ପ୍ରେମରେ ଅନ୍ଧହୋଇ ଗଙ୍ଗାଧରଙ୍କୁ କେବଳ ଉଚ୍ଚ ଆସନ ଦେଇଛନ୍ତି – ସେଥିପାଇଁ କୌଣସି ଯୁକ୍ତି ଓ କାରଣ ଉପସ୍ଥାପନ କରିନାହାନ୍ତି। ତାଙ୍କ ମତରେ ସମାଲୋଚକଙ୍କୁ "...ଯୁକ୍ତିଯୁକ୍ତ ମନ୍ତବ୍ୟ ତ ଦେବାକୁ ପଡ଼ିବ ହିଁ, ଅଧିକନ୍ତୁ ତାଙ୍କୁ ନିରପେକ୍ଷତା ଅବଲମ୍ବନ କରିବାକୁ ପଡ଼ିବ; ଅର୍ଥାତ୍, କିଚର ମନ-ମୁତାବକ ଯା-ଇଚ୍ଛା-ତା ଗୁଡ଼ାଏ କହି ଖଲାସ ହେବା ସମାଲୋଚକର ଧର୍ମ ନୁହେଁ। ସମାଲୋଚନା ବେଳେ ତାଙ୍କୁ ଭୁଲି ଯିବାକୁ ପଡ଼ିବ ଯେ, ସେ ଅମୁକ ଦଳର ଲୋକ ବା ଅମୁକ ମତବାଦ ତାଙ୍କର ନିଜସ୍ୱ ମତ। ନିଜସ୍ୱ ମତ ଦେଇ ଆଲୋଚନା କରିବାକୁ ବାହାରିଲେ ଯେଉଁ ମୀମାଂସାରେ ପହଞ୍ଚିବା ସମ୍ଭବପର ହେବ, ତାହା ପକ୍ଷପାତିତା-ଦୋଷ-ଦୁଷ୍ଟ ପ୍ରଶଂସାବାଦ (appreciation) ବା ନିନ୍ଦାବାଦ (depriciation) ଛଡ଼ା କଦାପି ନିରପେକ୍ଷ ସମାଲୋଚନା ବୋଲି କୁହାଯାଇ ପାରିବ ନାହିଁ। (ବଡ଼ାଳ ୧୯୩୩କ, ପୃ. ୬୩) ନିକଟ ଅତୀତରେ ମାନସିଂହ ଯେଉଁଭଳି ପକ୍ଷପାତ ବିଚାର କରିଥିଲେ 'ପରଧର୍ମ' ପ୍ରବନ୍ଧ ରଚନା କରି, ଏବେ ପରିଡ଼ା ସେଇଭଳି ପକ୍ଷପାତିତା କରିଛନ୍ତି। ଏଭଳି ପକ୍ଷପାତିତାରେ ରହିଛି ଅନ୍ଧ-ପ୍ରଶଂସା ଓ ସଂକୀର୍ଣ୍ଣ ପ୍ରାଦେଶିକତା। "ଗଙ୍ଗାଧର ଯେ ଆଧୁନିକ ଉତ୍କଳୀୟ କବିମାନଙ୍କ ମଧ୍ୟରେ ଗୋଟିଏ ବିଶିଷ୍ଟ ଏବଂ ଉଚ୍ଚ-ଆସନ ପାଇବା କଥା", ତାହା ସ୍ୱର୍ଗତ ବଡ଼ାଳ ଅସ୍ୱୀକାର କରିନାହାନ୍ତି, କିନ୍ତୁ ତାଙ୍କୁ ସମସାମୟିକ କବିମାନଙ୍କଠାରୁ ଉଚ୍ଚ ଆସନ ଦେବାପାଇଁ ସେ ଇଚ୍ଛା ପ୍ରକାଶ କରିନାହାନ୍ତି।

ଗଙ୍ଗାଧର ପରିଡ଼ାଙ୍କ ଆଲୋଚିତ ପ୍ରବନ୍ଧ ପ୍ରକାଶିତ ହେବାର ଦୁଇବର୍ଷ ପୂର୍ବରୁ 'ସଂସାର ରୂପକାର ରାଧାନାଥ' ପ୍ରବନ୍ଧରେ ପ୍ରକୃତି-ଚିତ୍ରଣରେ ରାଧାନାଥଙ୍କ ଅନନ୍ୟତା ପ୍ରତିପାଦନ କରି ବଡ଼ାଳ ଲେଖିଥିଲେ : "ସ୍ଥାନ, ଘଟନାର ସମାବେଶ ଓ ଗତିମୁଖ (trend) ଏବଂ ବର୍ଣ୍ଣିତ ଜାତୀୟ ମନସ୍ତତ୍ତ୍ୱ (psychology) ଭେଦରେ ପ୍ରକୃତି ଯେଉଁସବୁ ବିଚିତ୍ର ମୂର୍ତ୍ତି ଧରି କବିଙ୍କ ଆଖିରେ ଧରାଦେଇଛି, ତା'ର ଅବିକଳ ରୂପରେଖା ଓ ଗତିଲୀଳା ଚିତ୍ରଣରେ କବି ପ୍ରଥମାବସ୍ଥାରୁ ହିଁ ଅସାମାନ୍ୟ ପ୍ରତିଭାର ପରିଚୟ ଦେଇଅଛନ୍ତି। ତାଙ୍କର ସମସ୍ତ କାବ୍ୟରେ ଏହି ସବୁ ଅଂଶ ସେହି ସେହି କାବ୍ୟର ଅପରାଂଶ ଅପେକ୍ଷା ପ୍ରାୟଶଃ ଉତ୍କୃଷ୍ଟତର ବୋଲି ପ୍ରତିଭାତ ହୁଏ।" (ବଡ଼ାଳ ୧୯୩୧, ପୃ. ୨୯୭) ବଡ଼ାଳଙ୍କ ମତରେ ରାଧାନାଥଙ୍କ କାବ୍ୟର ଶ୍ରେଷ୍ଠ ଅଂଶ ପ୍ରକୃତିଚିତ୍ର ଆଉ ପରିଡ଼ାଙ୍କ ମତରେ ପ୍ରକୃତି-ଚିତ୍ରଣରେ ଗଙ୍ଗାଧର ରାଧାନାଥଙ୍କ ଅପେକ୍ଷା ଶ୍ରେଷ୍ଠତର। ଏହି ଯୁକ୍ତିକୁ ସଂପ୍ରସାରିତ କଲେ ହେବ : ରାଧାନାଥଙ୍କ କାବ୍ୟର

ଉତ୍କୃଷ୍ଟତମ ଅଂଶଗୁଡ଼ିକ ଅପେକ୍ଷା ଗଙ୍ଗାଧରଙ୍କ କବିତାର ପ୍ରକୃତି-ଚିତ୍ରଣ ଅଂଶ ଗୁଡ଼ିକ ଉତ୍କୃଷ୍ଟତର। ପ୍ରକୃତି-ଚିତ୍ରଣରେ ରାଧାନାଥଙ୍କ ନ୍ୟୂନତା ପ୍ରତିପାଦନ ତେଣୁ ବଡ଼ାଳଙ୍କ ପାଇଁ ଏକ ସିଦ୍ଧାନ୍ତଗତ ଚାଲେଞ୍ଜ। ସେଥିପାଇଁ ଗଙ୍ଗାଧର ପ୍ରକୃତିକୁ ସହାନୁଭୂତିଶୀଳ କରି କିପରି ଅସ୍ୱାଭାବିକ ଓ କୃତ୍ରିମ କରି ଦେଇଛନ୍ତି ତାହାର ଉପସ୍ଥାପନା ତାଙ୍କର କାମ୍ୟ ହୋଇପଡ଼ିଛି। "କବି ଯଦି ନିର୍ବିଚାରରେ ପ୍ରକୃତି ଉପରେ ଏଭଳି ସହାନୁଭୂତିଶୀଳତାର ଆରୋପ କରନ୍ତି, ତେବେ ତଦ୍ଵାରା ତାଙ୍କ କାବ୍ୟର ସ୍ୱାଭାବିକ ସୌନ୍ଦର୍ଯ୍ୟ ବ୍ୟାହତ ଥାଏ କି ନାହିଁ (ବଡ଼ାଳ ୧୯୩୩ ପୃ. ୭୨୯)— ବୋଲି ବଡ଼ାଳ ପ୍ରଶ୍ନ କରିଛନ୍ତି। ରାଧାନାଥଙ୍କ ପ୍ରକୃତି-ଚିତ୍ରଣ ତାଙ୍କ ଦୃଷ୍ଟିରେ ପ୍ରକୃତି-ଅନୁଭବ ଓ ପ୍ରକୃତି-ବର୍ଣ୍ଣନାର ମାନକ। ପାର୍ବତୀ କାବ୍ୟରେ କୌଶଲ୍ୟା ମୁଖରେ ବର୍ଣ୍ଣିତ 'ଏକାକୀ ବୁଡ଼ଇ ତରଣୀ ଯେସନେ ଜଳଧି ନୀର-ତରଙ୍ଗେ...' ଇତ୍ୟାଦି ଉଦ୍ଧାର କରି ସେ କହିଛନ୍ତି: "ମାନବର ବିପଦରେ ପ୍ରକୃତିର ଦୁଃଖିତ ହେବା ତ ଦୂରର କଥା, ବରଂ 'ନାଚୁଅଛି' 'ଅଟ୍ଟହାସ' ପ୍ରଭୃତି ଶବ୍ଦଦ୍ୱାରା ପ୍ରକୃତିର ଏକ ବୈରଭାବ ସୂଚିତ ହେଉଅଛି; ସୁତରାଂ ମନୁଷ୍ୟର ସୁଖ ଦୁଃଖରେ ପ୍ରକୃତିର ସହାନୁଭୂତିଶୀଳତା ଯେ ସତ୍ୟ ନୁହେଁ— କବି କଳ୍ପନା ମାତ୍ର, ସେ ବିଷୟରେ ଅଣୁମାତ୍ର ସଂଶୟ ରହି ନପାରେ।" (ତତ୍ରୈବ) ରାଧାନାଥଙ୍କ କବି-ପ୍ରତିଭା ଓ କାବ୍ୟ-ସିଦ୍ଧି ପ୍ରତି ଏଭଳି ନିଃସନ୍ଦିଗ୍ଧ ପକ୍ଷପାତିତା ଫଳରେ ଗଙ୍ଗାଧରଙ୍କ ପ୍ରକୃତି-ଚିତ୍ରଣ ବଡ଼ାଳଙ୍କ ପାଇଁ 'କୃତ୍ରିମ' ଓ 'ଅସ୍ୱାଭାବିକ' ମନେ ହୋଇଛି ଓ ସେଥିରେ ସେ ନାନା କାବ୍ୟ-ଦୋଷର ଉଦ୍‌ଭାବନ କରିଛନ୍ତି। ରାଧାନାଥଙ୍କ କବି-ପ୍ରତିଭା ଓ କାବ୍ୟ-ସିଦ୍ଧି ଯେ ଅନତିକ୍ରମ୍ୟ, ଏଭଳି ସେତେବେଳେ ଯେଉଁ ଧାରଣା ପ୍ରତିଷ୍ଠିତ ଥିଲା ସ୍ୱର୍ଗତ ବଡ଼ାଳ ସେହି ଧାରଣାର ପ୍ରତିଧ୍ୱନି କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ଗଙ୍ଗାଧର ଜଣେ ସୁକବି ମାତ୍ର ରାଧାନାଥ ଓ ମଧୁସୂଦନ ପ୍ରମୁଖଙ୍କ ସହ ତାଙ୍କୁ ତୁଳନା କରାଯାଇ ନପାରେ। ମୋଟ ଉପରେ, ସେହି ସମୟରେ ପ୍ରତିଷ୍ଠିତ ଧାରଣା (orthodoxy)ର ବଡ଼ାଳଙ୍କ ପ୍ରବନ୍ଧ ଏକ ରାଷ୍ଟ୍ର-ରୂପ।

## ।। ଚାରି ।।

ଦୁଇ କବି-ସମାଲୋଚକ – ପଣ୍ଡିତ ଓ ବଡ଼ାଳ – ଙ୍କ ମଧ୍ୟରେ ଚାଲିଥିବା ପ୍ରବନ୍ଧ-ଯୁଦ୍ଧ ସମକାଳୀନ ସାହିତ୍ୟିକମାନଙ୍କ ମଧ୍ୟରେ ବେଶ୍ ଚଞ୍ଚଳତା ସୃଷ୍ଟି କରିଥିଲା। ବିଶେଷ କରି ବଡ଼ାଳଙ୍କ ପ୍ରବନ୍ଧର ପ୍ରତିବାଦ କରିବାକୁ କେତେଜଣ ସାହିତ୍ୟିକ ଆଗେଇ ଆସିଥିଲେ। ସେମାନଙ୍କ ମଧ୍ୟରେ ମହେଶ୍ୱର ନାୟକ ଅନ୍ୟତମ। ସହକାରର ସଂପାଦକ ବାଳକୃଷ୍ଣ କର ଏହାର ସୂଚନା ଦେଇ ଲେଖିଥିଲେ: "ଏହି ବିଷୟରେ [ତପସ୍ୱିନୀ ଓ ପ୍ରକୃତି: ସମାଲୋଚନାରେ କୃତ୍ରିମତା] ପ୍ରତିବାଦ କରି ଗଞ୍ଜାମର ଶ୍ରୀଯୁକ୍ତ ବିନାୟକ ଦାସ ମଧ୍ୟ ଗୋଟିଏ ଯୁକ୍ତିଯୁକ୍ତ ପ୍ରବନ୍ଧ ଲେଖି ପଠାଇଛନ୍ତି। ବାହୁଲ୍ୟ ଭୟରେ କେବଳ ଏହି ପ୍ରବନ୍ଧଟି [ମହେଶ୍ୱର ନାୟକଙ୍କ ପ୍ରବନ୍ଧ] ପ୍ରକାଶିତ ହେଲା।" (୧୪/୯,

ପୃ. ୮୧୮) ଏକଦା ମାନସିଂହଙ୍କ ପରଧର୍ମ ପ୍ରବନ୍ଧକୁ କେନ୍ଦ୍ରକରି ମାନସିଂହ-ବଡ଼ାଳଙ୍କ ମଧ୍ୟରେ ଯେଉଁଭଳି ରଚନା-ଯୁଦ୍ଧ ଚାଲିଥିଲା ଓ ଅନ୍ୟାନ୍ୟ ସାହିତ୍ୟିକ-ବର୍ଗ ସେହି ଯୁଦ୍ଧରେ ଯେଉଁଭଳି ଯୋଗଦାନ କରିଥିଲେ ଗଙ୍ଗାଧରଙ୍କୁ କେନ୍ଦ୍ର କରି ସେହିଭଳି ଏକ ଯୁଦ୍ଧର ସୂତ୍ରପାତ ପରିଡ଼ା-ବଡ଼ାଳ କରିଥିଲେ। ସମକାଳୀନ ପ୍ରାବନ୍ଧିକ ଓ ପରବର୍ତ୍ତୀ କାଳର ସାଂସଦ ସ୍ୱର୍ଗତ ମହେଶ୍ୱର ନାୟକଙ୍କ 'ସମାଲୋଚନାର କୃତ୍ରିମତା' ପ୍ରବନ୍ଧ ଓ ସଂପାଦକ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ଏଭଳି ସାହିତ୍ୟ-ସମରକୁ ଆଗକୁ ନନେବାର ଇଚ୍ଛା, ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଥିଲା।

ମହେଶ୍ୱର ନାୟକ ତାଙ୍କ ପ୍ରବନ୍ଧରେ, ଡମରୁଧର ବା ହରିଶ୍ଚନ୍ଦ୍ର, ଉଭୟଙ୍କ ଯୁକ୍ତିରେ ଥିବା ଦୁର୍ବଳତାର ସୂଚନା ଦେଇଛନ୍ତି। ତାଙ୍କ ମତରେ ଡମରୁଧର, "ଯେପରି ଭାବରେ ତାଙ୍କ 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧର ଉପକ୍ରମ କରିଅଛନ୍ତି, ତଦ୍ଦ୍ୱାରା ପାଠକସମାଜକୁ ଲଜ୍ଜିତ ହେବାକୁ ହୁଏ।" (ନାୟକ ୧୯୩୩, ପୃ. ୮୧୫) କାରଣ କୌଣସି ତୁଳନାତ୍ମକ ଆଲୋଚନା ଭିତରକୁ ପ୍ରବେଶ ନକରି ଡମରୁଧର ଅଯଥା ଗଙ୍ଗାଧରଙ୍କ ଅପେକ୍ଷା ମଧୁସୂଦନ ବା ଅନ୍ୟମାନଙ୍କର ନ୍ୟୂନତା ପ୍ରସଂଗ ଉପସ୍ଥାପନ କରିଛନ୍ତି। ସ୍ୱର୍ଗତ ଓ ସମ୍ମାନାସ୍ପଦ ସାହିତ୍ୟିକମାନଙ୍କୁ ନେଇ ପରିଡ଼ା ମହୋଦୟ ଯେଉଁ 'ସାହିତ୍ୟିକ ସୁରମେରୁ ଲଢ଼ାଇ' ସୃଷ୍ଟି କରିଅଛନ୍ତି, ତାହା ଅବାଂଛିତ। ଅପର ପକ୍ଷରେ ଯେଉଁ ତୁଳନାତ୍ମକ ସମାଲୋଚନା ପଦ୍ଧତିରେ ଗଙ୍ଗାଧରଙ୍କ ପ୍ରକୃତି-ଚିତ୍ରଣଗତ ମହତ୍ତ୍ୱ ପ୍ରତିଷ୍ଠା ସମ୍ଭବ ହୋଇଥାନ୍ତା, ତାହା ସେ କରିନାହାନ୍ତି: "...ଯଦି ସେ ତୁଳନାତ୍ମକ ଅନୁଶୀଳନ (comparative study) ଦ୍ୱାରା ପ୍ରତ୍ୟେକଙ୍କର ଉତ୍କର୍ଷ ଦେଖାଇଥାନ୍ତେ, ତେବେ ତାହା ସାହିତ୍ୟ କ୍ଷେତ୍ରରେ ଏକ ମହାଦାନ ହୋଇଥାନ୍ତା। ସମାଲୋଚନାର ଲକ୍ଷ୍ୟ ହିଁ ତ ଏହି।" (ଏତ୍ର, ପୃ. ୮୧୫)

ନାୟକଙ୍କ ପ୍ରବନ୍ଧର ମୂଳ ଆଲୋଚ୍ୟ ବିଷୟ ହେଲା ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣ ସଂପର୍କରେ ବଡ଼ାଳଙ୍କ ଭ୍ରାନ୍ତ ମତାମତ। ବଡ଼ାଳ ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣର ନ୍ୟୂନତା ପ୍ରତିପାଦନ କରିବାପାଇଁ ପ୍ରକୃତି ଉପରେ ମାନବିକ ଅନୁଭୂତିର ଆରୋପଣକୁ କୃତ୍ରିମ ବୋଲି କହିଛନ୍ତି ଓ ରାଧାନାଥଙ୍କ ପାର୍ବତୀ କାବ୍ୟରେ କୌଶଲ୍ୟା ମୁଖରେ ହୋଇଥିବା ପ୍ରକୃତି ବର୍ଣ୍ଣନା 'ଏକାକୀ ବୁଡ଼ଇ ତରଣୀ ଯେସନେ ଜଳଧି-ନୀର-ତରଙ୍ଗେ' — କିଭଳି ସ୍ୱାଭାବିକ ତାହାର ସୂଚନା ଦେଇଛନ୍ତି। ସମସ୍ତ ପ୍ରସଙ୍ଗର ଆଲୋଚନା କରି ଓ ବଡ଼ାଳଙ୍କର ଯୁକ୍ତି ଖଣ୍ଡନ କରି ନାୟକ ଯେଉଁ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି ତାହା ଅତ୍ୟନ୍ତ ସ୍ପଷ୍ଟ ଓ ଶାଣିତ: "ମାନସିକ ଅବସ୍ଥା ଭେଦରେ ମାନବର ଜଡ଼-ପ୍ରକୃତିକୁ ସ୍ୱ-ଅବସ୍ଥାପନ୍ନ ବୋଲି ଭାବିବା ବା ଦେଖିବା ତ ଅତି ସ୍ୱାଭାବିକ କଥା; ସୁତରାଂ ମନର ସେହି ବିକାର ଭେଦରେ ପ୍ରକୃତିକୁ ସେହିପରି ବିକାର-ଗ୍ରସ୍ତ ବୋଲି ଉପଲବ୍ଧି କରିବାଦ୍ୱାରା ଭାବ-ଜଗତରେ, ସୁତରାଂ କାବ୍ୟ-ଜଗତରେ ତା'ର ସୁନିର୍ଦ୍ଦିଷ୍ଟ ମୂଲ୍ୟକୁ ମାନିନେଇ ପୁଣି ହରିଶ୍ଚବାବୁ ଦେଖାଇବାକୁ ଚାହାନ୍ତି, ପ୍ରକୃତି

ସହାନୁଭୂତିଶୀଳ ନୁହେଁ। ବୁଝିବାକୁ ବାକି ରହିଯିଏ — ତାଙ୍କର କେଉଁ ମତଟି ଗ୍ରହଣଯୋଗ୍ୟ।

ଅବସ୍ଥାର ସମତା ବିଚାରରେ କୌଶଲ୍ୟାର 'ଏକାକୀ ବୁଡ଼ିଲ ତରଣୀ . . .' ଇତ୍ୟାଦିର ନିହିତ କବିତ୍ୱର ଯଥାର୍ଥ ପ୍ରଶଂସାବାଦ କରିବାକୁ ସେ କେହି ହରିଶବାବୁଙ୍କ ସଙ୍ଗେ ଯୋଗଦେବେ। ଏହି ପ୍ରଶଂସାବାଦର ସ୍ଥାନ କିନ୍ତୁ ଅନ୍ୟତ୍ର — ଉପସ୍ଥିତ କ୍ଷେତ୍ରରେ ନୁହେଁ। ଉପସ୍ଥିତ କ୍ଷେତ୍ରରେ କିନ୍ତୁ ସ୍ଥାନ କାଳ ପାତ୍ର ବିବେଚନା କଲେ ସମତାର (parallelism) ଅସମୀଚୀନତା ଧରିବାକୁ କିଛି ବାକି ରହେନାହିଁ। କୌଶଲ୍ୟା ନିଜର ଦୁଃଖ ନିଜେ ବର୍ଣ୍ଣନା କରୁଛି; ରାଜଶକ୍ତି-ପ୍ରବଳ ପିତାର ସପ୍ରଭାବ ପ୍ରଚାରରେ ଗଙ୍ଗେଶ୍ୱରଙ୍କ ସମଗ୍ର ଶିବିର ପ୍ରଭାବିତ; ସୁତରାଂ ମିଥ୍ୟା ହେଉ ବା ନହେଉ ଗଙ୍ଗେଶ୍ୱର ଯେଉଁ ଭାବରେ ଦେଖାଇଛନ୍ତି ତଦ୍‌ଭିନ୍ନ ଅନ୍ୟଭାବରେ ବା ଅନ୍ୟଦୃଷ୍ଟିରେ ଦେଖିବାକୁ ଅନୁଚରବର୍ଗ ସୁଯୋଗ ପାଉନାହାନ୍ତି। ସମସ୍ତଙ୍କ ଦୃଷ୍ଟିରେ — ଏପରିକି କୌଶଲ୍ୟାର ନିଜ ଦୃଷ୍ଟିରେ ମଧ୍ୟ ଭରତ କଳୁଷିତ ଓ ବିରୋଧୀ ଯେତେବେଳେ, ଆଉ ତତ୍‌କାଳୀନ ଦୃଷ୍ଟିରେ ପ୍ରକୃତ ଲାଂଛନାର କାଳିମା ମୂର୍ତ୍ତିରେ ବୋଲି ହୋଇ ଜଗତକୁ ବିଦ୍ରୂପଶୀଳ ବୋଲି କୌଶଲ୍ୟା ଦେଖୁଛି ଯେତେବେଳେ, ସେତେବେଳେ ସେ 'ଏକାକୀ ବୁଡ଼ିଲ ତରଣୀ ଯେସନ . . .' ଇତ୍ୟାଦି ନକହି ଆଉ କ'ଣ କହିଥାନ୍ତା ପ୍ରକୃତି ମୋ ପ୍ରତି ସହାନୁଭୂତିଶୀଳ ହୋଇ 'କରିବାକୁ ନିୟତିର ସହିତ ସମର . . . ବଢ଼ତି ଆସିଲା କୋପେ 'ଘେନି 'ଦଳବଳ ?' ଆଲୋଚ୍ୟ କାବ୍ୟର ନାୟିକାଙ୍କ ଅବସ୍ଥା ତ ଠିକ୍ ସେପରି ନୁହେଁ। ଲୋକାପବାଦରେ ନିର୍ବାସିତା ସେ, ମନର ବିଶୁଦ୍ଧତା ତାଙ୍କର ଅଛି, କଳୁଷ କଣ ସେ ଜାଣନ୍ତି ନାହିଁ। ଅଯୋଧ୍ୟାର କେତେକ ଖଳଲୋକଙ୍କୁ ବାଦ୍‌ଦେଲେ ସମଗ୍ର ଜଗତ୍ — ଅନ୍ତତଃ ସୀତାଙ୍କ ତତ୍‌କାଳୀନ ପରିସ୍ଥିତି — ତ ଅପବାଦ କଥା କିଛି ଜାଣେନା। ସର୍ବୋପରି ପ୍ରକୃତିର ଏହି ସମରସଜ୍ଜାକୁ କବି ସୀତାଙ୍କ ମୁଖରେ ନ କୁହାଇ ନିଜେ କହିଛନ୍ତି ଆନୁଷଙ୍ଗିକ ବର୍ଣ୍ଣନା ଛଳରେ। ସୁତରାଂ ସୀତାଙ୍କ ଚିନ୍ତାସ୍ରୋତରେ ଏହା କିଛିମାତ୍ର ବ୍ୟାଘାତ ଜନ୍ମାଇ ନାହିଁ ବା କାବ୍ୟବସ୍ତୁ ପରିପୁଷ୍ଟିରେ କିଛି ମାତ୍ର ବାଧା ପ୍ରଦାନ କରିନାହିଁ; ତେବେ କିପରି ଆମ୍ଭେମାନେ କହିବା ଏହାଦ୍ୱାରା କାବ୍ୟର ମାଧୁରୀ କ୍ଷୁଣ୍ଣ ହୋଇଅଛି।

କୌଶଲ୍ୟାର ମାନସୀୟ ଧୈର୍ଯ୍ୟର ଅତିକ୍ରାନ୍ତ ଯନ୍ତ୍ରଣା ଦେଖି ଆମ୍ଭମାନଙ୍କ ମନରେ ଜନ୍ମେ ଭୀତି-ବିହ୍ୱଳତା, horror ବା ଲୋମହର୍ଷଣ; କିନ୍ତୁ ସୀତାଙ୍କ ଦୁଃଖରେ ଜନ୍ମେ ସହାନୁଭୂତି, ପ୍ରକମ୍ପ ହୁଏନାହିଁ। ଏଣୁ ପ୍ରକୃତିର ବିଭାବଗୁଡ଼ିକୁ ସହାନୁଭୂତି ସଂପନ୍ନ ନକରି ବିଦ୍ରୂପର 'ଅଟ୍ଟହାସ'ରେ ଭରିଦେଇ ନଚାଇଥିଲେ ସତ୍ୟର ଅପଳାପ ଘଟିଥାନ୍ତା'' (ଏଜ୍ଞ, ପୃ. ୮୧୬-୧୭) ମେହେରଙ୍କ ପ୍ରକୃତିଚିତ୍ରଣରେ ଏପରି ମାର୍ମିକ ବିଶ୍ଳେଷଣ ତଥା ରାଧାନାଥଙ୍କ ପ୍ରକୃତି ଚିତ୍ରଠାରୁ ଗଙ୍ଗାଧରଙ୍କ ପ୍ରକୃତିଚିତ୍ରର ମୌଳିକ ପ୍ରଭେଦର ଏପରି ଚମତ୍କାର ଉପସ୍ଥାପନ ପୂର୍ବରୁ କେହି କରିଥିବା ଜଣାଯାଏ ନାହିଁ। 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧ ଲେଖି ପରିଡ଼ା ଯେଉଁ ପଥ-ଉନ୍ମୁକ୍ତ କରିଥିଲେ,

ନାୟକଙ୍କ ବିଶ୍ଳେଷଣରେ ତାହା ପରିପୁଷ୍ଟି ଲାଭ କରିଛି। ଏହି ପ୍ରବନ୍ଧ-ଯୁଦ୍ଧ ପରେ 'ତପସ୍ୱିନୀ' ଗଙ୍ଗାଧରଙ୍କ ପ୍ରମୁଖ କାବ୍ୟ ଓ 'ପ୍ରକୃତି' ତାଙ୍କ କାବ୍ୟର ପ୍ରମୁଖ ବିଭାବ ଭାବରେ ସର୍ବସ୍ୱୀକୃତ। ଦୁଃଖର ବିଷୟ, ଏହି ତର୍କ-ଯୁଦ୍ଧର ବାହାରେ ସ୍ୱର୍ଗତ ନାୟକ ଗଙ୍ଗାଧରଙ୍କ ସଂପର୍କରେ ସ୍ୱତନ୍ତ୍ର ଆଲୋଚନା କରିନାହାନ୍ତି।

ସାହିତ୍ୟ ଇତିହାସରେ ବେଳେବେଳେ ଦେଖାଯାଏ ଯେ ପ୍ରଥମଥର ପାଇଁ ନୂଆ ଦିଗନ୍ତର ସଂଧାନ ଦେଇଥିବା ପ୍ରତିଭାଧରମାନେ ବହୁ ସ୍ୱୀକୃତ ହୁଅନ୍ତି। ନୂଆ କହିବାର ବା କରିବାର ଇଚ୍ଛା ଭିତରେ ସେମାନେ ହଜିଯାଆନ୍ତି— ବହୁଦିଗକୁ ହାତ ପ୍ରସାରିତ କରିବା ଫଳରେ ସେମାନେ କୌଣସିଟିରେ ସିଦ୍ଧିଲାଭ କରିପାରନ୍ତି ନାହିଁ। ତାହା ମଧ୍ୟ ଅନେକାଂଶରେ ଘଟିଛି ଚିନ୍ତାମଣିଙ୍କ ପରିଡ଼ାଙ୍କ ଭାଗ୍ୟରେ। କବିତା ଓ କାବ୍ୟାନୁବାଦରେ ସେ ମନୋନିବେଶ କରିଥିଲେହେଁ ସେଥିରେ ମଧ୍ୟ ଖୁବ୍ ଗୋଟେ ସଫଳତା ଲାଭ କରି ପାରିନାହାନ୍ତି, ଯଦିଓ ସେଥିରେ ନୂତନତାର ସଂଧାନ ରହିଛି: " ...ଶ୍ରୀ ପରିଡ଼ାଙ୍କ କାବ୍ୟ ଚେତନାରେ ଦେଶୀ ଓ ବିଦେଶୀ ବହୁ ସ୍ୱରର ଗୁଞ୍ଜରଣ ଶୁଣାଯାଏ। ଜଳାବର୍ତ୍ତର ଅସହାୟ ନିମ୍ନଗାମୀ ମଣିଷ ଯେପରି ଖୁବ୍ ବ୍ୟାକୁଳତାରେ ଆତ୍ମୋଦ୍ଧାର ପାଇଁ ଚେଷ୍ଟାଶୀଳ ହୁଏ, ମୋର ମନେହୁଏ ଶ୍ରୀ ପରିଡ଼ା ମୌଳିକ କାବ୍ୟପ୍ରତିଭା ଅଭାବରେ ସେହିପରି ଚାରିଆଡ଼କୁ ହାତ ବଢ଼େଇ ଅବଲମ୍ବନ ଖୋଜିଛନ୍ତି" (ଶତପଥୀ ୧୯୭୯, ପୃ.୨୨୬) ତାହା ମଧ୍ୟ ଘଟିଛି ତାଙ୍କର 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧ କ୍ଷେତ୍ରରେ। ଗଙ୍ଗାଧରଙ୍କ ପ୍ରତି ତାଙ୍କର ଯେଉଁ ଧାରଣା ଥିଲା, ତାକୁ ନେଇ ସେ ପ୍ରବନ୍ଧର ପରିକଳ୍ପନା କରିଥିଲେ। ପ୍ରତିଷ୍ଠିତ ଧାରଣା ଓ ବିଶ୍ୱାସ ବିରୋଧରେ ସଂଗ୍ରାମର ଆହ୍ୱାନ କରି ସେ ପ୍ରବନ୍ଧର ଆରମ୍ଭ କରିଛନ୍ତି କିନ୍ତୁ ପରେ ଅସହାୟ ହୋଇ 'ତପସ୍ୱିନୀ' କାବ୍ୟର ଏକ ଉଦ୍ଧୃତିବହୁଳ ସାରକଥା ହିଁ ଉପସ୍ଥାପିତ କରିଛନ୍ତି। ବଡ଼ାଳଙ୍କ ବିଶ୍ଳେଷଣ-ପଟୁତା ଓ ଉପସ୍ଥାପନା-କୌଶଳ ତଥା ନାୟକଙ୍କ ଯୁକ୍ତିନିଷ୍ଠା ସେଥିରେ ନାହିଁ। ତଥାପି ଗଙ୍ଗାଧର ସାହିତ୍ୟ-ସମୀକ୍ଷାର ଯେ କୌଣସି ଐତିହାସିକ ପରିଡ଼ାଙ୍କ ପ୍ରବନ୍ଧକୁ ଶ୍ରଦ୍ଧାର ସହ ଆଲୋଚନା କରିବାକୁ ବାଧ୍ୟ। କାରଣ ଗତ ଶତାବ୍ଦୀ ବର୍ଷ ହେଲା ଗଙ୍ଗାଧର-କାବ୍ୟ କବିତାକୁ ନେଇ ଯେଉଁ ଆଲୋଚନା ପ୍ରତ୍ୟାଲୋଚନା ଚାଲିଛି, ତାହା ପରିଡ଼ା ଆରମ୍ଭ କରିଥିବା ପ୍ରବନ୍ଧ-ଯୁଦ୍ଧର ଏକ ସଂପ୍ରସାରିତ ରୂପ।

## ।। ପାଞ୍ଚ ।।

୧୯୩୩ ମସିହାର ଏହି ପ୍ରବନ୍ଧ-ଯୁଦ୍ଧ ପରବର୍ତ୍ତୀ କାଳରେ ଗଙ୍ଗାଧର ସାହିତ୍ୟର ବିଧିବଦ୍ଧ-ଅନୁଶୀଳନ ପାଇଁ କିଭଳି ଭୂମି ପ୍ରସ୍ତୁତ କରିଥିଲା, ତାହା ଗଙ୍ଗାଧରଙ୍କ ସଂପର୍କିତ ପରବର୍ତ୍ତୀ ପ୍ରବନ୍ଧକୁ ଆଲୋଚନା କଲେ ସ୍ପଷ୍ଟ ହୁଏ। ପ୍ରଥମ ପ୍ରବନ୍ଧଟି ଗୋପାଳଚନ୍ଦ୍ର ପ୍ରହରାଜଙ୍କର ଓ ଅପରଟି ମାୟାଧର ମାନସିଂହଙ୍କର। ଏହି ଉଭୟ ପ୍ରବନ୍ଧ-ପ୍ରକାଶନର ଅନ୍ତର୍ବର୍ତ୍ତୀ କାଳରେ ଗଙ୍ଗାଧରଙ୍କ ସଂପର୍କରେ ଆଉ ଗୋଟିଏ

ପ୍ରବନ୍ଧ ପ୍ରକାଶ ପାଇଛି— ବୃନ୍ଦାବନ ନାଥଶର୍ମାଙ୍କର 'ମୋର ଜଣାଲୋକ: ସ୍ୱର୍ଗତଃ ଗଙ୍ଗାଧର ମେହେର' (ଉତ୍କଳ ସାହିତ୍ୟ ୩୯/୧୧) ନାଥଶର୍ମାଙ୍କର ପ୍ରବନ୍ଧଟି ଗଙ୍ଗାଧରଙ୍କ ସମ୍ପର୍କରେ ଆପଣା ପ୍ରତୀତି ଓ ସଂପର୍କର ଉପସ୍ଥାପନା— ଗଙ୍ଗାଧର ସାହିତ୍ୟର କୌଣସି ବିଚାର ବା ମୂଲ୍ୟାୟନ ସେଥିରେ ନାହିଁ। ପ୍ରବନ୍ଧର ପ୍ରାରମ୍ଭରେ ଗଙ୍ଗାଧରଙ୍କ କବି-ଜୀବନ ଓ ବ୍ୟକ୍ତିତ୍ୱ ଉପରେ ମନ୍ତବ୍ୟ ଦେଇ ସେ ଲେଖିଛନ୍ତି: "ବିଜୟଶାଳିନୀ ହିନ୍ଦୀଭାଷା ସହିତ ଦରିଦ୍ରା ଉତ୍କଳ ଭାଷାର ସଂଗ୍ରାମବେଳେ ଦରିଦ୍ର କୁଟୀରସ୍ଥ ତନ୍ତଶାଳାରେ ବସି ଗୋଟିଏ ପଲ୍ଲୀବାଳକ ମୋହନ ମୁରଲୀ ବଜାଇ ଓଡ଼ିଆ ଭାଷାରେ ସୁମଧୁର ସଙ୍ଗୀତ ଗାଇବାକୁ ଚେଷ୍ଟା କରିଥିଲେ— ତାଙ୍କର ସଙ୍ଗୀତ ତଥା କବିତା ରସପୂର୍ଣ୍ଣ ଥିଲା। ସେହି ଗାୟକ ଆମମାନଙ୍କର କବି ଗଙ୍ଗାଧର।" (ନାଥଶର୍ମା ୧୯୩୬, ପୃ. ୫୬୩) ଏହି ପ୍ରବନ୍ଧରେ ଗଙ୍ଗାଧରଙ୍କ କବିତାର ରସ ବା ତାଙ୍କ କାବ୍ୟର ମୋହନ ମୁରଲୀରୁ ଭାସି ଆସୁଥିବା ମୂର୍ଚ୍ଛନାର ସ୍ୱରୂପ ଓ ଆବେଦନ ସଂପର୍କରେ ନାଥଶର୍ମା କୌଣସି ଆଲୋକପାତ କରିନାହାନ୍ତି।

ନାଥଶର୍ମାଙ୍କର 'ମୋର ଜଣା ଲୋକ: ସ୍ୱର୍ଗତଃ ଗଙ୍ଗାଧର ମେହେର' ପ୍ରକାଶିତ ହେବାର ଏକ ମାସ ପୂର୍ବରୁ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର 'କବିବର ଗଙ୍ଗାଧର' (ଉତ୍କଳ ସାହିତ୍ୟ ୩୯/୧୦) ଦୀର୍ଘ ପ୍ରବନ୍ଧଟି ପ୍ରକାଶିତ। ସମ୍ବଲପୁରସ୍ଥ ଗଙ୍ଗାଧର ସାହିତ୍ୟ ପରିଷଦର ଷଷ୍ଠ ବାର୍ଷିକ ଅଧିବେଶନରେ ପ୍ରଦତ୍ତ ସଭାପତି ଅଭିଭାଷଣର ଲିଖିତ-ରୂପ ବୋଲି ପ୍ରବନ୍ଧର ପାଦଟୀକାରୁ ଜଣାଯାଏ। (୧) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ଦ୍ୱିତୀୟ ଖଣ୍ଡରେ ପ୍ରହରାଜ ଗଙ୍ଗାଧରଙ୍କ ସଂପର୍କରେ ଦେଇଥିବା ସୂଚନା ଥିଲା ଅତ୍ୟନ୍ତ ସଂକ୍ଷିପ୍ତ... "ଉତ୍କଳର ଜନୈକ ଆଧୁନିକ କବି। ଦ୍ର-ଏ ସମ୍ବଲପୁରବାସୀ ଭୁଲିଆ ଜାତୀୟ ସ୍ୱର୍ଗୀୟ ଓଡ଼ିଆ କବି। ଏ କୀଚକବଧ ଓ ଇନ୍ଦୁମତୀ ପ୍ରଭୃତି ଅନେକ ଗ୍ରନ୍ଥ ପ୍ରଣୟନ କରିଅଛନ୍ତି।" (ପ୍ରହରାଜ ୧୯୩୨, ପୃ. ୨୦୫୯) ସ୍ୱର୍ଗତ ପ୍ରହରାଜ ଉମେଶ ଚନ୍ଦ୍ର ସରକାର ପ୍ରମୁଖଙ୍କ ସଂପର୍କରେ ସଂକ୍ଷିପ୍ତ ପରିଚୟାତ୍ମକ ପ୍ରବନ୍ଧ (ଡାକ୍ତର କୈଳାଶ ଚନ୍ଦ୍ର ରାଓଙ୍କ ଲିଖିତ) ଭାଷାକୋଷରେ ସ୍ଥାନିତ କଲାବେଳେ ଗଙ୍ଗାଧରଙ୍କ ସଂପର୍କରେ ଏଭଳି ଅତି ସଂକ୍ଷିପ୍ତ ପରିଚୟ ସଂଯୋଜିତ କରିବାର କାରଣ ଜାଣି ହୁଏନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଗଙ୍ଗାଧରଙ୍କ ଅନ୍ୟତମ ଆଦ୍ୟ ଜୀବନୀକାର ପଣ୍ଡିତ କୁଞ୍ଜମଣି ଦାସ ଭାଷାକୋଷ ସଂକଳନ ସହ ସଂଶ୍ଳିଷ୍ଟ ଥିଲେ। ଅଥଚ ତାରିଣୀଚରଣ ରଥଙ୍କ ଇତିହାସରେ ଥିବା ସଂକ୍ଷିପ୍ତ ସୂଚନା ଭିତ୍ତିରେ ଭାଷାକୋଷର ଗଙ୍ଗାଧର ପରିଚିତି ପ୍ରସ୍ତୁତ। ତେଣୁ ମନେହୁଏ ପତ୍ରିକା-ସଭା-ନାୟକ ପ୍ରବନ୍ଧ-ଯୁଦ୍ଧ ମାଧ୍ୟମରେ ଗଙ୍ଗାଧରଙ୍କ ସଂପର୍କରେ ଯେଉଁ ସଚେତନତା ସୃଷ୍ଟି କରିଥିଲେ, ତାହାର ପରୋକ୍ଷ ପ୍ରଭାବ 'କବିବର ଗଙ୍ଗାଧର' ପ୍ରବନ୍ଧ ଉପରେ ପଡ଼ିଛି। ପ୍ରହରାଜ ମେହେରଙ୍କ କାବ୍ୟକବିତାର କୌଣସି ପରିଚୟ ଦେବାପୂର୍ବରୁ ଗଙ୍ଗାଧର ସାହିତ୍ୟ ତାଙ୍କ ଉପରେ ବିସ୍ତାର କରିଥିବା ପ୍ରଭାବ ସଂପର୍କରେ ଲେଖିଛନ୍ତି: "ମେହେର

କବିତାର ଯେଉଁଠାରେ ଯେ ପ୍ରକାର ସମ୍ପର୍କରେ ଆସେ, ମୁଁ ଜାଣେ ନାହିଁ, କି ଏକ ଅଜଣା ଆନନ୍ଦରେ ମୋ ମନ ଉଛୁଳି ଉଠେ। କବିଙ୍କ ରଚନାରେ ସମ୍ମୋହିନୀ ଶକ୍ତି ଅଛି, ଶବ୍ଦ ବିନ୍ୟାସରେ ଶିଳ୍ପୀର ସୁଦକ୍ଷ ଚାତୁରୀ ଅଛି, ସ୍ୱରରେ ଅଭାବନୀୟ ମୂର୍ଚ୍ଛନା ଅଛି, ଭାବରାଜ୍ୟରେ ନନ୍ଦନକାନନର ସୁରଭି ଅଛି, ପ୍ରକୃତିର ମଧୁମୟ ଚିତ୍ରଣ ଅଛି। ସବୁତ ଅଛି, ମାତ୍ର କେଉଁଟି ନାହିଁ ମୁଁ ଏପର୍ଯ୍ୟନ୍ତ ଖୋଜି ପାଇନାହିଁ। ମେହେର କବିଙ୍କ କବିତା ପାଠକଲାବେଳେ ମନେହୁଏ, ମୁଁ କିପରି ପିଲା ଓ ଯୁବକ ହୋଇ ଯାଆନ୍ତି; କବିଙ୍କ ବର୍ଣ୍ଣିତ ସ୍ଥାନମାନ ବୁଲି କବିଙ୍କ ବର୍ଣ୍ଣିତ ପ୍ରକୃତି ଖେଳ ଦେଖି ଆନନ୍ଦରେ ନାଚି, କୁଦି ସମୟକୁ ମଧୁର ରୂପେ କଟାନ୍ତି।'' (ପ୍ରହରାଜ ୧୯୩୬, ପୃ. ୫୧୦-୧୧) ଗଙ୍ଗାଧରଙ୍କ ସଂପର୍କରେ ଏଭଳି ଅତି ପ୍ରଶଂସାପୂର୍ଣ୍ଣ ଅଥଚ ଅସ୍ପଷ୍ଟ ମତାମତ ଦେଲାପରେ ସେ ଗଙ୍ଗାଧରଙ୍କ ବଛାଖଣ୍ଡି କାବ୍ୟ କବିତାର କଥାବସ୍ତୁ ଉପସ୍ଥାପନ କରିଛନ୍ତି। 'କବିତା କଲ୍ଲୋଳ' 'ମହିମା' ଆଦି ଆଲୋଚନାରେ ଗୁରୁତ୍ୱ ପାଇଲାବେଳେ ତପସ୍ୱିନୀ ଓ କୀଚକବଧ ଆଦି ଉପଯୁକ୍ତ ଭାବେ ଉପସ୍ଥାପିତ ହୋଇନାହିଁ। ପ୍ରହରାଜଙ୍କ ଆଲୋଚନା ଗଭୀରତା, ଅନ୍ତର୍ଦୃଷ୍ଟି ଓ ମନୋଜ୍ଞ ବିଶ୍ଳେଷଣରୁ ବଞ୍ଚିତ। ଭାବାତ୍ମକତା ଓ ସ୍ତାବକତା ଏହାର ପ୍ରାଣ। ଗଙ୍ଗାଧରଙ୍କ କାବ୍ୟକବିତାର ବିଶ୍ଳେଷଣ ପାଇଁ ବ୍ୟବହୃତ ଅଧିକାଂଶ ବିଶେଷଣ ଅସ୍ପଷ୍ଟ। ଗୋଟିଏ ଦୁଇଟି ଉଦାହରଣରୁ ତାହା ସ୍ପଷ୍ଟ ହୋଇପାରିବ। ମହିମାର ଆଲୋଚନା କଲାବେଳେ ସେ ଲେଖିଛନ୍ତି: '' ତାଙ୍କରି ମୌଳିକ ଉଦ୍ଦେଶ୍ୟ ସ୍ପଷ୍ଟ ବିଗ୍ରହ ଧରି ଠିଆ ହୋଇଅଛି। ପ୍ରତିପଦ, ଏପରିକି, ପ୍ରତି ଅକ୍ଷର ବିନ୍ୟାସରୁ କବିପ୍ରତିଭା ଫୁଟି ଉଠୁଅଛି। ଟେଣା ଓଟରା ହୋଇ କିମ୍ବା ଟାଣି, ଜୋରୁ ଦିଆଯାଇ ଭାବ ଓ ଭାଷା ସଜାଯାଇନାହିଁ। ଯେଉଁ କଥାକୁ ଯେଉଁ ଦୃଷ୍ଟାନ୍ତ ସୁନ୍ଦର ଓ ସରସ, ତାହାହିଁ ଏ କବିତାରେ କବି ଅସାଧାରଣ ନୈପୁଣ୍ୟ ସହକାରେ ଖଞ୍ଜି ଦେଇଛନ୍ତି। (ଏଜ୍ମ ପୃ. ୫୧୨)

ଓଡ଼ିଆ ସାହିତ୍ୟରେ ରମ୍ୟ-ରଚନା-ଲେଖକ, ଲୋକ ଗାହାଣୀର ସଂଗ୍ରାହକ ଓ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ସଂକଳକ ଭାବରେ ଗୋପାଳଚନ୍ଦ୍ର ପ୍ରହରାଜ ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠାର ଅଧିକାରୀ। କିନ୍ତୁ ସାହିତ୍ୟ-ସମାଲୋଚନା କ୍ଷେତ୍ରରେ ପ୍ରହରାଜଙ୍କର ସିଦ୍ଧି ସ୍ୱଳ୍ପ। ୧୯୦୨ ମସିହାରେ ପ୍ରକାଶିତ ଏକ ସାହିତ୍ୟ ସମାଲୋଚନା-ମୂଳକ ରଚନାରେ ସେ ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ଓ ରାମଶଙ୍କରଙ୍କ 'ସୁରଧର୍ମ' ମଧ୍ୟରେ ତୁଳନାତ୍ମକ ବିଚାର କରି ସୁରଧର୍ମର ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କରିବାକୁ ଚାହିଁଥିଲେ। (ପ୍ରହରାଜ ୧୯୦୨) ବିଷୟ ବର୍ଣ୍ଣନାରେ ଓ ପ୍ରସଙ୍ଗ ଉପସ୍ଥାପନରେ ପ୍ରହରାଜଙ୍କ କୃତିତ୍ୱକୁ ଅସ୍ୱୀକାର କରାଯାଇନପାରେ। କିନ୍ତୁ କବିତାର ସାହିତ୍ୟ-ମୂଲ୍ୟ ବିଚାର କ୍ଷେତ୍ରରେ ତାଙ୍କର ଆଲୋଚନା ବିଫଳ। ଗଙ୍ଗାଧରଙ୍କ କବିତାକୁ ପ୍ରଶଂସା କରିବାକୁ ହେବ, ସେଥିନେଇ ସେ ନିଶ୍ଚିତ, କିନ୍ତୁ କ'ଣ ପାଇଁ ଏ ପ୍ରଶଂସା ଓ ଏହା ଯଥାର୍ଥ କି?— ଏହି ପ୍ରଶ୍ନର ଉତ୍ତର ପ୍ରହରାଜଙ୍କ ଲେଖାରୁ ମିଳେ ନାହିଁ। ଗଙ୍ଗାଧର

ଜାତ୍ୟକବିତାର ଯେଉଁ ପରିଚୟାତ୍ମକ ଓ କାବ୍ୟ ବିଷୟବସ୍ତୁର ଫେନିଳ-ବର୍ଣ୍ଣନା-ସର୍ବସ୍ୱ ଆଲୋଚନାର ସ୍ତୂପ ପରବର୍ତ୍ତୀ ସମୟରେ ଗଢ଼ି ଉଠିଥିଲା ତାହାର ଆଦ୍ୟ ପ୍ରବର୍ତ୍ତକ ହେଉଛି ପ୍ରହରାଜଙ୍କ 'କବିବର ଗଙ୍ଗାଧର'। ଗଙ୍ଗାଧରଙ୍କ ସଂପର୍କରେ ପ୍ରାଥମିକ ଅମନଯୋଗ ଓ ପରବର୍ତ୍ତୀକାଳୀନ ସମ୍ମାନବୋଧ ମଧ୍ୟରେ 'କବିବର ଗଙ୍ଗାଧର' ପ୍ରବନ୍ଧ ଏକ ସାଲିଶ୍।

ରାଧାନାଥଙ୍କ ପରଠାରୁ କବିତା-ବିଚାରରେ ଇଉରୋପୀୟ (ବିଶେଷତଃ ଇଂରେଜୀ) କାବ୍ୟତତ୍ତ୍ୱ ପ୍ରାଧାନ୍ୟ ପାଇ ଆସିଛି। ରାଧାନାଥଙ୍କଠାରୁ ଅନନ୍ତାଶଙ୍କର ମାନସିଂହଙ୍କ ପର୍ଯ୍ୟନ୍ତ ବହୁ କବି/ସମାଲୋଚକ ରୋମାଣ୍ଟିକ୍ କାବ୍ୟତତ୍ତ୍ୱର ଆଲୋକରେ ତାଙ୍କର ଉଦ୍ଦିଷ୍ଟ କବି ବା କବିତାର ମୂଲ୍ୟାୟନ ବା ଉଦ୍‌ଭାସନ କରିଛନ୍ତି। ଡମ୍ବରୁଧର ପରିଡ଼ା, ହରିଶଚନ୍ଦ୍ର ବଡ଼ାଳ ଓ ମହେଶ୍ୱର ନାୟକ ତିନିଜଣଯାକ ସେହି ରୋମାଣ୍ଟିକ୍ କବିତା-ତତ୍ତ୍ୱ ଭିତ୍ତିରେ ମେହେରଙ୍କ ମହତ୍ତ୍ୱ ବା ରାଧାନାଥଙ୍କ ଗୌରବ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି। ବିଭିନ୍ନ କାରଣରୁ ଗଙ୍ଗାଧରଙ୍କ କବି-ପ୍ରତିଭାର ଉଦ୍ଭାସନବେଳେ ରାଧାନାଥ ଛାଏଁ ଛାଏଁ ଆସିଛନ୍ତି। ଆଧୁନିକ କାବ୍ୟ କବିତାର ଗୁରୁ ରୂପରେ ରାଧାନାଥ ପ୍ରତିଷ୍ଠା ପାଇଯିବା ଫଳରେ ଗଙ୍ଗାଧର ପ୍ରମୁଖଙ୍କୁ ଛାତ୍ରର ଭୂମିକା ନେବାକୁ ପଡ଼ିଛି। ତେଣୁ ଗୁରୁ-ଛାତ୍ର, ଉତ୍ତମର୍ଣ୍ଣ-ଅଧମର୍ଣ୍ଣ, ପ୍ରଭାବକ-ପ୍ରଭାବିତ— ଏଭଳି ଆଲୋଚନାରୁ ରାଧାନାଥ ଓ ଗଙ୍ଗାଧର ସାହିତ୍ୟର ଆଲୋଚନା ମୁକ୍ତି ପାଇନାହିଁ। ରାଧାନାଥଙ୍କ କାବ୍ୟ-କୀର୍ତ୍ତିର ଆଲୋକରେ ଗଙ୍ଗାଧରଙ୍କ କାବ୍ୟମାନଙ୍କୁ ପ୍ରଦକ୍ଷିଣ କରାଯାଇଛି।

ପରିଡ଼ା-ବଡ଼ାଳ-ନାୟକଙ୍କ ମଧ୍ୟରେ ଲାଗିଥିବା ପ୍ରବନ୍ଧ-ଯୁଦ୍ଧରେ ମାନସିଂହ ଅଂଶଗ୍ରହଣ କରିନାହାନ୍ତି ଯଦିଓ ତାଙ୍କର 'ପରଧର୍ମ' ପ୍ରବନ୍ଧକୁ ଆଧାର କରି ବଡ଼ାଳ ଲେଖିଥିଲେ 'ସମାଲୋଚନା ସୁଆଙ୍ଗ'। (ସହକାର ୧୪/୧) ବଡ଼ାଳ ଗଙ୍ଗାଧରଙ୍କୁ ରାଧାନାଥଙ୍କ ସହ ତୁଳନା କରି ଯେଉଁ କେତେକ ପ୍ରଶ୍ନ ଉଠାଇଥିଲେ, ତାହାର ଉତ୍ତର ପରିଡ଼ା ତ ଦେଇ ପାରି ନଥିଲେ ବା ଦେବାର ସୁଯୋଗ ପାଇ ନଥିଲେ। ସେହି ସମସ୍ତ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ମାନସିଂହ, 'ମେହେରଙ୍କ ମହତ୍ତ୍ୱ' ପ୍ରବନ୍ଧରେ। ପରିଡ଼ା-ବଡ଼ାଳ-ନାୟକଙ୍କ ତର୍କ ଯୁଦ୍ଧରେ ଗଙ୍ଗାଧରଙ୍କୁ ନେଇ ଯେଉଁ ସମସ୍ତ ପ୍ରଶ୍ନ ଅସମାଧିତ ଥିଲା, ତାହାକୁ ଅନୁପମ ଭାଷା ସାହାଯ୍ୟରେ ଓ ରୋମାଣ୍ଟିକ୍ କାବ୍ୟ-ତତ୍ତ୍ୱର ବଳୟ ମଧ୍ୟରେ ରଖି ସେ ମୀମାଂସା କରିଛନ୍ତି। ମାନସିଂହଙ୍କ ପ୍ରବନ୍ଧ ବିଗତ ପଚାଶବର୍ଷ ହେଲା ଗଙ୍ଗାଧରଙ୍କ କାବ୍ୟ-ଆଲୋଚନାର କେନ୍ଦ୍ରଭୂମିରେ ରହି ଆସିଛି। ଏହା ଗଙ୍ଗାଧର ଗ୍ରନ୍ଥାବଳୀର ଭୂମିକା ରୂପରେ ସଂଯୋଜିତ ହେବା ଫଳରେ ତାହା ମେହେର ସାହିତ୍ୟର ଅଧିକାଂଶ ପାଠକଙ୍କ ପାଇଁ ଅବଶ୍ୟ ପଠନୀୟ ହୋଇ ରହିଛି।

ରୋମାଣ୍ଟିକ୍ କାବ୍ୟତତ୍ତ୍ୱର କେନ୍ଦ୍ରିକ-ପ୍ରତ୍ୟୟ ହେଲା କଳ୍ପନା ଓ ପ୍ରତିଭା। କୌଣସି ଦୁଇ ଲେଖକଙ୍କ ମଧ୍ୟରେ ବଡ଼-ସାନର ପ୍ରଭେଦ ବିଚାରର ମାନଦଣ୍ଡ ହେଲା ପ୍ରତିଭାର

ମୌଳିକତା । ମାନସିଂହ ଗଙ୍ଗାଧରୀ-ପ୍ରତିଭାର ମୌଳିକତା ବିଚାରରୁ ତାଙ୍କ ଆଲୋଚନା ଆରମ୍ଭ କରିଛନ୍ତି । ଉମେଶ୍ୱର ପଣ୍ଡିତ ରାଧାନାଥଙ୍କ ସହ ଗଙ୍ଗାଧରଙ୍କର ତୁଳନା କରିଥିବାରୁ ହର୍ଷିତ ହୋଇଥିଲେ । ମାନସିଂହ ସେହି ତୁଳନାରୁ ତାଙ୍କ ପ୍ରବନ୍ଧ ଆରମ୍ଭ କରିଛନ୍ତି : ‘‘ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ସାମ୍ୟ ଯତ୍‌କିଞ୍ଚିତ୍ । କିନ୍ତୁ ଭିନ୍ନତା ପ୍ରଚୁର । ରାଧାନାଥ ଯଦି ଏକ ସୁଦୃଶ୍ୟ ପର୍ବତ ବୋଲି ଧରାଯାନ୍ତି, ଗଙ୍ଗାଧରଙ୍କୁ ପାହାଡ଼ତଳସ୍ଥ ହ୍ରଦ ଜଳରେ ସେହି ପାହାଡ଼ର ପ୍ରତିବିମ୍ବ ବୋଲି ଧରା ଯାଇ ନପାରେ । ଗଙ୍ଗାଧର, ଛୋଟ ହେଉ ବରଂ, ରାଧାନାଥଙ୍କ ପରି ଆଉ ଏକ ସୁଦୃଶ୍ୟ ପର୍ବତ ।’ (ମାନସିଂହ ୧୯୪୮, ପୃ. ୯୭) ଏଇ ଦୁଇ ପ୍ରତିଭା-ପର୍ବତର ପରୋକ୍ଷ ତୁଳନା କରି ମାନସିଂହ ପ୍ରତିଭା ବିଚାରରେ (ଯାହା ପଣ୍ଡିତ କରିଥିଲେ) ଗଙ୍ଗାଧରଙ୍କ ମୌଳିକତା ସମ୍ପର୍କରେ ଲେଖିଛନ୍ତି : ‘‘ରାଧାନାଥ ଓଡ଼ିଆ କାବ୍ୟ-ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ହେଲେହେଁ ମୁଁ ମନେକରେ ଯେ ପ୍ରତିଭାର ନିଛକ ମୌଳିକତାର ବିଚାରରେ ଗଙ୍ଗାଧର ଉଚ୍ଚତର ଆସନର ଯୋଗ୍ୟ । ସେ ପ୍ରତିଭା ତାର ପ୍ରକୃଷ୍ଟ ବିକାଶପାଇଁ ଅବକାଶ ପାଇଲାନି; ତେଣୁ ତାର ସିଦ୍ଧି ଏତେ ଅଳ୍ପ । କିନ୍ତୁ ସେଇ ସ୍ୱଳ୍ପକୃତି ଭିତରେ ଆମ୍ଭେମାନେ ଉଜ୍ଜ୍ୱଳ ମୌଳିକତାର ଯେଉଁ ପରିଚୟ ପାଉଁ, ସେଥିରୁ ଲବ୍ଧ ହୋଇ ଏହାହିଁ ବିଚାରୁ ‘ଉପଯୁକ୍ତ ଭାବରେ ବର୍ଦ୍ଧିତ ହୋଇଥିଲେ ଏ ବୃକ୍ଷ କେତେ ନା କି ଫଳ ପ୍ରସବ କରିଥାନ୍ତା ।’’ (ଏଜ୍ଞ, ପୃ. ୯୮) ମାନସିଂହ ରାଧାନାଥ-ସାହିତ୍ୟକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ସାହିତ୍ୟିକ ସଂସ୍କୃତି (literary culture) ଓ ସାହିତ୍ୟିକ ଭାବାଦର୍ଶ (literary ideology)ର ପରିଧି ବାହାରକୁ ଆସିପାରି ନାହାନ୍ତି । ସେହି ସଂସ୍କୃତି ଓ ଭାବାଦର୍ଶକୁ ସ୍ୱୀକାର କରିନେଇ ତାହାରି ପରିସର ଭିତରେ ଓ ସେଗୁଡ଼ିକୁ ମାଧ୍ୟମ କରି ଗଙ୍ଗାଧରଙ୍କୁ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି । ଏହିଭଳି ଆକାଙ୍କ୍ଷାରୁ ସୃଷ୍ଟି ହୋଇଛି ଗଙ୍ଗାଧରଙ୍କୁ ଏକ ଦୟନୀୟ ବୀର ରୂପରେ ଉପସ୍ଥାପନ କରିବାର ଚେଷ୍ଟା । ମାନସିଂହ ଗଙ୍ଗାଧରଙ୍କ ପ୍ରତିଭାର ଜୟଗାନ କରିବାକୁ ତାଙ୍କର ଦାରିଦ୍ର୍ୟ ଓ ଅଶିକ୍ଷା ପ୍ରସଙ୍ଗ ବାରମ୍ବାର ଉତ୍ଥାପନ କରିଛନ୍ତି । ଉଦ୍ଦେଶ୍ୟ ମହତ୍ ହେଲେହେଁ ଗଙ୍ଗାଧରଙ୍କ କବି-ଆତ୍ମାର ସ୍ୱରୂପ ସନ୍ଧାନ କଲାବେଳେ ତାହା ସବୁବେଳେ ଭୁଲ-ସଂକେତ ଦେଇ ଆସିଛି । କାରଣ ରାଧାନାଥ ଓ ଗଙ୍ଗାଧରଙ୍କ ପ୍ରତିଭା କେବଳ ସ୍ୱତନ୍ତ୍ର ନୁହେଁ— ଉଭୟଙ୍କର ସାହିତ୍ୟିକ-ସଂସ୍କୃତି ଭିନ୍ନ, ପ୍ରକାଶ ମଧ୍ୟ ସ୍ୱତନ୍ତ୍ର । ଦ୍ୱିତୀୟତଃ, ପରିମାଣ ଓ ବୈଚିତ୍ର୍ୟ ବିଚାରରେ ରାଧାନାଥ ବା ମଧୁସୂଦନଙ୍କ ରଚନାବଳୀଠାରୁ ଗଙ୍ଗାଧରଙ୍କ ରଚନାବଳୀ ଆଦୌ ନ୍ୟୂନ ନୁହେଁ— ବରଂ ଅଧିକ । ମାନସିଂହ ପ୍ରଥମରୁ ଗଙ୍ଗାଧରଙ୍କ ରଚନାବଳୀ ସଂପର୍କରେ ଭୁଲ ଧାରଣା ନେଇସାରି, ସେହି ଧାରଣାର ପ୍ରତିଷ୍ଠା ପାଇଁ ଯୁକ୍ତି ଓ ପ୍ରତି-ଯୁକ୍ତି ସନ୍ଧାନ କରିଛନ୍ତି । ସାହିତ୍ୟିକଙ୍କୁ ବୀରଭାବରେ ଉପସ୍ଥାପିତ କରିବାର ଭ୍ରାନ୍ତ-ଉତ୍ସାହରୁ ରାଧାନାଥ ଓ ଫକୀରମୋହନ ଆଜି ପର୍ଯ୍ୟନ୍ତ ଯେଉଁ ବିଡ଼ମ୍ବନାର ସମ୍ମୁଖୀନ ହେଉଛନ୍ତି, ଗଙ୍ଗାଧର ସେହି ବିଡ଼ମ୍ବନାରୁ ମୁକ୍ତି ପାଇନାହାନ୍ତି ।

ପରିଡ଼ାଙ୍କ ବକ୍ତବ୍ୟକୁ ପୁଷ୍ଟ କରିବା ଅବସରରେ ଓ ବଡ଼ାଳଙ୍କ ଯୁକ୍ତିର ପରୋକ୍ଷ ଖଣ୍ଡନ କରିବାକୁ ଯାଇ ମାନସିଂହ ମେହେର-ବ୍ୟାଖ୍ୟାନର ପରିସରକୁ ଯେତିକିରେ ସୀମାବଦ୍ଧ କରିଛନ୍ତି, ପଚାଶ ବର୍ଷ ପରେ ସେହି ସୀମାବଦ୍ଧତାରୁ ମେହେର ସାହିତ୍ୟର ଆଲୋଚନା ଖୁବ୍ ବେଶୀ ଆଗକୁ ଯାଇପାରିନାହିଁ। ଅତୀତରେ ଅଧ୍ୟାପକ ଦଶରଥି ଦାସ (ଦାସ ୧୯୭୩) ଗଙ୍ଗାଧରଙ୍କ କାବ୍ୟଚେତନାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ— ପ୍ରକୃତି ଓ ପ୍ରଣୟ— ଉପରେ କାଳିଦାସ ଓ ଭବଭୂତିଙ୍କ ପ୍ରଭାବ ପ୍ରଦର୍ଶନ କରିବାକୁ ଯାଇ ମାନସିଂହ ସୃଷ୍ଟି କରିଥିବା ସୀମାବଦ୍ଧତାକୁ ଏକ ଧକ୍କା ଦେଇଥିଲେ। ଏଇ ଅଳ୍ପ କେତେବର୍ଷ ଭିତରେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଡକ୍ଟର୍ ମଧୁସୂଦନ ପତି ଓ ଅଧ୍ୟାପକ ରବିଶଙ୍କର ମିଶ୍ର ପ୍ରମୁଖ ମାନସିଂହ-ନିର୍ଦ୍ଦିଷ୍ଟ ବ୍ୟାଖ୍ୟାନ-ପରିସରକୁ ଭାଙ୍ଗିବାପାଇଁ ବାରମ୍ବାର ଚେଷ୍ଟା କରିଛନ୍ତି। କିନ୍ତୁ ଗଙ୍ଗାଧରଙ୍କ କବି-ଆତ୍ମାକୁ ଏକ ନିର୍ଦ୍ଦିଷ୍ଟ ରୂପରେ ଦେଖିବାରେ ଓଡ଼ିଶାର ସୁଧୀବୃନ୍ଦ ଅଭ୍ୟସ୍ତ ହୋଇଥିବାରୁ ସେହି (ମାନସିଂହ ନିର୍ଦ୍ଦିଷ୍ଟ) ବ୍ୟାଖ୍ୟାନର ଢାଞ୍ଚାର ମଧ୍ୟରେ ଗଙ୍ଗାଧର ସାହିତ୍ୟ ଏବେ ମଧ୍ୟ ବନ୍ଦୀ ହୋଇ ରହିଛି।

॥ ଛଅ ॥

ଗଙ୍ଗାଧର ସାହିତ୍ୟ-ସମୀକ୍ଷାର ଆଦିପର୍ବରୁ ସମୀକ୍ଷକମାନଙ୍କର ଦୁଇଟି ପ୍ରବଣତା ସ୍ପଷ୍ଟ: ରାଧାନାଥଙ୍କ ସହ ତାଙ୍କର ତୁଳନା କରିବା ଓ ତାଙ୍କୁ ଜଣେ ସନ୍ତ ରୂପରେ ଉପସ୍ଥାପନ କରିବା। ପୂର୍ବ ଅଂଶରେ ଏ ସଂପର୍କରେ କେତେକ ଇଙ୍ଗିତ ଦିଆଯାଇଛି କିନ୍ତୁ କେଉଁ ପରିବେଶରେ ସମାଲୋଚକମାନେ ଗଙ୍ଗାଧରଙ୍କୁ ନେଇ ଗଢ଼ିଉଠିଥିବା ବ୍ୟାଖ୍ୟାନର ପରିସରକୁ ଏହି ପ୍ରବଣତା ଭିତରେ ସୀମାବଦ୍ଧ ରଖିଛନ୍ତି, ତାହା ପୂର୍ବ ଅଂଶରୁ ସ୍ପଷ୍ଟ ନୁହେଁ। ତୁଳନା କରି ଜଣେ ଲେଖକଙ୍କ ଠାରୁ ଅନ୍ୟ ଜଣେ ଲେଖକଙ୍କର ଶ୍ରେଷ୍ଠତ୍ୱ ବା ଅଧମର୍ଣ୍ଣତ୍ୱ, ଯାହା ପ୍ରତିଷ୍ଠା କରାଯାଉନା କାହିଁକି; ତୁଳନା-ପରିସରକୁ ଟଣା ହୋଇ ଆସିଥିବା ଦ୍ୱିତୀୟ ଲେଖକଙ୍କର ଉତ୍ତମର୍ଣ୍ଣତ୍ୱ ପରୋକ୍ଷରେ ପୂର୍ବ-ସ୍ୱୀକୃତ। ବଙ୍କିମଚନ୍ଦ୍ରଙ୍କୁ ସ୍କଟଙ୍କ ସହ ତୁଳନା କରାଗଲାବେଳେ ସ୍କଟଙ୍କ ମହତ୍ତ୍ୱ ଯେ ପ୍ରତିଷ୍ଠିତ ଓ ବଙ୍କିମଚନ୍ଦ୍ର ତାଙ୍କ ସହ ତୁଳିତ ହୋଇ ଗୌରବାନ୍ୱିତ ହୋଇଛନ୍ତି, ଏହା ବୁଝିବାପାଇଁ ବାକି ରହେନାହିଁ। ଏହାଦ୍ୱାରା ପରୋକ୍ଷରେ ସ୍କଟଙ୍କ ଐତିହାସିକ ଉପନ୍ୟାସ ସବୁକୁ ମାନକ ରୂପେ ଗ୍ରହଣ କରାଯାଇଥାଏ। ଏଭଳି ଅବାନ୍ତର ତୁଳନାର କାରଣ ଆମର ପରିଚିତ ସମାଲୋଚନାତତ୍ତ୍ୱରୁ ମିଳେନାହିଁ। ରୋମାଣ୍ଟିକ୍ ବା କ୍ଲାସିକ୍, ଉଭୟ ସମାଲୋଚନାତତ୍ତ୍ୱ କେତେକ ଆଦର୍ଶରେ ବିଶ୍ୱାସ କରେ। ପୂର୍ବ-ସ୍ୱୀକୃତ ଆଦର୍ଶ, ବିଶ୍ୱାସ ଓ ମୂଲ୍ୟମାନ ଭିତ୍ତିରେ ସାହିତ୍ୟ-ସମାଲୋଚନାତତ୍ତ୍ୱର ଇମାରତ ଠିଆ ହୋଇଥିବାରୁ ବା ନନ୍ଦନତତ୍ତ୍ୱକୁ ସାହିତ୍ୟ-ସମାଲୋଚନାର ମାନକ-ତତ୍ତ୍ୱ ରୂପେ ଗ୍ରହଣ କରାଯିବା ହେତୁ ଏଭଳି ଜିଜ୍ଞାସାସବୁର ସମାଧାନ ହୋଇପାରେ ନାହିଁ। ଦ୍ୱିତୀୟତଃ, କେଉଁ ପ୍ରେକ୍ଷିତରେ ଗଙ୍ଗାଧରଙ୍କ ଭଳି ସାଧାରଣ ମଫସଲବାସୀର ଜୀବନ ଅତିବାହିତ କରିଥିବା

ବ୍ୟକ୍ତିଙ୍କୁ ମହାପୁରୁଷଙ୍କର ରହସ୍ୟମୟ ବଳୟ ଭିତରେ ଅବସ୍ଥାପିତ କରାଇ, ତାଙ୍କୁ ନେଇ ଚରିତାମୃତ (hagiography) ଲେଖାଯାଏ – ତାହା ଆଦୌ ସ୍ପଷ୍ଟ ହୁଏ ନାହିଁ।

ଗଙ୍ଗାଧର କାହିଁକି ଯେକୌଣସି କବିଙ୍କ କୃତିଗୁଡ଼ିକର ବିଶ୍ଲେଷଣ ଚଳାଇବେଳେ, ସେହି ତଥାକଥିତ ସାହିତ୍ୟକୃତିଗୁଡ଼ିକୁ ଆମେ ଏକ ସ୍ୱର୍ଗୀୟ, ଅମାନବିକ, ସ୍ୱୟଂପ୍ରକାଶକ୍ଷମ ସତ୍ତା ଭାବରେ ଗ୍ରହଣ କରିଥାଉ। ସାଧାରଣ ମତରେ କୌଣସି ସୁପରିଚିତ ସାହିତ୍ୟ-କୃତି କେତେକ ବିଶିଷ୍ଟ ଗୁଣର ଅଧିକାରୀ; ଯେଉଁ ଗୁଣଗୁଡ଼ିକୁ କୃତିଟିକୁ ସାର୍ବଜନୀନ ଓ ସର୍ବକାଳିକ କରିଛି। ସମାଲୋଚକଙ୍କର କାର୍ଯ୍ୟ ହେଲା, ସମାଲୋଚିତ ରଚନାର ଏହି ସାହିତ୍ୟତ୍ୱକୁ ଅନୁସନ୍ଧାନ, ବିଶ୍ଲେଷଣ ବା ଉଦ୍ଭାବନ କରି ପାଠକ-ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିବା – ଯେପରିକି ପରିଡ଼ା, ନାୟକ, ପ୍ରହରାଜ ଓ ମାନସିଂହ ପ୍ରମୁଖ ଗଙ୍ଗାଧରଙ୍କ କେତେକ ରଚନାର କାବ୍ୟ-ମୂଲ୍ୟକୁ ଆବିଷ୍କାର କରି ପାଠକମାନଙ୍କୁ ପରିବେଷଣ କରିଛନ୍ତି। କିନ୍ତୁ ଏଭଳି ସାହିତ୍ୟ-ଗୁଣର ଆବିଷ୍କାର ଯଥାର୍ଥରେ ଏକ ଆବିଷ୍କାର ନୁହେଁ– ଏହା ଏକ ଉଦ୍ଭାବନ ଓ ଆରୋପଣ। ଏଭଳି ଆରୋପଣକୁ ଆବିଷ୍କାର ଭାବରେ ଗ୍ରହଣ କରିନେବାର ଇଚ୍ଛା, କୌଣସି 'ରଚନା'କୁ ସ୍ୱୟଂସମ୍ପୂର୍ଣ୍ଣ ଓ ପାର୍ଥିବ-ସ୍ପର୍ଶ-ଶୂନ୍ୟ ବୋଲି ସ୍ୱୀକାର କରିନେବା ପ୍ରବୃତ୍ତିରୁ ଉତ୍ସାରିତ। ବିଶେଷ ରଚନା ଓ ତା'ର ଆଲୋଚନା ସଂପର୍କରେ ଥିବା ଏହି ଭ୍ରାନ୍ତ ମତବାଦରୁ ଅନ୍ୟାନ୍ୟ ସମସ୍ୟା ମୁଣ୍ଡ ଟେକିଛି। ଅତୀତରେ ନନ୍ଦନତାତ୍ତ୍ୱିକଗଣ ଓ ନିକଟ ଅତୀତରେ ନିଉ-କ୍ରିଟିକ୍‌ଗୋଷ୍ଠୀ ଏଭଳି ଭ୍ରାନ୍ତ ମତବାଦକୁ ବଳିଷ୍ଠ ଓ ପରିପୁଷ୍ଟ କରିଛନ୍ତି।

ସଇଦଙ୍କୁ ଅନୁସରଣ କରି କୁହାଯାଇପାରେ ଯେ ପ୍ରତ୍ୟେକ ରଚନା ବା ଟେକ୍‌ସଟ୍ ଜାଗତିକ। ନାନା ସାମାଜିକ ଘଟଣାର ଆବର୍ତ୍ତ ମଧ୍ୟରୁ ଏକ ସାମାଜିକ-କ୍ରିୟାରୂପରେ ନିର୍ଦ୍ଦିଷ୍ଟ ଐତିହାସିକ ମୁହୂର୍ତ୍ତରେ ତାହା ନିର୍ମିତ ହୋଇଥାଏ। (Said 1984 p.3) ତେଣୁ ପ୍ରତ୍ୟେକ ରଚନାର ସର୍ବବିଧ ବିଭାବ ନ ହେଲେ ମଧ୍ୟ ଅନେକ ବିଭାବ ଇତିହାସ ଓ ସାମାଜିକ-ପ୍ରକ୍ରିୟାର ଅନୁଶୀଳନ ମାଧ୍ୟମରେ ଅବବୋଧର ପରିଧିମଧ୍ୟକୁ ଅଣାଯାଇ ପାରିବ। ତା' ସହିତ ରଚନାର ମଧ୍ୟ ନିଜସ୍ୱ ଐତିହ୍ୟ ରହିଛି, ଯାହାକୁ ସାହିତ୍ୟିକ-ସଂସ୍କୃତି (literary culture) ବୋଲି କୁହାଯାଇ ପାରିବ। ଏହି ସାହିତ୍ୟିକ-ସଂସ୍କୃତିର ଅନୁସରଣ ବା ପ୍ରଭାବ ପ୍ରତ୍ୟେକ ରଚନା ଉପରେ ରହିଛି। ତେଣୁ ଭାଷାତତ୍ତ୍ୱ, ଚିହ୍ନ ବିଜ୍ଞାନ (semiotics), ଭାବାଦର୍ଶ, ସାମାଜିକ-ପ୍ରକ୍ରିୟା, ଐତିହାସିକ-ମୁହୂର୍ତ୍ତ ଓ ସାଂସ୍କୃତିକ କର୍ତ୍ତୃତ୍ୱବୋଧକୁ ବିଚାରକୁ ନ ନେଇ ଯେଉଁ ସାହିତ୍ୟ-ସମାଲୋଚନା କରାଯାଏ ତାହା ଭୁଲିଖଟି ଗପର ସମଗୋତ୍ରୀୟ। ସେହି ଦୃଷ୍ଟିରୁ ଦେଖିଲେ ପରିଡ଼ା-ବରାଳ-ନାୟକଙ୍କ ମଧ୍ୟରେ ଚାଲିଥିବା ପ୍ରବନ୍ଧ ଯୁଦ୍ଧ ଏହି ଖଟି-ଝଗଡ଼ାର ଅନ୍ୟରୂପ। ଅବଶ୍ୟ ଏହି ଖଟି-ଝଗଡ଼ାର ମଧ୍ୟ ନିଜସ୍ୱ କାରଣ ରହିଛି। ସାହିତ୍ୟ-ସମାଲୋଚନାର ଏହି ଅବୈଜ୍ଞାନିକ ଓ ଭାବବାଦୀ ରୂପ ବହୁ ପ୍ରାଚୀନ। ଏ ସଂପର୍କରେ ରୋମାନ ୟାକବସନଙ୍କ ବକ୍ତବ୍ୟ ଉଦ୍ଧାର ଯୋଗ୍ୟ : "...the

history of art, particularly that of literature, has had more in common with causerie than with scholarship. It obeyed all laws of causerie, skipping blithely from topic to topic, from lyrical effusions on the elegance of forms to anecdotes from the artists life, from psychological truisms to questions concerning philosophical significance and social environment... The history of art has been equally slipshod with respect to scholarly terminology. It has employed the current vocabulary without screeming the words critically, without defining them precisely and without considering the multiplicity of their meanings." (cited in Bennett 1979, p.65) ଗଙ୍ଗାଧରଙ୍କ କାବ୍ୟକବିତାକୁ ନେଇ ଗଢ଼ି ଉଠିଥିବା ସମାଲୋଚନାର ଐତିହ୍ୟକୁ ବିଶ୍ଳେଷଣ କଲେ ଯାଜକସନଙ୍କ ଉକ୍ତିର ଯଥାର୍ଥ ଉପଲବ୍ଧି କରିହୁଏ। ତେଣୁ ଗଙ୍ଗାଧର କାହିଁକି, ଯେ କୌଣସି ସାହିତ୍ୟ-ରଚୟିତାଙ୍କର କାବ୍ୟକୃତିର ଅଧ୍ୟୟନ କରିବାକୁ ହେଲେ ସମକାଳୀନ 'ସାହିତ୍ୟ' ଧାରଣାର ବିଶ୍ଳେଷଣ ଅପରିହାର୍ଯ୍ୟ।

କାବ୍ୟ ଅକାବ୍ୟ, ସାହିତ୍ୟ ଓ ଅସାହିତ୍ୟ ଭେଦରେ କୌଣସି ରଚନାକୁ ନିର୍ଦ୍ଦିଷ୍ଟଭାବେ ଚିହ୍ନିତ କରାଯାଇପାରିବ ନାହିଁ; କାରଣ ସାହିତ୍ୟ ବା କାବ୍ୟ କହିଲେ କୌଣସି ନିର୍ଦ୍ଦିଷ୍ଟ ଧରଣର ରଚନାକୁ ବୁଝାଏ ନାହିଁ। କୌଣସି ରଚନା ଆପେଁ ଆପେଁ, ସ୍ୱତଃସ୍ଫୂର୍ତ୍ତ ଭାବରେ ସାହିତ୍ୟତ୍ୱର ଅଧିକାରୀ ହୋଇନଥାଏ— ତାହା ସାହିତ୍ୟରୂପେ ରଚିତ ହୁଏ ସମକାଳୀନ ଓ ସ୍ଥାନୀୟ ସାହିତ୍ୟିକ-ସଂସ୍କୃତିକୁ ଅନୁସରଣ କରି, 'ସାହିତ୍ୟ' ରୂପେ ପରିଚିତ ହୁଏ ସମକାଳୀନ ସମାଲୋଚନା ଦ୍ୱାରା ଗୃହୀତ ହୋଇ। ସଂସ୍କୃତି ଓ ସମାଲୋଚନା ରଚନାକୁ ସାହିତ୍ୟରେ ପରିଣତ କରେ। ତେଣୁ ସମକାଳୀନ ମୂଲ୍ୟାୟନ ଯେଉଁଭଳି ସାଂସ୍କୃତିକ-କର୍ତ୍ତୃତ୍ୱବୋଧ (cultural hegemony)ର ଅଭିବ୍ୟକ୍ତି; ସମାନ୍ତର ପରଂପରାରେ ଗଢ଼ି ଉଠିଥିବା କୌଣସି ଲେଖକଙ୍କର ପରିଚିତି ସେହିଭଳି ଏକ ଆରୋପଣ; ଲେଖକଙ୍କ ରଚନାବଳୀରେ ନିର୍ଦ୍ଦିଷ୍ଟ ମୂଲ୍ୟମାନର ସଂକ୍ରମଣ। ଗଙ୍ଗାଧରଙ୍କ ସଂପର୍କରେ ହୋଇଥିବା ଆଲୋଚନା-ପ୍ରତ୍ୟାଲୋଚନା ମଧ୍ୟରେ ସମକାଳୀନ ସାହିତ୍ୟ-ରୁଚିର ପ୍ରତିଫଳନ ହେବା ତେଣୁ ସ୍ୱାଭାବିକ ଓ ସେଥିରେ ନୂତନ ମୂଲ୍ୟବୋଧର ପ୍ରତିଷ୍ଠା ଆକାଂକ୍ଷା ସ୍ପଷ୍ଟ। ପ୍ରସଂଗ କ୍ରମେ କୁହାଯାଇପାରେ ଯେ ଲେଖକ ବା author ପ୍ରତ୍ୟୟ ସହିତ authority ବା କର୍ତ୍ତା ପ୍ରତ୍ୟୟ ଘନିଷ୍ଠ। କର୍ତ୍ତା ବ୍ୟକ୍ତି ହେଲେହେଁ ସେ ଅନୁଷ୍ଠାନର ପ୍ରତୀକ। ତେଣୁ କୌଣସି ରଚୟିତା ଯେତେବେଳେ ଲେଖକ ରୂପରେ ପ୍ରତିଷ୍ଠିତ ହେବାପାଇଁ ଚେଷ୍ଟା କରନ୍ତି ବା ତାଙ୍କୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରାଯାଏ, ସେତେବେଳେ ଏକ ସାମାଜିକ-ସ୍ଥାନ (social space) ପାଇଁ ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼େ। ଗଙ୍ଗାଧରଙ୍କୁ ଯେତେବେଳେ ପରିଡ଼ା ପ୍ରମୁଖ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଲେଖକ (author) ରୂପରେ ପ୍ରତିଷ୍ଠା ଦେବାକୁ ଚାହିଁଛନ୍ତି, ସେତେବେଳେ

ସେହି ସାମାଜିକ-ସ୍ଥାନ ଅଧିକାର କରିଥିବା ରାଧାନାଥ ଓ ମଧୁସୂଦନଙ୍କ ସହ ତାଙ୍କର ସଂଘର୍ଷ ଦେଖାଦେଉଛି। ଲେଖକଙ୍କର ଭୂମିକା ଏକ ସାମାଜିକ ଭୂମିକା — ଜଣେ ଲେଖକଙ୍କ ମାଧ୍ୟମରେ ସେହି ସମାଜ ମଧ୍ୟରେ ନୂତନ ବ୍ୟାଖ୍ୟାନର କ୍ରିୟାଶୀଳତା ଓ ପରିସର ପ୍ରତିଷ୍ଠିତ ହୁଏ। ତେଣୁ ଓଡ଼ିଶାର ନୂତନ ବିଦ୍ୱତସମାଜ ଯେତେବେଳେ ତା'ର ବ୍ୟାଖ୍ୟାନ (discourse)ର ପରିସରକୁ ସଂପ୍ରସାରିତ କରିବାକୁ ଚାହିଁଛନ୍ତି ସେତେବେଳେ ଗଙ୍ଗାଧରଙ୍କୁ ସେମାନେ ଏକ ଉପକରଣ ଭାବରେ ଗ୍ରହଣ କରିନେଇଛନ୍ତି। କାରଣ ଲେଖକ-ଭୂମିକାର ପ୍ରକାର୍ଯ୍ୟ ହେଲା : "...to characterize the existence, circulation and operation of certain discourses within the society." (Foucault 1977, p. 124)

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅଳଙ୍କାର-ପ୍ରଧାନ କାହାଣୀ-କାବ୍ୟକୁ ଆଧାର କରି ଏକ ସାହିତ୍ୟିକ ଭାବାଦର୍ଶ (literary ideology) ଗଢ଼ି ଉଠିଥିଲା। ଏହି ଭାବାଦର୍ଶର ବାହକ ଥିଲେ ସାମନ୍ତ-ପାରିଷଦବର୍ଗ ଓ ବୈଷ୍ଣବ-ଆଚାର୍ଯ୍ୟଗଣ। ଏହି ଭାବାଦର୍ଶକୁ କେତେକାଂଶରେ ପ୍ରତ୍ୟାଖ୍ୟାନ କରି ସମକାଳୀନ ଔପନିବେଶିକ ପ୍ରଭୁଙ୍କ ରୁଚିଆନୁରେ, ଓଡ଼ିଶାର ଶିକ୍ଷା ବିଭାଗର ଅନ୍ୟତମ କର୍ତ୍ତା ରାଧାନାଥ ନୂଆ ଧରଣର କାବ୍ୟ ରଚନା କରିଥିଲେ — ଆପଣା କାବ୍ୟକୁ ଆଧାର କରି ନୂଆ ସାହିତ୍ୟିକ ଭାବାଦର୍ଶ ଆପଣା ଅନୁଗତ ଶିକ୍ଷକ ଓ ଛାତ୍ରଙ୍କ ସହଯୋଗରେ ପ୍ରତିଷ୍ଠିତ କରିବାକୁ ଚାହିଁଥିଲେ। ରାଧାନାଥଙ୍କର ଅନୁରାଗୀବର୍ଗ ପ୍ରାଚୀନ ସାହିତ୍ୟିକ-ସଂସ୍କୃତିକୁ ସାଧାରଣରେ ନିନ୍ଦିତ କରି ରାଧାନାଥଙ୍କ ଦ୍ୱାରା ରଚିତ ନବ୍ୟ-କାବ୍ୟର ଯଶୋଗାନ କରିଥିଲେ, ରାଧାନାଥଙ୍କ କାବ୍ୟକୁ ମାନକ ଭାବରେ ଛିଡ଼ା କରାଇବାପାଇଁ ଚେଷ୍ଟା କରିଥିଲେ। ସେମାନଙ୍କ ଭିତରୁ ଅଧିକାଂଶଙ୍କର ଓଡ଼ିଶାର ସାହିତ୍ୟିକ-ସଂସ୍କୃତି ସହ ଘନିଷ୍ଠତା ନଥିଲା, ଫଳରେ ଅହେତୁକ ଆକର୍ଷଣ ମଧ୍ୟ ନଥିଲା। ଏହି ଅସଂପୃକ୍ତି ଫଳରେ ପ୍ୟାରୀମୋହନଙ୍କଠାରୁ ଆରମ୍ଭକରି ରାମନାରାୟଣଙ୍କ ପର୍ଯ୍ୟନ୍ତ ଅନେକେ ଏଭଳି ଏକ ପଦକ୍ଷେପ ନେଇପାରିଥିଲେ। ରାଧାନାଥ ଥିଲେ କାବ୍ୟକାର ଓ ଶିକ୍ଷାବିଭାଗର କର୍ତ୍ତା। ଓଡ଼ିଶାର ସାହିତ୍ୟିକ-ଐତିହ୍ୟରେ କାବ୍ୟର ସ୍ଥାନ ଥିଲା ଅପ୍ରତିଦ୍ୱନ୍ଦୀ ଓ କାବ୍ୟ ପଠନ ପାଠନର କ୍ଷେତ୍ର ଥିଲା ଶିକ୍ଷାବିଭାଗ ଅଧୀନରେ ଗଢ଼ି ଉଠିଥିବା ବିଦ୍ୟାଳୟସମୂହ। ସମକାଳରେ 'ଜାତୀୟତାବାଦ' ଏକ ସର୍ବଗ୍ରାସୀ ଭାବାଦର୍ଶ ଭାବରେ କାୟା ବିସ୍ତାର କରୁଥିଲା : ଜାତୀୟ ଭାଷା ଓ ଜାତୀୟ ସାହିତ୍ୟ ମଧ୍ୟ ଦେଇ ଏହା ନିଜର ସତ୍ତା ପ୍ରତିଷ୍ଠା କରୁଥିଲା। ତେଣୁ ପ୍ରଶ୍ନ ଉଠିଥିଲା, ଓଡ଼ିଆ ଜାତୀୟ ସାହିତ୍ୟର ପ୍ରତିନିଧି କେଉଁମାନେ ? ରାଧାନାଥ କୌଶଳକ୍ରମେ ନିଜର ବନ୍ଧୁ ଓ ଅନୁରାଗୀମାନଙ୍କ ସହଯୋଗରେ, ନୂଆ ଭାବରେ ପରିକଳ୍ପିତ ହୋଇଥିବା ଓଡ଼ିଆ ଜାତୀୟତା ସହିତ ନିଜ କାବ୍ୟକୁ ଏକତ୍ର କରି ସେସବୁକୁ 'ଜାତୀୟ ସାହିତ୍ୟ' ରୂପରେ ପରିଚିତ କରିବା ସହ ନିଜ ସାହିତ୍ୟିକ-ଭାବାଦର୍ଶକୁ ପ୍ରମୁଖତା ପ୍ରଦାନ କରିବାପାଇଁ ଚାହିଁଥିଲେ।

ଗୌରୀଶଙ୍କରଙ୍କ ଭଳି ଯେଉଁମାନେ ଓଡ଼ିଆ ଜାତୀୟତାର କଳ୍ପନା, ପୁନର୍ବିନ୍ୟାସ ଓ ପ୍ରସାର ସହିତ ଘନିଷ୍ଠଭାବେ ସଂଶ୍ଳିଷ୍ଟ ଥିଲେ, ସେମାନେ ରାଧାନାଥ-ଅନୁଗତ ଗୋଷ୍ଠୀର ଏହି ପ୍ରକାର ମନୋଭାବ ଓ ପଦକ୍ଷେପକୁ ବିରୋଧ କରିଥିଲେ । ଇନ୍ଦ୍ରଧନୁ-ବିଜୁଳି ସମର ଏହାର ଥିଲା ଅନ୍ୟତମ ପ୍ରତିକ୍ରିୟା । ଏଠାରେ ସ୍ପଷ୍ଟ କରିଦେବା ଉଚିତ ଯେ ଗୌରୀଶଙ୍କର କେବେ ବି ରାଧାନାଥଙ୍କ କବି-କୀର୍ତ୍ତିକୁ ଧ୍ୱଂସ କରିବାକୁ ଚାହିଁ ନଥିଲେ ବରଂ ଦୀନକୃଷ୍ଣ-ଭକ୍ତ-ବଳଦେବ ପ୍ରମୁଖଙ୍କ ରଚନାବଳୀ ସହିତ ରାଧାନାଥଙ୍କ କେତେକ ରଚନାକୁ ଜାତୀୟ ସାହିତ୍ୟର ଆଦର୍ଶ ଭାବରେ ପରିଚିତ କରିବାକୁ ଚାହିଁଥିଲେ । ତେଣୁ ପରିଣାମରେ 'ଇନ୍ଦ୍ରଧନୁ'ର ବିଜୟ ହେଲେ ମଧ୍ୟ ରାଧାନାଥଙ୍କ କାବ୍ୟାବଳୀ ଆଧୁନିକ ଓଡ଼ିଆ ସାହିତ୍ୟର ମାନକ ଭାବରେ ଗୃହୀତ ହୋଇଗଲା । ଦୀନକୃଷ୍ଣ-ଭକ୍ତ-ଅଭିମନ୍ୟୁ-ବଳଦେବଙ୍କ ସହ ରାଧାନାଥ ନିଜ ଜୀବଦ୍ଦଶାରେ ଓଡ଼ିଶାର ସାହିତ୍ୟିକ-ଐତିହ୍ୟର ଅଂଶବିଶେଷ ଭାବରେ ପ୍ରତିଷ୍ଠିତ ହୋଇଗଲେ । ତେଣୁ ଓଡ଼ିଆ ସାହିତ୍ୟର ସମସ୍ତ ରଚନାକାର ଓ ପାଠକମାନଙ୍କ ପାଇଁ ରାଧାନାଥ ଜଣେ ଲେଖକ କେବଳ ନୁହନ୍ତି— ସେ ଜଣେ କର୍ତ୍ତା, ଏକ ଭାବାଦର୍ଶ, 'ସ୍ୱୟଂ' ଏକ ସଂସ୍କୃତି; ତେଣୁ ଏକ ପ୍ରଚଣ୍ଡ ସାମାଜିକ-ଶକ୍ତି । ତାଙ୍କ କର୍ତ୍ତୃତ୍ୱର ଏହି ସ୍ୱୀକରଣ ଫଳରେ ବିଗତ ଦେଢ଼ଶହ ବର୍ଷର ସାହିତ୍ୟ-ଆଲୋଚନାର ସେ କେନ୍ଦ୍ରବିନ୍ଦୁ । ଏପରିକି ମଧୁସୂଦନ, ଫକୀରମୋହନଙ୍କଠାରୁ ଗଙ୍ଗାଧର, ନନ୍ଦକିଶୋରଙ୍କ ପର୍ଯ୍ୟନ୍ତ ଉନବିଂଶ ଶତକର ସବୁ ସାହିତ୍ୟିକ ଓ ସମସ୍ତ ପ୍ରକାର ସାହିତ୍ୟ-ଆଲୋଚନା କଲାବେଳେ ରାଧାନାଥ ଅବଶ୍ୟ ଆଲୋଚ୍ୟ ହୋଇ ଆସିଛନ୍ତି । ରାଧାନାଥ କାବ୍ୟଦର୍ଶନର ଆଲୋକରେ ଏମାନଙ୍କ ସାହିତ୍ୟକୁ ଉଦ୍ଭାସିତ କରିବାର ପ୍ରଚେଷ୍ଟା ହୋଇଛି । ଗଙ୍ଗାଧର ସାହିତ୍ୟର ବହୁ ଆଲୋଚକ ଚାହିଁଛନ୍ତି, ରାଧାନାଥଙ୍କ ପାଖରେ ଗଙ୍ଗାଧରଙ୍କ ପାଇଁ ଏକ ଆସନ ସୃଷ୍ଟି କରିବାପାଇଁ, ଯଦି ଆସନ-ସୃଷ୍ଟି ସମ୍ଭବ ନହୁଏ ତେବେ ରାଧାନାଥଙ୍କୁ ସ୍ଥାନ-ଚ୍ୟୁତ କରି ଗଙ୍ଗାଧରଙ୍କୁ ସେହି ଆସନରେ ବସେଇବା ପାଇଁ— ବସ୍ତୁତଃ ଗଙ୍ଗାଧରଙ୍କୁ ଏକ ସାଂସ୍କୃତିକ-ପ୍ରତୀକ ବା ସାମାଜିକ-ଶକ୍ତି ରୂପରେ ପ୍ରତିଷ୍ଠା କରିବାପାଇଁ । କୌଣସି ଭାବାଦର୍ଶ ଥରେ ଗୃହୀତ ହୋଇଗଲାପରେ, ତାହା ଆଉ ସହଜରେ ମରିଯାଏ ନାହିଁ— ତାହା ସାମାଜିକ-ବଳକ୍ରିୟା ରୂପରେ ସଂଚାରିତ ହୋଇ ରହେ । ଏହାର ଆହୃତ ପ୍ରାଣଶକ୍ତି ସେହି ନିର୍ଦ୍ଦିଷ୍ଟ ସମାଜକୁ ଏପରି ଆଚ୍ଛନ୍ନ କରିଥାଏ ଯେ ତାହା ସବୁବେଳେ ଏକ ନିର୍ଦ୍ଦେଶ-ବିନ୍ଦୁ (reference point)ର କାର୍ଯ୍ୟ ନିର୍ବାହ କରିଥାଏ । ଆଜି ରାଧାନାଥ କାବ୍ୟ ସେହି ଭୂମିକାରେ ଅବତୀର୍ଣ୍ଣ— ଚମ୍ପୂଧର ଓ ମାନସିଂହ ପ୍ରମୁଖ ଶଂସିତ ପ୍ରବନ୍ଧସବୁ ଲେଖିଲାବେଳେ ରାଧାନାଥୀ-କର୍ତ୍ତୃତ୍ୱବୋଧର ଅନୁଭବ ଥିଲା ଅଧିକ ପ୍ରତ୍ୟକ୍ଷ ଓ ସ୍ପଷ୍ଟ । ଫଳରେ ଗଙ୍ଗାଧରଙ୍କୁ ଓଡ଼ିଶାର ସାହିତ୍ୟିକ-ସଂସ୍କୃତିରେ ପ୍ରମୁଖସ୍ଥାନ ଦେବାପାଇଁ ରାଧାନାଥଙ୍କ ସହ ତୁଳନା ଜରୁରୀ ହୋଇପଡ଼ିଛି ।

ପୂର୍ବରୁ କୁହାଯାଇଥିବା, ଓଡ଼ିଆ ଜାତୀୟତା ବିଂଶ ଶତକରେ, ବିବିଧ ଆବଶ୍ୟକତା

ହେତୁ, ନାନା ରୂପାନ୍ତରର ସମ୍ମୁଖୀନ ହୋଇଥିଲା। ପ୍ରଥମେ ଓଡ଼ିଆ ଜାତୀୟତାର କେନ୍ଦ୍ରରେ ଥିଲେ ଗୌରୀଶଙ୍କର ବା ରାଧାନାଥଙ୍କ ଭଳି ବଙ୍ଗାଳୀବଂଶଜ ଓଡ଼ିଆମାନେ। ପରବର୍ତ୍ତୀ କାଳର ଓଡ଼ିଆମାନେ ଏହି ଏକଦା ବଙ୍ଗାଗତ ଓଡ଼ିଆମାନଙ୍କୁ ଜାତୀୟ ବୀର ଭାବରେ ଉପସ୍ଥାପନ କରିବା ପାଇଁ କ୍ରମଶଃ କୁଣ୍ଠିତ ହୋଇଛନ୍ତି। ବିଶୁଦ୍ଧ ଓଡ଼ିଆ ଜାତୀୟ ସାହିତ୍ୟ ଓ ଓଡ଼ିଆ ଜାତୀୟତା, ସେମାନଙ୍କର ଅନୁସନ୍ଧାନର ବିଷୟ ହୋଇପଡ଼ିଛି। ରାଧାନାଥ ସାହିତ୍ୟରେ ବି ଜାତୀୟ ଉପାଦାନ ନେଇ ପୂର୍ବରୁ ଯେଉଁ ଗୁଞ୍ଜରଣ ଥିଲା, ତାହା ନୀଳକଣ୍ଠ ପ୍ରମୁଖଙ୍କ କଣ୍ଠରେ ଗର୍ଜ୍ଜନାର ରୂପ ନେଇଛି। ମାନସିଂହ ଆବେଗମୟ ଭାଷାରେ କହିଛନ୍ତି ରାଧାନାଥ ସାହିତ୍ୟ ହେଉଛି ଶୂନ୍ୟଗର୍ଭ ସ୍ୱର୍ଣ୍ଣପାତ୍ର। ଓଡ଼ିଆ ସାହିତ୍ୟରେ ବଙ୍ଗୀୟ ଉପାଦାନ କିଭଳି ଓଡ଼ିଆର ଜାତୀୟ ଚରିତ୍ରକୁ ବିକୃତ ଭାବରେ ଅଭିବ୍ୟକ୍ତ କରୁଛି, ସେ ସମ୍ପର୍କରେ ସେଇ ମାନସିଂହ ଲେଖିଥିଲେ 'ପରଧର୍ମ' ପ୍ରବନ୍ଧ। (ସହକାର ୧୩/୧୧) ଏହି 'ପରଧର୍ମ' ପ୍ରବନ୍ଧରେ ମାନସିଂହ ଯେଉଁ ଦୃଷ୍ଟିକୋଣରୁ ସ୍ୱଧର୍ମ/ପରଧର୍ମ ପ୍ରସଙ୍ଗ ଅବତାରଣା କରିଛନ୍ତି, ତାହା ସଂପ୍ରସାରିତ ହୋଇଛି ପରିଡ଼ାଙ୍କ 'ତପସ୍ୱିନୀ ଓ ପ୍ରକୃତି' ପ୍ରବନ୍ଧରେ। ଗୌରୀଶଙ୍କର ଆଧୁନିକ କାଳରେ ଓଡ଼ିଆ ସାହିତ୍ୟର ସମାଲୋଚନା ଆରମ୍ଭ କଲାବେଳେ ଓଡ଼ିଆ-ଜାତୀୟତା-ବ୍ୟାଖ୍ୟାନର ବୃହତ୍ତର ପରିସର ଭିତରେ ତାହାକୁ ଆବଦ୍ଧ କରିଥିଲେ। ବସ୍ତୁତଃ ଓଡ଼ିଆ ସମାଲୋଚନା ଥିଲା ନବ-କଳ୍ପିତ ଓଡ଼ିଆ ଜାତୀୟତାର ଅନ୍ୟତମ ବିଭାବ। ପରବର୍ତ୍ତୀ କାଳରେ ସାହିତ୍ୟ-ସମାଲୋଚନା ଜାତୀୟତାର ଅର୍ଗଳିରୁ ମୁକ୍ତି ଲାଭ କରିଥିବାର ସୂଚନା କରିଛି। କିନ୍ତୁ ସୂକ୍ଷ୍ମଭାବରେ ଆଲୋଚନା କଲେ ଦେଖାଯାଏ, ଓଡ଼ିଆ ଜାତୀୟତାର ବିକାଶ ଓଡ଼ିଆ ସାହିତ୍ୟ-ସମାଲୋଚନାକୁ କେବଳ ନୂଆ ବାଟ ଦେଖାଇନାହିଁ, ନୂଆ ଐତିହ୍ୟ ସୃଷ୍ଟି ପାଇଁ ପୃଷ୍ଠଭୂମିର କାର୍ଯ୍ୟକରିଛି। ଓଡ଼ିଶାର ସାହିତ୍ୟିକ-ଭାବାଦର୍ଶ ବୃହତ୍ତର ଓଡ଼ିଆ ଜାତୀୟତା-ଭାବାଦର୍ଶର ପ୍ରାଧାନ୍ୟ, ଅଂଶବିଶେଷ ହୋଇରହିଛି। ଗଙ୍ଗାଧର ସାହିତ୍ୟ-ସମୀକ୍ଷାର ଆବିର୍ଭାବ ଓଡ଼ିଆ ବୁଦ୍ଧିଜୀବୀମାନଙ୍କର ନୂଆ ମାନ ଓ ଦୃଷ୍ଟାନ୍ତ (paradigm) ସନ୍ଧାନ ସହିତ ଘନିଷ୍ଠ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାର ଓଡ଼ିଶା ଡିଭିଜନ ସହ ମିଶ୍ରଣ, ସମଗ୍ର ଭୌଗୋଳିକ ଓଡ଼ିଶାକୁ ଏକ ଭାବରେ ଉପସ୍ଥାପିତ କରିବାର ଇଚ୍ଛା ଆଦି ବିଷୟ ଉଲ୍ଲେଖ୍ୟ। ବସ୍ତୁତଃ ଡମ୍ବରୁଧର ପରିଡ଼ା ତାଙ୍କ ପ୍ରବନ୍ଧରେ ଗଙ୍ଗାଧର ସାହିତ୍ୟର ପରବର୍ତ୍ତୀ ଆଲୋଚନା ପାଇଁ ଯେଭଳି ଗବାକ୍ଷ ଖୋଲିଛନ୍ତି, ଠିକ୍ ସେହିଭଳି ମାନସିଂହ ଗଙ୍ଗାଧରଙ୍କୁ ଜାତୀୟ ବୀର ରୂପରେ ପ୍ରତିଷ୍ଠିତ କରିଛନ୍ତି। ପରବର୍ତ୍ତୀ କାଳରେ ଗଙ୍ଗାଧରଙ୍କ ଜୀବନ-ଇତିହାସ ରଚନା ଛଳରେ ଯେଉଁସବୁ ଗଙ୍ଗାଧର-ଚରିତାମୃତ ଲିଖିତ ହୋଇଛି, ତାହାର ମୂଳରେ ରହିଛି ମାନସିଂହଙ୍କ ଉଦ୍ଧୃତ ବକ୍ତବ୍ୟ: "ଦରିଦ୍ର ହେଲେ ହେଁ ଗଙ୍ଗାଧର କେବେହେଲେ କାହାର ଅନୁଗ୍ରହ ପ୍ରାର୍ଥୀ ହୋଇ ନଥିଲେ, ଅସାଧାରଣ ପ୍ରତିଭାର ଅଧିକାରୀ ହେଲେହେଁ ସେ ନିତାନ୍ତ ବିନୟୀ ଥିଲେ, ଘୋର ଅଭାବସତ୍ତ୍ୱେ, ସେ ସୁଲଭ ଓ ସର୍ବବାଞ୍ଛିତ

ନୀଚ ପ୍ରଲୋଭନ ସବୁକୁ ପଦାଘାତ କରିପାରିଥିଲେ। ...ଦରିଦ୍ର ହେଲେହେଁ ସେ ସ୍ୱଷ୍ଟ ବକ୍ତା, ଅକୁତୋଭୟ, ନିରନ୍ତର ଦେଶ ଓ ଜାତିର ଉପଚିକୀର୍ଷୁ, ମାନବ ସମାଜର ବହୁବିଧ ବୀରମାନଙ୍କ ଭିତରେ କାର୍ଲାଇଲ୍ ସାହିତ୍ୟିକ-ବୀରର ମଧ୍ୟ ବର୍ଣ୍ଣନା କରିଛନ୍ତି। ଆମର ପ୍ରିୟକବି ଗଙ୍ଗାଧର ମେହେର, ଦରିଦ୍ର ହେଲେହେଁ ସେହିପରି ଜଣେ ସାହିତ୍ୟିକ ବୀର। ଧନାଭାବ ଓ ଶିକ୍ଷାଭାବର ଜୀବନବ୍ୟାପୀ ଦ୍ୱିମୁଖୀ ସଂଗ୍ରାମ ଏହି ବୀରପୁରୁଷଙ୍କର ବ୍ୟକ୍ତିତ୍ୱକୁ ଦବେଇ ପାରିନାହିଁ। ତାହା ତାଙ୍କର ସାମାଜିକ ଓ ସାହିତ୍ୟିକ ଉଭୟ ଜୀବନରେ ପରିବ୍ୟକ୍ତ ହୋଇଉଠିଛି।'' (ମାନସିଂହ ୧୯୪୮, ପୃ. ୧୨୦-୧୨୧) ଓଡ଼ିଆ ଭାଷାରେ ରଚନାର ପୂଜାଦି ପକାଉଥିଲେ ସବୁମାନେ। ବ୍ରାହ୍ମଣ୍ୟ-ସଂସ୍କୃତି ଓ ସଂସ୍କୃତ ଭାଷାର କର୍ତ୍ତୃତ୍ୱବୋଧ ବିରୁଦ୍ଧରେ ତାଙ୍କର ରଚନାବଳୀ ଥିଲା ଏକ ନୀରବ ବିପ୍ଳବ। ତେଣୁ ପରେ ସେମାନେ ବୀର ଭାବରେ ଅଭିନନ୍ଦିତ ହୋଇଥିଲେ। ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱକୁ ସନ୍ଥ ଓ ବୀର ଭାବରେ ଉପାସନା କରିବା ଫଳରେ ଗଙ୍ଗାଧର ରାଧାନାଥଙ୍କର ପ୍ରତିଦ୍ୱନ୍ଦ୍ୱୀ ସାମାଜିକ-ଶକ୍ତିରେ ରୂପାନ୍ତରିତ ହୋଇଛନ୍ତି। ଦୁଃଖର ବିଷୟ ହେଲା, ଏହି ରୂପାନ୍ତର-ପ୍ରକ୍ରିୟା ସଂପର୍କରେ ସଚେତନ ନଥିବାରୁ ଗଙ୍ଗାଧର ସାହିତ୍ୟର ନିଜସ୍ୱ ବ୍ୟାକରଣ ଯେଉଁଭଳି ଗଠିତ ହୋଇନାହିଁ, ଠିକ୍ ସେହିଭଳି ଗଙ୍ଗାଧର ସାହିତ୍ୟ-ସମୀକ୍ଷା ପରିଚିତ-ପରିଧିରୁ ଅଧିକ ଦୂର ଅଗ୍ରସର ହୋଇପାରିନାହିଁ। ଗଙ୍ଗାଧର ତଥା ଗଙ୍ଗାଧର-ସାହିତ୍ୟ ସଂପର୍କରେ ଯେଉଁ ଧାରଣା ପରିଡ଼ା-ନାୟକ-ମାନସିଂହ ଦୀର୍ଘ ଷାଠିଏ ବର୍ଷତଳେ ସୃଷ୍ଟି କରିଥିଲେ ଆମେ ଅନେକାଂଶରେ ତାରି ଭିତରେ ସୀମାବଦ୍ଧ ହୋଇ ରହିଛୁ।

ପ୍ରାନ୍ତଟୀକା :

(୧) ପରବର୍ତ୍ତୀ କାଳରେ ଅଧ୍ୟାପକ ଅସିତ କବି ପ୍ରମୁଖ ପ୍ରହରାଜଙ୍କ ପ୍ରବନ୍ଧରୁ କେତେକାଂଶ ଉଦ୍ଧାର କରିଛନ୍ତି। (କବି ୧୯୬୭, ପୃ. ୧୨୯ ଓ ପୃ. ୧୭୪ ପ୍ରଭୃତି) ତନ୍ମଧ୍ୟରୁ କବି 'ପ୍ରଜାଶକ୍ତି' ଗଙ୍ଗାଧର ବିଶେଷାଙ୍କ (୧୯୫୩-୫୪ ?)ରେ ସଂକଳିତ ପ୍ରହରାଜଙ୍କ ପ୍ରବନ୍ଧର ଖଣ୍ଡିତ ଅଂଶରୁ ଉଦ୍ଧୃତ ସବୁ ଗ୍ରହଣ କରିଛନ୍ତି। 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ପ୍ରହରାଜଙ୍କର ମୂଳ ଓ ଅଖଣ୍ଡିତ ପ୍ରବନ୍ଧ ଗଙ୍ଗାଧର ସାହିତ୍ୟର କୌଣସି ସମୀକ୍ଷକଙ୍କର ନଜରକୁ ଆସି ନାହିଁ।

□ □ □

# ଉପସଂହାର

ଭାରତୀୟ ପରଂପରାରେ ସାହିତ୍ୟସ୍ରଷ୍ଟା ପ୍ରଜାପତି ବା ବ୍ରହ୍ମାଙ୍କ ସହ ତୁଳିତ । କବିଙ୍କ କଳ୍ପନା ସାଗରରୁ କାବ୍ୟ-ଉର୍ବଶୀଙ୍କର ଆବିର୍ଭାବ । ଭୋଜ 'ସରସ୍ୱତୀ କଣ୍ଠାଭରଣମ' ଅଳଙ୍କାର ଗ୍ରନ୍ଥରେ ଆଉ ଦୁଇପାଦ ଆଗକୁ ଯାଇ କହିଛନ୍ତି : କବି ଆପଣାର ଶୃଙ୍ଗାର ବା ଅଭିମାନକୁ କାବ୍ୟରେ ପରିବେଷଣ କରେ । କବିର 'ଅହଂ' କାବ୍ୟରେ ରସ-ସୃଷ୍ଟିର ମୌଳିକ ଉତ୍ସ । କବିର ସ୍ରଷ୍ଟାତ୍ୱ ସଂପର୍କରେ ଏଭଳି ଭାରତୀୟ ଧାରଣା ସହ ଊନବିଂଶ ଶତକର ରୋମାଣ୍ଟିକ କାବ୍ୟ-ଆଂଦୋଳନରୁ ଜନ୍ମ ନେଇଥିବା 'ପ୍ରତିଭା' ପ୍ରତ୍ୟୟର ଘନିଷ୍ଠ ସାଯୁଜ୍ୟ ରହିଛି । ଆମର କବି-ପ୍ରତିଭା ବା ସୃଷ୍ଟିକାରୀ କ୍ଷମତା ସଂପର୍କରେ ଥିବା ଧାରଣା ଉଭୟ ପରଂପରାର ଏକ ସାଙ୍ଗୋପାଙ୍ଗ ରୂପ । ଊନବିଂଶ ଶତକର ଇଂରାଜୀ ରୋମାଣ୍ଟିକ କବିଗଣ ଜୀବନକ୍ଷେତ୍ରରେ ଗତାନୁଗତିକ ସମାଜ ତଥା ବିଚାର ବିମର୍ଶ କ୍ଷେତ୍ରରେ ବୁଦ୍ଧିର ଅଗ୍ରାଧିକାର ଓ ଅତିନିୟନ୍ତ୍ରଣରେ ଅତିଷ୍ଠ ହୋଇ ପ୍ରଚଳିତ ସମାଜ-ବ୍ୟବସ୍ଥା ପ୍ରତି ବୀତଶ୍ରଦ୍ଧ ହୋଇ ଉଠିଥିଲେ । ହୃଦୟ ଉପରେ ବୁଦ୍ଧିର ଅତ୍ୟାଚାର ସେମାନଙ୍କୁ କରିଥିଲା ବିଦ୍ରୋହୀ । ସେହିପରି ନବ-ଆବିଷ୍କୃତ ଯନ୍ତ୍ର ପାଖରେ ମଣିଷ ନିଜର ସୃଷ୍ଟିଶୀଳତାକୁ ବର୍ଜନ କରି ବଡ଼ ଅସହାୟ ବୋଧ କରୁଥିଲା । ରୋମାଣ୍ଟିକ କାବ୍ୟ-ଆଂଦୋଳନ କଳାକାରକୁ ଜଣେ କାରିଗର (craftsman) ଠାରୁ ସ୍ୱତନ୍ତ୍ର କରିବାପାଇଁ ତାହାର ସ୍ରଷ୍ଟାତ୍ୱ ସଂପର୍କରେ ବଳିଷ୍ଠ ଉଦ୍‌ଘୋଷଣା କରିଥିଲା । ଫଳରେ ରୋମାଣ୍ଟିକ କାବ୍ୟତତ୍ତ୍ୱରେ 'ଟେକ୍‌ନିକ'ର ଭୂମିକାକୁ ଗୌଣସ୍ଥାନ ଦିଆଯାଇଥିଲା । ସେମାନଙ୍କ ଦୃଷ୍ଟିରେ ସାହିତ୍ୟ ହୋଇଉଠିଥିଲା ଲେଖକଙ୍କର ଅନନ୍ୟ ଓ ଅନ୍ତରଙ୍ଗ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି — ସାହିତ୍ୟକାରଙ୍କ ସ୍ୱାଧୀନତାର ଆତ୍ମପ୍ରକାଶ । ସିନୋଜାଙ୍କ ପରବର୍ତ୍ତୀ କାଳରେ ମଣିଷର ମନ ସଂପର୍କରେ ବହୁ ଅଜ୍ଞାତ ତଥ୍ୟ ଲୋକଲୋଚନକୁ ମଧ୍ୟ ଆସିଲା । କବିଙ୍କର କବିତା ଏକ ଦାର୍ଶନିକ ପ୍ରତିଫଳନ ବା ପରଂପରାର ଅନୁକରଣ ନୁହେଁ, ଏହା କବିମନର ସ୍ୱଚ୍ଛ ଓ ଅନାବିଳ ଆତ୍ମପ୍ରକାଶ ବୋଲି ପ୍ରତିପାଦନ କରାଗଲା । ଏଭଳି କାବ୍ୟଧାରଣାରେ କବିମନର ବିସ୍ତୃତି ଓ ବିଶ୍ୱସ୍ତତା ସହ କବିତାର ସୌନ୍ଦର୍ଯ୍ୟ ଅଂଶଭାଗୀ । ରୋମାଣ୍ଟିକ କାବ୍ୟତତ୍ତ୍ୱର ଅନୁସରଣରେ ଓଡ଼ିଶାର ସାହିତ୍ୟ-ଚର୍ଚ୍ଚାରେ ଲେଖକଙ୍କର ମାନସ-ବିସ୍ତୃତି ଉପରେ, ବିଶେଷତଃ, କୌଣସି ରଚନା ପଶ୍ଚାତ୍‌ରେ ଥିବା ମାନସିକ-ପ୍ରକ୍ରିୟା ଉପରେ ଗୁରୁତ୍ୱ ଆରୋପିତ । ରଚନା ପଛଆଡ଼େ ଥିବା

କବିଙ୍କ ସୃଷ୍ଟି-ପ୍ରକ୍ରିୟାର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଏକ ଶ୍ରେଷ୍ଠ କର୍ମରୂପେ ବିବେଚିତ ହୁଏ । କବିମାନସ, କବି-ବ୍ୟକ୍ତିତ୍ୱ ଆଦି ଶବ୍ଦଗୁଚ୍ଛ କୌଣସି ରଚନାର ପୃଷ୍ଠଭୂମି, ଜନ୍ମ-ପ୍ରକ୍ରିୟା ଓ ଅନେକ ସମୟରେ କାବ୍ୟ-ସୌନ୍ଦର୍ଯ୍ୟ ଆଲୋଚନା କଲାବେଳେ ବ୍ୟବହୃତ ହୋଇଥାଏ । କବିମନ ବା କବିମାନସର ଗଭୀରତାର ଇଙ୍ଗିତ ଦେବାପାଇଁ ଏଠାରେ କବି-ଆତ୍ମା ଶବ୍ଦଗୁଚ୍ଛର ପ୍ରୟୋଗ ।

ରୋମାଣ୍ଟିକ କାବ୍ୟତତ୍ତ୍ୱରେ ଲେଖକଙ୍କୁ ଦିଆଯାଉଥିବା 'ସ୍ରଷ୍ଟା' ଆସନ ଆଜି ବହୁ ପ୍ରଶ୍ନର ସମ୍ମୁଖୀନ । ଭାରତୀୟ ଦର୍ଶନର ଆତ୍ମା-ପରମାତ୍ମା-ତତ୍ତ୍ୱ ସହ ତାହାର ସଂପର୍କ ଯେଉଁଭଳି ଯୋଡ଼ା ଯାଇପାରେ, ବାଇବେଲ୍‌ର ଜେନେସିସ ତତ୍ତ୍ୱ ସହ ଏହାର ଘନିଷ୍ଠ ସଂପୃକ୍ତି ମଧ୍ୟ ସେହିଭଳି ଆଲୋଚିତ । ପ୍ରତ୍ୟେକ ତଥାକଥିତ ସାହିତ୍ୟ-ସୃଷ୍ଟି କୌଣସି ଉର୍ବଶୀ ନୁହେଁ— ଏହା ମାନବିକ ସୃଜନାତ୍ମକ ଶ୍ରମ (Praxis)ର ଏକ ପରିଣତି । ତେଣୁ ଏହା ଜାଗତିକ ଓ ଶ୍ରମଜାତ । ଏଥିରେ ଅପାର୍ଥିବ ବା ରହସ୍ୟମୟତା କିଛି ନାହିଁ । ଏହାକୁ ଦିବ୍ୟ ଓ ବେଦ୍ୟାନ୍ତର-ସ୍ପର୍ଶ-ଶୂନ୍ୟ ବୋଲି କହିବାର ବିଶେଷ କୌଣସି ତାତ୍ପର୍ଯ୍ୟ ମଧ୍ୟ ନାହିଁ । ବ୍ୟକ୍ତି ଓ ସମାଜର ଗଭୀର ଅବଚେତନରୁ ଶବ୍ଦରେ ସମର୍ପିତ କାବ୍ୟ-ସୃଷ୍ଟି ଉତ୍ପାଦିତ, କିନ୍ତୁ ତା ବୋଲି କୌଣସି ରଚନା ଅମାନବିକ ଓ ଦୈବତ ନୁହେଁ । ତେଣୁ ବସ୍ତୁବାଦୀ ଓ ହେତୁବାଦୀ କାବ୍ୟଧାରଣାରେ 'ସୃଷ୍ଟି' ଶବ୍ଦ 'ଉତ୍ପାଦିତ' ଶବ୍ଦଦ୍ୱାରା ସ୍ଥାନାନ୍ତରିତ ହେବା ସ୍ୱାଭାବିକ । ଆମର ସମାଲୋଚକମାନେ ଗଙ୍ଗାଧର ସାହିତ୍ୟର ଆଲୋଚନା ଅବସରରେ ଯେଉଁ କବି-ବ୍ୟକ୍ତିତ୍ୱ ନିର୍ମାଣ କରିଛନ୍ତି, ସେଇ ନିର୍ମିତ-ବ୍ୟକ୍ତିତ୍ୱର ଦୀପ୍ତିରେ ସେମାନଙ୍କ ସାହିତ୍ୟ-ସମାଲୋଚନା ପଥଭ୍ରଷ୍ଟ ହୋଇଛି । ଗଙ୍ଗାଧରଙ୍କ କବି-ବ୍ୟକ୍ତିତ୍ୱ ଓ କବିମନର ପୁନଃନିର୍ମାଣ ଉପରୋକ୍ତ ରୋମାଣ୍ଟିକ କାବ୍ୟଧାରଣାର ପରିସୀମା ଭିତରେ ହିଁ କରାଯାଇଛି । ଆମର ସମାଲୋଚକମାନେ ଗତ ଏକ ଶହ ବର୍ଷ ହେଲା ଗଙ୍ଗାଧରଙ୍କ ଜୀବନ-ଚର୍ଯ୍ୟା ଓ ସାହିତ୍ୟ-କୃତି ଭିତରେ ତାଙ୍କ କବି-ଆତ୍ମାର ସ୍ୱରୂପ-ସଂଧାନ କରିବାକୁ ଯାଇ ବସ୍ତୁତଃ ପୁନଃ ନିର୍ମାଣ କରିଛନ୍ତି ।'

ଗଙ୍ଗାଧରଙ୍କ କବି-ଆତ୍ମାର ଏଭଳି ସ୍ୱରୂପ-ସଂଧାନ କିଭଳି ଅସଂପୂର୍ଣ୍ଣ ଓ ଭ୍ରାନ୍ତ ପୂର୍ବସ୍ୱୀକୃତି (Premise) ଉପରେ ଆଧାରିତ, ତାହା ପୂର୍ବ ଦୁଇଟି ଅଧ୍ୟାୟରେ ଆଲୋଚିତ । ଗଙ୍ଗାଧର ରଚନାବଳୀର ଉପଯୁକ୍ତ ସଂକଳନ, ସଂପାଦନା ଓ ସମୟ ନିର୍ଣ୍ଣୟ କରାଯାଇ ନଥିବାରୁ କିଭଳି ଅଳୀକ ସିଦ୍ଧାନ୍ତ ସବୁ ସୃଷ୍ଟି ହୋଇଛି, ତାହା ମଧ୍ୟ ପ୍ରଥମ ଭାଗର 'ପ୍ରସ୍ତାବନା'ରେ ଆଲୋଚିତ । ରାଧାନାଥ-ନୀଳମଣି-ନନ୍ଦକିଶୋରଙ୍କ ଠାରୁ ଆରମ୍ଭ କରି ପଣ୍ଡିତ-ପ୍ରହରାଜ-ମାନସିଂହଙ୍କ ପର୍ଯ୍ୟନ୍ତ ବହୁ କବି ଓ ସମାଲୋଚକ ଏଭଳି ପୂର୍ବ-ସ୍ୱୀକୃତି ବା ପୂର୍ବାନୁମାନ ଆପଣା ଆବଶ୍ୟକତା ଅନୁସାରେ ତିଆରି କରିଛନ୍ତି । ଗଙ୍ଗାଧର ଅନେକ ସମୟରେ ହୋଇଛନ୍ତି ଉପଲକ୍ଷ୍ୟ ମାତ୍ର । ସ୍ୱାଧୀନତା ପରବର୍ତ୍ତୀ କାଳରେ ଗଙ୍ଗାଧରଙ୍କ କାବ୍ୟ କବିତାର ମୂଲ୍ୟାୟନ ଓ ସମାଜତାତ୍ତ୍ୱିକ ଅଧ୍ୟୟନ ପାଇଁ କୌଣସି ବିଶେଷ ପଦକ୍ଷେପ ନିଆଯାଇନାହିଁ । କେତେକ ଅଭାବ ଏଭଳି

ଅଧ୍ୟୟନ କ୍ଷେତ୍ରରେ ବାଧକ ରୂପେ ଦିଢ଼ା ହୋଇଛି। ପ୍ରଥମତଃ, ଓଡ଼ିଶାର ଏ ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ସାମାଜିକ ଇତିହାସ ରଚିତ ହୋଇନାହିଁ। ଏପରିକି, ଓଡ଼ିଶାର ଯେକୌଣସି ରାଜନୈତିକ ଇତିହାସ ପଢ଼ିଲେ ମନେହେବ, ଓଡ଼ିଶା ଯେପରି ମୁଖ୍ୟତଃ ତିନୋଟି ଜିଲ୍ଲାକୁ ନେଇ ଗଠିତ: ପୁରୀ, କଟକ ଓ ବାଲେଶ୍ୱର। ଏହି ତିନୋଟି ଜିଲ୍ଲାକୁ ଆଖି ଆଗରେ ରଖି ଓଡ଼ିଶାର ଏକ ସାମଗ୍ରିକ (macro) ରାଜନୈତିକ ଇତିହାସ ହିଁ ରଚିତ– ସୂକ୍ଷ୍ମ (micro) ସ୍ତରକୁ ଯାଇ ଆଞ୍ଚଳିକ ଇତିହାସ ବିଧିବଦ୍ଧ ଭାବେ ରଚିତ ହୋଇନାହିଁ। ପ୍ରତ୍ୟେକ ଇତିହାସ-ରଚନା କୌଣସି ନା କୌଣସି ଭାବାଦର୍ଶ (ideology)କୁ ଅନ୍ତରଶାୟୀ ସତ୍ତା ଭାବରେ ଗ୍ରହଣ କରିଥାଏ କିନ୍ତୁ ସେଠାରେ ଭାବାଦର୍ଶ ତଥ୍ୟର ସ୍ଥାନ ଅଧିକାର କରି ନଥାଏ। କିନ୍ତୁ ଓଡ଼ିଶାରେ ଐତିହାସିକଙ୍କ ଭାବାଦର୍ଶ ଓ ବିଶେଷ-ପ୍ରୀତି ତାଙ୍କର ତଥ୍ୟ-ସଂଗ୍ରହକୁ ନିୟନ୍ତ୍ରିତ କରେ ଓ ବେଳେବେଳେ ତଥ୍ୟର ସ୍ଥାନ ଅଧିକାର କରେ। ଫଳରେ ଇତିହାସ ନାଁରେ ଯାହା ଲେଖାଯାଏ, ତାହା ଐତିହାସିକଙ୍କ ଇଚ୍ଛା-ପୂର୍ତ୍ତିର କାହାଣୀ। ସାଧାରଣ ମଣିଷ ଏହି କାହାଣୀର ଦିଗ୍‌ବଳୟ ଅନ୍ତରାଳରେ ହଜିଯାଏ। ଗଙ୍ଗାଧରଙ୍କ ଭଳି ସାଧାରଣ ଜୀବନ ଅତିବାହିତ କରିଥିବା ମଣିଷ, ବହୁ ବାସ୍ତବ ସଂଘର୍ଷ ଅତିକ୍ରମ କରି ଆସିଥିବା ଲେଖକ ଇତିହାସର ଦିଗନ୍ତରେ ଲୁଚି ଯାଆନ୍ତି। ତାଙ୍କର ଇତିହାସ-ଦୂରବର୍ତ୍ତୀ ପରିଚିତି ତାଙ୍କ ସଂପର୍କରେ ଚରିତାମୃତ ରଚନା କରିବାପାଇଁ ବାଟ ଫିଟାଏ।

ଗଙ୍ଗାଧର ସାହିତ୍ୟର ଆଲୋଚନା କରାଯାଉଥିବାବେଳେ ଊନବିଂଶ ଶତକର ଓଡ଼ିଶାରେ ଦେଖାଯାଇଥିବା ତଥାକଥିତ ରେନେସାଁ ପ୍ରସଙ୍ଗ ଅଧିକାଂଶ ଆଲୋଚକ ଉତ୍‌ଥାପିତ କରିଥାନ୍ତି। ଡକ୍ଟର ସାମନ୍ତରାୟ ଓ ତାଙ୍କୁ ଭଣା ଅଧିକେ ଅନୁସରଣ କରୁଥିବା ସମସ୍ତ ପରବର୍ତ୍ତୀ ଆଲୋଚକଙ୍କର ମତ ହେଲା: ରାଧାନାଥ ଓଡ଼ିଶାରେ ଯେଉଁ ପୁନର୍ଜାଗରଣର ଆଲୋକ-ବନ୍ୟା ସୃଷ୍ଟି କରିଥିଲେ, ସେହି ଆଲୋକରେ ସ୍ନାତ ହୋଇଥିଲେ ଗଙ୍ଗାଧର। ଏହି ପୁନର୍ଜାଗରଣ ଫଳରେ ସୃଷ୍ଟି ହୋଇଥିବା ଆଧୁନିକତା ସମୟଭେଦରେ ଥିଲା ବହୁସ୍ତର-ବିଶିଷ୍ଟ। ଏହାର ଦ୍ୱିତୀୟ ସ୍ତରରେ କବି ଗଙ୍ଗାଧରଙ୍କର ଆବିର୍ଭାବ। ସ୍ୱଳ୍ପ ଶିକ୍ଷାହେତୁ ଗଙ୍ଗାଧର ହୁଏତ ଅତୀତ କାବ୍ୟକଳାର ମୋହ ଛାଡ଼ିପାରି ନାହାନ୍ତି କିନ୍ତୁ କାବ୍ୟ-ଆଭିମୁଖ୍ୟ ଓ ଆଦର୍ଶଦୃଷ୍ଟିରୁ ରାଧାନାଥୋତ୍ତର କାଳର ସେ ଜଣେ ସ୍ରଷ୍ଟା। ତେଣୁ ରାଧାନାଥୀ କାବ୍ୟ-ଗଠନର କୌଶଳ ଓ କାବ୍ୟ-ଶୈଳୀ ଦୃଷ୍ଟିରୁ ତାହା ଆଲୋଚିତ ହେବା ଉଚିତ୍। ଏଠାରେ ସ୍ମରଣଯୋଗ୍ୟ ଯେ ରେନେସାଁ ବା ପୁନର୍ଜାଗରଣ ପ୍ରସଙ୍ଗ ବହୁ ସମାଲୋଚକ ଅବତାରଣା କରିଥିଲେ ବି ଏହାର ସ୍ୱରୂପ, ଲକ୍ଷଣ ଓ ସମାଜତାତ୍ତ୍ୱିକ ପୃଷ୍ଠଭୂମି ନେଇ କ୍ୱଚିତ ଆଲୋଚନା ହୋଇଛି। ଇଟାଲୀରେ ନବଜାଗରଣ ପୂର୍ବରୁ ମାଟି ଥିଲା ସର୍ବସ୍ୱ। ମାଟି ବାନ୍ଧି ରଖେ– ତାହା ସ୍ଥିତି ସ୍ଥାପକତାର କାରଣ। ଏହି ସ୍ଥିତି ସ୍ଥାପକତା ସୃଷ୍ଟି କରେ ସ୍ତରବଦ୍ଧ ସମାଜ। ଇଟାଲୀର ନବଜାଗରଣ ଫଳରେ ସେଠାର ମଣିଷମାନଙ୍କୁ ମାଟି ଆଉ ବାନ୍ଧି ରଖିପାରିଲା

ନାହିଁ– ଜନମତ ହେଲା ତା'ର ଆଦର୍ଶ। ଆସିଲା ଟଙ୍କାର ପ୍ରାଧାନ୍ୟ। ଟଙ୍କା ଗତିଶୀଳ, ଗତିଦାତା ମଧ୍ୟ। ଏହା ସୃଷ୍ଟି କଲା ନୂଆ ସମାଜ ଓ ସାମାଜିକ-ଆଦର୍ଶ। ଜମିଦାର ଶ୍ରେଣୀ ଅପେକ୍ଷା ବ୍ୟବସାୟୀ ଶ୍ରେଣୀ, ପାଦ୍ରୀ ଓ ପୂଜକମାନଙ୍କ ଅପେକ୍ଷା ଲେଖକ ଓ କାରିଗରଗଣ ଅଧିକ କ୍ଷମତାର ଅଧିକାରୀ ହେଲେ। ଟଙ୍କା ଓ ଶିକ୍ଷାର ଆଘାତରେ ପୁରୁଣା ବୁନିଆଦିର କୋଠାଘର ଭୁଷୁଡ଼ି ପଡ଼ିଲା। ଶିକ୍ଷିତ ଓ ନୂତନ ବ୍ୟବସାୟୀଗୋଷ୍ଠୀ ସାମାଜିକ ଜୀବନରେ କେନ୍ଦ୍ର ସ୍ଥାନ ଅଧିକାର କଲେ। (Martin 1944, p.4-9) ମୋଟ ଉପରେ ଇଟାଲୀର ନବଜାଗରଣ ସମଗ୍ର ୟୁରୋପରେ ଆଧୁନିକତାର ଅଗ୍ରଦୂତ ରୂପେ ଆବିର୍ଭୂତ ହୋଇଥିଲା। ଊନବିଂଶ ଶତକର ଓଡ଼ିଶାରେ ମାତ୍ର ଏଭଳି କୌଣସି ସାମାଜିକ-ପରିବର୍ତ୍ତନ ସଂଘଟିତ ହୋଇପାରି ନଥିଲା। ଯେଉଁ ଅସ୍ତ୍ର ଶାଣିତ-ଧାର ଇଂଲଣ୍ଡକୁ ଅଗ୍ରଗତି ଆଡ଼କୁ ଟାଣି ନେଇଥିଲା, ତାହାର ବହରା-ପଟି ଭାରତରେ ପ୍ରୟୋଗ କରାଯାଇଥିଲା। ଫଳରେ ଅଗ୍ରଗତି ପଥରେ ଯାଉଥିବା ଭାରତ ହଠାତ୍ ପଛକୁ ଫେରିବାକୁ ଆରମ୍ଭ କରିଥିଲା। ୟୁରୋପରେ ବହୁକାଳୁ ଲୋପ ପାଇଥିବା ସାମନ୍ତବାଦ (feudalism) ଊନବିଂଶ ଶତକର ଭାରତରେ ପୁନଃ ସ୍ଥାପିତ ହେଲା। ତେଣୁ ବ୍ୟକ୍ତିର ଶିକ୍ଷା ଓ ଦକ୍ଷତା ନୁହେଁ– ତାହାର କୁଳ ଓ ସାମାଜିକ-ପଦମର୍ଯ୍ୟାଦା ତା' ବ୍ୟକ୍ତିତ୍ୱର ନିୟାମକ ଥିଲା। ସାହିତ୍ୟିକଙ୍କର ସାମାଜିକ ମର୍ଯ୍ୟାଦା ସେମାନଙ୍କ କୃତି-ମୂଲ୍ୟାୟନର ଥିଲା ମାପକାଠି। ରାଧାନାଥ ସାହିତ୍ୟ ଯେଭଳି ଊନବିଂଶ ଶତକର ସାହିତ୍ୟିକ-ସଂସ୍କୃତିରେ ମୂଲ୍ୟ-ବିଚାରର ମାନକରେ ପରିଣତ ହୋଇଛି, ତା'ର କାରଣ ଥିଲା ତାଙ୍କର ସାମାଜିକ ପଦ-ମର୍ଯ୍ୟାଦା। ଏହାଦ୍ୱାରା ତାଙ୍କ ରଚନାବଳୀକୁ ହେୟ କରାଯାଉ ନାହିଁ। କେବଳ ତାଙ୍କ ରଚନାବଳୀ ଯେଉଁ ପ୍ରେକ୍ଷିତରେ ଆଦର୍ଶ କାବ୍ୟ ବୋଲି ଗୃହୀତ ହୋଇଥିଲା, ତାହାର ସୂଚନା ଦିଆଯାଉଛି। ଏଭଳି ଅବସ୍ଥାରେ ଗଙ୍ଗାଧରଙ୍କ ଅବସ୍ଥା ଯାହା ହେବା କଥା ହୋଇଛି। ଗଙ୍ଗାଧର କବି ହିସାବରେ ତାଙ୍କର ସମକାଳୀନ ଦାମୋଦର ମିଶ୍ର ଓ ଚିନ୍ତାମଣି ମହାନ୍ତିଙ୍କ ପର୍ଯ୍ୟାୟରେ ସମକାଳରେ ରହିଯାଇଛନ୍ତି। ଗଙ୍ଗାଧର ପ୍ରଥମ ଜୀବନରେ ବ୍ୟବସାୟ କରିବାକୁ ଚାହିଁଥିଲେ– ଗୋଲାମୀ ନୁହେଁ। ଟଙ୍କା ଉପାର୍ଜନର ବାଟ ବି ଖୋଜିଥିଲେ। ନିଜର ବିଦ୍ୟା ଓ ବିଶେଷ ଦକ୍ଷତା (expertise)କୁ ଉପଯୋଗ କରି ସାମାଜିକ ପରିବର୍ତ୍ତନର ଶିଢ଼ି ଚଢ଼ିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସମାଜର ସ୍ଥିତାବସ୍ଥା ତାଙ୍କୁ ବାଟ ଛାଡ଼ି ନଥିଲା। ତେଣୁ ସେ ପୁଣି ଥରେ ମାଟିସହ ବାନ୍ଧି ହୋଇ ପଡ଼ିଲେ। ଯେଉଁ ଟଙ୍କା ସବୁ ମୁକ୍ତି ଓ ପ୍ରଗତିର ମୂଳ ତଥା ଆଧୁନିକ ଜୀବନର ଯଥାର୍ଥ ପରିଚାଳକ ଓ ସ୍ରଷ୍ଟା– ତାହାର ପ୍ରାଚୁର୍ଯ୍ୟ ଗଙ୍ଗାଧରଙ୍କ ଜୀବନରେ ତ ଦୂରର କଥା, ସମଗ୍ର ଓଡ଼ିଶାରେ ମଧ୍ୟ ନଥିଲା। ସାମାଜିକ ଉର୍ଦ୍ଧ୍ୱଗମନ ପାଇଁ ଯେଉଁ ଶୂନ୍ୟସ୍ଥାନ ଆବଶ୍ୟକ, ସେତେବେଳେ ସମଗ୍ର ପଶ୍ଚିମ ଓଡ଼ିଶାରେ ଥିଲା ତାହା ଦୁର୍ଲଭ। ଗଙ୍ଗାଧରଙ୍କ ଜୀବନରେ ଯେତିକି ବିବର୍ତ୍ତନ ଘଟିଛି, ପଶ୍ଚିମ ଓଡ଼ିଶାର ସାହିତ୍ୟିକ-ଐତିହ୍ୟରେ ସେତିକି ଅଗ୍ରଗମନ

ସମ୍ଭବିଛି— ତାହା କେବଳ ସମ୍ଭବପର ହୋଇଛି। ଗଙ୍ଗାଧରଙ୍କ ଏକାଗ୍ର ସାଧନା ଫଳରେ, ସୀମିତ ସୁଯୋଗକୁ କାର୍ଯ୍ୟରେ ରୂପାନ୍ତରିତ କରିବାର ଆକାଂକ୍ଷା ଫଳରେ ଏଭଳି କ୍ଷେତ୍ରରେ ଗଙ୍ଗାଧରଙ୍କୁ ତଥାକଥିତ ନବଜାଗରଣର ଆଲୋକରେ ଆଲୋଚନା କରିବା କେତେଦୂର ନିରାପଦ ?

ଗଙ୍ଗାଧର ସାହିତ୍ୟର ଯଥାର୍ଥ ବିଶ୍ଳେଷଣ ଓ ମୂଲ୍ୟାବଧାରଣ ଲାଗି, ସେହି ସାହିତ୍ୟର ଯଥାର୍ଥ ପୃଷ୍ଠଭୂମି ଓ ତାହାର ମୂଲ୍ୟ-କଳନା-କ୍ଷେତ୍ରର ବାସ୍ତବ ରୂପ ଅଧ୍ୟୟନ କରିବା ଆବଶ୍ୟକ। ଯେଉଁ ଭାବାଦର୍ଶକୁ କେନ୍ଦ୍ର କରି ତାଙ୍କ ସାହିତ୍ୟର କବିତ୍ୱ ପ୍ରତିବିମ୍ବନ ସମ୍ଭବପର ହୋଇଛି ତାହାର ସଂଧାନ ଓ ବିଶ୍ଳେଷଣ ଏକାନ୍ତ କାମ୍ୟ। ସାହିତ୍ୟର ଆଲୋଚନା ଓ ଆକଳନ କେବଳ ଆଲୋଚନା ଓ ମୂଲ୍ୟବିଚାର ନୁହେଁ, ତାହା ସବୁବେଳେ ସାହିତ୍ୟର ପୁନଃ-ସୃଷ୍ଟି ବା ଉତ୍ପାଦନ (production)। ଏଭଳି ଉତ୍ପାଦନ ହେତୁ ପ୍ରତ୍ୟେକ ସମୟରେ ରଚନାଗୁଡ଼ିକର ବିବର୍ତ୍ତନ ଓ ରୂପାନ୍ତରୀକରଣ ଘଟେ। 'ସାହିତ୍ୟ'ରୂପେ ତା'ର ମୂଲ୍ୟ ନିରୂପିତ କିମ୍ବା ପୁନଃ-ନିରୂପିତ ହୁଏ (Macherey 1992 p. 148) ରାଧାନାଥ ସୃଷ୍ଟି କରିଥିବା ସାହିତ୍ୟିକ-ଭାବାଦର୍ଶ (literary-ideology) ରୁ ମୁକ୍ତି ନ ପାଇଲା ପର୍ଯ୍ୟନ୍ତ ଗଙ୍ଗାଧର ସାହିତ୍ୟର ଯଥାର୍ଥ ସମାଲୋଚନା (ଉତ୍ପାଦନ) ସମ୍ଭବପର ନୁହେଁ। ସେହି ମୁକ୍ତି ପରେ ହିଁ ଗଙ୍ଗାଧରଙ୍କ କାବ୍ୟର ବ୍ୟାକରଣ-ରଚନା ସମ୍ଭବପର। କାରଣ ସାମାଜିକ-ବ୍ୟାକରଣ ସହିତ କାବ୍ୟ-ବ୍ୟାକରଣର ସଂପର୍କ ଅତ୍ୟନ୍ତ ଘନିଷ୍ଠ।

❑ ❑ ❑

# ପରିଶିଷ୍ଟ

## ରାଧାନାଥଙ୍କ ଉକ୍ତି : ରାଧାନାଥ ଓ ଗଙ୍ଗାଧର

### (କ) ରାଧାନାଥଙ୍କ ଉକ୍ତି : (ଜନୈକ ଉଚ୍ଚ ସାହିତ୍ୟିକ ବନ୍ଧୁଙ୍କ ସଂଗୃହୀତ)

'ହିତୈଷିଣୀ' ବ୍ୟତୀତ ଅନ୍ୟାନ୍ୟ ସମ୍ବାଦପତ୍ରର ସମ୍ପାଦକଙ୍କଠାରୁ ସାହିତ୍ୟ ବିଷୟରେ କୌଣସି ନିର୍ଭରଯୋଗ୍ୟ ମତ ଅଥବା ଉପଦେଶ ପାଇବାର ଆଶା ଦୁରାଶା ମାତ୍ର। କେବଳ ଶିଷ୍ଟାଚାର ରକ୍ଷା ନିମନ୍ତେ ପୁସ୍ତକ ପଠେଇବାର ବାଞ୍ଛନୀୟ।

କେହି ପ୍ରତିକୂଳ ମତଦେଲେ ସେଥିରେ ଭ୍ରୂକ୍ଷେପ କରିବାର ଅନୁଚିତ। ପ୍ରତିଷ୍ଠା ବୃଦ୍ଧି ସଙ୍ଗେ ସଙ୍ଗେ ... ଅନେକ ଅନିବନ୍ଧନ ବାନ୍ଧବ ଏବଂ ଅନିବନ୍ଧନ ଶତ୍ରୁ ବାହାରିବେ। ଏଥିପାଇଁ... ପୂର୍ବରୁ ପ୍ରସ୍ତୁତ ଥିବା ଭଲ।

ଏ ଅଗ୍ରାହକ ଦେଶରେ ... ପ୍ରକୃତ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ସମୁଚିତ ସତ୍କାରର ଆଶା ସୁଦୂର ପରାହତ ଅଟେ।

ଇଉରୋପରେ ରାଜା ଓ ଧନବନ୍ତ ବ୍ୟକ୍ତିମାନେ ଯେପରି ବିଦ୍ୟୋତ୍ସାହୀ ଏବଂ ସାହିତ୍ୟରସିକ ଓଡ଼ିଶାରେ ଯେବେ ସେହିପରି ୨/୪ଟି ରାଜା ଥାନ୍ତେ ତାହାହେଲେ ୫୦/୬୦ ବର୍ଷ ମଧ୍ୟରେ ଏହି ଦରିଦ୍ର ଉତ୍କଳ ଭାଷା ମଧ୍ୟ ପୃଥିବୀରେ ଗୋଟିଏ ଗଣନୀୟ ଭାଷା ହୋଇ ପାରନ୍ତା। ଦୁଃଖର ବିଷୟ ସେପରି ରାଜା ଓଡ଼ିଶାରେ ଜଣେ ସୁଦ୍ଧା ପାଇବାର ସହଜ ନୁହେଁ।

ପାରିବାରିକ ପୀଡ଼ା, କାର୍ଯ୍ୟର ସଂକଟ ଏବଂ ଦେଶର ଅଗ୍ରାହକତା ନିବନ୍ଧନ ମୁଁ ସାହିତ୍ୟଚର୍ଚ୍ଚା ପରିତ୍ୟାଗ କରିଅଛି। ପ୍ରକୃତ ସାହିତ୍ୟଜ୍ଞାନ ସମୟ ସାପେକ୍ଷ ଅଟେ, ବିଶେଷତଃ ଓଡ଼ିଶାରେ। ଓଡ଼ିଶାରେ କାଳିଦାସଙ୍କ ସହିତ ଭଞ୍ଜଙ୍କ ପରି କବି ସମାନ ଆସନ ପାଆନ୍ତି। ହିମାଳୟ ସହ କପିଳାସ ତୁଳିତ ହୁଏ। ଏପରି ଦେଶରେ ସାହିତ୍ୟଜ୍ଞାନ ଲାଭ ସହଜ କଥା ନୁହେଁ।

ଦୁଃଖର ବିଷୟ ଏହି ଯେ ସ୍କୁଲ ବୁକ୍ କମିଟିର ଅଧିକାଂଶ ମେମ୍ବର ସାହିତ୍ୟଜ୍ଞାନ ବର୍ଜିତ ଅଟନ୍ତି। ମେମ୍ବର ନିର୍ବାଚନ ଗୁଣ ଦେଖି ହୁଏନାହିଁ। କେବଳ ପଦ ଦେଖିହୁଏ। ଏହି ହେତୁରୁ ସମୟ ସମୟରେ ନିତାନ୍ତ ବିଚାର ବିଭ୍ରାଟ ଘଟିଥାଏ।

ରଚନା ପ୍ରବୃତ୍ତି ପ୍ରାୟଶଃ ଭାବସଭାବ ଦୂଷିତ। ଅକିଞ୍ଚିତ୍କର ଯଶୋଲିପ୍ସା ତାହାର ପ୍ରାୟ ଅବଶ୍ୟମ୍ଭାବି ସହଚର। ସେଥି ନିମନ୍ତେ ଉଚିତ ଦଣ୍ଡ ମଧ୍ୟ ପାଇବାକୁ ହୁଏ। ଯଶଃ ପ୍ରସାର ଦେଖିଲାକ୍ଷଣି ଈର୍ଷ୍ୟା-ରାକ୍ଷସୀ ମୁଖ ବ୍ୟାଦନ କରି ଗ୍ରାସ

କରିବାକୁ ଉଦ୍ୟତ ହୁଏ। ଲେଶମାତ୍ର ଆର୍ଥିକ ଲାଭନାହିଁ ଅଥଚ ଭର୍ତ୍ସନାଜନିତ ଅଶାନ୍ତି ସମୟ ସମୟରେ ମନ କ୍ଷୁଭିତ କରେ। ଏପରି ସାହିତ୍ୟଚର୍ଚ୍ଚାରୁ ଦୂରେ ଥିବା ଭଲ। ଯେମାନେ ବୁଭୁକ୍ଷୁ, ଯେମାନଙ୍କର ପାରିବାରିକ ଚିନ୍ତା, ଗ୍ରାସାଚ୍ଛାଦନର ଚିନ୍ତା ନାହିଁ କେବଳ ସେହିମାନଙ୍କ ପକ୍ଷରେ ସାହିତ୍ୟଚର୍ଚ୍ଚା ଶୋଭନୀୟ।

ମୁଁ ଦେଖିଛି କବି ଜୀବନ ଆଦୌ ସ୍ପୃହଣୀୟ ଜୀବନ ନୁହେଁ। କଳ୍ପନା ଶକ୍ତି ପ୍ରବଳ ଥିବାରୁ କବିମାନେ ଅପେକ୍ଷାକୃତ ଅଧିକ ସହାନୁଭୂତିଶୀଳ ହୁଅନ୍ତି। ସଂସାରରେ ସୁଖ ଅପେକ୍ଷା ଦୁଃଖର ମାତ୍ରା ଅଧିକ, ସେ ଦୁଃଖର ପ୍ରାୟ ପ୍ରତିକାର ନାହିଁ। ସୁତରାଂ ସହାନୁଭୂତି କେବଳ ଦାରୁଣ ଦୁଃଖର ହେତୁ ହୁଏ।

ଓଡ଼ିଶାରେ ସାହିତ୍ୟର ଗ୍ରାହକ ଜଣେ ସୁଦ୍ଧା ସୁଲଭ ନୁହେଁ। ଏହା ଉପରେ ପୁଣି ଯେଉଁମାନେ ଉକ୍ତ ସାହିତ୍ୟର ଚର୍ଚ୍ଚା ଆଦୌ କରିନାହାନ୍ତି ଏବଂ ଆଦୌ ଲେଖି ଜାଣନ୍ତି ନାହିଁ ଏପରି ଲୋକେ କବି ଏବଂ ସମାଲୋଚକ ବେଶରେ ସାହିତ୍ୟର ରଙ୍ଗଭୂମିରେ ଅଭିନୟ କରି ଅଛନ୍ତି। ଅଧିକାଂଶ ଲୋକେ ମୂର୍ଖ; ସୁତରାଂ ଏଭଳି ସାହିତ୍ୟ-ଧ୍ୱଜୀଙ୍କର ପ୍ରସାର ବଢ଼ୁଅଛି। ଏପରି ଦେଶ ଏବଂ ଏପରି ସମୟରେ ମୌନାବଲମ୍ବନ ଶ୍ରେୟଃ।

ଓଡ଼ିଶାରେ ସାହିତ୍ୟାନୁରାଗୀ ରାଜା ଥିଲେ, ମୁଁ ବହୁଦିନ ପୂର୍ବେ ପେନ୍‌ସନ୍ ନେଇ ତାହାଙ୍କର ଆଶ୍ରୟରେ ରହି ଉତ୍କଳ ସାହିତ୍ୟୋନ୍ନତିରେ ସମସ୍ତ ସମୟ ଯାପନ କରିଥାନ୍ତି। ଉତ୍କଳସାହିତ୍ୟ ସମ୍ବନ୍ଧରେ ମୋହୋର ଯାହା କରିବାର ଇଚ୍ଛା ଥିଲା, ତାହାର ଶତାଂଶ କରିବାର ମଧ୍ୟ ମୁଁ ସୁବିଧା ପାଇଲି ନାହିଁ। ପ୍ରକୃତ ସାହିତ୍ୟାନୁରାଗୀ ରାଜା ଓଡ଼ିଶାରେ ଜଣେ ସୁଦ୍ଧା ନାହାନ୍ତି। ବାମଣ୍ଡା ଅବଶ୍ୟ ପ୍ରଶଂସ୍ୟ।

ଫଳତଃ ଓଡ଼ିଶାରେ ସାହିତ୍ୟଚର୍ଚ୍ଚା ବିଡ଼ମ୍ବନା ମାତ୍ର। ଓଡ଼ିଶାରେ ଯେଉଁ ୨/୪ ଖଣ୍ଡି ସମ୍ବାଦପତ୍ର ଅଛି, ଏକ 'ହିତୈଷିଣୀ' ବ୍ୟତୀତ ଆଉ ସମସ୍ତେ ସାହିତ୍ୟ ସମ୍ପର୍କ ଶୂନ୍ୟ। ସାହିତ୍ୟରେ ଏମାନଙ୍କର ଆଦୌ ଅଭିନିବେଶ ନାହିଁ। ଅଭିନିବେଶ ହେବାର ମଧ୍ୟ ସମ୍ଭାବନା ନାହିଁ। ସାହିତ୍ୟଚର୍ଚ୍ଚା ଗୋଟିଏ ଜୀବନବ୍ୟାପୀ ବ୍ରତ। ପୁଣି ସାହିତ୍ୟାନୁରାଗ ଗୋଟିଏ ଈଶ୍ୱରଦତ୍ତ ପଦାର୍ଥ। ଲକ୍ଷ ମଧ୍ୟରେ ଜଣେ ଦୁଇଜଣ ସାହିତ୍ୟାନୁରାଗୀ ହୁଅନ୍ତି। ସମ୍ପାଦକମାନେ ସେପରି ହୃଦୟ ପାଇ ନାହାନ୍ତି, ପୁଣି ଏମାନଙ୍କର ଶିକ୍ଷା ନିତାନ୍ତ ସାମାନ୍ୟ। ଏମାନେ ସାହିତ୍ୟୋନ୍ନତି ବିଷୟରେ ସାଧାରଣଙ୍କୁ ଉପଦେଶ ଦେବାକୁ କିପରି ସକ୍ଷମ, ତାହା . . . ଅବିଦିତ ନାହିଁ।

ଶିକ୍ଷାଦେବା ସକାଶ ବ୍ୟୁତ୍ପନ୍ନ ଶିକ୍ଷକ ଆବଶ୍ୟକ— ଏହି ଉକ୍ତି ଅମୂଳକ ନୁହେଁ। ବି ଏବଂ ସଂ ଏ ଉପସର୍ଗ ଯୋଡ଼ିଲେ ପରସ୍ପର ବିପରୀତାର୍ଥ ବୋଧକ, ଯଥା ବିବାଦ, ସଂବାଦ। ଏଠାରେ ସଂବାଦ ଅର୍ଥ କଥୋପକଥନ ଯଥା— ନାରଦ ଯୁଧିଷ୍ଠିର ସଂବାଦ। ଏପରି ସ୍ଥଳେ ଶିକ୍ଷକ ଯେବେ ସଂବାଦ ଅର୍ଥ ଖବର ବୁଝାଇ ଦିଅନ୍ତି ତାହାହେଲେ ଛାତ୍ରମାନେ ସୂତ୍ରର ଉଦ୍ଦେଶ୍ୟ ବୁଝିପାରିବେ ନାହିଁ।

ସାହିତ୍ୟ ସମ୍ବନ୍ଧୀୟ ଉତ୍କର୍ଷାପକର୍ଷ ଉଭରୋପାୟମାନଙ୍କୁ ବୁଝାଇବାର ସହଜ କଥା ନୁହେଁ। ସେମାନଙ୍କ ମତରେ ପାଦରି ସାହେବମାନେ ଓଡ଼ିଆ ଭାଷାରେ ସର୍ବପ୍ରଧାନ ପଣ୍ଡିତ। ଏପରି ସ୍ଥଳେ ମୋହର ମତରେ ମୌନ ହିଁ ଶ୍ରେୟସ୍କର।

ଓଡ଼ିଶ୍ୟାର ପୁସ୍ତକ ନିର୍ବାଚନୀ କମେଟିର ପୁସ୍ତକ ବିଚାରର ରୀତି ଅଦ୍ଭୁତ ପ୍ରକାର। ପୁସ୍ତକ କେତେ ପୃଷ୍ଠା, ତାହାର ଛାପା ଖରଚ କେତେ ଏବଂ ଛାପା ଖରଚ ଦୃଷ୍ଟିରେ ମୂଲ୍ୟ ଅଧିକ କି ଅଳ୍ପ ହୋଇଅଛି ଏହାହିଁ କମେଟିର ବିଚାର୍ଯ୍ୟ ବିଷୟ। ପୁସ୍ତକ ରଚନାରେ କେଉଁ ଗ୍ରନ୍ଥକାର କିପରି ମୌଳିକ ଚିନ୍ତା ଏବଂ କୌଶଳ ପ୍ରଦର୍ଶନ କରିଅଛନ୍ତି ସେଥିପ୍ରତି କମେଟିର ଦୃଷ୍ଟି ଆଦୌ ପଡ଼େ ନାହିଁ।

କୌଣସି ସମାଚାରପତ୍ରର ସମ୍ପାଦକଙ୍କୁ ମୁଁ ଅବଧି ପୁସ୍ତକ ଉପହାର ଦେଇନାହିଁ। ଏକ ନୀଳମଣିବାବୁ ବ୍ୟତୀତ ଓଡ଼ିଶ୍ୟାର ସମ୍ପାଦକମାନେ ଓଡ଼ିଆ ସାହିତ୍ୟ ଏବଂ ବ୍ୟାକରଣରେ କିପରି ଧୁରନ୍ଧର ତାହା ସମ୍ଭବତଃ ଅବିଦିତ ନୁହେଁ।

ବଙ୍ଗଳା ଗ୍ରନ୍ଥ ପ୍ରସାଦରୁ ଓଡ଼ିଆରେ ଗ୍ରନ୍ଥକାର ହେବା ଅତି ସହଜ, ଓଡ଼ିଆର ଅଧିକାଂଶ ପ୍ରାୟ ସମସ୍ତ ବ୍ୟାକରଣ ବଙ୍ଗଳାର ଅନୁବାଦ କହିଲେ ଅତ୍ୟୁକ୍ତି ହେବନାହିଁ। ମୌଳିକ ଚିନ୍ତାର ଆବଶ୍ୟକତା ନାହିଁ, ଆଦର ମଧ ନାହିଁ।

ସେଦିନ ମୁଁ ଜଣେ ଶିକ୍ଷକଙ୍କୁ 'ବ୍ୟାକରଣ ପ୍ରବେଶ'ର ସମାସ ପରିଚ୍ଛେଦର ପ୍ରଶ୍ନ ଦେଖାଇଁ ଦେଖାଇଁ ପଚାରିଲି 'ଜନପ୍ରିୟ' କି ସମାସ? ଉତ୍ତର ଷଷ୍ଠୀ ତତ୍ପୁରୁଷ। ପୁଣି ପ୍ରଶ୍ନ, ଭକ୍ତପ୍ରିୟ ଭଗବାନ ଏଠାରେ ଭକ୍ତପ୍ରିୟ କି ସମାସ? ଉତ୍ତର ଷଷ୍ଠୀ ତତ୍ପୁରୁଷ!!!

ଏପରି ସ୍ଥଳେ ଭକ୍ତ ଅଟେ ପ୍ରିୟ ଯାହାଙ୍କର ଏହି ଅର୍ଥରେ ବହୁବ୍ରୀହି ସମାସ କରିବାକୁ ହେବ ତାହା ଶିକ୍ଷକଙ୍କୁ ସ୍ଫୁରିଲାନାହିଁ।

ଉପଦେଶ ଦେବାକୁ ସମସ୍ତେ ତତ୍ପର। ଅନ୍ୟର ଦୁଃଖ ଶୁଣିଲେ ସେଥିରେ ତୀବ୍ରତା ଯଥାଯଥ ହୃଦୟଙ୍ଗମ କରିବାକୁ ଜଗତରେ କେତେ ଜଣ ସମର୍ଥ? ଏଥିପାଇଁ କାଳିଦାସ କହିଅଛନ୍ତି— "ମହଦପି ପରଦୁଃଖଂ ଶୀତଳଂ ସମ୍ୟଗାହୁଃ।"

ସମୟ ସମୟରେ ପ୍ରକୃତ ମନର କଥା ଗୋପନ କରିବାକୁ ହୁଏ। ପ୍ରକୃତ ଗୁଣବତ୍ତା ନଥିଲେ ଲୋକେ ସତ୍ୟସହ ହୋଇପାରନ୍ତି ନାହିଁ। ଏ ଶ୍ରେଣୀର ଲୋକଙ୍କ ନିକଟରେ ମନର କଥା ଫିଟାଇ କହିଲେ କେବଳ ପ୍ରତ୍ୟବାୟଭାଗୀ ହେବାକୁ ପଡ଼େ।

## (ଖ) ପ୍ରତିବାଦ

ସମ୍ବଲପୁର ହିତୈଷିଣୀର ତେଇଶ ଭାଗ ଚଉତିରିଶ ସଂଖ୍ୟା ସମ୍ପାଦକୀୟ ସ୍ତମ୍ଭରେ "ଜନୈକ ଉଚ୍ଚ ସାହିତ୍ୟିକ ବନ୍ଧୁଙ୍କ ସଂଗୃହୀତ" "ରାଧାନାଥଙ୍କ ଉକ୍ତି" ବୋଲି କେତେଗୁଡ଼ିଏ କଥା ପ୍ରକାଶିତ ହୋଇଅଛି; ସେ ତାହା ପାଠକରି ମୁଁ ମର୍ମାନ୍ତିକ ଦୁଃଖିତ ହେଲି। ଯେତେଥର ପାଠକଲି ତେତେଥର ଲେଖକ ଏବଂ ସଂଗ୍ରାହକ ଓ ପ୍ରକାଶକଙ୍କଠାରୁ ମୋହର ହୃଦୟ ଭକ୍ତିଶୂନ୍ୟ ହୋଇପଡ଼ିଲା। ମଧ ସମ୍ପାଦକୀୟ

ସ୍ପଷ୍ଟରେ କହିବି, ପତ୍ରିକାର କୌଣସି ଅଂଶରେ ଏପରି ଲେଖା ସ୍ଥାନ ପାଇବାର ଯୋଗ୍ୟ ନୁହେଁ। ଅବଶ୍ୟ ଏହି ଲେଖା ପାଠକମାନଙ୍କ ମନରେ ଅସନ୍ତୋଷ ଜାତ କରାଉଥିବ, ଏହି ଧାରଣା କ୍ରମଶଃ ବଳବତୀ ହୋଇଉଠିଲା। ସୁତରାଂ ଏହି ଲେଖା ସମ୍ବନ୍ଧରେ ପଦେ ଅଧେ ପ୍ରତିବାଦ ନକରି ରହି ପାରିଲିନାହିଁ। ମୋହର ପ୍ରତିବାଦର ପ୍ରତିବାଦ କରିବାପାଇଁ ଯଦି କେହି ଇଚ୍ଛା କରନ୍ତି, ତାହା ମୁଁ ଶ୍ରବଣ କରିବାକୁ କୁଣ୍ଠିତ ନ ଥିଲେହେଁ ମୋର ପ୍ରାର୍ଥନା ଯେ ପାଠକମାନେ କଦାପି ପ୍ରତିବାଦର ପ୍ରତିବାଦ କରିବେ ନାହିଁ, କାରଣ ତାହାହେଲେ ଏହି 'ଉକ୍ତି'ରୁ ଅନେକ ଅନେକ କଥା ଦର୍ଶାଇବା ନିମନ୍ତେ ମୁଁ ବାଧ ହୋଇ ପଡ଼ିବି। ସେଥିରୁ ଏହି ଫଳ ହେବ ଯେ ରାୟ କବିଙ୍କର ପବିତ୍ର ଲେଖନୀ ଆହୁରି କଳଙ୍କିତ ହୋଇ ପଡ଼ିବ ଓ ତାଙ୍କଠାରୁ ସାଧାରଣଙ୍କର ଭକ୍ତି ଊଣା ହୋଇଯିବ। 'ରାଧାନାଥଙ୍କ ଉକ୍ତି' ଦେଖିଲାକ୍ଷଣି ପ୍ରବନ୍ଧ ପ୍ରତି ମୋହର ଆଗ୍ରହ ବଳବତୀ ହୋଇ ଉଠିଲା। ମାତ୍ର ପାଠକଲାମାତ୍ର ଏହା ରାୟକବିଙ୍କ ଉକ୍ତି ବୋଲି ବିଶ୍ୱାସ ହେଲାନାହିଁ। ମୁଁ ଅନୁମାନ କଲିଯେ ରାୟକବିଙ୍କର କୌଣସି ଶତ୍ରୁ ତାଙ୍କର ସୁନାମ ନଷ୍ଟ ନିମନ୍ତେ ଏପରି କଦର୍ଯ୍ୟ ଓ ସାଧାରଣ ଅପ୍ରିୟ କଥାଗୁଡ଼ିଏ ପ୍ରଳାପବତ୍ ଲେଖି ପକାଇ ଅଛନ୍ତି।

ଯେଉଁ ରାୟକବି ଉତ୍କଳର ଶିକ୍ଷିତ ସ୍ୱଜନମାନଙ୍କରୁ ଯଥେଷ୍ଟ ପରିମାଣରେ ନାନାବିଧ ଉତ୍ସାହ ଓ ସାହାଯ୍ୟ ଲାଭକରି କବିବର ଆଖ୍ୟାର ଅଧିକାରୀ ହୋଇ ଅଛନ୍ତି; ଯାହାଙ୍କର ଶକ୍ତି ଓ ଲେଖାର ପ୍ରକୃତଗୁଣ ଉତ୍କଳୀୟ ସମ୍ବାଦପତ୍ର ମାନଙ୍କରେ ସୁନ୍ଦର ରୂପେ ପ୍ରାୟ ତିରିଶବର୍ଷ କାଳ ଆଲୋଚିତ ହୋଇ ଯାଇଅଛି; ଏବଂ ଯାହାଙ୍କ କୃତ ପୁସ୍ତକମାନ ପୂର୍ବରେ ଓଡ଼ିଶାର ଶିକ୍ଷାବିଭାଗରେ ବହୁଳ ପରିମାଣେ ପ୍ରଚଳିତ ଥିଲା, ମଧ୍ୟ ଆଜି ପର୍ଯ୍ୟନ୍ତ କେତେକ କେତେକ ପୁସ୍ତକ କୌଣସି କୌଣସି ବିଭାଗ ବା ଶ୍ରେଣୀମାନଙ୍କରେ ଚଳୁଅଛି; ଯାହାଙ୍କ ଯୋଗରୁ ତାଙ୍କର ବଂଶୀୟ ଯେ କୌଣସି ବ୍ୟକ୍ତି ଉତ୍କଳରେ ଶ୍ରଦ୍ଧାର ଯୋଗ୍ୟ ହୋଇଥାନ୍ତି ଓ ନିଜ ନିଜର ବହୁ ଅର୍ଥ ସାପେକ୍ଷ କାର୍ଯ୍ୟମାନ ଉଲଟି କରିନେଇ ଅଛନ୍ତି; ପୁନଶ୍ଚ ଯେ ରାୟକବି ଉତ୍କଳର ବଦାନ୍ୟବର୍ଗଙ୍କର ସୁପ୍ରସାଦରୁ ନିଜର ଗ୍ରନ୍ଥ ସମୂହ ପ୍ରକାଶରେ ସକ୍ଷମ ହୋଇ ଅଛନ୍ତି ଓ ଯାହାଙ୍କ ମନ୍ତବ୍ୟ ପାଠରେ ସେ ରାଜଭକ୍ତ ଥିବାର ଅନୁମିତ ହୁଏ; ପୁଣି ଯେଉଁ କବିଙ୍କର ସମଗ୍ର କାବ୍ୟ ଉତ୍ସର୍ଗପତ୍ର ଶୂନ୍ୟ ନୁହେ ଓ ସେହି ସବୁ ଉତ୍ସର୍ଗ ପତ୍ରରେ ଉତ୍କଳୀୟ ନରପତିମାନଙ୍କର ଅସାଧାରଣ ସଦ୍‌ଗୁଣରାଶି ସଙ୍ଗେ ସଙ୍ଗେ ସାହିତ୍ୟାନୁରାଗିତା ବହୁଳ ପରିମାଣରେ ବର୍ଣ୍ଣିତ ଅଛି; ଯେ ମହାତ୍ମା ଶିକ୍ଷକଙ୍କଠାରୁ ଛାତ୍ରମାନଙ୍କ ପର୍ଯ୍ୟନ୍ତ ପ୍ରୟୋଜନୀୟ କଥାର ସାହାଯ୍ୟ ପାଇଥିବାର ଯଥେଷ୍ଟ ପ୍ରମାଣ ଅଛି; ପୁଣି ଯେଉଁ ମହାପୁରୁଷ କର୍ତ୍ତବ୍ୟବଶରୁ ହେଉ ବା ଦର୍ଶନ ଲାଳସାରୁ ହେଉ ଓଡ଼ିଶାର ସ୍ଥାନ ପର୍ଯ୍ୟଟନ ପୂର୍ବକ ସମ୍ମାନମାନ ଲାଭ କରିଅଛନ୍ତି; ପୁନର୍ବାର ଯାହାଙ୍କ ଯୋଗରୁ ଯାହାଙ୍କ ବଂଶଧରମାନେ ଅଦ୍ୟାବଧି ଉତ୍କଳୀୟ ରାଜାମାନଙ୍କ ନିକଟରୁ ବାର୍ଷିକ ବୃତ୍ତିଲାଭ କରୁଅଛନ୍ତି; ସେହି

ଉତ୍କଳର ସର୍ବୋଚ୍ଚ ସାହାଯ୍ୟପ୍ରାପ୍ତ କବି ରାୟ ରାଧାନାଥ ରାୟ ବାହାଦୁର ସ୍ୱହସ୍ତରେ ଏପରି ଜ୍ଞାନହୀନ ଅନର୍ଥକ ବାକ୍ୟଗୁଡ଼ିଏ ଲେଖି ଅକୃତଜ୍ଞ ବୋଲାଇବେ, ଏପରି ବିଶ୍ୱାସ ହେଉନାହିଁ। ।। ଇତି ।।

ଜନୈକ ଉକ୍ତ ସାହିତ୍ୟିକ ବନ୍ଧୁ

ବାମଣ୍ଡା।

## ଆଲୋଚନା

ଉପରୋକ୍ତ ଲେଖା ଦୁଇଟି ସମ୍ବଲପୁର ହିତୈଷିଣୀର ତ୍ରୟୋବିଂଶ ବର୍ଷର ଚତ୍ୱାରିଂଶ ସଂଖ୍ୟା (ତା ୮.୬.୧୯୧୨ରିଖ) ଓ ପଞ୍ଚତ୍ରିଂଶ ସଂଖ୍ୟା (ତା ୧୫.୬.୧୯୧୨ରିଖ)ରେ ପ୍ରକାଶିତ। 'ରାଧାନାଥଙ୍କ ଉକ୍ତି' ଓ ତା'ର 'ପ୍ରତିବାଦ' କୌଣସିଟି ଏହାର ସଂଗ୍ରାହକ ଓ ଲେଖକର ନାମ ବହନ କରିନାହିଁ। ପ୍ରଥମ ରଚନାଟି ହିତୈଷିଣୀର ସଂପାଦକୀୟ ଅଂଶରେ ପ୍ରକାଶିତ ହୋଇଥିବାବେଳେ, ତାହାର ପ୍ରତିବାଦ 'ପ୍ରାପ୍ତ' ସ୍ତମ୍ଭରେ ପ୍ରକାଶିତ। ବ୍ୟକ୍ତିଗତ ସଂପର୍କ ବାହାରେ, ଆନୁଷ୍ଠାନିକ ଭାବେ 'ରାଧାନାଥଙ୍କ ଉକ୍ତି'ର ସଂଗ୍ରାହକ ଓ ତା'ର ପ୍ରତିବାଦକର୍ତ୍ତାଙ୍କର ନାମ ସଂଗୁପ୍ତ ରହିଥିବା ସ୍ୱାଭାବିକ। ଯଦିଓ ଏହି ଉକ୍ତିରୁ କେତୋଟି ଅଂଶ ପଣ୍ଡିତ ରାଘବ ମିଶ୍ରଙ୍କ 'କୋସଳର କବି'ରେ ଉଦ୍ଧୃତ (ପୃ. ୩୮, ୪୦) ତଥାପି ବହୁଦିନ ପର୍ଯ୍ୟନ୍ତ ଗଙ୍ଗାଧରଙ୍କ ନିକଟକୁ ଲିଖିତ ପତ୍ରରୁ ଏଗୁଡ଼ିକ ଯେ ଉଦ୍ଧୃତ, ତାହା ଅଜ୍ଞାତ ଥିଲା। ରାଧାନାଥ ଜୀବନୀକାର ସେଥିପାଇଁ 'ରାଧାନାଥଙ୍କ ଉକ୍ତି' ଉଦ୍ଧାର କଲାବେଳେ ଏହାର ପ୍ରସଂଗ ନିର୍ଦ୍ଦେଶ କରିପାରି ନାହାନ୍ତି। (ରାଧାନାଥ ଜୀବନୀ, ପୃ. ୬୨୩-୨୪)(୧)। ପରବର୍ତ୍ତୀ ସମୟରେ ରାଧାନାଥଙ୍କ ପତ୍ରାବଳୀର ସଂଗ୍ରହ, ସଂପାଦନା ଓ ତାହାକୁ ନେଇ ବହୁ ଆଲୋଚନା ହୋଇଥିଲେ ମଧ୍ୟ ଏଭଳି ବାଦ-ପ୍ରତିବାଦର କାରଣ ଓ ପରିଣାମ କ୍ୱଚିତ ଆଲୋଚିତ। ଦ୍ୱିତୀୟତଃ ରାଧାନାଥଙ୍କ ପତ୍ରାବଳୀକୁ ଭିତ୍ତିକରି ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଓ ଡକ୍ଟର ସାମନ୍ତରାୟ ରାଧାନାଥ-ସାହିତ୍ୟର ମନୋଜ୍ଞ ଆଲୋଚନା କଲାବେଳେ, ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ, ସାହିତ୍ୟ ଓ ଜୀବନ-ଦର୍ଶନ ଆଲୋଚନାରେ ଏଗୁଡ଼ିକର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ତୃତୀୟତଃ ରାଧାନାଥଙ୍କର ଏହି ପତ୍ରଗୁଡ଼ିକ ମାଧ୍ୟମରେ ଗଙ୍ଗାଧର ନିଜର ଅନ୍ୟତମ କାବ୍ୟଗୁରୁ ରାଧାନାଥଙ୍କୁ ଯେଉଁ ପରିଚିତି ନେଇ ଛିଡ଼ା କରାଇବାକୁ ଚେଷ୍ଟା କରିଛନ୍ତି, ସେହି ପରିଚିତିର ବାସ୍ତବ ଓ କଳ୍ପିତ ଅଂଶ ଉପରେ ଆଲୋକପାତ କରାଯାଇନାହିଁ। ବକ୍ଷ୍ୟମାଣ ଆଲୋଚନାରେ ଏସବୁ ପ୍ରଶ୍ନର ମୀମାଂସା କରାଯିବାର ଚେଷ୍ଟା ହୋଇଥିବାରୁ ଗଙ୍ଗାଧରଙ୍କ ଦ୍ୱାରା ସଂକଳିତ 'ରାଧାନାଥଙ୍କ ଉକ୍ତି' ଓ ତାହାର 'ପ୍ରତିବାଦ' ଏଠାରେ ସଂଗୃହୀତ।

୧୮୯୨ ମସିହାରେ ରାଧାନାଥଙ୍କ କାବ୍ୟାବଳୀ ସହ ଅନ୍ତରଙ୍ଗ ଭାବେ ପରିଚିତ ହେବା ଆକାଂକ୍ଷାରୁ ଗଙ୍ଗାଧରଙ୍କର ରାଧାନାଥଙ୍କ ସହ ପତ୍ରାଳାପର ଆରମ୍ଭ। ପରେ ନିଜର ସଦ୍ୟ ପ୍ରକାଶିତ 'ଅହଲ୍ୟାସ୍ତବ' ରାଧାନାଥଙ୍କୁ ଉପହାର ଦେଲାପରେ ଗଙ୍ଗାଧର

ସେଥିଁ ଉଦାହରଣଂକର ପତ୍ର ରାଧାନାଥଙ୍କଠାରୁ ପାଇଥିଲେ, ତାହା ଜୀବନ-ବ୍ୟାପୀ ଘନିଷ୍ଠ ସଂପର୍କର କାରଣ ହୋଇଥିଲା। ରାଧାନାଥ ଓ ଗଙ୍ଗାଧରଙ୍କ ଘନିଷ୍ଠତାର ସ୍ମାରକୀ ହେଉଛି ୧୮୯୨ରୁ ୧୯୦୮ ଭିତରେ ଉଭୟଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପ। ଇନ୍ଦ୍ରଧନୁ-ବିଜୁଳି ସଂଘର୍ଷ କାଳରେ ରାଧାନାଥ କଟକର ବିଶ୍ୱନାଥ-ରାମନାରାୟଣ-ରାମକୃଷ୍ଣ ତଥା ବାମଣ୍ଡାର ସାହିତ୍ୟିକ ଗୋଷ୍ଠୀଙ୍କର ଅନ୍ତରଙ୍ଗ ହୋଇଥିଲେ ବି ଓଡ଼ିଶାର ବହୁ ସାହିତ୍ୟିକଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲେ। 'ବିଜୁଳି' ବନ୍ଦ ହେଲାପରେ ବାମଣ୍ଡାର ସାହିତ୍ୟିକଗଣଙ୍କ ପ୍ରତି ଅନେକାଂଶରେ ସେ କ୍ଷୁବ୍ଧ ହୋଇଥିବା ମନେହୁଏ। ତେଣୁ ୧୮୯୩ରୁ ହୁଗୁଳୀ ଯିବା ପର୍ଯ୍ୟନ୍ତ ଗଙ୍ଗାଧରଙ୍କୁ ଚିଠି ଲେଖିବା ରାଧାନାଥଙ୍କ ପାଇଁ ଥିଲା ଏକପ୍ରକାର ଆତ୍ମମୁକ୍ତି। ହୁଗୁଳୀରେ ଅଳ୍ପଦିନ ରହଣୀ ଭିତରେ ବଙ୍ଗଳାର ସମକାଳୀନ ପ୍ରତିଷ୍ଠିତ ନାରୀକବି ନଗେନ୍ଦ୍ରବାଲାଙ୍କ ସହ ରାଧାନାଥ ଅନ୍ତରଙ୍ଗ ହୋଇଯିବାରୁ ଗଙ୍ଗାଧରଙ୍କ ପାଣ୍ଡୁଲିପି ପାଠକରିବାପାଇଁ ସେ ସମୟ ପାଇ ନାହାନ୍ତି। (କବିଲିପି ପୃ.୯୫) ତେଣୁ ଉଭୟଙ୍କ ମଧ୍ୟରେ ବିନିମୟ ହୋଇଥିବା ପତ୍ରର ସଂଖ୍ୟା କମିଯାଇଛି। ୧୯୦୫ ପରେ ଗଙ୍ଗାଧର ରାଧାନାଥଙ୍କ ନିକଟକୁ ପତ୍ର ଲେଖିଥିଲେ ହେଁ (ରାଧାନାଥ ଜୀବନୀ ପୃ.୪୮୦) ରାଧାନାଥଙ୍କର କୌଣସି ଚିଠି ଏ ପର୍ଯ୍ୟନ୍ତ ସଂଗୃହୀତ ହୋଇନାହିଁ। ୧୮୯୨ରୁ ୧୯୦୫ ମଧ୍ୟରେ ରାଧାନାଥ ଗଙ୍ଗାଧରଙ୍କୁ ଲେଖିଥିବା ପତ୍ରଗୁଡ଼ିକ ମଧ୍ୟରୁ ପଇଁତାଳିଶଟି ପତ୍ର ପ୍ରକାଶିତ। ଏହି ପଇଁତାଳିଶଟି ପତ୍ର ସହିତ ରାଧାନାଥ ଇନ୍ଦୁମତୀ ଓ କୀଚକବଧର ପାଣ୍ଡୁଲିପି ଉପରେ ଦେଇଥିବା ମନ୍ତବ୍ୟ, ସମ୍ବଲପୁର ହିତୈଷିଣୀ(୬/୩୦)ରେ ରାଧାନାଥ ପ୍ରକାଶ କରିଥିବା ସମୀକ୍ଷା ଓ ପୁତ୍ର ବିବାହର ନିମନ୍ତ୍ରଣପତ୍ର ଏକତ୍ର କରି ମୋଟ ଅଣଚାଶ ଖଣ୍ଡ ପତ୍ର(?) ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ 'କବିଲିପି' ଶୀର୍ଷକରେ ପ୍ରକାଶ କରିଛନ୍ତି। ଏହି ପତ୍ରଗୁଡ଼ିକ ଡକ୍ଟର ପଟ୍ଟନାୟକ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ସୌଜନ୍ୟରୁ ପାଇଥିବା ସ୍ୱୀକାର କରିଛନ୍ତି। ଡାକ୍ତର ରାଓ ମଧ୍ୟ ଏଥିରୁ ଅଳ୍ପ କେତେକ ପତ୍ର କବିଲିପି ଶୀର୍ଷକରେ 'ସହକାର' ମାସିକ ପତ୍ରର ଏକତ୍ରିଂଶ ବର୍ଷ ଦ୍ୱିତୀୟ ସଂଖ୍ୟା (ଜ୍ୟେଷ୍ଠ, ୧୩୪୭)ରେ ପ୍ରକାଶ କରିଥିଲେ। କିନ୍ତୁ ଡାକ୍ତର ରାଓ ଓ ଡକ୍ଟର ପଟ୍ଟନାୟକଙ୍କ ଭୂମିକାରୁ ଦୁଇଟି ବିଷୟ ଆଦୌ ସ୍ପଷ୍ଟ ନୁହେଁ: (କ) ଏ ଚିଠିଗୁଡ଼ିକର ପ୍ରତିଲିପି କେଉଁ ସୂତ୍ରରୁ ପ୍ରାପ୍ତ, (ଖ) ରାଧାନାଥଙ୍କ ପତ୍ରାବଳୀ ମଧ୍ୟରୁ ଏଗୁଡ଼ିକ ନିର୍ବାଚିତ କି ନୁହେଁ? ଯଦି ନିର୍ବାଚିତ, ତେବେ କାହାଦ୍ୱାରା ନିର୍ବାଚିତ?

ଏହି ପତ୍ରଗୁଡ଼ିକ ମଧ୍ୟରୁ ଏଗାରଟି ପତ୍ରର ଉଦ୍ଧୃତାଂଶ 'ରାଧାନାଥଙ୍କ ଉକ୍ତି' ଶୀର୍ଷକରେ ପ୍ରକାଶିତ ହୋଇଥିଲା। ଗଙ୍ଗାଧରଙ୍କ ମୃତ୍ୟୁ ପରେ ପରେ, ତାଙ୍କର ଘନିଷ୍ଠ ସଂସର୍ଗରେ ଆସିଥିବା ପଣ୍ଡିତ ରାଘବ ମିଶ୍ରଙ୍କ ଦ୍ୱାରା ଲିଖିତ, 'ମେହେର କବି' ପୁସ୍ତକରେ ଏଗାରଟି ଚିଠିର ଅଂଶ ବିଶେଷ ଓ ଦୁଇଟି ଚିଠି ପୂର୍ଣ୍ଣତଃ ପ୍ରକାଶିତ। ରାଧାନାଥଙ୍କର ଗଙ୍ଗାଧରଙ୍କ ସହ ଥିବା ଘନିଷ୍ଠତା ଅବଧାରଣା କରିବା

ପ୍ରସଙ୍ଗରେ ଏହି ଚିଠିଗୁଡ଼ିକରୁ ଅଂଶବିଶେଷ ଉଦ୍ଧୃତ। ସବୁଠାରୁ କୌତୂହଳର ବିଷୟ ଯେ ଗଙ୍ଗାଧର ଏଇ ଚିଠିଗୁଡ଼ିକ 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ନେଇ ଲେଖିଥିଲେ: "ରାଧାନାଥ ପତ୍ରାବଳୀ" ଯଦି ସାହିତ୍ୟରେ [ଉତ୍କଳ ସାହିତ୍ୟରେ] ପ୍ରକାଶିତ ହେବାର ଉପଯୁକ୍ତ ବିବେଚିତ ହୁଏ, ତେବେ ତାହା ପ୍ରକାଶିତ ହେଲେ, ମୋର ଗୌରବ ବୃଦ୍ଧି ହୋଇପାରେ। ଯଦି ବିଶ୍ୱନାଥବାବୁ ସମ୍ମତ ହୁଅନ୍ତି ଏବଂ ସମ୍ବଲପୁରର ଶ୍ରୀ ନନ୍ଦକିଶୋର ବଳ, ଶ୍ରୀ ବାଲୁକେଶ୍ୱର ମିଶ୍ର ମହୋଦୟ ମାନଙ୍କର ଅଭିମତ ହୁଏ। ଅନ୍ୟଥା ତାହା ସାଧାରଣରେ ପ୍ରକାଶ କରିବାକୁ ମୁଁ ସଙ୍କୁଚିତ ଅଛି।" (ପତ୍ରାବଳୀ ପୃ. ୭୭) ବୋଧହୁଏ ଏମାନଙ୍କଠାରୁ ଆଶାନୁରୂପ ଉତ୍ସାହ ନ ମିଳିବାରୁ ଗଙ୍ଗାଧର ଚିଠିଗୁଡ଼ିକ ଅବିକୃତ ଭାବରେ କୌଣସି ସାହିତ୍ୟ ବା ସମ୍ବାଦପତ୍ରକୁ ନଦେଇ ଏହାର କେତେକ ବିଶିଷ୍ଟ ପଂକ୍ତି ଉଦ୍ଧାର କରି ସମ୍ବଲପୁର ହିତୈଷିଣୀରେ 'ରାଧାନାଥଙ୍କ ଉକ୍ତି' ଶୀର୍ଷକରେ ପ୍ରକାଶ କରିଥିଲେ। 'ରାଧାନାଥଙ୍କ ଉକ୍ତି'ରେ ନିଜ ସଂପର୍କରେ ଥିବା ପ୍ରଶଂସାସୂଚକ ମନ୍ତବ୍ୟ, ବ୍ୟକ୍ତିଗତ ପ୍ରସଂଗ ଆଦିକୁ କେବଳ ଗଙ୍ଗାଧର ବାଦ ଦେଇ ନାହାନ୍ତି– କେତୋଟି ନିର୍ଦ୍ଦିଷ୍ଟ ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି। ପରେ ରାଧାନାଥଙ୍କ କେତୋଟି ନିର୍ବାଚିତ ପତ୍ରର ପ୍ରତିଲିପି ପ୍ରସ୍ତୁତ କରି ସେ ବ୍ରଜମୋହନ ପଣ୍ଡାଙ୍କ ନିକଟକୁ ପଠାଇଥିବା ତାଙ୍କର ତା୬.୨.୧୯୧୫ରିଖ ଓ ତା୪.୩.୧୫ରିଖ ପତ୍ରରୁ ସ୍ପଷ୍ଟ: "ପତ୍ରାବଳୀର ପ୍ରକାଶଯୋଗ୍ୟ ଅଂଶ ଲେଖୁଅଛି, କିନ୍ତୁ ପ୍ରକାଶ କରିବାକୁ ମୋତେ ବଡ଼ ସଂକୋଚ ବୋଧହୁଏ। ଆପଣ ପ୍ରକାଶକ ହେଲେ ଭଲ ହୁଅନ୍ତା। ଛାପାଖର୍ଚ୍ଚ ମୁଁ ଯୋଗାଇ ପରେ।" "ରାଧାନାଥଙ୍କର ଆଉ ୩/୪ ଖଣ୍ଡ ପତ୍ର ରହି ଯାଇଅଛି। ଖଣ୍ଡିକର ପ୍ରାୟ ବାରଅଣା ଅପ୍ରକାଶ୍ୟ ବୋଲି ଲେଖିଥିଲେ। ଖଣ୍ଡିକରେ କେବଳ ୪/୫ ଖଣ୍ଡ ପୁସ୍ତକର ଓ ଖଣ୍ଡିକରେ କେବଳ ମଧ୍ୟପ୍ରଦେଶର ପାଠ୍ୟପୁସ୍ତକ ଏଇ ଦୁଇଖଣ୍ଡ ବାହିଁଥିବାର କଥା ଲେଖିଥିଲେ। ଖଣ୍ଡିଏ ଅକ୍ଷୟବାବୁଙ୍କ ସମ୍ବନ୍ଧରେ ଅଛି। ଆଉ ଖଣ୍ଡିକରେ କେବଳ 'ଇନ୍ଦୁମତୀ' ରାୟ ପ୍ରେସରେ ଛାପା ହେବାର ଖର୍ଚ୍ଚ ସମ୍ବନ୍ଧରେ ଲେଖିଥିଲେ।" (ପତ୍ରାବଳୀ ପୃ. ୧୭୩-୭୫) ଗଙ୍ଗାଧର ତିନି ତାରିଖର ପତ୍ରର କଥା କହି ଯେଉଁ ପାଞ୍ଚଟି ପତ୍ରର ସୂଚନା ଦେଇଥିଲେ, ସେଗୁଡ଼ିକ ମଧ୍ୟରୁ ଚାରୋଟି (୨୫.୪.୯୨, ୮.୧୨.୯୩, ୨୭.୮.୯୪, ୨୯.୭.୯୭) ଚିଠି 'କବିଲିପି' ପୁସ୍ତକରେ ସଂକଳିତ। ତା ବ୍ୟତୀତ ଅନେକ ଚିଠି ଆଦାନପ୍ରଦାନ ହେଉଥିବାର ସୂଚନା ଥିଲେ ବି ତାହା ସଂଗୃହୀତ ହୋଇନାହିଁ। ତେଣୁ କେବଳ 'ରାଧାନାଥଙ୍କ ଉକ୍ତି' ନୁହେଁ 'କବିଲିପି'ରେ ସଂକଳିତ ପତ୍ରଗୁଡ଼ିକ ଗଙ୍ଗାଧରଙ୍କ ଦ୍ୱାରା ନିର୍ବାଚିତ ଓ ପ୍ରକାଶନ ପାଇଁ ପ୍ରସ୍ତୁତ ହୋଇଥିବା ସମ୍ଭବ। କେଉଁ କାରଣରୁ ବ୍ରଜମୋହନ ପଣ୍ଡା ସେଗୁଡ଼ିକ ପ୍ରକାଶ କଲେ ନାହିଁ (ଆର୍ଥିକ କାରଣ ନଥିବା ସତ୍ତ୍ୱେ) ତାହା ଏବେ ବି ରହସ୍ୟମୟ। ତେବେ 'ରାଧାନାଥଙ୍କ ପତ୍ରାବଳୀ' ପ୍ରକାଶନର ଇତିହାସରୁ ଦୁଇଟି ବିଷୟ ସ୍ପଷ୍ଟ: (କ) ୧୯୧୧-୧୨

ମହିମା ପରେ ଗଙ୍ଗାଧର ନିର୍ବାଚିତ ପତ୍ରଗୁଡ଼ିକ ପ୍ରକାଶ କରିବାକୁ ଏକାନ୍ତ ଚେଷ୍ଟିତ ଥିଲେ। (ଖ) ସମକାଳୀନ ବହୁ ବ୍ୟକ୍ତି ଏହା ପ୍ରକାଶିତ ହେଉ, ଏହା ଚାହୁଁ ନଥିଲେ। ସେମାନେ କାହିଁକି ଚାହୁଁ ନଥିଲେ, ତାହାର ସୂଚନା ଉକ୍ତ 'ପ୍ରତିବାଦ'ରେ ରହିଛି।

'ପ୍ରତିବାଦ'ର ଲେଖକ ରାଧାନାଥଙ୍କର ଘନିଷ୍ଠ ହୋଇଥିବା ଅନୁମାନ। ସେ 'ରାଧାନାଥ ଭକ୍ତି'ର ଲେଖକ ରାଧାନାଥ ହୋଇଥିବା ଏକ ପ୍ରକାର ନିଶ୍ଚିତ। ତାଙ୍କ ମତରେ ରାଧାନାଥଙ୍କର 'କୌଣସି ଶତ୍ରୁ ତାଙ୍କର ସୁନାମ ନଷ୍ଟ କରିବା ନିମନ୍ତେ' ଏଭଳି ବିବାଦୀୟ ମନ୍ତବ୍ୟମାନ 'ରାଧାନାଥଙ୍କର ଉକ୍ତି' ଆକାରରେ ପ୍ରଚାରିତ କରିଛନ୍ତି। ଏଭଳିକି କେହି ଏହା ରାଧାନାଥଙ୍କର ବୋଲି ପ୍ରତିଷ୍ଠା କରିବାକୁ ଚାହିଁଲେ, ସେ ଏହାର ପୁନଶ୍ଚ ପ୍ରତିବାଦ କରିବେ ଓ 'ଏହି ଉକ୍ତିରୁ ଅନେକ ଅନେକ 'କଥା ଦର୍ଶାଇବା ନିମନ୍ତେ' ବାଧ୍ୟ ହୋଇ ପଡ଼ିବେ'; ଫଳରେ ରାଧାନାଥଙ୍କର 'ପବିତ୍ର ଲେଖନୀ ଆହୁରି କଳଙ୍କିତ ହୋଇ ପଡ଼ିବ ଓ ତାଙ୍କଠାରୁ ସାଧାରଣଙ୍କର ଭକ୍ତି ଭଗ୍ନ ହୋଇଯିବ ବୋଲି ଧମକ ଦେଇଛନ୍ତି। ଗଙ୍ଗାଧର ରାଧାନାଥଙ୍କ ସୁନାମରେ ଆଞ୍ଚ ନ ଆଣିବାପାଇଁ ଓ ବିବାଦ ଘେରକୁ ରାଧାନାଥଙ୍କ ସ୍ୱର୍ଗୀୟ ଆତ୍ମାକୁ ନ ଟାଣିବାପାଇଁ ନୀରବତା ଅବଲମ୍ବନ କରିଛନ୍ତି ଓ ଅଭିମାନାହତ ହୋଇ ବ୍ରଜମୋହନଙ୍କୁ ଲେଖିଛନ୍ତି : ''ହିତୈଷିଣୀରେ ରାଧାନାଥଙ୍କ ଉକ୍ତିର ପ୍ରତିବାଦ କିଛି ରହସ୍ୟପୂର୍ଣ୍ଣ ଥିବାର ଅନୁମିତ ହେଉଅଛି। ତହିଁ ନିମନ୍ତେ କୌଣସି ପ୍ରତିବାଦ ବା ବ୍ୟାଖ୍ୟା ଆବଶ୍ୟକ ନୁହେଁ।'' (ପତ୍ରାବଳୀ, ପୃ. ୭୮)(୨)

'ରାଧାନାଥ ଭକ୍ତି' ଓ ତା'ର ପ୍ରତିବାଦ ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ ହେବାର ଚାରିସପ୍ତାହ ପରେ କୌଣସି ଅଜ୍ଞାତନାମା ଲେଖକଙ୍କ ଦ୍ୱାରା ରଚିତ 'ନରଦେବତା ରାଧାନାଥ' ପ୍ରବନ୍ଧ ସେହି ହିତୈଷିଣୀରେ ପ୍ରକାଶିତ। (ସମ୍ବଲପୁର ହିତୈଷିଣୀ ୨୩/୩୯, ୨୩/୪୦, ୨୩/୪୩ ଓ ୨୩/୪୫। ଚାରୋଟି କିସ୍ତିରେ ପ୍ରକାଶିତ ଏହି ପ୍ରବନ୍ଧଟି ଅସମ୍ପୂର୍ଣ୍ଣ। ଏହି ପ୍ରବନ୍ଧର ତିନୋଟି କିସ୍ତି 'ରାଧାନାଥ ଜୀବନୀ'ରେ ସଂକଳିତ, ପୃ. ୬୨୫-୬୩୨) ଏହି ରଚନାରେ 'ରାଧାନାଥଙ୍କ ଉକ୍ତି'ରେ ଥିବା ବକ୍ତବ୍ୟର ନୀରବ ପ୍ରତିବାଦ ରହିଛି। ଆଲୋଚ୍ୟ 'ପ୍ରତିବାଦ'ର ଲେଖକ ଓ 'ନରଦେବତା ରାଧାନାଥ' ପ୍ରବନ୍ଧର ଲେଖକ ଜଣେ ବ୍ୟକ୍ତି ହୋଇଥିବା ଅନେକ କାରଣରୁ ଅନୁମାନ କରାଯାଇପାରେ। ଏହାର ଲେଖକ ରାଧାନାଥଙ୍କର ଅତି ଘନିଷ୍ଠ ଥିବା ଉପରୋକ୍ତ ରଚନାରେ ଦାବୀ କରାଯାଇଛି। ରାଧାନାଥଙ୍କର ଚିଠି ଲେଖିବା ଅଭ୍ୟାସ ଓ ଚିଠି ନଷ୍ଟ କରିଦେବା ସଂପର୍କରେ ରାଧାନାଥଙ୍କ ଉପଦେଶ ସଂପର୍କ ଅବତାରଣା କରି କୁହାଯାଇଛି : ''ତାଙ୍କର ମୋର ପ୍ରାୟ ପ୍ରତ୍ୟହ ପତ୍ର ଆଦାନ ପ୍ରଦାନ ହେଉଥିଲା। ସେ ଦିନେ ଦିନେ ଚିଠି ଲେଖି ଡାକ ଘରକୁ ପଠାଇଦେବା ପରେ ତାଙ୍କର ଆଉ କିଛି କଥା ମନେ ପଡ଼ିଲେ ତତ୍‌କ୍ଷଣାତ୍ ପୁଣି ପତ୍ର ପଠାଉଥିଲେ।

କେବେ କେବେ ଏକ ଦିବସରେ ତିନିଖଣ୍ଡ ପତ୍ର ମଧ୍ୟ ପଠାଉଥିଲେ। ପ୍ରତ୍ୟେକ ପତ୍ରର ଭାଷା, ଭାବ ଏବଂ ବିଷୟ ଏପରି ରୁଚିକର ଯେ, ତାହା ବାରମ୍ବାର ପାଠ କରି ପୂର୍ଣ୍ଣ ତୃପ୍ତିଲାଭ ହେଉ ନଥିଲା। ସେ କହୁଥିଲେ– 'କାହାରି ପତ୍ର ପାଇଲେ ତାହା ପାଠକରି ସାରି ତତ୍‌କ୍ଷଣାତ୍ ଚିରିଦେବ, ଉତ୍ତର ଦେବାର ଥିଲେ ସେପର୍ଯ୍ୟନ୍ତ ରଖିବ, ନଚେତ ପତ୍ରକୁ ଲେଖକର ବା ପାଇବା ଲୋକର ହେଉ ବା ଅପରର ହେଉ, ଆପଦ ଘଟିବା ଅସମ୍ଭବ ନୁହେଁ।' ଏଥିପାଇଁ ତାଙ୍କର ପତ୍ରମାନଙ୍କ ସମ୍ବନ୍ଧରେ ଉକ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସେ ମୋତେ ଅନୁରୋଧ କରୁଥିଲେ। ଏହିପରି ପତ୍ର ସଞ୍ଚୟ ଦ୍ୱାରା ଜଣେ ଲୋକ ଗୁରୁତର ରୂପେ କ୍ଷତିଗ୍ରସ୍ତ ହେଉଥିବା ମତେ ଜଣାଅଛି। ସେହିଦିନଠାରୁ ସାଧ୍ୟାନୁସାରେ ମୁଁ ତାଙ୍କ ଉପଦେଶ ପାଳନ କରି ଆସୁଅଛି।'' (ରାଧାନାଥ ଜୀବନୀ ପୃ. ୬୩୦) ଏଠାରେ ପରୋକ୍ଷରେ କୁହାଯାଇଛି ଯେଉଁମାନେ ରାଧାନାଥଙ୍କ 'ପତ୍ର ସଞ୍ଚୟ' କରିଛନ୍ତି ସେ ତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। (ଏଠାରେ ସୂଚନା ଯୋଗ୍ୟ ଯେ ରାଧାନାଥ ନିଜେ ଅଜସ୍ର ପତ୍ର ସାଇତି ରଖିଥିଲେ। 'ରାଧାନାଥ ଜୀବନୀ'ରେ ସଂକଳିତ ବହୁ ବ୍ୟକ୍ତିଙ୍କ ପତ୍ର ତାହାର ଦୃଷ୍ଟାନ୍ତ। 'ରାଧାନାଥ ଜୀବନୀ'ରେ ଗଙ୍ଗାଧର ରାଧାନାଥଙ୍କୁ ଲେଖିଥିବା ତିନୋଟି ପତ୍ର ମଧ୍ୟ ସଂକଳିତ। ତେବେ ରାଧାନାଥ ନିଜେ ଯାହା କରୁଥିଲେ ଅନ୍ୟମାନେ ତାହା କରନ୍ତୁ ବୋଲି କଣ ସେ ଚାହୁଁ ନଥିଲେ? ଅଥବା ଏହି ଅଜ୍ଞାତନାମା ଲେଖକ ଗଙ୍ଗାଧରଙ୍କୁ ନୈତିକଭାବେ ପରାଜିତ କରିବାପାଇଁ ରାଧାନାଥଙ୍କର ଏଭଳି ଏକ 'ଉପଦେଶ'ର କଳ୍ପନା କରିଛନ୍ତି?) 'ନରଦେବତା ରାଧାନାଥ' ପ୍ରବନ୍ଧରେ ରାଧାନାଥ କିଭଳି ବିବାଦଠାରୁ ଦୂରେଇ ରହୁଥିଲେ ଓ ଯାହାଙ୍କଠାରୁ ସାମାନ୍ୟ ସାହାଯ୍ୟ ପାଉଥିଲେ ତାଙ୍କପ୍ରତି ଆଜୀବନ କୃତଜ୍ଞ ରହୁଥିଲେ, ତାହା ମଧ୍ୟ ଅବତାରଣା କରାଯାଇଛି। ଉପରୋକ୍ତ 'ପ୍ରତିବାଦ'ରେ ରାଧାନାଥ ଉତ୍କଳର ଶିକ୍ଷିତଦଳ ମାନଙ୍କଠୁ ଯଥେଷ୍ଟ ପରିମାଣରେ ନାନାବିଧ ଉତ୍ସାହ ତଥା ସାହାଯ୍ୟ ଲାଭକରିଥିବା,' ଉତ୍କଳୀୟ ସମ୍ବାଦପତ୍ର ଗୁଡ଼ିକରେ ତିରିଶବର୍ଷ ଧରି ସେ ସୁନ୍ଦରରୂପେ ଆଲୋଚିତ ହୋଇଥିବା, ତାଙ୍କର ପୁସ୍ତକସବୁ ଓଡ଼ିଶାର ଶିକ୍ଷା ବିଭାଗରେ ପ୍ରଚଳିତ ଥିବା କୁହାଯାଇଛି। ଏତେ ସାହାଯ୍ୟ ପାଇଲାପରେ ରାଧାନାଥ କ'ଣ କୃତଘ୍ନ ହୋଇ ଏସବୁକୁ ନିନ୍ଦା କରିପାରନ୍ତି? ଠିକ୍ ସେହିଭଳି ଭାଇମାନଙ୍କଠାରୁ ରାଧାନାଥ ବହୁ ସହିଷ୍ଣୁ ଓ ସାହାଯ୍ୟ ଲାଭ କରି ଅଛନ୍ତି ତଥା ତାଙ୍କ ପୁସ୍ତକର ଉତ୍ସର୍ଗପତ୍ର ଗୁଡ଼ିକରେ ଓ କାବ୍ୟ ମଧ୍ୟରେ ଏହାର ସ୍ୱୀକୃତି ଥିବାବେଳେ, ରାଧାନାଥ କ'ଣ କେବେ ଭାଇମାନଙ୍କ ସାହିତ୍ୟ-ପ୍ରୀତି ନଥିବା କଥା କହିପାରନ୍ତି? ପୁଣି ସେ ଭଣ୍ଡଭକ୍ତ ଥିବା ବାରମ୍ବାର ଘୋଷଣା କଲାପରେ ଭକ୍ତଙ୍କୁ ଆକ୍ଷେପ କରି କହିବା ରାଧାନାଥଙ୍କ ପକ୍ଷେ ସମ୍ଭବ କି? ଏସବୁର ଉତ୍ତର ଯଦି ଆସ୍ତିସୂଚକ ତେବେ ରାଧାନାଥଙ୍କୁ କେବେହେଲେ ମଣିଷ ହିସାବରେ ଉଚ୍ଚ ଆସନ ଦିଆଯାଇ ପାରିବନାହିଁ। 'ରାଧାନାଥଙ୍କ ଉକ୍ତି'ରେ ରାଧାନାଥଙ୍କ ଏଭଳି ଅପାରଂପରିକ ଓ ତାଙ୍କର

ସର୍ବଜନ-ପରିଚିତ ମତାମତଠାରୁ ଭିନ୍ନ ଧରଣର ବକ୍ତବ୍ୟ ଉପସ୍ଥାପନ କରାଯାଉଥିବାରୁ ତାହାର ପ୍ରତିବାଦ କରାଯାଇଛି। ଗଙ୍ଗାଧର ଅଖ୍ୟାୟିତ ହୋଇଛନ୍ତି ରାଧାନାଥଙ୍କର ଅନ୍ୟତମ ଶତ୍ରୁରୂପରେ।

ରାଧାନାଥଙ୍କୁ ବିବାଦୀୟ କରିବା ଓ ପରୋକ୍ଷରେ ତାଙ୍କ ପ୍ରତି କାହାର ବିରାଗ ସୃଷ୍ଟି କରିବା ଗଙ୍ଗାଧରଙ୍କ କେବେ ବି ଉଦ୍ଦେଶ୍ୟ ନଥିଲା। ଯେଉଁ ଅଜ୍ଞାତନାମା ସାହିତ୍ୟିକ 'ରାଧାନାଥଙ୍କ ଭକ୍ତି' ପଢ଼ି କ୍ଷୁବ୍ଧ ହୋଇଥିଲେ ସେ ଗଙ୍ଗାଧରଙ୍କ ଉଦ୍ଦେଶ୍ୟ ତ ଆଦୌ ବୁଝିପାରିନଥିଲେ-- ସମକାଳୀନ ଅନ୍ୟ କୌଣସି ସାହିତ୍ୟିକ ଠିକ୍ ରୂପେ ବୁଝିଥିଲେ କି ନାହିଁ, ତାହା କହିବା କଷ୍ଟକର। ବିଭକ୍ତ-ବ୍ୟକ୍ତିତ୍ୱ-ସଂପନ୍ନ ହେବା, ଉଦ୍ଧତା ଓ ସାମାଜିକ-ବ୍ୟବହାରକୁ ମୁଖା ରୂପେ ବ୍ୟବହାର କରିବା ସଭ୍ୟତାର ଏକ ଲକ୍ଷଣ। ଇଂରାଜୀ ଶିକ୍ଷା ସହିତ ସଂପୃକ୍ତ ଥିବା କର୍ତ୍ତୃତ୍ୱ-ପ୍ରଧାନ ସାମାଜିକ-ଦୃଷ୍ଟିଭଙ୍ଗୀର, ଏହାଥିଲା ଫଳଶ୍ରୁତି। ଗଙ୍ଗାଧର ଯେଉଁ ସମାଜରେ ଜନ୍ମ ହୋଇଥିଲେ, ସେହି ସମାଜର ଦୃଷ୍ଟିଭଙ୍ଗୀ ଓ ମେଦିନୀ-ଦୃଷ୍ଟିକୁ ସେ ଆଧୁନିକ ମନନ ଓ ଜିଜ୍ଞାସା ଫଳରେ ବିସ୍ତାରିତ କରିଥିଲେ। ଏହା ଫଳରେ ତାଙ୍କର ଆଧୁନିକତା ପରମ୍ପରାର ବିରୋଧୀ ନଥିଲା ଓ ଗଙ୍ଗାଧରଙ୍କ ନୂତନ-ଦୃଷ୍ଟି ପ୍ରାଚୀନ ଧ୍ୟାନ ଧାରଣାର ବିକଳ୍ପରେ ଗଢ଼ି ଉଠିନଥିଲା। ତାଙ୍କର ଆଧୁନିକତା ଥିଲା ପରମ୍ପରା-ସୃଷ୍ଟ ଓ ପରମ୍ପରା ଥିଲା ଆଧୁନିକୀକୃତ-ପରମ୍ପରା। ତାଙ୍କଠାରେ ସାମାଜିକ-ବ୍ୟକ୍ତିତ୍ୱବୋଧ ଓ ବ୍ୟକ୍ତିଗତ-ପ୍ରାତିସ୍ୱିକତା ମଧ୍ୟରେ କୌଣସି ବିଭେଦ ନଥିଲା। ତାଙ୍କର ସାମାଜିକ ଓ ବର୍ଣ୍ଣଗତ ସ୍ଥିତି, ପ୍ରଚଳିତ ସମାଜରେ ଉଚ୍ଚ ରାଜ କର୍ମଚାରୀ ଓ ଶାସକମାନଙ୍କ କର୍ତ୍ତୃତ୍ୱକୁ ସ୍ୱତଃ ସ୍ୱୀକୃତି ଦେଉଥିଲା। ଫରାସୀ ସମାଲୋଚକ ରୋଲାଁ ବାର୍ଥଙ୍କ ଭାଷାରେ କହିଲେ ମଣିଷ ତାହାର ନିତ୍ୟ-ପ୍ରତ୍ୟକ୍ଷ ବାସ୍ତବତାକୁ ଆପଣାର ପରିଚିତ ପ୍ରତୀକ ଓ ଅର୍ଥ ମାଧ୍ୟମରେ ଅବବୋଧ ସ୍ତରକୁ ଆଣିଥାଏ। ଏହି ଅବବୋଧ କାଳରେ ବସ୍ତୁ ସଂକେତରେ ଓ ଇନ୍ଦ୍ରିୟାନୁଭୂତି ପ୍ରତୀକାର୍ଥରେ ରୂପାନ୍ତରିତ ହୋଇଥାଏ। (Barthes 1967, p.83) ଗଙ୍ଗାଧର ଆପଣା ଚେଷ୍ଟାରେ ବରପାଲିର ଗ୍ରାମୀଣ ସ୍ଥିତିରେ ଥାଇ ଆଧୁନିକ ଜୀବନ-ଜିଜ୍ଞାସା ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ଯେପରି ଆପଣାର କରିଥିଲେ; ତଥାକଥିତ ଆଧୁନିକ ବ୍ୟକ୍ତି ଓ କ୍ଷମତା-କେନ୍ଦ୍ରକୁ ସେହିପରି ସାମ୍ନା କରିଥିଲେ। ତେଣୁ ଓଡ଼ିଶା ସ୍କୁଲ ବିଭାଗର ଇନସ୍ପେକ୍ଟର ଓ କ୍ଷମତା-କେନ୍ଦ୍ରର ଏକ ଶଙ୍କୁ ରାଧାନାଥ ରାୟ ତାଙ୍କୁ ଅଦ୍ୱିତୀୟ ଓ ଦୂରଗତ ବ୍ୟକ୍ତି ମନେ ହୋଇଥିବା ସମ୍ଭବ। ଗଙ୍ଗାଧର ଜନ୍ମ ହୋଇଥିବା ସାମନ୍ତ ପରିବେଶରେ କ୍ଷମତା ବା ଶକ୍ତି, କେତେକ ସାମାଜିକ-ଅନୁଷ୍ଠାନ ଓ ବ୍ୟବହାର ଦ୍ୱାରା ସଂକେତିତ ହୋଇଥାଏ। ଗଙ୍ଗାଧର ନିଜର ଅଧସ୍ତନ ସ୍ଥିତି କେବଳ ନୁହେଁ, ସେହି ସ୍ଥିତିରୁ ସୃଷ୍ଟି ହୋଇଥିବା ଅଧସ୍ତନ ମାନସିକତାରୁ କେବେବି ସେ ମୁକ୍ତ ହୋଇନଥିଲେ। ତେଣୁ କ୍ଷମତା-କେନ୍ଦ୍ର ରାଧାନାଥଙ୍କ କବି-ଯଶକୁ ସମ୍ମାନକରି ଦୂରରେ ଥାଇ ଶ୍ରଦ୍ଧାର ସଂକେତ ସ୍ୱରୂପ ଗଙ୍ଗାଧର ପଠେଇଥିବା 'ଅହଲ୍ୟାସ୍ତବ' ରାଧାନାଥଙ୍କଠାରୁ

ଯେଉଁ ସମାଦର ଲାଭ କରିଥିଲା, ତା' ଫଳରେ ଜଣେ ଦେବତା ରୂପରେ ରାଧାନାଥ ଗଙ୍ଗାଧରଙ୍କୁ ପ୍ରତୀତ ହୋଇଥିଲେ। ସଂପର୍କର ଘନିଷ୍ଠତା ଫଳରେ ରାଧାନାଥ ତାଙ୍କ ନିକଟରେ ଅଧିକ ସରଳ ଓ ପ୍ରାକୃତିକ ମନେ ହେଲେବି ରାଧାନାଥଙ୍କୁ ଦେବତା ରୂପରେ ଦେଖିବାର ମନୋଭାବ କେବେ ତାଙ୍କର ଅନ୍ତର୍ହିତ ହୋଇନଥିଲା। ଚିଠି ମାଧ୍ୟମରେ ଗଙ୍ଗାଧର ରାଧାନାଥଙ୍କ ମଧ୍ୟରେ ପ୍ରୀତି-ବନ୍ଧନ ଓ ଏହି ପତ୍ରାବଳୀହିଁ ଗଙ୍ଗାଧରଙ୍କ ପାଇଁ ରାଧାନାଥଙ୍କ ବ୍ୟକ୍ତିତ୍ୱର ବାସ୍ତବ-ପ୍ରତୀତି। ତେଣୁ ବାହ୍ୟଜଗତରେ ରାଧାନାଥଙ୍କୁ ନେଇ ଲାଗିଥିବା ବାଦାନୁବାଦ ଗଙ୍ଗାଧର ଆଦୌ ସତ୍ୟବୋଲି ଗ୍ରହଣ କରିନାହାନ୍ତି। ଗଙ୍ଗାଧରଙ୍କ ଅବିଭକ୍ତ-ବ୍ୟକ୍ତିସତ୍ତା ରାଧାନାଥଙ୍କର ଏକ ନିଚୋଳ ଓ ଅବିଭକ୍ତ-ବ୍ୟକ୍ତିତ୍ୱର କେବଳ କଳ୍ପନା କରିନାହିଁ— ତାହାକୁ ବାସ୍ତବ ବୋଲି ଗ୍ରହଣ କରି ଜୀବନସାରା ଆରାଧନା କରି ଆସିଛି। ସେଇ ଜୀବନ୍ତ ଦେବତା ରାଧାନାଥଙ୍କର ପତ୍ରାବଳୀଠାରୁ ଆରମ୍ଭକରି ଅନ୍ୟାନ୍ୟ ସ୍ମୃତିର ସଂକେତ ଗଙ୍ଗାଧର ଦେବତାର ପ୍ରସାଦ ମନେକରି ସଯତ୍ନରେ ସାଇତି ରଖିଛନ୍ତି।

ଗଙ୍ଗାଧର ସାଧନା-ପଥରେ ଯେତିକି ଆଗକୁ ଯାଉଛନ୍ତି, ମାନସିକ-ସ୍ତରରେ, ନିଜର ଅବ୍ୟବହିତ ପରିବେଶଠାରୁ ସେତିକି ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି। ସେହି ପରିବେଶ ତାଙ୍କୁ ଅଧିକ ଆଗକୁ ଯିବାଲାଗି ବିଶେଷ ପ୍ରେରଣା ଦେଇ ପାରିନାହିଁ। ତେଣୁ ତାଙ୍କପାଇଁ ନୀଳମଣି ଓ ରାଧାନାଥଙ୍କ ପରାମର୍ଶ ଦୀପାଲୋକ ଭଳି କାର୍ଯ୍ୟ କରିଛି। ଯେତେବେଳେ ସେ ଗଭୀର ବିଷାଦରେ ମଗ୍ନ ହୋଇଛନ୍ତି ବା ପରିବେଶ ସହ ସଂଗ୍ରାମ କରି ଅବସନ୍ନ ହୋଇପଡ଼ିଛନ୍ତି— ସେହି ବିଷଣ୍ଣତା ଓ ଅବସନ୍ନ ଭାବ ରାଧାନାଥଙ୍କୁ ଜଣାଇଛନ୍ତି। ଗ୍ରାମୀଣ ସମାଜରେ ଜନ୍ମହୋଇଥିବାରୁ ବ୍ୟକ୍ତିଙ୍କୁ ବସ୍ତୁରୂପରେ ବ୍ୟବହାର କରିବା ଓ ଅଧିକ ସାହାଯ୍ୟ ଆଶା କରିବାର ପ୍ରବୃତ୍ତି ଗଙ୍ଗାଧରଙ୍କର ନଥିଲା। ତେଣୁ ରାଧାନାଥ ଯେତିକି ସାହାଯ୍ୟ କରିଛନ୍ତି, ସେଥିନେଇ ସେ ଚିରକୃତଜ୍ଞ ମନେ କରିଛନ୍ତି— ରାଧାନାଥଙ୍କଠାରୁ କ'ଣ ଅଧିକ ସେ ପାଇପାରିଥାନ୍ତେ, ତାହା କେବେବି ଚିନ୍ତା କରି ନାହାନ୍ତି। ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିନାହାନ୍ତି। କେବଳ ସେତିକି ନୁହେଁ, ରାଧାନାଥଙ୍କୁ ମଧ୍ୟ ସେ ମନେ କରିଛନ୍ତି ଏକ ନିଃସଙ୍ଗ ମଣିଷ ରୂପରେ। ଇନ୍ଦ୍ରଧନୁ-ବିଜୁଳି ଲେଖନୀ-ଯୁଦ୍ଧ ପରେ ଉଭୟଆଡ଼ୁ ପ୍ରତ୍ୟାଖ୍ୟାତ ହୋଇଥିବା ରାଧାନାଥଙ୍କୁ ସେ ଘନିଷ୍ଠ ଆତ୍ମୀୟ ରୂପରେ ପାଇଥିବାର ଅନୁଭବ କରିଛନ୍ତି। ରାଧାନାଥଙ୍କ 'ଆତ୍ମବିବୃତି' ପାଠକରି ତାଙ୍କପ୍ରତି ସାମ୍ୟାନୁଭୂତି (empathy) ବ୍ୟକ୍ତ କରି ଲେଖିଛନ୍ତି: ''ପ୍ରକୃତିର ଶକ୍ତି ଲଙ୍ଘନ କରିବା ଅସମ୍ଭବ। ଆମ୍ଭମାନଙ୍କର ଆଦିଦେବ ବ୍ରହ୍ମା ବିଷ୍ଣୁ ଶିବ ମଧ୍ୟ କନ୍ଦର୍ପକାଣ୍ଡର ମୂକ ଚିହ୍ନ ଜଗତକୁ ଦେଖାଉ ଅଛନ୍ତି। ପରାଶର-ବିଶ୍ୱାମିତ୍ରାଦିଙ୍କର କଥା ତହିଁରୁ ବଡ଼ ନୁହେଁ। ଆପଣ ସମୁଦ୍ର ପାରହୋଇ ବନ ମଧ୍ୟରେ କୁମ୍ଭୀର ହାବୁଡ଼ାଇଲେ, ଏହା କେବଳ ଦୈବୀ ଘଟଣା ବୋଲିବାକୁ ହେବ। ଆପଣ ପାପ ଶଙ୍କାରେ ମ୍ରିୟମାଣ ହୋଇଅଛନ୍ତି। ଆପଣଙ୍କ

ପବିତ୍ର ଜୀବନରେ ଏହି କଳଙ୍କ ମସୀବିନ୍ଦୁ ପାପ ବୋଲି ପରିଗଣିତ ହୋଇ ପାରିବନାହିଁ। ଏହା ମୋର ଦୃଢ଼ ବିଶ୍ୱାସ। ଶୁଭ୍ର ଶରୀରରେ ତିଳଚିହ୍ନ ଅଶୋଭାକର ହୁଏ ନାହିଁ। ଆପଣ ଯାହାକୁ ପାପଭାର ମଣୁଅଛନ୍ତି, ମୋତେ ତହିଁର କିଛି ଅଂଶ ବହିବାକୁ ଦେଲେ ଆପଣଙ୍କ ଭାର ଯଦି ଉଶ୍ୱାସ ହୋଇପାରେ, ତେବେ ମୁଁ ସେହି ଭାର ନେବାକୁ ଅକୁଣ୍ଠିତଭାବରେ ପ୍ରସ୍ତୁତ ଅଛି।'' (ରାଧାନାଥ ଜୀବନୀ, ପୃ. ୪୮୦) ରାଧାନାଥଙ୍କ ଦେହାନ୍ତପରେ ଗଙ୍ଗାଧର ଶଶିଭୂଷଣ ରାୟଙ୍କୁ ଯେଉଁ ପତ୍ର ଦେଇଛନ୍ତି, ସେଥିରେ ଉଦ୍ବେଳିତ ସମବେଦନା ବା ପ୍ରାର୍ଥନା ନାହିଁ— ଅଛି ବେଦନାହତ ପ୍ରାଣର ଅଭିବ୍ୟକ୍ତି। ''ସେ କେବଳ ଆପଣଙ୍କର ପିତା ନୁହନ୍ତି, ଆପଣଙ୍କ ବ୍ୟତୀତ ମୋର ଏକା କାହିଁକି ମୋ ପରି ଅନେକ ଦରିଦ୍ରଙ୍କର ପିତୃସ୍ଥାନୀୟ ଥିଲେ। ଆମମାନଙ୍କୁ ପିତୃହୀନ କରି ପରମେଶ୍ୱର ତାଙ୍କୁ ନିଜ ସ୍ଥାନକୁ ଘେନିଗଲେ। ...ଆପଣଙ୍କୁ ସାନ୍ତ୍ୱନା ପ୍ରଦାନ ନିମନ୍ତେ ମୁଁ ଏ ପତ୍ର ଲେଖୁନାହିଁ;... ଯେ ନିଜେ ଶୋକଦଗ୍ଧ ସେ ଶୋକସନ୍ତପ୍ତ ବ୍ୟକ୍ତିକୁ କି ସାନ୍ତ୍ୱନା ଦେଇପାରେ।'' (ରାଧାନାଥ ଜୀବନୀ ପୃ. ୫୧୮-୧୯) ୧୯୦୨ ପରେ ରାଧାନାଥ ନିଜସ୍ୱ କାରଣରୁ ଗଙ୍ଗାଧରଙ୍କ ସହିତ ସଂପର୍କ ଶିଥିଳ କରିଛନ୍ତି ଓ ଗଙ୍ଗାଧର ମଧ୍ୟ ଏହାକୁ ଅନ୍ୟଥା ନ ଭାବି ରାଧାନାଥଙ୍କ ଅବକାଶାଭାବକୁ ସତ୍ୟ ବୋଲି ଗ୍ରହଣ କରିଛନ୍ତି। ସଂପୃକ୍ତ କାଳରେ ଅନ୍ୟାନ୍ୟ ବହୁ କାରଣ ଗଙ୍ଗାଧରଙ୍କୁ ସାହିତ୍ୟ-ଚର୍ଚ୍ଚାଠାରୁ ଦୂରେଇ ଦେଇଛି। ୧୯୦୯-୧୦ ପରେ ଯେତେବେଳେ ପୁଣି ସେ ସାହିତ୍ୟ-ଚର୍ଚ୍ଚା କ୍ଷେତ୍ରରେ ମନଃ-ନିଯୋଗ କରିଛନ୍ତି, ସେତେବେଳେ ରାଧାନାଥଙ୍କ ସହଯୋଗ ଓ ସ୍ମୃତି ତାଙ୍କ ମନରେ ଜୀବନ୍ତ ହୋଇ ଉଠିଛି। ବାସ୍ତବ ଓ ସଂପର୍କର ସ୍ତରକୁ ଅତିକ୍ରମ କରି ରାଧାନାଥ ଗଙ୍ଗାଧରଙ୍କ ପାଇଁ ଭାବମୟ ରାଜ୍ୟରେ ଅବସ୍ଥାନ କରିଛନ୍ତି। ରାଧାନାଥଙ୍କ ପ୍ରତି ଥିବା ତାଙ୍କର ସମ୍ମାନବୋଧ ଓ ରାଧାନାଥଙ୍କ ଅବର୍ତ୍ତମାନ ତାଙ୍କ ସାହିତ୍ୟିକ ଜୀବନରେ ସୃଷ୍ଟି କରିଥିବା ଶୂନ୍ୟତାକୁ ଅକପଟ ଭାବରେ ସେ ବ୍ରଜମୋହନଙ୍କୁ ଲେଖିଛନ୍ତି: ''କବିବରଙ୍କ ବିୟୋଗରେ ମୋର ହୃଦୟ ଭଗ୍ନ ହୋଇଯାଇଅଛି। ଉତ୍ସାହ ଶିଖା ନିର୍ବାଣବତ ହୋଇ ଯାଇଅଛି। ଆପଣ ତାଙ୍କ କଥା ଲେଖି ମୋର ସନ୍ତପ୍ତ ହୃଦୟରେ ଶାନ୍ତିବାରି ସେଚନ କରି ଅଛନ୍ତି। (ପତ୍ରାବଳୀ, ପୃ. ୯-୧୦)। ୧୯୧୧ ମସିହା ଅକ୍ଟୋବର ୨୧ ତାରିଖ ସମ୍ବଲପୁର ହିତୈଷିଣୀ (୨୨/୫୨)ରେ ପ୍ରକାଶିତ (ପରେ ଅର୍ଘ୍ୟଥାଳୀରେ ସଂଯୋଜିତ) 'ସ୍ୱର୍ଗୀୟ ରାଧାନାଥ ରାୟ' କବିତାରେ ରାଧାନାଥ କେବଳ ନୂତନ ଯୁଗର ସ୍ରଷ୍ଟା ନୁହନ୍ତି, ଆଧୁନିକ କାବ୍ୟ-ଦର୍ଶନର ପ୍ରବକ୍ତା ଭାବରେ ଅଭିନନ୍ଦିତ। ରାଧାନାଥ ତାଙ୍କ ଉପରେ ନ୍ୟସ୍ତ କରିଥିବା ଦାୟିତ୍ୱ ନେଇ ସେ ସଚେତନ ହୋଇ ଉଠିଛନ୍ତି, ନିଜର ସାମର୍ଥ୍ୟ ନେଇ ନିଜକୁ ପ୍ରଶ୍ନ କରିଛନ୍ତି :

''ପିଟାଇ ଦେଇଛ ଖାସ୍ତ କରି ଘନତାର,
ଚିହ୍ନାଇ ଦେଇଛ ତଥ ଜର୍ଜରିତ ତୂଳି

ଶିଖାଇ ଦେଇଛ ପୁଣି ତା'ର ବ୍ୟବହାର,
ଆଦର୍ଶ ଦେଖାଇ ମନମୋହିନୀ ପିତୁଳୀ
କାହା ହସ୍ତେ ନ୍ୟସ୍ତ କରି ଗଲେ କାର୍ଯ୍ୟଭାର,
କାହାର ବା ତୁମ୍ଭ ସମ ଅଛି ମନ ଧନ,
ଯାହାପ୍ରତି କରିଥିଲେ ଅଙ୍ଗୁଳିର ଠାର,
ଈଶ୍ୱର କି ଦେବେ ତାଙ୍କୁ ତୁମ୍ଭ ପରି ପଣ ?"

(ଗଙ୍ଗାଧର ଗ୍ରନ୍ଥାବଳୀ ୧୯୭୭, ପୃ. ୩୨୯-୩୩୦)

୧୯୧୨ ମସିହାରେ କହୁଦିନ ପରେ ତାଙ୍କର ଏକ କବିତାଗ୍ରନ୍ଥ 'କବିତା କଲ୍ଲୋଳ' ଯେତେବେଳେ ପ୍ରକାଶିତ ହେଲା, ସେତେବେଳେ ସେହି ଗ୍ରନ୍ଥକୁ ରାଧାନାଥଙ୍କ ପୁଣ୍ୟସ୍ମୃତି ଉଦ୍ଦେଶ୍ୟରେ ଗଙ୍ଗାଧର ଉତ୍ସର୍ଗ କରିଛନ୍ତି। ସମୟର ବ୍ୟବଧାନ ହେତୁ ରାଧାନାଥଙ୍କର ଏକ ସର୍ବବ୍ୟାପୀ ଦୈବତ-ରୂପ ତାଙ୍କ ମାନସପଟରେ ପରିବ୍ୟାପ୍ତ ହୋଇଛି। ସମକାଳରେ ଗଙ୍ଗାଧରଙ୍କୁ ନେଇ ପତ୍ରପତ୍ରିକାରେ ଅସମ୍ମାନଜନକ ଚର୍ଚ୍ଚା ଆରମ୍ଭ ହୋଇଛି ଓ ଅପର ପକ୍ଷରେ ରାଧାନାଥଙ୍କ ପରମ ଶତ୍ରୁମାନେ ମଧ୍ୟ ତାଙ୍କର ଆତ୍ମାପର ଛଳନା କରିଛନ୍ତି। 'କବିତା କଲ୍ଲୋଳ'ର ଉତ୍ସର୍ଗ ପତ୍ରରେ ସେଥିରୁ ଗଙ୍ଗାଧର ଶ୍ରଦ୍ଧାନିବେଦନ କରିବା ଅବସରରେ ରାଧାନାଥଙ୍କ ସହ ତାଙ୍କର ଭାବମୟ ସଂପର୍କକୁ ସ୍ପଷ୍ଟ କରିଛନ୍ତି। ଗଙ୍ଗାଧରଙ୍କ ମନରେ ରାଧାନାଥଙ୍କର ଯେଉଁ ଭାବମୟ, କଳ୍ପିତ-ରୂପ ବାସ୍ତବ-ପ୍ରତୀତି ନେଇ ପ୍ରତିଷ୍ଠିତ ହୋଇଥିଲା – 'ରାଧାନାଥ ପତ୍ରାବଳୀ'ରୁ କେତେକ ଉଦ୍ଧୃତାଯନ କରି 'ରାଧାନାଥଙ୍କ ଉକ୍ତି' ଭାବରେ ତାହାକୁ ସେ ପ୍ରକାଶ କରିଛନ୍ତି। ଦେବଦତ୍ତ-ପୁଷ୍ପରେ ଦେବତାର ଅର୍ଚ୍ଚନା କରିଛନ୍ତି।

ସମ୍ବଲପୁର ହିତୈଷିଣୀ (୨୩/୨୪, ୨୯.୩.୧୯୧୨)ରେ ସଂପାଦକ ଦୀନବନ୍ଧୁ ପଟ୍ଟନାୟକ ଶଶିଭୂଷଣ ରାୟଙ୍କ 'ପିତୃସ୍ମୃତି' ପୁସ୍ତକର ସମୀକ୍ଷା କରିବା ଅବସରରେ ଲେଖିଥିଲେ : "ରାଧାନାଥବାବୁ ଉତ୍କଳର ସକଳ ସ୍ଥାନର ସମସ୍ତ ବ୍ୟକ୍ତିଙ୍କ ନିକଟରେ ସୁପରିଚିତ। ଉତ୍କଳବାସିମାନେ ତାଙ୍କର ବିନୟ ସୌଜନ୍ୟରେ ବିମୁଗ୍ଧ। ସମସ୍ତେ ତାଙ୍କ ସମ୍ବନ୍ଧେ ଯାହା ଯାହା ଜାଣନ୍ତି, ସମ୍ବାଦପତ୍ରମାନଙ୍କରେ ପ୍ରକାଶ କଲେ ପାଠକମାନେ ତହିଁରୁ ଶିକ୍ଷାଲାଭ କରିବେ ଏବଂ ଜୀବନୀ ଲେଖକଙ୍କର ତାହା ସମ୍ବଳ ହେବ।" (ରାଧାନାଥ ଜୀବନୀ ପୃ. ୯୮୭) ଏହାର ପ୍ରତିବେଦନରେ ଗଙ୍ଗାଧର ରାଧାନାଥଙ୍କ ପତ୍ରାବଳୀର ଉଦ୍ଧୃତାଂଶ ସମ୍ପାଦକଙ୍କ ନିକଟକୁ ପଠେଇଥିବା ସମ୍ଭବ। ଓଡ଼ିଶାରେ ସାହିତ୍ୟ-ଚର୍ଚ୍ଚା କରୁଥିବା ଲୋକ କେଉଁ ପରିମାଣରେ ନିସଙ୍ଗ, କିଭଳି ପ୍ରତିକୂଳ ଅବସ୍ଥାରେ ଜଣେ ଉତ୍ସର୍ଗୀକୃତ ସାହିତ୍ୟିକଙ୍କୁ ଗତି କରିବାକୁ ପଡ଼େ – ତାହା ରାଧାନାଥଙ୍କ ପତ୍ର ମାଧ୍ୟମରେ ଗଙ୍ଗାଧର ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି। ସାହିତ୍ୟ-ଚର୍ଚ୍ଚା ସ୍ୱଭାବତଃ ଏକ ସାତ୍ତ୍ୱିକ-କ୍ରିୟା କିନ୍ତୁ ସାହିତ୍ୟ-ଚର୍ଚ୍ଚା ସହ ଅହଂ-ବୃତ୍ତି ସଂଶ୍ଳିଷ୍ଟ ହେବା ଫଳରେ ତାହା ସାତ୍ତ୍ୱିକଭାବ ପରିତ୍ୟାଗ କରି ରାଜସିକତାରେ ଆଚ୍ଛନ୍ନ। ରାଜସିକ-ଭାବରେ

ପୀଡ଼ିତ ହେବା ଫଳରେ ଉଗ୍ରତା, ପ୍ରତିଷ୍ଠା-ଲାଳସା ଓ ସେଥିଜନିତ ସାହିତ୍ୟିକମାନଙ୍କ ମଧ୍ୟରେ ପାରସ୍ପରିକ-ଦ୍ୱନ୍ଦ୍ୱ ଓଡ଼ିଶାରେ ସ୍ୱାଭାବିକ ହୋଇ ପଡ଼ିଛି। ବସ୍ତୁତଃ ସାହିତ୍ୟ-ଚର୍ଚ୍ଚା ନାମରେ ସମକାଳୀନ ଗୋଷ୍ଠୀ-ଦ୍ୱନ୍ଦ୍ୱ ପ୍ରସଙ୍ଗ ରାଧାନାଥ ଉତ୍ଥାପନ କରିଛନ୍ତି। ଏହି ଗୋଷ୍ଠୀଦ୍ୱନ୍ଦ୍ୱରେ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି/ହେଉଛନ୍ତି ରାଧାନାଥ (ଗଙ୍ଗାଧର ?)ଙ୍କ ଭଳି ଶୁଦ୍ଧ ସାହିତ୍ୟିକମାନେ। ଏମାନେ କେତେବେଳେ ବିନା କାରଣରେ ନିନ୍ଦିତ ହେଲାବେଳେ, ଅନ୍ୟ କେତେବେଳେ ଅବଜ୍ଞାର ପାତ୍ର ହେଉଛନ୍ତି। ଉତ୍କଳ-ଦୀପିକା, ବାଲେଶ୍ୱର ସମ୍ବାଦବାହିକା ଆଦି ପ୍ରତିଷ୍ଠିତ ସମ୍ବାଦପତ୍ରଗୁଡ଼ିକ ତଥା ଗୌରୀଶଙ୍କର ରାୟ ଓ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସଂପାଦକମାନେ ସାହିତ୍ୟ-ଜ୍ଞାନ-ଶୂନ୍ୟ ହୋଇଥିବାରୁ ଆଧୁନିକ ସାହିତ୍ୟର ବିକାଶ ବିଘ୍ନିତ ହେଉଛି। ଅପର ପକ୍ଷରେ ଓଡ଼ିଶାର ଦେଶୀୟ ରାଜା, ଜମିଦାର ଓ ଧନୀବ୍ୟକ୍ତିଗଣ ତଥା ଇଂରେଜ ସରକାର ଓଡ଼ିଆ ସାହିତ୍ୟ ପ୍ରତି ଉଦାସୀନ। ଶେଷରେ ଶିକ୍ଷାବିଭାଗର କର୍ତ୍ତାଗଣ ଓ ଶିକ୍ଷକମାନଙ୍କର ମାନସିକତା, ଅଜ୍ଞାନତା ଏଥିରେ ସହଯୋଗ କରିଛି। ଶିକ୍ଷାବିଭାଗର କର୍ତ୍ତାଗଣ (ପୁସ୍ତକ ନିର୍ବାଚନ-ମଣ୍ଡଳୀର ସଦସ୍ୟଗଣ) ଯେପରି ଲେଖକର ମୌଳିକତା ଓ ଶକ୍ତିମତ୍ତା ଜାଣିବାରେ ବୀତସ୍ପୃହ ଓ ଅସମର୍ଥ, ଶିକ୍ଷକମାନେ ମଧ୍ୟ ସେହିପରି ବ୍ୟାକରଣ ଜ୍ଞାନରେ ଦୁର୍ବଳ। ଏହିସବୁ କାରଣରୁ ରାଧାନାଥ ଓଡ଼ିଆ ସାହିତ୍ୟ-ଚର୍ଚ୍ଚାକୁ ଅଭିଶାପ ବୋଲି ଗ୍ରହଣ କରିଛନ୍ତି।

ରାଧାନାଥ ଉତ୍ଥାପନ କରିଥିବା ବିଷୟଗୁଡ଼ିକ ରାଧାନାଥଙ୍କ ପାଇଁ କେଉଁ ପରିମାଣରେ ସତ୍ୟ, ତାହା ଯଥାଯଥ ଆଲୋଚନାର ଅପେକ୍ଷା ରଖେ। ଉତ୍କଳ ଦୀପିକା ଓ ଗୌରୀଶଙ୍କରଙ୍କୁ ଜାତୀୟ ସାହିତ୍ୟ-ଚର୍ଚ୍ଚା ପ୍ରତି ବୀତସ୍ପୃହ କହିବା ରାଧାନାଥଙ୍କ ପକ୍ଷେ କେତେଦୂର ସମୀଚୀନ, ଏହା ବିତର୍କର ବିଷୟ। କିନ୍ତୁ ଗଙ୍ଗାଧର ଏଭଳି ଉକ୍ତିକୁ ସତ୍ୟବୋଲି ଗ୍ରହଣ କରିନେବା ସ୍ୱାଭାବିକ। ଗଙ୍ଗାଧର ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହେଲାବେଳେ ଓଡ଼ିଆ ସାହିତ୍ୟରେ ଗୋଷ୍ଠୀଦ୍ୱନ୍ଦ୍ୱ ପ୍ରବଳ। ଗୋଟାଏ ପଟରେ ଉତ୍କଳଦୀପିକା, ବାଲେଶ୍ୱର ସମ୍ବାଦବାହିକା, ଓଡ଼ିଆ ଓ ନବସମ୍ବାଦ ଥିଲାବେଳେ ଅପରପାର୍ଶ୍ୱରେ ସମ୍ବଲପୁର ହିତୈଷିଣୀ ଦଣ୍ଡାୟମାନ ହୋଇଥିଲା। ଗଙ୍ଗାଧର ନିଜକୁ ସମ୍ବଲପୁର ହିତୈଷିଣୀ-ଉତ୍କଳପ୍ରଭା-ରାଧାନାଥ-ବିଦ୍ୟାରତ୍ନଙ୍କ ସହ ସାମିଲ କରିଥିଲେ। ଅତି ସାଧାରଣ ପୁସ୍ତକର ସମାଲୋଚନା ଉପରୋକ୍ତ ତିନି ପତ୍ରିକାରେ ପ୍ରକାଶିତ ହେଲାବେଳେ ଗଙ୍ଗାଧରଙ୍କ କୌଣସି ପୁସ୍ତକର ସମାଲୋଚନା (୧୯୧୨ ପର୍ଯ୍ୟନ୍ତ) ଉପରୋକ୍ତ ସମ୍ବାଦପତ୍ରରେ ପ୍ରକାଶିତ ହୋଇ ନଥିଲା। (ଗଙ୍ଗାଧରଙ୍କ ଦୀର୍ଘକାବ୍ୟ 'ବଳରାମ ଦେବ'ର ସମୀକ୍ଷା ଉତ୍କଳ ଦୀପିକାରେ ପ୍ରକାଶିତ ହେଲାବେଳେ 'ଇନ୍ଦୁମତୀ', 'ଉତ୍କଳ ଲକ୍ଷ୍ମୀ', 'ମହିମା' ବା 'କୀଚକବଧ'ର ସମୀକ୍ଷା ଉପରୋକ୍ତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ହୋଇନାହିଁ।) ରାଧାନାଥଙ୍କର ନିଜସ୍ୱ କାରଣ ନେଇ ଗୌରୀଶଙ୍କର ପ୍ରମୁଖଙ୍କ ଉପରେ ଥିବା କ୍ରୋଧକୁ ଗଙ୍ଗାଧରଙ୍କୁ ସମବେଦନା ଜଣାଇବା ଅବସରରେ ବ୍ୟକ୍ତ

କରିଛନ୍ତି ଓ ଗଙ୍ଗାଧର ଏଭଳି ମନ୍ତବ୍ୟକୁ ସତ୍ୟ ବୋଲି ଗ୍ରହଣ କରିଛନ୍ତି । ଠିକ୍ ସେହିପରି ରାଜାମାନଙ୍କ ସଂପର୍କରେ ରାଧାନାଥ ଦେଇଥିବା ମନ୍ତବ୍ୟ ଗଙ୍ଗାଧରଙ୍କୁ କେବଳ ସହାନୁଭୂତି ପ୍ରଦର୍ଶନପାଇଁ । 'ଉତ୍କଳ ପ୍ରଭା' ବିଜ୍ଞାପନ ଅନୁଯାୟୀ 'ଇନ୍ଦୁମତୀ'ର ପ୍ରକାଶଭାର ଶ୍ରୀରାମଚନ୍ଦ୍ର ଭଞ୍ଜ ବହନ କରିବା କଥା । ଗଙ୍ଗାଧର ମଧ୍ୟ ତାହା ଆଶା କରିବା ସ୍ୱାଭାବିକ । କିନ୍ତୁ 'ଇନ୍ଦୁମତୀ'ର ପ୍ରକାଶନ ପାଇଁ ଆବଶ୍ୟକ ସାହାଯ୍ୟ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କଠାରୁ ମିଳିନାହିଁ । ସେହିପରି ସୋନପୁର ରାଜାଙ୍କଠାରୁ ପୃଷ୍ଠପୋଷକତା ପାଇଁ ଗଙ୍ଗାଧର 'ଭକ୍ତି ଉପହାର' ରଚନା କରିଛନ୍ତି । କିନ୍ତୁ ସେଠାରୁ ମଧ୍ୟ ଅନୁରୂପ ସାହାଯ୍ୟ ମିଳିନାହିଁ । ଗଙ୍ଗାଧରଙ୍କ ଏହି ସମସ୍ତ ଚେଷ୍ଟା ବିଫଳ ହେବା ଫଳରେ ଯେଉଁ ନୈରାଶ୍ୟଭାବ ସୃଷ୍ଟି ହୋଇଛି, ତାହାର ପ୍ରତିକ୍ରିୟା ହେଉଛି ରାଧାନାଥଙ୍କ ଉକ୍ତି ସମୂହ । ରାଧାନାଥ ସେହି ସମସ୍ତ ମନ୍ତବ୍ୟ ସହ ନିଜକୁ ଯେଉଁଭଳି ଭାବେ ଜଡ଼ିତ କରିଛନ୍ତି, ଗଙ୍ଗାଧର ତାହା ବାସ୍ତବ ବୋଲି ଗ୍ରହଣ କରିନେବା ସ୍ୱାଭାବିକ ।

ରାଧାନାଥଙ୍କ ପତ୍ରାବଳୀର ଆଲୋଚନା କଲାବେଳେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ, କବିଲିପି ପୁସ୍ତକର ଆଲୋଚନା କରିବା ପ୍ରସଙ୍ଗରେ ଡକ୍ଟର ନଟବର ସାମନ୍ତରାୟ (ସାମନ୍ତରାୟ ୧୯୭୭, ପୃ. ୨୭୦-୨୭୫) ଓ ଡକ୍ଟର ଲାବଣ୍ୟ ନାୟକ (ନାୟକ ୧୯୮୮, ପୃ. ୫୩୨-୫୩୭) ଆଲୋଚିତ ପତ୍ରଗୁଡ଼ିକ ରାଧାନାଥଙ୍କ କବିମନ ଓ ବ୍ୟକ୍ତିତ୍ୱ ଆଲୋଚନାର ସହାୟକ ବୋଲି ମନେ କରିଥାନ୍ତି । ରାଧାନାଥଙ୍କ ବହୁସ୍ତର ବିଶିଷ୍ଟ ବ୍ୟକ୍ତିତ୍ୱ ଓ ବହୁ ବିଭକ୍ତ ସାମାଜିକ-ପରିସ୍ଥିତି ସଂପର୍କରେ ସଚେତନ ଥାଇ ବି ଡକ୍ଟର ସାମନ୍ତରାୟ ଦେଶବୀର କାବ୍ୟର ଆଲୋଚନା ପ୍ରସଙ୍ଗରେ ଉପରୋକ୍ତ ପତ୍ରାବଳୀର ସାହାଯ୍ୟ ନେଇଛନ୍ତି । କିନ୍ତୁ ଏମାନେ ଭୁଲି ଯାଇଛନ୍ତି ଅଧିକାଂଶ ପତ୍ର ଗଙ୍ଗାଧରଙ୍କ ପତ୍ରର ପ୍ରତ୍ୟୁତ୍ତର— 'କବିଲିପି'ର ପ୍ରତ୍ୟେକ ପତ୍ର ପଶ୍ଚାତ୍‌ରେ ଏକ ଉଦ୍ଦେଶ୍ୟ, ପରିବେଶ ଓ ପରିସ୍ଥିତି ରହିଛି । ଅନ୍ୟର ମନ-କିଣିବାର ଯାଦୁ ରାଧାନାଥଙ୍କ ବ୍ୟକ୍ତିତ୍ୱର ଓ ଅନ୍ୟକୁ ସହଜ ଓ ସତ୍ୟ ମନେହେବାର ସ୍ୱାଭାବିକ ଶକ୍ତି ରାଧାନାଥଙ୍କ ପତ୍ରାବଳୀର ଥିଲା । ଆଧୁନିକ ଭାଷା-ପ୍ରୟୋଗ ରୀତି ଉପରେ ଦକ୍ଷତା ଥିବାରୁ ରାଧାନାଥ କୌଶଳ ଓ ଇଙ୍ଗିତରେ ବହୁ କଥା କହି ପାରୁଥିଲେ । ରାଧାନାଥଙ୍କ ପ୍ରକାଶ ଭଙ୍ଗୀର ଏହି ଚତୁର ନାଗରିକତା ଦ୍ୱାରା କେବଳ ଗଙ୍ଗାଧର ନୁହନ୍ତି ଆମର ସମକାଳୀନ ଆଲୋଚକମାନେ ମଧ୍ୟ ଠକି ଯାଇଛନ୍ତି । ଡକ୍ଟର ଲାବଣ୍ୟ ନାୟକ 'କବିଲିପି'ର ଆଲୋଚନା ପ୍ରସଙ୍ଗରେ ଲେଖିଛନ୍ତି : "ଏଥିରୁ କବି ହୃଦୟର ଆବେଗ, ଉଚ୍ଛ୍ୱାସ, ସାହିତ୍ୟ-ପ୍ରୀତି ଓ ବୈଷୟିକ ଅଭାବବୋଧ, ମାତୃଭାଷାରେ ଉନ୍ନତି କଳ୍ପେ ସାହିତ୍ୟିକ ସୃଷ୍ଟିପାଇଁ ପ୍ରଯତ୍ନ, ନିଜର ଓ ଅନ୍ୟାନ୍ୟ ସାହିତ୍ୟ କୃତି ସଂପର୍କରେ ନିର୍ଭୀକ ମନ୍ତବ୍ୟ ପ୍ରକାଶ ଇତ୍ୟାଦି ସହିତ ବ୍ୟକ୍ତିଗତ ଓ ସାହିତ୍ୟିକ ଜୀବନର ସମ୍ବାଦ ମିଳେ ।" (ନାୟକ ୧୯୮୮, ପୃ. ୫୩୩) କିନ୍ତୁ 'କବିଲିପି'ରେ ପ୍ରକାଶିତ ରାଧାନାଥଙ୍କ ପତ୍ରାବଳୀ ଗଙ୍ଗାଧରଙ୍କ ସ୍ଥିତି ଓ ଅସହାୟତାର କାରଣ-ନିର୍ଦ୍ଦେଶ ମାତ୍ର । ରାଧାନାଥଙ୍କୁ ଗୁରୁପଦରେ ବରଣ କରି ଗଙ୍ଗାଧର ସାହିତ୍ୟ-ଚର୍ଚ୍ଚା ପଥରେ ଅଗ୍ରଗତି କଲାବେଳେ

ଯେଉଁସବୁ ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି, ତାହା ଅନେକାଂଶରେ ଅକପଟ ଭାବରେ ବ୍ୟକ୍ତ କରିଛନ୍ତି ରାଧାନାଥଙ୍କ ନିକଟରେ। ରାଧାନାଥ ସେସବୁର ବାସ୍ତବ ସମାଧାନ ଦିଗରେ ସାହାଯ୍ୟ ନକରି ପରିସ୍ଥିତି ଓ ପରିବେଶର ଦୋଷ ଦେଖାଇଛନ୍ତି। ତେଣୁ ରାଧାନାଥଙ୍କ ପତ୍ରରେ ସମକାଳୀନ ସମ୍ବାଦପତ୍ର, ରାଜା-ମହାରାଜା ଓ ପାଠ୍ୟପୁସ୍ତକ ନିର୍ବାଚକମାନଙ୍କ ପ୍ରତି ଆକ୍ଷେପ ରହିଛି। ଗଙ୍ଗାଧର ରାଧାନାଥଙ୍କୁ ଲେଖିଥିବା ଯେଉଁ ତିନୋଟି ପତ୍ର ପ୍ରକାଶିତ, ସେଥିରୁ ଦୁଇଟି ପତ୍ର (୨୨.୯.୧୮୯୫, ଓ ୬.୨.୧୮୯୬ର) ରାଧାନାଥଙ୍କ ପତ୍ରାବଳୀ ସହ ସଂପୃକ୍ତ। ଏହି ପତ୍ରରୁ ସ୍ପଷ୍ଟ ହୁଏ ଯେ ଗଙ୍ଗାଧରଙ୍କ ସଂସାରଜନିତ କଥା— ଅଭାବ, ଅସୁବିଧା—କୁ ରାଧାନାଥ ସାହାଯ୍ୟ ପ୍ରାର୍ଥନା ଅର୍ଥରେ ନେଇଛନ୍ତି। ସାହାଯ୍ୟ ନକରିବା ପାଇଁ ସେ ଆଲୋଚିତ ମନ୍ତବ୍ୟର ସାହାଯ୍ୟ ନେଇଛନ୍ତି।

କେତୋଟି ଉଦାହରଣରୁ ରାଧାନାଥଙ୍କ ଭୂମିକା ସ୍ପଷ୍ଟ ହୋଇପାରିବ। ରାଧାନାଥଙ୍କର ଜଣେ ଭକ୍ତ ତଥା ଅନୁକାରକ ଦାମୋଦର ମିଶ୍ରଙ୍କ ରଚନାବଳୀର ଉତ୍କର୍ଷ ସଂପର୍କରେ ପ୍ରଶଂସା କରି ସେ ବିଶ୍ୱନାଥ ରଥଙ୍କୁ ଲେଖିଛନ୍ତି: "ବାସ୍ତବରେ ଦାମୋଦର ବାବୁଙ୍କ ଶକ୍ତି ଅତି ପ୍ରଶଂସନୀୟ। ତାହାଙ୍କର ବୟଃକ୍ରମ ଅତି ଅଳ୍ପ। ଏତେ ଅଳ୍ପ ବୟସରେ ଏପରି ରଚନାଶକ୍ତି ସଚରାଚର ଦେଖାଯାଏ ନାହିଁ।" (ରାଧାନାଥ ଜୀବନୀ ପୃ. ୨୧୭) ରାଧାନାଥ ସେ ସମୟର କୌଣସି ସାହିତ୍ୟିକ/ସାହିତ୍ୟ-ଅନୁରାଗୀଙ୍କୁ ପତ୍ର ଲେଖିଲାବେଳେ ଗଙ୍ଗାଧରଙ୍କୁ ଅନୁରୂପ ମର୍ଯ୍ୟାଦା ଦେଇଥିବା ମନେହୁଏନାହିଁ। ସେହିଭଳି ଶରତଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କ ଦୃଷ୍ଟାନ୍ତ ଦିଆଯାଇପାରେ। ଭଦ୍ରକ ସ୍କୁଲର ହେଡ୍‌ମାଷ୍ଟର ଶରତଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କ 'କୃଷ୍ଣ ପ୍ରେମ ତରଙ୍ଗିଣୀ'ରେ ତାହାର କାବ୍ୟ-ମୂଲ୍ୟ ସଂପର୍କରେ ଅତି ଭଲ ମତାମତ ଦେଇ ରାଧାନାଥ କେବଳ ଭୂମିକା ଲେଖି ନାହାନ୍ତି (ରାଧାନାଥ ଗ୍ରନ୍ଥାବଳୀ ୧୯୯୪, ପୃ. ୩୪୯-୫୦) ତାହାର ମୂଲ୍ୟ ଓ ପାରଶ୍ରମିକ ପାଇଁ ବିଭିନ୍ନ ଭୂସ୍ୱାମୀଙ୍କୁ ପ୍ରାର୍ଥନା କରିଛନ୍ତି। ଏ ସମ୍ପର୍କରେ ବିବରଣୀ ଦେଇ ରାଧାନାଥ ଜୀବନୀକାର ଲେଖିଛନ୍ତି: "ଭଦ୍ରକ ସ୍କୁଲର ହେଡ୍‌ମାଷ୍ଟର ୰ଶରତଚନ୍ଦ୍ର ବାନାର୍ଜିଙ୍କ ଗୁଣରେ ଅତିମାତ୍ର ମୁଗ୍ଧ ହୋଇ ତାହାଙ୍କ "କୃଷ୍ଣପ୍ରେମ ତରଙ୍ଗିଣୀ" ବିଭିନ୍ନ ରାଜନ୍ୟବର୍ଗଙ୍କ ନିକଟକୁ ନିଜର ମନ୍ତବ୍ୟ ସହିତ ପ୍ରେରଣ କରିଥିଲେ। ଏହାରି ଫଳରେ ସେ ପୁସ୍ତକ ପ୍ରଣୟନର ପାରିଶ୍ରମିକ ସ୍ୱରୂପ ସର୍ବମୋଟରେ ପ୍ରାୟ ୮୫୫୦ଙ୍କା ଆସିଥିଲା। ଶରତବାବୁଙ୍କ ସକାଶେ ଅନେକ ସ୍ଥଳକୁ ସ୍ୱହସ୍ତଲିଖିତ ପତ୍ରପ୍ରେରଣର ଫଳରେ ଯେଉଁ ସମସ୍ତ ମନିଅର୍ଡର ରାଧାନାଥଙ୍କ ନିକଟକୁ ଆସୁଥିଲା, ରାଧାନାଥ ପୁଣି ସ୍ୱହସ୍ତରୁ ବ୍ୟୟକରି ତାହା ଶରତବାବୁଙ୍କ ନିକଟକୁ ପ୍ରେରଣ କରୁଥାଆନ୍ତି।" (ରାଧାନାଥ ଜୀବନୀ ପୃ. ୨୧୩-୧୪) ଓଡ଼ିଶାର ରାଜନ୍ୟବର୍ଗ ରାଧାନାଥଙ୍କ ଅନୁରୋଧରେ ଶରତଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କୁ ସାହାଯ୍ୟ କରିଛନ୍ତି, ତାହାର ପ୍ରମାଣ ମଧ୍ୟ 'ରାଧାନାଥ ଜୀବନୀ'ରେ ପ୍ରଦତ୍ତ। ଗଙ୍ଗାଧରଙ୍କୁ ଅତ୍ୟନ୍ତ ପ୍ରତିଭାବାନ୍ ବିଚାର କଲେ ବି ଅନୁରୂପ ଚେଷ୍ଟା ରାଧାନାଥ ତାଙ୍କ ପାଇଁ କେବେ କରିନାହାନ୍ତି। ରାଧାନାଥଙ୍କର ପତ୍ରଦ୍ୱାରା ବିଭିନ୍ନ ଦେଶୀୟ ଶାସକବର୍ଗ ଶରତଚନ୍ଦ୍ରଙ୍କ ପ୍ରତି ମୁକ୍ତହସ୍ତ ହେଲାବେଳେ, ଗଙ୍ଗାଧରଙ୍କୁ ସେମାନଙ୍କ

ସମ୍ପର୍କରେ ଆଲୋଚ୍ୟ ପତ୍ରାବଳୀ ଲେଖିବା ଘଟଣାରୁ ରାଧାନାଥଙ୍କ ମାନସିକତା କ'ଣ ସ୍ପଷ୍ଟ ନୁହେଁ?

ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ସଂପର୍କର ମୁଖ୍ୟ ସେତୁ ଥିଲା : ସେମାନଙ୍କର ପତ୍ରାବଳୀ। ଅର୍ଥାତ୍ ଲିଖିତ ଭାଷା ମଧ୍ୟ ଦେଇ ପରସ୍ପର ପରସ୍ପର ନିକଟରେ ପରିଚିତ ହୋଇଥିଲେ। ବ୍ୟକ୍ତିର ମାନସିକ ସତ୍ତା ମୁଖ୍ୟତଃ ଭାଷାରେ ଅଭିବ୍ୟକ୍ତ ହୋଇଥାଏ— ଭାଷା ମାଧ୍ୟମରେ ଅଭିବ୍ୟକ୍ତ ହୋଇ ନଥାଏ। ଅର୍ଥାତ୍ ଚଳନ୍ତି ଜୀବନ ଭାଷା କେବେ ଏକ ମାଧ୍ୟମ ବିଶେଷ ନୁହେଁ— ତାହା ସ୍ୱୟଂ ଏକ ସତ୍ତା ବିଶେଷ (Benjamin 1979 p. 108) କିନ୍ତୁ ଭାଷା ଲିଖିତ ଅବସ୍ଥାକୁ ଆସିଲା ପରେ ତାହାର ଏହି ଜୀବନୀ-ଶକ୍ତିର କ୍ଷୟ ଘଟିଥାଏ। ରାଧାନାଥଙ୍କ ଭଳି ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ଭାଷା ଭାବର ପ୍ରକାଶକ ନୁହେଁ, ଚିନ୍ତାର ବାହକ। ଭାଷା ସେଠାରେ ଏକ ସ୍ରୋତ ନୁହେଁ, ଏକ ଦର୍ପଣ ମଧ୍ୟ ନୁହେଁ— ଏକ ପ୍ରିଜମ୍। ପ୍ରିଜମ୍‌ରୁ ପ୍ରତିସୃତ ରଶ୍ମି ବହୁବର୍ଣ୍ଣର ହେଲାଭଳି ରାଧାନାଥଙ୍କ ବର୍ଣ୍ଣିତ ବିଷୟର ବହୁବିଧ ପରିସର ରହିଛି। କିନ୍ତୁ ଗଙ୍ଗାଧରଙ୍କ ପାଇଁ ଭାଷା ହୃଦୟଭାବର ପ୍ରକାଶକ— ଏକ ପ୍ରବାହ। ତେଣୁ ଗଙ୍ଗାଧର ସେହି ଆଲୋକ ରଶ୍ମିକୁ ରାଧାନାଥଙ୍କ ହୃଦୟର ଅନାବିଳ ପ୍ରକାଶ ବୋଲି ଗ୍ରହଣ କରିନେଇଛନ୍ତି। ଏଭଳି ଗ୍ରହଣ କରିନେବା ଫଳରେ ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କରେ ବିବିଧ ସ୍ତର ଓ ଜଟିଳତା ସହଜରେ ଚାକ୍ଷୁଷ ହୁଏନାହିଁ। ସଂଶ୍ଳେଷ ସତ୍ୟ ବୋଲି ପ୍ରତୀତ ହୁଏ। ଏହି ପ୍ରତୀତି ହେତୁ ଗଙ୍ଗାଧରଙ୍କ ଜୀବନୀ ଓ ସାହିତ୍ୟର ଆଲୋଚନା ବେଳେ ରାଧାନାଥ-ପ୍ରସଙ୍ଗ ପ୍ରମୁଖ ସ୍ଥାନ ଅଧିକାର କରିଛି।

ମୋଟ ଉପରେ ରାଧାନାଥଙ୍କ ବହୁବିକଳ୍ପ ବ୍ୟକ୍ତିତ୍ୱ ଓ ବହୁସ୍ତର ବିଶିଷ୍ଟ ପରିଚିତିରୁ କୌଣସି ପ୍ରକାର ବ୍ୟକ୍ତିତ୍ୱ ଓ ପରିଚିତି ଗଙ୍ଗାଧରଙ୍କ ନିକଟକୁ ସେ ଲେଖିଥିବା ପତ୍ରାବଳୀରେ ଅଭିବ୍ୟକ୍ତ। ତେଣୁ 'କବିଲିପି'ରେ ପ୍ରକାଶିତ ମତାମତକୁ ରାଧାନାଥଙ୍କ 'ମନର ଗୋପନ କଥା' ଭାବରେ ଗ୍ରହଣ କରିନେବା ନିରାପଦ ନୁହେଁ। ଅପରପକ୍ଷରେ ଗଙ୍ଗାଧରଙ୍କ ମନଭିତରେ ଥିବା ଅବଦମିତ ବିଦ୍ରୋହାଗ୍ନିର ତାହା ଭାଷାରୂପ। ଗଙ୍ଗାଧର ଯେଉଁକଥା ସ୍ୱତଃ କେବେ କହି ପାରି ନାହାନ୍ତି, 'ରାଧାନାଥଙ୍କ ଉକ୍ତି'ରେ ସେହି କଥା ଅଭିବ୍ୟକ୍ତ ହୋଇଥିବାରୁ, ତାକୁ ପ୍ରକାଶ କରିବାପାଇଁ ସେ ଇଚ୍ଛାପୋଷଣ କରିଛନ୍ତି। ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ଥିବା ସଂପର୍କ ବସ୍ତୁତଃ ସହରୀ-ମନ ଓ ଗ୍ରାମୀଣ-ହୃଦୟ ମଧ୍ୟରେ ସଂପର୍କ। ଊନବିଂଶ ଓ ବିଂଶ ଶତକର ଓଡ଼ିଶାରେ ସହର ଓ ଗ୍ରାମ ମଧ୍ୟରେ ସଂଘଟିତ ହୋଇଥିବା ସାଯୁଜ୍ୟ, ସଂଘର୍ଷ ଓ ପ୍ରତିକ୍ରିୟା ତଥା ଏସବୁ ସୃଷ୍ଟି କରିଥିବା ବହୁବିଧ ପରିସର ରାଧାନାଥ ଓ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଆବିଷ୍କାର କରାଯାଇପାରେ। ସେମାନଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ଅଧ୍ୟୟନ ବ୍ୟତୀତ ଏହି ସମସ୍ତ ପ୍ରତିକ୍ରିୟା ଓ ସଂଶ୍ଳେଷର ଆବିଷ୍କାର ଓ ଅବବୋଧ ଅସମ୍ଭବ।

## ପ୍ରାନ୍ତଟୀକା

(୧) ରାଧାନାଥ ଜୀବନୀକାର ସମ୍ବଲପୁର ହିତୈଷିଣୀରୁ 'ରାଧାନାଥଙ୍କ ଭକ୍ତି' ଉଦ୍ଧାର କଲାବେଳେ ସେଥିରୁ ତିନୋଟି ଅଂଶ ବାଦ ଦେଇଛନ୍ତି ଓ ଶେଷରେ କିଛିଅଂଶ ଯୋଡ଼ିଛନ୍ତି। ଏଭଳି ପରିତ୍ୟାଗ ଓ ସଂଯୋଜନ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ କରାଯାଇଥିବାର ଅନୁମାନ। ଦୁଇଟି ଅଂଶରେ ଅନ୍ୟାନ୍ୟ ରାଜା ଓ ସମ୍ବାଦପତ୍ର ମାନଙ୍କୁ ନିନ୍ଦା କରାଯାଇଥିଲାବେଳେ ବାମଣ୍ଡାରାଜା ଓ ସମ୍ବଲପୁର ହିତୈଷିଣୀକୁ ପ୍ରଶଂସା କରାଯାଇଥିଲା। ତୃତୀୟ ଅଂଶରେ ଅନ୍ୟାନ୍ୟ ସମ୍ପାଦକମାନଙ୍କର ସାହିତ୍ୟ ଓ ବ୍ୟାକରଣ ଜ୍ଞାନକୁ ତାଚ୍ଛଲ୍ୟ କରାଗଲାବେଳେ ନୀଳମଣି ବିଦ୍ୟାରତ୍ନଙ୍କୁ ପ୍ରଶଂସା କରାଯାଇଥିଲା। ଶେଷରେ ଯୋଡ଼ାଯାଇଥିବା ଅଂଶ— ''ବହୁ ଅଭିଜ୍ଞତାରୁ ଜଣାଯାଏ, ପୁରୁଷମାନେ କଠିନ ହୃଦୟ ବିଶିଷ୍ଟ ହୋଇ ସୁଦ୍ଧା ଉଦାର-ସ୍ୱଭାବ ବିଶିଷ୍ଟ, ମାତ୍ର ସ୍ତ୍ରୀମାନେ କୋମଳ ହୃଦୟା ହେଲେହେଁ ପ୍ରକୃତ ଉଦାରତାର ଦୂରରେ; ଏଣୁ ସଙ୍କୀର୍ଣ୍ଣ ଭାବାପନ୍ନ'' (ରାଧାନାଥ ଜୀବନୀ, ପୃ.୬୨୫)— ପ୍ରକ୍ଷିପ୍ତ। ପରବର୍ତ୍ତୀ କାଳର ଗବେଷଣାରୁ ଏହା ରାଧାନାଥ କୌଣସି ଚିଠିରେ ଗଙ୍ଗାଧରଙ୍କୁ ଲେଖିଥିବା ପ୍ରମାଣିତ ହୋଇପାରେ ନାହିଁ। ରାଧାନାଥ ଜୀବନୀରେ ଅନେକ ତଥ୍ୟକୁ କିଭଳି ବିକୃତ ଭାବରେ ଓ ଅନେକ ଉପାଦାନକୁ କିଭଳି ବିକଳାଙ୍ଗ କରି ଉପସ୍ଥାପନ କରାଯାଇଛି— 'ରାଧାନାଥଙ୍କ ଭକ୍ତି' ତାହାର ଦୃଷ୍ଟାନ୍ତ।

(୨) 'କବିଲିପି'ର ସମ୍ପାଦକ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ 'ରାଧାନାଥଙ୍କ ଭକ୍ତି' ଓ ତାର 'ପ୍ରତିବାଦ' ମୌଳିକ ଭାବରେ ଅଧ୍ୟୟନ କରିନାହାନ୍ତି। ତେଣୁ 'ରାଧାନାଥଙ୍କ ଭକ୍ତି' 'କେତେଖଣ୍ଡି ଚିଠି' ବୋଲି ସେ ଅନୁମାନ କରିଛନ୍ତି ଓ ଏହା 'ରାଧାନାଥଙ୍କ ଜୀବନୀ'ରେ ସଂଗୃହୀତ ହୋଇଥିବା କଥା ମଧ୍ୟ ଜାଣିପାରିନାହାନ୍ତି। ଫଳରେ ଗଙ୍ଗାଧର ଏହାର ପ୍ରତ୍ୟୁତ୍ତର ନଦେବାର କାରଣ 'ରାଧାନାଥଙ୍କ ବଂଶଧରମାନଙ୍କର କ୍ଷୁବ୍ଧହେବାର ଆଶଙ୍କା' ବୋଲି ସେ ଅନୁମାନ କରିଛନ୍ତି। (କବିଲିପି, ପୃ. ଏକ)

(୩) 'ରାଧାନାଥଙ୍କ ଭକ୍ତି' କେଉଁ ପରିପ୍ରେକ୍ଷୀରେ ସଂକଳିତ ଓ ପ୍ରକାଶିତ ହୋଇଥିଲା, ତାହାର ବିବରଣୀ ଦେଇ ଭଗବାନବାବୁ ଲେଖିଛନ୍ତି ; ''କବିବର ରାଧାନାଥଙ୍କ ବିୟୋଗର ପ୍ରାୟ ୩/୪ ବର୍ଷ ପରେ କବିବରଙ୍କୁ ବିଜଡ଼ିତ କରି ଉତ୍କଳୀୟ ରାଜସଂସାରର ଉଦାରତା ବିଷୟକ କେତେକ ମନ୍ତବ୍ୟ ପତ୍ରପତ୍ରିକାରେ ପ୍ରକାଶ ପାଇଥିବାରୁ ପିତା ସେହିପରି ଅଯଥା ସ୍ତାବକତା ଦେଖିପାରି କବିବର ତାଙ୍କ ନିକଟକୁ ବିଭିନ୍ନ ସମୟରେ ଦେଇଥିବା ପତ୍ରରୁ କେତେକ ପଂକ୍ତି ଉଦ୍ଧାରପୂର୍ବକ ''ରାଧାନାଥଙ୍କ ଭକ୍ତି'' ଶୀର୍ଷକ ଏକ ଲେଖା 'ସମ୍ବଲପୁର ହିତୈଷିଣୀ' ପତ୍ରିକାକୁ ନିଜ ନାମ ନ ଦେଇ ପ୍ରେରଣ କରିଥିଲେ।'' ସ୍ମୃତିରୁ ଅତୀତର ଘଟଣାବଳୀ ଲେଖିଲାବେଳେ ଭଗବାନବାବୁ ଘଟଣାର କ୍ରମ ରକ୍ଷା କରିପାରି ନଥିବା ଅନୁମାନ। ଭଗବାନବାବୁ ଇଂଗିତ କରିଥିବା ରଚନା 'ନର ଦେବତା ରାଧାନାଥ' 'ରାଧାନାଥଙ୍କ ଭକ୍ତି'ର ପ୍ରତିକ୍ରିୟାରେ ଲିଖିତ। ସମୟ ସମ୍ପର୍କରେ ସଚେତନ ହୋଇ ନଥିବାରୁ ଘଟଣାର କ୍ରମକୁ ସେ ବିପରୀତ କରିଦେଇଛନ୍ତି।

# ନିର୍ବାଚିତ ଗ୍ରନ୍ଥପଞ୍ଜି

## ଓଡ଼ିଆ ଓ ଅନ୍ୟାନ୍ୟ ଭାରତୀୟ ଭାଷା –

### ପୁସ୍ତକ ଓ ବିକ୍ଷିପ୍ତ ରଚନା


ଉଦ୍‌ଗାତା, ଗୋବିନ୍ଦଚନ୍ଦ୍ର ୧୯୮୧ : ସାହିତ୍ୟପ୍ରସଙ୍ଗ
ସମ୍ବଲପୁର

୧୯୮୮ : କବି ଗଙ୍ଗାଧର,
ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୧୯୯୨ : କାବ୍ୟଶିଳ୍ପୀ ଗଙ୍ଗାଧର,
ସମ୍ବଲପୁର

କବି, ଅସିତ୍ ୧୯୬୨ : ଗଙ୍ଗାଧର ଜୀବନୀ, ପ୍ରଥମ ଭାଗ
ସର୍ବୈବଲା

୧୯୬୭ : ଓଡ଼ିଆ ସାହିତ୍ୟରେ ଗଙ୍ଗାଧର,
(୧୯୫୯) ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ

୧୯୯୪ : ଓଡ଼ିଆ ସାହିତ୍ୟ-ସମାଲୋଚନାର ଇତିହାସ
ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

ଦାଶ, କୁଞ୍ଜମଣି ୧୯୨୪ : ସ୍ୱର୍ଗତ କବି ଗଙ୍ଗାଧର
ଉତ୍କଳ ସାହିତ୍ୟ ୨୮/୩ (ଆଷାଢ଼, ୧୩୩୧)

ଦାଶ, ଦେବେନ୍ଦ୍ର କୁମାର (ସଂ)୧୯୮୦ : ଗଙ୍ଗାଧରଙ୍କର ଦୁଇଟି ଦୁଷ୍ପ୍ରାପ୍ୟ କବିତା
ସପ୍ତର୍ଷି ୯/୮ (ଅଗଷ୍ଟ, ୧୯୮୦), ସମ୍ବଲପୁର

(ସଂ)୧୯୮୭ : ବଳରାମ ଦେବ
ଏଷଣା-୧୪, କଟକ

୧୯୮୮/୮୯ : ସାହିତ୍ୟ ଓ ସମାଜ
ନବପତ୍ର ୧୬/୩ ଓ ୧୭/୨ (ଜାନୁଆରୀ, ୧୯୮୮) ଓ (ଅକ୍ଟୋବର, ୧୯୮୯), ରାଉରକେଲା

| | | |
|---|---|---|
| ଦାଶ, ଶିବପ୍ରସାଦ | (ସଂ)୧୯୫୫ : | ଗଙ୍ଗାଧର ପତ୍ରାବଳୀ<br>ଓଡ଼ିଶା ପବ୍ଲିଶିଙ୍ଗ ହାଉସ୍, ବ୍ରହ୍ମପୁର |
| | ୧୯୬୯ : | ସମ୍ବଲପୁର ଇତିହାସ |
| | (୧୯୬୨) | ସମ୍ବଲପୁର |
| | (ସଂ) – : | କୁଞ୍ଜବିହାର (କୃଷ୍ଣ କଥ)<br>କଟକ ଟ୍ରେଡ଼ିଂ କମ୍ପାନୀ, କଟକ |
| ଦାସ, ଚିତ୍ତରଞ୍ଜନ | ୧୯୮୨ : | ପଶ୍ୟତି ଦିଶିଦିଶି<br>ପୁସ୍ତକ ଭଣ୍ଡାର, କଟକ |
| ଦାସ, ଦାଶରଥି | ୧୯୭୩ : | କାବ୍ୟ ସମ୍ବାଦ<br>ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ |
| | ୧୯୭୮ : | କବିସୂର୍ଯ୍ୟ କାବ୍ୟବିଭା<br>ଅଗ୍ରଦୂତ, କଟକ |
| | ୧୯୯୩ : | ବିବିଧ ପ୍ରସ୍ତାବ<br>ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ |
| ଦାସ, ହେମନ୍ତ କୁମାର | ୧୯୭୭ : | କବି ଚରିତ : ଗଙ୍ଗାଧର<br>ଗଙ୍ଗାଧର ଗ୍ରନ୍ଥାବଳୀ<br>ପୁସ୍ତକ ଭଣ୍ଡାର, ବ୍ରହ୍ମପୁର |
| ନାଥଶର୍ମା, ବୃନ୍ଦାବନ | ୧୯୧୫ : | କବି ଗଙ୍ଗାଧର ମେହେର<br>ସମ୍ବଲପୁର ହିତୈଷିଣୀ ୨୬/୩୦<br>(୧୫.୫.୧୯୧୫), ଦେବଗଡ଼ |
| | ୧୯୧୫ : | ଉତ୍କଳ ଲକ୍ଷ୍ମୀ (ସମାଲୋଚନା)<br>ସମ୍ବଲପୁର ହିତୈଷିଣୀ ୨୬/୩୯<br>(୩୧.୭.୧୯୧୫) |
| | ୧୯୨୭ : | ଓଡ଼ିଆର ସାହିତ୍ୟ ସାଧନା<br>ଉତ୍କଳ ସାହିତ୍ୟ ୩୧/୩ (ଆଷାଢ଼,୧୩୩୪) |
| | ୧୯୩୬ : | ମୋର ଜଣାଲୋକ :ସ୍ୱର୍ଗତଃ ଗଙ୍ଗାଧର ମେହେର<br>ଉତ୍କଳ ସାହିତ୍ୟ ୩୯/୧୧ (ଫାଲ୍‌ଗୁନ,୧୩୪୩) |
| ନାୟକ, ମହେଶ୍ୱର | ୧୯୩୩ : | ସମାଲୋଚନାରେ କୃତ୍ରିମତା<br>ସହକାର ୧୪/୯ (ପୌଷ, ୧୩୪୧), କଟକ |
| ନାୟକ, ଲାବଣ୍ୟ | ୧୯୮୮ : | ଓଡ଼ିଆ ଚରିତ ସାହିତ୍ୟ<br>ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ |

| | | |
|---|---|---|
| ପଟେଲ, ନନ୍ଦକିଶୋର | ୧୯୬୨ : | ଗଙ୍ଗାଧରୀୟ ପତ୍ରାବଳୀ<br>ଗଙ୍ଗାଧର ସ୍ମରଣିକା,<br>ଗଙ୍ଗାଧର ଶତବାର୍ଷିକୀ କମିଟି, ସମ୍ବଲପୁର |
| ପଟ୍ଟନାୟକ, ପଠାଣି | ୧୯୬୨ : | ସାହିତ୍ୟ ବିଚାର<br>ପ୍ରଗତି ପବ୍ଲିଶର୍ସ, କଟକ |
| | ୧୯୭୭ : | ଓଡ଼ିଆ ଜୀବନୀ ସାହିତ୍ୟ<br>ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ବ୍ୟୁରୋ,<br>ଭୁବନେଶ୍ୱର |
| ପଟ୍ଟନାୟକ, ଦେବୀପ୍ରସନ୍ନ | ୧୯୫୭ : | କବିଲିପି<br>ବିଶ୍ୱଭାରତୀ ଗବେଷଣା ବିଭାଗ,<br>ଶାନ୍ତିନିକେତନ |
| ପଣ୍ଡା, ବ୍ରଜମୋହନ | ୧୯୧୨ : | ଗୋଟିଏ ଆବେଦନ ପତ୍ର<br>ସମ୍ବଲପୁର ହିତୈଷିଣୀ ୨୩/୧୫<br>(୨୭.୧.୧୯୧୨) |
| | ୧୯୧୨ : | ଗୋଟିଏ ଆବେଦନ ପତ୍ରର ଆଲୋଚନା<br>ବିଷୟରେ ଦୁଇ ଚାରିକଥା<br>ସମ୍ବଲପୁର ହିତୈଷିଣୀ ୨୩/୨୨<br>(୧୬.୩.୧୯୧୨) |
| ପଣ୍ଡା, ରାଧାଚରଣ | ୧୯୩୫ : | ଆଦର୍ଶ କର୍ମବୀର ବୈକୁଣ୍ଠନାଥ ପୂଜାରୀ<br>ଉତ୍କଳ ସାହିତ୍ୟ ୩୯/୩, ୩୯/୪ ଓ ୩୯/୫<br>(ଆଷାଢ଼, ଶ୍ରାବଣ ଓ ଭାଦ୍ରବ, ୧୩୪୨) |
| ପତି, ପ୍ରଫୁଲ୍ଲ କୁମାର | ୧୯୭୨ : | ତପସ୍ୱିନୀର ଆଲୋଚନା<br>ସପ୍ତର୍ଷି ୧/୧, (ଜାନୁଆରୀ, ୧୯୭୨) |
| | ୧୯୭୪ : | ପ୍ରଣୟ ବଲ୍ଲରୀରେ ବଲ୍ଲରୀଦଳ<br>ସପ୍ତର୍ଷି ୩/୨ (ଫେବ୍ରୁଆରୀ, ୧୯୭୪) |
| ପତି, ମଧୁସୂଦନ | ୧୯୭୯ : | ଅନୁଶୀଳନ<br>ଅଗ୍ରଦୂତ, କଟକ |
| | ୧୯୯୦ : | ପ୍ରଣୟବଲ୍ଲରୀରେ ଉତ୍କଳୀୟତା<br>କୋଣାର୍କ-୭୮, ଭୁବନେଶ୍ୱର |
| ପରିଡ଼ା, ଚକ୍ରଧର | ୧୯୩୩ : | ତପସ୍ୱିନୀ ଓ ପ୍ରକୃତି<br>ସହକାର ୧୪/୭ (କାର୍ତ୍ତିକ, ୧୩୪୧) |

| | | |
|---|---|---|
| ପାଣ୍ଡା, ଶଙ୍କର ପ୍ରସାଦ | ୧୯୭୨ : | କର୍ମବୀର ବୈକୁଣ୍ଠନାଥ<br>ସପ୍ତର୍ଷି ୧/୧ ଓ ୧/୨<br>(ଜାନୁଆରୀ ଓ ଫେବୃଆରୀ, ୧୯୭୨) |
| | ୧୯୭୩ : | ଅକ୍ଷୟ ତାରକା ଚନ୍ଦ୍ରଶେଖର,<br>ଭାସ୍କରଜ୍ୟୋତି |
| ପ୍ରଧାନ, ନରେନ୍ଦ୍ରନାଥ | ୧୯୬୬ : | ମେହେର ସାହିତ୍ୟର ଭୂମିକା<br>ପ୍ରେଣ୍ଡସ୍ ପବ୍ଲିଶର୍ସ, କଟକ |
| ପ୍ରହରାଜ, ଗୋପାଳଚନ୍ଦ୍ର | ୧୯୦୨ : | ଦୁଲକ୍ଷଣି ଓଡ଼ିଆ ପୁସ୍ତକ<br>ଉତ୍କଳ ସାହିତ୍ୟ ୬/୬ (ଆଶ୍ୱିନ, ୧୩୧୦) |
| | ୧୯୩୨ : | ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଦ୍ୱିତୀୟଭାଗ<br>କଟକ |
| | ୧୯୩୬ : | କବିବର ଗଙ୍ଗାଧର<br>ଉତ୍କଳ ସାହିତ୍ୟ ୨୯/୧୦ (ମାଘ, ୧୩୪୩) |
| ବର୍ମ୍ମାଳ, ହରିଶ୍ଚନ୍ଦ୍ର | ୧୯୩୧କ : | ସନ୍ଧ୍ୟାର ରୂପକାର ରାଧାନାଥ<br>ସହକାର ୧୨/୪ (ଶ୍ରାବଣ, ୧୩୩୮) |
| | ୧୯୩୧ଖ : | ଚିଲିକାର ରାଧାନାଥ<br>ଉତ୍କଳ ସାହିତ୍ୟ ୩୫।୮ (ମାର୍ଗଶିର, ୧୩୩୯) |
| | ୧୯୩୩କ : | ସମାଲୋଚନା ସୂଆଙ୍ଗ<br>ସହକାର ୧୪/୧ (ବୈଶାଖ, ୧୩୪୦) |
| | ୧୯୩୩ଖ : | ସମାଲୋଚନାରେ କୃତ୍ରିମତା<br>ସହକାର ୧୪/୮ (ମାର୍ଗଶିର, ୧୩୪୧) |
| ବନ୍ଦ୍ୟୋପାଧ୍ୟାୟ,<br>ଚଣ୍ଡୀଚରଣ | ୧୯୧୬ : | ସ୍ୱର୍ଗ ବାସୁଦେବ ଜୀବନୀ<br>ଇଣ୍ଡିଆନ୍ ପବ୍ଲିଶିଂ ହାଉସ୍, କଲିକତା |
| ବଳ, ନନ୍ଦକିଶୋର | ୧୯୬୨ :<br>(୧୯୫୫) | ନନ୍ଦକିଶୋର ଗ୍ରନ୍ଥାବଳୀ<br>କଟକ |
| ବିଦ୍ୟାରତ୍ନ, ନୀଳମଣି | ୧୯୧୨ : | ଗୋଟିଏ ଆବେଦନ ପତ୍ରର ଆଲୋଚନା<br>ସମ୍ବଲପୁର ହିତୈଷିଣୀ ୨୫/୪<br>(୨୫.୧୧.୧୯୧୩) |
| | ୧୯୨୪ : | ଗଙ୍ଗାଧର ପ୍ରସଙ୍ଗ<br>ଉତ୍କଳ ସାହିତ୍ୟ ୨୮/୧ (ବୈଶାଖ, ୧୩୩୧) |

| | | |
|---|---|---|
| ବେହେରା, ଚିନ୍ତାମଣି | ୧୯୬୬ : | କାବ୍ୟ ଓ କଳାକାର<br>ଆଲୋକ ସାହିତ୍ୟ ପ୍ରତିଷ୍ଠାନ, କଟକ |
| | ୧୯୭୩ : | ଆଧୁନିକତାର କ ଖ ଓ ଅନ୍ୟାନ୍ୟ ଆଲୋଚନା<br>ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ |
| | ୧୯୯୨ : | ସାହିତ୍ୟ ଚିନ୍ତା<br>ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ |
| ବ୍ରହ୍ମ, ଗୌରୀକୁମାର | ୧୯୭୮ :<br>(୧୯୪୯) | ତପସ୍ୱିନୀ ଓ ମେହେର ସାହିତ୍ୟ<br>ନାଳନ୍ଦା, କଟକ |
| ଭଞ୍ଜ, ଉପେନ୍ଦ୍ର | — | ଉପେନ୍ଦ୍ର ଭଞ୍ଜ ଗ୍ରନ୍ଥାବଳୀ, ଚତୁର୍ଥ ଖଣ୍ଡ<br>ଧର୍ମଗ୍ରନ୍ଥ ଷ୍ଟୋର, କଟକ |
| ଭଟ୍ଟାଚାର୍ଯ୍ୟ, ଅମିତ୍ର ସୂଦନ | ୧୯୬୧ : | ସାମୟିକ-ସାହିତ୍ୟ-ସମାଲୋଚକ ବଙ୍କିମଚନ୍ଦ୍ର<br>ବିଶ୍ୱଭାରତୀ ପତ୍ରିକା, ୨୭/୪<br>(ବୈଶାଖ, ୧୩୬୮), କଲିକତା |
| ମହାନ୍ତି, ଚିନ୍ତାମଣି | ୧୯୭୦ : | ଜୀବନ ପଞ୍ଜିକା (ପ୍ରଥମ ଭାଗ)<br>କଟକ ପବ୍ଲିଶିଂ ହାଉସ, କଟକ |
| ମହାନ୍ତି, ବିଚିତ୍ରାନନ୍ଦ | ୧୯୫୯ : | ମେହେର ଭାରତୀ<br>ଆନନ୍ଦ ପ୍ରକାଶନୀ, କଟକ |
| ମାନସିଂହ, ମାୟାଧର | ୧୯୪୮ : | କବି ଓ କବିତା<br>ଭାରତୀ ବିହାର, କଟକ |
| ମିଶ୍ର, ରାଘବ | ୧୯୧୮ : | କବି ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି<br>ସମ୍ବଲପୁର ହିତୈଷିଣୀ, ୨୯/୪୫<br>(୨୮.୯.୧୯୧୮) |
| | ୧୯୨୫ : | ମେହେର କବି<br>ଉତ୍କଳ ସାହିତ୍ୟ ପ୍ରେସ, କଟକ |
| | ୧୯୫୩ : | ସ୍ୱଭାବ କବି ଗଙ୍ଗାଧର<br>ପ୍ରଜାଶକ୍ତି (ଗଙ୍ଗାଧର ବିଶେଷାଙ୍କ) |
| | ୧୯୬୧ :<br>(୧୯୫୧) | ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସଂକ୍ଷିପ୍ତ<br>ଜୀବନ ଚରିତ<br>ଗଙ୍ଗାଧର ଗ୍ରନ୍ଥାବଳୀ, ଦାସ ବ୍ରଦର୍ସ, କଟକ |

| | | |
|---|---|---|
| ମିଶ୍ର, ଲକ୍ଷ୍ମଣ | ୧୮୯୦କ : | ସ୍ୱାପ୍ନପତ୍ର<br>ସମ୍ବଲପୁର ହିତୈଷିଣୀ ୧/୪୧<br>(୯.୪.୧୮୯୦) |
| | ୧୮୯୦ଖ : | ପାର୍ବତୀ ସମାଲୋଚନା<br>ସମ୍ବଲପୁର ହିତୈଷିଣୀ ୨/୧୭, ୨/୧୮, ୨/୨୨<br>(୮.୧୦., ୧୫.୧୦., ୧୨.୧୧.୧୮୯୦) |
| | ୧୮୯୨ : | ସାହିତ୍ୟ ସୁଧା<br>ସୁକ୍ତ ପ୍ରେସ୍, ବାମଣ୍ଡା |
| ମିଶ୍ର, କୃତ୍ତିବାସ | ୧୯୭୮ : | ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ<br>ବିଦ୍ୟାପୁରୀ, କଟକ |
| ମିଶ୍ର, ସଚ୍ଚିଦାନନ୍ଦ | ୧୯୮୧ : | ବଳଦେବ ରଥ ଅଧ୍ୟୟନ<br>ଗ୍ରନ୍ଥମନ୍ଦିର, କଟକ |
| ମେହେର, କେଶବ ଚନ୍ଦ୍ର | ୧୯୬୨ :<br>(୧୯୫୩) | ମେହେର ସାହିତ୍ୟ<br>ଇଣ୍ଡିପେଣ୍ଡେଣ୍ଟ ବୁକ୍ ହାଉସ୍, କଟକ |
| | ୧୯୬୧ : | ଜୀବନ ଓ ପ୍ରତିଭା<br>ଓଡ଼ିଶା ବୁକ୍‌ଷ୍ଟୋର, କଟକ |
| | ୧୯୬୬ : | ଅଙ୍କ ଓ ଅଙ୍କୁର<br>ଓଡ଼ିଶା ବୁକ୍ ଷ୍ଟୋର, କଟକ |
| ମେହେର, ଗଙ୍ଗାଧର | ୧୮୯୬ : | ଦାକ୍ଷିଣାତ୍ୟ ଭ୍ରମଣର ସମାଲୋଚନା<br>ସମ୍ବଲପୁର ହିତୈଷିଣୀ ୮/୧୮<br>(୯.୧୨.୧୮୯୬) |
| | ୧୮୯୭ : | ସୁଖସ୍ୱପ୍ନ<br>ଉତ୍କଳ ସାହିତ୍ୟ ୧/୯ (ଆଶ୍ୱିନ, ୧୩୦୫) |
| | ୧୯୦୦ : | ତନ୍ତୁ ଘରାଘରେ ଏଣ କୁହେ କଳଙ୍କ<br>ସମ୍ବଲପୁର ହିତୈଷିଣୀ ୧୧/୩୮<br>(୨୪.୧.୧୯୦୦) |
| | ୧୯୧୨କ : | ଉତ୍କଳ ଭାଷାର ଗୌରବ<br>ସମ୍ବଲପୁର ହିତୈଷିଣୀ ୨୪/୧<br>(୨.୧୧.୧୯୧୨) |
| | ୧୯୧୨ଖ : | କବିତା କଲ୍ଲୋଳ<br>ଉତ୍କଳ ପ୍ରେସ୍, ଲଛିବତା |

| | | |
|---|---|---|
| | ୧୯୧୩ : | ସମ୍ପାଦକଙ୍କୁ ପତ୍ର<br>ସମ୍ବଲପୁର ହିତୈଷିଣୀ ୨୪/୪୫<br>(୭.୯.୧୯୧୩) |
| | ୧୯୨୨ : | ଈଶ୍ୱର ଦ୍ରୋହୀ<br>ଉତ୍କଳ ସାହିତ୍ୟ ୨୫/୫ (ଭାଦ୍ର, ୧୩୨୯) |
| | ୧୯୬୧ :<br>(୧୯୫୧) | ଗଙ୍ଗାଧର ଗ୍ରନ୍ଥାବଳୀ<br>ଦାସ ବ୍ରଦର୍ସ, କଟକ |
| | ୧୯୭୭ : | ଗଙ୍ଗାଧର ଗ୍ରନ୍ଥାବଳୀ<br>ପୁସ୍ତକ ଭଣ୍ଡାର, ବ୍ରହ୍ମପୁର |
| ମେହେର, ଭଗବାନ | ୧୯୭୭ : | ପିତୃ ପ୍ରସଙ୍ଗ<br>ଓଡ଼ିଶା ବୁକ୍ ଷ୍ଟୋର, କଟକ |
| ରଥ, ତାରିଣୀ ଚରଣ | ୧୯୮୦ : | ତାରିଣୀଚରଣ ଗ୍ରନ୍ଥାବଳୀ<br>ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର |
| ରାୟ, ଦୁର୍ଗାଚରଣ | ୧୯୪୧ : | ରାଧାନାଥ ଜୀବନୀ<br>କଟକ |
| ରାୟ, ରାଧାନାଥ | ୧୯୯୪ : | ରାଧାନାଥ ଗ୍ରନ୍ଥାବଳୀ<br>ଗ୍ରନ୍ଥମନ୍ଦିର, କଟକ |
| ଶତପଥୀ, ନିତ୍ୟାନନ୍ଦ | ୧୯୭୯ : | ସବୁଜରୁ ସାମ୍ପ୍ରତିକ<br>ଗ୍ରନ୍ଥମନ୍ଦିର, କଟକ |
| ସାମନ୍ତରାୟ, ନଟବର | ୧୯୭୨ :<br>(୧୯୫୭) | ବ୍ୟାସକବି ଫକୀରମୋହନ<br>ଭୁବନେଶ୍ୱର |
| | ୧୯୭୫ :<br>(୧୯୬୦) | ଗଙ୍ଗାଧର ସାହିତ୍ୟ ସମୀକ୍ଷା<br>ଭୁବନେଶ୍ୱର |
| | ୧୯୮୩ :<br>(୧୯୬୪) | ଓଡ଼ିଆ ସାହିତ୍ୟର ଇତିହାସ<br>ଭୁବନେଶ୍ୱର |
| ସେନାପତି,<br>ଫକୀରମୋହନ | ୧୯୬୩କ :<br>୧୯୬୩ଖ : | ଫକୀରମୋହନ ଗ୍ରନ୍ଥାବଳୀ (ପ୍ରଥମଭାଗ)<br>ଫକୀରମୋହନ ଗ୍ରନ୍ଥାବଳୀ (ଦ୍ୱିତୀୟଭାଗ)<br>କଟକ ଷ୍ଟୁଡେଣ୍ଟସ ଷ୍ଟୋର, କଟକ |
| ସିଂହଦେବ,<br>ଲାଲ ନୃପରାଜ | ୧୮୯୫/୯୬ : | ବଳରାମ ଦେବ<br>ସମ୍ବଲପୁର ହିତୈଷିଣୀ ୭/୩୦, ୭/୩୧, ୭/୩୨<br>(୨୫.୧୨.୧୮୯୫, ୧.୧., ୮.୧.୧୮୯୬) |

୧୮୯୭କ : ଆମୋଦ
ଉତ୍କଳ ସାହିତ୍ୟ ୧/୫ (ପୌଷ, ୧୩୦୪)
୧୮୯୭ଖ : ପୁଷ୍କରିଣୀ
ଉତ୍କଳ ସାହିତ୍ୟ ୧/୧୦ (କାର୍ତ୍ତିକ, ୧୩୦୫)
୧୮୯୮କ : ଉତ୍ତର
ଉତ୍କଳ ସାହିତ୍ୟ ୨/୨ (ଫାଲ୍‌ଗୁନ ୧୩୦୫)
୧୮୯୮ଖ : ନିଦାଘ ରାଜତ୍ୱ
ଉତ୍କଳ ସାହିତ୍ୟ ୨/୬ (ଆଷାଢ଼, ୧୩୦୫)

**ପତ୍ର ପତ୍ରିକା**

ଉତ୍କଳ ଦୀପିକା (କଟକ) : ୩୧/୫୦ (୨୬.୧୨.୧୮୯୬), ୪୬/୪୯ (୨୧.୧୨.୧୯୧୨), ୫୧/୧୫ (୮.୪.୧୯୧୬)

ଉତ୍କଳ ସାହିତ୍ୟ (କଟକ) : ୧/୯ (ଆଶ୍ୱିନ, ୧୩୦୫), ୧/୧୨ (ପୌଷ, ୧୩୦୫), ୪/୧ (ମାଘ, ୧୩୦୭), ୪/୭ (ଭାଦ୍ରବ, ୧୩୦୭), ୭/୩ (ଆଷାଢ଼, ୧୩୧୦), ୯/୩ (ଆଷାଢ଼, ୧୩୧୩), ୧୯/୭ (କାର୍ତ୍ତିକ, ୧୩୨୪), ୧୯/୮ (ମାର୍ଗଶୀର, ୧୩୨୪), ୧୯/୯ (ପୌଷ, ୧୩୨୪), ୨୮/୧ (ବୈଶାଖ, ୧୩୩୧)

ପ୍ରଜାଶକ୍ତି (ଝାରସୁଗୁଡ଼ା) : ଗଙ୍ଗାଧର ବିଶେଷାଙ୍କ (୧୯୫୩-୫୪)

ସମ୍ବଲପୁର ହିତୈଷିଣୀ (ଦେବଗଡ଼) : ୫/୪୮ (୨.୫.୯୪), ୬/୭ (୧୮.୭.୯୪), ୬/୮ (୨୫.୭.୯୪), ୬/୨୭ (୫.୧୨.୯୪), ୬/୨୮ (୧୨.୧୨.୯୪), ୬/୩୦ (୨୬.୧୨.୯୪), ୭/୩୧ (୧.୧.୯୬), ୯/୧୧ (୧୧.୮.୯୭), ୯/୧୨ (୧୮.୧୨.୧୮୯୭), ୯/୨୯ (୧୫.୧୨.୯୭), ୯/୪୩ (୬.୩.୧୮୯୮), ୧୧/୪୨ (୨୧.୨.୧୯୦୦), ୨୩/୧୫ (୨୭.୧.୧୯୧୨), ୨୩/୩୪ (୮.୬.୧୨), ୨୩/୩୫ (୧୫.୬.୧୨), ୨୩/୫୦

(୨୮.୯.୧୨), ୨୪/୨ (୯.୧୧.୧୯୧୨), ୨୬/୪୭ (୨୫.୯.୧୯୧୫), ୨୯/୧୦ (୧୨.୧.୧୯୧୮), ୨୯/୧୨ (୨୬.୧.୧୮), ୩୦/୯ (୧୮.୧.୧୯୧୯)

ସହକାର (କଟକ) : ୧୪/୯ (ପୌଷ, ୧୩୪୧)

## ENGLISH

Abrams, M.H. 1976 (1953) : The Mirror and the Lamp
Oxford University Press, Newyork

Albrecht, M.C; 1982 : Barnett, J.H. et al(ed) : The Sociology of Art and Literature: A Reader
Duckworth, London

Althusser, L 1971 : Lenin and Philosophy and other Essays
Tr. by Ben Brewster,
Monthly Review Press, Newyork

Bakhtin M.M./ Medvedev P.N. 1985 : Formal Method in Literary Scholorship: A critical Introduction to Sociological Poetics
Tr. by A.J.Wehrle
Cambridge University Press, Masschussets

Bakhtin, M.M./ Volosinov,V.V.(1973) 1993 : Marxism and the Philosophy of Language
Tr. by L.Matejka and I.R.Titunik
Harvard University Press, Cambridge

Barthes, R. 1967 : Elements of Semiology
Tr. by Annettee Lavers and Colin Smith Jonathan Cape, London

Bennett, T. 1979 : Formalism and Marxism
Methuen, London

Benjamin W. 1979 : One Way Street and Other Essays
New Left Books, London

Bowers, F. 1959 : Textual and Literary Criticism
University Press, Cambridge

1964 : Bibliography and Textual Criticism
Oxford University Press, London

Caudwell, H. 1951 : The Creative Impulse
Macmillan and Co. Ltd., London

Eagleton, T. 1986 : Criticism and Ideology
Verso, London

Escarpit, R. 1965 : Sociology of Literature
Tr. by. Ernst Pick,
Lake Eric College Press, Ohio

Foucault, M. 1977 : Language, Counter-Memory and Practice
Tr. by Donald B.Bouchard
Cornell University Press, Ithaca

1992 : The Archaeology of Knowledge
(1972) Tr. by A.M.Sheridan Smith
Routledge, London

Gramsci, A. 1971 : Selections from Prison Notebooks
Tr.by Quintin Hoare and G.N.Smith
Lawrence and Wishart, London

Kopf, D. 1979 : The Brahmo Samaj and the Shaping of the Modern Indian Mind
Princeton University Press, Princeton

Macherey, P. 1992 : A Theory Literary Production
(1978) Tr. by Geoffrey Wall,
Routledge, London

March, R. 1936 : Psychology and Criticism
Scrutiny V/1 (June, 1936), London

Martin A.von 1944 : Sociology of the Renaissance
Tr. by W.L.Luetkins
Kegan Paul, Trench, Trubner & Co., London

Mazumdar, B.C.1925 : Introduction
Typical Selections from Oriya Literature Vol – III
Calcutta University, Calcutta

Meher, K.C. 1985 : The Sign and the Shoot
Sonepur Trust Funds, Sonepur

Pati M.S. 1992 : Circumference and Centre : An Enquiry into Gangadhar's Poetic Matrix
West Orissa : A Study in Ethos
Sambalpur University, Sambalpur

Pujari, P.K. (ed.)1925 : Letters of Pujaris
Calcutta

Said, E.W. 1984 : The World, The Text and the Critic
Faber and Faber, London

Schucking, L.L. 1944 : The Sociology of Literary Taste
Tr. by E.W.Dickes
Kegan Paul, Trench, Trubner and Co., London

Senapati, N. 1971 : Orissa District Gazetteers : Sambalpur
Mohanty, B. Orissa Govt. Press, Cuttack.

Sidhanta, N.K. 1975 : The Heroic Age of India
(1929) Oriental Books Reprint Corporation, New Delhi

William, R. 1963 : Culture and Society
Penguin Books, Harmondsworth

1977 : Marxism and Literature
Oxford University Press, Oxford.

□ □ □